# ଭାଗ-ଖ

## ପ୍ରବନ୍ଧ ଓ ରଚନା

୬. ବିଜ୍ଞାନ ଭିତ୍ତିକ
୭. ସାମାଜିକ ସମସ୍ୟା ଭିତ୍ତିକ
୮. ସାହିତ୍ୟ ଓ ଜୀବନୀ ଭିତ୍ତିକ
୯. ଜାତୀୟ ସମସ୍ୟା ଭିତ୍ତିକ
୧୦. ଓଡ଼ିଶା ସମ୍ପର୍କିତ

# ୬

# ପ୍ରବନ୍ଧ ଓ ରଚନା

## ଉପକ୍ରମ

ଗଦ୍ୟ ସାହିତ୍ୟର ଏକ ବଳିଷ୍ଠ ବିଭାଗ ହେଉଛି ପ୍ରବନ୍ଧ । ଗଳ୍ପ, ଉପନ୍ୟାସ, ନାଟକ ତୁଳନାରେ ପ୍ରବନ୍ଧର ସ୍ୱରୂପ, ରଚନାଶୈଳୀ ଓ ଆଭିମୁଖ୍ୟ ଭିନ୍ନ । ଏଥିରେ ଲେଖକର ଚିନ୍ତା, ଚେତନାକୁ ସୁସଂହତ ଭାବେ ବୌଦ୍ଧିକ ଶୈଳୀରେ ରୂପ ଦିଆଯାଇଥାଏ । ଫଳରେ ଗଳ୍ପ, ଉପନ୍ୟାସ, ନାଟକ ପରି ଏହା ସହଜରେ ବୋଧଗମ୍ୟ ହୋଇ ନଥାଏ । ପ୍ରବନ୍ଧରେ ସରଳତା ଅପେକ୍ଷା ବୌଦ୍ଧିକତା, ବିଚାରବୋଧ, ଚେତନାଶକ୍ତି ଅଧିକ ପ୍ରତିଫଳିତ ହୋଇଥାଏ । ପ୍ରବନ୍ଧରେ ବହୁ ବିଷୟକୁ ଯୁକ୍ତି ଓ ବିଚାର ଦ୍ୱାରା ସଂଯୋଜିତ କରାଯାଇଥାଏ । ଯେକୌଣସି ପ୍ରସିଦ୍ଧ ପ୍ରାବନ୍ଧିକଙ୍କ ପ୍ରବନ୍ଧ ପାଠ କଲେ ଏହାର ମହତ୍ତ୍ୱ ଉପଲବ୍ଧି କରିହେବ । ପ୍ରବନ୍ଧରେ ଯେକୌଣସି ଲେଖକଙ୍କ ଚିନ୍ତା ଓ ଚେତନାର, ବିଚାର ଓ ବିବେଚନାର ମୌଳିକତା ଉପଲବ୍ଧି କରିହୁଏ । ଆଜିର ପ୍ରବନ୍ଧ ସାହିତ୍ୟରେ ବହୁ ପ୍ରକାର ପ୍ରବନ୍ଧ ଦେଖିବାକୁ ମିଳେ । ସେଗୁଡ଼ିକୁ ବିଜ୍ଞାନ ଭିତ୍ତିକ, ସାହିତ୍ୟ ଭିତ୍ତିକ, ସାମାଜିକ ସମସ୍ୟା ଭିତ୍ତିକ, ଆଞ୍ଚଳିକ ସମସ୍ୟା ଭିତ୍ତିକ, ଜାତୀୟ ସମସ୍ୟା ଭିତ୍ତିକ, ବିଶ୍ୱ ସମସ୍ୟା ଭିତ୍ତିକ, ସଂସ୍କୃତି ଭିତ୍ତିକ, ଜୀବନୀ ଭିତ୍ତିକ ଭାବେ ବିଭକ୍ତ କରାଯାଇପାରେ ।

## ପ୍ରବନ୍ଧ ରଚନାର ଉଦ୍ଦେଶ୍ୟ

ପ୍ରବନ୍ଧ ରଚନାରେ ନିମ୍ନଲିଖିତ ଉଦ୍ଦେଶ୍ୟ ରହିଥାଏ

- ଲେଖକର ମୌଳିକ ଚିନ୍ତା, ଚେତନା, ବିଚାର, ବିବେଚନା ସମ୍ପର୍କରେ ଧାରଣା ଆସେ ।
- ଲେଖକର ମୌଳିକତା ଅନୁଭୂତ ହୋଇଥାଏ ।
- ପ୍ରବନ୍ଧ ରଚନାରେ ବିଭିନ୍ନ ବିଷୟ ସମ୍ପର୍କରେ ଯୁକ୍ତିବୋଧ ଥିବାରୁ ତାହାକୁ ବୁଝିବା ପାଇଁ ସୁବିଧା ହୁଏ ।
- ପ୍ରବନ୍ଧ ରଚନା ଓ ପଠନ ଦ୍ୱାରା ନିଜର ଚିନ୍ତାଧାରାର ବିକାଶ ଘଟେ ।
- ଭାଷା ଜ୍ଞାନ ଓ ବିଚାରବୋଧ ଜ୍ଞାନର ବିକାଶ ମଧ୍ୟ ଘଟେ ।
- ପ୍ରବନ୍ଧ ରଚନା ଓ ପଠନ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ବହୁ ସମସ୍ୟା ଓ ସମାଧାନ ସମ୍ପର୍କରେ ଧାରଣା ସୃଷ୍ଟି ହୁଏ ।

## ପ୍ରବନ୍ଧ କିପରି ଲେଖିବା

ପ୍ରବନ୍ଧ ଲେଖିବାବେଳେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

- ଚିନ୍ତାଶୈଳୀ, ବିଚାରବୋଧ ସହିତ ଭାଷାର ସମନ୍ୱୟ ରଖିବା ଆବଶ୍ୟକ ।
- ଭାଷା ମାର୍ଜିତ ଓ ସମୃଦ୍ଧ ହେବା ଆବଶ୍ୟକ ।





- ଅପ୍ରାସଙ୍ଗିକ ଓ ଅଶାଳୀନ ଶବ୍ଦ ବ୍ୟବହାର କରିବା ନିଷେଧ ।
- ପ୍ରବନ୍ଧ ରଚନା କରିବା ପୂର୍ବରୁ କେଉଁ ବିଷୟ ବା ଘଟଣା ପ୍ରତି ଦୃଷ୍ଟି ଦିଆଯିବ ତାହାର ଏକ ସୁସଂହତ ରୂପ ଚିନ୍ତା କରିବା ଆବଶ୍ୟକ ।
- ନିଜର କଳ୍ପନା ଓ ଯୁକ୍ତି ଉପସ୍ଥାପନ କଲାବେଳେ ତାହା ସମସ୍ତଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ଆବଶ୍ୟକ ।
- ପ୍ରବନ୍ଧର ଭାଷା ଓ ଭାବ ପ୍ରତି ସଚେତନ ହେବା ଆବଶ୍ୟକ ।
- ପ୍ରବନ୍ଧରେ ଭାଷାକୁ ପ୍ରଭାବଶାଳୀ କରିବା ପାଇଁ ବାକ୍ୟ ଏବଂ ଶବ୍ଦକୁ ସଂଯୋଜନା କଲାବେଳେ ଏହାର ସଂହତିକୁ ବିଚାର କରିବାକୁ ପଡ଼ିବ ।
- ପ୍ରବନ୍ଧ ରଚନା ବେଳେ ଅନୁଚ୍ଛେଦ ଓ ବିଶେଷ କ୍ରମ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।
- ପ୍ରବନ୍ଧର ଭାଷା ସ୍ୱଚ୍ଛ ଓ ବ୍ୟାକରଣ ଦୃଷ୍ଟିରୁ ନିର୍ଭୁଲ ହେବା ଉଚିତ ।
- ପ୍ରବନ୍ଧ ଲେଖିବାବେଳେ ଆବଶ୍ୟକ ଉଦାହରଣ ବା ଦୃଷ୍ଟାନ୍ତ ଉପସ୍ଥାପନ କରିବା ଦ୍ୱାରା ତାହା ଅଧିକ ପ୍ରଭାବଶାଳୀ ହୋଇଥାଏ । ତେଣୁ ଉଦାହରଣ ପ୍ରାସଙ୍ଗିକ ହେବା ଆବଶ୍ୟକ ।
- ପ୍ରବନ୍ଧ ରଚନା କାଳରେ ଏହାକୁ ଅଧିକ ବର୍ଣ୍ଣନାଧର୍ମୀ ନକରି ସୂଚନାଧର୍ମୀ କରିବା ଆବଶ୍ୟକ ।

# ବିଜ୍ଞାନଭିତ୍ତିକ ପ୍ରବନ୍ଧ

ଆଜି ମାନବ ସଭ୍ୟତା ବିଜ୍ଞାନର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି । ବିଜ୍ଞାନ ହିଁ ମାନବ ସମାଜର ପ୍ରଗତିର ମୂଳ ମନ୍ତ୍ର ହୋଇଛି । ଆମର ଦୈନିକ ବ୍ୟବହାରରେ ବିଜ୍ଞାନ ଦ୍ୱାରା ପ୍ରସ୍ତୁତ ବସ୍ତୁଗୁଡ଼ିକ ଅତି ଦରକାରୀ ହୋଇପଡ଼ିଛି । ଆଜିର ଯୁଗ ହେଉଛି ବିଜ୍ଞାନର ଯୁଗ । ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସୌର ବିଜ୍ଞାନ, ଭୂବିଜ୍ଞାନ ସବୁ ହିଁ ବିଜ୍ଞାନ ଦ୍ୱାରା ଅନୁଶୀଳନ କରିବାର ପ୍ରୟାସ ଆରମ୍ଭ ହୋଇଛି । ବିଜ୍ଞାନର ମୁଖ୍ୟ ହେଉଛି ଏହାର ପ୍ରାୟୋଗିକ ଦିଗ ଏବଂ ମଣିଷର ବ୍ୟବହାରରେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି । ତାହାକୁ ଆଜିର ଲେଖକମାନେ ବିଜ୍ଞାନର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ବିଜ୍ଞାନଭିତ୍ତିକ ପ୍ରବନ୍ଧମାନ ରଚନା କରୁଛନ୍ତି । ଏହି ପ୍ରବନ୍ଧଗୁଡ଼ିକର ମୂଳ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ବ୍ୟବହାରିକ ଓ ଏହାର ସ୍ୱରୂପ ଜାଣିବା ପାଇଁ ସୁଯୋଗ ସୃଷ୍ଟି କରିବା । ବିଜ୍ଞାନଭିତ୍ତିକ ପ୍ରବନ୍ଧରେ ବିଜ୍ଞାନ, ସାହିତ୍ୟ ଓ ଅନୁଶୀଳନର ମିଳନ ଘଟିଥାଏ । ଫଳରେ ଛାତ୍ରଛାତ୍ରୀମାନେ ବିଜ୍ଞାନକୁ ଜାଣିବା ସହିତ ସେମାନଙ୍କର ଭାଷାଜ୍ଞାନ ଓ ରଚନାଶୈଳୀ ସମ୍ପର୍କରେ ଧାରଣା ସୃଷ୍ଟି ହେବ । ଏହି ପୁସ୍ତକରେ ଯେଉଁ ବିଜ୍ଞାନଭିତ୍ତିକ ପ୍ରବନ୍ଧଗୁଡ଼ିକ ସ୍ଥାନିତ ହୋଇଛି ତାହାଦ୍ୱାରା ବିଜ୍ଞାନ ସମ୍ପର୍କରେ ଧାରଣା ସୃଷ୍ଟି ହେବା ସହିତ ଓଡ଼ିଆ ଭାଷା ଓ ପ୍ରବନ୍ଧ ଲେଖିବାର ଲେଖକଙ୍କର ମହତ୍ୱ ଓ ଆଭିମୁଖ୍ୟ ବୁଝିପାରିବେ ।

## ୬.୧ ମାନବ ସେବାରେ ବିଜ୍ଞାନ

**ଉପକ୍ରମ:** ଅତୀତର ବଣଜଙ୍ଗଲରେ ବସବାସ କରୁଥିବା ମଣିଷକୁ ସାମ୍ପ୍ରତିକ ସ୍ଥିତିରେ ପହଞ୍ଚାଇବା କ୍ଷେତ୍ରରେ ଯଦି କାହାର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ, ତେବେ ତାହା ହେଉଛି ବିଜ୍ଞାନ । ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନ ବ୍ୟତିରେକେ ମଣିଷ ସମ୍ପ୍ରତି ମୁହୂର୍ତ୍ତଟିଏ ମଧ୍ୟ ବଞ୍ଚିବାକୁ ସମର୍ଥ ହୋଇପାରିବ ନାହିଁ । ବର୍ତ୍ତମାନ ସ୍ଥିତି ଯେ ବିଜ୍ଞାନର ସର୍ବଶେଷ ସ୍ଥିତି, ଆଦୌ କୁହାଯାଇ ନପାରେ । ପ୍ରତି ମୁହୂର୍ତ୍ତରେ ବିଶ୍ୱରେ ବିଜ୍ଞାନ ବଳରେ ନୂତନ ଉଦ୍ଭାବନ ଓ ଆବିଷ୍କାର ଚାଲିଛି । ଅତୀତରେ ଯାହା ଥିଲା ମଣିଷର କଳ୍ପନାତୀତ, ବର୍ତ୍ତମାନ ମଣିଷର ତାହା ହୋଇଛି ସହଜଲବ୍ଧ । ବିଜ୍ଞାନ ଆଜି ମଣିଷର ଏକ ଅତ୍ୟାବଶ୍ୟକ ଅଙ୍ଗ ହୋଇପଡ଼ିଛି । ତା' କବଳରୁ ମୁକ୍ତିଲାଭ କରିବା ଆଦୌ ସମ୍ଭବ ନୁହେଁ । ଏହା ମଣିଷ ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଭରିଦେଇଛି, ତାକୁ କଳ୍ପନାର ସୀମା ପାର କରାଇଛି । ତେଣୁ ସେଥିପାଇଁ ବର୍ତ୍ତମାନର ଯୁଗକୁ ବିଜ୍ଞାନର ଯୁଗ କୁହାଯାଉଛି ।

**ବିଜ୍ଞାନ ଓ ମଣିଷ:** ବର୍ତ୍ତମାନ ବିଜ୍ଞାନଠାରୁ ମଣିଷକୁ ଅଲଗା କରି ଚିହ୍ନିହେବ ନାହିଁ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ବିଜ୍ଞାନ ମଣିଷର ଆବଶ୍ୟକତା ପୂରଣ କରୁଛି । ମଣିଷର ସମୟ ଓ ଦୂରତ୍ୱକୁ ଏହା ହ୍ରାସ କରିଛି । ମଣିଷ ଜୀବନରେ ଭରିଦେଇଛି ସୁଖ ଓ ସମୃଦ୍ଧି । ବଣଜଙ୍ଗଲର ମଣିଷ ନିଜର ଦୈନନ୍ଦିନ ଆବଶ୍ୟକତା ପରିପୂରଣ ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲା । ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଗୋଟିଏ ସ୍ଥାନରେ ଥାଇ ତାହାର ସମସ୍ତ ଆବଶ୍ୟକତା ଓ ଅଭାବ ମଣିଷ ପୂରଣ କରିପାରୁଛି । ଅବଶ୍ୟ ଏକଥା ସତ୍ୟ ଯେ ମଣିଷ ହିଁ ବିଜ୍ଞାନର ଉଦ୍ଭାବନ କର୍ତ୍ତା । ବିଜ୍ଞାନର ଆଜିର ସ୍ଥିତି ପାଇଁ ମଣିଷର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ମଣିଷର ଉଦ୍ଭାବନ ଓ ପରିଶ୍ରମ ପରିବର୍ତ୍ତେ ବିଜ୍ଞାନ ତାକୁ ଦେଇଛି ଅନେକ । ମଣିଷର ଜୀବନକୁ ଏହା ସମ୍ପୂର୍ଣ୍ଣ ବିବର୍ତ୍ତିତ

କରିଦେଇଛି । ମାନବ ସେବା କ୍ଷେତ୍ରରେ ବିଜ୍ଞାନର ଅବଦାନକୁ ଭାଷାରେ ପ୍ରକାଶ କରାଯାଇ ନପାରେ ।ସମଗ୍ର ବିଶ୍ୱର ସୁଖ ଓ କଲ୍ୟାଣ ସାଧନ କ୍ଷେତ୍ରରେ ବିଜ୍ଞାନର ଗୁରୁତ୍ୱ ଅତୀବ ମହତ୍ତ୍ୱପୂର୍ଣ୍ଣ । ଏହା ମଣିଷ ଜୀବନକୁ ସହଜ, ସୁନ୍ଦର ଓ ମୂଲ୍ୟବାନ କରିପାରିଛି । ଅନ୍ୟ ଭାବରେ କହିଲେ, ମଣିଷ ବିଜ୍ଞାନର ଉଦ୍ଭାବନକର୍ତ୍ତା ହେଲେହେଁ, ବର୍ତ୍ତମାନ ମଣିଷ ବିଜ୍ଞାନ ନିକଟରେ ନିଜକୁ ସମ୍ପୂର୍ଣ୍ଣ ବିକ୍ରି କରିଦେଇଛି । ସେଥିପାଇଁ ତା'ର ଅଭାବରେ ସେ ଗୋଟିଏ ମାତ୍ର ମୁହୂର୍ତ୍ତ ସମୟ ବିତାଇବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ।

**ବିବିଧ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା:** ମାନବ ଜୀବନର ବିବିଧ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା ସ୍ୱୀକାର୍ଯ୍ୟ । ମଣିଷ ଜୀବନରେ ଏହା ସୁଖ ଓ ସନ୍ତୋଷ ଭରିଦେଇଛି । ସ୍ୱପ୍ନକୁ କରିଛି ବାସ୍ତବ । ଅତୀତରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ହେଲେ ମଣିଷ ନିଜର ପାଦ କିମ୍ବା ଶଗଡ଼ ଗାଡ଼ିର ଆଶ୍ରୟ ନେଉଥିଲା । ଏଥିପାଇଁ ତା'ର ବହୁ ସମୟ ନଷ୍ଟ ହେଉଥିଲା । ବୈଜ୍ଞାନିକ ଆବିଷ୍କାର ଫଳରେ ଯୋଗାଯୋଗ ବ୍ୟବସ୍ଥା ସୁଗମ ହୋଇପାରିଛି । ମୋଟର, ଟ୍ରେନ୍ ଓ ଉଡ଼ାଜାହାଜ ଖୁବ୍ କମ୍ ସମୟ ମଧ୍ୟରେ ମଣିଷକୁ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରୁଛି । ବର୍ତ୍ତମାନ ଜଣେ ବ୍ୟକ୍ତି ତା'ର ମଧ୍ୟାହ୍ନ ଭୋଜନ ଦିଲ୍ଲୀରେ ଗ୍ରହଣ କରି ରାତ୍ରିଭୋଜନ ଲଣ୍ଡନରେ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ।ତେଣୁ ସମୟ ଓ ଦୂରତ୍ୱ ଆଜି ଆଉ ମଣିଷ ଆଗରେ ପ୍ରତିବନ୍ଧକ ରୂପେ ଠିଆହୋଇ ନାହିଁ । ଏହା ଯେ ସମ୍ପୂର୍ଣ୍ଣ ଭାବରେ ବିଜ୍ଞାନର ବାହାଦୁରୀ, ଅସ୍ୱୀକାର କରାଯାଇନପାରେ । ବାର୍ତ୍ତାପ୍ରେରଣ କ୍ଷେତ୍ରରେ ମଧ୍ୟ ଏହା ଆମର ଜୀବନଯାତ୍ରାକୁ ସୁଗମ କରିପାରିଛି । ଗୋଟିଏ ସ୍ଥାନରୁ ଅନ୍ୟ ଏକ ଦୂର ସ୍ଥାନରେ ବାର୍ତ୍ତା ପହଞ୍ଚିବାକୁ ମାସାଧିକ କାଳ ଲାଗୁଥିଲା । ବର୍ତ୍ତମାନ ରେଡିଓ, ଟେଲିଫୋନ, ଟେଲିଗ୍ରାମ ବା ଟେଲିଭିଜନ ମାଧ୍ୟମରେ ଗୋଟିଏ ମୁହୂର୍ତ୍ତରେ ଯେକୌଣସି ବାର୍ତ୍ତା ପ୍ରେରଣ କରାଯାଇପାରେ । ଡାକଘର ମାଧ୍ୟମରେ ଆମେ ଦୂର ସମ୍ପର୍କୀୟମାନଙ୍କ ପାଖକୁ ଟଙ୍କା ପଠାଇପାରୁଛୁ କିମ୍ବା ଚିଠିଦ୍ୱାରା ସମ୍ବାଦ ପ୍ରେରଣ କରିପାରୁଛୁ । ରେଡିଓ ଏବଂ ଦୂରଦର୍ଶନ ବିଶ୍ୱର ସମସ୍ତ ଖବର ଖୁବ୍ କମ୍ ସମୟ ମଧ୍ୟରେ ଆମ ପାଖରେ ପହଞ୍ଚାଇପାରୁଛି । ଏହା କେବଳ ସମ୍ଭବ ହୋଇପାରିଛି ବିଜ୍ଞାନ ଦ୍ୱାରା । ଗ୍ରୀଷ୍ମ ଋତୁରେ ପ୍ରଖର ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ବିଜ୍ଞାନ ଆମକୁ ଯୋଗାଇ ଦେଇଛି ପଙ୍ଖା, କୁଲର ଇତ୍ୟାଦି । ଜିନିଷ ସଂରକ୍ଷଣ ନିମିତ୍ତ ଆମେ ପାଇପାରୁଛୁ ଥଣ୍ଡାଘର ଓ ଫ୍ରିଜ୍, ଶୀତଦିନେ ମଧ୍ୟ ହିଟର ବା ଶୀତ ତାପନିୟନ୍ତ୍ରିତ ଘରଯୋଗୁଁ ଥଣ୍ଡାର ପ୍ରକୋପରୁ ରକ୍ଷା ପାଇପାରିଛୁ । ଗ୍ୟାସ ଏବଂ ଅନ୍ୟାନ୍ୟ ରୋଷେଇ ସରଞ୍ଜାମ ଆମକୁ ସ୍ୱଳ୍ପ ସମୟ ମଧ୍ୟରେ ଖାଦ୍ୟ ଯୋଗାଇଦେଇ ପାରୁଛି । ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଆମେ ବହୁ ପ୍ରକାର ଅତ୍ୟାବଶ୍ୟକ ଦ୍ରବ୍ୟ ସୁଲଭ ମୂଲ୍ୟରେ ପାଇପାରୁଛୁ । ବିଜ୍ଞାନର ବିକାଶ ଯୋଗୁଁ ଅନେକ ଦୁରାରୋଗ୍ୟ ବ୍ୟାଧି ସହଜରେ ଭଲ ହୋଇପାରୁଛି । ଏଥିପାଇଁ ବିଜ୍ଞାନ ଆମକୁ ବହୁ ଦୁର୍ମୂଲ୍ୟ ଔଷଧ, ଇଞ୍ଜେକ୍ସନ ଇତ୍ୟାଦି ପ୍ରଦାନ କରିଛି । ଏକ୍ସ-ରେ ଦ୍ୱାରା ଶରୀର ମଧ୍ୟରେ ଥିବା ବିଭିନ୍ନ ରୋଗ ଆବିଷ୍କାର କରାଯାଇପାରୁଛି । ନମନୀୟ ଅସ୍ତ୍ର ଚିକିତ୍ସା ଦ୍ୱାରା ବିକୃତ ଅଙ୍ଗକୁ ସୁନ୍ଦର ଓ ବିଭିନ୍ନ ଅଙ୍ଗରୋପଣ ସହଜସାଧ୍ୟ ହୋଇପାରିଛି । ଅତୀତରେ ବସନ୍ତ ଓ ହଇଜା ଆମ ସମାଜରେ ଦେବୀର ଆସନ ଲାଭ କରିଥିଲେ । ବିଜ୍ଞାନ ଏହାକୁ ଏକ ରୋଗ ରୂପେ ପ୍ରମାଣ କରି ଔଷଧଦ୍ୱାରା ଏହାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଦୂର କରିପାରୁଛି । ଏତଦ୍‌ବ୍ୟତୀତ ବହୁ ଦୁଃସାଧ୍ୟ ରୋଗ ସହଜରେ ଚିକିତ୍ସା କରାଯାଇ ଉପଶମ ହୋଇପାରୁଛି । ମଣିଷର ସ୍ୱାସ୍ଥ୍ୟକୁ ରୋଗମୁକ୍ତ ଓ ସୁନ୍ଦର ରଖିବା ପାଇଁ ବିଜ୍ଞାନର ଅବଦାନ ସର୍ବାଦୌ ସ୍ମରଣୀୟ । ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ

କ୍ଷେତ୍ରରେ ଏହାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରାକୃତିକ ଦୁର୍ବିପାକରୁ ବିଜ୍ଞାନ ମଣିଷକୁ ରକ୍ଷା କରିପାରୁଛି । କୌଣସି ଦୁର୍ବିପାକ ଆରମ୍ଭ ହେବା ପୂର୍ବରୁ ଏହାର ପୂର୍ବସୂଚନା ବିଜ୍ଞାନ ଦେଇପାରୁଥିବାରୁ ମଣିଷ ନିଜକୁ ସତର୍କ କରିପାରୁଛି । ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚଳଚ୍ଚିତ୍ର, ରେଡିଓ ଓ ଟେଲିଭିଜନ ଆଦିର ଉଦ୍ଭାବନ ହୋଇଛି । ଦେଶର ଖାଦ୍ୟସମସ୍ୟା ଦୂରୀକରଣ ପାଇଁ ଆମେ ବର୍ତ୍ତମାନ ବୈଜ୍ଞାନିକ ଉପାୟରେ କୃଷି କରି ପ୍ରଚୁର ଫସଲ ଉତ୍ପାଦନ କରିପାରୁଛୁ । ଗୋଟିଏ ଜମିରୁ ଏକକାଳୀନ ବହୁପ୍ରକାର ଫସଲ ଆମଦାନୀ କରି ଆମର ଅର୍ଥନୀତିକ ସ୍ଥିତିକୁ ଦୃଢ଼ କରିପାରୁଛୁ । ବୁଦ୍ଧି ଏବଂ ଜ୍ଞାନର ବିକାଶ ଘଟାଇ ମଣିଷ ମନ ମଧ୍ୟରେ ଥିବା ସଂକୀର୍ଣ୍ଣ ଚିନ୍ତାଧାରାକୁ ବିଜ୍ଞାନ ଦୂର କରିପାରିଛି । ଆଜି ଆଉ ଚନ୍ଦ୍ର ଓ ମଙ୍ଗଳକୁ ମଣିଷ ଦେବତା ଭାବରେ ପୂଜା କରୁ ନାହିଁ । ମଣିଷ ବିଜ୍ଞାନ ବଳରେ ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହରେ ପଦାର୍ପଣ କରିସାରିଲାଣି । ଏବେ ସେଠାରେ ଉପନିବେଶ ସ୍ଥାପନ ପାଇଁ ଯୋଜନା ଚାଲିଲାଣି । ବିଜ୍ଞାନ ଦ୍ୱାରା ପୃଥିବୀରେ ମଣିଷର ଜୀବନୀଶକ୍ତି ବୃଦ୍ଧି ପାଇଛି । ଭାଗ୍ୟ ଓ ଭଗବାନଙ୍କ ଉପରେ ନିର୍ଭର କରି ମଣିଷ ଆଜି ଆତ୍ମସଚେତନ ଭାବରେ ନିଜର କର୍ମ ଉପରେ ବିଶ୍ୱାସ କରୁଛି । ବୈଜ୍ଞାନିକ ଯନ୍ତ୍ରପାତିର ଉଦ୍ଭାବନ ଦ୍ୱାରା ମଣିଷର ପରିଶ୍ରମ ହ୍ରାସ ପାଇଛି । ଏକାଧିକ ମଣିଷର କାର୍ଯ୍ୟ ଗୋଟିଏ ମେସିନ୍ କ୍ଷଣକ ମଧ୍ୟରେ କରିପାରୁଛି । ତେଣୁ ବର୍ତ୍ତମାନ ପୃଥିବୀରେ ବିଜ୍ଞାନ ବ୍ୟତିରେକେ ମଣିଷ ମୁହୂର୍ତ୍ତଟିଏ ମଧ୍ୟ ବଞ୍ଚିବା କଷ୍ଟକର ବ୍ୟପାର ।

**ବିଜ୍ଞାନର ଅନ୍ୟ ଦିଗ:** ଏହା ସତ୍ତ୍ୱେ ବିଜ୍ଞାନର କେତେକ ଅପକାର ମଣିଷ ଅଙ୍ଗେ ଲିଭାଇ ସାରିଲାଣି । ବିଜ୍ଞାନ ଯେପରି ପ୍ରାଚୁର୍ଯ୍ୟ ଓ ବିଳାସଦ୍ୱାରା ମଣିଷର ଜୀବନକୁ ସୁଖମୟ କରିଛି, ସେହିପରି ତା'ର ଅକଲ୍ୟାଣକର କାର୍ଯ୍ୟଦ୍ୱାରା ମାନବ ସଭ୍ୟତା ପାଇଁ ଏକ ଅଭିଶାପରେ ପରିଣତ ହୋଇଛି । ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ମଣିଷ ପ୍ରତ୍ୟକ୍ଷ କରିଛି ବିଜ୍ଞାନର ଧ୍ୱଂସକାରୀ ଶକ୍ତିକୁ । ସମଗ୍ର ବିଶ୍ୱକୁ ଗୋଟିଏ ମୁହୂର୍ତ୍ତରେ ଧ୍ୱଂସ କରିବାକୁ ବିଜ୍ଞାନ ବହୁ ମାରଣାସ୍ତ୍ର ମଣିଷ ହାତରେ ଧରାଇ ଦେଇଛି । ମଣିଷକୁ ଏହା କରିଛି ସ୍ୱାର୍ଥପର । ସମସ୍ତ ମାନବିକ ଗୁଣଗୁଡ଼ିକୁ ବିଲୋପ କରି ତାକୁ ହିଂସ୍ର ପଶୁରେ ପରିଣତ କରିଛି । ଆଜି ମଣିଷ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସମଗ୍ର ବିଶ୍ୱର କ୍ଷତି କରିବାକୁ ଉନ୍ମୁଖ । ତା'ର ହୃଦୟ ସଙ୍କୁଚିତ ହୋଇଯାଇଛି । ଆଣବିକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଯୋଗୁଁ ବିଶ୍ୱ ଏକ ଭୟଙ୍କର ଅନ୍ଧାର ଆଡ଼କୁ ଛୁଟି ଚାଲିଛି । କେଉଁ ମୁହୂର୍ତ୍ତରେ ଏହାର ଧ୍ୱଂସ ହେବ ତାହା କେହି କହିପାରିବେ ନାହିଁ । ମୃତ୍ୟୁ ଚିନ୍ତା ମଣିଷକୁ ଏପରି ମ୍ରିୟମାଣ କରିଛି ଯେ ତା' ମନରୁ ଆନନ୍ଦ ଉଲ୍ଲାସଭାବ ସମ୍ପୂର୍ଣ୍ଣ ଦୂରୀଭୂତ ହୋଇଯାଇଛି । ପରମାଣୁ ଓ ଉଦ୍‌ଜାନ ବୋମା ମାନବ ସଭ୍ୟତାର ଧ୍ୱଂସ ପାଇଁ ସୃଷ୍ଟି ହୋଇଛି । ଏହାର ସଂଯତ ପ୍ରୟୋଗ ହୋଇ ନପାରିଲେ, ବିଶ୍ୱର ସମ୍ପୂର୍ଣ୍ଣ ଭୂମି ଏକ ପୋଡ଼ାଭୂମିରେ ପରିଣତ ହୋଇଯିବ । ଆଜି ତାରକାଯୁଦ୍ଧ ମଣିଷକୁ ସଂଚୟ ଦୋଳାରେ ଦୋଳାୟିତ କରିଛି । ତେଣୁ ବିଜ୍ଞାନ ମଣିଷ ମନରୁ ସ୍ନେହ, କ୍ଷମା, ଦୟା ଓ ମାନବିକ ଗୁଣଗୁଡ଼ିକର ବିଲୋପ କରାଇ ତା'ସ୍ଥାନରେ ଭରିଦେଇଛି ଜିଂଘାସା, ସ୍ୱାର୍ଥପରତା ଓ ଅମାନବିକତା । ଏହି ଦୃଷ୍ଟିରୁ ବିଜ୍ଞାନ ମଣିଷକୁ ଯେତେ ସୁଖସ୍ୱାଚ୍ଛନ୍ଦ୍ୟ ଦେଇଥିଲେ ମଧ୍ୟ ତା'ମନରେ ଶାନ୍ତି ଓ ପ୍ରୀତି ଭରିଦେଇପାରି ନାହିଁ ।

**ମାନବର ବିକାଶରେ ବିଜ୍ଞାନର ଭୂମିକା:** ମାନବର ବିକାଶରେ ବିଜ୍ଞାନର ଭୂମିକାକୁ କଦାପି ଅସ୍ୱୀକାର କରାଯାଇ ନପାରେ । ବିଜ୍ଞାନକୁ କୁମାର୍ଗରେ ଏହି ମଣିଷ ସମାଜ ହିଁ ବ୍ୟବହାର କରୁଛି । ବିଜ୍ଞାନର





ଉଦ୍ଭାବନ ହୋଇଥିଲା ମଣିଷକୁ ସୁଖ ଓ ଶାନ୍ତି ପ୍ରଦାନ ପାଇଁ । ମାତ୍ର ସଂକୀର୍ଣ୍ଣମନା ମଣିଷ ତାକୁ ବିପରୀତ ମାର୍ଗରେ ପ୍ରୟୋଗ କରି ତା'ର ଅମର୍ଯ୍ୟାଦା କରିଛି । ମଣିଷର ପ୍ରୟୋଗକାରୀ ଇଚ୍ଛା ଉପରେ ହିଁ ବିଜ୍ଞାନର ସଫଳତା ବା ବିଫଳତା ନିର୍ଭର କରିଥାଏ । ଯେପରି ଆଟମ ବା ଅଣୁକୁ ମରୁଭୂମିରେ ପ୍ରୟୋଗ କରାଯାଇ ତାକୁ ଶସ୍ୟଶ୍ୟାମଳା କ୍ଷେତ୍ରରେ ପରିଣତ କରାଯାଇପାରେ, ସେହିପରି ଆଟମ୍ ବମ୍‌ରେ ପରିଣତ କରି ମଣିଷ ସମାଜର ଧ୍ୱଂସସାଧନ ମଧ୍ୟ କରାଯାଇପାରେ । ଏହାସତ୍ତ୍ୱେ ବିଜ୍ଞାନର ଅବଦାନକୁ କଦାପି ଭୁଲାଯାଇ ନପାରେ । ଆଜି ମଣିଷ ଯେଉଁ ଅବସ୍ଥାରେ ପହଞ୍ଚିଛି, ସେଥିରେ ବିଜ୍ଞାନର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ତେଣୁ ମାନବସଭ୍ୟତା ସହିତ ବିଜ୍ଞାନର ସମ୍ପର୍କ ଅତି ନିବିଡ଼ କହିବା ଅନାବଶ୍ୟକ ।

**ଉପସଂହାରଃ** ବିଜ୍ଞାନ ଜଗତ ବିଶ୍ୱକୁ ଆଜି ନୂତନ ଭାବରେ ଦେଖିବାକୁ ଦୃଷ୍ଟିଶକ୍ତି ପ୍ରଦାନ କରିଛି । ମଣିଷର ପ୍ରୟୋଗ ଉପରେ ହିଁ ବିଜ୍ଞାନର ଉପକାର ଓ ଅପକାର ନିର୍ଭର କରେ । ଯଦି ମଣିଷର ସାମଗ୍ରିକ (ଶାରୀରିକ ଓ ମାନସିକ) ବିକାଶରେ ଏହା ସହାୟତା କରିପାରିଲା, ତେବେ ମଣିଷର ପରମ ମିତ୍ର ରୂପେ ବିଜ୍ଞାନ ପରିଗଣିତ ହେବ । ଯଦି ମଣିଷର ଧ୍ୱଂସ ପାଇଁ ଏହା କବର ଖୋଳେ, ତେବେ ବିଜ୍ଞାନ ହେବ ମାନବ ସଭ୍ୟତାର ପରମ ଶତ୍ରୁ । ସମସ୍ତ ଉପକାର ସତ୍ତ୍ୱେ ତା'ର ଧ୍ୱଂସାତ୍ମକ ଗୁଣ ଯୋଗୁଁ ବିଜ୍ଞାନର ଅବଦାନକୁ କେହି ସ୍ୱୀକାର କରିବେ ନାହିଁ । ମଣିଷ ଚାହେଁ ଶାନ୍ତି ଓ ଆନନ୍ଦ । ଯଦି ବିଜ୍ଞାନ ମଣିଷର ଏହି ଇଚ୍ଛାକୁ ପରିପୂରଣ ପରିପାରେ, ତେବେ ସାର୍ଥକ ହେବ ତା'ର ଉଦ୍ଭାବନ । ନଚେତ୍ ମାନବ ଜାତିର ଇତିହାସରେ ଏହା ଏକ ଅଭିଶାପ ରୂପେ ଚିରଦିନ ନିନ୍ଦିତ ହିଁ ହେବ ।

•••

# ୬.୨ ସବୁଜ ବିପ୍ଳବ

**ଉପକ୍ରମ:** କୌଣସି ଦେଶର ଉନ୍ନତି ସେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ନିର୍ଭରଶୀଳ । ଯେଉଁ ଦେଶ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଯେଉଁ ପରିମାଣରେ ସ୍ୱାବଲମ୍ବନଶୀଳ, ତା'ର ଆର୍ଥିକ ମାନଦଣ୍ଡ ସେହି ପରିମାଣରେ ସମୃଦ୍ଧ । ଅତୀତରେ ବିଶିଷ୍ଟ ଆର୍ଥନୀତିକ ମାଲଥ୍ୟୁସ୍ କହିଥିଲେ ପୃଥିବୀର ଜନସଂଖ୍ୟା ବୃଦ୍ଧି ତୁଳନାରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉ ନାହିଁ । ସେଥିପାଇଁ ପୃଥିବୀର ଭବିଷ୍ୟତ ଘେନି ସେ ସନ୍ଦେହ ପ୍ରକାଶ କରିଥିଲେ । ଅବଶ୍ୟ ବର୍ତ୍ତମାନ ଅବସ୍ଥା ଧୀରେ ଧୀରେ ପରିବର୍ତ୍ତନ ହେବାକୁ ଲାଗିଛି । ବିଶ୍ୱର ବହୁ ଦେଶ ଖାଦ୍ୟପଦାର୍ଥ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି । ଭାରତ ମଧ୍ୟ ଏ କ୍ଷେତ୍ରରେ ବିଶେଷ କିଛି ପଛରେ ପଡ଼ିଯାଇଛି ବୋଲି ମନେହୁଏ ନାହିଁ । ସ୍ୱାଧୀନତା ଲାଭ ସମୟରେ ଭାରତର ଖାଦ୍ୟପଦାର୍ଥ ଉତ୍ପାଦନ ତୁଳନାରେ ବର୍ତ୍ତମାନ ବହୁ ଅଧିକ ଶସ୍ୟ ଉତ୍ପାଦିତ ହେଉଛି । ତଥାପି ସଂପ୍ରତି ଆହୁରି ଅଧିକ ଶସ୍ୟ ଉତ୍ପାଦନ କରିବାର ଆବଶ୍ୟକତା ଅନୁଭୂତ ହେଉଛି । କେବଳ ସବୁଜ ବିପ୍ଳବ ମାଧ୍ୟମରେ ଭାରତ ଏ କ୍ଷେତ୍ରରେ ତା'ର ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୋଇପାରିବ । ଜନସଂଖ୍ୟାର ଦ୍ରୁତବୃଦ୍ଧି ଅନୁଯାୟୀ ଖାଦ୍ୟଶସ୍ୟର ତୁଳନାତ୍ମକ ରୂପେ ଅଭିବୃଦ୍ଧି ନ ଘଟିଲେ, ଭାରତ ଯେ ଏକ ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବ, ଏଥିରେ ଦ୍ୱିମତ ହେବାର କିଛି ନାହିଁ । ଏକ୍କଙ୍କୁଁ ଛକ୍କଙ୍କର ଲକ୍ଷଙ୍କୁଁୟ ବା ଅଧିକ ଶସ୍ୟ ଉତ୍ପାଦନ କର-ଏହାହିଁ ଆଜି ସମୟର ଆହ୍ୱାନ । କୃଷି ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଦ୍ୱାରା ଏହା କେବଳ ସମ୍ଭବ ହୋଇପାରିବ । ଏଥିପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ସାମୂହିକ ପ୍ରଚେଷ୍ଟା ଦ୍ୱାରା କୃଷିଜାତ ପଦାର୍ଥର ଉତ୍ପାଦନ କ୍ଷେତ୍ରରେ ଭାରତ ନିଶ୍ଚିତଭାବେ ଉଲ୍ଲେଖଯୋଗ୍ୟ ସଫଳତା ଲାଭ କରିପାରିବ ବୋଲି ଆଶା ଏବଂ ବିଶ୍ୱାସ ।

**ସବୁଜ ବିପ୍ଳବର ଅର୍ଥ ଓ ଉଦ୍ଦେଶ୍ୟ:** ସବୁଜିମା 'ପ୍ରାଚୁର୍ଯ୍ୟମୟ ଜୀବନ'ର ପ୍ରତୀକ । ଖାଦ୍ୟଶସ୍ୟର ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇ ଦେଶକୁ ପ୍ରାଚୁର୍ଯ୍ୟ ତଥା ସବୁଜିମାରେ ଭରିଦେବା 'ସବୁଜ ବିପ୍ଳବ'ର ଲକ୍ଷ୍ୟ । ବିପ୍ଳବ ବା ଆନ୍ଦୋଳନର ଅର୍ଥ ନୂତନ ସର୍ଜନ ବା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଭିନବ ପରିବର୍ତ୍ତନ । ଏହା କଦାପି ଧ୍ୱଂସାତ୍ମକ ନୁହେଁ । ଜୀବନକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବାରେ ଏହାର ଅବଦାନ ଚିରସ୍ମରଣୀୟ । ବୈଜ୍ଞାନିକ ପ୍ରଣାଳୀରେ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ କରି ଦେଶର ଆର୍ଥିକ ମେରୁଦଣ୍ଡକୁ ଶକ୍ତିଶାଳୀ କରିବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ବହୁ ବୁଦ୍ଧିଜୀବୀଙ୍କ ଦୃଷ୍ଟିରେ ଭାରତ 'ଶସ୍ୟ ଶ୍ୟାମଳା ସୁଜଳା ସୁଫଳା' । ଅତୀତରେ ଏହାର ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ବହୁ ବୈଦେଶିକ ଭାରତରେ ପ୍ରବେଶ କରିଥିଲେ ।ଶୋଷଣ କରିଥିଲେ ଏହାର ସବୁଜିମାକୁ । ସମୃଦ୍ଧ କରିଥିଲେ ନିଜ ଦେଶକୁ । ମାତ୍ର ଦୁର୍ଭାଗ୍ୟର ବିଷୟ ଭାରତର ମାଟିକୁ ଶୋଷଣ କରି ବିଦେଶୀ ଶତ୍ରୁ ନିଜ ଦେଶକୁ ସମୃଦ୍ଧିଶାଳୀ କରିଥିଲେ ହେଁ, ଭାରତ ଶେଷ ପର୍ଯ୍ୟନ୍ତ ଗୋଟିଏ ଦରିଦ୍ର ଦେଶର ପରିଚୟ ନେଇ ରହିଗଲା । ସ୍ୱାଧୀନତା ପରେ ଭାରତର କୃଷି ବ୍ୟବସ୍ଥାର ଉନ୍ନତି ନିମିତ୍ତ ପଦକ୍ଷେପମାନ ଗ୍ରହଣ କରାଯାଇଥିଲେ ହେଁ, ଅନୁରୂପ ସଫଳତା ଲାଭ କରିବାକୁ ସମର୍ଥ ହୋଇପାରି ନଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମଗ୍ର ବିଶ୍ୱରେ

ଖାଦ୍ୟ ସଙ୍କଟ ପରିଲକ୍ଷିତ ହେବାରୁ ତତ୍କାଳୀନ ଭାରତର ଇଂରେଜ ସରକାର ଅଧିକ ଶସ୍ୟ ଉତ୍ପାଦନ (Grow more food)ପାଇଁ ଆହ୍ୱାନ ଦେଇଥିଲେ । ଏଥିପାଇଁ ସ୍ୱତନ୍ତ୍ର ବିଭାଗ ମଧ୍ୟ ସୃଷ୍ଟି କରାଯାଇଥିଲା । ମାତ୍ର ଏହି ଆହ୍ୱାନ ଜନସାଧାରଣଙ୍କ ମଧ୍ୟରେ ବିଶେଷ କିଛି ପ୍ରଭାବ ପକାଇବାକୁ ସମର୍ଥ ହୋଇ ନଥିଲା । ସ୍ୱାଧୀନତା ଲାଭ ପରେ ଦେଶୀୟ ସରକାର ଅଧିକ ଶସ୍ୟ ଉତ୍ପାଦନର ଆବଶ୍ୟକତା ଅନୁଭବ କରି ସବୁଜ ବିପ୍ଳବ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କଲେ । ଏହା ସତ୍ତ୍ୱେ ୧୯୬୦ ମସିହା ପର୍ଯ୍ୟନ୍ତ ଏହା ବିଶେଷ କିଛି ଉନ୍ନତି କରି ପାରିନଥିଲା । ୧୯୬୦ ମସିହାର ମଧ୍ୟଭାଗ ବେଳକୁ 'ସବୁଜ ବିପ୍ଳବ' ପାଇଁ ଜନସଚେତନତା ବୃଦ୍ଧି ପାଇଲା ଏବଂ ଏହା ଏକ ସ୍ଲୋଗାନରେ ପରିଣତ ହେଲା । ଏହି ସମୟ ବେଳକୁ ମେକ୍ସିକୋରେ ଏହା ଏକ ଅଭିନବ ରୂପ ପରିଗ୍ରହ କରିଥିଲେ । ଅଧିକ ଉତ୍ପାଦନକ୍ଷମ ବିହନ ଏବଂ ରସାୟନ ସାର ବ୍ୟବହାର ଦ୍ୱାରା ସେଠାରେ ଉଲ୍ଲେଖ୍ୟଯୋଗ୍ୟ ପରିବର୍ତ୍ତନ ଘଟିଥିଲା । ଏପରିକି ଫିଲିପାଇନ୍ସ, ଥାଇଲାଣ୍ଡ, ଶ୍ରୀଲଙ୍କା ପରି ଦେଶରେ ଏହା ସେତେବେଳେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ଓ ସେମାନେ ଉନ୍ନତ ବିହନ ମାଧ୍ୟମରେ ଅଧିକ ଶସ୍ୟ ଉତ୍ପାଦନ କରିବାକୁ ସମର୍ଥ ହୋଇପାରିଥିଲେ । ବର୍ତ୍ତମାନ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ କରି ପୃଥିବୀରୁ ଖାଦ୍ୟଶସ୍ୟର ଭୟକୁ ସମ୍ପୂର୍ଣ୍ଣଭାବେ ଦୂରୀଭୂତ କରିବା ନିମିତ୍ତ 'ସବୁଜ ବିପ୍ଳବ'କୁ ଏକ ପ୍ରତୀକାତ୍ମକ ଆହ୍ୱାନ ରୂପେ ଗ୍ରହଣ କରାଯାଇଛି ।ପାରମ୍ପରିକ ବିହନ ପରିବର୍ତ୍ତେ ଅଧିକ ଉତ୍ପାଦନକ୍ଷମ ବିହନ, କୀଟନାଶକ ଔଷଧ ତଥା ରାସାୟନିକ ସାର ବ୍ୟବହାର ଦ୍ୱାରା ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦନ ନିମିତ୍ତ ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି ହୋଇଛି ।ଭାରତ ପରି ବହୁ ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ରରେ ଅଧିକ ଶସ୍ୟ ଉତ୍ପାଦନ କରି ଖାଦ୍ୟାଭାବ ଦୂର କରିବା ବର୍ତ୍ତମାନ ସମୟର ଏକ ବିଶେଷ ଆହ୍ୱାନ ହୋଇପଡ଼ିଛି ।କେବଳ 'ସବୁଜ ବିପ୍ଳବ'ମାଧ୍ୟମରେ ଭାରତ ତା'ର ଏହି ଲକ୍ଷ୍ୟ ପରିପୂରଣ ସମର୍ଥ ହୋଇପାରିବ । 'ସବୁଜ ବିପ୍ଳବ'ର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଦେଶକୁ ଶସ୍ୟଶ୍ୟାମଳା ତଥା ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିବା ।

**ଭାରତର କୃଷି ସଭ୍ୟତା:** ଭାରତର କୃଷି ସଭ୍ୟତା ବହୁ ପ୍ରାଚୀନ । ବୈଦିକ ଋଷି ଦେଶର କୃଷି ବ୍ୟବସ୍ଥା ତଥା ଗୋସମ୍ପଦର ଉନ୍ନତି ନିମିତ୍ତ ଯାଗଯଜ୍ଞ କରୁଥିଲେ । କୃଷିର ବିକାଶ ଦ୍ୱାରା ଦେଶ ଉନ୍ନତି ଲାଭ କରିଥାଏ । ଦେଶର ଅର୍ଥନୀତିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଏହାର ଅବଦାନ ସର୍ବଦା ସ୍ୱୀକାର୍ଯ୍ୟ । ଏବେ ମଧ୍ୟ ଭାରତର ଶତକଡ଼ା ୭୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । କୃଷିର ଉନ୍ନତି ବ୍ୟତିରେକେ ଭାରତର ସଭ୍ୟତା ଓ ସଂସ୍କୃତି ଉନ୍ନତି ଲାଭ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ପରାଧୀନ ଭାରତରେ ବିଭିନ୍ନ କାରଣରୁ କୃଷି ସଭ୍ୟତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଏ ଦେଶର ବୈଦେଶିକ ଶାସକ ଏହାର ଉନ୍ନତି ନିମିତ୍ତ ପ୍ରଶାସନିକ ସ୍ତରରେ ବିଶେଷ କିଛି ଉଲ୍ଲେଖଯୋଗ୍ୟ ପଦକ୍ଷେପ ଗ୍ରହଣ କରିପାରିନଥିଲେ । ଶୋଷଣ ଥିଲା ସେମାନଙ୍କ ଶାସନର ଲକ୍ଷ୍ୟ । ଏକଦା କୃଷିକ୍ଷେତ୍ରରେ ଭାରତ ଏପରି ଏକ ଅବସ୍ଥାରେ ଉପନୀତ ହୋଇଥିଲା, ଯେତେବେଳେ ସମଗ୍ର ବିଶ୍ୱ ଅନୁଭବ କରିଥିଲା ଭାରତ ତା'ର କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାରେ ଅସମର୍ଥ ହେବ । ୧୯୪୫ ମସିହା ପର୍ଯ୍ୟନ୍ତ ଭାରତ ତା'ର ଅଧିବାସୀଙ୍କ ଖାଦ୍ୟାଭାବ ପୂରଣ ନିମିତ୍ତ ଅନ୍ୟଦେଶ ନିକଟରେ ହାତ ପତାଇ ଦାନ ଗ୍ରହଣ କରୁଥିଲା । ଭାରତର ବିଭାଜନ ଏବଂ ଜନସଂଖ୍ୟାର ଆଶାତିରିକ୍ତ ବୃଦ୍ଧି ଯୋଗୁଁ ଏପରି ଏକ ସମସ୍ୟାର ଉଦ୍ଭବ ହୋଇଥିଲା । ନିରାଶ ଏବଂ ହତାଶ ମଧ୍ୟରେ ଏ ଦେଶର ଜନସାଧାରଣ କାଳାତିପାତ କରୁଥିଲେ । ଅତୀତରେ ଯେଉଁ କୃଷି ମାଧ୍ୟମରେ ଭାରତ ଉନ୍ନତିର ଚରମସୀମାରେ ଉପନୀତ

ହୋଇଥିଲା, ତା'ର ବିପର୍ଯ୍ୟୟ ଯୋଗୁଁ ଭାରତବାସୀ 'ହାଅନ୍ନ' ଚିତ୍କାରରେ ଗଗନପବନ ମୁଖରିତ କରିଥିଲେ । ସ୍ୱାଧୀନତା ପରେ ଦେଶୀୟ ସରକାରଙ୍କ ଉଦ୍ୟମରେ କୃଷିର ବିକାଶ ଉପରେ ଅଧିକ ଧ୍ୟାନ ନିବେଶ କରାଗଲା । ବିଭିନ୍ନ ଯୋଜନା ପ୍ରଣୟନ ସମୟରେ କୃଷିର ବିକାଶ ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲା । ପାରମ୍ପରିକ କୃଷିନୀତି ପରିହାର କରାଯାଇ ନୂତନ କୃଷିନୀତିକୁ ଗ୍ରହଣ କରାଗଲା । ପାରମ୍ପରିକ ବିହନ ପରିବର୍ତ୍ତେ ବହୁ ଅମଳକ୍ଷମ ବିହନ, ରାସାୟନିକ ସାର, କୀଟନାଶକ ଔଷଧ, ଜଳସେଚନ ଆଦି ଉପରେ ଗୁରୁତ୍ୱ ଦିଆଗଲା । କୃଷିକୁ ମଧ୍ୟ ଗୋଟିଏ ଶିଳ୍ପର ମର୍ଯ୍ୟାଦା ପ୍ରଦାନ କରାଗଲା । ଏବେ ମଧ୍ୟ ଆନ୍ଧ୍ରପ୍ରଦେଶ ଓ ଅନ୍ୟ କେତେକ ପ୍ରଦେଶରେ କୃଷିକୁ ଏକ ବ୍ୟବସାୟ ଭାବରେ ଗ୍ରହଣ କରାଯାଇଛି । ବିଭିନ୍ନ ଋଣ ତଥା କୃଷି ଉପକରଣ ଯୋଗାଇ ଦିଆଯାଉଛି । ସରକାରୀ ତଥା ବିଭିନ୍ନ ଘରୋଇ ଉଦ୍ୟମ ଯୋଗୁଁ ଆଜି ଭାରତ କୃଷି ଉତ୍ପାଦନ ପଦାର୍ଥ କ୍ଷେତ୍ରରେ ବହୁପରିମାଣରେ ସ୍ୱାବଲମ୍ବନଶୀଳ ।

**ଖାଦ୍ୟ ସମସ୍ୟାର ବିଭିନ୍ନ ଦିଗ:** ଭାରତରେ ଖାଦ୍ୟସମସ୍ୟା ସୃଷ୍ଟି ହେବାର କେତୋଟି କାରଣ ମଧ୍ୟରୁ ଜନସଂଖ୍ୟା ବୃଦ୍ଧି ସବୁଠାରୁ ମୁଖ୍ୟ କାରଣ । ୧୯୯୧ ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ୮୪.୪ କୋଟି ଥିବା ସମୟରେ ବର୍ତ୍ତମାନ ତାହା ୧୦୮କୋଟିରେ ପହଞ୍ଚିଲାଣି । ଏତେ ପରିମାଣର ଲୋକମାନଙ୍କ ପାଇଁ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନର ଆବଶ୍ୟକତା ରହିଛି । ଜନସଂଖ୍ୟା ଅନୁଯାୟୀ ଜମିର ପରିମାଣ ବୃଦ୍ଧି ପାଉ ନାହିଁ । ବରଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ପ୍ରତିବର୍ଷ ମୁଣ୍ଡପିଛା ଜମିର ପରିମାଣ ହ୍ରାସ ପାଇବାରେ ଲାଗିଛି । ଦିନକୁ ଦିନ ଜଙ୍ଗଲ କଟାଯାଉଥିବାରୁ ତା'ର କୁପ୍ରଭାବ କୃଷି ଅର୍ଥନୀତି ଉପରେ ପଡୁଛି । ଅନିୟମିତ ବର୍ଷା ବା ପ୍ରଚୁର ବର୍ଷା କୃଷିର ପ୍ରଭୂତ କ୍ଷତି ସାଧନ କରୁଛି ।ଭାରତ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ମରୁଡ଼ି, ବାତ୍ୟା ଆଦିର ସମ୍ମୁଖୀନ ହେଉଥିବାରୁ କୃଷି ଉତ୍ପାଦନ ହ୍ରାସ ପାଉଛି ।ଭାରତରେ ଥିବା କୃଷି ଜମି ମଧ୍ୟରୁ ମାତ୍ର ୪୦/୪୧ଭାଗ ଜମି ଜଳସେଚିତ । ଅନ୍ୟ ଜମି ଗୁଡ଼ିକ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭରଶୀଳ । ଅନିୟମିତ ବର୍ଷା ହେଲେ କିମ୍ବା ଅଧିକ ବର୍ଷା ହେଲେ କୃଷି ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ । ଜଳସେଚନର ସୁବିଧା କରାଯାଇ ନପାରିଲେ କୃଷି ଉତ୍ପାଦନ ବୃଦ୍ଧି ଘଟିବା ସମ୍ଭବପର ନୁହେଁ । କେତେକ କ୍ଷେତ୍ରରେ ପରିଲକ୍ଷିତ ହେଉଛି, ଯେଉଁମାନଙ୍କର ଜମି ଅଛି ସେମାନେ କୃଷି କାର୍ଯ୍ୟ କରୁନାହାନ୍ତି;ଅଥଚ ଯେଉଁମାନଙ୍କର ଜମି ନାହିଁ ସେମାନେ କୃଷି ଉପରେ ନିର୍ଭରକରୁଛନ୍ତି । ଫଳତଃ ନିଜର ଜମି ହୋଇନଥିବାରୁ ଜମି ମଧ୍ୟ ପଡ଼ିଆ ରହୁଛି । ସାମ୍ପ୍ରତିକ ପରିପ୍ରେକ୍ଷୀରେ ଭୂସଂସ୍କାର ବା ଜମିର ସୁଷମବଣ୍ଟନର ଆବଶ୍ୟକତା ରହିଛି । ଏହା ହୋଇ ନପାରିଲେ ଭାରତର 'ସବୁଜ ବିପ୍ଳବ' ସଫଳ ହୋଇପାରିବନାହିଁ । ଏବେ ମଧ୍ୟ ଅଧିକାଂଶ କୃଷକ ପାରମ୍ପରିକ ରୀତିରେ କୃଷିକାର୍ଯ୍ୟ କରୁଥିବାରୁ ଅଧିକ ଫସଲ ଅମଳ କରିବାକୁ ସମର୍ଥ ହୋଇପାରୁନାହାନ୍ତି । ବାରମ୍ବାର ଚାଷ ଯୋଗୁଁ ଜମିର ଉତ୍ପାଦିକା ଶକ୍ତି ହ୍ରାସ ପାଉଛି । ଗରିବ କୃଷକ କୃଷି କ୍ଷେତ୍ରକୁ ସବଳ କରିବା ନିମିତ୍ତ ଯେଉଁ ପରିମାଣରେ ସାର, ଔଷଧ ପ୍ରୟୋଗ କରିବା ଆବଶ୍ୟକ, ଅର୍ଥାଭାବରୁ ତାହା କରିପାରୁନାହାନ୍ତି ।ତେଣୁ ଜମିରୁ ଶସ୍ୟ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି । ଶସ୍ୟ ଉତ୍ପନ୍ନ ସମୟରେ କେତେକ କଳାବଜାରୀ ଖାଦ୍ୟ ଶସ୍ୟ ସଂଗ୍ରହ କରି ଆବଶ୍ୟକ ବେଳେ ବଜାରକୁ ନଛାଡ଼ିବା ଯୋଗୁଁ କୃତ୍ରିମ ଖାଦ୍ୟାଭାବ ସୃଷ୍ଟି ହେଉଛି । ସରକାରୀ ସ୍ତରରେ ଏହାକୁ ରୋକିବା ପାଇଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସାମାଜିକ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଖାଦ୍ୟ ଶସ୍ୟ ହ୍ରାସର

ଅନ୍ୟତମ କାରଣ । ଏହି ଅସ୍ଥିରତା ଯୋଗୁଁ ନିର୍ଦ୍ଦିଷ୍ଟ କୃଷିନୀତି ପ୍ରଣୟନ କରାଯାଇପାରୁନଥିବାରୁ ଆବଶ୍ୟକ ଅନୁଯାୟୀ ଖାଦ୍ୟ ଶସ୍ୟର ଅଭାବ ପରିପୂରଣ ହୋଇପାରୁନାହିଁ ।

**ଭାରତର ପଞ୍ଚବାର୍ଷିକ ଯୋଜନାରେ କୃଷିର ଉନ୍ନତି:** ୧୯୫୦ ମସିହାରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଉଦ୍ୟମରେ ଯୋଜନା କମିଶନ ପ୍ରତିଷ୍ଠା ଲାଭ କରିବା ପରେ ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।ଏହି ପଞ୍ଚବାର୍ଷିକ ଯୋଜନାରେ ଖାଦ୍ୟାଭାବର ଦୂରୀକରଣ ନିମିତ୍ତ କୃଷି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଗଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଯେଉଁ ପରିମାଣରେ ସଫଳତା ହାସଲ କରିଥିଲା, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ସେହି ସଫଳତା ହାସଲ କରିପାରିଲା ନାହିଁ । କାରଣ ଏହି ଯୋଜନାରେ କୃଷି ଅପେକ୍ଷା ଗୁରୁଶିଳ୍ପ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଗଲା । ତେଣୁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟସୀମା ମଧ୍ୟରେ ଭାରତର କେତେକ ସ୍ଥାନରେ ବନ୍ୟା, ଦୁର୍ଭିକ୍ଷ ପରି ପ୍ରାକୃତିକ ବିପର୍ଯ୍ୟୟ , କୃଷି ପ୍ରତି ଉଦାସୀନ ଦୃଷ୍ଟିଭଙ୍ଗୀ ଆଦି ଯୋଗୁଁ ଖାଦ୍ୟଶସ୍ୟର ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଲା । ଏହି ସମୟରେ ଭାରତରେ ସମୁଦାୟ ୯୨ ନିୟୁତ ଟନ ଖାଦ୍ୟ ଶସ୍ୟ ଆବଶ୍ୟକ ସମୟରେ ଉତ୍ପାଦିତ ହୋଇଥିଲା, ମାତ୍ର ୬୮ ନିୟୁତ ଟନ । ତୃତୀୟ ପଞ୍ଚ ବାର୍ଷିକ ଯୋଜନାରେ ମଧ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ ହ୍ରାସ ପାଇଥିଲା । ୧୯୬୪-୬୫ରେ ୮୮.୮ ନିୟୁତ ଟନ ଖାଦ୍ୟ ଉତ୍ପାଦିତ ହୋଇଥିବା ବେଳେ ୧୬୫-୬୬ ମଧ୍ୟରେ ୧୯ ଶତକଡ଼ା ଶସ୍ୟ ଉତ୍ପାଦନ କମିଯାଇଥିଲା । ସେଥିପାଇଁ ଭାରତ ଆମେରିକାରୁ ବହୁ ପରିମାଣରେ ଖାଦ୍ୟ ଶସ୍ୟ ଆମଦାନୀ କରିବାକୁ ବାଧ୍ୟ ହୋଇଥିଲା । ୧୯୬୬-୬୮ ମସିହା ବେଳକୁ ଭାରତରେ 'ସବୁଜ ବିପ୍ଳବ' ସଫଳତା ଦିଗକୁ ଅଗ୍ରସର ହୋଇଥିଲା । ୧୯୬୮ ମସିହାରେ ୯୨ ନିୟୁତ ଟନ୍ ଶସ୍ୟ ଉତ୍ପନ୍ନ ହୋଇଥିବା ସମୟରେ ୧୯୫୯ ମସିହାରେ ଏହା ୯୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଥିଲା । ୧୯୭୦ ମସିହା ବେଳକୁ ଏହା ଅସମ୍ଭବ ଭାବେ ୧୦୮ ନିୟୁତ ଟନ୍‌ରେ ପହଞ୍ଚିଥିଲା । ନୂତନ କୃଷିନୀତିର ପ୍ରଚଳନ ଯୋଗୁଁ ଏପରି ସଫଳତା ମିଳିପାରିଥିଲା । ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ପ୍ରୟୋଗ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇଥିଲା । ଆନ୍ତର୍ଜାତୀୟ ଶସ୍ୟ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଉଦ୍ଭାବିତ ଅଧିକ ଅମଳକ୍ଷମ ବିହନ ଆଇ.ଆର.-୮ ଏବଂ ଅନ୍ୟାନ୍ୟ ବିହନର ପ୍ରୟୋଗ କୃଷି କ୍ଷେତ୍ରରେ କରାଗଲା । ଏତଦ୍‌ବ୍ୟତୀତ ୧୯୪୬ ମସିହାରେ ଓଡ଼ିଶାରେ କଟକ ନିକଟବର୍ତ୍ତୀ ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ୧୯୬୨ ମସିହାରେ ଫିଲିପାଇନ୍‌ସରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ପୂର୍ବରୁ ଏହା ଥିଲା ବିଶ୍ୱର ବୃହତ୍ ଧାନ ଗବେଷଣାକେନ୍ଦ୍ର । ବର୍ତ୍ତମାନ ଏହା ବିଶ୍ୱର ଦ୍ୱିତୀୟ ବୃହତ୍ ଧାନ ଗବେଷଣାକେନ୍ଦ୍ର ରୂପେ ସ୍ୱୀକୃତି ଲାଭ କରିଛି । ଏହି କେନ୍ଦ୍ର ବର୍ତ୍ତମାନ ସୁଦ୍ଧା ୪୮ଟି ଅଧିକ ଅମଳକ୍ଷମ ଧାନ ଉଦ୍ଭାବନ କରିଛି । ଅଧିକ ଉତ୍ପାଦନକ୍ଷମ ବିହନ ଓ ଜାପାନର କୃଷି କୌଶଳର ଅବଲମ୍ବନ ଦ୍ୱାରା ଭାରତରେ ପ୍ରଚୁର ପରିମାଣରେ ଶସ୍ୟ ଉତ୍ପାଦିତ ହୋଇପାରିଲା । ଭାରତର ବିଭିନ୍ନ ସ୍ଥାନର ମୃତ୍ତିକାକୁ ଲକ୍ଷ୍ୟ କରି ବିଭିନ୍ନ କିସମର ବିହନ ଉଦ୍ଭାବିତ ହୋଇଛି ।ଏହି ବହୁ ଅମଳକ୍ଷମ ଧାନ ବିହନ ମଧ୍ୟରେ ବିଜୟା, କ୍ରିଷ୍ଣା, ରତ୍ନା, ପଦ୍ମା, କାବେରୀ, ଜୟା, ହୀରା, ସୁପରଫାଷ୍ଟ, ସତାରୀ, ଧଳାହୀରା, ସ୍ନେହ, ସାଙ୍କେତ, କଳିଙ୍ଗ, ସରସା, ଉଦୟ, ଲୁଣିଶ୍ରୀ, ସୁନାମଣି ଆଦି ପ୍ରଧାନ । କେବଳ ଧାନ କ୍ଷେତ୍ରରେ ନୁହେଁ ଗହମ କ୍ଷେତ୍ରରେ ମଧ୍ୟ ଭାରତ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି ।

ଭାରତୀୟ କୃଷି ବୈଜ୍ଞାନିକଗଣ ବିଭିନ୍ନ ପ୍ରକାର ବହୁ ଅମଳକ୍ଷମ ଗହମ ବିହନ ଉଦ୍ଭାବନ କରିବାକୁ ସମର୍ଥ ହୋଇଛନ୍ତି । ସେହି ବିହନ ଗୁଡ଼ିକ ମଧ୍ୟରୁ ହୀରା, ମୋତି, ସେରା, ଆଦି ପ୍ରଧାନ । ଏତଦ୍‌ବ୍ୟତୀତ ତୈଳବୀଜ, ବାଜରା, କପା, ମାଣ୍ଡିଆ, ମକା, ସୋୟାବିନ, ନଡ଼ିଆ ବିଭିନ୍ନ ପନିପରିବା ଆଦି କ୍ଷେତ୍ରରେ ମଧ୍ୟ ଆମର ଉତ୍ପାଦନ ବୃଦ୍ଧି ହୋଇଛି । ନୂତନ ଧରଣର ବହୁ ଅମଳକ୍ଷମ ବିହନ ନିମିତ୍ତ ଓ ପରିମାଣରେ ରାସାୟନିକ ସାର, ଉପଯୁକ୍ତ ଜଳ, କୀଟନାଶକ ଔଷଧ ଆଦିର ଆବଶ୍ୟକ ହୋଇଥାଏ । ସାର ଔଷଧ ଓ ଜଳସେଚନର ସୁବିଧାଯୋଗୁଁ ୧୯୭୫ମସିହାରେ ୧୨୧.୦୩ ନିୟୁତ ଟନ୍, ୧୯୭୭-୭୮ରେ ୧୨୧ନିୟୁତ ଟନ୍ ଶସ୍ୟ ଉତ୍ପାଦନ ହୋଇଥିବା ସମୟରେ ୧୯୮୨-୮୩ମସିହାରେ ଏହା ପ୍ରାୟ ୧୪୪ ନିୟୁତ ଟନ୍‌ରେ ପହଞ୍ଚିପାରିଥିଲା । ୮ମ ପଞ୍ଚବାର୍ଷିକ ଯୋଜନାରେ 'ସବୁଜ ବିପ୍ଳବ' କ୍ଷେତ୍ରରେ ଭାରତ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିଲା । ଏହି ସମୟରେ ସବୁଠାରୁ ଅଧିକ ପ୍ରାୟ ୨୩୩ନିୟୁତ ଟନ୍ ଶସ୍ୟ ଉତ୍ପାଦିତ ହୋଇଥିଲା । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ବିଭିନ୍ନ କୃଷି ଉପରେ ଗୁରୁତ୍ୱ ଆରୋପ କରାଯାଉଥିବାରୁ ଏ ପ୍ରକାର ସଫଳତା ପ୍ରତି ହବା ସମ୍ଭବ ହୋଇପାରିଛି । କେବଳ ରାସାୟନିକ ସାର ବା କୀଟନାଶକ ଔଷଧ ନୁହେଁ, ଭାରତୀୟ କୃଷକ ଏହି ସମୟରେ ଟ୍ରାକ୍ଟର ଓ ପାୱାରଟ୍ରେଲର ଦ୍ୱାରା କୃଷି କାର୍ଯ୍ୟ କରିବାରୁ ବଳଦମାନଙ୍କ ଅପେକ୍ଷା ଅଧିକ ଏବଂ ଶୀଘ୍ର କୃଷି କାର୍ଯ୍ୟ ସମ୍ପନ୍ନ କରିବାକୁ ସମର୍ଥ ହୋଇପାରିଛନ୍ତି । ବିଭିନ୍ନ ପଞ୍ଚ ବାର୍ଷିକ ଯୋଜନାରେ ଜଳସେଚିତ ଜମିର ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ଅଧିକ ଶସ୍ୟ ଉତ୍ପାଦନ ଯୋଗୁଁ ଭାରତ ଆଫଗାନିସ୍ଥାନ, ଭିଏତନାମ, ଇଣ୍ଡୋନେସିଆ ପ୍ରଭୃତି ଦେଶକୁ ଶସ୍ୟ ରପ୍ତାନି କରିବାକୁ ସମର୍ଥ ହୋଇଛି । ଏହାଦ୍ୱାରା ବୈଦେଶିକ ମୁଦ୍ରା ଅର୍ଜନ କରିବାକୁ ଆମେ ସମର୍ଥ ହୋଇପାରୁଛୁ । ଏହା ସତ୍ତ୍ୱେ କୃଷି ଉତ୍ପାଦନ କ୍ଷେତ୍ରରେ ଆମେ ସଂପୂର୍ଣ୍ଣ ରୂପେ ସଫଳତା ଅର୍ଜନ କରିପାରୁନାହୁଁ । ନବମ ପଞ୍ଚ ବାର୍ଷିକ ଯୋଜନାରେ କୃଷି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆଶା କରାଯାଏ, ଏହି ଯୋଜନାରେ ଭାରତ ନିଶ୍ଚିତଭାବେ ଅଧିକ କୃଷି ପଦାର୍ଥ ଉତ୍ପନ୍ନ କରିବାକୁ ସଫଳ ହୋଇପାରିବ ।

**କୃଷିର ବିକାଶ ନିମିତ୍ତ କେତେକ ପଦକ୍ଷେପ:** ସବୁଜ ବିପ୍ଳବର ସଫଳତା ନିମିତ୍ତ କୃଷିର ବିକାଶ ଅତ୍ୟନ୍ତ ଜରୁରୀ । କୃଷିର ବିକାଶ ନିମିତ୍ତ କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇ ପାରିଲେ ଭାରତରେ ଶସ୍ୟ ଉତ୍ପାଦନ ନିଶ୍ଚିତ ଭାବରେ ବୃଦ୍ଧି ପାଇବ । ହଳ କାର୍ଯ୍ୟରେ ବଳଦର ବ୍ୟବହାର ପରିବର୍ତ୍ତେ ଟ୍ରାକ୍ଟର କିମ୍ବା ପାୱାରଟିଲର ବ୍ୟବହାର କଲେ ସ୍ୱଳ୍ପସମୟ ତଥା କମ୍ ମଜୁରୀ ଦ୍ୱାରା ଅଧିକ ଜମିରେ କୃଷି କାର୍ଯ୍ୟ କରାଯାଇପାରିବ । କୃଷକମାନଙ୍କୁ କୃଷି ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରଶିକ୍ଷଣ ପ୍ରଦାନ କରାଗଲେ ବିଭିନ୍ନ ନୂତନ ଚାଷ ପ୍ରଣାଳୀ ସମ୍ପର୍କରେ ଅବହିତ ହୋଇପାରିବେ । କାରଣ ଭାରତର ଅଧିକାଂଶ କୃଷକ ଅଶିକ୍ଷିତ ବା ସ୍ୱଳ୍ପଶିକ୍ଷିତ ହୋଇଥିବାରୁ ସରକାରୀ ଯୋଜନା ତଥା ନୂତନ କୃଷିନିତିର ଆବିଷ୍କାର ସଂପର୍କରେ ଅନଭିଜ୍ଞ । ବିଶ୍ୱର କୃଷି ନୀତିରେ ଯେଉଁ ପରିବର୍ତ୍ତନ ଘଟୁଛି ବିଭିନ୍ନ ଗଣ ମାଧ୍ୟମ ଦ୍ୱାରା ତାହା ଭାରତୀୟ କୃଷକ ନିକଟରେ ପହଞ୍ଚିବା ଆବଶ୍ୟକ । ଅବଶ୍ୟ ରେଡ଼ିଓ, ଟେଲିଭିଜନ ଆଦିରେ କୃଷି ସଂପର୍କୀୟ କାର୍ଯ୍ୟକ୍ରମର ପ୍ରସାରଣ ହୋଇଛି, ମାତ୍ର ତାହାର ଯଥାର୍ଥ ସୁଫଳ ସେମାନେ ପାଇପାରୁନାହାନ୍ତି । ବର୍ତ୍ତମାନ ଏହାକୁ ଆହୁରି ଅଧିକ ବ୍ୟାପକ କରିବାକୁ ପଡ଼ିବ । ହେକ୍ଟର ପିଛା କେତେ ପରିମାଣରେ ସାର ଓ ଔଷଧ ପ୍ରୟୋଗ କରିବା ଉଚିତ, ତାହା ଅଧିକାଂଶ କୃଷକ ଅବହିତ ନୁହଁନ୍ତି । ପୁନରାୟ ଆର୍ଥିକ କାରଣରୁ ଉପଯୁକ୍ତ

ପରିମାଣର ସାର ତଥା ଔଷଧ ଦବାକୁ ବହୁ କୃଷକ ଅସମର୍ଥ । ସରକାରୀ ସ୍ତରରେ କୃଷିର ଋଣ ମାଧ୍ୟମରେ ସାର, ଔଷଧ ଯୋଗାଇ ଦିଆଯାଇପାରିଲେ ଏବଂ ଶସ୍ୟ ଉତ୍ପାଦନ ପରେ ଶସ୍ୟ ଆକାରରେ କୃଷକମାନଙ୍କ ଠାରୁ ତା'ର ମୂଲ୍ୟ ଗ୍ରହଣ କରାଗଲେ ନିଶ୍ଚିତଭାବରେ ଉତ୍ପାଦନ ବୃଦ୍ଧି ପାଇପାରନ୍ତା । ବୈଜ୍ଞାନିକ ପ୍ରଣାଳୀରେ କୃଷି ଦ୍ୱାରା ଅଧିକ ଶସ୍ୟ ଉତ୍ପାଦନ ନିମିତ୍ତ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏତଦ୍‌ବ୍ୟତୀତ ଗୋଟିଏ ଜମିରୁ କିପରି ବର୍ଷରେ ୩/୪ଥର ଫସଲ ଉତ୍ପନ୍ନ ହୋଇପାରିବ, ସେ ସମ୍ପର୍କରେ କୃଷକମାନଙ୍କୁ ବିଶେଷଜ୍ଞଗଣ ପ୍ରଶିକ୍ଷଣ ଦବା ଉଚିତ । ଆମ କୃଷକ କେବଳ ଧାନ ଓ ଗହମ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେହି ଜମିରୁ ଧାନ ଏବଂ ଗହମ ସହିତ ଅନ୍ୟାନ୍ୟ ଡାଲି ଜାତୀୟ, ତୈଳଜାତୀୟ ବା ପନିପରିବା କିପରି ଉତ୍ପନ୍ନ ହୋଇପାରିବ, ସେଥିପ୍ରତି ଦୃଷ୍ଟି ପ୍ରଦାନ କରାଯିବା ବିଧେୟ । ଅଧିକାଂଶ ଚାଷୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ 'ସବୁଜ ବିପ୍ଳବ' ଯେଉଁ ପରିମାଣରେ ସାର୍ଥକ ହେବା କଥା ତାହା ହୋଇପାରୁନାହିଁ । ଋଣ ମାଧ୍ୟମରେ ସେମାନଙ୍କର ଆର୍ଥିକ ବ୍ୟବସ୍ଥାର ଉନ୍ନତି କରାଯାଇ ପାରିଲେ ସରକାରଙ୍କ ଆହ୍ୱାନ ସଫଳ ହୋଇପାରନ୍ତା । ଏତଦ୍‌ବ୍ୟତୀତ ଜମିର ସୁଷମବଣ୍ଟନ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ପ୍ରକୃତରେ ଯେଉଁମାନେ ଚାଷୀ, ସେମାନଙ୍କ ନିକଟରେ ଚାଷ ଜମି ନାହିଁ; ଅଥଚ ଯେଉଁମାନେ ଚାଷୀ ନୁହଁନ୍ତି, ସେମାନଙ୍କ ନିକଟରେ ପ୍ରଚୁର ଚାଷ ଜମି ରହିଛି । ସରକାରୀ ସ୍ତରରେ ଭୂସଂସ୍କାର ଆଇନ୍‌ଦ୍ୱାରା ଜମିର ଉପଯୁକ୍ତ ବଣ୍ଟନ କରାଯାଇପାରିଲେ, ପଡ଼ିଆ ରହୁଥିବା ଚାଷ ଜମିଗୁଡ଼ିକର ମଧ୍ୟ ଯଥୋପଯୋଗ କରାଯାଇପାରନ୍ତା ଭାରତରେ ଅଧିକାଂଶ ଚାଷ ଜମି ଅଣଜଳସେଚିତ । ଜଳସେଚନ ଅଧିକ ପରିମାଣରେ କରାଗଲେ ଶସ୍ୟ ଉତ୍ପାଦନର ପରିମାଣ ମଧ୍ୟ ବୃଦ୍ଧି ପାଆନ୍ତା । ଅବଶ୍ୟ ଏପ୍ରକାର କେତେକ ବିହନ ଉଦ୍ଭାବିତ ହୋଇଥିଲେ ହେଁ, ଆବଶ୍ୟକତା ଅନୁଯାୟୀ ତାହା ଯଥେଷ୍ଟ ଉପଯୋଗୀ ହୋଇପାରୁନାହିଁ । ଅନେକ ସମୟରେ କଳାବଜାରୀମାନଙ୍କ ଦ୍ୱାରା ଗରିବ କୃଷିକୂଳ ଶୋଷିତ ହୋଇଥାନ୍ତି । ସରକାରୀରସ୍ତରରେ କୃଷିଜାତ ପଦାର୍ଥ କ୍ରୟ ଓ ବଣ୍ଟନର ବ୍ୟବସ୍ଥା କରାଗଲେ କୃଷକମାନେ ଉପକୃତ ହେବା ସଂଗେସଂଗ 'ସବୁଜ ବିପ୍ଳବ'ର ଆହ୍ୱାନ ବହୁପରିମାଣରେ ସାକାର ହୋଇପାରନ୍ତା ।

**ସାମାଜିକ ଓ ରଜନୀତିକ ଦିଗ:** ଅନେକ ସମୟରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ତଥା ଦୁର୍ନୀତି 'ସବୁଜ ବିପ୍ଳବ'ର ପରିପନ୍ଥୀ ରୂପେ କାର୍ଯ୍ୟ କରିଥାଏ । ରାଜନୀତିକ କାରଣରୁ ସମାଜର ପ୍ରତିଷ୍ଠିତ ବ୍ୟକ୍ତି କୃଷିଋଣ ଲାଭ କରିଥାନ୍ତି । ଅଥଚ ସେମାନେ କୃଷିକାର୍ଯ୍ୟ କରିନଥାନ୍ତି । ଗରିବ କୃଷକ ହାତରେ ସମ୍ବଳର ଅଭାବ, ଅଥଚ ଧନୀବ୍ୟକ୍ତି କୃଷିଋଣ ଲାଭ କରି ଅଧିକ ଧନୀ ହେବାରେ ଲାଗିଛନ୍ତି । ଯେଉଁମାନେ ପ୍ରକୃତରେ କୃଷି ଉପରେ ନିର୍ଭରଶୀଳ, ସେମାନେ ଉପଯୁକ୍ତ ସୁବିଧା ଲାଭ କରିପାରୁନାହାନ୍ତି । ସରକାରୀ ସ୍ତରରେ ଯେଉଁମାନେ କୃଷି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସଫଳତା ନିମିତ୍ତ ପୁରସ୍କୃତ ହେଉଛନ୍ତି ସେମାନେ ମୁଖ୍ୟତଃ ଏହି ଧନୀ ଶ୍ରେଣୀର । ପ୍ରକୃତ କୃଷକ ଉପଯୁକ୍ତ ପ୍ରାପ୍ୟ ଓ ପ୍ରୋତ୍ସାହନ ଅଭାବରୁ ନିରୁତ୍ସାହିତ ହେଉଛି ଓ 'ସବୁଜ ବିପ୍ଳବ' ର ଅର୍ଥ ତା' ନିକଟରେ ଦୁର୍ବୋଧ ହୋଇପଡୁଛି । ତେଣୁ ଭାରତରେ କୃଷି ବ୍ୟବସ୍ଥାକୁ ରାଜନୈତିକ ବାଧବାଧକତା ଓ ଦୁର୍ନୀତିରୁ ମୁକ୍ତ ରଖାଯାଇପାରିଲେ ଏହି କୃଷି ଆନ୍ଦୋଳନ ବହୁ ପରିମାଣରେ ସଫଳ ହୋଇପାରନ୍ତା ।

**ଉପସଂହାର:** ଭାରତ କୃଷି ଉତ୍ପାଦନ କ୍ଷେତ୍ରରେ ବହୁ ପରିମାଣରେ ସ୍ୱାବଲମ୍ବନଶୀଳ ହୋଇପାରିଛି । ମାତ୍ର ଯେଉଁ ପରିମାଣରେ ଜନସଂଖ୍ୟାର ବୃଦ୍ଧି ଘଟୁଛି, ସେଥିପାଇଁ ଆହୁରି ଅଧିକ ଶସ୍ୟ ଉତ୍ପାଦନର ଆବଶ୍ୟକତା ରହିଛି । କୃଷି ଗବେଷଣା ନିମିତ୍ତ ଯେଉଁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ନିଶ୍ଚିତି ଭାବରେ ଆଶ୍ୱାସନାର ବିଷୟ । ଏହାକୁ ଅଧିକ ସକ୍ରିୟ ଓ ସମାଜୋପଯୋଗୀ  କରିବାର ଆବଶ୍ୟକତା ରହିଛି । କୃଷକମାନଙ୍କୁ ପ୍ରୋତ୍ସାହନ ଓ ଋଣ ଯୋଗାଇଦେଇ ‘ସବୁଜ ଆନ୍ଦୋଳନ’କୁ ଅଧିକ ସକ୍ରିୟ କରିବାକୁ ପଡ଼ିବ । କୃଷିକୁ ମଧ୍ୟ ଏକ ବ୍ୟବସାୟର ମର୍ଯ୍ୟାଦା ପ୍ରଦାନ କରିବାକୁ ପଡ଼ିବ । କାରଣ ଭାରତରେ କୃଷିକୁ ଜୀବିକା ଭାବରେ ଗ୍ରଣ କରିନେଇଥିବା କୃଷକ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ ନୁହନ୍ତି । ସେମାନେ ଅନେକ ସମୟରେ ଶୋଷଣ ଶିକାର ହୋଇଥାନ୍ତି । କୃଷକମାନଙ୍କ ପ୍ରତି ଆମ ସମାଜରେ ରହିଥିବା ଦୃଷ୍ଟିଭଙ୍ଗୀର ମଧ୍ୟ ପରିବର୍ତ୍ତନ ଆସିବା ସର୍ବାଦୌ ଆବଶ୍ୟକ । ସେମାନେ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ଲାଭ କରିନପାରିଲେ, ଏ କ୍ଷେତ୍ରରେ ଉତ୍ସାହିତ ହେବେନାହିଁ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକମାନଙ୍କୁ ଋଣ ଛାଡ଼, ନୂତନ ଋଣ ପ୍ରଦାନ ଆଦିର ବ୍ୟବସ୍ଥା କରାଯିବା ସଂଗେସଂଗେ ନୂତନ କୃଷିକୌଶଳ ଯୋଗାଇଦେଇ ଉତ୍ପାଦିତ ଶସ୍ୟର ବଜାର ନିମିତ୍ତ ସରକାରୀସ୍ତରରେ ଉଦ୍ୟମ ଜାରି ରହିଲେ ଭାରତରେ ‘ସବୁଜ ଆନ୍ଦୋଳନ’ ବା ‘ସବୁଜ ବିପ୍ଳବ’ ନିଶ୍ଚିତ ଭାବରେ ସଫଳ ହୋଇପାରିବ ।



ଟିପ୍ପଣୀ

# ୬.୩ ବିଜ୍ଞାନ ଓ କୃଷି

**ଉପକ୍ରମ:** ଖାଦ୍ୟ ଓ ଜଳ ମଣିଷର ପ୍ରାଥମିକ ଆବଶ୍ୟକତା । ବୋଧହୁଏ ମାନବର ଏ ଦୁଇଟି ସମସ୍ୟା ପରିପୂରଣ ହୋଇଗଲେ ଅନ୍ୟାନ୍ୟ ସମସ୍ୟା ତା' ନିକଟରେ ଏତେ ବିରାଟ ହୋଇ ଦେଖାଦେବ ନାହିଁ । ପ୍ରାଚୀନ କାଳରେ ମଣିଷ ଯେତେବେଳେ ବଣଜଙ୍ଗଲରେ ବାସ କରୁଥିଲା, କୃଷି ସମ୍ପର୍କରେ ଅନଭିଜ୍ଞ ଥିଲା, ସେତେବେଳେ କ୍ଷୁଧାର ଉପଶମ ପାଇଁ ଜଙ୍ଗଲର ଫଳମୂଳ ଖାଉଥିଲା ଓ ତୃଷା ନିବାରଣ ପାଇଁ ଝରଣା ବା ନଦୀକୂଳକୁ ଧାଉଁଥିଲା, ଖାଦ୍ୟର ଅଭାବ ତାଙ୍କୁ ଯାଯାବର ଜୀବନଯାପନ ପାଇଁ ବାଧ କରୁଥିଲା । ବାରମ୍ବାର ଖାଦ୍ୟାନ୍ୱେଷଣରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ପଡୁଥିଲା । କୌଣସି ଏକ ଶୁଭ ଲଗ୍ନରେ କୃଷି ପରିବାର ସାମାନ୍ୟ ଉପାୟ ସେ ଉଦ୍ଭାବନକଲା । କୃଷି ସମ୍ପର୍କରେ ଅବଗତ ହେବା ପରେ ସେ ଆରମ୍ଭ କଲା ତା'ର ସାମାଜିକ ଜୀବନଯାପନ ପ୍ରଣାଳୀ । ମାନବ ସଭ୍ୟତାର ବିକାଶରେ ଯେଉଁ କେତେକ ବିଶେଷ କାରଣ ବିଦ୍ୟମାନ, ତନ୍ମଧ୍ୟରୁ ଏହି କୃଷି କାରଣଟି ହିଁ ସବୁଠାରୁ ମୁଖ୍ୟ ।

**ପ୍ରାଚୀନ ଭାରତର କୃଷିପଦ୍ଧତି:** ଲୌହ ଯୁଗରେ ମଣିଷ ଲୁହା ସାହାଯ୍ୟରେ ଯନ୍ତ୍ରପାତି ନିର୍ମାଣ କରିବା ପରେ କୃଷିର ଉନ୍ନତି ପାଇଁ ଚେଷ୍ଟା କରିଛି । ମାତ୍ର ବର୍ତ୍ତମାନ ପରି ସେତେବେଳେ କୃଷିର ଏପରି ବିକାଶ ହୋଇ ପାରିନଥିଲା । ପ୍ରକୃତି ଉପରେ ନିର୍ଭର କରି ସେ ଚାଷକାର୍ଯ୍ୟ କରୁଥିଲା । ମୁଖ୍ୟତଃ ବର୍ଷାଦିନେ ହିଁ କୃଷିକାର୍ଯ୍ୟ ହେଉଥିଲା । ଲଙ୍ଗଳ ଓ ବଳଦ ସାହାଯ୍ୟରେ ବିଲ ଚାଷକରି କୃଷକ ତା'ର ବର୍ଷକ ପୂର୍ବର ସଞ୍ଚିତ ବିହନକୁ ଜମିରେ ବୁଣୁଥିଲା । ସାର ଭାବରେ ପ୍ରୟୋଗ କରୁଥିଲା ଖତ ଓ ଗୋବର । ମାତ୍ର ପୋକର ଆକ୍ରମଣରୁ ରକ୍ଷା ପାଇଁ ତା'ପାଖରେ କୌଣସି ଉପାୟ ନଥିଲା । ଠିକ୍ ପାଗଯୋଗରେ ଚାଷ କରି ନପାରିଲେ ପୁଣି ଆଉ ଗୋଟିଏ ବର୍ଷ ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ମଟାଳ ବା ପଥୁରିଆ ମାଟିରେ ଚାଷ କରିବା କଷ୍ଟ ହୋଇ ପଡୁଥିଲା । ଜଳସେଚନର ସୁବିଧା ନଥିବାରୁ ବର୍ଷାଜଳ ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବାକୁ ହେଉଥିଲା । ସମୟେ ସମୟେ ଠିକ୍ ସମୟରେ ବର୍ଷା ହେଉ ନଥିବାରୁ ମରୁଡ଼ି ପଡୁଥିଲା ଓ ଫସଲ ହାନି ହେଉଥିଲା । ଏପରିକି ବନ୍ୟା ଓ ବାତ୍ୟା ଦ୍ୱାରା ଥରେ ଫସଲ ହାନି ହେଲେ 'ଚାଷୀ ହୁଡ଼ିଲେ ବରଷେ' ନ୍ୟାୟରେ ତାକୁ ଅପେକ୍ଷା କରିବାକୁ ପଡୁଥିଲା ଅନ୍ୟ ଗୋଟିଏ ବର୍ଷ ପାଇଁ । ଚାଷ କାର୍ଯ୍ୟ ବର୍ଷକ ପରେ ମାତ୍ର ହେଉଥିଲା । ବର୍ତ୍ତମାନ ସମୟ ତୁଳନାରେ ଲୋକସଂଖ୍ୟା କମ୍ ଥିବାରୁ କୌଣସି ଉପାୟରେ ସେମାନେ ଜୀବନ ନିର୍ବାହ କରିବାକୁ ସମର୍ଥ ହେଉଥିଲେ । ଧୀରେ ଧୀରେ ଜନସଂଖ୍ୟା ବୃଦ୍ଧି ହେବାରୁ ପ୍ରାଚୀନ ପଦ୍ଧତି ଚାଷ ମଣିଷର ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇପାରିଲା ନାହିଁ କିମ୍ବା ସଦାବେଳେ ପାଣିପାଗକୁ ଚାହିଁ ଚାଷକାର୍ଯ୍ୟ ସମ୍ଭବ ହେଲା ନାହିଁ । ଏହି ଆବଶ୍ୟକତାରୁ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ଓ ବୈଜ୍ଞାନିକ ପଦ୍ଧତିରେ ଚାଷକାର୍ଯ୍ୟ ଆରମ୍ଭ ହେଲା ।

**ଖାଦ୍ୟ ସମସ୍ୟା:** 'ଆବଶ୍ୟକ ଉଦ୍ଭାବନର ଜନନୀ'- ଖାଦ୍ୟ ସମସ୍ୟାର ଅଭାବ ଯୋଗୁଁ ମଣିଷ ନୂତନ ଜଙ୍ଗଲରେ ଚାଷ କରିବାକୁ ଉପାୟ ଖୋଜିଲା । ଅତୀତରେ ଜନସଂଖ୍ୟା ଏତେ ଅଧିକ ନଥିଲେ । ବର୍ତ୍ତମାନ ଭାରତର ଲୋକସଂଖ୍ୟା ୧୦୦କୋଟିରୁ ଅଧିକ । ଏତେ ସଂଖ୍ୟକ ଲୋକଙ୍କପାଇଁ ସେହି ପାରମ୍ପରିକ

କୃଷି ପଦ୍ଧତି ଉପଯୋଗୀ ହୋଇପାରିଲା ନାହିଁ ।ଆବଶ୍ୟକ ପଡ଼ିଲା ପ୍ରଚୁର ପରିମାଣର ଖାଦ୍ୟଶସ୍ୟ । ଚାଷଜମିର ପରିମାଣ ଯେତିକି ଥିଲା, ତାହାର ବୃଦ୍ଧି ଘଟିଲା ନାହିଁ; ମାତ୍ର ଲୋକସଂଖ୍ୟା ଆଶାତୀତ ପରିମାଣରେ ବୃଦ୍ଧି ପାଇଲା । ଦେଶକୁ ଏହି ଖାଦ୍ୟ ସଂକଟରୁ ରକ୍ଷା କରିବା ପାଇଁ ବୈଜ୍ଞାନିକମାନେ ନୂତନ ପଦ୍ଧତିରେ କୃଷି କରିବାର ଉପାୟ ଆବିଷ୍କାର କଲେ । ଜାପାନ ଆଦି ଦେଶ ଏହି ନୂତନ କୃଷି ପଦ୍ଧତି ଦ୍ୱାରା ସେମାନଙ୍କ ଦେଶକୁ ସ୍ୱାବଲମ୍ବନଶୀଳ କରାଇପାରିଲେ । ଗୋଟିଏ ଜମିରୁ କିପରି ଏକାଧିକଥର କୃଷି ପଦାର୍ଥ ଉତ୍ପାଦନ କରାଯାଇପାରିବ, ସେଥିପାଇଁ ଗବେଷଣା ଚାଲିଲା ଏବଂ ପରିଶେଷରେ ଏହି ବୈଜ୍ଞାନିକ ପଦ୍ଧତିରେ କୃଷି ଯୋଗୁଁ ଆମେ ଆମର ଉତ୍କଟ ଖାଦ୍ୟଶସ୍ୟ ସମସ୍ୟାକୁ କେତେକ ପରିମାଣରେ ସମାଧାନ କରିପାରିଲୁ ।

**ବୈଜ୍ଞାନିକ ପ୍ରଣାଳୀରେ କୃଷି ବ୍ୟବସ୍ଥା:** ବୈଜ୍ଞାନିକ ପ୍ରଣାଳୀରେ କୃଷିବ୍ୟବସ୍ଥା ଯୋଗୁଁ ଆମେ ଆମର ଅଭାବକୁ କେତେକାଂଶରେ ଦୂରୀଭୂତ କରିପାରିଛୁ । କୃଷି କାର୍ଯ୍ୟ ପାଇଁ ପ୍ରଥମ ଆବଶ୍ୟକ ହେଉଛି ଜମି । ମାତ୍ର ଜମି ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ନାହିଁ । ପୂର୍ବରୁ ଯେଉଁ ଜମିରୁ ୮୦କୋଟି ମଣିଷଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ପଡୁଥିଲା, ବର୍ତ୍ତମାନ ସେହି ଜମିରୁ ୧୦୮କୋଟି ବ୍ୟକ୍ତିଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବାକୁ ପଡ଼ିବ । ତେଣୁ ବର୍ଷକୁ ହାରାହାରି ଗୋଟିଏ ଜମିରୁ ତିନୋଟି ଫସଲ ଉତ୍ପାଦନ କରିବାର ଆବଶ୍ୟକତା ରହିଛି । ନୂତନ ଚାଷ ପ୍ରଣାଳୀ ଅନୁଯାୟୀ ବର୍ତ୍ତମାନ କୃଷକ ଧାନଚାଷ ପରେ ସେହି ଜମିରୁ ଡାଲିଜାତୀୟ ଫସଲ ବା ବିଭିନ୍ନ ପରିବାପତ୍ର ଅମଳ କରୁଛନ୍ତି । କୃଷିକୁ ଅଧିକ ବାସ୍ତବମୁଖୀ କରିବା ପାଇଁ କୃଷି ଗବେଷଣା କେନ୍ଦ୍ର, କୃଷି ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରାଯାଇଛି । ପାରମ୍ପରିକ ବିହନ ଦ୍ୱାରା ଚାଷକାର୍ଯ୍ୟ କରିବାର ସମୟ ସରିଯାଇଛି । ସେଥିପାଇଁ ଆବିଷ୍କାର ହୋଇଛି ବହୁ ଅମଳକ୍ଷମ ବିହନମାନ । କଟକର ବିଦ୍ୟାଧରପୁର ଓ ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ହୋଇଥିବା ଧାନ ଗବେଷଣା କେନ୍ଦ୍ରଗୁଡ଼ିକ ଗବେଷଣା କରି ବିଭିନ୍ନ କିସମର ବିହନମାନ ଆବିଷ୍କାର କରିଛନ୍ତି । ଜୟା, ପଦ୍ମା, ଆଇ ଆର ଆଠ, ରତ୍ନା, ତିଳୋତ୍ତମା ଆଦି ଅଧିକ ଅମଳକ୍ଷମ ବିହନ ସାହାଯ୍ୟରେ ଚାଷୀ ଅଧିକ ପରିମାଣରେ ଶସ୍ୟ ଉତ୍ପାଦନ କରିବାକୁ ସମର୍ଥ ହୋଇଛି । ଏତଦ୍‌ବ୍ୟତୀତ ପାରମ୍ପରିକ ଲଙ୍ଗଳ ଓ ବଳଦ ସାହାଯ୍ୟରେ ଚାଷ ନକରି ବର୍ତ୍ତମାନ ଟ୍ରାକ୍ଟର, ପାୱାରଟ୍ରେଲର ସାହାଯ୍ୟରେ କମ୍ ସମୟରେ ଅଧିକ ଜମି ଚାଷ କରିପାରୁଛନ୍ତି । ମଟାଳ ବା ପଥୁରିଆ ମାଟି, ଯାହା ଲଙ୍ଗଳ ଦ୍ୱାରା ଚାଷ କରିବାକୁ କଷ୍ଟ ହେଉଥିଲା, ତାହା ଟ୍ରାକ୍ଟର ସାହାଯ୍ୟରେ ସୁଗମ ହୋଇପାରିଛି । ଜମିରେ ହିଡ଼ ଦେଇ ତାକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ କରିବା ଦ୍ୱାରା ବହୁପରିମାଣ ଜମି ଅଯଥାରେ ନଷ୍ଟ ହେଉଛି । କୋଠ ଚାଷ ଜରିଆରେ ଜମିରୁ ହିଡ଼ ଉଠାଇଦେଇ ଚାଷ କଲେ ଚାଷୀ ଅଧିକ କିଛି ପରିମାଣରେ ଚାଷ ଜମି ପାଇପାରନ୍ତା । ତେଣୁ ବର୍ତ୍ତମାନ ସେଥିପ୍ରତି ଦୃଷ୍ଟିଦେବାର ସମୟ ମଧ୍ୟ ଆସିଛି । ଏହା ଯୋଗୁଁ କିଛି ପରିମାଣରେ ଚାଷଜମି ସମସ୍ୟା ସମାଧାନ ହୋଇପାରନ୍ତା । ଅତୀତରେ କୀଟନଷ୍ଟ କରିବାକୁ କୌଣସି ଔଷଧ ଆବିଷ୍କୃତ ହୋଇ ନଥିବାରୁ ବହୁ ସମୟରେ ଫସଲ ହାନି ଘଟୁଥିଲା । ସମ୍ପ୍ରତି ଗବେଷଣା ଦ୍ୱାରା ବହୁପ୍ରକାର କୀଟନାଶକ ଔଷଧ ଆବିଷ୍କୃତ ହୋଇଛି । ଡେମୋକ୍ରିନ୍, ଫଲଡ଼ିନ୍, ଗ୍ରାମାକ୍ସିନ, ଏଣ୍ଡ୍ରିନ୍ ଆଦି ଔଷଧର ଆବିଷ୍କାର ଦ୍ୱାରା ଚାଷୀମାନେ ଏହାର ପ୍ରୟୋଗ କରି ଫସଲକୁ କୀଟମାନଙ୍କ ଆକ୍ରମଣରୁ ରକ୍ଷା କରି ପାରୁଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ମୂଲ୍ୟବାନ ସାର ଆବିଷ୍କୃତ ହୋଇଛି । ସେହି ସାରଗୁଡିକ ମଧ୍ୟରେ ଗ୍ରୋମୋର, କାଲସିୟମ, ପଟାସ, ଆମୋନିୟମ ସଲ୍‌ଫେଟ, ଫସଫରସ ଆଦି ପ୍ରଧାନ । ଚାଷୀ ଏହି ସାରର ପ୍ରୟୋଗ

ଦ୍ୱାରା ଅଧିକ ପରିମାଣରେ ଫସଲ ଉତ୍ପାଦନ କରିବାକୁ ସମର୍ଥ ହୋଇଛି । ଏତଦ୍‌ବ୍ୟତୀତ କୃଷି ଗବେଷକମାନେ ବିଭିନ୍ନ ସ୍ଥାନର ମାଟି ପରୀକ୍ଷା କରି କେଉଁ ମାଟିରେ କିପ୍ରକାର ସାର ପ୍ରୟୋଗ କରାଯିବ ଏବଂ କେଉଁ ପ୍ରକାର ଫସଲର ଉପଯୋଗୀ, ସେ ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରୁଛନ୍ତି । ଗ୍ରାମସେବକମାନଙ୍କୁ ନିଯୁକ୍ତ କରାଯାଇ ଚାଷୀମାନଙ୍କୁ ବିଭିନ୍ନ ଚାଷ ପାଇଁ ପରାମର୍ଶ ଓ ଉପାୟ ବତାଇ ଦିଆଯାଉଛି । ବିହନ ସଂରକ୍ଷଣ ପାଇଁ ଔଷଧ ଆବିଷ୍କାର ହୋଇଥିବା ଯୋଗୁଁ ନଷ୍ଟ ହେବାର ସମ୍ଭାବନା ରହୁ ନାହିଁ । ଏପରିକି ସରକାର ବୈଜ୍ଞାନିକ ଉପାୟରେ ଥଣ୍ଡା ଘରେ ବର୍ଷ ବର୍ଷ ଧରି ବିହନ ସଂରକ୍ଷଣ କରିବାର ବ୍ୟବସ୍ଥା କରିଛନ୍ତି । ସରକାରଙ୍କ ଦ୍ୱାରା ବଣ୍ଟନ କରାଯାଉଥିବା ବିହନ ଖରାପ ହେଲେ ଚାଷୀମାନେ କ୍ଷତିପୂରଣ ଦାବି କରିପାରୁଛନ୍ତି । କୃଷି ପାଇଁ ବିଭିନ୍ନ ଋଣ ଯୋଗାଇ ଦିଆଯାଉଥିବାରୁ ଧୀରେ ଧୀରେ ଲୋକମାନଙ୍କର କୃଷି ପ୍ରତି ଆଗ୍ରହ ସୃଷ୍ଟି ହେବାରେ ଲାଗିଛି । ସମ୍ପ୍ରତି ସରକାର କୃଷିକୁ ଏକ ଶିଳ୍ପର ମାନ୍ୟତା ଦେବା ପାଇଁ ଚିନ୍ତା କରୁଛନ୍ତି । ଏହାଦ୍ୱାରା ଶିକ୍ଷିତ ବେକାରମାନେ କୃଷି ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ଆଶା କରାଯାଉଛି । ତେଣୁ କୃଷିକ୍ଷେତ୍ରରେ ବିଜ୍ଞାନର ଅବଦାନ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ବିଶ୍ୱର ବହୁ ରାଷ୍ଟ୍ର ଏହି ବୈଜ୍ଞାନିକ କୃଷି ପ୍ରଣାଳୀ ଦ୍ୱାରା ନିଜ ଦେଶକୁ ଖାଦ୍ୟଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିପାରିଛନ୍ତି ।

**ଜଳସେଚନ:** କୃଷି ପାଇଁ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ଷାପାଣି ଉପରେ ନିର୍ଭର କରି ସମ୍ପ୍ରତି କୃଷି କାର୍ଯ୍ୟ କରିବା ସମ୍ଭବପର ନୁହେଁ । ବର୍ତ୍ତମାନ ପୃଥିବୀର ପାଣିପାଗରେ ଯେପରି ଘନଘନ ପରିବର୍ତ୍ତନ ଘଟୁଛି, ସେଥିରେ ବର୍ଷା ଉପରେ ଆଦୌ ନିର୍ଭର କରାଯାଇନପାରେ । ସେହି କାରଣରୁ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାର ବିହନ ଆବିଷ୍କାର କରିଛନ୍ତି । ଖୁବ୍ କମ୍ ଜଳରେ ମଧ୍ୟ ଚାଷ କରାଯାଇପାରୁଥିବା ବିହନ ଆବିଷ୍କାର ହୋଇସାରିଛି । ସରକାର ତାଙ୍କର ବିଭିନ୍ନ ଯୋଜନାରେ ଜଳସେଚନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ୭ମ, ୮ମ, ୯ମଓ୧୦ମ ପଞ୍ଚବାର୍ଷିକ ଯୋଜନାରେ ଏଥିପାଇଁ ପ୍ରଭୂତ ଅର୍ଥର ବ୍ୟବସ୍ଥା କରାଯାଇଛି । ଯେଉଁଠାରେ କେନାଲ ବା ଜଳର ସୁବିଧା ନାହିଁ, ଉଠାଜଳସେଚନ ଦ୍ୱାରା ସେଠାକୁ ଜଳ ପଠାଇବାର ବ୍ୟବସ୍ଥା ହୋଇଛି । ଏହିସବୁ କାରଣ ପାଇଁ ବର୍ତ୍ତମାନ ଭାରତ ଅନେକ ପରିମାଣରେ ଖାଦ୍ୟଶସ୍ୟ କ୍ଷେତ୍ରରେ ନିଜକୁ ସ୍ୱାବଲମ୍ବନଶୀଳ କରିପାରିଛି ।

**ଉପସଂହାର:** ଭାରତ ଏକ କୃଷିପ୍ରଧାନ ଦେଶ । ଏହାର ଅର୍ଦ୍ଧାଧିକ ବ୍ୟକ୍ତି ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଜୀବନ ନିର୍ବାହ କରିଥାନ୍ତି । ମାତ୍ର ଏକଥା ସତ୍ୟ, ଏଯାବତ୍ ଅନେକ କୃଷକ ବୈଜ୍ଞାନିକ ପ୍ରଣାଳୀରେ କୃଷି କାର୍ଯ୍ୟ କରିବା ସମ୍ପର୍କରେ ଅନଭିଜ୍ଞ । ସେହି ପୁରୁଣା ପଦ୍ଧତିରେ କୃଷି କରୁଥିବା ସମୟରେ ସେମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଆଜି ବିଜ୍ଞାନର ସହାୟତାରେ କୃଷିର ବହୁ ଅଗ୍ରଗତି ହୋଇଛି । ପାରମ୍ପରିକ କୃଷିନୀତି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଲାଣି । ସରକାର ବିଭିନ୍ନ ଗଣମାଧ୍ୟମ ଯଥା ରେଡ଼ିଓ ଓ ଟେଲିଭିଜନରେ ଏ ସମ୍ପର୍କରେ ବହୁ ସୂଚନା ମଧ୍ୟ ଦେଉଛନ୍ତି ।ଏହା ସତ୍ତ୍ୱେ ବହୁ କୃଷକ ଏ ସମ୍ବନ୍ଧରେ ଜାଣିପାରୁ ନାହାନ୍ତି । ତେଣୁ ସରକାର ସ୍ୱେଚ୍ଛାସେବୀ ସଙ୍ଗଠନ ବା କୃଷି ଅଧିକାରୀଙ୍କ ମାଧ୍ୟମରେ ମଫସଲ ଅଞ୍ଚଳରେ ବସବାସ କରୁଥିବା କୃଷକମାନଙ୍କୁ ଏହି ବୈଜ୍ଞାନିକ ଚାଷପ୍ରଣାଳୀ ସମ୍ବନ୍ଧରେ ଅବଗତ କରାଇପାରିଲେ ଆମର ଖାଦ୍ୟ ସମସ୍ୟା ଯେ ବହୁପରିମାଣରେ ଦୂରୀଭୂତ ହୋଇପାରନ୍ତା, ଏଥିରେ ସନ୍ଦେହ ନାହିଁ ।

●●●

# ୬.୪ ଆଧୁନିକ ବିଶ୍ୱ ଓ କମ୍ପ୍ୟୁଟର

**ଉପକ୍ରମ:** ସମଗ୍ର ମାନବ ସମାଜକୁ ବିଜ୍ଞାନର ଅବଦାନ ଅତୁଳନୀୟ । ବିଜ୍ଞାନର ବିଭିନ୍ନ ଆବିଷ୍କାର ମଧ୍ୟରେ କମ୍ପୁଟରର ଆବିଷ୍କାର ଯେପରି କୌତୁହଳପୂର୍ଣ୍ଣ, ସେହିପରି ବିସ୍ମୟକର । ଆଧୁନିକ ଜଗତର ଅଧିକାଂଶ କାର୍ଯ୍ୟ ଆଜି କମ୍ପ୍ୟୁଟର ଦ୍ୱାରା ସମାହିତ । ତେଣୁ କମ୍ପ୍ୟୁଟର ବ୍ୟତିରେକେ ସାମ୍ପ୍ରତିକ ବିଶ୍ୱରେ ଅଗ୍ରଗତି ଆଶା କରିବା ସମ୍ପୂର୍ଣ୍ଣ ନିରର୍ଥକ । କୃଷିଠାରୁ ଆରମ୍ଭ କରି ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସ୍ୱାସ୍ଥ୍ୟ ଏପରିକି ଅନେକ ବୌଦ୍ଧିକ କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ କମ୍ପ୍ୟୁଟରର ଅବଦାନ ଅତୀବ ମହତ୍ତ୍ୱପୂର୍ଣ୍ଣ । ଟ୍ରେନ୍ ଟିକେଟଠାରୁ ଉଡ଼ାଜାହାଜର ଅବତରଣ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ଏହାର ନିର୍ଭୁଲ ଗଣନା ମାନବ ସମାଜର ବହୁ ଉପକାର ସାଧନ କରୁଛି । ସୁପର କମ୍ପ୍ୟୁଟରର ଉଦ୍ଭାବନ ପରେ ଆଧୁନିକ ବିଶ୍ୱ ଅନ୍ୟ ଏକ ନୂତନ ଜଗତକୁ ପ୍ରବେଶ କରିଛି କହିଲେ ଭୁଲହେବ ନାହିଁ । ଏହି କମ୍ପୁଟର ଇଚ୍ଛାକଲେ, ଗୋଟିଏ ମୁହୂର୍ତ୍ତରେ ସମଗ୍ର ବିଶ୍ୱକୁ ଧ୍ୱଂସ କରିଦେଇପାରେ ।ପୁଣି ମାନବସମାଜର ଅଶେଷ ମଙ୍ଗଳ ମଧ୍ୟ ସାଧନ କରିପାରେ । ଆଜି ବିଶ୍ୱରେ ଯେଉଁ ରାଷ୍ଟ୍ର କମ୍ପ୍ୟୁଟର ଉତ୍ପାଦନ କ୍ଷେତ୍ରରେ ଯେତିକି ପରିମାଣରେ ସ୍ୱାବଲମ୍ବନଶୀଳ, ସେହି ରାଷ୍ଟ୍ର ବିଭିନ୍ନ କ୍ଷେତ୍ରରେ ସେହିପରି ପ୍ରଗତିଶୀଳ । ବାସ୍ତବରେ କହିଲେ କମ୍ପ୍ୟୁଟରର ଜଗତ ହିଁ ପ୍ରକୃତ ଆଧୁନିକ ଜଗତ ।

ମଣିଷର ଆବିଷ୍କାର ପ୍ରବଣତା ସହଜାତ । ପ୍ରତି କ୍ଷେତ୍ରରେ ମଣିଷ ଅଧିକରୁ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କରେ । ଅଳ୍ପ ପରିଶ୍ରମ ଓ ସହଜରେ ସେ ଅଧିକ କାର୍ଯ୍ୟ ସମ୍ପାଦନ କରିବାକୁ ଚାହେଁ । ଏହି ପ୍ରଚେଷ୍ଟାରୁ ହିଁ କମ୍ପ୍ୟୁଟରର ଜନ୍ମ । ଗଣନା କାର୍ଯ୍ୟରୁ ହିଁ ପ୍ରକୃତରେ କମ୍ପ୍ୟୁଟର ଉଦ୍ଭାବନ । ଦୁଇହଜାର ବର୍ଷ ପୂର୍ବେ ଗାଣିତିକ ହିସାବ ପାଇଁ ସୃଷ୍ଟି ହୋଇଥିଲା ଆବାକସ୍ (Abacus)ର । ଏହା ହିଁ ପୃଥିବୀର ପ୍ରଥମ ଗଣନା ଯନ୍ତ୍ର । ଷୋଡ଼ଶ ଶତାବ୍ଦୀରେ ସ୍କଟଲ୍ୟାଣ୍ଡର ଜନ୍ ନେପିୟରଙ୍କ 'ନେପିଅର ବୋନ୍' ଏହି ଆଧୁନିକ କମ୍ପ୍ୟୁଟର ନିମିତ୍ତ ଭିତ୍ତି ସ୍ଥାପନ କରିଥିଲା । ୧୭୨୦ମସିହାରେ ଇଂରେଜ ଗାଣିତିକ ଉଇଲିୟମ୍ ଅଉଗ୍‌ଟ୍ରେଡ୍‌ଙ୍କ 'ସ୍ଲାଇଡ୍‌ରୁଲ'ଆବିଷ୍କାର ଏହାକୁ ଆଉ ଦୁଇପାଦ ଅଗ୍ରସର କରାଇଥିଲା । ଫ୍ରାନ୍‌ସର ବ୍ଲେଇସ୍ ପାସ୍‌କାଲ ୧୮ବର୍ଷ ବୟସରେ ପ୍ରଥମ ଯାନ୍ତ୍ରିକ ଗଣନାଯନ୍ତ୍ର ୧୬୪୨ମସିହାରେ ତିଆରି କରିଥିଲେ ।ତାଙ୍କ ବାପାଙ୍କୁ ହିସାବ କାର୍ଯ୍ୟରେ ସହାୟତା କରିବା ପାଇଁ ଏହି ଯନ୍ତ୍ରଟି ବାହାର କରିଥିଲେ । ୧୬୭୧ ଖ୍ରୀ.ରେ ଜର୍ମାନୀର ବିଖ୍ୟାତ ଗାଣିତିକ ଉନ୍‌ଲିବ୍‌ନିଜ ଅନ୍ୟ ଏକ ଗଣନାଯନ୍ତ୍ର ଉଦ୍ଭାବନ କରିଥିଲେ । ୧୮୨୦ ମସିହାରେ ଫ୍ରାନ୍‌ସର ବୈଜ୍ଞାନିକ ଚାର୍ଲସ୍ ଜେଭିୟର ଟମାସ୍ ଅନ୍ୟ ଏକ ଗଣନାକାରୀ ଯନ୍ତ୍ର ଉଦ୍ଭାବନ କରିଥିଲେ । ପ୍ରକୃତ କମ୍ପ୍ୟୁଟରର ଜନ୍ମହୁଏ ୧୮୨୩ମସିହାରେ । ଏହି ବର୍ଷ ବିଖ୍ୟାତ ଇଂରେଜ ବୈଜ୍ଞାନିକ ଚାର୍ଲସ୍ ବାବାଜେ ପ୍ରଥମେ ଯାନ୍ତ୍ରିକ କମ୍ପ୍ୟୁଟର ଉଦ୍ଭାବନ କଲେ । ଏହାକୁ କୁହାଯାଉଥିଲା ବିୟୋଗକାରୀ ଯନ୍ତ୍ର । ଏହା ସାହାଯ୍ୟରେ ବୀଜଗଣିତ ଓ ଦଶମିକ କୋଡ଼ିଏ ସ୍ଥାନ ପର୍ଯ୍ୟନ୍ତ ନିର୍ଭୁଲ ଗଣନା କରାଯାଇପାରିଲା । ୧୮୮୦ମସିହାରେ ଆମେରିକାର ବୈଜ୍ଞାନିକ ଡଃ ହରମ୍ୟାନ୍ ହୋଲେରିଥ ଉଦ୍ଭାବନ କଲେ ଛିଦ୍ରିତ କାର୍ଡ଼ ଯନ୍ତ୍ର । ୧୯୦୬ ମସିହାରେ ଲିଡ଼ି ଫରେଷ୍ଟ ଉଦ୍ଭାବନ କଲେ ଥର୍ମୋ ଆୟୋନିକ୍ ଭଲ୍‌ବ ଯାହା ଇଲେକ୍‌ଟ୍ରୋନିକ୍ କମ୍ପ୍ୟୁଟର ନିମିତ୍ତ ଆଶାତୀତ ସହାୟତା କଲା । ୧୯୪୬ ମସିହାରେ ପେନ୍‌ସିଲଭେନିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଜେ.ପି.ଏର୍କେଟ ଏବଂଜେ. ଡବ୍ଲୁ ମାଉଚିଲି ଆଧୁନିକ କମ୍ପ୍ୟୁଟର ତିଆରି କରିଥିଲେ । ସେମାନଙ୍କ ଉଦ୍ଭାବିତ ଯନ୍ତ୍ରର ନାମ ଥିଲା ଏନିୟାକ । ହଙ୍ଗେରୀର ପ୍ରସିଦ୍ଧ ଗାଣିତିକ ଜନ୍ ଓନ୍ ନିଉମ୍ୟାନ୍ ଏହାକୁ ଅଧିକ ଉନ୍ନତ କଲେ ।ତାଙ୍କ କୌଶଳକୁ ଅନୁସରଣ କରି ୧୯୪୯ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ତିଆରି ହେଲା । ଉଇଲିୟମ ସକ୍‌ଲେ ୧୯୪୮ରେ

ଟ୍ରାଞ୍ଜିଷ୍ଟର ଉଦ୍ଭାବନ କରିବା ପରେ କମ୍ପ୍ୟୁଟରର ରୂପରେ ଆସିଲା ପରିବର୍ତ୍ତନ । ୧୯୬୦ରେ ନିର୍ମିତ କମ୍ପ୍ୟୁଟରରେ ଭଲ୍‌ଭ ବଦଳରେ ଟ୍ରାଞ୍ଜିଷ୍ଟର ବ୍ୟବହୃତ ହେଲା । ୧୯୬୫ମସିହା ବେଳକୁ ଏଥିରେ ଅନେକ ଜଟିଳ ଯନ୍ତ୍ରପାତିର ବ୍ୟବହାର ହେଲା । ୧୯୭୫-୮୦ବେଳକୁ ଅଧିକ ଉନ୍ନତମାନର କମ୍ପ୍ୟୁଟର ପ୍ରସ୍ତୁତ ହେବାକୁ ଲାଗିଲା ।

**କମ୍ପୁଟରର ପ୍ରକାରଭେଦ ଓ ପରିଭାଷା:** ପ୍ରକାର ଓ କାର୍ଯ୍ୟପ୍ରଣାଳୀ ଦୃଷ୍ଟିରୁ ମୁଖ୍ୟତଃ କମ୍ପ୍ୟୁଟର ତିନିପ୍ରକାର । ଯଥା-ଡିଜିଟାଲ କମ୍ପ୍ୟୁଟର, ଆନାଲୋଗ କମ୍ପ୍ୟୁଟର ଓ ସଙ୍କର କମ୍ପ୍ୟୁଟର । ଡିଜିଟାଲ କମ୍ପ୍ୟୁଟର ଦ୍ୱାରା ସାଧାରଣତଃ ଗାଣିତିକ ହିସାବ କରାଯାଇଥାଏ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ବିଭିନ୍ନ କାର୍ଯ୍ୟ କରିପାରୁଥିବା କମ୍ପ୍ୟୁଟର ହେଉଛି ଏହି ଶ୍ରେଣୀର । ଆନାଲୋଗ କମ୍ପ୍ୟୁଟର ଦ୍ୱାରା ତୁଳନା କରାଯାଇ ଗଣନା ଫଳ ଜାଣି ହୋଇଥାଏ । ମଟରଗାଡ଼ିର ସ୍ପିଡୋମିଟର ଆନାଲୋଗ କମ୍ପ୍ୟୁଟର ପଦ୍ଧତିରେ ଗଣନା କରିଥାଏ । ସଙ୍କର କମ୍ପ୍ୟୁଟରରେ ଉପରୋକ୍ତ ଦୁଇଟି କମ୍ପ୍ୟୁଟରର ସମସ୍ତ ସୁବିଧା ରହିଥିବାରୁ ଏହା ଅଧିକ ମୂଲ୍ୟବାନ ଓ କାର୍ଯ୍ୟକ୍ଷମ । କମ୍ପ୍ୟୁଟରର କାର୍ଯ୍ୟକାରିତା ପାଇଁ ଏକ ସ୍ୱତନ୍ତ୍ର ଭାଷାର ବ୍ୟବହାର ହୋଇଥାଏ । ଏହି ଭାଷା ବ୍ୟତିରେକେ ଅନ୍ୟ ଭାଷା ପ୍ରୟୋଗ କଲେ କମ୍ପ୍ୟୁଟରର ସମସ୍ତ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ହୋଇଥାଏ । କମ୍ପ୍ୟୁଟରର ଭାଷାକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା- ବେସିକ୍, କୋବଲ, ପାସକଲ, ଫରଟ୍ରାନ୍ ଓ ଆଲଗୋଲ । କମ୍ପ୍ୟୁଟର ପ୍ରୋଗ୍ରାମର ଏହି ଭାଷା ଜାଣିଥାନ୍ତି ଓ ସେମାନେ କମ୍ପ୍ୟୁଟର ଚାଳନ ସମୟରେ ସେହି ଭାଷାକୁ ଯୋଗାଇ ଦେଇଥାନ୍ତି ।

**ବିଭିନ୍ନ କ୍ଷେତ୍ରରେ କମ୍ପୁଟର:** ଆଜି କମ୍ପ୍ୟୁଟରର କାର୍ଯ୍ୟକ୍ଷେତ୍ରରେ ବିସ୍ତୃତି ଘଟିଛି । ଜୀବନର ଯେ କୌଣସି କ୍ଷେତ୍ରରେ ଆଜି ତା'ର ଅଭାବ ଅନୁଭବ କରି ହୋଇଥାଏ । ମୁଖ୍ୟତଃ ଗଣନା ଉଦ୍ଦେଶ୍ୟରେ ଏହାର ଉଦ୍ଭାବନ ହୋଇଥିଲେହେଁ, ପରବର୍ତ୍ତୀ ସମୟରେ ବିଭିନ୍ନ କ୍ଷେତ୍ରରେ ଏହା ପ୍ରବେଶ କରି ଆମର ଜୀବନଯାପନ ପ୍ରଣାଳୀକୁ ସହଜ ଓ ସ୍ୱଚ୍ଛନ୍ଦ କରିପାରିଛି । ଉଡ଼ାଜାହାଜ ଏବଂ ଟ୍ରେନ୍ ଆଦିରେ ସ୍ଥାନ ସଂରକ୍ଷଣ ପାଇଁ କମ୍ପ୍ୟୁଟରର ବ୍ୟବହାର କରାଯାଇ ବିଭିନ୍ନ ତ୍ରୁଟିକୁ ସୁଧାର କରାଯାଇପାରିଛି । ଗୋଟିଏ ସ୍ଥାନରେ ଥାଇ ଯେକୌଣସି ଦୂରଦୂରାନ୍ତର ସ୍ଥାନକୁ ଏହାଦ୍ୱାରା ସ୍ଥାନ ସଂରକ୍ଷଣ କରାଯାଇପାରେ । ଟେଲିଯୋଗାଯୋଗ କ୍ଷେତ୍ରରେ କମ୍ପ୍ୟୁଟରର ପ୍ରଚଳନ ଯୋଗୁଁ ଏହା ଆଶାତୀତ ଭାବରେ ଅଗ୍ରଗତି ଲାଭ କରୁଛି । କୃତ୍ରିମ ଉପଗ୍ରହର ସାହାଯ୍ୟ ନେବାପାଇଁ କମ୍ପ୍ୟୁଟରର ହିଁ ସାହାଯ୍ୟ ନେବାକୁ ପଡୁଛି ଓ ତାହାଦ୍ୱାରା ଯେକୌଣସି ଦୂରସ୍ଥାନ ସହିତ ଯୋଗାଯୋଗ କରିବା ସମ୍ଭବ ହୋଇପାରିଛି । ଏହି କମ୍ପ୍ୟୁଟର ଯୋଗୁ ହିଁ ଆଜି ବିରାଟ ପୃଥିବୀର ଆୟତନ ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇପଡ଼ିଛି । ଯେ କୌଣସି ମୁହୂର୍ତ୍ତରେ ପୃଥିବୀର ଯେକୌଣସି ସ୍ଥାନର ଖବର ସହଜରେ ଜାଣି ହୋଇଥାଏ । ଆଜି ଉଡ଼ାଜାହାଜର ଜଟିଳ କାର୍ଯ୍ୟକୁ କମ୍ପ୍ୟୁଟର ସହଜ ଓ ସରଳ କରିପାରିଛି । ଦିଗଗଣନା, ପ୍ରତିବନ୍ଧକ ଓ ପାଗ ସମ୍ପର୍କରେ ପାଇଲଟଙ୍କୁ ଏହା ଆଗରୁ ସତର୍କ କରାଇ ଦେଇଥାଏ । ବିଭିନ୍ନ ଛାପା କ୍ଷେତ୍ରରେ କମ୍ପ୍ୟୁଟରର ପ୍ରୟୋଗ ଯୋଗୁଁ ଏହା ସୁମାର୍ଜିତ, ପରିଚ୍ଛନ୍ନ, ସୁନ୍ଦର ଓ ନିର୍ଭୁଲ ହୋଇପାରିଛି । ପାଗ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଏହାର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ । ସୁପର କମ୍ପ୍ୟୁଟର ସାହାଯ୍ୟରେ ପାଗର ଠିକ ହିସାବ କରାଯାଇପାରୁଛି । ଯୁଦ୍ଧକ୍ଷେତ୍ରରେ କମ୍ପ୍ୟୁଟରର ବ୍ୟବହାର କରାଯାଇ ଯୁଦ୍ଧ ସମ୍ପର୍କୀୟ ବିବରଣୀ ସଂଗ୍ରହ କରାଯାଇପାରୁଛି । ଯୁଦ୍ଧକୁ ଠିକ୍ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ମଧ୍ୟ ଏହାର ଭୂମିକା ଅତୀବ ମହତ୍ତ୍ୱପୂର୍ଣ୍ଣ । ବ୍ୟବସାୟ ଓ ଗବେଷଣା କ୍ଷେତ୍ରରେ କମ୍ପ୍ୟୁଟରର ସାହାଯ୍ୟ ଅତୁଳନୀୟ । ବ୍ୟବସାୟ ତଥା ବଡ଼ ବଡ଼ ଅନୁଷ୍ଠାନର ଠିକ୍

ହିସାବ ରଖିବା, ଆୟବ୍ୟୟ ତଥା ବିଭିନ୍ନ ବିଷୟରେ ତଦାରଖ କରିବା କ୍ଷେତ୍ରରେ ଏହାର ସହାୟତା ଗ୍ରହଣ କରିବାକୁ ପଡୁଛି । ଜୀବନବୀମାର ପଲିସି, ଅଫିସକାଗଜପତ୍ରର ସୁରକ୍ଷା, ମଟରଗାଡ଼ି ତଥା ଅନ୍ୟାନ୍ୟ ଯାନ୍ତ୍ରିକ ଯାନର ରୂପରେଖ, ଶିଳ୍ପ ଓ କଳକାରଖାନାର ବିଭିନ୍ନ କାର୍ଯ୍ୟ, ଜନଗଣନା, ଭୋଟଗଣନା, ଭାଷାର ଅନୁବାଦ, ଟାଇପ୍, ବ୍ୟାଙ୍କ ଆଦିର କାର୍ଯ୍ୟ, ମହାକାଶର ଗବେଷଣାକାର୍ଯ୍ୟ, ବିବାହ କ୍ଷେତ୍ରରେ ବରକନ୍ୟାଙ୍କର ଜାତକ ମେଳନ, ଏପରିକି କନ୍ୟା ନିର୍ବାଚନ କ୍ଷେତ୍ରରେ ମଧ୍ୟ କମ୍ପ୍ୟୁଟର ବହୁଭାବରେ ସାହାଯ୍ୟ କରିପାରୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଆଜି କମ୍ପ୍ୟୁଟର ମଧ୍ୟ କବିତା ରଚନା କରିବାକୁ ସମର୍ଥ ହୋଇପାରିଛି । ଆମେରିକାର ଜନୈକ କମ୍ପ୍ୟୁଟର ଚାଳିକା ଶ୍ରୀମତୀ କ୍ଲେଆର ଫିଲିପ୍ ୧୦୦ଗୋଟି ଅକ୍ଷରକୁ ନେଇ ଆର.ସି.ଏ.୩୦୧ କମ୍ପ୍ୟୁଟର ଦ୍ୱାରା ୫୦୦ଗୋଟି କବିତା ରଚନା କରାଇପାରିଛନ୍ତି ।ଏତଦ୍‌ବ୍ୟତୀତ କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ଖେଳ, ରୋଗ ନିର୍ଣ୍ଣୟ ଓ ଚିକିତ୍ସା, ଶିକ୍ଷାଦାନ, ମହାକାଶ ଅଭିଯାନ, ଯାନବାହନ ଚଳାଚଳ, ଟ୍ରାଫିକ୍ ଭିଡ଼ର ଦୂରୀକରଣ, ଚୋର ଡକାୟତ ଧରିବା କାର୍ଯ୍ୟ, ପରୀକ୍ଷାଖାତା ପର୍ଯ୍ୟବେକ୍ଷଣ ଆଦି ବିଭିନ୍ନ କାର୍ଯ୍ୟ ସାଧିତ ହୋଇପାରୁଛି । କମ୍ପ୍ୟୁଟର ମଣିଷ ରୋବାଟ ଏକ ଅଦ୍ଭୁତ ଆବିଷ୍କାର । ମଣିଷ ପରି ଓ ତା'ଠାରୁ ଅଧିକ ସାଂଘାତିକ ତଥା କଠିନ କାର୍ଯ୍ୟ ଏହା ସହଜରେ ସାଧିତ କରିପାରେ । ଯାହା ମଣିଷ ପକ୍ଷରେ ଥିଲା ଅକଳ୍ପନୀୟ, କମ୍ପ୍ୟୁଟର ଦ୍ୱାରା ତାହା ସହଜସାଧ୍ୟ ହୋଇପାରିଛି । ଆଜି ଏପରି କୌଣସି କାର୍ଯ୍ୟ ନାହିଁ, ଯାହା କମ୍ପ୍ୟୁଟର ଦ୍ୱାରା ସାଧିତ ନ ହୋଇପାରିବ ।

**ଆଧୁନିକ ଜଗତରେ କମ୍ପୁଟରର ଭୂମିକା:** ଆଧୁନିକ ଯୁଗର କମ୍ପ୍ୟୁଟରର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଯୁଦ୍ଧକ୍ଷେତ୍ରଠାରୁ ଆରମ୍ଭ କରି ଶିକ୍ଷା ଓ ମହାକାଶ ପର୍ଯ୍ୟନ୍ତ ଏହା ବିସ୍ତୃତ । ମଣିଷର କାର୍ଯ୍ୟକୁ ଏହା ଯେପରି ସହଜ ଏବଂ ସରଳ କରିଛି, ସେହିପରି ଭାବରେ କରିଛି ଦ୍ରୁତତର । ମଣିଷର ବୁଦ୍ଧିରୁ ଏହା ସୃଷ୍ଟିଲାଭ କରିଥିଲେ ମଧ୍ୟ ମଣିଷଠାରୁ ଏହା ଅଧିକ ବୁଦ୍ଧିମାନ ଓ କର୍ମଠ । ଏହା କେବେ ମଣିଷ ପରି ରୋଗଣା କିମ୍ବା ଦୁର୍ବଳ ହୋଇପଡ଼େ ନାହିଁ । ଯେତେ କଷ୍ଟସାଧ୍ୟ ହେଲେ ମଧ୍ୟ ଅଚିରେ କମ୍ପ୍ୟୁଟର ଦ୍ୱାରା ତାହା ସାଧିତ ହୋଇଥାଏ । ମଣିଷର ବିକାଶର ଚରମ ସଫଳତା ହିଁ କମ୍ପ୍ୟୁଟର । ଆଧୁନିକ ଯୁଗରେ କମ୍ପ୍ୟୁଟର ବ୍ୟତିରେକେ ମଣିଷ ଗୋଟିଏ ମୁହୂର୍ତ୍ତ ଚଳିବାକୁ ଅକ୍ଷମ । ଅନ୍ୟ ଭାବରେ କହିଲେ ଆଧୁନିକ ପୃଥିବୀ ହିଁ ପ୍ରକୃତରେ କମ୍ପ୍ୟୁଟରର ପୃଥିବୀ ।

**ଉପସଂହାର:** ଆଜି ସମଗ୍ର ପୃଥିବୀରେ ଯେତିକି କମ୍ପ୍ୟୁଟର ନିର୍ମାଣ ହେଉଛି, ତାହାର ଶତକଡ଼ା ୮୫ଭାଗ ଆମେରିକାରେ ତିଆରି ହୋଇଥାଏ । ପୃଥିବୀରେ ଜାପାନ, ଇଂଲଣ୍ଡ, ରୁଷିଆ, ଜର୍ମାନ୍ ଆଦି ଦେଶଗୁଡ଼ିକ ମଧ୍ୟ କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ବେଶ୍ ଅଗ୍ରଗତି ଲାଭ କରିସାରିଛି । ସମଗ୍ର ଏସିଆରେ ଜାପାନ୍ ପରେ ଭାରତ କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଲାଭ କରିଛି । ଭାରତରେ ପ୍ରାୟ ଏକହଜାରରୁ ଅଧିକ ଉନ୍ନତମାନର କମ୍ପ୍ୟୁଟର ରହିଛି । ବାଙ୍ଗାଲୋରର Indian Institute of Science ରେ ଉନ୍ନତମାନର କମ୍ପ୍ୟୁଟର ତିଆରି ହୋଇଛି । ଭାରତରେ ସେଥିପାଇଁ Electronics Corporation of India ବୋଲି ସଂସ୍ଥା ସ୍ଥାପିତ ହୋଇଛି ଓ ଏହା କମ୍ପ୍ୟୁଟର ତିଆରି କରିଥାଏ । ଦେଶକୁ ବିଜ୍ଞାନର ଅଗ୍ରଗତି ସହିତ ପାଦ ମିଳାଇ ଚାଲିବାକୁ ହେଲେ କମ୍ପ୍ୟୁଟରର ବିକାଶ ଅତ୍ୟନ୍ତ ଜରୁରୀ । ତେଣୁ ଉନ୍ନତଧରଣର କମ୍ପ୍ୟୁଟର ନିର୍ମାଣ ପାଇଁ ଭାରତ ବିଶେଷ ଗୁରୁତ୍ୱ ପ୍ରଦାନ କରିବା ଉଚିତ ।

# ୬.୫ ଭାରତ ଓ ପରମାଣୁ ଶକ୍ତି

**ଉପକ୍ରମ:** ଅତୀତର ମଣିଷ ଆରଣ୍ୟକ ପରିବେଶରୁ ମୁକ୍ତିଲାଭ କରି ଆଜି ସଭ୍ୟଶିକ୍ଷିତ ହୋଇପାରିଛି । ବିଜ୍ଞାନର ଆବିଷ୍କାର ଦ୍ୱାରା ମଣିଷ ପୃଥିବୀରେ ଶ୍ରେଷ୍ଠ ଜୀବ ରୂପେ ଆତ୍ମପ୍ରକାଶ କରିପାରିଛି । ତା'ଆଗରେ ଜ୍ଞାନବିଜ୍ଞାନର ସମସ୍ତ ଦ୍ୱାରା ଆଜି ମୁକ୍ତ । ସେ ପାଣିରେ ବୁଡ଼ିପାରୁଛି, ଆକାଶରେ ଉଡ଼ିପାରୁଛି । ଯାହା ଅତୀତରେ ଥିଲା ସ୍ୱପ୍ନ, ବର୍ତ୍ତମାନ ତାହା ବିରାଟ ବାସ୍ତବତା । ଏହି ବାସ୍ତବତାକୁ ଆଖିଆଗରେ ରଖି ସେ ନିଜର ସର୍ବନିମ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି । ବିଜ୍ଞାନ ଦ୍ୱାରା ମାନବ ସଭ୍ୟତା ଯେ ଜ୍ଞାନାଲୋକର ଶେଷ ସୋପାନରେ ପହଞ୍ଚିସାରିଲାଣି, ଅସ୍ୱୀକାର କରାଯାଇନପାରେ । ମାତ୍ର ଏହା ସହିତ ସେ ମଧ୍ୟ ପରୋକ୍ଷରେ ନିଜର ଧ୍ୱଂସର ରାଗିଣୀ ତୋଳିଛି । ପରମାଣୁ ବୋମାର ଆବିଷ୍କାର ଦ୍ୱାରା ପୃଥିବୀରେ ଯୁଦ୍ଧର ଭୟଙ୍କାରିତା ଦେଖାଦେଇଛି । ବିଶ୍ୱଧ୍ୱଂସ ପାଇଁ ଏହି ପରମାଣୁ ବା ଉଦ୍‌ଜାନ ବୋମା ନିର୍ମାଣ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମନରେ ପ୍ରଶ୍ନ ଉଠେ, ମାନବ ସଭ୍ୟତାର ଧ୍ୱଂସ ପାଇଁ ନା ମଙ୍ଗଳ ପାଇଁ ବିଜ୍ଞାନର ସୃଷ୍ଟି ? ଉତ୍ତର ଅତି ସହଜ । ମାତ୍ର ଯେଉଁମାନେ ଏହାର ପ୍ରୟୋଗକର୍ତ୍ତା, ସେହିମାନେ ହିଁ କହିପାରିବେ, ବିଶ୍ୱଧ୍ୱଂସ ହେବା ଉଚିତ କି ନୁହେଁ । ଭାରତ ଏ ସମ୍ପର୍କରେ ତା'ର ସ୍ପଷ୍ଟ ନୀତି ଘୋଷଣା କରି ସାରିଥିଲେହେଁ, ସାମ୍ପ୍ରତିକ ବିଶ୍ୱକୁ ଲକ୍ଷ୍ୟକରି ସେ ତା'ମତର ପୁନର୍ବିଚାର କରିବାକୁ ବାଧ୍ୟ ହେଉଛି ।

**ଭାରତର ବୈଦେଶିକ ନୀତି:**ଭାରତର ବୈଦେଶିକ ନୀତି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ।ତେଣୁ ମୁଖ୍ୟତଃ ପଞ୍ଚଶୀଳ ନୀତି ଉପରେ ଭାରତର ବୈଦେଶିକ ନୀତି ପ୍ରତିଷ୍ଠିତ । କେଉଁ ପ୍ରାଚୀନ କାଳରୁ ଏହାର ମୁନିଋଷିମାନେ ଜଗତର କଲ୍ୟାଣ ପାଇଁ ଓ ଶାନ୍ତିରେ ବସବାସ ପାଇଁ ଦେବତାମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞାଦି କ୍ରିୟା କରୁଥିଲେ । ଏହି ଭୂମିରେ ପଦାର୍ପଣ କରି ଚଣ୍ଡାଶୋକ ପରିଣତ ହୋଇଥିଲେ ଧର୍ମାଶୋକରେ । ମହାତ୍ମାଗାନ୍ଧି ଶାନ୍ତି ଓ ଅହିଂସା ଆନ୍ଦୋଳନରେ ଭାରତକୁ ସ୍ୱାଧୀନ କରିଥିଲେ । ତେଣୁ ଭାରତ କୌଣସି ମୁହୂର୍ତ୍ତରେ ଯୁଦ୍ଧ ଚାହେଁ ନାହିଁ; ବରଂ ଶାନ୍ତି ସ୍ଥାପନ ପାଇଁ ସେ ବାରମ୍ବାର ଯୁକ୍ତି କରିଆସିଛି । କେତେକ ଭାରତର ଏହି ଯୁକ୍ତିକୁ ଦୁର୍ବଳତର ଯୁକ୍ତି ବୋଲି ଆକ୍ଷେପ କରିଛନ୍ତି । ଏହା ସତ୍ତ୍ୱେ ଭାରତର ବୈଦେଶିକ ନୀତି ବହୁ ରାଷ୍ଟ୍ରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି ।

**ପରମାଣୁ ଶକ୍ତି (ବୋମା) ବିରୋଧରେ ମତବାଦ:** ଭାରତ ଆଣବିକ ବୋମା ପ୍ରସ୍ତୁତ କରିବା ଉଚିତ କି ନୁହେଁ, ଏ ସମ୍ପର୍କରେ ଦୁଇପ୍ରକାର ମତ ପରିଲକ୍ଷିତ ହୋଇଥାଏ । ଗୋଟିଏ ଦଳ ଆଣବିକ ବୋମା ପ୍ରସ୍ତୁତିର ବିରୋଧରେ ମତ ପୋଷଣ କରୁଥିବା ସମୟରେ, ଆଉ ଦଳେ ଏହା ସପକ୍ଷରେ ଯୁକ୍ତି କରିଥାନ୍ତି । ଯେଉଁମାନେ ଏହା ବିରୋଧରେ ମତ ପୋଷଣ କରନ୍ତି, ସେମାନଙ୍କର ଯୁକ୍ତି ହେଉଛି, ସମଗ୍ର ବିଶ୍ୱରେ ଭାରତ ଏକ ଶାନ୍ତିକାମୀ ଦେଶ ରୂପେ ପରିଚିତ । ଏଥିପାଇଁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ତାକୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଅତୀତରେ କୌଣସି ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ଭାରତ ଘୋର ପ୍ରତିକ୍ରିୟା ପ୍ରକାଶ କରିଛି । ସଂଘର୍ଷକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବାକୁ ସେ ପରାମର୍ଶ ଦେଉଥିବା ସମୟରେ ନିଜେ ପରମାଣୁବୋମା ପ୍ରସ୍ତୁତ କଲେ ତା'ର ନୈତିକତାର ଅଧୋଗତି ହେବ । ବିଶ୍ୱରେ ସେ ଯେଉଁ ସମ୍ମାନ ଲାଭ କରିଛି, ତାହା ହ୍ରାସ ପାଇବ । ପୁନରାୟ ଭାରତ ଏକ ବିକାଶଶୀଳ ରାଷ୍ଟ୍ର ହୋଇଥିବାରୁ, ଅଧିକାଂଶ ଅର୍ଥ ଦେଶର ଆର୍ଥିକ ବିକାଶ ପାଇଁ ଖର୍ଚ୍ଚ ହେଉଛି । କୃଷିପ୍ରଧାନ ଦେଶ ଭାବରେ ଏହାର ଆର୍ଥିକତା ଅବସ୍ଥା ସେପରି

ସୁଦୃଢ଼ ନୁହେଁ । ଯଦି ପରମାଣୁ ବୋମା ନିର୍ମାଣ କ୍ଷେତ୍ରରେ ସେ ଅର୍ଥବ୍ୟୟ କରେ, ତେବେ ତା'ର ଅନେକ ଯୋଜନା ପଣ୍ଡ ହୋଇଯିବ । ଆର୍ଥିକ ସ୍ଥିତି ଦୋହଲି ପଡ଼ିବ । ଏବେବି ଭାରତର ଶତକଡ଼ା ୩୬ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । ପରମାଣୁ ବୋମା ନିର୍ମାଣରେ ଯେଉଁ ପ୍ରଭୂତ ପରିମାଣରେ ଅର୍ଥବ୍ୟୟ ହେବ, ତଦ୍ଦ୍ୱାରା ଏହି ଦାରିଦ୍ର୍ୟ ସୀମାରେଖା ଆହୁରି ଉପରକୁ ବୃଦ୍ଧି ପାଇବ । ପୁନରାୟ ଭାରତ ବିଶ୍ୱରେ ଶାନ୍ତି ପାଇଁ ଯୁକ୍ତି କରୁଥିବା ସମୟରେ ନିଜେ ପରମାଣୁ ଶକ୍ତିର ଅଧିକାରୀ ହେଲେ, ତା'ର ଭାବମୂର୍ତ୍ତିରେ ଆଞ୍ଚ ଆସିବ । ତେଣୁ ନିଜର ସମ୍ମାନ ଓ ଆର୍ଥିକ ଦୃଷ୍ଟିକୁ ବିଚାର କରି ଭାରତ ପରମାଣୁ ବୋମା ନିର୍ମାଣ କ୍ଷେତ୍ରରେ ଅର୍ଥବ୍ୟୟ କରିବା ଅନୁଚିତ ବୋଲି ମତ ପ୍ରକାଶ ପାଇଥାଏ ।

**ସପକ୍ଷବାଦୀଙ୍କ ଯୁକ୍ତି:** ଯେଉଁମାନେ ଭାରତ ପରମାଣୁ ଶକ୍ତି ବା ବୋମା ନିର୍ମାଣ କରିବା ଅନୁଚିତ ବୋଲି ମତପ୍ରଦାନ କରିଥାନ୍ତି, ସେମାନେ ମୁଖ୍ୟତଃ ଏହାର ନୈତିକ ଦିଗଟିକୁ ବିଚାର କରିଥାନ୍ତି ମାତ୍ର ବାସ୍ତବ ଦିଗଟିକୁ ଭୁଲିଯାଇଥାନ୍ତି । ବାସ୍ତବତାକୁ ନେଇ ବଞ୍ଚିବା ମଣିଷର କର୍ତ୍ତବ୍ୟ । ଶାନ୍ତି ପାଇଁ ଯୁକ୍ତି କରୁଥିବା ଭାରତ ଉପରେ ୧୯୬୨ ମସିହାରେ ଚୀନ ଅତର୍କିତ ଆକ୍ରମଣ କରି ତାହାର ଏକ ବିରାଟ ଅଂଚଳ ନିଜ ଅଧିକାରକୁ ନେଇଆସିଲା । କେଉଁ ନୈତିକତା ସେତେବେଳେ ଭାରତକୁ ସାହାଯ୍ୟ କଲା । ବର୍ତ୍ତମାନ ବିଶ୍ୱରେ ଯେଉଁ ରାଷ୍ଟ୍ର ଯେତେ ପରିମାଣରେ ଆଣବିକ ଶକ୍ତିର ଅଧିକାରୀ, ବିଶ୍ୱରେ ସେହି ଦେଶ ସେତେ ପରିମାଣରେ ସମ୍ମାନିତ । ଚୀନ୍ ଦ୍ୱାରା ପରାଜିତ ହେବା ଯୋଗୁ ବିଶ୍ୱରେ ଭାରତ ସମ୍ମାନ ହ୍ରାସ ପାଇଛି । ମାତ୍ର ୧୯୭୧ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧରେ ଆମେ ଜୟଲାଭ କରିଥିବାରୁ, ଆମର ସମ୍ମାନ ବୃଦ୍ଧି ପାଇଛି । ଦୁର୍ବଳ ରାଷ୍ଟ୍ର କୌଣସି କ୍ଷେତ୍ରରେ ବିଶ୍ୱରୁ ସମ୍ମାନ ଆଶା କରିନପାରେ । ନୈତିକତା ଆଜି କେବଳ ଏକ ମୁଖରୋଚକ ଶବ୍ଦରେ ପରିଣତ ହୋଇଛି, ଏହାର ବାସ୍ତବ ମୂଲ୍ୟ ଆଦୌ ନାହିଁ । ଅନେକ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ସମସ୍ତ ନୀତିକୁ ବିସର୍ଜନ ଦେଇ ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣ କରିଛି । କିଛି ସମୟ ପାଇଁ ସେ ସାମାନ୍ୟ ସମାଲୋଚିତ ହୋଇଥିଲେ ହେଁ ଆର୍ଥିକ ସ୍ୱଚ୍ଛଳତା ଏବଂ ଆଣବିକ ଶକ୍ତିର ଅଧିକାରୀ ହୋଇଥିବାରୁ ଏବେ ମଧ୍ୟ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ଠାରୁ ତା'ର ସମ୍ମାନ ଊର୍ଦ୍ଧ୍ୱରେ । ଗୋଟିଏ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ର ଭାବରେ ଭାରତ ମଧ୍ୟ ନିଜର ନିରାପତ୍ତା ପ୍ରତି ଦୃଷ୍ଟି ଦେବା ସର୍ବାଦୌ ଆବଶ୍ୟକ । ଯୁଦ୍ଧ ପାଗଳ ରାଷ୍ଟ୍ରମାନଙ୍କୁ ସତର୍କ କରାଇଦେବା ପାଇଁ ଭାରତ ପରମାଣୁ ବୋମାର ଅଧିକାରୀ ହେବା ଉଚିତ୍ । କେବଳ ସେତିକି ନୁହେଁ, ଭାରତର ଦୁଇ ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନ ଆଣବିକ ବୋମାର ଅଧିକାରୀ ହୋଇସାରିଥିବା ସମୟରେ, ଭାରତ ଏ କ୍ଷେତ୍ରରେ ଦ୍ୱିଧାବୋଧ କାହିଁକି କରିବ ? ଏବେ ମଧ୍ୟ ଚୀନ୍ ଓ ପାକିସ୍ତାନ ଭାରତକୁ ନିଜର ଶତ୍ରୁ ଦେଶ ବୋଲି ଭାବି ଚାଲିଛନ୍ତି । ଯେକୌଣସି ମୁହୂର୍ତ୍ତରେ ଏହି ଦୁଇ ଦେଶ ତରଫରୁ ଭାରତ ପ୍ରତି ବିପଦ ଆଶଙ୍କା କରାଯାଇପାରେ । ତେଣୁ ଭାରତ ନିଜର ନିରାପତ୍ତାକୁ ଆଖିରେ ରଖି ନିଜର ଆଣବିକ କାର୍ଯ୍ୟକ୍ରମର ପୁନର୍ବିଚାର କରିବା ଆବଶ୍ୟକ । ଅତୀତରେ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ରୁଷ୍ ଭାରତକୁ ନିମନ୍ତ୍ରଣ କରିଥିଲେ ଆଣବିକ କାର୍ଯ୍ୟକ୍ରମ କ୍ଷେତ୍ରରେ ସେମାନଙ୍କର ସହାୟତା ଗ୍ରହଣ ପାଇଁ । ଭାରତ ସେପରି ପ୍ରସ୍ତାବ ଗ୍ରହଣ ନକରି ବୁଦ୍ଧିମତାର ପରିଚୟ ଦେଇଛି । ନଚେତ୍ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଗୋଡ଼ାଣିଆ ହେବାକୁ ପଡୁଥାନ୍ତା । ଭାରତ ମଧ୍ୟ ଏନ୍.ପି.ଟି.ରେ ସ୍ୱାକ୍ଷର ନକରି ଦୂରଦୃଷ୍ଟିର ପରିଚୟ ପ୍ରଦାନ କରିଛି । ଯଦି ସେଥିରେ ସ୍ୱାକ୍ଷର କରିଥାନ୍ତା, ଭବିଷ୍ୟତର ଭାରତ କଦାପି ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିପାରିନଥାନ୍ତା । ଏପରିକି ସି.ଟି.ବି.ଟି.ରେ ମଧ୍ୟ ସ୍ୱାକ୍ଷର ନକରିବା ଭାରତ ପକ୍ଷେ ମଙ୍ଗଳକର ହୋଇଛି । ଏକଥା ସତ୍ୟ, ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ ଦ୍ୱାରା ପ୍ରଚୁର ପରିମାଣର ଅର୍ଥ ବ୍ୟୟ ହେବ । ଭାରତର ଆର୍ଥିକ





ସ୍ଥିତି ଦୁର୍ବଳ ହୋଇଥିବାରୁ, ଏହା ତା' ଉପରେ ଏକ ବୋଝ ସଦୃଶ ହେବ । ଏହା ସତ୍ତ୍ୱେ ସ୍ୱାଧୀନତା ରକ୍ଷା ପାଇଁ ଭାରତ ଆଣବିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଆବଶ୍ୟକ । ବର୍ତ୍ତମାନ ଏସିଆ ଭୂଖଣ୍ଡରେ ଯେଉଁ ପରିମାଣରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି, ସେଥିରୁ ଭାରତ ନିଜକୁ ଦୂରେଇ ରଖିଲେ ତା'ର ସ୍ଥିତି ବିପନ୍ନ ହୋଇପଡ଼ିବ । ମିଥ୍ୟା ସମ୍ମାନ ଓ ନୈତିକତାର ଦ୍ୱାହି ଦେଇ ଅନ୍ୟ ଦୃଷ୍ଟିରେ ହୀନପ୍ରଭ ହୋଇପଡ଼ିବାର ଦେଶବାସୀ ଗୋଟିଏ ବେଳା ନଖାଇ ଅଣୁଅସ୍ତ୍ର ନିର୍ମାଣ କରିବେ । ଭାରତ ମଧ୍ୟ ଠିକ୍ ସେହି ନୀତି ଅବଲମ୍ବନ କରିବା ଆବଶ୍ୟକ ।

**ସାମ୍ପ୍ରତିକ ବିଶ୍ୱ ଓ ପରମାଣୁ ବୋମା:** ସାଂପ୍ରତିକ ବିଶ୍ୱରେ ଅଧିକାଂଶ ରାଷ୍ଟ୍ର ଅଣୁଅସ୍ତ୍ରର ଅଧିକାରୀ ହୋଇସାରିଲେଣି । ଆମେରିକା, ରୁଷ, ଚୀନ୍, ଇଂଲଣ୍ଡ, ଜର୍ମାନ୍, ଫ୍ରାନ୍ସ, ପାକିସ୍ତାନ ଆଦି ଦେଶ ସେମାନଙ୍କ ନିକଟରେ ବହୁ ପରିମାଣରେ ଅଣୁଅସ୍ତ୍ର ଗଚ୍ଛିତ ରଖିଛନ୍ତି । ଏହି ଅସ୍ତ୍ରପାଗଳ ଦେଶମାନେ ଯେକୌଣସି ମୁହୂର୍ତ୍ତରେ ବିଶ୍ୱ ଧ୍ୱଂସ କରିଦେଇପାରନ୍ତି । ଶାନ୍ତି ପାଇଁ ଆହ୍ୱାନ ଦେଉଥିବା ଦେଶ ପରୋକ୍ଷରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାରେ ଲାଗିଛନ୍ତି । ଆମେରିକ, ରୁଷ୍, ଫ୍ରାନ୍ସ, ଜର୍ମାନ୍, ଇଂଲଣ୍ଡ, ଚୀନ୍ ଆଦି ଦେଶଗୁଡ଼ିକ ବହୁଥର ପରମାଣୁ ବୋମା ପରୀକ୍ଷା କରି ନିଜ ଶକ୍ତିର ପରିଚୟ ଦେଇସାରିଛନ୍ତି । ପ୍ରତି କ୍ଷେତ୍ରରେ ସେମାନେ ମୁକାବିଲା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ । ଏହାଦ୍ୱାରା ସମଗ୍ର ବିଶ୍ୱ ଯେ କି ପ୍ରକାର ଆତଙ୍କର ସମ୍ମୁଖୀନ ହେଉଛି, ତାହା ସେମାନେ ଜାଣିପାରୁନାହାନ୍ତି । ବିଶ୍ୱର ଏହି ଯୁଦ୍ଧ ପାଗଳ ଦେଶମାନଙ୍କ ଗତିରୀତିକୁ ନିରୀକ୍ଷଣ କରି ଭାରତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିନପାରିଲେ ପଛରେ ଅନୁତାପ କରିବା ହିଁ ସାର୍ ହେବ ।

**ଉପସଂହାର:** ଅବଶ୍ୟ ସଂପ୍ରତି ବିଶ୍ୱରେ ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ରରୂପେ ଭାରତ ନିଜର ସ୍ଥିତି ଜାହିର କରିସାରିଛି । ୧୯୭୪ ମସିହାରେ ପ୍ରଥମ ଆଣବିକ ବୋମା ପରୀକ୍ଷା କରି ଭାରତ ନିଜର ଶକ୍ତିର ପରିଚୟ ଦେଇଥିଲା । ୧୯୯୮ ମସିହାରେ ଲଗାତାର ପାଞ୍ଚୋଟି ପରମାଣୁ ଓ ଉଦ୍‌ଜାନ ବୋମା ପରୀକ୍ଷା କରି ନିଜକୁ ବିଶ୍ୱର ଅନ୍ୟାନ୍ୟ ପରମାଣୁ ଶକ୍ତିଶାଳୀ ଦେଶଙ୍କ ସମକକ୍ଷ କରିପାରିଛି । ଏତଦ୍‌ବ୍ୟତୀତ ପୃଥ୍ୱୀ, ଅଗ୍ନି ଆଦି କ୍ଷେପଣାସ୍ତ୍ର ନିର୍ମାଣ କରି ନିଜର ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି । ଭାରତ ସବୁ ସମୟରେ କହିଆସିଛି, ସେ ତା'ର ପରମାଣୁ ଚୁକ୍ତିକୁ ଦେଶର ସମୃଦ୍ଧି ଓ ମଙ୍ଗଳ କ୍ଷେତ୍ରରେ ହିଁ ବିନିଯୋଗ କରିବ । କାରଣ ଭାରତ ଯୁଦ୍ଧନୀତିକୁ ଘୃଣା କରେ । ମାତ୍ର ଯେତେବେଳେ ତା'ର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଉପରେ ବିପଦ ଦେଖାଦେବ କିମ୍ବା କୌଣସି ପଡ଼ୋଶୀ ଦେଶ ବା ବହିଃଶତ୍ରୁ ଭାରତକୁ ଆକ୍ରମଣ କରିବେ, ସେତେବେଳେ ଦେଶର ସ୍ୱାଧୀନତା ରକ୍ଷା ପାଇଁ ସେ ଏହି ପରମାଣୁ ଶକ୍ତିର ପ୍ରୟୋଗ କରିବାକୁ ବାଧ୍ୟ ହେବ । ପରମାଣୁ ଶକ୍ତିର ଅଧିକାରୀ ହେବା ସତ୍ତ୍ୱେ ଭାରତର ସଂଯମ ଆଚରଣ ବିଶ୍ୱରେ ଯେ ତା'ର ସମ୍ମାନ ବୃଦ୍ଧି କରିଛି, କହିବା ବାହୁଲ୍ୟ ମାତ୍ର ।

●●●

# ୬.୬ ପରିବେଶ ପ୍ରଦୂଷଣ

**ଉପକ୍ରମ:** ପ୍ରତ୍ୟେକ ମଣିଷ ଏକ ନିରାମୟ ଓ ସୁଖମୟ ଜୀବନ ଆବଶ୍ୟକ କରେ । 'ଯାବତ୍ ଜୀବେତ୍ ସୁଖମ୍ ଜୀବେତ୍' - ଏହା ହିଁ ପ୍ରତିଟି ମଣିଷର ଧ୍ୟେୟ । ମାତ୍ର ଅନେକ ସମୟରେ ମଣିଷ ଜାଣିଜାଣି ନିଜ ଜୀବନକୁ ବିପଦାପନ୍ନ କରିଥାଏ । ନିଜର ବ୍ୟକ୍ତିଗତ ବା ରାଷ୍ଟ୍ରୀୟ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସମଗ୍ର ମାନବସମାଜକୁ ଧ୍ୱଂସ ଦିଗକୁ ଗତି କରାଇଥାଏ । ମାନବର ଆବଶ୍ୟକତା ପରିପୂରଣ ଉଦ୍ଦେଶ୍ୟରେ ପ୍ରକୃତି ତା'ର ଗନ୍ତାଘରକୁ କେଉଁ ଆବାହମାନ କାଳରୁ ମୁକ୍ତ ରଖିଛି । ପ୍ରକୃତିର ସେହି ମହାନତାକୁ ଆଜିର ସ୍ୱାର୍ଥ ପ୍ରବଣ ମଣିଷ ବୁଝିବାକୁ ଅସମର୍ଥ । ସେଥିପାଇଁ ବିକାଶ ଓ ବିଜ୍ଞାନ ଆଳରେ ନିଜର ଅହଂ ତଥା ଆତ୍ମବଡ଼ିମାର ପରିପ୍ରକାଶ ନିମିତ୍ତ ସେ ଯେଉଁ ପଦକ୍ଷେପମାନ ଗ୍ରହଣ କରୁଛି, ପରୋକ୍ଷରେ ତା'ରି ମାଧ୍ୟମରେ ସେ ନିଜର ଧ୍ୱଂସକୁ ସ୍ୱାଗତ କରୁଛି । ସୁଖ ମଣିଷଟିଏ ପାଇଁ ସୁସ୍ଥ ପରିବେଶଟିଏ ଲୋଡ଼ା । ସୁସ୍ଥ ପରିବେଶ ପାଇଁ ଆବଶ୍ୟକ ଉଦାରବାଦୀ ଦୃଷ୍ଟିଭଙ୍ଗୀ । ଆଜି ସମଗ୍ର ବିଶ୍ୱ ଏକ ଭୟାନକ ଭବିଷ୍ୟତ ଦିଗକୁ ଖୁବ କ୍ଷୀପ୍ର ବେଗରେ ଧାବମାନ । କାରଣ ସେ ଯେଉଁ ପରିବେଶ ମଧ୍ୟରେ ବସବାସ କରୁଛି ପ୍ରତିନିୟତ ତାହା ଦୂଷିତ ହେବାରେ ଲାଗିଛି । ପରିବେଶବିତ୍‌ମାନେ ସମଗ୍ର ବିଶ୍ୱକୁ ଏ ସଂପର୍କରେ ସଚେତନ କରାଇ ସାରିଲେଣି । ଯଦି ମାନବସମାଜ ଏବେଠାରୁ ସତର୍କତା ଅବଲମ୍ବନ ନକରେ, ତେବେ ତାର ଭବିଷ୍ୟତ ଯେ ସଂପୂର୍ଣ୍ଣ ରୂପେ ବିପଦାପନ୍ନ ହୋଇପଡ଼ିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ପରିବେଶ କ'ଣ ?:** ସାଧାରଣ ଭାବରେ ପରିବେଶ କହିଲେ ଆମର ପାରିପାର୍ଶ୍ୱିକ ଅବସ୍ଥିତି । ଆମର ଚତୁର୍ଦ୍ଦିଗକୁ ଆମେ ପରିବେଶ ବୋଲି କହିଥାଉ । ଆମେ ଯେଉଁଠାରେ ବସବାସ କରୁ ତା'ରି ବିଭିନ୍ନ ଅବସ୍ଥିତି ପରିବେଶ ଅନ୍ତର୍ଭୁକ୍ତ । ତାହା ହୁଏତ ହୋଇପାରେ ଗୋଟିଏ ଗୃହ, ଗ୍ରାମ, ସହର କିମ୍ବା ଦେଶରେ ପରିବେଶ । କୌଣସି କାରଣରୁ ଏହି ପରିବେଶ ଦୂଷିତ ହେଲେ ପରିବେଶ ପ୍ରଦୂଷଣ ହେଲା ବୋଲି କୁହାଯାଇଥାଏ । ସାଂପ୍ରତିକ କାଳରେ ମାନବସମାଜର ବିପର୍ଯ୍ୟୟ ପାଇଁ ଏହି ପରିବେଶ ପ୍ରଦୂଷଣ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ପରିବେଶର ପରିବର୍ତ୍ତନ ଯୋଗୁ ପୃଥିବୀର ସହାୟତା ପ୍ରଦାନ କରିଥାଏ । ସେଥିପାଇଁ ପରିବେଶର ଉପଯୁକ୍ତ ସୁରକ୍ଷା ମାନବସମାଜର ନିମିତ୍ତ ଏକ ବିଶେଷ ଆହ୍ୱାନ ରୂପେ ଦେଖାଦେଇଛି ।

**ମାନବ ଓ ପରିବେଶ:** ପଞ୍ଚମହାଭୂତରୁ ଜଗତର ସୃଷ୍ଟି ଓ ବିକାଶ । ମାନବସମାଜ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଅତୀତରେ ଏକ ସୁସ୍ଥ ପରିବେଶରୁ ମଣିଷ ଏ ପୃଥିବୀରେ ଜନ୍ମଲାଭ କରିଥିଲା । ନଗର ଓ ଶିଳ୍ପ ସଭ୍ୟତାର ବିକାଶ ପୂର୍ବରୁ ପ୍ରକୃତିର ଆନନ୍ଦମୟ ପରିବେଶ ମଧ୍ୟରେ ମଣିଷ ଜୀବନଯାପନ କରୁଥିଲା । ରୋଗ, ବ୍ୟାଧି ତାକୁ ସ୍ପର୍ଶ କରିପାରୁନଥିଲା । ଏକ ସୁସ୍ଥ, ସୁନ୍ଦର ପରିବେଶ ହିଁ ତା' ଜୀବନକୁ ଆନନ୍ଦ ମଧୁର କରୁଥିଲା । ପ୍ରକୃତିର ସନ୍ତାନ ମଣିଷ ପାଇଁ ପ୍ରକୃତି ସବୁକିଛି ସଜାଇ ରଖିଥିଲା । ମଣିଷ ଯେତେବେଳେ ବସ୍ତୁବାଦୀ ହୋଇପଡ଼ିଲା, ପ୍ରକୃତିକୁ ବିଭିନ୍ନ ଭାବରେ ଲୁଣ୍ଠନ କରିବାକୁ ଲାଗିଲା । ସଭ୍ୟତା ନାମରେ ସୁନ୍ଦର ପ୍ରକୃତିକୁ ସେ ବିକୃତ କରିଚାଲିଲା । ଭୋଗବାଦୀ ମଣିଷ ନିଜର ସୀମାହୀନ ଆଶାର ପରିପୂରଣ ପାଇଁ ନିଜର





ବିପର୍ଯ୍ୟୟକୁ ଡାକି ଆଣିଲା । ମଣିଷର ବଂଚିବା ନିମିତ୍ତ ଆବଶ୍ୟକ ହୁଏ ବାୟୁ, ଉତ୍ତାପ, ଜଳ,ଆଲୋକ ଆଦି ବହୁ ଉପାଦାନ । ଯଦି କୌଣସି କାରଣରୁ ଏହି ଉପାଦାନଗୁଡ଼ିକ ଦୂଷିତ ହୋଇପଡ଼େ, ମଣିଷର ଜୀବନ ହୋଇଉଠେ ବିପର୍ଯ୍ୟସ୍ତ । ସେଥିପାଇଁ ପ୍ରତି କ୍ଷେତ୍ରରେ ମଣିଷ ସତର୍କତା ଅବଲମ୍ବନ କରିବା ଉଚିତ୍ । ବିଶେଷ ଭାବରେ ନିଜର ପରିବେଶ ପାଇଁ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ । ପରିବେଶ ସହିତ ମଣିଷର ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବାରୁ ସୁସ୍ଥ ପରିବେଶ ସୃଷ୍ଟି ନିମିତ୍ତ ମାନବ ନିଜ ସ୍ତରରେ ସର୍ବଦା ସଚେଷ୍ଟ ରହିବା ଆବଶ୍ୟକ ।

**ପରିବେଶର ଆବଶ୍ୟକତା:** ମଣିଷ ବଞ୍ଚିରହିବା ପାଇଁ ଯେଉଁ କେତେଗୁଡ଼ିଏ ଏ ଜିନିଷର ଆବଶ୍ୟକତା ରହିଛି, ତନ୍ମଧ୍ୟରୁ ପରିବେଶ ଅନ୍ୟତମ । ବାୟୁ, ଉତ୍ତାପ, ଆଲୋକ, ଜଳ ବ୍ୟତିରେକେ ମଣିଷ ବଂଚିରହିବା ଅସମ୍ଭବ । ଯେଉଁ ପ୍ରକୃତିର ସହାୟତାରେ ମଣିଷର ଜୀବନ ସୁସ୍ଥ ସୁନ୍ଦର ହୋଇଥିଲା, ଆଜି ତାକୁ ନିଃଶେଷ କରି ମଣିଷ ନିଜେ ନିଃସ୍ୱ ହୋଇଯାଇଛି । ତା'ର ଭବିଷ୍ୟତ ଅନ୍ଧକାରମୟ । ତା'ର ଭାବୀ ଉତ୍ତରାଧିକାରୀ ଏକ ସମ୍ଭାବନାହୀନ ଭବିଷ୍ୟତକୁ ଦେଖି ବୀତସ୍ପୃହ । ତା'ର ଶ୍ୱାସକ୍ରିୟା ନିମିତ୍ତ ଯେଉଁ ଶୁଦ୍ଧବାୟୁର ଆବଶ୍ୟକତା ରହିଛି, ତାହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଶରୀର ଗଠନ ନିମିତ୍ତ ଆବଶ୍ୟକ ହେଉଥିବା ଜଳ ମଧ୍ୟ ପ୍ରଦୂଷିତ । ଏପରି ଅବସ୍ଥାରେ ପରିବେଶର ସୁରକ୍ଷା କରିବା ତା'ର ପ୍ରଥମ କର୍ତ୍ତବ୍ୟ । ଗତ କିଛିବର୍ଷ ହେବ ପୃଥିବୀର ପାଣିପାଗରେ ଘନଘନ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଯଦି ଏହିପରି ପରିବର୍ତ୍ତିତ ପାଣିପାଗ ଲାଗିରହେ, କିଛିବର୍ଷ ପରେ ଏହି ପୃଥିବୀରେ ସଜୀବ ପ୍ରାଣୀ ବା ଉଦ୍ଭିଦ ଜୀବନଧାରଣ କରିବା କଷ୍ଟସାଧ୍ୟ ବୋଲି ପରିବେଶବିତ୍ ଓ ବୈଜ୍ଞାନିକମାନେ ମତପ୍ରଦାନ କରିସାରିଲେଣି । ମଣିଷର ବଂଚି ରହିବା ମୂଳରେ ପରିବେଶର ଭୂମିକା ମୁଖ୍ୟ ହୋଇଥିବାରୁ ଏହାର ସୁରକ୍ଷା ଓ ଶୁଦ୍ଧତା ନିମିତ୍ତ ଏବେ ଠାରୁ ମାନବ ସମାଜ ସଚେତନ ହେବା ଏକାନ୍ତ ଜରୁରୀ ।

**ପ୍ରଦୂଷଣର ବିବିଧ କାରଣ:** ପରିବେଶ ପ୍ରଦୂଷଣର ବହୁବିଧ କାରଣ ରହିଛି । ଏହାର ମୂଳ କାରଣ ମଣିଷର ବସ୍ତୁବାଦୀ ଚିନ୍ତାଧାରା ଓ ସ୍ୱାର୍ଥ ପରାୟଣ ମନୋବୃତ୍ତି । ବିଜ୍ଞାନର ଭୂୟୋବିକାଶ ପରିବେଶ ପ୍ରଦୂଷଣ ନିମିତ୍ତ ବହୁପରିମାଣରେ ଦାୟୀ । ଶିଳ୍ପ ବିପ୍ଳବ ପରେ ସଭ୍ୟ ମଣିଷ ଅନୁଭବ କଲା ଦେଶର ଆର୍ଥିକ ପ୍ରଗତି ବହୁ ପରିମାଣରେ ଶିଳ୍ପ ଅଭିବୃଦ୍ଧି ଉପରେ ନିର୍ଭରଶୀଳ । ତେଣୁ ସମଗ୍ର ବିଶ୍ୱରେ ଶିଳ୍ପର ବିକାଶ ନିମିତ୍ତ ବୈଜ୍ଞାନିକ ଉପାୟରେ ଗୁରୁତ୍ୱ ପ୍ରଦାନ କରାଗଲା । ଶିଳ୍ପର ବିକାଶ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଅଭିବୃଦ୍ଧି ଘଟିଲା । ଏକ ସର୍ବେକ୍ଷଣରୁ ଜଣାଯାଏ ୧୯୦୦ ମସିହା ପରଠାରୁ ଅଙ୍ଗାରକାମ୍ଳ ବୃଦ୍ଧି ପାଇବାରେ ଲାଗିଛି । ୧୯୦୦ରୁ ୧୯୨୫ ମଧ୍ୟରେ ବିଶ୍ୱ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ୧୦ଲକ୍ଷ ଭାଗରେ ଥିଲା ୧୪୮ ଭାଗ । ୧୯୫୦ ମଧ୍ୟରେ ଏହାର ବୃଦ୍ଧି ଘଟି ହେଲା ୨୦୩ ଭାଗ । ୧୯୭୫ ମଧ୍ୟରେ ଏହାର ପରିମାଣ ହେଲା ୩୦୫ ଭାଗ । ୧୯୯୬ ମସିହାରେ ଏହା ବୃଦ୍ଧି ପାଇ ୩୬୦ ଭାଗରେ ପହଁଚିଛି । ପରିବେଶ ବିଜ୍ଞାନୀଗଣ ମତପ୍ରକାଶ କରି କହିଛନ୍ତି ୨୦୧୦ ମଧ୍ୟରେ ଏହାର ଭାଗ ୬୦୦ରୁ ୧୦୦୦ ମଧ୍ୟରେ ପହଁଚିପାରେ । ଯଦି ୨୦୧୦ ମସିହା ବେଳକୁ ଅଙ୍ଗାରକାମ୍ଳ ଗ୍ୟାସ ଏହି ସ୍ତରରେ ପହଞ୍ଚେ, ସମଗ୍ର ମାନବସମାଜ ପାଇଁ ଏହା ନିଶ୍ଚିତ ଭାବରେ ସଂକଟ ସୃଷ୍ଟି କରିବ । ଗ୍ରୀନ୍‌ହାଉସ ପ୍ରଭାବର ଭୟାବହତାରୁ ରକ୍ଷା ପାଇବାକୁ ହେଲେ କେତୋଟି ଗ୍ୟାସର ବୃଦ୍ଧିକୁ ରୋକିବାକୁ ପଡ଼ିବ । ଏହି ଗ୍ୟାସଗୁଡ଼ିକ

ମଧ୍ୟରେ ମୁଖ୍ୟ ହେଉଛି ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରେଟ୍ ଅକ୍ସାଇଡ୍ ଇତ୍ୟାଦି । ଭାରିଶିଳ୍ପ ଓ କ୍ଷୁଦ୍ରଶିଳ୍ପରୁ ବହିର୍ଗତ ହେଉଥିବା ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷଣ କରୁଅଛି ଏବଂ ଏଥିରୁ ବାହାରୁଥିବା ଦୂଷିତ ଜଳ ନଦୀରେ ପ୍ରବେଶ କରି ନଦୀଜଳକୁ ମଧ୍ୟ ଦୂଷିତ କରୁଛି । ଜଙ୍ଗଲ ଧ୍ୱଂସ ହେବାଦ୍ୱାରା ତା'ର ବହୁ ପ୍ରଭାବ ପରିବେଶ ଉପରେ ପଡୁଛି । ସାଧାରଣତଃ ମଣିଷ ଏବଂ ପ୍ରାଣୀମାନେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ପରିତ୍ୟାଗ କରୁଥିବା ସମୟରେ ବୃକ୍ଷଲତା ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥାନ୍ତି । ଜଙ୍ଗଲ ଦ୍ୱାରା ବାୟୁମଣ୍ଡଳ ପରିଶୋଧିତ ହୋଇଥାଏ ଏବଂ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ପରିମାଣ କମିଥାଏ । ମାତ୍ର ଅବାଧ ଜଙ୍ଗଲ ଧ୍ୱଂସ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ି ବଢ଼ି ଚାଲିଛି । ପେଟ୍ରୋଲ, ଡିଜେଲ ଆଦିର ଅତ୍ୟଧିକ ବ୍ୟବହାର ମଧ୍ୟ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି । ପରିବର୍ତ୍ତିତ ପାଣିପାଗ ଯୋଗୁଁ ପୃଥିବୀ ଉତ୍ତପ୍ତ ହୋଇଉଠୁଛି । କଳକାରଖାନାରୁ ନିର୍ଗତ ହେଉଥିବା କାର୍ବନ ମନୋକ୍ସାଇଡ୍, ପ୍ରୋପେନ୍, କାର୍ବନ-ଡ଼ାଇ-ଅକ୍ସାଇଡ୍, ମିଥେନ୍, ନାଇଟ୍ରେଟ ଅକ୍ସାଇଡ୍, କ୍ଲୋରୋଫ୍ଲୋରୋ କାର୍ବନ୍ ଆଦି ଗ୍ୟାସ୍ ବାୟୁମଣ୍ଡଳର ନିମ୍ନଭାଗରେ ଏକ ଆବରଣ ସୃଷ୍ଟି କରିବା ଦ୍ୱାରା ପୃଥିବୀପୃଷ୍ଠରେ ସୃଷ୍ଟି ହେଉଥିବା ଉତ୍ତାପ ବାୟୁମଣ୍ଡଳ ବାହାରକୁ ଯାଇପାରୁନଥିବାରୁ ଏହା ଧୀରେ ଧୀରେ ଉତ୍ତପ୍ତ ହୋଇ ପୃଥିବୀର ନାନାବିଧ ଅପକାର ସୃଷ୍ଟି କରିଥାଏ ।ପୃଥିବୀରେ ବର୍ତ୍ତମାନ ତାପମାନ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ୧୯୬୦ ମସିହା ତୁଳନାରେ ବର୍ତ୍ତମାନ ତାପମାନ ୦.୫ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଛି । ପରିବେଶ ବିଜ୍ଞାନୀଗଣ ଅନୁମାନ କରିଛନ୍ତି ୨୦୧୦-୧୫ବେଳକୁ ଏହା ବୃଦ୍ଧିପାଇ ୨.୦ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ୪.୫ଡ଼ିଗ୍ରୀ ସେଣ୍ଟିଗେଡ୍‌ରେ ପହଞ୍ଚିପାରେ । ଏହାଦ୍ୱାରା ପୃଥିବୀରେ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ସୃଷ୍ଟି ହେବ । ଅଦିନିଆ ବନ୍ୟା, ବାତ୍ୟା, ଅନାବୃଷ୍ଟି, ଦୁର୍ଭିକ୍ଷ ଆଦି ଦେଖାଦେବାର ସମ୍ଭାବନା ରହିବ । ଜନସଂଖ୍ୟା ବୃଦ୍ଧି ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ । ଜନସଂଖ୍ୟା ବୃଦ୍ଧି ହେଉଥିବାରୁ ସେମାନଙ୍କ ବାସସ୍ଥାନ ତଥା ବର୍ତ୍ତମାନର ସମସ୍ୟାକୁ ଆଖିଆଗରେ ରଖି ଜଙ୍ଗଲ ଧ୍ୱଂସ କରାଯାଇ ରାସ୍ତା, ଶିଳ୍ପ ଆଦିର ପ୍ରତିଷ୍ଠା କରାଯାଉଛି । ୧୯୮୫ ମସିହାରେ ଭାରତ ସହିତ ସମୁଦାୟ ୪୦ଟି ରାଷ୍ଟ୍ରମୁଖ୍ୟ ଜନସଂଖ୍ୟା ସ୍ଥିର ରଖିବାକୁ 'ଜନସଂଖ୍ୟାସ୍ଥିରତା' ରାଜିନାମାରେ ସ୍ୱାକ୍ଷର କରିଥିଲେ । ଜନସଂଖ୍ୟା ନିୟନ୍ତ୍ରିତ ହୋଇନପାରିଲେ ଭବିଷ୍ୟତ ବଂଶଧରଗଣ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବହୁବିଧ ଅସୁବିଧାର ସମ୍ମୁଖୀନ ହେବେ । ୧୯୬୦-୯୦ ମସିହା ମଧ୍ୟରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଭାରତର ପ୍ରାୟ ଦୁଇହଜାର ବର୍ଗମାଇଲ ଜଙ୍ଗଲ ନଷ୍ଟ ହୋଇଛି । ଏହିପରି ଭାବରେ ଜଙ୍ଗଲ କ୍ଷୟ ହେଲେ, ଶେଷରେ ଭାରତ ଏକ ନିପଟ ମରୁଭୂମିରେ ହିଁ ପରିଣତ ହୋଇଯିବ । କେତେକ ପରିବେଶବିତ୍ ମତ ପ୍ରଦାନ କରି କହିଛନ୍ତି ଜନସଂଖ୍ୟା ବୃଦ୍ଧି ନିରୋଧ କରାନଗଲେ ଅମ୍ଳବର୍ଷା ତଥା ଓଜୋନ୍ ମଣ୍ଡଳରେ ଗର୍ତ୍ତ ସୃଷ୍ଟି ହେବାର ବହୁ ସମ୍ଭାବନା ରହିଛି । ଜନସଂଖ୍ୟା ବୃଦ୍ଧି ଯୋଗୁଁ ମଣିଷ ନିଜର ଆବଶ୍ୟକତା ପରିପୂରଣ ନିମିତ୍ତ ଜଙ୍ଗଲରୁ ବାଉଁଶ, କାଠ ଆଦି କାଟିଥାନ୍ତି । ପୁନରାୟ ଏହି ଜଙ୍ଗଲ କ୍ଷୟଯୋଗୁଁ ପ୍ରତିବର୍ଷ ଭାରତରେ ପ୍ରାୟ ୬ହଜାର ୩୩୪ ନିୟୁତ ଟନ୍ ମୃତ୍ତିକା କ୍ଷୟ ହେଉଛି । ଯଦି ଏହି ପ୍ରକ୍ରିୟା ଚାଲୁରହେ, ତେବେ ୨୦୧୫ ମସିହା ବେଳକୁ ଭାରତର ଏକ ତୃତୀୟାଂଶ ଚାଷଜମି ନଷ୍ଟ ହୋଇଯିବ ବୋଲି ମୃତ୍ତିକା ବିଶେଷଜ୍ଞଗଣ ମତପ୍ରଦାନ କରିଛନ୍ତି । ସମ୍ପ୍ରତି ପ୍ରତି ମିନିଟ୍‌ରେ ୬ହେକ୍ଟର ଜମିର ମୃତ୍ତିକା ଅବକ୍ଷୟ ଘଟୁଛି । ପାର୍ବତ୍ୟ ଅଞ୍ଚଳରେ ୯୩.୦୬ ନିୟୁତ ଟନ୍ ମାଟି ଧସିଯାଇ ନଦୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ୨୦୨୫ ମସିହା ବେଳକୁ ପୃଥିବୀର ଜନସଂଖ୍ୟା

ଏକହଜାର କୋଟି ତଥା ଭାରତର ଜନସଂଖ୍ୟା ଶହେକୋଟିରୁ ବହୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି ।ଆଗାମୀ ଶତାବ୍ଦୀ ଶେଷବେଳକୁ ଭାରତର ଜନସଂଖ୍ୟା ଦୁଇଶହକୋଟିରୁ ଅଧିକ ହୋଇଯିବ । ଜନସଂଖ୍ୟାର ଏପରି ଅଭିବୃଦ୍ଧି ଯୋଗୁଁ ପରିବେଶ ଉପରେ ତା'ର ଭୀଷଣ କୁପ୍ରଭାବ ପଡ଼ିବ । ବିକଶିତ ରାଷ୍ଟ୍ରଗଣ ବିଭିନ୍ନ ସମୟରେ ସମୁଦ୍ର ତଥା ମରୁଭୂମିମାନଙ୍କରେ ଆଣବିକ ବୋମାର ପରୀକ୍ଷା କରୁଛନ୍ତି । ଏହାର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡୁଛି । ବାୟୁମଣ୍ଡଳ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ରୋଗବ୍ୟାଧି ସୃଷ୍ଟି ଲାଭ କରୁଛି । ଯୁଦ୍ଧ ସମୟରେ ବିଭିନ୍ନ ରାସାୟନିକ ଅସ୍ତ୍ରଶସ୍ତ୍ରର ନିର୍ମାଣ ତଥା ପ୍ରୟୋଗ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ସୃଷ୍ଟି କରୁଛି । ଜଳବାୟୁର ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର କୁ-କ୍ରିୟା ସୃଷ୍ଟି ହେଉଛି । ଦୂଷିତ ଜଳ, ରାସାୟନିକ ସାର ଏବଂ ବିଷାକ୍ତ ଔଷଧ ଦ୍ୱାରା ଉତ୍ପାଦିତ ଫସଲ ଦୂଷିତ ହୋଇଯାଉଥିବାରୁ ଏବଂ ତାକୁ ଖାଦ୍ୟରୂପେ ଗ୍ରହଣ କରୁଥିବାରୁ ମାନବସମାଜରେ ବିବିଧ ରୋଗର ଆବିର୍ଭାବ ହେଉଛି । ଅପମିଶ୍ରିତ ଖାଦ୍ୟ ମାନବର ବହୁ ଅପକାର ସାଧନ କରିବା ସଙ୍ଗେ ସଙ୍ଗେ ପରିବେଶ ଉପରେ ତା'ର କୁପ୍ରଭାବ ପକାଉଛି । ବିଳାସୀ ମଣିଷ ବିଭିନ୍ନ ପ୍ରକାର ଯାନର ବ୍ୟବହାର କରି ପରିବେଶକୁ ପ୍ରଦୂଷଣ କରୁଛି । ବହୁପ୍ରକାର ମଟରଯାନର ବ୍ୟବହାର ଏବଂ ଡ଼ିଜେଲ, ପେଟ୍ରୋଲ ଆଦି ଇନ୍ଧନଦ୍ୱାରା ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶକୁ ଦୂଷିତ କରୁଛି । ସହର ଏବଂ ଗାଁଗହଳରେ ବହୁପରିମାଣରେ ଆବର୍ଜନା ପୂରି ରହିଥାଏ । ତାକୁ ଯଥାସମୟରେ ନିଷ୍କାସନ କରାଯାଇ ନଥିବାରୁ ସେଗୁଡ଼ିକ ପରିବଶେକୁ ବିଷାକ୍ତ କରିଦେବା ସଙ୍ଗେ ସଙ୍ଗେ ନାନାବିଧ ରୋଗର କାରଣରୂପେ ଦେଖାଦେଇଥାଏ । ଖୋଲା ସ୍ଥାନରେ ଶବକୁ ଫିଙ୍ଗିବା, ମଳମୂତ୍ର ତ୍ୟାଗ, ରାସ୍ତା ପାର୍ଶ୍ୱରେ ଆର୍ବଜନା ନିକ୍ଷେପ, ମନଇଚ୍ଛା ଛେପଖଙ୍କାର ନିକ୍ଷେପ ଆଦି ମଧ୍ୟ ପରିବେଶକୁ ଦୂଷିତ କରିଥାଏ ।ବିଡ଼ି, ସିଗାରେଟ୍, ଗଞ୍ଜେଇ, ଚୁରଟ ଆଦିର ସେବନ ଦ୍ୱାରା ସେଥିରୁ ନିଷ୍କାସିତ ବିଷାକ୍ତ ଧୂଆଁ ପରିବେଶ ଦୂଷିତର ଅନ୍ୟ ଏକ କାରଣ ବୋଲି କୁହାଯାଇଥାଏ । ଅବୈଜ୍ଞାନିକ ଉପାୟରେ ନିର୍ମିତ ହୋଇଥିବା ପାଇଖାନା ତଥା ପରିସ୍ରାଗାରରୁ ବାହାରୁଥିବା ଉତ୍କଟ ଗ୍ୟାସ୍ ପରିବେଶକୁ ପ୍ରଦୂଷିତ କରିଥାଏ । ଫସଲକୁ ରକ୍ଷା କରିବା ନିମିତ୍ତ ପୋକମରା ଔଷଧର ଅଧିକ ବ୍ୟବହାର ଦ୍ୱାରା ଭୂତଳ ପାଣି ବିଷାକ୍ତ ହୋଇଯାଉଛି ଓ ତାହା ପାନୀୟ ଉପଯୋଗୀ ହୋଇ ରହିପାରୁ ନାହିଁ । ସେହି ପାଣିର ବ୍ୟବହାର ଦ୍ୱାରା ମଣିଷ ବିଭିନ୍ନ ରୋଗର ଶିକାର ହେଉଛି ।

**ପରିବେଶ ପ୍ରଦୂଷଣର ଅପକାରିତା:** ପରିବେଶ ପ୍ରଦୂଷଣ ମାନବସମାଜ ପାଇଁ ଏକ ଅଭିଶାପ ସଦୃଶ । ଜଙ୍ଗଲ କ୍ଷୟ ଯୋଗୁଁ ମୃତ୍ତିକା କ୍ଷୟ ହେଉଛି ଏବଂ ପ୍ରତିବର୍ଷ ୬ଶହ କୋଟି ଟଙ୍କାର ମାଟି ଧୋଇହୋଇ ଯାଉଛି । ସବୁଜ ବିପ୍ଳବ ଯୋଗୁଁ ୧୯୬୩-୮୩ମଧ୍ୟରେ ଭାରତରେ ପ୍ରଚୁର ପରିମାଣରେ ଖାଦ୍ୟ ଉତ୍ପାଦନ ହେବା ସଙ୍ଗେ ସଙ୍ଗେ ଖାଦ୍ୟକ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଥିଲା ।ଅଧିକ ଜନସଂଖ୍ୟା ପାଇଁ ଅଧିକ ଖାଦ୍ୟର ପ୍ରୟୋଜନ । ଏହି ସମୟସୀମା ମଧ୍ୟରେ ଖାଦ୍ୟାଭାବ ମେଣ୍ଟାଇବା ପାଇଁ ଭାରତରେ ଶତକଡ଼ା ୪୦ଭାଗ ଜମିକୁ ଚାଷ ପାଇଁ ଅଧିକଭାବେ ବ୍ୟବହାର କରିବା ଦ୍ୱାରା ତା'ର ଉତ୍ପାଦନ କ୍ଷମତା କମିଯାଇଛି । ଉଠା ଜଳସେଚନର ପ୍ରସାର ଯୋଗୁଁ ଉତ୍ତରପ୍ରଦେଶର ଗାଙ୍ଗେୟ ଉପତ୍ୟକାର ଉର୍ବର ଅଞ୍ଚଳ ଧୀରେ ଧୀରେ ଉତ୍ପାଦନ କ୍ଷମତା ହରାଉଛି ।ପରିବେଶ ବିଜ୍ଞାନୀଗଣ ସତର୍କ କରାଇଦେଇ କହିଛନ୍ତି- 'ରାଜସ୍ଥାନର ଭରତପୁର ମଧ୍ୟଦେଇ ମରୁଭୂମି ଉତ୍ତରପ୍ରଦେଶ ଆଡ଼କୁ ମାଡ଼ିଆସୁଛି ।' ଏହି ସତର୍କବାଣୀ କମ୍ ଉଦ୍‌ବେଗର କାରଣ

ନୁହେଁ । ପୃଥିବୀରେ ଅଙ୍ଗାରକାମ୍ଳ ଗ୍ୟାସର ବୃଦ୍ଧି ଯୋଗୁଁ ପାଣିପାଗ ଉପରେ ଏହାର ପ୍ରଭାବ ପଡୁଛି । ବାୟୁମଣ୍ଡଳ ଉତ୍ତପ୍ତ ହୋଇଯାଉଛି । ଏହାଦ୍ୱାରା ପୃଥିବୀର ଉତ୍ତର ଓ ଦକ୍ଷିଣ ମେରୁ ଅଞ୍ଚଳରେ ଗଚ୍ଛିତ ଥିବା ବରଫ ସବୁ ତରଳିବାକୁ ଆରମ୍ଭ କରିଛି । ଆଣ୍ଟର୍କଟିକାଠାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଗଲାଣି । ସେଠାରେ ଗବେଷଣା କରୁଥିବା ବୈଜ୍ଞାନିକ ରୋଡ଼ଲେଫୋ ଡ଼େଲଭାଲି ଆର୍ଜେଣ୍ଟିନା ଅଧୀନସ୍ଥ ଲାର୍‌ସେନ୍ ଆଇସ୍ ସେଲଫ୍‌ରେ ଗୋଟିଏ ଫାଙ୍କ ସୃଷ୍ଟି ହୋଇ ବରଫ ତରଳୁଥିବାର ସୂଚନା ଦେଇସାରିଲେଣି । ଏହାଦ୍ୱାରା ମୌସୁମୀ ବାୟୁ ଉପରେ ପ୍ରଭାବ ପଡ଼ିବ । ଭାରତରେ ପ୍ରାୟ ୬୦ଭାଗ ଜମି ମୌସୁମୀ ବର୍ଷା ଉପରେ ନିର୍ଭର କରେ । ପୁନରାୟ ଏହି ବାୟୁର ଅନିୟମିତତା ଯୋଗୁଁ ଗୋ-ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ ଏବଂ ଗୃହପାଳିତ ପଶୁଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବ । ଭାରତରେ ମୁଣ୍ଡପିଛା ଜଳର ହାର ମଧ୍ୟ କମିଯାଉଛି । ବିଶ୍ୱବ୍ୟାଙ୍କର ଉପସଭାପତି ଇସ୍‌ମାଇଲ ସୂଚନା ଦେଇ କହିଛନ୍ତି ଆଗାମୀ ଶତାବ୍ଦୀରେ ଜଳ ପାଇଁ ସଙ୍ଘର୍ଷ ହେବ । ସ୍ୱାଧୀନତା ସମୟରେ ଭାରତର ମୁଣ୍ଡ ପିଛା ଜଳ ପ୍ରାପ୍ତି ଥିଲା ୫୨୩୬ କ୍ୟୁବିକ୍ ମିଟର । ୧୯୯୧ ମସିହା ବେଳକୁ ଏହାର ପରିମାଣ ହ୍ରାସ ପାଇ ୨୨୬୭ କ୍ୟୁବିକ୍ ମିଟରରେ ପହଞ୍ଚିଛି । ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ନିମିତ୍ତ ପ୍ରତିବର୍ଷ ୨୦କ୍ୟୁବିକ୍ କିଲୋମିଟର ଅଧିକ ଜଳ ଆବଶ୍ୟକ କରୁଛି । ତେଣୁ ପାନୀୟ ଜଳର ସମସ୍ୟା ମଧ୍ୟ ଭବିଷ୍ୟତରେ ଏକ ଉତ୍କଟ ସମସ୍ୟା ହୋଇ ଦେଖାଯିବ । ଯାନବାହନର ଉତ୍କଟ ଗର୍ଜନ, ଦୋକାନବଜାରମାନଙ୍କରେ ଉଚ୍ଚସ୍ୱରରେ ମାଇକ୍ ବ୍ୟବହାର ଦ୍ୱାରା ଶବ୍ଦ ପ୍ରଦୂଷଣ ହେଉଛି । ଏହାଦ୍ୱାରା ମଣିଷର ହୃଦ୍‌ଯନ୍ତ୍ର ଓ ଚିନ୍ତାଧାରା ଠିକ୍ ଭାବରେ କାର୍ଯ୍ୟ କରିପାରୁ ନାହିଁ । ପେଟ୍ରୋଲ ଗନ୍ଧ ଯୋଗୁଁ ମଣିଷର ଫୁସ୍‌ଫୁସ୍ ରୋଗାକ୍ରାନ୍ତ ହୋଇପଡୁଛି ।ସମ୍ବାଦ ପ୍ରଦୂଷଣ ଦ୍ୱାରା ମାନବର ନୈତିକ ଅଧୋପତନ ଘଟୁଛି । ଦୁର୍ନୀତି ବିକଟ କାୟାବିସ୍ତାର କରି ମାଡ଼ିଆସୁଛି । ବିଭିନ୍ନ ରାସାୟନିକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଯୋଗୁଁ ବିଷାକ୍ତ ବାଷ୍ପ ସୂର୍ଯ୍ୟଙ୍କ ଚାରିପଟେ ଏକ ସ୍ତର ସୃଷ୍ଟି କରିବା ଦ୍ୱାରା ସେଠାରୁ ଆସୁଥିବା ଅଲଟ୍ରା ଭାଓଲେଟ୍ ରେଜ୍ ପୃଥିବୀକୁ ଠିକ୍ ରୂପେ ଆସିପାରୁ ନାହିଁ । ପରିବେଶ ପ୍ରଦୂଷିତ ହେଲେ, ଜଳବାୟୁରେ ତାପମାତ୍ରା ଅଧିକ ହେଲେ, ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ମୌସୁମୀ ବାୟୁର ଅନିୟମିତତା ତଥା ମାଟିର ଉର୍ବର ଶକ୍ତି କମିଯିବ । ବୃକ୍ଷଲତାଗୁଡ଼ିକ ଠିକ୍ ସମୟରେ ଫୁଲଫଳ ଉପୁଜାଇବାକୁ ସମର୍ଥ ହେବେ ନାହିଁ । ପର୍ବତରେ ଜମା ହୋଇ ରହିଥିବା ବରଫ ତରଳି ଅଦିନିଆ ବନ୍ୟା ହେବ, ଉର୍ବର ଅଞ୍ଚଳରେ ଅନାବୃଷ୍ଟି ଦେଖାଦେବ । ବର୍ତ୍ତମାନଠାରୁ ସତର୍କ ନହେଲେ, ମଣିଷର ଭବିଷ୍ୟତ ଯେ ଅନ୍ଧକାର ହୋଇଯିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ପ୍ରଦୂଷଣର ନିରାକରଣ:** ଜନ ସଚେତନତା ସୃଷ୍ଟି ନ ହେଲେ ପରିବେଶ ପ୍ରଦୂଷଣକୁ ରୋକିବା ସମ୍ଭବ ନୁହେଁ । ବର୍ତ୍ତମାନ ଭାରତରେ ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଅନୁଭୂତ ହେଉଛି । ଭାରତବର୍ଷରେ ଶତକଡ଼ା ୩୩ଭାଗ ଜଙ୍ଗଲ ଥିବା ସମୟରେ ବର୍ତ୍ତମାନ ଏହା ମାତ୍ର ୮ ଭାଗରେ ପହଞ୍ଚିଛି । ସେହିପରି ଓଡ଼ିଶାରେ ଶତକଡ଼ା ୪୩ଭାଗ ଜଙ୍ଗଲରୁ ବର୍ତ୍ତମାନ ୧୬ ଭାଗକୁ କମିଆସିଛି । ନୂତନ ଅରଣ୍ୟ ସୃଷ୍ଟି ଲାଭ ହେଲେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ କମିଯିବ, ମୃତ୍ତିକାକ୍ଷୟକୁ ରୋକାଯାଇପାରିବ ଏବଂ ମୌସୁମୀବାୟୁକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିବ । ଜନସଂଖ୍ୟାର ନିୟନ୍ତ୍ରଣ କରାଯାଇପାରିଲେ ପରିବେଶକୁ ବହୁପରିମାଣରେ ଦୂଷିତୀକରଣରୁ ରକ୍ଷା କରାଯାଇ ପାରିବ । ଏହାଦ୍ୱାରା ଆବଶ୍ୟକତାଠାରୁ ଅଧିକ ପରିମାଣର ଜଙ୍ଗଲ କଟାଯାଇ ପାରିବ ନାହିଁ କିମ୍ବା ଜନବସତି ସୃଷ୍ଟି ପାଇଁ ଜଙ୍ଗଲକ୍ଷୟର ଆବଶ୍ୟକ ହେବ ନାହିଁ ।

ଖାଦ୍ୟଦ୍ରବ୍ୟର ଅଧିକ ଉତ୍ପାଦନ ପାଇଁ ବିଶେଷ କୀଟନାଶକ ଔଷଧ ଓ ରାସାୟନିକ ସାରର ପ୍ରୟୋଗ କରାଯିବ ନାହିଁ । ଶିଳ୍ପର ବହୁଳ ପ୍ରତିଷ୍ଠା କରାଯାଇ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବୃଦ୍ଧି କରାଯିବ ନାହିଁ । ମଣିଷ ନିଜର ଅହଂ ଓ ଶକ୍ତିର ପ୍ରତିଷ୍ଠା ପାଇଁ ବହୁପରିମାଣରେ ଆଣବିକ ବୋମା ଓ ରାସାୟନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି । ତାହାଦ୍ୱାରା ପରିବେଶ ବହୁପରିମାଣରେ ଦୂଷିତ ହେଉଛି । ଆନ୍ତର୍ଜାତିକ ସ୍ତରରେ ଜନସଚେତନତା ସୃଷ୍ଟି କରି ମଣିଷକୁ ଏହି ଅସ୍ତ୍ରଶସ୍ତ୍ର ନିର୍ମାଣରୁ ନିବୃତ୍ତ କରିବାକୁ ପଡ଼ିବ । ନଦୀ ଉପତ୍ୟକା ପ୍ରକଳ୍ପ ଯୋଜନାରେ ଅବବାହିକାର ବିକାଶ ପ୍ରତି ଅଧିକ ଧ୍ୟାନ ପ୍ରଦାନ କରାଯାଇ ମୃତ୍ତିକା ଅବକ୍ଷୟକୁ ରୋକାଯାଇପାରିବ । ସରକାରୀ ସ୍ତରରେ ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ହେବା ଆବଶ୍ୟକ । ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ହୋଇ ଦେଖାଦେଇଛି । ଏଥିପ୍ରତି ସବୁ ସ୍ତରରେ ଧ୍ୟାନ ପ୍ରଦାନ କରାଯିବା ଆବଶ୍ୟକ । ଯାନବାହନଗୁଡ଼ିକରୁ ନିର୍ଗତ ହେଉଥିବା ବାଷ୍ପୀୟ ବର୍ଜ୍ୟ ଓ କଣିକାର ପରିମାଣକୁ ନିୟନ୍ତ୍ରଣ କରିବା ଆବଶ୍ୟକ ତଥା ଯାନବାହନମାନଙ୍କର ସଂଖ୍ୟାବୃଦ୍ଧି ନ ଘଟାଇବା ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ବାଞ୍ଛନୀୟ । ବର୍ତ୍ତମାନ ଯେଉଁ ଯାନବାହନଗୁଡ଼ିକ ନିର୍ମିତ ହେଉଛି, ତା'ର ନିର୍ମାଣ ପଦ୍ଧତିରେ ପରିବର୍ତ୍ତନ ଘଟାଇ ଅଳ୍ପ ଇନ୍ଧନ ଖର୍ଚ୍ଚ ହେଉଥିବା ଯାନବାହନ ସୃଷ୍ଟି ନିମିତ୍ତ ପ୍ରୟାସ ହେବା ଆବଶ୍ୟକ । ସିସା ବିହୀନ ପେଟ୍ରୋଲର ବ୍ୟବହାର ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲେ ବାୟୁ ପ୍ରଦୂଷଣ ଅନେକ ପରିମାଣରେ ନିୟନ୍ତ୍ରିତ ହୋଇପାରିବ । ପଥର କୋଇଲାର ଜାଳେଣି ସମୟରେ ସେଥିରେ ବାଲି ଓ ଚୂନପଥର ଗୁଣ୍ଡ ମିଶାଇଲେ ଯବକ୍ଷାରଜାନର ଅକ୍ସାଇଡ୍ ତଥା ସଲଫର ଡ଼ାଇଅକ୍ସାଇଡ୍ କମ୍ ସୃଷ୍ଟି ହେବ । କଳକାରଖାନାରୁ ନିର୍ଗତ ହେଉଥିବା ପ୍ରଦୂଷକଗୁଡ଼ିକୁ ନିୟନ୍ତ୍ରିତ କରିପାରିଲେ ବାୟୁ ପ୍ରଦୂଷଣକୁ ମଧ୍ୟ ରୋକାଯାଇପାରିବ । ଥଳି ଛଣାଯନ୍ତ୍ର, ବୈଦ୍ୟୁତିକ ଅବକ୍ଷେପକ ଦ୍ୱାରା ମଧ୍ୟ କାରଖାନାଗୁଡ଼ିକର ପ୍ରଦୂଷଣକୁ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ । ନୂତନ ଶିଳ୍ପ ପ୍ରତିଷ୍ଠା ସମୟରେ ପରିବେଶ ଓ ପର୍ଯ୍ୟାବରଣ ନୀତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ । କ୍ଲୋରୋଫ୍ଲୋରୋ କାର୍ବନ ପ୍ରୟୋଗ ଉପରେ ସରକାରୀ ସ୍ତରରେ ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ । ଫ୍ରିଜ୍, ଗ୍ୟାସ ଟର୍ବାଇନ୍, ଧୁଲେଇ ଯନ୍ତ୍ର ଆଦିର ନିର୍ମାଣ ସମୟରେ କ୍ଲୋରୋଫ୍ଲୋରୋ କାର୍ବନର ବ୍ୟବହାର ହୋଇଥାଏ ଏବଂ ସେଥିରୁ ଏହା ନିର୍ଗତ ହୋଇ ପରିବେଶକୁ ଦୂଷିତ କରିଥାଏ । ତେଣୁ ଏହି ବସ୍ତୁଗୁଡ଼ିକ ନିର୍ମାଣ ସମୟରେ ବୈଜ୍ଞାନିକ ଉପାୟରେ ଏହାର କିପରି ନିରାକରଣ କରାଯାଇପାରିବ, ସେଥିପ୍ରତି ଧ୍ୟାନ ନିବେଶ କରାଯିବା ବାଞ୍ଛନୀୟ । ସର୍ବଶେଷରେ ସବୁ ସ୍ତରରେ ଜନ ସଚେତନତା ସୃଷ୍ଟି ନିମିତ୍ତ ସରକାରୀ ତଥା ସମାଜିକ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏହା ହୋଇପାରିଲେ ବହୁପରିମାଣରେ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ।

**ପରିବେଶ ପ୍ରଦୂଷଣ ଓ ବିଶ୍ୱ ସଚେତନତା:** ଆଜି ବିଶ୍ୱସ୍ତରରେ ପରିବେଶର ସୁରକ୍ଷା ନିମିତ୍ତ ଜନସଚେତନତା ସୃଷ୍ଟି ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏ କ୍ଷେତ୍ରରେ ପ୍ରଥମେ ଚେତାବନୀ ଶୁଣାଇଛି । ୧ ୯ ୭ ୨ ମସିହାରେ ଷ୍ଟକ୍‌ହୋମ ଓ ୧ ୯ ୯ ୨ ମସିହାରେ ରିଓଡ଼ି ଜେନେରିଓଠାରେ ବିଶ୍ୱ ପରିବେଶ ସମ୍ମିଳନୀ ଅନୁଷ୍ଠିତ ହୋଇ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଛି । ପରିବେଶର ସୁରକ୍ଷା ନିମିତ୍ତ ଜନ ସଚେତନତା ବୃଦ୍ଧି ତଥା ବିଭିନ୍ନ ପଦକ୍ଷେପ ଗ୍ରହଣ ନିମିତ୍ତ ପ୍ରସ୍ତାବ ଗୃହୀତ ମଧ୍ୟ ହୋଇଛି ।୧ ୯ ୯ ୫ ମସିହା ମାର୍ଚ୍ଚ ୨୮ ତାରିଖଠାରୁ ଅପ୍ରେଲ ୭ତାରିଖ ପର୍ଯ୍ୟନ୍ତ ବର୍ଲିନ୍‌ଠାରେ ବିଶ୍ୱ ପାଣିପାଗ ସମ୍ମିଳନୀ ଅନୁଷ୍ଠିତ ହୋଇ

ପାଣିପାଗର ଦ୍ରୁତ ପରିବର୍ତ୍ତନ ନିମିତ୍ତ ଉଦ୍‌ବେଗ ପ୍ରକାଶ କରାଯାଇଛି । ଏଥିରେ ବିଶ୍ୱର ୧୫୦ଟି ଦେଶର ପ୍ରତିନିଧିମାନେ ଯୋଗ ଦେଇ ପୃଥିବୀରେ ଯେପରି ଅଙ୍ଗାରକାମ୍ଳ ବାଷ୍ପ ବୃଦ୍ଧି ପାଉଛି, ସେଥିପାଇଁ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ୨୦୦୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ବାଷ୍ପର ହ୍ରାସ ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଯଦି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ୫୦ବର୍ଷ ମଧ୍ୟରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବର୍ତ୍ତମାନଠାରୁ ଦୁଇଗୁଣ ହୋଇଯିବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳର ଉତ୍ତାପ ୪ଡ଼ିଗ୍ରୀରୁ ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ କରାଯାଇଛି । ଜାତି, ଧର୍ମ, ବର୍ଣ୍ଣ ଓ ସାମାଜିକ ସ୍ଥିତି ନିର୍ବିଶେଷରେ ବିଶ୍ୱରେ ପରିବେଶର ଉନ୍ନତି ନିମିତ୍ତ ସାମୂହିକ ଓ ସଚେତନ ପଦକ୍ଷେପ ଗ୍ରହଣ କରାଯାଇ ନ ପାରିଲେ ବିଶ୍ୱ ନିଶ୍ଚିତ ଭାବରେ ଏକ ଅଶୁଭ ସ୍ଥିତି ଦିଗକୁ ଅଗ୍ରସର ହେବ ।

**ଭାରତ ଓ ପରିବେଶ ପ୍ରଦୂଷଣ:** ଭାରତରେ ଅନେକ ବିଳମ୍ବରେ ପରିବେଶ ପ୍ରଦୂଷଣ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ୧୯୮୦ ମସିହାଠାରୁ ଏ କ୍ଷେତ୍ରରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ମସିହାରେ ପରିବେଶର ପର୍ଯ୍ୟାଲୋଚନା, ପ୍ରତିକାର ତଥା ଆଶୁ ପଦକ୍ଷେପ ଗ୍ରହଣ ନିମିତ୍ତ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯିବା ସଙ୍ଗେ ସଙ୍ଗେ ପରିବେଶ ଦୂଷିତୀକରଣକୁ ଏଡ଼ାଇବା ନିମିତ୍ତ ଜାତୀୟ ସ୍ତରରେ ଗୋଟିଏ କମିଟି ଗଠନ କରାଯାଇଛି । ଏହାଦ୍ୱାରା ପରିବେଶର ବିଭିନ୍ନ ପରିବର୍ତ୍ତନ ପ୍ରକ୍ରିୟାକୁ ଲକ୍ଷ୍ୟ କରାଯାଇପାରୁଛି । ସାମାଜିକ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ହେବାର ଉଦ୍ୟମ ହେଉଛି । ଅରଣ୍ୟ ସମ୍ପଦର ସୁରକ୍ଷା ନିମିତ୍ତ ବିଶେଷକରି ବୃକ୍ଷ ଛେଦନର ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ବିଭାଗମାନ ଗଠିତ ହୋଇଛି । ବୃକ୍ଷ ଛେଦନକୁ ଏକ ଅପରାଧ ରୂପେ ଗ୍ରହଣ କରାଯାଇଛି । ନିକଟ ଅତୀତରେ ମାଲେସିଆ ଓ ଇଣ୍ଡୋନେସିଆ ଜଙ୍ଗଲରେ ନିଆଁ ଲାଗି ଯେଉଁ ବିପୁଳ ବନ୍ୟସମ୍ପଦ କ୍ଷୟ ହେଲା ଏବଂ ତା'ଦ୍ୱାରା ପରିବେଶ ଉପରେ ଯେଉଁ ପ୍ରତିକୂଳ ପ୍ରଭାବ ପଡ଼ିଲା, ସେଥିପ୍ରତି ଆନ୍ତର୍ଜାତିକ ସ୍ତରରେ ଗୁରୁତ୍ୱ ଆରୋପ କରାଯାଇଛି । ଭାରତ ମଧ୍ୟ ଏହି ଜଙ୍ଗଲ କ୍ଷୟରୁ କିଛି ଶିକ୍ଷା କରିଛି ବୋଲି ବିଶ୍ୱାସ । ଆମ ଦେଶରେ ଯେଉଁ ୮୦ଟି ଜାତୀୟ ପାର୍କ ଏବଂ ୪୪ଟି ଅଭୟାରଣ୍ୟ ରହିଛି, ତା'ର ସୁରକ୍ଷା ନିମିତ୍ତ ସରକାରୀ ସ୍ତରରେ ସଚେତନତା ଲକ୍ଷ୍ୟ କରାଯାଇଛି । ଦେଶର ୪.୫% ଅଞ୍ଚଳରେ ସୁରକ୍ଷିତ ଜୀବଜଗତର ଉପଯୁକ୍ତ ତତ୍ତ୍ୱ ନେବା ନିମିତ୍ତ ପରିବେଶ ବିଜ୍ଞାନୀମାନେ ଗୁରୁତ୍ୱ ଆରୋପ କରିଛନ୍ତି । ୧୯୯୩ ମସିହାରେ ଭାରତୀୟ ସାଧାରଣ ପ୍ରଶାସନ ପ୍ରତିଷ୍ଠାନ ତରଫରୁ କରାଯାଇଥିବା ଏକ ସର୍ଭେରେ ଭାରତୀୟ ଉଦ୍ଭିଦ ଜଗତ ତଥା ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ବାର୍ଷିକ ୫ଶହ କୋଟି ଟଙ୍କା ଆବଶ୍ୟକ ବୋଲି କୁହାଯାଇଥିବା ସମୟରେ ଏଥିପାଇଁ ମାତ୍ର ଏକଶହ କୋଟି ଟଙ୍କା ମିଳୁଛି । ତେଣୁ ସରକାରୀ ସ୍ତରରେ ଅଧିକ ଅର୍ଥ ବରାଦ ପାଇଁ ବ୍ୟବସ୍ଥା ହେବା ଆବଶ୍ୟକ । କେବଳ ସରକାରୀ ସ୍ତରରେ କାହିଁକି, ଏଥି ନିମିତ୍ତ ସବୁ ସ୍ତରରେ ମଧ୍ୟ ଉଦ୍ୟମ ଜାରି ରହିବା ବାଞ୍ଛନୀୟ ।

**ମାନବ ଜୀବନରେ ପ୍ରଦୂଷଣ ନିରାକରଣର ଆବଶ୍ୟକତା:** ମାନବ ଜୀବନରେ ପରିବେଶ ପ୍ରଦୂଷଣର ନିରାକରଣ ଅତ୍ୟନ୍ତ ଜରୁରୀ । ଏଥିପ୍ରତି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ନପାରିଲେ ବର୍ତ୍ତମାନର ମଣିଷ ଓ ସେମାନଙ୍କର ଭବିଷ୍ୟତ ବଂଶଧରଙ୍କ ଜୀବନ ବିପର୍ଯ୍ୟସ୍ତ ହୋଇଉଠିବ । ଅନେକ ବ୍ୟକ୍ତି ଅଚିହ୍ନା ରୋଗର ଶିକାର ହୋଇ ଅକାଳରେ ପ୍ରାଣ ବିସର୍ଜନ କରିବେ । ଉପଯୁକ୍ତ ପିଇବା ଜଳ ଓ ବାୟୁ ଅଭାବରୁ ମଣିଷର ଶରୀର ଯଥାଯଥ ଭାବେ ପୁଷ୍ଟ ହୋଇପାରିବ ନାହିଁ । ଅସମୟରେ ପ୍ରାକୃତିକ ବିପର୍ଯ୍ୟୟ

ମଣିଷର ଜୀବନଧାରଣର ମାନଦଣ୍ଡକୁ ଭାଙ୍ଗିଦେବ । ପ୍ରଚୁର ବାରିପାତ, ବନ୍ୟା, ଅନାବୃଷ୍ଟି, ମୃତ୍ତିକାକ୍ଷୟ ଅସମୟରେ ଲାଗି ରହିବ । ମୌସୁମୀବାୟୁର ଅନିୟମିତତା କୃଷି ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେବ । ତେଣୁ ମାନବ ଜୀବନକୁ ସୁସ୍ଥ, ସୁନ୍ଦର, ନିରାମୟ ଓ ସ୍ୱାସ୍ଥ୍ୟକର କରିବାକୁ ହେଲେ ପ୍ରଥମେ ପରିବେଶର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ ।

**ଉପସଂହାର:** ସାମ୍ପ୍ରତିକ ସମୟରେ ପରିବେଶର ସୁରକ୍ଷା ବିଶ୍ୱ ସମ୍ମୁଖରେ ଏକ ବିଶେଷ ସମସ୍ୟା ହୋଇ ଦେଖାଦେଇଛି । କେବଳ ଜାତୀୟ ସ୍ତରରେ ବା ଆନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ଜାରି ରହିଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଜନସଚେତନତା ସୃଷ୍ଟି ନହୋଇଛି, ସେପର୍ଯ୍ୟନ୍ତ ଏହା ଏକ ସମସ୍ୟା ହୋଇ ରହିଥିବ । ଏବେ ମଧ୍ୟ ଆମ ସମାଜରେ ଶବକୁ ପଡ଼ିଆରେ ଫୋପାଡ଼ିଦେବା ବା ନଈରେ ଭସାଇଦେବା କାର୍ଯ୍ୟ ଚାଲିଛି । ଏହାଦ୍ୱାରା ଉଭୟ ବାୟୁ ଓ ଜଳ ପ୍ରଦୂଷଣ ହେଉଛି । ନାଳନର୍ଦ୍ଦମାର ଧାରକୁ କେନାଲ ଏବଂ ନଈ ମଧ୍ୟକୁ ଛାଡ଼ି ଦିଆଯାଉଛି । ରାସ୍ତାକଡ଼ରେ ବା ଖୋଲା ପଡ଼ିଆରେ ଅବାଧ ମଳତ୍ୟାଗ ଚାଲିଛି । ଛେପ, ଖଙ୍କାର ବା ସିଂଘାଣି ଯେଉଁଠାରେ ନାହିଁ ସେଠାରେ ପକାଇ ଦିଆଯାଉଛି । ବୈଜ୍ଞାନିକ ଉପାୟରେ ପାଇଖାନା ପ୍ରସ୍ତୁତ ହେଉ ନାହିଁ । ଜନସଚେତନତାର ଅଭାବରୁ ଏହିପ୍ରକାର ବିବିଧ ସମସ୍ୟା ସୃଷ୍ଟି ହେଉଛି । ବିଶ୍ୱ ଜାତିସଂଘ (U.N.O) ତରଫରୁ ପ୍ରତିବର୍ଷ ଜୁନମାସ ୫ ତାରିଖକୁ World Day ବା ଧରିତ୍ରୀ ଦିବସ ବା ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରଦୂଷଣର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ପରିବେଶ ସୁରକ୍ଷା ନିମିତ୍ତ ସେମାନଙ୍କୁ ଉତ୍ସାହିତ କରିବା । ସବୁ ସ୍ତରରେ ଏହି ଜନସଚେତନତା ସୃଷ୍ଟି ହୋଇପାରିଲେ, ବିଶ୍ୱ ନିଶ୍ଚିତ ଭାବରେ ଏକ ଆଶୁ ବିପଦରୁ ଯେ ରକ୍ଷା ପାଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

●●●

# ୭

# ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧ

ମଣିଷ ମୁଖ୍ୟତଃ ଏକ ସାମାଜିକ ପ୍ରାଣୀ । ସାମାଜିକ ଜୀବନ ଯେତିକି ସୁଖ ଓ ଶାନ୍ତିମୟ ହେବ, ମଣିଷର ଜୀବନ ସେତିକି ଆନନ୍ଦଦାୟକ ହେବ । ଆଜିର ବିଶ୍ୱ ଏକ ବିରାଟ ସମାଜ । ବହୁ ଭିନ୍ନତା ମଧ୍ୟରେ ମାନବ ସମାଜ ତିଷ୍ଠି ରହିଛି । ଭିନ୍ନ ଧର୍ମ, ଭିନ୍ନ ଜାତି, ଭିନ୍ନ ଖାଦ୍ୟ ପେୟ, ଚାଲିଚଳଣ ଭିତରେ ବି ମାନବ ସମାଜ ଆଗକୁ ଚାଲିଛି । ମଣିଷ ଯେତେବେଳେ ସାମାଜିକ ପ୍ରାଣୀ ହିସାବରେ ରହିଛି ସେତେବେଳେ ଏହାର ବିକାଶ ଆବଶ୍ୟକ । ଅନେକ ସମୟରେ ବିଭିନ୍ନ ସମସ୍ୟା ଉପୁଜିଥାଏ, ଯାହାଫଳରେ ମାନବ ସମାଜର ସାମାଜିକ ବିକାଶରେ ବାଧା ଘଟେ । ଏହି ସମସ୍ୟା ପ୍ରତି ସଚେତନ ହେବାପାଇଁ ଏବଂ ଏହାର ପ୍ରତିକାର ବିଷୟରେ ଚିନ୍ତା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧଗୁଡ଼ିକ ଭିତରେ ସୁଯୋଗ ସୃଷ୍ଟି କରାଯାଇଥାଏ । ଏହି ପୁସ୍ତକରେ ଯେଉଁ ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧଗୁଡ଼ିକ ସ୍ଥାନିତ କରାଯାଇଛି ସେଥିରେ ଆମ ଭାରତର ସାମାଜିକ ସମସ୍ୟା ଠାରୁ ଆରମ୍ଭ କରି ବିଶ୍ୱ ସମସ୍ୟା ପର୍ଯ୍ୟନ୍ତ ଉଲ୍ଲେଖ କରାଯାଇଛି । ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ଉପାଦେୟ ହେବ ବୋଲି ଆଶା କରାଯାଉଛି ।

## ୭.୧ ଭାରତର ଗଣତନ୍ତ୍ରରେ ନାଗରିକର ମୌଳିକ ଅଧିକାର

**ଉପକ୍ରମ:** ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ଗୋଟିଏ ଗୋଟିଏ ସମ୍ବିଧାନ ରହିଥାଏ । ସମ୍ବିଧାନ ଦେଶର ଦର୍ପଣ ସଦୃଶ । ଏହା ପୁଣି ଦେଶର ନୀତିନିୟମ ନିର୍ଦ୍ଧାରକ । ଗୋଟିଏ ଦେଶର ଆଶା- ଆକାଂକ୍ଷା, କାର୍ଯ୍ୟପଦ୍ଧତି, ନୀତି-ନିୟମ ସମ୍ବିଧାନର କଳେବର ମଣ୍ଡନ କରିଥାଏ । ତାହାକୁ ଅନୁସରଣ କରି ଦେଶର ଶାସନକାର୍ଯ୍ୟ ପରିଚାଳିତ ହୋଇଥାଏ ।ଭାରତ ୧୯୪୭ ମସିହା ଅଗଷ୍ଟ ୧୫ତାରିଖରେ ସ୍ୱାଧୀନତା ଲାଭକଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖଠାରୁ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ଏହି ଦିନଠାରୁ ଭାରତର ସ୍ୱତନ୍ତ୍ର ସମ୍ବିଧାନ କାର୍ଯ୍ୟକାରୀ ହେବାକୁ ଲାଗିଲା । ଗଣତନ୍ତ୍ର ରାଷ୍ଟ୍ରରେ ବ୍ୟକ୍ତିର ସୁରକ୍ଷା ଓ ସୁବିଧା ନିମିତ୍ତ ଜନସାଧାରଣଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଯଦି କୌଣସି ସମୟରେ ବ୍ୟକ୍ତି ଏହି ଅଧିକାରରୁ ବଞ୍ଚିତ ହୁଏ, ତେବେ ଏହାର ପୁନର୍ଲାଭ ନିମିତ୍ତ ସେ ଉଚ୍ଚନ୍ୟାୟାଳୟ ବା ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ । ମଣିଷର ସାମାଜିକ, ରାଜନୀତିକ ଓ ଆର୍ଥନୀତିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମୌଳିକ ଅଧିକାରଗୁଡ଼ିକ ସୃଷ୍ଟି କରାଯାଇଛି । ଭାରତୀୟ ସମ୍ବିଧାନର ଏହାହିଁ ହେଉଛି ସର୍ବଶ୍ରେଷ୍ଠ ଲୋଭନୀୟ ବୈଶିଷ୍ଟ୍ୟ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଣତନ୍ତ୍ର ସାମ୍ବିଧାନିକ ସରକାର ଉପରେ ଗୁରୁତ୍ୱ ଆରୋପ କଲା । ଏହି ସରକାର କେତେକ ନିୟମରେ ଆବଦ୍ଧ ହୋଇଥିବାରୁ ସ୍ୱେଚ୍ଛାଚାରୀ ସରକାର ପରି ଲୋକବିରୋଧୀ ନୁହେଁ । ଇଂଲଣ୍ଡରେ ଜନସାଧାରଣ ସେମାନଙ୍କର ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟପାଳିକା ଶକ୍ତିର ଅପବ୍ୟବହାରରୁ ରକ୍ଷା କରିବା ପାଇଁ କେତେଗୁଡ଼ିଏ ବ୍ୟବସ୍ଥା ଗ୍ରହଣ କରିଥିଲେ । ମାତ୍ର ବ୍ୟବସ୍ଥାପକ ସଭା ଯେକୌଣସି ମୁହୂର୍ତ୍ତରେ ଇଂଲଣ୍ଡବାସୀଙ୍କ ଏହି ଅଧିକାରଗୁଡ଼ିକୁ ସଙ୍କୁଚିତ କରି ଦେଶର ଅଧିକାର ଲାଭ କରିଛି । ଆମେରିକାରେ



ଟିପ୍ପଣୀ

ସମ୍ବିଧାନ ପ୍ରଣେତାଗଣ ଲୋକଙ୍କର ମୌଳିକ ଅଧିକାରଗୁଡ଼ିକୁ ଉଭୟ ବ୍ୟବସ୍ଥାପକ ସଭା ଓ କାର୍ଯ୍ୟପାଳିକା ଶକ୍ତିଠାରୁ ମୁକ୍ତ ରଖିବାକୁ ଚେଷ୍ଟା କରିଥିବାରୁ ଏହା ଅଧିକ ଗଣତାନ୍ତ୍ରିକ । କୌଣସି ମୁହୂର୍ତ୍ତରେ ଆମେରିକା କଂଗ୍ରେସ ଏହି ମୌଳିକ ଅଧିକାରଗୁଡ଼ିକୁ ସଙ୍କୁଚିତ କରିବାକୁ ଚେଷ୍ଟାକଲେ ନ୍ୟାୟପାଳିକା ଲୋକମାନଙ୍କୁ ଏ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବାକୁ ସମର୍ଥ ହୋଇପାରିବ । ମାତ୍ର ଇଂଲଣ୍ଡରେ ସଂସଦ ଅଧିକ କ୍ଷମତାଶାଳୀ ହୋଇଥିବାରୁ ନ୍ୟାୟପାଳିକା ମଧ୍ୟ ଇଂଲଣ୍ଡବାସୀଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବାକୁ ସମର୍ଥ ହୋଇଥାଏ । ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ପ୍ରଣୟନ ସମୟରେ ପ୍ରଣେତାଗଣ ଆମେରିକା ସାମ୍ବାଧାନିକ ବ୍ୟବସ୍ଥା ଦ୍ୱାରା ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି । ୧୯୩୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କରାଚୀ ଅଧିବେଶନରେ ପଣ୍ଡିତ ଜବାହରଲାଲ ନେହେରୁ ମୌଳିକ ଅଧିକାର ସମ୍ପର୍କରେ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତା'ର ସାମାନ୍ୟ ପରିବର୍ତ୍ତନ କରାଯାଇ ଭାରତୀୟ ସମ୍ବିଧାନରେ ତାହାକୁ ରଖାଯାଇଛି । ସମ୍ବିଧାନର ତୃତୀୟ ପରିଚ୍ଛେଦରେ ଏହା ସ୍ଥାନିତ ହୋଇଛି । ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶରେ ଏହାର ଉପଯୋଗିତାକୁ ଲକ୍ଷ୍ୟକରି ଉକ୍ତ ଅଧିକାରଗୁଡ଼ିକୁ ମୌଳିକ ଅଧିକାର ବୋଲି ନାମିତ କରାଯାଇଛି । ପ୍ରଥମ ସମ୍ବିଧାନ ପ୍ରଣୟନ ସମୟରେ ବ୍ୟକ୍ତିର ସାତଟି ମୌଳିକ ଅଧିକାର ସଂପର୍କରେ ଉଲ୍ଲେଖ କରାଯାଇଥିଲା । ମାତ୍ର ୧୯୭୮ ମସିହାରେ ୪୪ତମ ସଂଶୋଧନରେ ସଂପତ୍ତିଗତ ଅଧିକାରକୁ ଉଚ୍ଛେଦ କରାଯାଇଛି । ଏହା ମୌଳିକ ଅଧିକାର ଅନ୍ତର୍ଭୁକ୍ତ ନହୋଇ ଆଇନଗତ ଅଧିକାରଭୁକ୍ତ ହୋଇଛି । ଏହି ଆଇନ ଅନୁଯାୟୀ ଜଣେ ବ୍ୟକ୍ତିର ସଂପତ୍ତି ଅଧିକାର, କ୍ରୟ, ବିକ୍ରୟ ବା ଉପଭୋଗ କରିବାର କ୍ଷମତା ରହିଛି । ମାତ୍ର ଯଦି କାର୍ଯ୍ୟପାଳିକା ସେହି ସଂପତ୍ତିକୁ ନିଜ ଅଧିକାରଭୁକ୍ତ କରେ ଅଥବା ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରି ତାହାକୁ ବ୍ୟକ୍ତିଠାରୁ ଉଚ୍ଛେଦ କରେ, ତେବେ ଏଥିପାଇଁ ବ୍ୟକ୍ତି ନ୍ୟାୟାଳୟର ଆଶ୍ରୟ ନେଇପାରିବ ନାହିଁ । ମାତ୍ର ଯଦି ତା'ର ମୌଳିକ ଅଧିକାର ଉଚ୍ଛେଦ ହୁଏ ସେ ନ୍ୟାୟାଳୟର ଆଶ୍ରୟ ନେଇ ତାହାକୁ ପୁନଃ ଫେରି ପାଇଥାଏ । ଏହି ଦୃଷ୍ଟିରୁ ମୌଳିକ ଅଧିକାରଗୁଡ଼ିକର ସାମ୍ବିଧାନିକ ବିଶେଷତ୍ୱ ରହିଛି ଓ ତାହା ଅଧିକ ପରିମାଣରେ ସୁରକ୍ଷିତ ।

ଭାରତୀୟ ନାଗରିକ ମୌଳିକ ଅଧିକାରଗୁଡ଼ିକ ବ୍ୟତୀତ ଅନ୍ୟ କେତେକ ଅଧିକାର ଲାଭ କରିଥାଏ । ସମ୍ବିଧାନର ୩୨ ଧାରା ଅନୁଯାୟୀ ଯଦି କୌଣସି ବ୍ୟକ୍ତି ମୌଳିକ ଅଧିକାରକୁ ବଂଚିତ ହୋଇଛି ବୋଲି ଅନୁଭବ କରେ, ତେବେ ସେ ଏଥିପ୍ରତି ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ । ମାତ୍ର ଅନ୍ୟ ଅଧିକାରଗୁଡ଼ିକ ପାଇଁ ସେ ଉଚ୍ଚ ନ୍ୟାୟାଳୟ ବା ଅନ୍ୟ ନ୍ୟାୟାଳୟମାନଙ୍କର ସହାୟତା ନେଇପାରିବ । କେତେକ ମୌଳିକ ଅଧିକାର ରହିଛି, ଯାହା କେବଳ ନାଗରିକମାନଙ୍କୁ ପ୍ରଦାନ କରାଯାଇଥାଏ । ଆଉ କେତେକ ମୌଳିକ ଅଧିକାର ଉଭୟ ବିଦେଶୀ ଓ ନାଗରିକ ଉପଭୋଗ କରିବାକୁ ସମର୍ଥ ହୋଇଥାନ୍ତି । ୧୫ ଧାରା ଅନୁଯାୟୀ ପ୍ରତ୍ୟେକ ନାଗରିକ ଧର୍ମ, ଜାତି, ଲିଙ୍ଗ ଏବଂ ଜନ୍ମସ୍ଥାନ ନିର୍ବିଶେଷରେ ନିରାପତ୍ତା ଲାଭ କରିପାରିବେ । ୧୬ ଧାରା ଅନୁସାରେ ସରକାରୀ ନିଯୁକ୍ତି କ୍ଷେତ୍ରରେ ସମସ୍ତେ ସମାନ ସୁଯୋଗ ଲାଭ କରିପାରିବେ । ୧୯ ଧାରା ଅନୁଯାୟୀ ସମସ୍ତେ ବାକ୍ ସ୍ୱାଧୀନତା, ସଂଗଠନ ଗଠନ, ଆନ୍ଦୋଳନ, ଇଚ୍ଛା ଅନୁରୂପ ବୃତ୍ତି, ଗୃହ ନିର୍ମାଣ ଆଦି କରିପାରିବେ । ୩୦ ଧାରାର ସଂଖ୍ୟା ନ୍ୟୂନ ବ୍ୟକ୍ତିମାନେ ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର ଲାଭ କରିପାରିବେ । କେତେକ ଅଧିକାର ରହିଛି, ଯାହା ବିଦେଶୀ ଓ ନାଗରିକ ନିର୍ବିଶେଷରେ ସମସ୍ତେ ଭାରତର ମାଟିରେ ତାହା ଲାଭ କରିପାରିବେ । ସେଗୁଡ଼ିକ ହେଉଛି – ଆଇନ ଚକ୍ଷୁରେ ସମସ୍ତେ

ସମାନ । ବ୍ୟକ୍ତିଗତ ସୁରକ୍ଷା, ଶୋଷଣ ବିରୋଧୀ ଅଧିକାର ଏବଂ ଧର୍ମଗତ ଅଧିକାର । ଭାରତୀୟ ସମ୍ବିଧାନର ଏହି ମହାନତା ଭାରତୀୟ ଜୀବନଦର୍ଶନର ପ୍ରତିଫଳନ କହିଲେ ଭୁଲ୍ ହେବ ନାହିଁ ।

ସମ୍ବିଧାନର ତୃତୀୟ ପରିଚ୍ଛେଦରେ ୬ ପ୍ରକାର ମୌଳିକ ଅଧିକାର ସଂପର୍କରେ ଆଲୋଚନା କରାଯାଇଛି । ପ୍ରଥମ ମୌଳିକ ଅଧିକାର ହେଉଛି ସମାନତାର ଅଧିକାର । ସମ୍ବିଧାନର ୧୪ରୁ ୧୮ ଧାରା ପର୍ଯ୍ୟନ୍ତ ଏହି ଅଧିକାର ସଂପର୍କରେ ଆଲୋଚିତ ହୋଇଛି । ୧୪ ଧାରାରେ ଉଲ୍ଲେଖ ଅଛି – The State shall not deny to any person equality before law or the equal protection of the laws within the territory of india. ଭାରତ ବର୍ଷର ସମସ୍ତ ନାଗରିକ ଆଇନ ଦୃଷ୍ଟିରେ ସମାନ ଏବଂ ଆଇନ ସମସ୍ତଙ୍କୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତି ଦେଇଛି । ଧାରା ୧୫ ଭାରତର ନିରପେକ୍ଷ ଦୃଷ୍ଟିଭଙ୍ଗୀକୁ ପ୍ରମାଣିତ କରିଛି । ଏହାଦ୍ୱାରା ଜାତୀୟ ଏକତା ଦୃଢ଼ୀଭୂତ ହୋଇଛି ବୋଲି ନିର୍ବିବାଦରେ କୁହାଯାଇପାରେ । କାରଣ ଏହି ଧାରାରେ ପକ୍ଷପାତ ନୀତିକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏଥିରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି – ଜାତି, ଧର୍ମ, ଲିଙ୍ଗ, ଜନ୍ମସ୍ଥାନ ଆଦି ଭେଦରେ କୌଣସି ନାଗରିକଙ୍କୁ ରାଷ୍ଟ୍ର ତା'ର ଅଧିକାରରୁ ବଂଚିତ କରିପାରିବ ନାହିଁ । ୧୬ ଧାର ଅନୁଯାୟୀ ପ୍ରତ୍ୟେକ ନାଗରିକ ନିଯୁକ୍ତି କ୍ଷେତ୍ରରେ ସମାନ ଅଧିକାର ଲାଭ କରିବେ । ଅବଶ୍ୟ ଏ କ୍ଷେତ୍ରରେ କେତେକ ଅନଗ୍ରସର ଜାତି ପାଇଁ ରାଷ୍ଟ୍ର କିଛି ସରକାରୀ ଚାକିରି ସଂରକ୍ଷଣ କରିପାରିବାର କ୍ଷମତା ଲାଭ କରିଛି । ୧୭ ଧାରା ଅନୁଯାୟୀ କୌଣସି ନାଗରିକ ଅଛୁଆଁ ନୁହନ୍ତି । ଯଦି କୌଣସି ବ୍ୟକ୍ତି ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି କରେ, ତେବେ ସେ ଆଇନ ଦ୍ୱାରା ଦଣ୍ଡିତ ହେବ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ରାଷ୍ଟ୍ର କୌଣସି ବ୍ୟକ୍ତିଙ୍କୁ ସଂଜ୍ଞା ବା ସମ୍ମାନ ପ୍ରଦାନ କରି ଅନ୍ୟମାନଙ୍କ ଠାରୁ ତାକୁ ସ୍ୱତନ୍ତ୍ର ଭାବରେ ଗଣନା କରିପାରିବ ନାହିଁ ବୋଲି ୧୮ ଧାରାରେ କୁହାଯାଇଛି । ଦ୍ୱିତୀୟ ମୌଳିକ ଅଧିକାର ହେଉଛି ବାକ୍ ସ୍ୱାଧୀନତାର ଅଧିକାର । ୧୯ରୁ ୨୨ ଧାରା ମଧ୍ୟରେ ଏହି ଅଧିକାର ସମ୍ବନ୍ଧରେ ଆଲୋଚନା ହେଉଛି । ୧୯ ଧାରାରେ ସାତ ପ୍ରକାର ସ୍ୱାଧୀନତା ସଂପର୍କରେ କୁହାଯାଇଥିଲା । ମାତ୍ର ୪୪ ତମ ସଂଶୋଧନ ପରେ ଏହାର ସଂଖ୍ୟା ଛ'କୁ ହ୍ରାସ ପାଇଛି । ଏଥିରେ ସଂପତ୍ତିଗତ ଅଧିକାର ବାଦ ପଡ଼ିଛି । ଏହି ଧାରା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ବାକ୍ ସ୍ୱାଧୀନତା ଏବଂ ସ୍ୱାଧୀନ ଭାବରେ ମତ ଅଭିବ୍ୟକ୍ତ କରିବାର ଅଧିକାର ପାଇଛନ୍ତି । ଭାରତର ଯେକୌଣସି ସ୍ଥାନରେ ବିନା ଅସ୍ତ୍ରଶସ୍ତ୍ରରେ ଏକତ୍ରିତ ହେବାର ଅଧିକାର ଭାରତୀୟ ନାଗରିକଙ୍କୁ ସମ୍ବିଧାନ ପ୍ରଦାନ କରିଛି । ନିଜର ବା ସମାଜର ଉନ୍ନତି ପାଇଁ ସଂଗଠନ ବା ସମିତି ଗଠନ କରିବାର ଅଧିକାର ସେମାନଙ୍କର ରହିଛି । ଭାରତ ମଧ୍ୟରେ ସ୍ୱଚ୍ଛନ୍ଦରେ ଯେକୌଣସି ସ୍ଥାନରେ ବୁଲିବାର କୌଣସି କଟକଣା ନାହିଁ । ଭାରତର ଯେକୌଣସି ସ୍ଥାନରେ ବସବାସ କରିବାର ଅଧିକାର ନାଗରିକମାନେ ପାଇଛନ୍ତି । ନିଜର ବଂଚିବା ପାଇଁ ସେମାନେ ଯେକୌଣସି ବୃତ୍ତି ଅବଲମ୍ବନ କରିବାର ଅଧିକାର ପାଇଛନ୍ତି । ଏହା ସତ୍ତ୍ୱେ ଦୁଇଟି ଅଧିକାର ଉପରେ ସମ୍ବିଧାନ କିଛି ପରିମାଣରେ କଟକଣା ଜାରି କରିଛି । ସମସ୍ତଙ୍କର ବାକ୍ ଅଧିକାର ରହିଥିଲେ ହେଁ, ଯେକୌଣସି କଥା କହିବାର ଅଧିକାର ନାହିଁ । ଯେଉଁ କଥା ଅନ୍ୟର ସମ୍ମାନ ହାନି କରେ ବା ରାଷ୍ଟ୍ରର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରେ, ସେପରି କଥା ପ୍ରତି ଅଙ୍କୁଶ ମରାଯାଇଛି । ସେହିପରି ଅନୁଷ୍ଠାନ ବା ସଂଗଠନ ଗଢ଼ିବାର ଅଧିକାର ଥିଲେ ହେଁ, ଯେଉଁ ଅନୁଷ୍ଠାନ ଦ୍ୱାରା ରାଷ୍ଟ୍ର, ବ୍ୟକ୍ତି ବା ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ରହିଛି ସେପରି ଅନୁଷ୍ଠାନକୁ ବାସନ୍ଦ କରିବାର ଅଧିକାର ରାଷ୍ଟ୍ରର ରହିଛି । ସେଥିପାଇଁ

୨୧ ଧାରାରେ ସୂଚନା ଦିଆଯାଇ କୁହାଯାଇଛି - "No person shall be deprived of his life or personal liberty except according to procedure established by law". ୨୨ ଧାରାରେ କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ କରାଯାଇପାରିବ ନାହିଁ ବୋଲି କୁହାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ତା'ର ଗିରଫର କାରଣ ସଂପର୍କରେ ଜାଣିବାରେ ଅଧିକାର ରହିଛି । ଏଥିପାଇଁ ଅଦାଲତରେ ସେ ନିଜ ପାଇଁ ଓକିଲ ମଧ ଦେଇ ଦୋଷମୁକ୍ତ ହୋଇପାରିବ । ଶୋଷଣ ବିରୋଧୀ ଅଧିକାର ହେଉଛି ତୃତୀୟ ମୌଳିକ ଅପରାଧ । ୨୩ ଏବଂ ୨୪ ଧାରା ଏ ସଂପର୍କରେ ବିସ୍ତୃତ ଆଲୋଚନା କରିଛି । ଶୋଷଣ ଏକ ଅମାନବିକ ପ୍ରକୃତି । ଶୋଷଣ ଦ୍ୱାର ବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୁଏ । ସ୍ୱାଧୀନତାର ପ୍ରକୃତ ସ୍ୱାଦ ସେ ଉପଭୋଗ କରିପାରେ ନାହିଁ । ତେଣୁ ଦାସତ୍ୱ ପ୍ରଧାନ, ବେଠି ପ୍ରଥା, ୧୪ ବର୍ଷରୁ କମ୍ ପିଲାମାନଙ୍କୁ ବିଭିନ୍ନ ଖଣି, କଳାକାରଖାନା ବା ବିପଜ୍ଜନକ ସ୍ଥାନରେ ନିଯୁକ୍ତି ପ୍ରଥାକୁ ଏଥିରେ ବିରୋଧ କରାଯାଇଛି । ଧର୍ମଗତ ସ୍ୱାଧୀନତା ଅଧିକାର ହେଉଛି ୪ର୍ଥ ମୌଳିକ ଅଧିକାର । ଭାରତରେ ବହୁଧର୍ମ ରହିଛି । ବିଭିନ୍ନ ଧର୍ମର ସମନ୍ୱୟ ଘଟିଛି ଭାରତବର୍ଷରେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀମାନେ ଏକତ୍ରିତ ହୋଇ ବ୍ରିଟିଶ୍ ରାଜସ୍ୱ ବିରୋଧୀରେ ସଂଗ୍ରାମ କରିଥିଲେ । ତେଣୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ସଦ୍ଭାବ ପ୍ରତିଷ୍ଠା କରିବା ଆମମାନଙ୍କର ପରମ କର୍ତ୍ତବ୍ୟ । ୨୫ରୁ ୨୮ ଧାରା ମଧ୍ୟରେ ଭାରତର ଧର୍ମ ନିରପେକ୍ଷ ନୀତିର ଆଲୋଚନା କରାଯାଇଛି । କୌଣସି ବ୍ୟକ୍ତିକୁ ଧର୍ମ ଗ୍ରହଣ କିମ୍ବା ପ୍ରଚାର ପ୍ରସାର ନିମିତ୍ତ ଚାନ୍ଦା ଦେବାକୁ ବାଧ କରାଯାଇପାରିବ ନାହିଁ କିମ୍ବା ଶିକ୍ଷାନୁଷ୍ଠାନରେ ନିର୍ଦ୍ଦିଷ୍ଟ ଧର୍ମପାଠ କରାଯିବ ନାହିଁ ବୋଲି ସୂଚିତ ହୋଇଛି । କାହା ଉପରେ ବାଧକରି କୌଣସି ଧର୍ମକୁ ମଧ ଲଦି ଦିଆଯାଇପାରିବ ନାହିଁ । ନିଜ ବିବେକ ଅନୁଯାୟୀ ଧର୍ମଗ୍ରହଣ ପ୍ରଚାର କରିବାର ଅଧିକାର ବ୍ୟକ୍ତିର ରହିଛି । ସମ୍ବିଧାନର ୩ୟ ପରିଚ୍ଛେଦର ୨୯ ଏବଂ ୩୦ ଧାରାରେ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ସଂପର୍କରେ କୁହାଯାଇଛି । ଏହା ହେଉଛି ବ୍ୟକ୍ତିର ପଞ୍ଚମ ମୌଳିକ ଅଧିକାର । ଭାରତରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଚଳଣି ଓ ଆଚାରର ବ୍ୟକ୍ତି ବାସକରୁଥିବାରୁ ବହୁ ସଂସ୍କୃତିର ମିଳନ ଭାରତରେ ଦେଖାଯାଏ । ପ୍ରତ୍ୟେକ ଗୋଷ୍ଠୀ ବା ବ୍ୟକ୍ତିର ସଂସ୍କୃତି ଓ ଶିକ୍ଷାକୁ ସ୍ୱାଧୀନତା ପ୍ରଦାନ କରିଛି ଭାରତୀୟ ସମ୍ବିଧାନ । ୨୯ ଧାରା ଅନୁଯାୟୀ 'Any section of the citizens residing in the territory of India or any part there of having a distinct language script or culture of its own shall have the right to conserve the same'. ସଂଖ୍ୟାଲଘୁ ସମ୍ପ୍ରଦାୟ ନିଜର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ଅଧିକାର ଲାଭ କରିଛନ୍ତି । ତେଣୁ ୨୯ ଓ ୩୦ ଧାରାରେ ସମସ୍ତ ଜାତି, ଧର୍ମ ଓ ବର୍ଣ୍ଣର ସାମୂହିକ ବିକାଶ ନିମିତ୍ତ ଧ୍ୟାନ ଦିଆଯାଇଥିବାରୁ ଏହା ଭାରତର ନିରପେକ୍ଷ ନୀତିକୁ ପ୍ରମାଣିତ କରିଛି । ସାମ୍ବିଧାନିକ ପ୍ରତିକାରଗତ ଅଧିକାର ବ୍ୟକ୍ତିର ୬ଷ୍ଠ ମୌଳିକ ଅଧିକାର ଓ ଏହା ୩୨ ଧାରା ଅନ୍ତର୍ଭୁକ୍ତ ଭାରତୀୟ ନାଗରିକଙ୍କ କୌଣସି ଅଧିକାରରେ ହସ୍ତକ୍ଷେପ କରାଗଲେ, ଏଥିପାଇଁ ସେ ସୁପ୍ରିମ କୋର୍ଟ ବା ଅନ୍ୟ ନ୍ୟାୟାଳୟର ଆଶ୍ରୟ ନେଇପାରିବେ । ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ରକ୍ଷା କରିବାକୁ ପ୍ରଚୁର କ୍ଷମତା ଲାଭ କରିଛନ୍ତି ।

୩୫୨ ଧାରା ଅନୁଯାୟୀ ଯେତେବେଳେ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହୋଇଥାଏ, ସେତେବେଳେ ୧୯ ଧାରା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇଥାଏ । ସେହି ସମୟରେ ନାଗରିକଙ୍କ ମୌଳିକ

ଅଧିକାର ସଙ୍କୁଚିତ ହୋଇଥାଏ । ରାଷ୍ଟ୍ରପତି ଅନ୍ୟ ଏକ ଅଧ୍ୟାଦେଶ ଦ୍ୱାରା ମଧ୍ୟ ନାଗରିକର ସାମ୍ବିଧାନିକ ଅଧିକାରକୁ ସଙ୍କୁଚିତ ବା ପ୍ରତ୍ୟାହାର କରିପାରନ୍ତି । ଏହି ସମୟରେ କୌଣସି ନ୍ୟାୟାଳୟ ସେମାନଙ୍କ ଅଧିକାର ସମ୍ପର୍କରେ ଜନସାଧାରଣଙ୍କୁ ସହାୟତା କରିପାରିବ ନାହିଁ । ଜରୁରୀକାଳୀନ ପରିସ୍ଥିତିର ପ୍ରତ୍ୟାହାର ପରେ ନାଗରିକମାନେ ପୁଣି ସେମାନଙ୍କର ଅଧିକାର ଫେରି ପାଇଥାନ୍ତି ।

କେତେକ ସମାଲୋଚନା କରି କହିଥାନ୍ତି, ଭାରତୀୟ ସମ୍ବିଧାନରେ ନାଗରିକଙ୍କ ମୌଳିକ ଅଧିକାର ସମ୍ପର୍କରେ ଯାହା କୁହାଯାଇଛି, ତାହା ସ୍ପଷ୍ଟ ଓ ସ୍ୱଚ୍ଛ ନୁହେଁ । ଗୋଟିଏ ଗୋଟିଏ ଧାରାର ବିଭିନ୍ନ ଅର୍ଥ ମଧ୍ୟ କରାଯାଇପାରେ । ଏପରିକି ଗୋଟିଏ ଗୋଟିଏ ଧାରାର ବହୁ ସୀମା ଓ ପ୍ରତିବନ୍ଧକ ରହିଛି । ଏତଦ୍‌ବ୍ୟତୀତ କାର୍ଯ୍ୟ କରିବାର ଅଧିକାର, ବିଶ୍ରାମ ବା ଶିକ୍ଷାର ଅଧିକାର ସମ୍ବନ୍ଧରେ କୌଣସି ଆଲୋଚନା ବା ସୂଚନା ରହିନାହିଁ । ଏହା ସତ୍ତ୍ୱେ ମୌଳିକ ଅଧିକାରଗୁଡ଼ିକ ନିରପେକ୍ଷ ହୋଇଥିବାରୁ ସମସ୍ତଙ୍କ ଦ୍ୱାରା ସମ୍ମାନ ଲାଭ କରିଛି । ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର ହୋଇଥିବାରୁ ବ୍ୟକ୍ତିବିଶେଷଙ୍କୁ ଅବାଧ ସ୍ୱାଧୀନତା ପ୍ରଦାନ କରିବାର ଅର୍ଥ ସ୍ୱେଚ୍ଛାଚାରକୁ ପ୍ରଶୟ ଦେବା । ତେଣୁ କେତେକ କ୍ଷେତ୍ରରେ କିଛି ନିୟନ୍ତ୍ରଣ ରହିବା ଆବଶ୍ୟକ । ବ୍ୟକ୍ତିର ନୈତିକ ଓ ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ମୌଳିକ ଅଧିକାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ନିକଟରେ ଏହା ବଡ଼ ନୁହେଁ । ଦେଶର ସ୍ୱାର୍ଥ ପାଇଁ ଏହି ଅଧିକାରକୁ ସଙ୍କୁଚିତ କରିବାରେ କୌଣସି ଅଯଥାର୍ଥତା ନାହିଁ । ତେଣୁ ଏକ୍ଷେତ୍ରରେ ଯେଉଁମାନେ ଭାରତର ସମ୍ବିଧାନକୁ ସମାଲୋଚନା କରନ୍ତି, ସେମାନେ ସମ୍ପୂର୍ଣ୍ଣ ଭାବରେ ଏକ ଦେଶଦର୍ଶୀ ।

ଭାରତୀୟ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ଭାରତୀୟ ସଂସ୍କୃତି, ଆଦର୍ଶ ଓ ବିଚାରଧାରାର ଯଥାର୍ଥ ପରିପ୍ରକାଶ । ଏହା ମାନବିକ ମୂଲ୍ୟବୋଧକୁ ସମ୍ମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ନାଗରିକମାନଙ୍କର ସମସ୍ତ ପ୍ରକାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ । ତେଣୁ ଭାରତୀୟ ନାଗରିକ ଏହି ମୌଳିକ ଅଧିକାରର ଉପଯୁକ୍ତ ମର୍ଯ୍ୟାଦା ଦେଇପାରିଲେ ଏବଂ ସମ୍ବିଧାନ ପ୍ରଦତ୍ତ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିପାରିଲେ, ଏହା ନିଶ୍ଚିତ ଭାବରେ ଭାରତର ଓ ବ୍ୟକ୍ତିର ବିକାଶରେ ସହାୟକ ହୋଇପାରିବ । ଭାରତୀୟ ସମ୍ବିଧାନର ସେହି ମହତ ଆଦର୍ଶ ଓ ମହାନ୍ ପରମ୍ପରାକୁ ରକ୍ଷା କରିବା ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ।

●●●



ଟିପ୍ପଣୀ

# ୭.୨ ବେକାର ସମସ୍ୟା

**ଉପକ୍ରମ:** ବେକାର ସମସ୍ୟା କେବଳ ଭାରତ କାହିଁକି, ଆଜି ସମଗ୍ର ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି ।ବିଶେଷଭାବରେ ଶିକ୍ଷିତମାନଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଉତ୍କଟ ରୂପ ଧାରଣ କରିଛି । 'ବେକାର'ର ସାଧାରଣ ସଂଜ୍ଞାରେ କୁହାଯାଇଛି କର୍ମ କରିବାର ଶକ୍ତିଥିବା ସତ୍ତ୍ୱେ କାର୍ଯ୍ୟାଭାବ କାରଣରୁ କାର୍ଯ୍ୟ ନ ପାଇଲେ, ବେକାର ରୂପେ ପରିଗଣିତ ହୋଇଥାଏ । ବେକାର ଅବସ୍ଥାଠାରୁ ବଡ଼ କ୍ଷତିକରି ଅବସ୍ଥା ଆଉ କିଛି ନ ଥାଇପାରେ । ସେଥିପାଇଁ ରବର୍ଟ ହୁଭର କହିଥିଲେ- 'No waste is greater than unemployment, no suffering is keener or fought with despair than that due to inability to get jobs by those who to work'. 'ମାନବ ସମ୍ବଳର ଉପଯୁକ୍ତ ବିନିଯୋଗର ଅଭାବ ହିଁ ବେକାର ଅବସ୍ଥା । ଏହାକୁ ଉତ୍ପାଦିତ ଶକ୍ତିର ଅପରାଧୀ ବିନଷ୍ଟ କହିଲେ ଭୁଲ ହେବ ନାହିଁ । ଏହା ଏକ ବିଶ୍ୱ ସମସ୍ୟା ହେଲେ ହେଁ ବିକାଶଶୀଳ ଦେଶମାନଙ୍କରେ ଏହାର ଅବସ୍ଥା ଅତ୍ୟନ୍ତ ଉତ୍କଟ । ସ୍ୱାଧୀନତାର ପରବର୍ତ୍ତୀ କାଳରେ ଭାରତରେ ବେକାର ସମସ୍ୟା ପ୍ରତି ବର୍ଷ ବୃଦ୍ଧି ପାଇଆସୁଛି । ଆମର ଶିକ୍ଷାବ୍ୟବସ୍ଥା ଏବଂ ଚାକିରୀ ସର୍ତ୍ତାବଳୀ ଏହି ସମସ୍ୟାର ସମାଧାନ ପାଇଁ ଅନୁପଯୁକ୍ତ ବୋଲି ମନେ ହେଉଛି । ବର୍ତ୍ତମାନ ସରକାରୀ ସ୍ତରରେ ଯେପରି ଚାକିରି କାଟ ନୀତି ଆରମ୍ଭ ହେଲାଣି, ଭବିଷ୍ୟତରେ ଏହି ଅବସ୍ଥା ଅଧିକ ଶୋଚନୀୟ ହୋଇପଡ଼ିବ । ଆଜିର ଶିକ୍ଷିତ ବ୍ୟକ୍ତି ଚାକିରି ଅଭାବରୁ ବହୁପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ । ଖାଦ୍ୟାଭାବ ଓ କର୍ମ ଅଭାବ ମଣିଷକୁ ଅପରାଧ କରିବାକୁ ବାଧ କରିଥାଏ । ଦେଶର ପ୍ରଗତି କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରୁଛି । ବର୍ତ୍ତମାନଠାରୁ ଦେଶର ଚିନ୍ତାଶୀଳ ବ୍ୟକ୍ତି ଓ ସରକାର ଉପାୟ ଆବିଷ୍କାର ନ କଲେ ଭବିଷ୍ୟତରେ ଏହି ବେକାର ସମସ୍ୟା ଯେ ଏକ ଗୁରୁତର ରୂପ ଧାରଣ କରିବ, କହିବା ଅନାବଶ୍ୟକ ମାତ୍ର ।

**ବେକାରର ସ୍ୱରୂପ ଓ ପ୍ରକୃତି:** ଭାରତର ଅଧିବାସୀମାନେ ମୁଖ୍ୟତଃ ସହର ଓ ଗ୍ରାମାଞ୍ଚଳରେ ବାସ କରିଥାନ୍ତି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଲୋକ ରହିଥାନ୍ତି । ଗ୍ରାମାଞ୍ଚଳର ଅଧିବାସୀଗଣ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ଗ୍ରାମାଞ୍ଚଳ ଅଧିବାସୀ ବର୍ଷରେ ପ୍ରାୟ ୫ରୁ ୭ମାସ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ପାଇନଥାନ୍ତି । ଭାରତର ପ୍ରାୟ ୭୦ଭାଗ ଅଧିବାସୀ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି । କୃଷି ଏକ ନିର୍ଦ୍ଦିଷ୍ଟ ଋତୁକାଳୀନ କାର୍ଯ୍ୟ ହୋଇଥିବାରୁ, ଅନ୍ୟ ସମୟରେ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତି ବେକାର ହୋଇ ବସିଥାନ୍ତି । ଏହି କାରଣରୁ ଗ୍ରାମାଞ୍ଚଳର ଦରିଦ୍ରଙ୍କ ସଂଖ୍ୟା ସହରାଞ୍ଚଳ ଅପେକ୍ଷା ଅଧିକ । ଗ୍ରାମାଞ୍ଚଳର ଲୋକଶକ୍ତିର ଯଥାର୍ଥ ବିନିଯୋଗ ଅଭାବରୁ ଏବଂ ଗାନ୍ଧିଜୀଙ୍କ ପରିକଳ୍ପିତ କୁଟୀରଶିଳ୍ପର ବିଲୋପ ଯୋଗୁଁ ଗ୍ରାମବାସୀ କାର୍ଯ୍ୟାନୁସରଣରେ ସହରମୁଖୀ ହୋଇଥାନ୍ତି । ଗବେଷଣାରୁ ଜଣାଯାଇଥାଏ କୃଷି ଉପରେ ନିର୍ଭରଶୀଳ ପ୍ରାୟ ୭୦ଭାଗ ଲୋକଙ୍କ ମଧ୍ୟରୁ ମାତ୍ର ୨୦ରୁ ୩୦ ଭାଗ ପ୍ରକୃତରେ ଜମିଥିବା କୃଷକ । ଅନ୍ୟମାନେ କେବଳ କୃଷି ଉପରେ ନିର୍ଭର କରୁଥିବା ଶ୍ରମଜୀବୀ । ଗ୍ରାମାଞ୍ଚଳର କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପ ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ବୃହତ୍ ଶିଳ୍ପ ସହିତ ପ୍ରତିଯୋଗିତା କରି ନପାରି ବେକାର ଜୀବନକୁ ଅବଲମ୍ବନ କରିବାକୁ ବାଧ ହୋଇଛନ୍ତି । ସହରାଞ୍ଚଳର ବେକାରମାନଙ୍କୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା- ଶିକ୍ଷିତ ବେକାର ଏବଂ ଶିଳ୍ପ ଶ୍ରମିକ । ସହରରେ ବେକାର ସଂଖ୍ୟା ବୃଦ୍ଧି ପାଇବାର

କାରଣ ହେଉଛି-ଜନସଂଖ୍ୟା ବୃଦ୍ଧି ଓ ଗ୍ରାମାଞ୍ଚଳରୁ ବହୁ ଶ୍ରମିକଙ୍କର ସହରାଞ୍ଚଳକୁ ଆଗମନ । ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ନିଯୁକ୍ତି ସଂଖ୍ୟା ବୃଦ୍ଧି ହୋଇପାରୁ ନଥିବାରୁ ବେକାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହି କାରଣରୁ ଭାରତରେ ଦରିଦ୍ରଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ।

**ବିଶ୍ୱ ପରିପ୍ରେକ୍ଷୀରେ ବେକାର ସମସ୍ୟା:** ବେକାର ସମସ୍ୟା ଆଜି ଏକ ଆଞ୍ଚଳିକ ସମସ୍ୟା ନହୋଇ, ବିଶ୍ୱବ୍ୟାପୀ ସମସ୍ୟାରେ ପରିଣତ ହୋଇଛି । ସମଗ୍ର ପୃଥିବୀରେ ୧୯୩୦ ଖ୍ରୀ.ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଗୁରୁତର ସଙ୍କଟ ଉପସ୍ଥିତ ହୋଇଥିଲା । ବାଣିଜ୍ୟ ବ୍ୟବସାୟରେ ମାନ୍ଦାବସ୍ଥା ଯୋଗୁଁ ଇଉରୋପୀୟ ଦେଶମାନଙ୍କରେ ବେକାର ସମସ୍ୟା ଗୁରୁତର ରୂପ ଗ୍ରହଣ କଲା । ଶିଳ୍ପ ସମୃଦ୍ଧି ଦେଶଗୁଡ଼ିକର ପ୍ରଭୂତ ପରିମାଣ କ୍ଷତିର ସମ୍ମୁଖୀନ ହେଲେ । ପୁନରାୟ ଦ୍ୱିତୀୟ ମହାଯୁଦ୍ଧ ସମୟରେ ଏହି ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ମାନବ ସମ୍ବଳ ପ୍ରତି ଗୁରୁତ୍ୱ ନ ଦେଇ କଳକାରଖାନା ବା ମେସିନ୍ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବାରୁ ବହୁ ମାନବ କାର୍ଯ୍ୟ ହରାଇ ବେକାର ହୋଇପଡ଼ିଲେ । ବିଶ୍ୱଯୁଦ୍ଧୋତ୍ତର କାଳରେ ପ୍ରତ୍ୟେକ ଦେଶ ଏହି ସମସ୍ୟାକୁ ଗଭୀର ଭାବରେ ହୃଦୟଙ୍ଗମ କଲେ ମଧ୍ୟ ପ୍ରତିଯୋଗିତାରେ ନିଜର ପ୍ରାଧାନ୍ୟ ସୂଚିତ କରିବାକୁ ମେସିନ୍ ଉପରେ ନିର୍ଭର କରିବାକୁ ଲାଗିଲେ । ଏକାଧିକ ମଣିଷର କାର୍ଯ୍ୟ ଗୋଟିଏ ମେସିନ୍‌ର କାର୍ଯ୍ୟ ଦ୍ୱାରା ସମ୍ଭବ ହେବାରୁ ମଣିଷର ଗୁରୁତ୍ୱ କମିଯାଇ ମେସିନ୍‌ର ଗୁରୁତ୍ୱ ବୃଦ୍ଧି ପାଇଲା । ଫଳରେ ମାନବସମ୍ବଳର ବିନିଯୋଗ ଅଭାବରୁ ବେକାର ସମସ୍ୟା ବହୁଗୁଣରେ ବଢ଼ିଗଲା । ଏବେ ସମଗ୍ର ବିଶ୍ୱରେ ଯେପରି ଭାବରେ ବେକାରମାନଙ୍କ ସଂଖ୍ୟା ଉଦ୍‌ବେଗଜନକ ପରିସ୍ଥିତିରେ ଉପନୀତ ହୋଇଛି, କେତେବେଳେ କ'ଣ ହେବ ଅନୁମାନ କରିବା କଷ୍ଟସାଧ୍ୟ । ତେଣୁ ବର୍ତ୍ତମାନଠାରୁ ବିଶ୍ୱ ସଚେତନତା ସୃଷ୍ଟିକରି ବେକାର ସମସ୍ୟାର ଦୂରୀକରଣ ନିମିତ୍ତ ପଦକ୍ଷେପ ଗ୍ରହଣ କରାନଗଲେ, ବିଶ୍ୱ ନିଶ୍ଚିତ ଭାବରେ ଏକ ସଙ୍କଟଜନକ ପରିସ୍ଥିତି ଦିଗକୁ ଗତି କରିବ ।

**ଭାରତରେ ବେକାର ସମସ୍ୟାର କେତେକ କାରଣ:** ଭାରତରେ ରୋଜଗାରର ସୀମା ଅନୁଯାୟୀ ଦାରିଦ୍ର୍ୟର ସୀମାରେଖା ନିର୍ଦ୍ଦିଷ୍ଟ କରାଯାଇଥାଏ । ସରକାରୀ ଭାଷା ଅନୁଯାୟୀ ଯେଉଁ ବ୍ୟକ୍ତିମାନେ ଆବଶ୍ୟକତା ଅନୁଯାୟୀ କାମ କରିବାର ସୁଯୋଗ ଲାଭ କରନ୍ତି ନାହିଁ ବା ନିଜ ଆୟରୁ ନିମ୍ନତମ ଆବଶ୍ୟକତା ପୂରଣ କରିବାକୁ ସମର୍ଥ ହୁଅନ୍ତି ନାହିଁ, ସେମାନଙ୍କୁ ଦରିଦ୍ର ଶ୍ରେଣୀଭୁକ୍ତ କରାଯାଇଥାଏ । ଆମ ଦେଶରେ ଦାରିଦ୍ର୍ୟର ସୀମାରେଖା ରୂପେ ପାଞ୍ଚଜଣ ଲୋକ ଥିବା ପରିବାରର ବାର୍ଷିକ ଆୟ ଏଗାରହଜାର ଟଙ୍କା ବୋଲି ଧରାଯାଇଛି । ଏହି ଦୃଷ୍ଟିରୁ ଭାରତରେ ଦାରିଦ୍ର୍ୟ ସୀମାରେଖା ତଳେ ୨୯.୯ ପ୍ରତିଶତ ବ୍ୟକ୍ତି ଥିବା ବେଳେ ଓଡ଼ିଶାରେ ଏହାର ସଂଖ୍ୟା ୪୪.୭ ପ୍ରତିଶତ । ସରକାରୀ ହିସାବରେ ଏତିକି ପ୍ରତିଶତ ବ୍ୟକ୍ତି ଥିଲେହେଁ, ବେସରକାରୀ ହିସାବରେ ଏହାର ସଂଖ୍ୟା ବହୁ ଅଧିକ । ବେକାର ସଂଖ୍ୟା ବୃଦ୍ଧି ଯୋଗୁଁ ଭାରତରେ ଦରିଦ୍ରମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ଏହି ବେକାର ସଂଖ୍ୟାର ବୃଦ୍ଧି ନିମିତ୍ତ କେତେକ ପ୍ରମୁଖ କାରଣ ବିଦ୍ୟମାନ । ମୁଖ୍ୟ କାରଣ ରୂପେ ଆମ ପ୍ରଚଳିତ ଶିକ୍ଷା ପଦ୍ଧତିର ତ୍ରୁଟିକୁ ଗ୍ରହଣ କରାଯାଇପାରେ । ଇଂରେଜ ଶାସନ ସମୟରେ ଯେଉଁ ଶିକ୍ଷାପଦ୍ଧତି ଭାରତରେ ପ୍ରଚଳିତ ହୋଇଥିଲା, ଏବେ ସୁଦ୍ଧା ତା'ର ବିଶେଷ କିଛି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଇଂରେଜମାନଙ୍କ ସମୟରେ ଭାରତରେ ଯେଉଁ ଶିକ୍ଷାପଦ୍ଧତି ସୃଷ୍ଟି ହୋଇଥିଲା, ତାହା ମୁଖ୍ୟତଃ ଥିଲା ଭାରତରେ କିଛି କିରାଣୀ ସୃଷ୍ଟି ପାଇଁ । ଏହି ଦୃଷ୍ଟିରୁ କିରାଣୀ ଚାକିରି ପାଇଁ ସେତେବେଳେ ଭାରତୀୟମାନେ ଶିକ୍ଷା ଲାଭ କରୁଥିଲେ । ଏପରି ଶିକ୍ଷା ଲାଭ ପରେ ଯୁବସମ୍ପ୍ରଦାୟ ଅନ୍ୟ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରିପାରେ ନାହିଁ । କିରାଣୀ ଚାକିରି ନମିଳିଲେ ସେମାନେ ବେକାର



ଟିପ୍ପଣୀ

ଜୀବନକୁ ଆଦରି ନେଇଥାନ୍ତି । ପାରମ୍ପରିକ ଶିକ୍ଷାପଦ୍ଧତିର ଏହି ତ୍ରୁଟି ଶିକ୍ଷିତ ଯୁବକକୁ ସ୍ୱାବଲମ୍ବନଶୀଳ କରିବା କ୍ଷେତ୍ରରେ ସାହାଯ୍ୟ କରିପାରୁ ନାହିଁ । ଏପରିକି ଏହି ପ୍ରକାର ଶିକ୍ଷାଲାଭ କରୁଥିବା ବ୍ୟକ୍ତି ନିଜର କୌଳିକ ବୃତ୍ତିକୁ ମଧ୍ୟ ଗ୍ରହଣ କରିବାକୁ ପସନ୍ଦ କରୁନାହାନ୍ତି । କୃଷକର ସନ୍ତାନ କୃଷିକାର୍ଯ୍ୟ କରିବାକୁ କିମ୍ବା ବ୍ୟବସାୟୀର ସନ୍ତାନ ବ୍ୟବସାୟ କରିବାକୁ ପରାଙ୍‌ମୁଖ । ଗୋଟିଏ କିରାଣୀ, ଚପରାସୀ ବା ପିଅନ ଚାକିରୀ ତା'ନିକଟରେ ଯେତିକି ଲୋଭନୀୟ, ନିଜର କୌଳିକ ବୃତ୍ତି ସେତିକି ଗ୍ରହଣୀୟ ନୁହେଁ । ଭାରତ ଅନ୍ୟାନ୍ୟ ବିକଶିତ ରାଷ୍ଟ୍ରପରି ଶିଳ୍ପ ସମୃଦ୍ଧ ହୋଇନଥିବାରୁ, ଶିଳ୍ପ କ୍ଷେତ୍ରରେ ଅଧିକ ଚାକିରୀ ସୃଷ୍ଟି ଲାଭ କରିବା ସମ୍ଭବ ନୁହେଁ । ଶିଳ୍ପକ୍ଷେତ୍ରରେ ଅସମୃଦ୍ଧ ଏବଂ କୌଳିକ ବୃତ୍ତିକୁ ଗ୍ରହଣ କରିବାକୁ ପରାଙ୍ମୁଖ ମନୋବୃତ୍ତି ଯୋଗୁଁ ଭାରତରେ ବହୁପରିମାଣରେ ବେକାର ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ଶ୍ରମ ପ୍ରତି ବିମୁଖଭାବ ବେକାର ସମସ୍ୟାର ଅନ୍ୟତମ କାରଣ । ସାମାନ୍ୟ ଶିକ୍ଷିତ ବ୍ୟକ୍ତିଟିଏ ମଧ୍ୟ ଶାରୀରିକ ଶ୍ରମ କରିବାକୁ ଉଚିତ ମନେକରୁ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱଶୂନ୍ୟ ଓ ଆରାମଦାୟକ କାର୍ଯ୍ୟ କରିବାକୁ ଆଗ୍ରହୀ । ଏହି ଦୃଷ୍ଟିରୁ ସରକାରୀ ଚାକିରି ଅତୀବ ଲୋଭନୀୟ । ଚାକିରୀ ବ୍ୟତିରେକେ ଶାରୀରିକ ଶ୍ରମ ଥିବା କାର୍ଯ୍ୟକରି ଆତ୍ମନିର୍ଭରଶୀଳ ହେବାକୁ ସେ ଆଦୌ ଚେଷ୍ଟା କରେ ନାହିଁ । ଚାକିରିର କ୍ଷେତ୍ର ସୀମିତ ହୋଇଥିବାରୁ ଏବଂ ଶ୍ରମ ପ୍ରତି ବିମୁଖଭାବ ବୃଦ୍ଧି ପାଉଥିବାରୁ ବେକାର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଭାରତରେ ପ୍ରଚଳିତ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହେଉଛି । ସେହି କାରଣରୁ ବୈଷୟିକ ଶିକ୍ଷା ଲାଭକରି ମଧ୍ୟ ଭାରତରେ ଲକ୍ଷ ଲକ୍ଷ ଡାକ୍ତର, ଇଞ୍ଜିନିୟର ଆଦି ବେକାର ହୋଇ ବସିଛନ୍ତି । ସବୁଠାରୁ ଦୁଃଖର କଥା କୃଷି ମହାବିଦ୍ୟାଳୟରେ ଶିକ୍ଷା ଲାଭ କରିବା ସତ୍ତ୍ୱେ ଆଜିର ଯୁବ ସମ୍ପ୍ରଦାୟ କୃଷି କାର୍ଯ୍ୟ କରିବାକୁ ହେୟ ମନେକରୁଛି । କୃଷି ସମ୍ପର୍କରେ ସ୍ନାତକ, ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ପରେ ମଧ୍ୟ କୃଷି କାର୍ଯ୍ୟକୁ ଏକ ଅପମାନଜନକ କାର୍ଯ୍ୟ ବୋଲି ଭାବୁଛି । ତେଣୁ ଆଜିର ବୈଷୟିକ ଶିକ୍ଷା ଯୁବକମାନଙ୍କୁ ସେହି କାର୍ଯ୍ୟ ସମ୍ପାଦନାରେ ସହାୟତା କରିପାରୁ ନଥିବାରୁ ତାହା ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଛି । ଏତଦ୍‌ବ୍ୟତୀତ ଭାରତର ଲୋକସଂଖ୍ୟା ଯେଉଁ ପରିମାଣରେ ବୃଦ୍ଧି ପାଉଛି, ସମସ୍ତଙ୍କୁ ଚାକିରି ଯୋଗାଇଦେବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ । ଜନସଂଖ୍ୟା ବୃଦ୍ଧି ତୁଳନାରେ ଚାକିରି ସଂଖ୍ୟା ଧୀରେ ଧୀରେ ସଂକୁଚିତ ହୋଇପଡୁଥିବାରୁ ବେକାର ସଂଖ୍ୟା ବୃଦ୍ଧି ପାଇବା ସ୍ୱାଭାବିକ ।

**ସମସ୍ୟା ସମାଧାନ ପାଇଁ ଗଠିତ କମିଟି:** ଭାରତର ବେକାର ଓ ଦରିଦ୍ରଙ୍କ ସଂଖ୍ୟା ନିରୂପଣ ପାଇଁ ଭଗବତୀ କମିଟି ୧୯୭୦ ମସିହାରେ ଗଠିତ ହୋଇଥିଲା । ଏହି କମିଟିର ରିପୋର୍ଟ ଅନୁଯାୟୀ ସେତେବେଳେ ୧୮.୭ ନିୟୁତ ବ୍ୟକ୍ତି ବେକାର ଜୀବନ ଯାପନ କରୁଥିଲେ । ଏହି ବେକାରମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୧୬.୧ ନିୟୁତ ଏବଂ ସହରାଞ୍ଚଳରେ ୨.୬ ନିୟୁତ ବ୍ୟକ୍ତି ବାସ କରୁଥିଲେ । ୧୯୭୫ ମସିହାରେ ଜାତୀୟ ନମୁନା ପରୀକ୍ଷା (National Sample Survey)ରୁ ଜଣାଯାଏ ପ୍ରତି ପାଞ୍ଚଜଣରେ ଜଣେ ଭାରତୀୟ ଅତ୍ୟନ୍ତ ନିଃସ୍ୱ, ପ୍ରତି ତିନିଜଣ ଭାରତୀୟରୁ ଜଣେ ଭାରତୀୟ ନିଃସ୍ୱ ଏବଂ ଲୋକସଂଖ୍ୟାର ଅଧା ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି । 'ଯୋଜନା'ରେ ୧୯୭୭ ମେ ବିଶେଷାଙ୍କରୁ ଭାରତରେ ୨୯ ନିୟୁତରୁ ଅଧିକ ବ୍ୟକ୍ତି ବେକାର ଜୀବନଯାପନ କରୁଛନ୍ତି ବୋଲି ଜଣାଯାଇଥିଲା । ବର୍ତ୍ତମାନ ଏହାର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି । କେବଳ ଓଡ଼ିଶାରେ ବର୍ତ୍ତମାନ ପନ୍ଦରଲକ୍ଷରୁ ଅଧିକ ଶିକ୍ଷିତ ଯୁବକ କର୍ମନିଯୋଜନ ସଂସ୍ଥାରେ ନାମ ପଞ୍ଜିକରଣ କରି ଅପେକ୍ଷା କରିଛନ୍ତି । ଏତଦ୍‌ବ୍ୟତୀତ ବୟସ ଅତିକ୍ରମ କରିଯାଇଥିବାରୁ କେତେକଙ୍କର ନାମ ପଞ୍ଜିକରଣରୁ ବାଦ ପଡ଼ିଛି ଓ ବହୁସଂଖ୍ୟାରେ ବେକାର ଯୁବକ ନାମ

ମଧ୍ୟ ପଞ୍ଜିକରଣ କରିନାହାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ସରକାରୀ ହିସାବ ତୁଳନାରେ ଭାରତରେ ବହୁ ଅଧିକସଂଖ୍ୟାରେ ବେକାର ଯୁବକଯୁବତୀ ଚାକିରି ଅପେକ୍ଷାରେ ବସି ରହିଛନ୍ତି ।

**ବେକାର ସମସ୍ୟାର ସମାଧାନ:** ବେକାର ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଏକ କଷ୍ଟସାଧ୍ୟ ବ୍ୟାପାର । ତଥାପି ସରକାରୀ ସ୍ତରରେ କେତେକ ପଦକ୍ଷେପ ଗ୍ରହଣ କରାଗଲେ କେତେକାଂଶରେ ଏହି ସମସ୍ୟାର ସମାଧାନ ହୋଇପାରିବ । ପ୍ରଥମ ପଦକ୍ଷେପ ସ୍ୱରୂପ ସରକାର ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ । ଯନ୍ତ୍ରପାତି ଉପରେ ଅଧିକ ନିର୍ଭର କଲେ, ମାନବ ସମ୍ବଳର ବିଶେଷ ବିନିଯୋଗ ହୋଇପାରିବ ନାହିଁ । ଏହି କାରଣରୁ  ଚୀନ୍‌ରେ ଯନ୍ତ୍ରପାତି ଅପେକ୍ଷା ମନୁଷ୍ୟର ଶାରୀରିକ ଶ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାରଙ୍କ ତରଫରୁ ଗୃହ ନିର୍ମାଣ, ଡାକ୍ତରଖାନା ନିର୍ମାଣ, ରାସ୍ତାଘାଟ ନିର୍ମାଣ, ଜଳସେଚନ ନିମିତ୍ତ କେନାଲ ଖନନ, ବନ୍ୟାନିୟନ୍ତ୍ରଣ ନିମିତ୍ତ ବନ୍ଧ ନିର୍ମାଣ, ମୃତ୍ତିକା ସଂରକ୍ଷଣ, ପ୍ରାଥମିକ ଶିକ୍ଷାର ବିସ୍ତାର, ସ୍ୱାସ୍ଥ୍ୟର ଉନ୍ନତି ନିମିତ୍ତ କାର୍ଯ୍ୟପନ୍ଥା ଆଦି ଗ୍ରହଣ କରାଗଲେ ବହୁସଂଖ୍ୟକ ଶ୍ରମଭିତ୍ତିକ ଚାକିରି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବହୁବିଧ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରାଯାଇପାରିବ । କୁଟୀର ଶିଳ୍ପ ଓ କ୍ଷୁଦ୍ରଶିଳ୍ପ ପ୍ରତି ଗୁରୁତ୍ୱ ପ୍ରଦାନ କରାଗଲେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ କିଛି ଲୋକ ଚାକିରି ପାଇପାରିବେ । ଗୁରୁଶିଳ୍ପର ଅଧିକାଂଶ କାର୍ଯ୍ୟ ମେସିନ୍‌ଦ୍ୱାରା ସମାହିତ ହେଉଥିବାରୁ ଓ ଏଥିରେ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତି ନିଯୁକ୍ତି ଲାଭ କରୁଥିବାରୁ ସାଧାରଣ ଲୋକମାନଙ୍କ କ୍ଷେତ୍ରରେ  ଏହା ଚାକିରି ସୃଷ୍ଟି କରିବାକୁ ଅସମର୍ଥ । ସେଥିପାଇଁ ଗ୍ରାମ୍ୟ ଆର୍ଥନୀତିକ ଯୋଜନାକୁ ସଫଳ କରିବା ନିମିତ୍ତ ମହାତ୍ମାଗାନ୍ଧି କୁଟୀର  ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପକୁ ଉତ୍ସାହିତ କରିବାପାଇଁ ମତବ୍ୟକ୍ତ କରିଥିଲେ । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏବଂ ଏହାର ଅଧିକାଂଶ ମାନବ ସମ୍ବଳ କୃଷିକ୍ଷେତ୍ରରେ ବ୍ୟବହୃତ ହେଉଥିବାରୁ ସରକାର କୃଷି ନୀତିରେ ପରିବର୍ତ୍ତନ ଆଣିବା ଉଚିତ । କୃଷକମାନଙ୍କୁ ଅଳ୍ପ ସୁଧରେ ଋଣ ଯୋଗାଣ, ଉନ୍ନତ ବିହନ, ସାର, ଔଷଧ ଆଦି ଯୋଗାଇଦେବାର ବ୍ୟବସ୍ଥା କଲେ କୃଷକମାନେ ନିଜର ଅର୍ଥନୀତିକୁ ଦୃଢ଼ କରିବା ସଙ୍ଗେ ସଙ୍ଗେ କୃଷି ପ୍ରତି ଅଧିକ ଭାବରେ  ମନୋନିବେଶ କରିପାରନ୍ତେ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବହୁ ଚାଷୀ ଚାଷ ପ୍ରତି ଅନାସକ୍ତ ଭାବ ପ୍ରକାଶ କରୁଛନ୍ତି । ପ୍ରାକୃତିକ ଦୁର୍ବିପାକ ସମୟରେ ସରକାର ଚାଷୀମାନଙ୍କୁ ଆର୍ଥିକ ତଥା ଅନ୍ୟାନ୍ୟ ସାହାଯ୍ୟ ଯୋଗାଇଦେଲେ ଚାଷୀକୁଳଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇପାରନ୍ତା । ଆମର ପାରମ୍ପରିକ ଶିକ୍ଷା ପଦ୍ଧତି କେବଳ ବେକାର ସଂଖ୍ୟା ବୃଦ୍ଧି କରିବାରେ ସହାୟତା କରୁଛି । ତେଣୁ ଶିକ୍ଷାନୀତିରେ ପରିବର୍ତ୍ତନ କରି କର୍ମାଭିମୁଖୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ । ବିକଶିତ ରାଷ୍ଟ୍ରମାନଙ୍କରେ ଛାତ୍ର ଶିକ୍ଷାଲାଭ କରିବା ସମୟରେ କୃଷିଶିକ୍ଷା, ମେସିନ ଚଳାଇବାର ଶିକ୍ଷା ଏବଂ ସ୍ୱାବଲମ୍ବନଶୀଳ ହେବା ନିମିତ୍ତ ଶିକ୍ଷା ଲାଭ କରିଥାଏ । ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିର ପରିସର ମଧ୍ୟରେ  ବହୁ ଚାଷଜମି ରଖାଯାଇ କୃଷିକାର୍ଯ୍ୟ କରାଯାଉଛି । ତେଣୁ ଶିକ୍ଷା ସମାପ୍ତ ପରେ ଚାକିରି ନ ମିଳିଲେ ମଧ୍ୟ ଛାତ୍ରମାନେ କୃଷି କାର୍ଯ୍ୟ କରିବାକୁ ଆଦୌ ଅପମାନଜନକ ମନେ କରୁନାହାନ୍ତି । ପୁଣି ବ୍ୟବସାୟ ସମ୍ପର୍କରେ ଶିକ୍ଷାପ୍ରଦାନ କରାଯାଉଥିବାରୁ ବେକାର ଯୁବକ ଶିକ୍ଷା କ୍ଷେତ୍ରରୁ ବିରତି ନେବାପରେ ସରକାରଙ୍କଠାରୁ ଋଣ ନେଇ  ବ୍ୟବସାୟରେ ସଫଳତା ଲାଭ କରୁଛନ୍ତି । ଏହାଦ୍ୱାରା ଯୁବକ ସମାଜ ନିଜର କୌଳିକ ବୃତ୍ତିକୁ ଅତି ସହଜରେ ଆଦରି ନେବାକୁ ଉତ୍ସାହିତ ହେଉଛି । ଏ ଧରଣର ଶିକ୍ଷାପଦ୍ଧତି ଏଯାବତ୍ ଭାରତବର୍ଷରେ ପ୍ରବର୍ତ୍ତନ ହୋଇପାରି ନାହିଁ । ରାଜନୈତିକ ଅସାଧୁତା  ବହୁ ସମୟରେ ଜ୍ଞାନୀ, ଗୁଣୀ, ପରିଶ୍ରମୀ ତଥା ବୁଦ୍ଧିମାନ ଛାତ୍ରଙ୍କୁ ଅସହାୟ କରିଦେଇଥାଏ । ଯେଉଁମାନଙ୍କର ପ୍ରକୃତ ଜ୍ଞାନ ଅଛି ସେମାନେ

ଚାକିରି ପାଆନ୍ତି ନାହିଁ, ଅଥଚ ରାଜନୀତିର ଫାଇଦା ଉଠାଇ  କମ୍ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ଚାକିରି ପାଇଥାନ୍ତି । ପ୍ରିୟାପ୍ରୀତି ତୋଷଣ ନୀତି ଯୋଗୁଁ ଯୋଗ୍ୟବ୍ୟକ୍ତି ପ୍ରକୃତ ନ୍ୟାୟ ପାଇପାରୁ ନଥିବାରୁ ସମାଜରେ ସେମାନେ ନିଜକୁ ଅତ୍ୟନ୍ତ ଦୟନୀୟ ମନେ କରିଥାନ୍ତି । ତେଣୁ ରାଜନୈତିକ ସାଧୁତା ରହିଲେ ପ୍ରକୃତ ଯୋଗ୍ୟ ବ୍ୟକ୍ତି ନିଜ ଗୁଣର ଉପଯୁକ୍ତ ବିନିଯୋଗ ପାଇଁ ସୁଯୋଗ ଲାଭ କରନ୍ତେ ଓ ରାଷ୍ଟ୍ର ପ୍ରଗତି କରିପାରନ୍ତା । ବିଭିନ୍ନ ଯୋଜନାରେ ବହୁପରିମାଣରେ ଚାକିରି ସୃଷ୍ଟି ନିମିତ୍ତ ପଦକ୍ଷେପ ନିଆଗଲେ, ବେକାର ସମସ୍ୟା କିଛି ପରିମାଣରେ ଦୂର ହୋଇପାରନ୍ତା । ୧୯୭୦ ମସିହା ଡ଼ିସେମ୍ବର ମାସରେ ନିଯୁକ୍ତି ସମସ୍ୟା ସମ୍ପର୍କରେ ସମୀକ୍ଷା  କରିବାପାଇଁ ସରକାର ଏକ କମିଟି ଗଠନ କରିଥିଲେ । ଫେବୃୟାରୀ ୧୯୭୨ରେ ଏହି କମିଟି ତାଙ୍କର ମଧ୍ୟବର୍ତ୍ତୀ ରିପୋର୍ଟ ଦାଖଲ କରିଥିଲେ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଏହି କମିଟି  ବହୁପରିମାଣରେ ନିଯୁକ୍ତି ସୃଷ୍ଟି ପାଇଁ ୨୫୦କୋଟି ଟଙ୍କା ଯୋଗାଇଦେବାକୁ ପ୍ରସ୍ତାବ ଦେଇଥିଲେ । ଏହି କମିଟି ମୁଖ୍ୟତଃ ଗ୍ରାମାଞ୍ଚଳ ବିକାଶ ଓ ଅର୍ଥନୀତିର ବିକାଶ ନିମିତ୍ତ ଗୁରୁତ୍ୱ ଦେଉଥିଲେ ଏବଂ କ୍ଷୁଦ୍ରଜଳସେଚନ, ମୃତ୍ତିକା ସଂରକ୍ଷଣ, ଗ୍ରାମାଞ୍ଚଳ, ରାସ୍ତା ନିର୍ମାଣ, ପ୍ରାଥମିକ ଶିକ୍ଷାର ବିକାଶ, ଗ୍ରାମୀଣ ସ୍ୱାସ୍ଥ୍ୟର ବିକାଶ,  ଗ୍ରାମ୍ୟ ଗୃହ ନିର୍ମାଣ, ବନ୍ୟା ନିୟନ୍ତ୍ରଣ, ଶସ୍ୟବୀମା, କୁଟୀର ଶିଳ୍ପ ଆଦି ଉପରେ ଅଧିକ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଆନୁମାନିକ ଭାବେ ଏହି ଯୋଜନାଗୁଡ଼ିକ ୪୦ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରିବ ବୋଲି କଳନା କରାଯାଇଥିଲା । ୧୯୭୩ ମସିହାରେ କମିଟି ତାଙ୍କର ସର୍ବଶେଷ ରିପୋର୍ଟ ଦେଇଥିଲେ । ମାତ୍ର ଏହି ରିପୋର୍ଟ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତେଣୁ ସରକାର କେବଳ କମିଟି ଗଠନ କରିଦେଲେ ଚଳିବ ନାହିଁ; ସେହି କମିଟିର ପରାମର୍ଶକୁ ଆନ୍ତରିକତାର ସହିତ ଗ୍ରହଣ କରିବା ଉଚିତ । ଶିକ୍ଷିତ ବେକାରମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଋଣ ଯୋଗାଇଦେଲେ  କିମ୍ବା ବେକାରୀ ଭତ୍ତା ପ୍ରଦାନ କଲେ ଏହି ସମସ୍ୟା ମଧ୍ୟ କେତେକାଂଶରେ ପୂରଣ ହୋଇପାରନ୍ତା ।

**ଉପସଂହାର:** ବେକାର ସମସ୍ୟା ଆଜି ଏକ ସଙ୍କଟଜନକ ଅବସ୍ଥାରେ ପହଞ୍ଚିଛି । ସରକାର ସତର୍କତାର ସହିତ ପଦକ୍ଷେପ ଗ୍ରହଣ ନକଲେ  ଏହାର ସମାଧାନ ସମ୍ଭବ ନୁହେଁ । ଆଜିର ଯୁବସମାଜ ମଧ୍ୟ ଚାକିରି ପ୍ରତି ସମ୍ପୂର୍ଣ୍ଣ ନିର୍ଭରଶୀଳ ନହୋଇ ନିଜ ଗୋଡ଼ରେ ଠିଆ ହେବାପାଇଁ  ପ୍ରସ୍ତୁତ ହେବା ଉଚିତ । ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ସରକାର ଓ ଜନସାଧାରଣ ସହଯୋଗ କଲେ ବହୁ ବେକାର ସମସ୍ୟା ସମାଧାନ ହୋଇପାରନ୍ତା । କୃଷିକୁ ଏକ ବ୍ୟବସାୟର ମର୍ଯ୍ୟାଦା ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରାଗଲେ ମାନବସମ୍ବଳର ବହୁଭାଗ ନିଯୁକ୍ତି ଲାଭ କରିପାରନ୍ତେ ।ଶାରୀରିକଶ୍ରମ ପ୍ରତି ଅଗ୍ରାଧିକାର  ଦିଆଗଲେ ଓ ପାରମ୍ପରିକ ଶିକ୍ଷା ପଦ୍ଧତିରେ  ଆମୁଳଚୂଳ ପରିବର୍ତ୍ତନ କରାଗଲେ,  ଶିକ୍ଷିତ ଯୁବକ ସ୍ୱାବଲମ୍ବନଶୀଳ ହେବାପାଇଁ ପ୍ରେରଣା ଲାଭ କରନ୍ତେ ଏବଂ ବେକାରସମସ୍ୟା ଏକ ଉତ୍କଟ ରୂପନେଇ ଭାରତର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିପାରନ୍ତା ନାହିଁ ।

●●●

# ୭.୩ ଯୌତୁକ ସମସ୍ୟା

**ଉପକ୍ରମ:** ଭାରତର ମଧୁମୟ ସାମାଜିକ ବ୍ୟବସ୍ଥା ବିଶ୍ୱକୁ ଚମତ୍କୃତ କରିଥିଲା ।ସମାଜରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିଲା ସୌହାର୍ଦ୍ଦ୍ୟ ଭାବ । ଜଣଙ୍କର ବିପଦରେ ଅନ୍ୟ ଜଣେ ସହାୟତା କରୁଥିଲା । ଏହାର ପରମ୍ପରା ଯେପରି ସମୃଦ୍ଧ, ଐତିହ୍ୟ ମଧ୍ୟ ସେହିପରି ମହାନ । ଆଜି ଭାରତର ଅତୀବ ଗୌରବ ଓ ମହାନତା ସୁଦୂରପରାହତ । ଯେଉଁ କେତେକ ସାମାଜିକ ସମସ୍ୟାବଳୀ ଆଜି ଭାରତର ପ୍ରଗତି ଓ ବିକାଶକୁ ଅବରୁଦ୍ଧ କରୁଛି, ତନ୍ମଧ୍ୟରେ ଯୌତୁକ ପ୍ରଥା ଅନ୍ୟତମ । ଆଜି ଏହା ଏକ ମାନସିକ ରୋଗରେ ପରିଣତ ହୋଇଛି । ଯୌତୁକ ଗୋଟିଏ ସାମାଜିକ ବ୍ୟାଧି; ଏହା ଜାଣି ମଧ୍ୟ ଏହାର ନିରାକରଣ ପାଇଁ କେହି ଦୃଷ୍ଟି ଦେଉ ନାହାନ୍ତି । ଏହି କାରଣରୁ ଭାରତୀୟ ସାମାଜିକ ବାତାବରଣ କଳୁଷିତ ହୋଇଯାଉଛି । ପ୍ରତିଦିନ ସମ୍ବାଦପତ୍ର ପୃଷ୍ଠାରେ ଯୌତୁକଜନିତ ବହୁ ମୃତ୍ୟୁ ଘଟଣା ଦୃଷ୍ଟି ସମ୍ମୁଖକୁ ଆସୁଛି । ଯୌତୁକ ନିଷ୍ଠୁର ଯଜ୍ଞରେ କେତେ ଯେ ନିରୀହା ଅକାଳରେ ବଳି ପଡୁଛନ୍ତି, ତା'ର ସମ୍ବାଦ ରଖିବାକୁ ଆମର ସମାଜ ଅସମର୍ଥ । ପୁରୁଷ ଓ ନାରୀର ସମ୍ମିଳନୀରେ ସମାଜ ଗଠିତ । କୁହାଯାଏ ଯେଉଁଠାରେ ନାରୀମାନେ ଉପଯୁକ୍ତ ସମ୍ମାନିତ ହୁଅନ୍ତି, ସେଠାରେ ଦେବତାମାନେ ବିଚରଣ କରନ୍ତି । ଶକ୍ତିହୀନ ଶିବ-ଶବ ପଦବାଚ୍ୟ । ମାତ୍ର ଆଜିର ଯୌତୁକ ବ୍ୟାଧି ଯୋଗୁଁ ସମାଜରେ ନାରୀ ନିର୍ଯ୍ୟାତନାର ଶିକାର ହେଉଛି । ଏପରିକି ଶିକ୍ଷିତ ସ୍ତରରେ ସର୍ବାଧିକ ବୋଲି ଅନୁଭୂତ ହେଉଛି । ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରୁ ଭାରତକୁ ରକ୍ଷା କରିବାକୁ ହେଲେ ଯୌତୁକପ୍ରଥାର ସମୂଳ ଉତ୍ପାଟନ ଅନିବାର୍ଯ୍ୟ ।

**ପ୍ରାଚୀନ ଭାରତରେ ଯୌତୁକ ପ୍ରଥା:** ପ୍ରାଚୀନ ଭାରତର ସାମାଜିକ ବ୍ୟବସ୍ଥାରେ ଯୌତୁକ ପ୍ରଥା ରହିଥିଲେ ହେଁ ତାହା ଆଜିର ସମାଜ ପରି ଏତେ ଉତ୍କଟ ନଥିଲା । ବିବାହ ସମୟରେ କନ୍ୟାପିତା ତା'ର ଶକ୍ତି ଅନୁଯାୟୀ ଝିଅ ଜ୍ୱାଇଁଙ୍କୁ କିଛି ଉପହାର ଦେଉଥିଲା । ରାଜବଂଶଧରମାନେ ଏହାକୁ ଏକ ମର୍ଯ୍ୟାଦାର ପ୍ରଶ୍ନ ଭାବରେ ଗ୍ରହଣ କରିଥିଲେ । ତେଣୁ ରାଜପରିବାରମାନଙ୍କରେ ଏହାର ପ୍ରଚଳନ ଥିଲା ଅଧିକ । ତଥାପି ଏହା କେବେ ଏକ ସମାଜିକ ସମସ୍ୟା ରୂପେ ଦେଖା ଦେଇନଥିଲା । ତାହା ଥିଲା ସେ ସମୟର ଏକ ସମାଜିକ ପ୍ରଥା ଓ ଉପହାର ବ୍ୟବସ୍ଥା । ଏଥିପାଇଁ ବାଧ୍ୟବାଧକତାର ଆଦୌ ସ୍ଥାନ ନଥିଲା । ନାରୀ ଓ ପୁରୁଷର ଦିବ୍ୟ ମିଳନରେ ଯୌତୁକ ଥିଲା ଗୋଟିଏ ସମାଜିକ ଉପହାର । ଆମର ରାମାୟଣ ଓ ମହାଭାରତ ତଥା ଅନ୍ୟାନ୍ୟ ପୁରାଣମାନଙ୍କରେ ଯୌତୁକ ପ୍ରଥା ସମ୍ବନ୍ଧରେ ବହୁତ ଦୃଷ୍ଟାନ୍ତ ରହିଥିଲେ ହେଁ କୌଣସି କ୍ଷେତ୍ରରେ ଏହା ସମାଜିକ ନୀତିନିୟମର ବିରୁଦ୍ଧାଚରଣ କରୁ ନଥିଲା କିମ୍ବା ସାମାଜିକ ସୁସ୍ଥ ବାତାବରଣକୁ କଳୁସିତ କରୁ ନଥିଲା । ମଧ୍ୟଯୁଗୀୟ ଭାରତରେ ସାମନ୍ତବାଦ ପରିବାରମାନଙ୍କରେ ମଧ୍ୟ ଏହି ପ୍ରଥାର ପ୍ରଚଳନ ଥିଲା । ସେତେବେଳେ ଆଭିଜାତ୍ୟର ବଡ଼ପଣକୁ ସାବସ୍ତ୍ୟ କରିବା ନିମିତ୍ତ ଏହା ଥିଲା ଏକ ସାମାଜିକ ପ୍ରଥା । ସ୍ନେହ, ଶ୍ରଦ୍ଧା ଓ ପ୍ରେମର ପ୍ରତୀକ ଥିଲା ଯୌତୁକ । ଦୁହିତା-ଦୁଇକୁଳକୁ ରକ୍ଷା କରୁଥିଲା । ଆଜି କିନ୍ତୁ ଏହି ଯୌତୁକ ପାଇଁ ଦୁହିତା ମୁଣ୍ଡ ବ୍ୟଥାର କାରଣ ହୋଇଛି । ତେଣୁ ସାମାଜିକ ସଂସ୍କାର ନିମିତ୍ତ ପ୍ରଥମେ ଏହି ପ୍ରଥାର ବିଲୋପ ସର୍ବାଦୌ ଆବଶ୍ୟକ ।

**ଆଧୁନିକ ଭାରତ ଓ ଯୌତୁକ ସମସ୍ୟା:** ଊନବିଂଶ ଶତାବ୍ଦୀରେ ଯୌତୁକ ପ୍ରଥାର ଉତ୍କଟ





ରୂପ ପରିଲକ୍ଷିତ ହେଲା । ଅତୀତରେ କନ୍ୟା ସଂକଟ ଯୋଗୁ ବରପକ୍ଷ କନ୍ୟାସୁନା ଦେଉଥିଲା । ଧୀରେଧୀରେ ଅବସ୍ଥାରେ ପରିବର୍ତ୍ତନ ଘଟିଲା । କନ୍ୟାମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା । ଏବେ ମଧ୍ୟ ପୁରୁଷ ତୁଳନାରେ ନାରୀମାନଙ୍କର ସଂଖ୍ୟା ଊଣା ଥିଲେହେଁ ଭଲ ପାତ୍ର ନିର୍ବାଚନ ପାଇଁ ଯୌତୁକ ଆକାଶଛୁଆଁ ହୋଇଯାଇଛି । ବରପାତ୍ରର ସାମାଜିକ ଅବସ୍ଥା, ଆର୍ଥିକ ସ୍ୱଚ୍ଛଳତା ଏବଂ ସ୍ଥିତି ନେଇ ଯୌତୁକର ପରିମାଣ ନିର୍ଣ୍ଣୟ କରାଯାଉଛି । ଯିଏ ଯେତେ ସ୍ୱଚ୍ଛଳ, ତା'ର ଯୌତୁକ ପରିମାଣ ସେତିକି ଅଧିକ । ଯିଏ ଯେତେ ଶିକ୍ଷିତ ତା'ର ଯୌତୁକ ଦାବି ସେତିକି ଅଧିକ । ଏହି କାରଣରୁ ବହୁ ଅବଳା ବିବାହଯୋଗ୍ୟ ହୋଇସାରିଥିଲେ ହେଁ, ବିବାହ ବଜାରରେ ବାସନ୍ଦ ହୋଇପଡୁଛନ୍ତି । ମନସ୍ତାପ ମଧ୍ୟରେ ଆତ୍ମହତ୍ୟା କରୁଛନ୍ତି । ବିବାହ ପରେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ । ଯୌତୁକ ନିର୍ଯ୍ୟାତନାର ଶିକାର ହୋଇ କେତେକ ଆତ୍ମହତ୍ୟା କରୁଛନ୍ତି ତ ଆଉ କେତେକଙ୍କୁ ହତ୍ୟା କରାଯାଉଛି । ବୈବାହିକ ଜୀବନ ନଷ୍ଟଭ୍ରଷ୍ଟ ହୋଇଯାଉଛି ଯୌତୁକ ରାକ୍ଷସ ପାଇଁ । ସବୁଠାରୁ ଦୁଃଖର ବିଷୟ, ଯୌତୁକ ପାଇଁ ନିର୍ଯ୍ୟାତିତା ହେଉଥିବା ନାରୀମାନେ ପ୍ରଥମେ ସେହି ନାରୀମାନଙ୍କର ହିଁ ଶିକାର ହୋଇଥାନ୍ତି । ଜଣେ ନାରୀ ଅନ୍ୟ ଜଣେ ନାରୀର ମନସ୍ତତ୍ତ୍ୱ ପରୀକ୍ଷା କରିବା ପରିବର୍ତ୍ତେ ମାନସିକ ସ୍ତରରେ ଶାଶୁ ଓ ନଣନ୍ଦର କ୍ଷମତା ନେଇ ତାକୁ ନିର୍ଯ୍ୟାତନା ଦେଇଥାନ୍ତି । ଉପଯୁକ୍ତ ଯୌତୁକ ଆଣିଥିଲେ ମଧ୍ୟ, କେତେକ ଲୋଭର ବଶବର୍ତ୍ତୀ ହୋଇ ଅଧିକ ଯୌତୁକ ଲୋଭରେ ନାରୀ ନିର୍ଯ୍ୟାତନା ଦେଇଥାନ୍ତି । ସାମ୍ପ୍ରତିକ ସମାଜରେ ଯିଏ ଯେତେ ଅଧିକ ପରିମାଣରେ ଯୌତୁକ ଆଣିପାରିଲା, ସାମାଜିକ ସ୍ତରରେ ସେତିକି ମର୍ଯ୍ୟାଦା ଲାଭ କଲା । ଏହି କାରଣରୁ ଅସୁନ୍ଦର, ସ୍ୱଳ୍ପଶିକ୍ଷିତା କନ୍ୟା ମଧ୍ୟ ଭଲ ପାତ୍ର ପାଇବାକୁ ଅସମର୍ଥ ହେଉ ନାହିଁ । ଅଥଚ ବହୁ ସୁନ୍ଦରୀ, ଶିକ୍ଷିତା ଗୁଣବତୀ କନ୍ୟା ଯୌତୁକ ଅଭାବରୁ ବିବାହ କରିବାକୁ ଅସମର୍ଥ ହେଉଛନ୍ତି । ଅତୀତରେ ଏହା ଥିଲା ସ୍ନେହ ଓ ଶ୍ରଦ୍ଧାର ଉପହାର, ବର୍ତ୍ତମାନ ଏହା ସାମାଜିକ ଦାବି । ତେଣୁ କନ୍ୟାଟିଏ ଜନ୍ମହେବା ମାତ୍ରେ ପରିବାରରେ ଆନନ୍ଦର କଲ୍ଲୋଳ ସୃଷ୍ଟି ହେବା ପରିବର୍ତ୍ତେ ବିଷାଦର ଅନ୍ଧକାର ଘୋଟି ଆସେ ।ଏହି କାରଣରୁ କନ୍ୟାଭ୍ରୁଣ ପରୀକ୍ଷା କରି ପିତାମାତା ତାକୁ ବିନଷ୍ଟ କରିଦିଅନ୍ତି । ଏହାକୁ ଏକ ସାମାଜିକ ଅପରାଧ ଭାବରେ ଗ୍ରହଣ କରାଯାଇ ଥିଲେହେଁ, ଆଲୋକ ଦେଖିବା ପୂର୍ବରୁ କନ୍ୟାଭ୍ରୁଣମାନଙ୍କୁ ନଷ୍ଟ କରି ଦିଆଯାଉଛି । ସତେଯେପରି କନ୍ୟାମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥା ସମ୍ପୂର୍ଣ୍ଣ ଅକ୍ଷମ । କନ୍ୟାଟିଏ ମଧ୍ୟ କନ୍ୟା ହୋଇ ଜନ୍ମ ହୋଇଥିବାରୁ ସେ ନିଜକୁ ଅଭିଶପ୍ତ ମନେକରେ । ବିବାହାବସ୍ଥାରେ ପହଞ୍ଚିବା ପରେ ପିତାମାତାଙ୍କର ମାନସିକ ପୀଡ଼ନ ଦେଖି ଦୁଃଖ ଓ ଅପମାନରେ ଜୀବନକୁ ନିନ୍ଦା କରେ । ପ୍ରତ୍ୟେକ ସ୍ତରରେ ଯୌତୁକ ରାକ୍ଷସକୁ ନିନ୍ଦା କରାଯାଉଥିଲେ ମଧ୍ୟ ତା'ର ନିରାକରଣ ପାଇଁ କେହି ଚେଷ୍ଟା କରନ୍ତି ନାହିଁ । କେବଳ ଭାଷଣ ଓ ଯୁକ୍ତିରେ ଏହା ବିରୋଧରେ ଯାହା ମତବ୍ୟକ୍ତ କରାଯାଇଥାଏ । ଯୌତୁକ ଦେବାକୁ ଅସମର୍ଥ ପିତାମାତା ବିବାହଯୋଗ୍ୟା କନ୍ୟାକୁ ଦେଖି ଲଜ୍ଜା ଓ ଦୁଃଖରେ ଝାଉଁଳି ପଡ଼ନ୍ତି ।କିଛି କରି ନପାରିବାର ଅସମର୍ଥତାରୁ ନିଜର ପିତୃତ୍ୱ ଓ ମାତୃତ୍ୱକୁ ନିନ୍ଦା କରିଥାନ୍ତି । ମଣିଷ ଯେତେ ଆଧୁନିକ ହେଉଛି, ଯୌତୁକ ପ୍ରତି ତା'ର ଲୋଭ ସେତିକି ବଢୁଛି । ଆଧୁନିକ ଭାରତର ସମସ୍ତ ସୌନ୍ଦର୍ଯ୍ୟ, ସୁଖ ଓ ସ୍ନେହକୁ ଯୌତୁକ ବ୍ୟାଧି ବିନଷ୍ଟ କରିଦେଇଛି । ବୋଧହୁଏ ଆଧୁନିକ ଭାରତରେ ଏହାହିଁ ବର୍ତ୍ତମାନ ବଡ଼ ସାମାଜିକ ସମସ୍ୟା ।

**ଯୌତୁକ ସମସ୍ୟାର କାରଣ:** ଅର୍ଥ ପ୍ରତି ଅତ୍ୟଧିକ ଆସକ୍ତି ଯୌତୁକ ସମସ୍ୟାର ପ୍ରଥମ

କାରଣ । ପରିବାରରେ ଶିକ୍ଷିତ, ଚାକିରି ବା ଅର୍ଥକ୍ଷମ ସନ୍ତାନଟିଏ ଥିଲେ ବହୁ କନ୍ୟା ପ୍ରସ୍ତାବ ଆସିଥାଏ । ଏହାର ସୁଯୋଗ ନେଇ ବରପକ୍ଷ କନ୍ୟାପକ୍ଷକୁ ଶୋଷଣ କରିଥାଏ । ପ୍ରଚୁର ଅର୍ଥ ଲାଭ ଆଶାରେ ବିବାହ ବଜାରରେ ବରପକ୍ଷ ଦର କଷାକଷି ଆରମ୍ଭ କରିଦିଏ । ଯେଉଁ କ୍ଷେତ୍ରରେ ଅଧିକ ଯୌତୁକ ମିଳିବାର ଆଶା ଥାଏ, ସେହିଠାରେ ହିଁ ବିବାହ ପାଇଁ ପ୍ରସ୍ତାବ ସ୍ୱାକ୍ଷରିତ ହୁଏ । ସାମାଜିକ ସ୍ତରରେ ସଚେତନତାର ଅଭାବ ଯୌତୁକ ପ୍ରଥାର ଅନ୍ୟତମ କାରଣ । ଯୌତୁକର କୁପ୍ରଭାବ ସମସ୍ତେ ଅନୁଭବ କଲେହେଁ କୌଣସି ବ୍ୟକ୍ତି ପ୍ରତ୍ୟକ୍ଷରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରେ ନାହିଁ । ବରଂ କନ୍ୟାଜନ୍ମକୁ ଜୀବନର ଏକ ଅଭିଶାପ ଭାବରେ ଗ୍ରହଣ କରି ଭାଗ୍ୟକୁ ଆଦରି ନେଇଥାଏ । ସାଧାରଣତଃ ଯୁବଶକ୍ତି ସମାଜର ବିବର୍ତ୍ତନ ଆନୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ମାତ୍ର ବର୍ତ୍ତମାନ ଏହି ଯୁବସମାଜ ଯୌତୁକ ରାକ୍ଷସୀ କବଳିତ ହୋଇପଡ଼ିଥିବାରୁ ନିଜକୁ ତା'ନିକଟରେ ବିକ୍ରି କରି ଦେଇଥାନ୍ତି । ସମାଜରେ ଏକମୁଖୀ ସ୍ରୋତରେ ସେମାନେ ନିଜକୁ ଭସାଇ ଦେଉଛନ୍ତି । ସେଥିପାଇଁ ସମାଜରେ ସେମାନେ ଯେଉଁ ଭୂମିକା ଗ୍ରହଣ କରିବା କଥା, ତାହା କରିପାରୁ ନାହାନ୍ତି । ନାରୀ ପରିବାରର ମେରୁଦଣ୍ଡ । ନାରୀ ଜାଗରଣ ଘଟିଲେ ସମାଜର ବହୁ କୁପ୍ରଥା ଆପେ ଆପେ ବିଲୋପ ହୋଇପାରନ୍ତା । ଯୌତୁକ ବ୍ୟାଧିର ପ୍ରଥମ ଶିକାର ନାରୀ । ପୁଣି ଶାଶୁ କିମ୍ବା ନଣନ୍ଦ ସ୍ତରରେ ଥିଲେ, ସେମାନେ ଏହି ଶୋଷଣର ମୂଳପିଣ୍ଡ ହୋଇଥାନ୍ତି । ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ପ୍ରଥମେ ନାରୀ ନାରୀର ହିଁ ଶତ୍ରୁ । ନାରୀ ହୋଇ ଜଣେ ଅନ୍ୟ ନାରୀର ଦୁଃଖକୁ ଅପନୋଦନ କରିବା ପରିବର୍ତ୍ତେ ସେଥିରେ ସେ ଯଦି ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରେ, ପୁରୁଷ ସମାଜଠାରୁ ନ୍ୟାୟ ବା କେଉଁ କାରଣରୁ ଆଶା କରାଯାଇପାରିବ ? ସେଥିପାଇଁ ନାରୀକୁ ପ୍ରଥମେ ନାରୀର ସହାୟତା କରିବାକୁ ପଡ଼ିବ । ଆବଶ୍ୟକ ହେଲେ ତାକୁ ବିପ୍ଳବିଣୀର ଭୂମିକା ଗ୍ରହଣ କରିବାକୁ ହେବ । ଆମ ସମାଜରେ କନ୍ୟାର ନୀରବତାକୁ ତା'ର ଅସହାୟତା ଓ ଦୁର୍ବଳତା ଭାବରେ ଗ୍ରହଣ କରାଯାଇଥାଏ । ଶିକ୍ଷିତା ଅଶିକ୍ଷିତା ନିର୍ବିଶେଷରେ ପ୍ରତ୍ୟେକ ନାରୀ ଯଦି ଏହି ଯୌତୁକ ପ୍ରଥାର ବିରୁଦ୍ଧାଚରଣ କରିପାରନ୍ତେ, ସମାଜର ଯୌତୁକ ସମସ୍ୟା ନିରାକରଣରେ ଏହା ବହୁପରିମାଣରେ ସହାୟତା କରିପାରନ୍ତା ।

**ସାମାଜିକ କୁପ୍ରଭାବ:** ଯୌତୁକପ୍ରଥାର କୁପ୍ରଭାବ ସମାଜ ଜୀବନକୁ ସ୍ଥାଣୁ କରି ଦେଇଥାଏ । ପୁରୁଷ ଓ ନାରୀ ମଧ୍ୟରେ ତିକ୍ତ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ଯୌତୁକର ପ୍ରମୁଖ ଭୂମିକା ରହିଛି । ଏହାରି ଯୋଗୁଁ ହିଁ ଆମ ସମାଜରେ କନ୍ୟାଭ୍ରୁଣ ନଷ୍ଟ ଓ କନ୍ୟାଶିଶୁ ମୃତ୍ୟୁହାର ଅଧିକ ହୋଇଛି । କନ୍ୟାକୁ ସମାଜର ଏକ ଅଭିଶାପ ଭାବରେ ଗ୍ରହଣ କରାଯାଉଛି । ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଯୌତୁକ ପ୍ରଥା ଯୋଗୁଁ ହିଁ ନାରୀଟିଏ ବିବାହ ବଜାରରେ ବାସନ୍ଦ ପଡ଼ିଯାଉଛି । କେବଳ ଏହି କାରଣରୁ ବିବାହ ଏକ ପବିତ୍ର ପ୍ରଥା ହେବା ପରିବର୍ତ୍ତେ ବ୍ୟବସାୟରେ ପରିଣତ ହୋଇଯାଇଛି । ଜୀବନର ଆଦର୍ଶ ଓ ମୂଲ୍ୟବୋଧରେ ସଙ୍କଟ ସୃଷ୍ଟି କରୁଛି ଯୌତୁକ । ନାରୀର ସମ୍ମାନ ବିଡ଼ମ୍ବିତ ହୋଇଛି । ପୁରୁଷ ଶିକ୍ଷା ଓ ଅର୍ଥର ଦ୍ୱାହି ଦେଇ ବଜାରରେ ବିକ୍ରି ହେଉଛି । ତେଣୁ ବିବାହ ପରେ ନାରୀ ଏବଂ ପୁରୁଷ ମଧ୍ୟରେ ଯେଉଁ ମଧୁର ସମ୍ପର୍କ ସୃଷ୍ଟି ହେବା କଥା, ତାହା ହୋଇପାରୁନାହିଁ । ବରଂ ତା ପରିବର୍ତ୍ତେ ପ୍ରବଳ ଯୌତୁକ ଆଣିଥିବା ନାରୀ ମନରେ ପୁରୁଷ ପ୍ରତି ଘୃଣା ଓ ତାଚ୍ଛଲ୍ୟଭାବ ସୃଷ୍ଟି ହେଉଛି । ବିଶେଷଭାବରେ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାର ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ନିଜର ସ୍ୱଳ୍ପ ଆୟ ମଧ୍ୟରେ କନ୍ୟାଟିକୁ ବିବାହ ଦେବାରେ ଅସମର୍ଥ ହେବାରୁ ନିଜର

ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବିକ୍ରୟ କରି ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରୁଛି । ସମାଜର ମୂଲ୍ୟବୋଧରେ ସୃଷ୍ଟି ହେଉଛି ସଙ୍କଟ । ସାମାଜିକ ପ୍ରଗତି ଏବଂ ବିକାଶକୁ ଯୌତୁକ ପ୍ରଥା ଅବରୁଦ୍ଧ କରିଦେଉଛି ।

**ଯୌତୁକ ପ୍ରଥାର ଆଇନଗତ ଦିଗ:** ପରିତାପର ବିଷୟ ଯୌତୁକ ପ୍ରଥାର ନିବାରଣ ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି । ୧୯୬୧ ମସିହାରେ ଭାରତରେ ଯୌତୁକ ନିରାକରଣ ଆଇନ ପ୍ରଣୟନ କରାଯାଇଛି । ଯେଉଁମାନେ ଯୌତୁକ ଦେବେ ଓ ଯେଉଁମାନେ ଯୌତୁକ ଗ୍ରହଣ କରିବେ ଉଭୟ ଏହି ଆଇନ ଦ୍ୱାରା ଦୋଷୀ ରୂପେ ସାବ୍ୟସ୍ତ ହେବେ । ଅବଶ୍ୟ ଏହି ଆଇନର କେତେକ ତ୍ରୁଟି ରହିଛି । ମୂଲ୍ୟବାନ ପଦାର୍ଥ, ଅଳଙ୍କାର ବା ନଗଦ ଟଙ୍କା ଉପହାର ଭାବରେ ପ୍ରଦାନ କରାଗଲେ, ତାହା ଯୌତୁକ ରୂପେ ଅଭିହିତ ହେବ ନାହିଁ । ୧୯୮୫ ମସିହାରେ ଏହି ଆଇନ୍‌ରେ ସଂଶୋଧନ କରାଯାଇଛି । ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ (ବରକନ୍ୟା ସମେତ) ବିବାହ ନିମିତ୍ତ ପ୍ରଦତ୍ତ କିମ୍ବା ଦେବାକୁ ପ୍ରତିଶ୍ରୁତିବଦ୍ଧ ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ଯୌତୁକ ରୂପେ ବିବେଚିତ ହେବ । ମାତ୍ର ତାଲିକାଭୁକ୍ତ ପ୍ରୀତି ଉପହାରକୁ ଯୌତୁକ ଭାବରେ ଗ୍ରହଣ କରାଯିବ ନାହିଁ । ଉପାହାର ପ୍ରଦାନ କରାଯାଉଥିବା ପଦାର୍ଥର ଏକ ତାଲିକା ହେବା ସଂଗେସଂଗେ ତା'ର ମୂଲ୍ୟ ସଂପର୍କରେ ସୂଚନା ପ୍ରଦାନ କରାଯିବ ଓ ଏହି ତାଲିକାରେ ବରକନ୍ୟାଙ୍କର ସ୍ୱାକ୍ଷର ବା ଟିପଚିହ୍ନ ରହିବ । ଯୌତୁକ ସମ୍ବନ୍ଧରେ ଆଇନ୍‌ର ବହୁଦିଗ ରହିଥିଲେ ହେଁ ସମାଜରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ପରନ୍ତୁ ଦିନକୁ ଦିନ ଯୌତୁକର ପରିମାଣ ବଢ଼ିବାରେ ଲାଗିଛି । ସାମାଜିକ ଅସଚେତନତା ହିଁ ଏହାର ମୁଖ୍ୟ କାରଣ । ପୁନରାୟ କୌଣସି ପିତାମାତା ଯୌତୁକ ସମ୍ବନ୍ଧରେ ପୋଲିସକୁ ସୂଚନା ଦେଇ ନିଜ କନ୍ୟାର ଭବିଷ୍ୟତକୁ ଅନ୍ଧକାର କରିବାକୁ ଚାହେଁନାହିଁ । । ଏତଦ୍‌ବ୍ୟତୀତ କନ୍ୟାପତା ଭଲ ଭାବରେ ଜାଣେ, ବିନା ଯୌତୁକରେ କନ୍ୟାଟିକୁ ବିବାହ ଦବା ତା' ପକ୍ଷରେ ସଂପୂର୍ଣ୍ଣ ଅସମ୍ଭବ । ଆଇନର ସମସ୍ତ ଦିଗ ଖୋଲାଥିବା ସତ୍ତ୍ୱେ ଏହି କାରଣ ଯୋଗୁ ଯୌତୁକ ବିରୋଧ ଆଇନ ତା'ର କାର୍ଯ୍ୟକାରୀ ଶକ୍ତି ହରାଇ ବସିଛି ଓ ଏହା କେବଳ କେତେକ ନିୟମ ଭାବରେ କାଗଜର ପୃଷ୍ଠା ମଣ୍ଡନ କରିଛି ।

**ନିରାକରଣ ଉପାୟ:** ଯୌତୁକ ନିରାକରଣ ପାଇଁ ସାମୂହିକ ସଚେତନତା ହିଁ ସର୍ବାଦୌ ଆବଶ୍ୟକ । ଅତୀତରେ ମହାତ୍ମାଗାନ୍ଧୀ ଯୌତୁକ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ । ଶକ୍ତଙ୍କଭଣ ଓଭୟସବ ପତ୍ରିକାରେ ସେ ଯୌତୁକ ପ୍ରଥାର ତୀବ୍ର ସମାଲୋଚନା କରିବା ସହିତ ସମାଜର ଅନ୍ଧାରୀଦିଗ ସମ୍ବନ୍ଧରେ ଆଲୋକପାତ କରିଥିଲେ । ରବୀନ୍ଦ୍ରନାଥ ଟାଗୋର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୌତୁକ ପ୍ରଥାର ସାମାଜିକ କୁପରିଣତି ଦିଗ ସଂପର୍କରେ ଆଲୋଚନା କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ । ସେମାନଙ୍କର ଆନ୍ତରିକ ଉଦ୍ୟମ କିଛି ପରିମାଣରେ ସଫଳତା ଅର୍ଜନ କରିଥିଲା । ମାତ୍ର ସେମାନଙ୍କ ପରେ ଅନ୍ୟ କେହି ଏହି ପ୍ରଥାର ବିଲୋପ ନିମିତ୍ତ ଆନ୍ତରିକ ଉଦ୍ୟମ କରିନାହାନ୍ତି । ସରକାରୀ ସ୍ତରରେ ଆଇନ ପ୍ରଣୟନ କରାଯାଇଥିଲେ ହେଁ ଆଇନର ଯଥାର୍ଥ ପରିପାଳନ ପାଇଁ ଉପଯୁକ୍ତ ଦୃଷ୍ଟି ପ୍ରଦାନ କରାଯାଇନାହିଁ । ଆଜିର ଯୁବ ସଂପ୍ରଦାୟର ଏହି ସାମାଜିକ ବ୍ୟାଧି ବିରୋଧରେ ତୀବ୍ର ସଂଗ୍ରାମ କରିବା ଉଚିତ୍ । ସେମାନେ ଚାହିଁଲେ ସାମାଜିକ ଜୀବନକୁ କଳୁଷିତ କରୁଥିବା ଏହି ବ୍ୟାଧିର ଉପଯୁକ୍ତ ଉପଶମ ହୋଇପାରିବ । ଏତଦ୍‌ବ୍ୟତୀତ ସ୍ୱେଚ୍ଛାସେବୀ ସଂଗଠନ ଓ ନାରୀ ସମାଜ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆବଶ୍ୟକ । ସାମୂହିକ ଜନସଚେତନତା ସୃଷ୍ଟି ହୋଇନପାରିଲେ ଯୌତୁକ ପ୍ରଥାର ନିବାରଣ ସମ୍ଭବ ହେବ

ନାହିଁ । ପ୍ରତ୍ୟେକ ନାଗରିକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଶିକ୍ଷିତ ଯୁବକ ବିନା ଯୌତୁକରେ ବିବାହ କରିବା ନିମିତ୍ତ ପ୍ରତିଜ୍ଞାବଦ୍ଧ ହେଲେ ଏହି ସମସ୍ୟାର ବହୁ ସମାଧାନ ହୋଇପାରିବ । ଏହା ବ୍ୟତୀତ ପ୍ରତ୍ୟେକ ନାରୀ ଯୌତୁକଲୋଭୀ ପାତ୍ରକୁ ବର୍ଜନ କରିବା ପାଇଁ ମାନସିକସ୍ତରରେ ନିଜକୁ ପ୍ରସ୍ତୁତ କରିବା ଉଚିତ୍ । ସରକାରୀ ସ୍ୱେଚ୍ଛାସେବୀ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଜାରି ରହିଲେ ଯୌତୁକ ପ୍ରଥା ରୂପୀ ସାମାଜିକ ବ୍ୟାଧିକୁ ଦୂରୀକରଣ କରାଯାଇପାରିବ ।

**ଉପସଂହାର:** ଯୌତୁକ ଏକ ସାମାଜିକ ବ୍ୟାଧି । ଏହାକୁ ଦୂର କରିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଯେଉଁଥିପାଇଁ ଭାରତର ସାମାଜିକ ବ୍ୟବସ୍ଥା ବିଶ୍ୱର ଆଦର୍ଶସ୍ଥାନୀୟ ହୋଇପାରିଛି, ଯୌତୁକଜନିତ କାରଣ ପାଇଁ ଆଜି ତାହା ବିକଳାଙ୍ଗ ହୋଇଯିବାକୁ ବସିଛି । ତା'ର ପୂର୍ବର ସେହି ମାଧୁରିମା ଆଜି ଅକଳ୍ପନୀୟ । ବିବାହକୁ ଯୌତୁକ ପାଇଁ ଏକ ବ୍ୟବସାୟରେ ପରିଣତ ନକରି ତାହାକୁ ଏକ ମଧୁର ବନ୍ଧରେ ପରିଣତ କରିବା ଉଚିତ । ଭାରତୀୟ ସଂସ୍କୃତି ଓ ସଭ୍ୟତା ବିବାହର ଆଦର୍ଶବାଦୀ ନୀତି ଉପରେ ପ୍ରତିଷ୍ଠିତ । କେବଳ ଯୌତୁକ ପାଇଁ ଆଜି ତାହା ତା'ର ସେହି ପଦମର୍ଯ୍ୟାଦା ହରାଇଛି । ନାରୀର ଅତୀତ ସମ୍ମାନ ଏହି କାରଣରୁ ଭୂଲୁଣ୍ଠିତ ହେଉଛି । ଭାରତର ପୂର୍ବ ସମ୍ମାନ, ମର୍ଯ୍ୟାଦା, ମୂଲ୍ୟବୋଧ ଓ ମାଧୁରିମାକୁ ଫେରାଇ ଆଣିବାକୁ ହେଲେ ଆମ ସମସ୍ତଙ୍କୁ ଯୌତୁକ ରାକ୍ଷସ କବଳରୁ ମୁକ୍ତ ହେବାକୁ ପଡ଼ିବ । ଏହା ଆଜି କେବଳ ଭାରତୀୟମାନଙ୍କର ଏକ ନୈତିକ କର୍ତ୍ତବ୍ୟ ନୁହେଁ, ସାମାଜିକ ଓ ଜାତୀୟ କର୍ତ୍ତବ୍ୟ ମଧ୍ୟ ।



ଟିପ୍ପଣୀ

# ୭.୪ ଛାତ୍ର ବିଶୃଙ୍ଖଳା:କାରଣ ଓ ନିରାକରଣ

**ଉପକ୍ରମ:** ସମାଜର ବିକାଶରେ ଛାତ୍ର ସମାଜର ଏକ ମୁଖ୍ୟ ଭୂମିକା ବିଦ୍ୟମାନ । ସେମାନେ ଦେଶର ଭବିଷ୍ୟତ ଓ କର୍ଣ୍ଣଧାର । ସମାଜର ଗୋଟିଏ ବିରାଟ ଶକ୍ତିରୂପେ ସେମାନେ ପରିଚିତ । ଦେଶର ଭବିଷ୍ୟତ ନେତୃତ୍ୱ ଓ ବିକାଶ ତାଙ୍କ ଉପରେ ନିର୍ଭର କରେ । ଗୋଟିଏ ଆଦର୍ଶ, ଜୀବନ ପ୍ରତି ସାକାର ଦୃଷ୍ଟିଭଙ୍ଗୀ ଏବଂ ସାମାଜିକ ଅଙ୍ଗୀକାରବଦ୍ଧତା ଯୁବସମାଜକୁ ଉନ୍ମାଦିତ କରିଥାଏ ଦେଶର ଭବିଷ୍ୟତ ଗଠନ ନିମିତ୍ତ । କୁସଂସ୍କାର ଓ ଆର୍ଥିକ ସ୍ଥାଣୁତା ବିରୋଧରେ ସେମାନେ ପ୍ରତ୍ୟକ୍ଷ ସଂଗ୍ରାମ କରିବାକୁ ଅଗ୍ରସର ହୋଇଥାନ୍ତି । ଆସନ୍ତାକାଲିର ଆଶା ଓ ବିଶ୍ୱାସ ଏହି ଛାତ୍ର ସମାଜ । ଉପଯୁକ୍ତ ଦିଗ୍‌ଦର୍ଶନ ଅଭାବରୁ ଅନେକ ସମୟରେ ଛାତ୍ରସମାଜ ପଥଭ୍ରଷ୍ଟ ହୋଇଥାନ୍ତି । ବର୍ତ୍ତମାନ କେବଳ ଭାରତ କାହିଁକି, ସମଗ୍ର ବିଶ୍ୱରେ ଛାତ୍ର ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି । ରାସ୍ତାଘାଟ ଅବରୋଧ, ଜାତୀୟ ସମ୍ପତ୍ତି ଧ୍ୱଂସ, ଧ୍ୱଂସାତ୍ମକ କାର୍ଯ୍ୟଧାରା, ଶିକ୍ଷକମାନଙ୍କ ପ୍ରତି ଅସଦ୍ ଆଚରଣ, ଅଭିଭାବକମାନଙ୍କ ପ୍ରତି ଅସମ୍ମାନ, ପରୀକ୍ଷାରେ ଅସଦ୍ ଉପାୟ ଅବଲମ୍ବନ, ରକ୍ତପାତ ଆଦି ବହୁ ଅହିତକର କାର୍ଯ୍ୟରେ ଆଜି ସେମାନେ ଲିପ୍ତ । ସେମାନଙ୍କ ବିରୋଧରେ ଅଧିକାଂଶ ସମୟରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗମାନ ଆସୁଛି । ନୀତିନିୟମର ବିରୋଧାଚରଣ କରିବା ଆଜି ଛାତ୍ରସମାଜର ଏକ ଦୈନନ୍ଦିନ କର୍ତ୍ତବ୍ୟରେ ପରିଣତ ହୋଇଛି । ମୁହୂର୍ତ୍ତିକ ଉତ୍ତେଜନାରେ ସେମାନେ ନିଜର କର୍ତ୍ତବ୍ୟବୋଧ ହରାଇ ଧ୍ୱଂସାତ୍ମକ କାର୍ଯ୍ୟରେ ଲିପ୍ତ ହୋଇପଡୁଛନ୍ତି । ସମଗ୍ର ଦେଶ ପାଇଁ ଏହା ଆଜି ଏକ ଉଦ୍‌ବେଗର ବିଷୟ ହୋଇପଡ଼ିଛି । ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଗତି କରିବାର ମାନସିକତା ହରାଇଥିବାରୁ ସେମାନେ ଆଜି ଉଦ୍‌ଭ୍ରାନ୍ତ । ସେମାନଙ୍କୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିବାକୁ କୌଣସି ସ୍ତରରେ ଉଦ୍ୟମ ହେଉ ନାହିଁ । ସେଥିପାଇଁ ଛାତ୍ର ବିଶୃଙ୍ଖଳା ବର୍ତ୍ତମାନ ସବୁ ସ୍ତରରେ ଚିନ୍ତାର ବିଷୟ ହୋଇ ପଡ଼ିଛି । ଭବିଷ୍ୟତର ଏହି ମୂଲ୍ୟବାନ ସମ୍ପଦକୁ ଅଯଥାରେ ବିନଷ୍ଟ ହେବାକୁ ନ ଦେବା ଆଜି ଏକ ଜାତୀୟ କର୍ତ୍ତବ୍ୟ ହୋଇପଡ଼ିଛି । ଏହି କର୍ତ୍ତବ୍ୟ ପ୍ରତି ସବୁସ୍ତରରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ବର୍ତ୍ତମାନ ସମୟର ସର୍ବଶ୍ରେଷ୍ଠ ଆହ୍ୱାନ ।

**ବିଶୃଙ୍ଖଳାର କାରଣ:** ଆଜି ସମସ୍ତେ ସ୍ୱୀକାର କରୁଛନ୍ତି, ଛାତ୍ର ସମାଜ ବିଶୃଙ୍ଖଳିତ । ମାତ୍ର ଏହାର କାରଣ କ'ଣ ? ଏହି ବିଶୃଙ୍ଖଳା ପାଇଁ ଦାୟୀ କିଏ ? କେବଳ ଛାତ୍ରମାନଙ୍କୁ ଏହି ବିଶୃଙ୍ଖଳା ପାଇଁ ଦାୟୀ କଲେ ଚଳିବ ନାହିଁ । ଏହା ପଛରେ ବହୁ କାରଣ ବିଦ୍ୟମାନ । ଶିଶୁଟି ଜନ୍ମହେବା ସମୟରେ ତା'ର ଲାଳନପାଳନରେ ଭାର ପରିବାର ଉପରେ ପଡ଼ିଥାଏ । ଶୈଶବରୁ ପରିବାର ନିକଟରୁ ସେ ଯାହା ଶିକ୍ଷା କରିଥାଏ, ଯୌବନରେ ସମାଜରେ ସେ ସେହି ଶିକ୍ଷାର ପରୀକ୍ଷା କରିଥାଏ । ପରିବାରର ଆଚାର- ବ୍ୟବହାର ତାକୁ ମାର୍ଜିତ କିମ୍ବା ବିଶୃଙ୍ଖଳିତ କରିଥାଏ । ଏ କ୍ଷେତ୍ରରେ ପରିବାରର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ମଣିଷ ଏପରି ବସ୍ତୁବାଦୀ ହୋଇପଡିଛି ଯେ, ନିଜର ପରିବାର ପ୍ରତି ଉଚିତ ଦୃଷ୍ଟି ଦେବାକୁ ସମର୍ଥ ହୋଇପାରୁ ନାହିଁ । ଆଦର୍ଶ ପାରିବାରିକ ଜୀବନ ଶିଶୁକୁ କରିଥାଏ ମାର୍ଜିତ ଓ ଶୃଙ୍ଖଳିତ । ଅଥଚ ଆଜି ପରିବାରରେ ଶାନ୍ତି ସମ୍ପୂର୍ଣ୍ଣ ବ୍ୟାହତ । ପିତାମାତାଙ୍କ ନିକଟରେ ଆଦର୍ଶ ଅଭାବ । ଅନୈତିକତା ଓ ଦୁର୍ନୀତି ପାରିବାରିକ ଜୀବନକୁ ଗ୍ରାସ କରିଥିବାରୁ ସୌଜନ୍ୟବୋଧ, ସଂଯତ ଆଚରଣ ସୁଦୂର ପରାହତ ହୋଇପଡିଛି । ସମାଜ ଏବଂ

ପରିବାରର ଏହି ଅବକ୍ଷୟ ଏବଂ ମୂଲ୍ୟବୋଧର ଅଭାବ ଛାତ୍ରମାନଙ୍କୁ ବିଶୃଙ୍ଖଳିତ ହେବାକୁ ବାଧ କରୁଛି । ପରିବାରରେ ଶୃଙ୍ଖଳାର ଅଭାବରୁ ଛାତ୍ରମାନେ ବିଶୃଙ୍ଖଳିତ ଜୀବନଧାରାକୁ ଗ୍ରହଣ କରିନେଇଛନ୍ତି । ଏତଦ୍‌ବ୍ୟତୀତ ବାହ୍ୟପ୍ରଭାବ ମଧ୍ୟ ଛାତ୍ରସମାଜକୁ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିବାକୁ ବାଧ କରୁଛି । ସମାଜରୁ ସେମାନେ ଯେଉଁ ଉଚିତ ଦିଗ୍‌ଦର୍ଶନ ଆଶା କରିବାର କଥା ତାହା ସେମାନେ ପାଇପାରୁ ନାହାନ୍ତି । ସମାଜରେ ନୈତିକ ଆଦର୍ଶବୋଧ ଦ୍ୱାରା ପରିଚାଳିତ ବ୍ୟକ୍ତିମାନଙ୍କର ସଂଖ୍ୟା ନିହାତି ନଗଣ୍ୟ । ଜୁଆ, ନିଶା, ଅନାଚାର, ନଗ୍ନତା, ଅଶ୍ଳୀଳ ଆଚରଣ ଛାତ୍ରସମାଜକୁ ବିଶୃଙ୍ଖଳିତ କରୁଛି । ଚଳଚିତ୍ରର ନଗ୍ନ ଛବି କାନ୍ଥ ଓ ପ୍ରାଚୀରର ଶୋଭାବର୍ଦ୍ଧନ କରୁଛି । କର୍ଣ୍ଣକଟୁ ଅଶ୍ଳୀଳ ସଙ୍ଗୀତ, ଉଦ୍ଦୀପନା ପୋଷାକ ପରିଚ୍ଛଦ, ଭୋଗବାଦୀ ଜୀବନଧାରା ଛାତ୍ରସମାଜକୁ ବହୁପରିମାଣରେ ବିପଥଗାମୀ କରୁଛି । ଏହା କୁପ୍ରଭାବ ସବୁକ୍ଷେତ୍ରରେ ଅନୁଭୂତ ହେଉଥିଲେ ହେଁ ପ୍ରତିକାର ନିମିତ୍ତ କୌଣସିଠାରେ ଉଦ୍ୟମ ନାହିଁ । ଏହି ପ୍ରକାର ସାମାଜିକ ଏବଂ ବାହ୍ୟ ପରିବେଶରୁ ଛାତ୍ର ସମାଜ ବିଶୃଙ୍ଖଳିତ ଆଚରଣ ଶିକ୍ଷା କରିବା ବ୍ୟତୀତ, ଅନ୍ୟ କ'ଣ ବା ଶିକ୍ଷା କରିପାରିବେ ? ସମ୍ବାଦପତ୍ରର ପୃଷ୍ଠା ଓଲଟାଇଲେ ପ୍ରତିଦିନ କିଛି କିଛି ଧର୍ଷଣ ଖବର ଦୃଷ୍ଟି ପଥାରୂଢ଼ ହେଉଛି । ଚଳଚ୍ଚିତ୍ରର ନଗ୍ନ ନୃତ୍ୟ, ପୋଷାକ ଓ ଅଭିନେତା ଅଭିନେତ୍ରୀମାନଙ୍କର କାମୋଦ୍ଦୀପକ ଅଭିନୟ ଅନେକ କ୍ଷେତ୍ରରେ ଛାତ୍ର ବିଶୃଙ୍ଖଳା ନିମିତ୍ତ ଦାୟୀ । ଏହାଛଡ଼ା ଶିକ୍ଷାନୁଷ୍ଠାନମାନଙ୍କରେ ରାଜନୈତିକ ହସ୍ତକ୍ଷେପ ବହୁପରିମାଣରେ ଛାତ୍ର ବିଶୃଙ୍ଖଳା ନିମିତ୍ତ ରୋଚକ ଉପାଦାନ ଯୋଗାଇ ଦେଉଛି । ଆଜି ଶିକ୍ଷାନୁଷ୍ଠାନଗୁଡ଼ିକ ଅନୈତିକ ରାଜନୀତିର ବିଚରଣ ଭୂମିରେ ପରିଣତ ହୋଇଛି । କ୍ଷମତା ପାଇଁ ରାଜନୈତିକ ସଂଘର୍ଷରେ ଛାତ୍ର ସମାଜ ବଳି ପଡୁଛନ୍ତି । କେତେକ ସ୍ୱାର୍ଥପର ରାଜନୀତିଜ୍ଞ ନିଜର ଫାଇଦା ପାଇଁ କୋମଳମତି ଛାତ୍ରଙ୍କୁ ଅସ୍ତ୍ରକରି ଶିକ୍ଷାନୁଷ୍ଠାନର ପବିତ୍ର ବାତାବରଣକୁ କଳୁଷିତ କରୁଛନ୍ତି । ଛାତ୍ରମାନଙ୍କୁ ନେଇ ରାଜନୈତିକ ଖେଳ ଖେଳୁଥିବା ଏହି ସ୍ୱାର୍ଥପର ଗୋଷ୍ଠୀ ଦେଶ ପାଇଁ ସବୁଠାରୁ ବଡ଼ ବିପଦ । ଏହିମାନଙ୍କ ପ୍ରରୋଚନାରେ ଧର୍ମଘଟ; ଆଇନ ଅମାନ୍ୟ ଆନ୍ଦୋଳନ, ଜାତୀୟ ସମ୍ପଦ ନଷ୍ଟ ଓ ହିଂସାତ୍ମକ କାର୍ଯ୍ୟରେ ଛାତ୍ରସମାଜ ଲିପ୍ତ ହୋଇ ସେମାନଙ୍କ ସୁନ୍ଦର ଭବିଷ୍ୟତକୁ ନଷ୍ଟ କରୁଛନ୍ତି । ଛାତ୍ରସଂସଦ ନିର୍ବାଚନରେ ବିଭିନ୍ନ ଦଳ ନିଜ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରି ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି କରୁଛନ୍ତି । ଅବୋଧ ଛାତ୍ର ସେମାନଙ୍କ ମଧୁର ପ୍ରତିଶ୍ରୁତିରେ ଭୁଲି ନିଜର ଭବିଷ୍ୟତକୁ ଧ୍ୱଂସ କରୁଛନ୍ତି । ତେଣୁ ଛାତ୍ରବିଶୃଙ୍ଖଳା ନିମିତ୍ତ ଏହି ପ୍ରକାର ରାଜନୈତିକ ନେତା ଅନେକ ପରିମାଣରେ ଦାୟୀ । ପ୍ରଚଳିତ ତ୍ରୁଟିପୂର୍ଣ୍ଣ ଶିକ୍ଷାପଦ୍ଧତି ମଧ୍ୟ ବହୁକ୍ଷେତ୍ରରେ ଛାତ୍ରବିଶୃଙ୍ଖଳାର କାରଣ ରୂପେ ଦେଖା ଦେଇଛି । ଏହି ଶିକ୍ଷାପଦ୍ଧତିରେ ଛାତ୍ରମାନେ ନିଜର ଭବିଷ୍ୟତକୁ ଅସୁରକ୍ଷିତ ମନେକରୁଛନ୍ତି । ଶିକ୍ଷାଲାଭ ପରେ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ନିଯୋଜିତ ହେବାର କୌଣସି ପ୍ରତିଶ୍ରୁତି ନାହିଁ । ଶିକ୍ଷାଲାଭ ପରେ ମଧ୍ୟ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ଛାତ୍ର ହରାଇ ବସୁଛି । ସେହି ପାରମ୍ପରିକ ଶିକ୍ଷାନୀତି ଛାତ୍ରମାନଙ୍କୁ ସ୍ୱାବଲମ୍ବନଶୀଳ ହେବାରେ ଆଦୌ ସାହାଯ୍ୟ କରୁ ନାହିଁ । ଚରିତ୍ର ଗଠନ କ୍ଷେତ୍ରରେ ଏଥିରେ କୌଣସି ବ୍ୟବସ୍ଥା ନାହିଁ । ଆଜି ସମାଜର ସବୁ କ୍ଷେତ୍ରରେ ନୈତିକ ଅବକ୍ଷୟ ଘଟିଛି । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରମାନଙ୍କର ନୈତିକ ମୂଲ୍ୟବୋଧର ବିକାଶ ପାଇଁ କୌଣସି ବାର୍ତ୍ତା ନାହିଁ । ସଂଶୟାଚ୍ଛନ୍ନ, ଦ୍ୱିଧାଗ୍ରସ୍ତ ଓ ଅନିଶ୍ଚିତ ଭବିଷ୍ୟତ ଆଜି ଛାତ୍ରସମାଜକୁ ବିଶୃଙ୍ଖଳିତ କରୁଛି । ଜୀବନସଂଗ୍ରାମରେ ବାରମ୍ବାର ପରାଜୟ ବରଣ କରି ସେମାନେ ସମାଜ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ନୀତି ଓ ନିୟମକୁ ଭାଙ୍ଗି ସମାଜରେ ସୃଷ୍ଟି



ଟିପ୍ପଣୀ

କରୁଛନ୍ତି ଅଶାନ୍ତିର ବାତାବରଣ । ପୁସ୍ତକ ଜ୍ଞାନଶିକ୍ଷା ମଣିଷକୁ କେବେ ଆତ୍ମନିର୍ଭରଶୀଳ କରିପାରେନା ।ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ବ୍ୟାବହାରିକ ଜ୍ଞାନ ତଥା ଆତ୍ମନିର୍ଭରଶୀଳ ହେବାପାଇଁ ପ୍ରକୃତ ଦିଗ୍‌ଦର୍ଶନ ପ୍ରଦାନ । ମାତ୍ର ବର୍ତ୍ତମାନର ଶିକ୍ଷାପଦ୍ଧତିରେ ଏହାର ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ ସମ୍ଭାବନାହୀନ ଭବିଷ୍ୟତକୁ ଲକ୍ଷ୍ୟକରି ଛାତ୍ରସମାଜ ବିଶୃଙ୍ଖଳିତ ହେଉଛନ୍ତି । ଛାତ୍ରଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ କ୍ଷେତ୍ରରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜି ଶିକ୍ଷକମାନେ ସେମାନଙ୍କ ଦାୟିତ୍ୱ ଯଥାନୁରୂପ ସାଧନ କରିପାରୁ ନଥିବାରୁ ଛାତ୍ରବିଶୃଙ୍ଖଳା ଦେଖା ଦେଉଛି । ଶିକ୍ଷକ ଏବଂ ଛାତ୍ରମାନଙ୍କ ମଧ୍ୟରେ ଯେପରି ସମ୍ପର୍କ ରହିବା ଆବଶ୍ୟକ, ତାହା ରହିପାରୁ ନାହିଁ । ବହୁ ଶିକ୍ଷକ ଚାକିରିର ସୁରକ୍ଷା ପାଇଁ ନିଜର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥାନ୍ତି । କେତେକ ଦାୟିତ୍ୱହୀନ ଓ ଅପରିଣାମଦର୍ଶୀ ଶିକ୍ଷକ ନିଜର ସ୍ୱାର୍ଥ ପାଇଁ ଛାତ୍ରମାନଙ୍କୁ ଅସ୍ତ୍ରକରି ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି । ଅନ୍ୟ ଶିକ୍ଷକ ବିରୋଧରେ ଛାତ୍ରମାନଙ୍କୁ ପ୍ରେରିତ କରନ୍ତି । ଅର୍ଥଲୋଭରେ ଟିଉସନ୍ ପାଇଁ ଶିକ୍ଷାନୁଷ୍ଠାନରେ ଶିକ୍ଷାପ୍ରଦାନ କରି ନଥାନ୍ତି । ଏମାନେ ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରିଥାନ୍ତି । ଏପରି ଶିକ୍ଷକଙ୍କ ଆଚରଣ ଛାତ୍ର ବିଶୃଙ୍ଖଳା ପାଇଁ ଉପାଦାନ ଯୋଗାଇ ଦେଇଥାଏ । ତେଣୁ ଛାତ୍ରସମାଜ ସେମାନଙ୍କ ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ ବିସ୍ମୃତ ହୋଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥାନ୍ତି । ଛାତ୍ର ବିଶୃଙ୍ଖଳାର ଆଜି ସବୁଠାରୁ ମୁଖ୍ୟ କାରଣ ହେଉଛି ସେମାନଙ୍କର ଅନିଶ୍ଚିତ ଭବିଷ୍ୟତ । ସେମାନେ ଅନୁଭବ କରୁଛନ୍ତି, ଏହି ଶିକ୍ଷାଲାଭରେ କୌଣସି ଆବଶ୍ୟକ ନାହିଁ ।ତାଙ୍କ ଆଗରେ ହଜାର ହଜାର ଶିକ୍ଷିତ ବେକାର ଜୀବନକୁ ଅବଲମ୍ବନ କରି ବଡ଼ ଅସହାୟ ଜୀବନଯାପନ କରୁଛନ୍ତି । ସେମାନଙ୍କର ଭବିଷ୍ୟତ ପ୍ରଖର ଗ୍ରୀଷ୍ମ ତାପରେ ଦରମୁକୁଳିତ କଳିକାପରି ପୋଡ଼ି ଭସ୍ମୀଭୂତ ହୋଇଯାଉଛି । ଶିକ୍ଷାଲାଭ ସମୟରେ ସମସ୍ତ ଆଶା, ବିଶ୍ୱାସ ଓ ସ୍ୱପ୍ନ ଧୂଳିସାତ୍ ହେଉଛି । ଏହି ମାନସିକ ଅଶାନ୍ତି ଛାତ୍ର ବିଶୃଙ୍ଖଳାର ମୁଖ୍ୟ କାରଣ ରୂପେ ଦେଖାଯାଉଛି ।

**ନିରାକରଣ ଉପାୟ:** ଛାତ୍ର ସମାଜରେ ପରିଲକ୍ଷିତ ଏହି ବିଶୃଙ୍ଖଳାର ନିରାକରଣ ନିମିତ୍ତ କେତେକ ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଏହାର ଆଶୁ ସମାଧାନ ହୋଇପାରିବ । ଛାତ୍ରସମାଜ ଏକ ଝରଣାପରି । ପଥଅପଥ ନ ମାନି ଝରିଯିବା ହିଁ ତାଙ୍କର ଧର୍ମ । ମାତ୍ର ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରଦାନ କରିବା ସମାଜର ନୈତିକ କର୍ତ୍ତବ୍ୟ । ସମାଜର ସବୁ ସ୍ତରରେ ସଦ୍ଭାବ ପ୍ରତିଷ୍ଠିତ ହୋଇପାରିଲେ ଏହାର ଗଭୀର ପ୍ରଭାବ ଛାତ୍ର ସମାଜ ଉପରେ ପଡ଼ିବ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଦ୍ଭାବ ପ୍ରତିଷ୍ଠାଦ୍ୱାରା ସାମାଜିକ ମଙ୍ଗଳ ସାଧିତ ହେବା ସଙ୍ଗେ ସଙ୍ଗେ ଛାତ୍ରସମାଜ ଏଥିପ୍ରତି ଉଦ୍‌ବୁଦ୍ଧ ହୋଇ ସାମାଜିକ ଚଳନ୍ତି ସ୍ରୋତରେ ନିଜକୁ ସାମିଲ କରିପାରିବ । ସାମାଜିକ ଜୀବନର ଅବକ୍ଷୟ ଛାତ୍ର ବିଶୃଙ୍ଖଳାର ମୁଖ୍ୟ କାରଣ ହୋଇଥିବାରୁ ସମାଜର ସୁସଙ୍ଗଠନ ଓ ନୈତିକ ମୂଲ୍ୟର ଅଭିବୃଦ୍ଧି ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ଏହାଦ୍ୱାରା ସମାଜ ସୁସ୍ଥ ସୁନ୍ଦର ହେବା ସଙ୍ଗେ ସଙ୍ଗେ ଛାତ୍ରସମାଜର ନୈତିକ ମୂଲ୍ୟ ବୃଦ୍ଧି ପାଇବ । ସେଥିପାଇଁ ସାମାଜିକ ଶୃଙ୍ଖଳା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ । ଏଥିପାଇଁ ଆବଶ୍ୟକ ରହିଛି ସାମାଜିକ ସଦ୍ଭାବର । ପରସ୍ପରର ବିପଦରେ ସହାୟ ହେବା, ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା, ଏହି ସଦ୍ଭାବର ଅନ୍ୟତମ ବୈଶିଷ୍ଟ୍ୟ । ବର୍ତ୍ତମାନ ଶିକ୍ଷାପଦ୍ଧତି ତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଏହାର ଖସଡ଼ାରେ ପରିବର୍ତ୍ତନ ଆଣିବା ଉଚିତ । କର୍ମାଭିମୁଖୀ ଶିକ୍ଷା ପ୍ରତି ବର୍ତ୍ତମାନ ବିଶେଷ ଗୁରୁତ୍ୱପ୍ରଦାନ କରାଯିବା ଆବଶ୍ୟକ । ବେକାର ରହିବାର ମାନସିକ

ଯନ୍ତ୍ରଣାରୁ ଛାତ୍ରସମାଜ ମୁକ୍ତ ହୋଇପାରିଲେ, ସେମାନଙ୍କର ବିଶୃଙ୍ଖଳିତ ଆଚରଣ ସ୍ୱତଃ ହ୍ରାସ ପାଇବ । ଏକ ଅନିଶ୍ଚିତ ଭବିଷ୍ୟତ ସମାଜ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କୁ ପ୍ରେରିତ କରିଥାଏ । ସେଥିରୁ ମୁକ୍ତିଲାଭ କଲେ ଶୃଙ୍ଖଳିତ ଜୀବନଯାପନ ପ୍ରଣାଳୀକୁ ସେମାନେ ଗ୍ରହଣ କରିପାରିବେ । ତେଣୁ ବର୍ତ୍ତମାନ ଭାରତର ଆବଶ୍ୟକତା ଓ ଛାତ୍ରସମାଜର ଭବିଷ୍ୟତ କର୍ମପନ୍ଥାକୁ ଆଖିରେ ରଖି ପାଠ୍ୟଖସଡ଼ା ପ୍ରସ୍ତୁତ ହେବା ଆବଶ୍ୟକ । ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱପ୍ରଦାନ କରାଗଲେ କୌଳିକ ଶିକ୍ଷା ତା'ର ପୂର୍ବ ମର୍ଯ୍ୟାଦା ଫେରିପାଇବା ସଙ୍ଗେ ସଙ୍ଗେ ଛାତ୍ରସମାଜର ହତାଶାବୋଧ ନିରାକରଣ ହୋଇପାରିବ । ଆମ ସମାଜରେ ଛାତ୍ରସମାଜ ପ୍ରତି ଯେତିକି ସମ୍ମାନ ଓ ସହାନୁଭୂତି ମିଳିବା କଥା ତାହା ମିଳିପାରୁ ନାହିଁ । ବୟସର ସ୍ୱଳ୍ପତା ଯୋଗୁଁ ଅନେକ ସମୟରେ ଆମ ସମାଜ ସେମାନଙ୍କର ଖିଆଲକୁ ଯଥାର୍ଥ ସମ୍ମାନ ଦେଉନଥିବାରୁ ସେମାନେ ପ୍ରତିକ୍ରିୟାଶୀଳ ହୋଇ ଉଠୁଛନ୍ତି । ସମାଜ ସେମାନଙ୍କୁ ଯେଉଁପରି ବ୍ୟବହାର ପ୍ରଦର୍ଶନ କରିବ ପରିଣାମରେ ସେମାନେ ସମାଜକୁ ସେହିପରି ବ୍ୟବହାର ପ୍ରଦର୍ଶନ କରିବେ । ସେଥିପାଇଁ ଛାତ୍ରସମାଜ ପ୍ରତି ସମାଜର ବର୍ତ୍ତମାନ ଯେଉଁପରି ଦୃଷ୍ଟିଭଙ୍ଗୀ ରହିଛି, ସେଥିରେ ଏକାନ୍ତ ପରିବର୍ତ୍ତନ ଆସିବା ଆବଶ୍ୟକ । ବର୍ତ୍ତମାନର ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ନିୟନ୍ତ୍ରଣାଧୀନ ରହିଥିବାରୁ ଅନୁଷ୍ଠାନ ସ୍ୱାଧୀନ ଭାବରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସମର୍ଥ ହୋଇ ପାରୁନାହିଁ । ସରକାରୀ କଟକଣା ବହୁ ସମୟରେ ଶିକ୍ଷାନୁଷ୍ଠାନର ମହତ୍ତ୍ୱ ହାନି କରୁଛି ଓ ଛାତ୍ରସମାଜର ପ୍ରକୃତ ଅଭାବ ଉପଲବ୍ଧି କରିପାରୁ ନଥିବାରୁ ବିଶୃଙ୍ଖଳା ବୃଦ୍ଧି ପାଉଛି । ଏପରିକି ନାମଲେଖା କ୍ଷେତ୍ରରେ ମଧ୍ୟ ଯୋଗ୍ୟ ଛାତ୍ର ସ୍ଥାନ ନପାଇ ବହୁ ଅଯୋଗ୍ୟ ଛାତ୍ର ସରକାରୀ କଳର ସହାୟତା ନେଇ ପ୍ରବେଶ ଲାଭ କରୁଛନ୍ତି ଓ ଶିକ୍ଷାନୁଷ୍ଠାନରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଛନ୍ତି । ଶିକ୍ଷାନୁଷ୍ଠାନ ନିଜେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଛାତ୍ର ନିର୍ବାଚନ କଲେ, ବହୁ ବିଶୃଙ୍ଖଳିତ ଛାତ୍ର ଏଥିରୁ ବାଦ୍ ପଡ଼ନ୍ତେ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଶାନ୍ତି ଓ ସ୍ଥିରତା ଜାରି ରହିପାରନ୍ତା । ତେଣୁ ଛାତ୍ର, ସମାଜ ଏବଂ ଶିକ୍ଷାନୁଷ୍ଠାନର ମଙ୍ଗଳ ନିମିତ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୟଂଚାଳିତ କରିବା ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜନୈତିକ ପ୍ରଭାବରୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୁକ୍ତ ରଖିବା ଏକାନ୍ତ ଜରୁରୀ । କାରଣ ରାଜନୈତିକ କାରଣରୁ ବହୁ ସମୟରେ ଛାତ୍ର ବିଶୃଙ୍ଖଳା ଦେଖାଦେଉଛି । ଏହି କାରଣରୁ ହିଁ ଭାଷାକୁ କେନ୍ଦ୍ରକରି ତାମିଲନାଡୁରେ; ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଆଲିଗଡ଼ରେ ଏବଂ ସ୍ଥାୟୀ ବାସିନ୍ଦାକୁ କେନ୍ଦ୍ରକରି ଆସାମରେ ଛାତ୍ରବିଶୃଙ୍ଖଳା ଦେଖାଦେଇଥିଲା । ରାଜନୀତିକ ନେତାଗଣ ଛାତ୍ରସମାଜର ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ନିମିତ୍ତ ସେମାନଙ୍କୁ ଆନ୍ଦୋଳନରେ ପ୍ରବୃତ୍ତ ନ କରି ନିଜର ବ୍ୟକ୍ତିଗତ ଫାଇଦା ନିମିତ୍ତ ଛାତ୍ରସମାଜକୁ ବଳି ପକାଉଥିବାରୁ ବିଶୃଙ୍ଖଳା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ରାଜନୈତିକ ହସ୍ତକ୍ଷେପରୁ ଶିକ୍ଷାନୁଷ୍ଠାଗୁଡ଼ିକ ମୁକ୍ତି ଲାଭ କଲେ ଛାତ୍ରବିଶୃଙ୍ଖଳା ଅନେକ ପରିମାଣରେ ହ୍ରାସ ପାଇବ । ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଜନସଚେତନତାର ଆବଶ୍ୟକତା ରହିଛି । ବର୍ତ୍ତମାନ ଅଭିଭାବକ, ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଆଦୌ ସହଯୋଗ ପ୍ରତିଷ୍ଠା ହୋଇପାରୁ ନଥିବାରୁ ଛାତ୍ରବିଶୃଙ୍ଖଳା ବୃଦ୍ଧି ପାଉଛି । ଘରେ ଛାତ୍ର କ'ଣ କରୁଛି ତାହା ଶିକ୍ଷକ ଜାଣିପାରୁ ନାହିଁ କିମ୍ବା ଶିକ୍ଷାନୁଷ୍ଠାନରେ ଛାତ୍ର କ'ଣ କରୁଛି, ତାହା ଅଭିଭାବକ ଜାଣିପାରୁ ନାହିଁ । ଉପଯୁକ୍ତ ଯୋଗାଯୋଗର ଅଭାବରୁ ଛାତ୍ରର ଗତିବିଧି ଉଭୟ ଅଭିଭାବକ ଓ ଶିକ୍ଷକଙ୍କ ନିକଟରେ ଅନ୍ଧାରରେ ରହିଯାଉଛି । ଶିକ୍ଷକ ଛାତ୍ରମାନଙ୍କର ଭାବପ୍ରବଣ ମନକୁ ଯେପରି ହୃଦୟଙ୍ଗମ କରିବା ଆବଶ୍ୟକ, ଅଭିଭାବକ ମଧ୍ୟ ତା'ର ଆଚରଣ

ପ୍ରତି ସେହିପରି ଦୃଷ୍ଟିଦେବା ଆବଶ୍ୟକ । ଏଥିପାଇଁ ପ୍ରତି ମାସରେ ଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ସେମାନଙ୍କର ଗୁଣାତ୍ମକ ବିକାଶ ନିମିତ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇ ପାରିଲେ ଛାତ୍ରବିଶୃଙ୍ଖଳା ବହୁପରିମାଣରେ ହ୍ରାସ ପାଇପାରିବ । ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ନିର୍ବାଚନ ସମୟରେ କେତେକ ନୀତିନିୟମ ପ୍ରତି ଦୃଷ୍ଟି ଦିଆଯିବା ଉଚିତ । ବିଭିନ୍ନ ପରୀକ୍ଷାଦ୍ୱାରା ତଥା ଛାତ୍ର ଓ ଅଭିଭାବକମାନଙ୍କର ମୌଖିକ ଆଲୋଚନା ମାଧ୍ୟମରେ ଛାତ୍ରମାନଙ୍କୁ ଗ୍ରହଣ କରାଗଲେ ଅନେକ ଉଦ୍‌ବାସ୍ତୁ ଛାତ୍ର ନାମଲେଖାରୁ ବଞ୍ଚିତ ହୁଅନ୍ତେ ଓ ସେମାନଙ୍କ ଦ୍ୱାରା ଆଶଙ୍କା କରାଯାଉଥିବା ବିଶୃଙ୍ଖଳାର ମଧ୍ୟ ପରିସମାପ୍ତି ଘଟନ୍ତା । ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ତଥା ସମାଜ ହିତକର କାର୍ଯ୍ୟରେ ଛାତ୍ରମାନଙ୍କୁ ବ୍ୟାପୃତ କରିପାରିଲେ ଓ ସେମାନଙ୍କ ମଧ୍ୟରେ ଶୃଙ୍ଖଳାବୋଧ ଜାଗ୍ରତ କରିପାରିଲେ ଛାତ୍ରସମାଜ ବହୁପରିମାଣରେ ଶୃଙ୍ଖଳିତ ହୋଇପାରନ୍ତେ ।

**ଉପସଂହାର:** ଦେଶର ସାମଗ୍ରିକ ବିକଶରେ ଛାତ୍ରସମାଜ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ପ୍ରଥମେ ସେମାନେ ଶୃଙ୍ଖଳିତ ହେବା ଆବଶ୍ୟକ । ଛାତ୍ରବିଶୃଙ୍ଖଳା ନିମିତ୍ତ୍ ବିଭିନ୍ନ କାରଣ ଦାୟୀ ହୋଇଥିବାରୁ ସବୁ ସ୍ତରରେ ଏହାର ନିରାକରଣ ନିମିତ୍ତ ଯଥୋଚିତ ଧ୍ୟାନ ପ୍ରଦାନ କରାଯିବା ଏକାନ୍ତ ଜରୁରୀ । ଦେଶର ଭବିଷ୍ୟତ ନେତୃତ୍ୱ ସେମାନଙ୍କ ଉପରେ ନିର୍ଭର କରେ । ଦେଶର ବିକାଶ ଓ ପ୍ରଗତି ସେମାନଙ୍କର ଶୃଙ୍ଖଳାବୋଧ ଉପରେ ବହୁପରିମାଣରେ ନିର୍ଭରଶୀଳ ।ସେଥିପାଇଁ ଛାତ୍ରସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ପ୍ରଦାନ କରାଯିବା ଆବଶ୍ୟକ । ସାମୟିକ ସ୍ୱାର୍ଥ ପାଇଁ ଦେଶର ଭବିଷ୍ୟତକୁ ଅନୁଚିତ ମାର୍ଗ ପ୍ରଦର୍ଶନ କଲେ ସମଗ୍ର ଦେଶର ହିଁ କ୍ଷତି ଘଟିବ । ଆଜିର ଛାତ୍ରସମାଜ ଯେଉଁ ଅନିଶ୍ଚିତତା ଓ ଅସହାୟତା ପଛରେ ଧାବମାନ ହେଉଛନ୍ତି, ସେଥିରୁ ସେମାନଙ୍କୁ ନିବୃତ୍ତ କରାଇ ସେମାନଙ୍କ ମନରେ ଆଶା ଓ ଆଶ୍ୱାସନାର ଭାବ ଉଦ୍ରେକ କରିବା ଆଜିର ସମାଜର ନୈତିକ କର୍ତ୍ତବ୍ୟ । କାରଣ ସେମାନଙ୍କର ଶୃଙ୍ଖଳା ଉପରେ ଦେଶର ଶୃଙ୍ଖଳା ଓ ପ୍ରଗତି ନିର୍ଭର କରେ । ଏହି କାରଣରୁ ଆମ ସମାଜରୁ ଛାତ୍ରବିଶୃଙ୍ଖଳା ଦୂର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଉଦ୍ୟମ ଜାରି ରଖିବା ସଙ୍ଗେ ସଙ୍ଗେ ଏହାକୁ ଏକ ସାମାଜିକ କର୍ତ୍ତବ୍ୟ ଭାବରେ ଗ୍ରହଣ କରିନେବା ଆବଶ୍ୟକ ।

●●●

# ୭.୪ ଛାତ୍ରର ସାମାଜିକ ଦାୟିତ୍ୱ

**ଉପକ୍ରମ:** ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜ ମଧ୍ୟରେ ରହିବାକୁ ବାଧ୍ୟ ହୋଇଥାଏ । ଜୀବନର ବିଭିନ୍ନ ପର୍ଯ୍ୟାୟ ମଧ୍ୟ ଅତିକ୍ରାନ୍ତ ହୋଇଥାଏ ସମାଜରେ । ଗୋଟିଏ ସୁସ୍ଥ ସମାଜ ମଣିଷର ସାମଗ୍ରିକ ବିକାଶରେ ସହାୟତା କରିଥାଏ । ସାମାଜିକ ଅବସ୍ଥା ପଙ୍ଗୁ ହୋଇପଡ଼ିଲେ, ମଣିଷର ଜୀବନ ବିପର୍ଯ୍ୟସ୍ତ ହୋଇପଡେ । ଆଦିମ କାଳରୁ ଏପର୍ଯ୍ୟନ୍ତ ସମାଜକୁ ସୁନ୍ଦର କରି ଗଢ଼ିବା ନିମିତ୍ତ ଅତୀତର ମୁନିଋଷି ଏବଂ ବର୍ତ୍ତମାନର ବୈଜ୍ଞାନିକ କେତେ କ'ଣ ଉପାୟ ଆବିଷ୍କାର କରିଯାଇଛନ୍ତି । କେବଳ ଉପାୟର ଆବିଷ୍କାରରେ ସମସ୍ୟାର ସମାଧାନ ହୋଇ ନଥାଏ । ଏହି ଉପାୟକୁ କିପରି କାର୍ଯ୍ୟକାରୀ କରାଯାଇପାରିବ; ତା'ରି ସଫଳତା ଉପରେ ହିଁ ସମାଜର ସୁସ୍ଥତା ନିର୍ଭର କରେ । ସେଥିପାଇଁ ଛାତ୍ରସମାଜର ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।ଅଫୁରନ୍ତ ପ୍ରାଣ ପ୍ରବାହର ଚରମ ପ୍ରତୀକ ଛାତ୍ରସମାଜ । ସେମାନଙ୍କର ସକ୍ରିୟ ସହଯୋଗରେ ହିଁ ସାମାଜିକ ବ୍ୟବସ୍ଥା ସୁନ୍ଦର ଓ ସୁଗଠିତ ହୋଇଉଠେ । ଭବିଷ୍ୟତ ଗଠନ କରିବାର ସ୍ୱପ୍ନ ଭିତରେ ସେ ଅନୁଭବ କରିଥାଏ ସମାଜର ଦୁର୍ବଳତାକୁ । ସେମାନଙ୍କର ସଙ୍ଗଠିତ ଓ ଉତ୍ସର୍ଗୀକୃତ କର୍ମ ଯୋଜନା ଦେଶର ବିକାଶ ନିମିତ୍ତ ଅତ୍ୟନ୍ତ ଉପଯୋଗୀ । ଛାତ୍ର ଜୀବନରେ ଯେଉଁ କେତେକ କର୍ତ୍ତବ୍ୟ କରିବାର ସୁଯୋଗ ରହିଛି, ତନ୍ମଧ୍ୟରେ ସମାଜସେବା ସବୁଠାରୁ ମୁଖ୍ୟ । ଭାରତ ପରି ସ୍ୱଳ୍ପ ଶିକ୍ଷିତ ଏବଂ ବିକାଶଶୀଳ ରାଷ୍ଟ୍ରରେ ଛାତ୍ର ଉପରେ ବହୁ ଦାୟିତ୍ୱ ନ୍ୟସ୍ତ । ସେହିମାନେ ହିଁ ସାମାଜିକ ଆନ୍ଦୋଳନ ମାଧ୍ୟମରେ ସମାଜରେ ସଂସ୍କାର ଆଣିପାରିବେ । ଯୁଗ ଯୁଗ ଧରି କୁସଂସ୍କାର ପରିପୂରିତ ଦେଶରେ ଆଲୋକର ନୂତନ ବାର୍ତ୍ତା ପ୍ରଚାର କରିପାରିବେ । ସମାଜକୁ ନୂତନ ମୋଡ଼ ଦେଇପାରିବେ ।

**ସମାଜସେବାର ଉଦ୍ଦେଶ୍ୟ:** ସମାଜସେବାର ମୁଖ୍ୟ ଉଦ୍ଦେଶ୍ୟ କାୟମନବାକ୍ୟରେ ସମାଜର ମଙ୍ଗଳ ସାଧନ । ଆମ ସମାଜରେ ଏବେ ବି ବହୁଲୋକ ଅଛନ୍ତି, ଯେଉଁମାନେ ଜ୍ଞାନ ବିଜ୍ଞାନଠାରୁ ବହୁ ଦୂରରେ । ସମାଜର ପରିବର୍ତ୍ତିତ ବିବର୍ତ୍ତନ ଧାରାରେ ନିଜକୁ ଆଦୌ ଖାପ ଖୁଆଇ ଚଳାଇ ପାରୁନାହାନ୍ତି । ସେହି ପ୍ରାଚୀନତା ଓ ଅନ୍ଧମୋହକୁ ଜାବୁଡ଼ି ଧରି ନିଜକୁ କ୍ଷୟ କରି ଚାଲିଛନ୍ତି । ସମାଜର ଏହି ଅଧୋଗତିକୁ ଲକ୍ଷ୍ୟ କରି ସମାଜ ବିଜ୍ଞାନ ପରି ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପାଠ୍ୟ ରୂପେ କେବଳ ଯେ ଗୃହୀତ ତାହା ନୁହେଁ, ପରନ୍ତୁ ସମାଜସେବାକୁ ମଧ୍ୟ ଶିକ୍ଷାର ଏକ ବିଶେଷ ଅଙ୍ଗରୂପେ ଗ୍ରହଣ କରାଯାଇଛି । ସମାଜସେବା ଦ୍ୱାରା ଛାତ୍ରର ମନୋବୃତ୍ତିରେ ପରିବର୍ତ୍ତନ ଆସେ । ସଂକୀର୍ଣ୍ଣ ମନୋଭାବ ତ୍ୟାଗ କରି ବିଶ୍ୱ ଭାବନାରେ ନିଜକୁ ସାମିଲ୍ କରିଦିଏ । ଏତଦ୍‌ବ୍ୟତୀତ ସମାଜର ଅବହେଳିତ ଓ ନିଷ୍ପେସିତ ବ୍ୟକ୍ତି ସେବା ମାଧ୍ୟମରେ ବଂଚିବାର ରାହା ଖୋଜି ପାଇଥାନ୍ତି । ସମାଜରେ ବସବାସ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କୁ ସମାଜସେବା ମାଧ୍ୟମରେ ଗୋଟିଏ ଭ୍ରାତୃତ୍ୱର ରଜ୍ଜୁରେ ବନ୍ଦୀ କରି ହୋଇଥାଏ । ନୀଚ ଓ ସଂକୀର୍ଣ୍ଣ ଚିନ୍ତାଧାରା ସେମାନଙ୍କ ମନରୁ ଦୂରେଇ ଯାଇଥାଏ । ଏକ ପାଇଁ ଅନେକ ଓ ଅନେକ ପାଇଁ ଏକ – ଏହି ଭାବନାର ବଶବର୍ତ୍ତୀ ହୋଇ ସମାଜର ସାମଗ୍ରିକ ମଙ୍ଗଳ ଉଦ୍ଦେଶ୍ୟରେ ଆଗେଇ ଆସନ୍ତି । ସତ୍ୟ, ଶିବ ଏବଂ ସୁନ୍ଦରତାର ମୂର୍ତ୍ତିମନ୍ତ ପ୍ରତୀକ ହୋଇଉଠେ ସମାଜ ।





## ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧ

**ଭାରତରେ ସମାଜସେବା:** ପାଶ୍ଚାତ୍ୟ ଜଗତରେ ଆଧୁନିକ ଯୁଗରେ ସମାଜସେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ସମୟରେ ଭାରତରେ କେଉଁ ପ୍ରାଚୀନ କାଳରୁ ଶିକ୍ଷାର ଏହା ଏକ ବିଶେଷ ଅଙ୍ଗ ରୂପେ ଗୃହୀତ ହୋଇଥିଲା । ପ୍ରାଚୀନ ମୁନିଋଷିମାନେ ଯାଗଯଜ୍ଞ ମାଧ୍ୟମରେ ସମାଜର ସେବା ହିଁ କରୁଥିଲେ । ଗୁରୁକୁଳ ଆଶ୍ରମରେ ଶିଷ୍ୟ ସମାଜସେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । "ସମସ୍ତେ ସୁଖରେ ରୁହନ୍ତୁ, ସମସ୍ତେ ନିରାମୟ ଜୀବନଯାପନ କରନ୍ତୁ, ସମସ୍ତେ ଭଦ୍ର ହୁଅନ୍ତୁ, କେହି ଦୁଃଖ ଭୋଗ ନକରୁ" ଏହା ହିଁ ଥିଲା ପ୍ରାଚୀନ ଭାରତର ଶିକ୍ଷା ପଦ୍ଧତି ଓ ପ୍ରାଚୀନ ମୁନିଋଷିଙ୍କର ବାଣୀ । ଉଦାର ଓ ନୈତିକ ମୂଲ୍ୟବୋଧ ଉପରେ ପ୍ରାଚୀନ କାଳରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସମୟକ୍ରମେ ଭାରତର ସେହି ପ୍ରାଚୀନ ଆଦର୍ଶ ବିପଦଗାମୀ ହୋଇପଡ଼ିଲା । ପୁନରାୟ ଊନବିଂଶ ଶତାବ୍ଦୀରେ ସେହି ପ୍ରାଚୀନ ଆଦର୍ଶର ପୁନରୁତ୍ଥାନ ନିମିତ୍ତ ଉଦ୍ୟମ ଆରମ୍ଭ ହେଲା । Service to mankind is service to God' ମାନବର ସେବା ଈଶ୍ୱରଙ୍କର ସେବା ବୋଲି ମହାତ୍ମାଗାନ୍ଧି ପ୍ରଚାର କଲେ । ଆଶ୍ରମ ଜୀବନଯାପନ ମାଧ୍ୟମରେ ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ କଲେ । ଅସହାୟ, ନିଃସହାୟ ଏବଂ ରୋଗଗ୍ରସ୍ତଙ୍କ ସେବା କରି ଏକ ନୂତନ ପରମ୍ପରା ସୃଷ୍ଟି କଲେ । ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁ ବ୍ୟକ୍ତି ସମାଜସେବା ପାଇଁ ନିଜକୁ ଉତ୍ସର୍ଗ କଲେ । ପୁଣି ମଦର ଟେରେସା ସେବାର ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଭାରତ ଗଗନରେ ଉଭା ହେଲେ । ଦଳିତ, ଅବହେଳିତମାନଙ୍କର ସେବା କରି ବିଶ୍ୱରେ ଏକ ନୂତନ ଅଧ୍ୟା ସୃଷ୍ଟି କଲେ । ତେଣୁ ଭାରତରେ ସମାଜସେବା ବହୁପୂର୍ବରୁ ପ୍ରଚଳିତ । ସେହି ପ୍ରାଚୀନ ଆଦର୍ଶ ଓ ପରମ୍ପରାକୁ ଅନୁସରଣ କରିପାରିଲେ ଆଜିର ଛାତ୍ରସମାଜ ଯେ ନିଜକୁ ଜଣେ ଜଣେ ସମାଜସେବୀ ଆସନକୁ ଉନ୍ନୀତ କରିପାରିବେ, ଏଥିରେ ସନ୍ଦେହ ନାହିଁ ।

**ଛାତ୍ରସମାଜର ସାମାଜିକ କର୍ତ୍ତବ୍ୟ:** ମହାତ୍ମାଗାନ୍ଧି ଛାତ୍ର ସମାଜକୁ ଉପଦେଶ ଦେଇ କହିଥିଲେ, ଛାତ୍ରମାନେ ସର୍ବଦା ସେବା ଓ ସଂସ୍କାର ମନୋଭାବ ପୋଷଣ କରିବା ଉଚିତ୍ । ଏହି ସେବା ବିଭିନ୍ନ ପ୍ରକାର ହୋଇପାରେ । ବିଂଶ ଶତାବ୍ଦୀର ଶେଷଭାଗରେ ମଧ୍ୟ ଭାରତୀୟ ସମାଜ ବହୁ କୁସଂସ୍କାରରେ ପରିପୂର୍ଣ୍ଣ ହୋଇଛି । ଯୁଗଯୁଗର ଅନ୍ଧବିଶ୍ୱାସ, ପ୍ରାଚୀନ ପରମ୍ପରା ଏବେ ମଧ୍ୟ ତା' ଆଖିରେ ଅନ୍ଧପୁଟୁଳି ବାନ୍ଧିଛି । ବିଶ୍ୱର କୌଣସି ପରିବର୍ତ୍ତନ ତା' ଆଖିରେ ପଡୁନାହିଁ । ଏବେ ମଧ୍ୟ ହଇଜା ଓ କଲେରା ଲାଗିଲେ ସେ ଦେବାଦେବୀଙ୍କୁ ପୂଜା କରୁଛି, ପଣା ଦେଉଛି, କାଳିଶି ଲାଗିଛି ବୋଲି ଧୂପ ନୈବେଦ୍ୟ ଦେଉଛି । ଏହା ଯେ ଏକ କୁସଂସ୍କାର ଓ କେତେଜଣ ଚତୁର ବ୍ୟକ୍ତିଙ୍କର ବିଶେଷ ଚାଲ, ତାହା ଏଯାବତ୍ ସେ ବୁଝିପାରିନାହିଁ । ରୋଗରେ ମୃତ୍ୟୁବରଣ କରିବାକୁ ସେ ଭାଗ୍ୟର ବିଡ଼ମ୍ବନା ବୋଲି ଗ୍ରହଣ କରିନେଉଛି । ତେଣୁ ଛାତ୍ର ସମାଜ ସମାଜରେ ଓ ବ୍ୟକ୍ତିବିଶେଷଙ୍କ ମନରେ ପରିପୂରିତ ଏହି ଧାରଣାକୁ ବଦଳାଇଦେବା ଉଚିତ୍ । କୁସଂସ୍କାର ମୁଣ୍ଡରେ ପ୍ରଚଣ୍ଡ ଆଘାତ କରି ସମାଜରୁ ତା'ର ସମୂଳ ଧ୍ୱଂସ କରିବା ଆବଶ୍ୟକ । କୁସଂସ୍କାର ଦୂରକରି ମଣିଷକୁ ଶୁଦ୍ଧ, ସଂସ୍କାର କରିବା ବର୍ତ୍ତମାନ ଛାତ୍ରସମାଜର କେବଳ ସାମାଜିକ କର୍ତ୍ତବ୍ୟ ନୁହେଁ, ନୈତିକ ଦାୟିତ୍ୱ ମଧ୍ୟ ।

**ନିରକ୍ଷରତା ଦୂରୀକରଣ:** ନିରକ୍ଷରତା ଭାରତୀୟ ସମାଜ ପାଇଁ ଏକ ବଡ଼ କଳଙ୍କ । ବିଶ୍ୱରେ ଭାରତର ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ରାଷ୍ଟ୍ର ସଂଘ ଏହି ନିରକ୍ଷରତା ଦୂର କରିବା ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ୧୯୮୮ ମସିହାକୁ ନିରକ୍ଷରତା ଦୂରୀକରଣ ବର୍ଷ ରୂପେ ଘୋଷିତ ହୋଇଛି । ମାତ୍ର ଭାରତରେ ଏହାର ବିଶେଷ କିଛି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଏବେ ବି ଅକ୍ଷର ଶିକ୍ଷା ପାଇଁ ବହୁ

ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ଅନୁମତି ଦିଅନ୍ତି ନାହିଁ । ଏହାର ସୁଫଳ ସଂପର୍କରେ ସେମାନେ ସଂପୂର୍ଣ୍ଣ ଅନଭିଜ୍ଞ । ଗଣଶିକ୍ଷା ଓ ପ୍ରୌଢ଼ଶିକ୍ଷା ମାଧ୍ୟମରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ବ୍ୟୟ ତୁଳନାରେ ଫଳ ଅତ୍ୟନ୍ତ ନିରାଶଜନକ । ଯୋଜନାକୁ କାର୍ଯ୍ୟକାରୀ କରିବା ନିମିତ୍ତ ଯେଉଁ ମନୋବୃତ୍ତିର ଆବଶ୍ୟକ, ତାହା ଆମର ନାହିଁ । ଏ କ୍ଷେତ୍ରରେ ଛାତ୍ରସମାଜ ଚାହିଁଲେ ତୁମୁଳ ପରିବର୍ତ୍ତନ ଆଣିପାରିବେ । ଅବସର ସମୟରେ ଗ୍ରାମର ନିରକ୍ଷର ବ୍ୟକ୍ତିଙ୍କୁ ଅକ୍ଷର ଶିଖାଇପାରିବେ । ଶିକ୍ଷାର ମୂଲ୍ୟ ସଂପର୍କରେ ସେମାନଙ୍କୁ ଅବଗତ କରାଇପାରିବେ । ସରକାରଙ୍କ କୋଟିକୋଟି ଟଙ୍କା ବ୍ୟୟ ଯୋଜନାରେ ଯାହା ହୋଇନପାରିଛି, ଛାତ୍ରମାନେ ସକ୍ରିୟ ସହଯୋଗରେ ତାହା ଅକ୍ଲେଶରେ ଫଳବତୀ ହୋଇପାରିବ । ଗ୍ରାମାଞ୍ଚଳର ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରାଇପାରିଲେ କେବଳ ଗ୍ରାମର ନୁହେଁ, ସମଗ୍ର ଦେଶର ମଙ୍ଗଳ ହୋଇପାରିବ । ଛାତ୍ର ସମାଜ ଏ କ୍ଷେତ୍ରରେ ବୈପ୍ଳବିକ ଭୂମିକା ଗ୍ରହଣ କରିବା ଉଚିତ ।

**ଯୌତୁକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ:** ଆମ ସମାଜରେ ଯୌତୁକ ପ୍ରଥା ଗୋଟିଏ ବଡ଼ ବ୍ୟାଧି ହୋଇ ଦେଖାଦେଇଛି । ନବ ବିବାହିତା ବଧୂ ପାଦର ଅଳତା ନଲିଭୁଣୁ ଯୌତୁକ ବ୍ୟାଧିର ଶିକାର ହୋଇ ପ୍ରାଣ ବିସର୍ଜନ କରୁଛି । ତା' ଆଖିର ସ୍ୱପ୍ନ ସାକାର ହେବା ପୂର୍ବରୁ ଯୌତୁକ ରାକ୍ଷସ ତା' ସ୍ୱପ୍ନକୁ ଭାଙ୍ଗି ନଷ୍ଟ କରିଦେଉଛି । ବେଦୀ ଉପରୁ ବର ଉଠିଯାଉଛି । କନ୍ୟାପିତା ବର ଘରର ଦାବିପୂରଣ କରିବାକୁ ଯାଇ ସର୍ବସ୍ୱାନ୍ତ ହୋଇପଡୁଛି । ଯୌତୁକ ନେଇ ମଧ୍ୟ ନିର୍ଯାତନାର ଶେଷ ନାହିଁ । ପ୍ରତିଦିନ ସମ୍ବାଦପତ୍ରରେ ଯୌତୁକ ଜନିତ ବଧୂହତ୍ୟା ଘଟଣା ଦୃଷ୍ଟି ସମ୍ମୁଖକୁ ଆସୁଛି । ସରକାରୀ ନିୟମ ବିବାହିତା ବଧୂକୁ ଆଦୌ ସୁରକ୍ଷା ପ୍ରଦାନ କରିପାରୁନାହିଁ । ଦିନ ଦ୍ୱିପ୍ରହରରେ ଯୌତୁକ ପାଇଁ ପ୍ରଣୀତ ନିୟମକୁ ଭାଙ୍ଗି ବରପିତାମାନେ ପ୍ରଚୁର ପରିମାଣରେ ଯୌତୁକ ଧରି ଘରକୁ ଫେରୁଛନ୍ତି । ଆଜି ଏହି ଯୌତୁକ ରାକ୍ଷସ ଆମର ସମାଜବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି । ସରକାରଙ୍କର କଡ଼ା ନିୟମ ଏହି ପ୍ରଥାକୁ କଦାପି ଲୋପ କରିପାରିବ ନାହିଁ । ଯଦି ଛାତ୍ରସମାଜ ଏକ ସାମାଜିକ ଜାଗରଣ ସୃଷ୍ଟି କରି ସାମୂହିକ ଭାବେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବେ, ତେବେ ଏହି କଳଙ୍କିତ ପ୍ରଥାର ବିଲୋପ ସାଧନ ହୋଇପାରିବ । ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ଛାତ୍ରସମାଜ ପାଇଁ ଏହା ଏକ ଆହ୍ୱାନରେ ପରିଣତ ହୋଇଛି । ଛାତ୍ରମାନେ ଏହି ଆହ୍ୱାନକୁ ଗ୍ରହଣ କଲେ ଯୌତୁକ ପରି କଳଙ୍କିତ ପ୍ରଥାକୁ ବିନାଶ କରିପାରିଲେ ପ୍ରକୃତରେ ସେମାନେ ସମାଜସେବା କରିପାରିଲେ ବୋଲି ସ୍ୱୀକାର କରିବାକୁ ହେବ ।

**ପରିବେଶ ସୁରକ୍ଷା:** ଆଜି ବିଶ୍ୱରେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ଆମର ପରିବେଶ ଦିନକୁ ଦିନ ଯେପରି ଦୂଷିତ ହୋଇପଡୁଛି, ଆଉ କିଛିବର୍ଷ ପରେ ଏହି ପରିବେଶରେ ମାନବ ସଭ୍ୟତା ଜୀବନଯାପନ କରିବା କଷ୍ଟକର ହୋଇପଡ଼ିବ । ଗ୍ରାମାଞ୍ଚଳରେ ପରିବେଶ ଅଧିକ ପ୍ରଦୂଷିତ ହୋଇପଡୁଛି । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗ୍ରାମାଞ୍ଚଳ ଅଧିବାସୀ ଜୀବନଯାପନ କରୁଥିବାରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଅଳିଆ ଆବର୍ଜନା ରାସ୍ତା ଉପରେ ଗଦା କରୁଛନ୍ତି । ଯେଉଁ ପୋଖରୀର ଜଳ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି, ସେଥିରେ ଗାଈ ଗୋରୁଙ୍କୁ ଧୋଉଛନ୍ତି, ଲୁଗା ସଫା କରୁଛନ୍ତି । ରାସ୍ତାଘାଟ ଅପରିଚ୍ଛନ୍ନ ରଖୁଛନ୍ତି । ବାସ କରୁଥିବା ବାସଗୃହ ଚତୁଃପାର୍ଶ୍ୱ ସଂପୂର୍ଣ୍ଣ ଅପରିଷ୍କୃତ । ଗଛକାଟି ଧ୍ୱଂସ କରୁଛନ୍ତି । ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ । ଏହି କାରଣ ଯୋଗୁ ସହର ତୁଳନାରେ ଗ୍ରାମବାସୀଗଣ ଅଧିକ ପରିମାଣରେ ରୋଗଗ୍ରସ୍ତ । ତେଣୁ ଛାତ୍ର ସମାଜର ଦାୟିତ୍ୱ ହେଉଛି, ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । କିପରି ଗୃହରେ ବାସକରିବା, ପାଣିକୁ କିପରି ବିଶୁଦ୍ଧ କରି ବ୍ୟବହାର କରିବା, ଖାଦ୍ୟକୁ କିପରି ରଖିବାକୁ

ପଢ଼ିବ, ରାସ୍ତାଘାଟ କିପରି ପରିଷ୍କାର କରାଯାଇପାରିବ ଇତ୍ୟାଦି ସଂପର୍କରେ ଛାତ୍ରମାନଙ୍କୁ ଗ୍ରାମଗ୍ରାମ ବୁଲି ବୁଝାଇବାକୁ ପଡ଼ିବ । ଶିକ୍ଷାନୁଷ୍ଠାନରେ ଜାତୀୟ ସେବାସଂସ୍ଥାମାନ ପ୍ରତିଷ୍ଠା କରାଯାଇଛି । ଏହି ସେବା ସଂସ୍ଥା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ସଂଗେସଂଗେ ଛାତ୍ର ସମାଜ ରାସ୍ତା ସଫେଇ, ପୋଖରୀର ଦଳ ଆଦି ସଫା କାର୍ଯ୍ୟ କରି ସମାଜରେ ଆଦର୍ଶ ସ୍ଥାପନ କରିବା ଆବଶ୍ୟକ ।

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଛାତ୍ରମାନେ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ ନିମିତ୍ତ ଅଣ୍ଟା ଭିଡ଼ିବା ଆବଶ୍ୟକ । ଦୁର୍ଗତମାନଙ୍କର ସେବା କରି ସେମାନଙ୍କ ମନରେ ସାହସ ଭରିଦେବା ଉଚିତ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ସ୍ଥାନରୁ ସାହାଯ୍ୟ ଗ୍ରହଣ କରି ତୁରନ୍ତ ଅସହାୟଙ୍କୁ ସାହାଯ୍ୟ କଲେ ସମାଜରେ ଛାତ୍ରସମାଜ ପାଇଁ ଏକ ସ୍ୱତନ୍ତ୍ର ସମ୍ମାନବୋଧ ସୃଷ୍ଟି ହୋଇପାରିବ । ଏତଦ୍‌ବ୍ୟତୀତ ରେଡକ୍ରସ୍ ବା ରକ୍ତ ଦାନ ଶିବିରର ଆୟୋଜନ କରି ଦୁର୍ଗତମାନଙ୍କୁ ରକ୍ତ ସାହାଯ୍ୟ କରିବା ସଂଗେସଂଗେ ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ପ୍ରବର୍ତ୍ତାଇବା ଉଚିତ୍ । ରକ୍ତ ଦାନ, ମହାପୁଣ୍ୟ – ଏ ସଂପର୍କରେ ଛାତ୍ରସମାଜ ଲୋକମାନଙ୍କୁ ସଚେତନ କରାଇଦେବା ଆବଶ୍ୟକ ।

**ସାମାଜିକ ସଚେତନତା ବୃଦ୍ଧି ପାଇଁ ପଦକ୍ଷେପ:** ଏହା ବ୍ୟତୀତ ବିଭିନ୍ନ ସାମାଜିକ ଦୁର୍ଗତି ସମୟରେ ଛାତ୍ରସମାଜ ଯୁଦ୍ଧକାଳୀନ ଭିତ୍ତିରେ ସାହାଯ୍ୟ କରିବାକୁ ଆଗେଇ ଆସିବାର ଆବଶ୍ୟକତା ରହିଛି । ଅଗ୍ନ୍ୟୁତ୍ପାତ ସମୟରେ ଯେପରି ନିର୍ଭିକତାର ପରିଚୟ ଦେଇପାରନ୍ତି, ସେଥିପାଇଁ ଛାତ୍ରସମାଜ ସଚେତନ ହେବା ଉଚିତ୍ । ଏତଦ୍‌ବ୍ୟତୀତ ସାମାଜିକ ପର୍ବପର୍ବାଣିର ଅଯଥା ଖର୍ଚ୍ଚକୁ ନିରୁତ୍ସାହିତ କରିବା, ବିଭିନ୍ନ ଉତ୍ସବର ଅପବ୍ୟୟକୁ ବାଧା ପ୍ରଦାନ କରିବା, ବିବାହ ସମୟରେ ଅଯଥା ଆଡ଼ମ୍ବର ଓ ବାଣ ବାଜା ଆଦିକୁ ବିରୋଧ କରିବା, ସାଂପ୍ରଦାୟିକ ସଂଘର୍ଷକୁ ରୋକିବା, ସମାଜରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସହୃଦୟତା ସ୍ଥାପନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ଛାତ୍ର ସମାଜ ବୈପ୍ଳବିକ ଭୂମିକା ଗ୍ରହଣ କରିପାରିବେ । ଏହି କାର୍ଯ୍ୟଦ୍ୱାରା ସେମାନେ ସେ ସମାଜସେବା କରୁଛନ୍ତି, ତାହା ଭୁଲିଯିବା ଉଚିତ୍ ନୁହେଁ ।

**ଉପସଂହାର:** ସମାଜରେ ଛାତ୍ର ସମାଜର ବହୁବିଧ ଭୂମିକା ରହିଛି । ସେମାନଙ୍କ ନିଷ୍ଠା, ସାଧୁତା, କର୍ତ୍ତବ୍ୟପରାୟଣତା ସମାଜକୁ ସୁସ୍ଥ ସୁନ୍ଦର କରି ଗଢ଼ିପାରିବ । ସେମାନେ ହିଁ ସାମାଜିକ ବିପ୍ଳବରେ ସେନାପତିର ଭୂମିକା ଗ୍ରହଣ କରିବାକୁ ସମର୍ଥ । ବହୁ ସମୟରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ଛାତ୍ର ସମାଜ ପଥଭ୍ରଷ୍ଟ ହୋଇଥାନ୍ତି । ସାମାଜିକ ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ ସାଧନ କରିଥାନ୍ତି । ଏହାଦ୍ୱାରା ସମାଜର କେତେବଡ଼ କ୍ଷତିହୁଏ, ସେତେବେଳେ ତାହା ସେମାନେ ବୁଝିପାରିନଥାନ୍ତି । ସେମାନେ ଭୁଲିନଯିବା ଉଚିତ୍ ସମାଜର ମେରୁଦଣ୍ଡ ହେଉଛନ୍ତି ଛାତ୍ରସମାଜ । ସେହିମାନଙ୍କ ଆନ୍ତରିକ ସେବା ଓ ପ୍ରଯତ୍ନରେ ସମାଜ ନୂତନ ରୂପ ଗ୍ରହଣ କରିଥାଏ । ଜାତିର କଲ୍ୟାଣ ଉଦ୍ଦେଶ୍ୟରେ ପ୍ରତ୍ୟେକ ଛାତ୍ର ନିଜକୁ ଉତ୍ସର୍ଗ କରିବା ଉଚିତ୍ । ସେମାନଙ୍କର କର୍ତ୍ତବ୍ୟନିଷ୍ଠା ଓ ସେବା ମନୋବୃତ୍ତି ଅନ୍ୟମାନଙ୍କର ଆଦର୍ଶ ହୋଇଥାଏ । ନିରକ୍ଷର ବ୍ୟକ୍ତି ଛାତ୍ରମାନଙ୍କୁ ହିଁ ଆଦର୍ଶ ଭାବରେ ଗ୍ରହଣ କରିଥାନ୍ତି । ତେଣୁ ସେମାନେ ଏପରି କିଛି କାର୍ଯ୍ୟ କରିବା ଅନୁଚିତ, ଯାହା ସମାଜ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହେବ । ସମାଜସେବା, ଭଗବାନଙ୍କ ସେବା – କୌଣସି ସମୟରେ ଛାତ୍ର ସମାଜ ଏହା ଭୁଲିଯିବା ଅନୁଚିତ ।

●●●

# ୭.୬ ରାଜନୀତିକ ଅପରାଧୀକରଣ

**ଉପକ୍ରମ:** ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ଦେଶ ଭାରତ । ବୈଦିକ ଯୁଗରୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଆସିଛି ଆମର ଏହି ପୁଣ୍ୟଭୂମି ଭାରତବର୍ଷ । 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶ ଉପରେ ପ୍ରତିଷ୍ଠା ଲାଭ କରିଛି ତା'ର ଭିତ୍ତିଭୂମି । ମାତ୍ର ବୈଦିକ ବା ପୁରାଣଯୁଗର ଭାରତବର୍ଷ ଏବଂ ସାମ୍ପ୍ରତିକ ଭାରତବର୍ଷ ମଧ୍ୟରେ ଯୋଜନ ଯୋଜନର ପାର୍ଥକ୍ୟ । ଅନ୍ୟର ଦୁଃଖ ଓ ପୀଡ଼ା ଦର୍ଶନରେ ଯେଉଁ ଦେଶର ସନ୍ତାନଗଣ ମ୍ରିୟମାଣ ହୋଇପଡୁଥିଲେ, ବିଗଳିତ ହେଉଥିଲେ, ଆଜି ତା'ର ସନ୍ତାନ ନିଜ ଭାଇର ରକ୍ତରେ ହୋଲି ଖେଳିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । ଦିନେ ଯେଉଁ ଦେଶର ସଂସ୍କୃତି ଓ ପରମ୍ପରା ସମଗ୍ର ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା; ଆଜି ତା'ର ମାଟିର ପୁଅ ନିଜ ସଂସ୍କୃତି, ଆଭିଜାତ୍ୟକୁ ଅନ୍ୟ ପାଖରେ ବିକ୍ରି କରିଦେବାକୁ ତିଳେମାତ୍ର କୁଣ୍ଠା ପ୍ରକାଶ କରୁନାହିଁ । ଦୈନିକ ସମ୍ବାଦପତ୍ର ପୃଷ୍ଠାରୁ ଏହି ପବିତ୍ର ଦେଶ ସନ୍ତାନମାନଙ୍କର ଅପକୀର୍ତ୍ତିର କାହାଣୀ ଶୁଣି ଲଜ୍ଜାରେ ମଥାନତ ହୋଇଯାଉଛି । ସବୁଠାରୁ ପରିତାପର ବିଷୟ, ଯେଉଁମାନଙ୍କୁ ଆଦର୍ଶବାଦୀ ବ୍ୟକ୍ତି ମନେକରି ଦେଶର ନିରୀହ ଜନସାଧାରଣ ସେମାନଙ୍କର ଶାସନକ୍ଷମତା ଅର୍ପଣ କରିଛନ୍ତି, 'ଆଧାର ଛୁଆଙ୍କୁ ଖାଇବା'ନ୍ୟାୟରେ ସେହିମାନେ ହିଁ ସମସ୍ତ ପ୍ରକାର ଅପରାଧର ମୂଳ କାରଣ ବୋଲି ପ୍ରମାଣିତ ହେଉଛନ୍ତି । ଜନକ ପରି ରାଜର୍ଷି ଦିନେ ଯେଉଁ ଭାରତରେ ସମସ୍ତ ପ୍ରକାର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ ନିରାସକ୍ତ ଜୀବନଯାପନ କରୁଥିଲେ, ପ୍ରଜାପାଳନ ନିମିତ୍ତ ନିଜର ସୁଖ ଜଳାଞ୍ଜଳି ଦେଇଥିଲେ, ଆଜି ସେହି ଭାରତର ଶାସକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥକୁ ଆଖିବୁଜି ବଳି ପକାଉଛି । ପ୍ରଜାପାଳନ ନୁହେଁ; ପ୍ରଜାପୀଡ଼ନ ହୋଇଛି ଆଜି ଶାସକର ଆଦର୍ଶ । ନିଜର ସ୍ୱାର୍ଥ ପାଇଁ ସେ ସହାୟତା ନେଉଛି ଅସାମାଜିକ ଅପରାଧୀଙ୍କର । ଆଜି ରାଜନୀତି କହିଲେ ସାଧାରଣ ଲୋକେ ବୁଝୁଛନ୍ତି ଅପରାଧ ନୀତି । ରାଜନୀତିରେ ଅପରାଧୀକରଣ ଏକ ଅନୀତି ନହୋଇ ଆଜି ନୀତିରେ ପରିଣତ ହୋଇଛି । ସାଧୁତା, ସଚ୍ଚୋଟତା, ପବିତ୍ରତା, ନ୍ୟାୟ ରାଜନୀତିରୁ ଅନ୍ତର ହୋଇ ତା'ର ସ୍ଥାନ ଲାଭ କରିଛି ଭଣ୍ଡାମି, ଗୁଣ୍ଡାମି, ଭ୍ରଷ୍ଟାଚାର, ଅନୀତି ଓ ବ୍ୟକ୍ତିସ୍ୱାର୍ଥ । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଜି ବିପଦାପନ୍ନ । ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ବିଡ଼ମ୍ବିତ । ଗାନ୍ଧିଜୀଙ୍କ ଦୃଷ୍ଟିରେ ରାଜନୀତି ଥିଲା ସଚ୍ଚୋଟ ନୀତି, ପବିତ୍ର ନୀତି ଓ ସାଧୁ ନୀତି । ତାଙ୍କର ଦୀର୍ଘଦିନର ସାଧନା, କାରଗାରବରଣ ସବୁ ଯେପରି ବ୍ୟର୍ଥ ହୋଇଗଲା ତାଙ୍କର ଭବିଷ୍ୟତ ବଂଶଧରଙ୍କ ଅପକୀର୍ତ୍ତି ଦ୍ୱାରା । ସାମ୍ପ୍ରତିକ ରାଜନୀତିକୁ ଦେଖିଲେ ଅସତ୍ୟର ଅନ୍ଧକାରରେ ସତ୍ୟର ଆଲୋକ କିପରି ମଳିନତା ଲଭିଛି, ତା'ର ବହୁ ପ୍ରମାଣ ମିଳିପାରିବ । ରାଜନୀତି ପରିଣତ ହୋଇଛି ଅପରାଧୀଙ୍କ ଆଡ୍‌ଡ଼ାସ୍ଥଳୀରେ । ତେଣୁ ବର୍ତ୍ତମାନ ଭାରତର ରାଜନୀତିରେ ଅପରାଧୀକରଣ ସବୁଠାରୁ ବଡ଼ ସମସ୍ୟା ହୋଇ ଦେଖାଦେଇଛି । ଏହି ସମସ୍ୟାର ଉପଯୁକ୍ତ ସମାଧାନ ହୋଇ ନପାରିଲେ ଭାରତ ତା'ର ଅତୀତର ହୃତଗୌରବ କଦାପି ଫେରିପାଇବ ନାହିଁ ।

**ଅପରାଧୀକରଣର ଉଦ୍ଦେଶ୍ୟ:** ବ୍ୟକ୍ତିସ୍ୱାର୍ଥ ରାଜନୈତିକ ଅପରାଧୀକରଣର ମୁଖ୍ୟ କାରଣ । ବହୁ ସମୟରେ ଦେଖାଯାଏ ରାଜଗାଦି ହାସଲ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ କେତେକ ଅପରାଧ



ଟିପ୍ପଣୀ

କରାଯାଇଥାଏ । କେବଳ ଭାରତ କାହିଁକି, ଭାରତ ବାହାରେ ମଧ୍ୟ ଭାରତୀୟ ରାଜନୀତିରେ ଅପରାଧୀକରଣ ବୃଦ୍ଧି ପାଇଛି ବୋଲି ପ୍ରତିକୂଳ ସମାଲୋଚନା ହେଉଛି । ପୂର୍ବତନ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଭାରତର ନିର୍ବାଚନରେ ଅର୍ଥବଳ, କ୍ଷମତା ଓ ବାହୁବଳର ପ୍ରଭାବ ରହିଛି ବୋଲି ସ୍ୱୀକାର କରିବା ସଙ୍ଗେ ସଙ୍ଗେ କେତେକ ବ୍ୟକ୍ତି ଜେଲ୍‌ରେ ରହିବା ପରିବର୍ତ୍ତେ ବର୍ତ୍ତମାନ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କ ମତରେ ପୃଥିବୀରେ ସବୁ ସ୍ତରରେ ଦୁର୍ନୀତି ରହିଥିଲେ ହେଁ, ଭାରତର ମୁଖ୍ୟ ଦୁର୍ନୀତି ରାଜନୀତିକ । କ୍ଷୋଭର ବିଷୟ ଯେଉଁ ନେତାମାନେ ରାଜନୀତିରେ ଅପରାଧୀକରଣ ବୃଦ୍ଧି ପାଇଁ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ସଭାରେ ବଡ଼ବଡ଼ ଭାଷଣମାନ ପ୍ରଦାନ କରୁଛନ୍ତି ସେହିମାନେ ଅଧିକ ପରିମାଣରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି । ଦେଶ ଓ ନିରୀହ ଜନସାଧାରଣଙ୍କ ମଧ୍ୟରେ ଦଲାଲି କରି ନିଜକୁ ପ୍ରତିଷ୍ଠିତ ରାଜନୈତିକ ନେତାରୂପେ ପ୍ରଚାର କରୁଛନ୍ତି । ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ଯାଇ କୋଟି କୋଟି ବ୍ୟକ୍ତିଙ୍କୁ ଶୋଷଣ କରୁଛନ୍ତି । ବହୁ ତଥାକଥିତ ଅପରାଧୀ ନିଜର ଅତୀତ ଅପରାଧକୁ ରାଜନୀତି ମାଧ୍ୟମରେ ଘଷି ଘୋଡ଼ାଇବାକୁ ସମର୍ଥ ହୋଇପାରୁଛନ୍ତି । ମୁଖ୍ୟତଃ ବ୍ୟକ୍ତିଗତ ସ୍ୱାର୍ଥ, ପ୍ରତିପତ୍ତି, ଉପଭୋଗ, କାମନା ଓ ରାଜନୈତିକ ଶତ୍ରୁତାର ପ୍ରତିଶୋଧମୂଳକ ଇଚ୍ଛାବୃତ୍ତି ରାଜନୀତିକ ଅପରାଧୀକରଣ ନିମିତ୍ତ ପଥ ପରିଷ୍କାର କରିଥାଏ ।

**ଅପରାଧୀକରଣର ସ୍ୱରୂପ:** ଦୈନନ୍ଦିନ ଜୀବନରେ ରାଜନୈତିକ ଅପରାଧୀକରଣର ନଗ୍ନ ସ୍ୱରୂପ ସମ୍ପର୍କରେ ଊଣାଅଧିକେ ସମସ୍ତେ ପ୍ରାୟ ସଚେତନ । ସାଧାରଣ ଜୀବନରେ ଯେତେବେଳେ ନୈତିକ ମୂଲ୍ୟରେ ସଙ୍କଟ ଦେଖାଯାଏ, ସେତେବେଳେ ଅପରାଧୀକରଣ ବୃଦ୍ଧି ପାଇଥାଏ । ରାଜନୀତି କ୍ଷେତ୍ରରେ ଯେତେବେଳେ ଅସାଧୁତା, ଦୁର୍ନୀତି ଓ ବ୍ୟକ୍ତିଗତ ସ୍ୱାର୍ଥ ଉତ୍କଟ ହୋଇଉଠେ, ଅପରାଧୀମାନେ ନିଜର କାୟା ବିସ୍ତାର କରିବାକୁ ସୁଯୋଗ ଲାଭ କରିଥାନ୍ତି । ଦେଶର ରାଜନୀତିକୁ ନିୟନ୍ତ୍ରଣ କରିବାର ସମସ୍ତ ଅବକାଶ ଲାଭ କରିଥାନ୍ତି । ଫଳରେ ମୂଳରୁ ଚୂଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଦୁର୍ନୀତି ରୂପକ ରାକ୍ଷସ ସମାଜ ଜୀବନକୁ କବଳିତ କରିଥାଏ । ଦେଶର ରକ୍ଷକ ଭକ୍ଷକ ସାଜିଲେ ଦେଶକୁ ରକ୍ଷା କରିବ କିଏ ? ଗାନ୍ଧି ପୋଷାକ ଅନ୍ତରାଳରେ ଅପରାଧୀ ମନର ଯେଉଁ କୁତ୍ସିତ ରୂପ ଆତ୍ମଗୋପନ କରିଛି, ତାକୁ ଠିକ୍ ସମୟରେ ସରଳ ଜନସାଧାରଣ ବୁଝିବାକୁ ଅସମର୍ଥ ହୋଇଥାନ୍ତି । ଗାଦିସୀନ ହେବାପରେ ଏହିପରି ବ୍ୟକ୍ତି ନିଜର ସ୍ୱରୂପ ପ୍ରକାଶ କରିଥାନ୍ତି । ଆଜି ଭାରତର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଦୁର୍ନୀତି ମୁଖ୍ୟ ହୋଇଉଠିଛି । ବୋଫର୍ସ କମାଣ କ୍ରୟ, ହାୱାଲା, ଗୋ-ଖାଦ୍ୟ, ଗୃହବଣ୍ଟନ, ଗ୍ୟାସ ବଣ୍ଟନ, ସାରକ୍ରୟ ଆଦି ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହୋଇଥିବାର ବହୁ ଚମତ୍କାର ଘଟଣାମାନ ପ୍ରକାଶିତ ହୋଇ ରାଜନୈତିକ ନେତାମାନଙ୍କର ସଚ୍ଚୋଟତା ପ୍ରତି ପ୍ରଶ୍ନବାଚୀ ତୋଳିଛି । ସିଂହାସନର ଲାଳସା ଆଜି ରାଜନୈତିକ ନେତାମାନଙ୍କୁ ଏତେ ପରିମାଣରେ ଅନ୍ଧ କରିଦେଇଛି ଯେ ଭାରତର ସାମୂହିକ ସ୍ୱାର୍ଥ ସେମାନଙ୍କ ନିକଟରେ ଅତି ତୁଚ୍ଛ ବୋଲି ପରିଗଣିତ ହେଉଛି । ଆଶ୍ଚର୍ଯ୍ୟର ବିଷୟ ଯେଉଁମାନେ କିଛିଦିନ ପୂର୍ବରୁ ମାନବସମାଜର ଅଭିଶାପ ରୂପେ ପରିଗଣିତ ହେଉଥିଲେ, ସେମାନେ ପୁଣି ଆଜି ମାନବର ଭାଗ୍ୟବିଧାତା । ଚୋର, କଳାବଜାରୀ, ଡ଼କାୟତ, ଗୁଣ୍ଡା ତଥା ବହୁ ଅସାମାଜିକ ବ୍ୟକ୍ତି ରାଜନୈତିକ ବ୍ୟକ୍ତିମାନଙ୍କର ଦୁର୍ବଳତାର ସୁଯୋଗ ନେଇ ନିଜକୁ ରାଜନୀତିରେ ପ୍ରତିଷ୍ଠିତ କରିପାରିବା ସଙ୍ଗେ ସଙ୍ଗେ ଅତୀତରେ ନିଜ ନାମ ପଛରେ ଲାଗିଥିବା

ଅସାମାଜିକ ବିଶେଷଣମାନଙ୍କୁ ଧୋଇପୋଛି ପରିଷ୍କାର କରିଦେବାକୁ ସମର୍ଥ ହେଉଛନ୍ତି । ଏହିମାନଙ୍କ ପାଇଁ ଭୋଟ ର୍‌ୟାଗିଂ ହେଉଛି । ମୃତ ମଣିଷ ଜୀବନଲାଭ କରି ନିଜର ଭୋଟାଧିକାର ସାବ୍ୟସ୍ତ କରୁଛି । ଅନୁପସ୍ଥିତ ବହୁ ବ୍ୟକ୍ତିଙ୍କର ଭୋଟକାଗଜ ଆପେ ଆପେ ଭୋଟବାକ୍‌ସରେ ପ୍ରବେଶ କରିଯାଉଛି । ତାଲିକାରେ ନାମ ନଥିବା ବ୍ୟକ୍ତି ଭୋଟ ଦେବାର ଅଧିକାର ଲାଭ କରୁଛନ୍ତି । ଏହି ଅପରାଧୀଗଣ ସମାଜରେ ପ୍ରତିପତ୍ତିଶାଳୀ ବ୍ୟକ୍ତିରୂପରେ ପରିଗଣିତ ହେବା ସଙ୍ଗେ ସଙ୍ଗେ ସମ୍ବିଧାନ ପରିସର ବାହାରକୁ ଯାଇ କାର୍ଯ୍ୟ କରୁଛନ୍ତି । ଦେଶର ଆଇନ୍‌କୁ ନିଜ ହାତକୁ ନେଇ ମଧ୍ୟ ଦିନ ଦ୍ୱିପ୍ରହରେ ସ୍ୱଚ୍ଛନ୍ଦରେ ଯାତାୟାତ କରୁଛନ୍ତି । ତେଣୁ ଅନୁଭୂତ ହେଉଛି ଭାରତୀୟ ରାଜନୀତିରେ ବ୍ୟକ୍ତିଗତ ସ୍ୱଚ୍ଛ ଚରିତ୍ର ଅପେକ୍ଷା ଅର୍ଥ, କ୍ଷମତା, ଅହଙ୍କାର, ପାପ ତଥା ଅତ୍ୟାଚାର ମୁଖ୍ୟ ଭୂମିକା ଲାଭ କରିଛି । ରାଜନୀତିର ସ୍ୱଚ୍ଛ ଆବରଣ ତଳେ ଭଣ୍ଡାମି ଓ ଠକାମି ଆତ୍ମଗୋପନ କରି ରହିଛି ।

**ଅପରାଧୀକରଣର କାରଣ:** ରାଜନୈତିକ ଅପରାଧୀକରଣର ବହୁ କାରଣ ବିଦ୍ୟମାନ । ରାଜନୈତିକ ବ୍ୟକ୍ତିମାନଙ୍କର ଅସାଧୁତା ଏହାର ସର୍ବଶ୍ରେଷ୍ଠ କାରଣ ରୂପେ ଗୃହୀତ ହୋଇପାରେ । ଅନେକ ରାଜନୈତିକ ବ୍ୟକ୍ତି ନିର୍ବାଚନ ବୈତରଣୀକୁ ପାର ହେବା ନିମିତ୍ତ ଅପରାଧୀମାନଙ୍କୁ ଡଙ୍ଗାରୂପେ ବ୍ୟବହାର କରିଥାନ୍ତି । ଭୋଟ ର୍‌ୟାଗିଂ, ବାହୁବଳ ଦ୍ୱାରା ଭୋଟରମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ଭୋଟଦାନ ଦେବାକୁ ବାଧ କରିବା, ଅନୁପସ୍ଥିତ ଭୋଟରମାନଙ୍କ ଭୋଟକୁ କଳାବଜାରୀ କରିବା ଆଦି କାର୍ଯ୍ୟ କରି ଏହି ଅପରାଧୀଗଣ ରାଜନୈତିକ ବ୍ୟକ୍ତଗଣଙ୍କର ଅଶେଷ ଉପକାର ସାଧନ କରିଥାନ୍ତି । କୃତାର୍ଥ ହୋଇଥିବା ଏହି ନେତାଗଣ ପ୍ରତିବଦଳରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେମାନଙ୍କର ପ୍ରତ୍ୟୁପକାର କରିବାକୁ ଭୁଲନ୍ତି ନାହିଁ, ଯେଉଁଥିପାଇଁ ସମସ୍ତ ଅପରାଧ ସତ୍ତ୍ୱେ ଏମାନଙ୍କୁ ଅପରାଧୀ କୁହାଯାଇ ପାରେନାହିଁ । ସେମାନଙ୍କ ବିରୋଧରେ ପୋଲିସଙ୍କ ନିକଟରେ ଏତଲା କିମ୍ବା ଏଫ୍.ଆଇ.ଆର୍. ଦେଲେ ତାହା ଗୃହୀତ ହୁଏନାହିଁ । ଯଦିବା ବାଧ୍ୟବାଧକତାରେ ଏତଲା ଗୃହୀତ ହୁଏ, ତା'ର ସ୍ୱରୂପରେ ପରିବର୍ତ୍ତନ ହୋଇଯାଇଥାଏ । ବିଚାରାଳୟରେ ମଧ୍ୟ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ତଥା କାଗଜପତ୍ରର ବିକୃତ ଉପସ୍ଥାପନ ଯୋଗୁଁ ଏମାନେ ଅକ୍ଲେଶରେ ଖସିଯାଇ ପାରନ୍ତି । ଜାତୀୟ ପୁଲିସ କମିଶନରଙ୍କ ଏକ ବିଶ୍ୱସ୍ତ ରିପୋର୍ଟରୁ ଜଣାଯାଏ, ଦେଶର ବିଭିନ୍ନ ସମୟରେ ସଂଘଟିତ ହେଉଥିବା ଅପରାଧର ମାତ୍ର ୨୫ ଭାଗ ପଞ୍ଜୀକରଣ କରାଯାଇଥାଏ । ଅନେକ ସମୟରେ ଭୟଭ୍ରାନ୍ତି ଦ୍ୱାରା କ୍ଷମତା ହାସଲ କରିବା ପାଇଁ ଅପରାଧକୁ ପ୍ରୋତ୍ସାହନ ଦିଆଯାଇଥାଏ । ସାଧାରଣତଃ ବିଭିନ୍ନ ସମୟରେ ଅପରାଧ ଆଚରଣ କରୁଥିବା ବ୍ୟକ୍ତିଙ୍କ ପ୍ରତି ସମାଜର ସାଧାରଣ ବ୍ୟକ୍ତିଙ୍କ ମନରେ ଭୟ ରହିଥାଏ । ସେମାନଙ୍କୁ ଭୋଟ ନ ଦେଲେ ହୁଏତ ସେମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି- ଏହି ଭୟରେ ଭୟାତୁର ବ୍ୟକ୍ତିଙ୍କ ମତଦାନ ସେମାନଙ୍କ ସପକ୍ଷରେ ଯାଇଥାଏ । ଜନସଚେତନତାର ଅଭାବ ରାଜନୀତିରେ ଅପରାଧୀକରଣ ଅନ୍ୟତମ କାରଣ । ସଚେତନ ଜନସାଧାରଣ ଯଦି ନିର୍ଭୟରେ ନିଜର ମତାଧିକାର ସାବ୍ୟସ୍ତ କରିପାରନ୍ତେ, ଅପରାଧିକରଣକୁ ବହୁପରିମାଣରେ ରୋକାଯାଇ ପାରନ୍ତା । ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଥିବାରୁ ଅପରାଧୀ ସ୍ୱଚ୍ଛନ୍ଦରେ ନିଜ କାର୍ଯ୍ୟ କରିଯାଉଛନ୍ତି । ନୈତିକ ମୂଲ୍ୟବୋଧରେ ସଙ୍କଟ ରାଜନୈତିକ ଅପରାଧୀକରଣର ଅନ୍ୟ ଏକ ବିଶେଷ କାରଣ । ଅତୀତରେ ସଚ୍ଚୋଟ ଓ ନୈତିକସମ୍ପନ୍ନ ବ୍ୟକ୍ତିଗଣ ରାଜନୀତିରେ ପ୍ରବେଶ କରୁଥିଲେ । ମାତ୍ର ବର୍ତ୍ତମାନର କଳୁଷିତ ରାଜନୀତିରେ ସମ୍ମାନବୋଧ ଥିବା





## ସାମାଜିକ ସମସ୍ୟା ଭିତ୍ତିକ ପ୍ରବନ୍ଧ

କୌଣସି ବ୍ୟକ୍ତି ପ୍ରବେଶ କରିବାକୁ ଭୟ କରୁଛନ୍ତି । ବହୁ କ୍ଷେତ୍ରରେ ପରିଲକ୍ଷିତ ହେଉଛି ଯେ ସମାଜର ଗୁଣୀ ଓ ନ୍ୟାୟପରାୟଣ ବ୍ୟକ୍ତି ଶୋଚନୀୟ ଭାବରେ ରାଜନୀତିରେ ପରାଜୟ ବରଣ କରୁଛନ୍ତି । କାରଣ ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବାର କଳା ସେମାନଙ୍କୁ ଜଣା ନଥିବାରୁ ଲୋକମାନଙ୍କ ଭାବପ୍ରବଣ ମନ ମଧ୍ୟକୁ ପ୍ରବେଶ କରିବାରୁ ବଞ୍ଚିତ ହେଉଛନ୍ତି । ସେଥିପାଇଁ ରାଜନୀତି ଆଜି ଦେଶସେବା ନ ହୋଇ ଏକ ବ୍ୟବସାୟରେ ପରିଣତ ହୋଇଯାଇଛି ।ବିହାର, ଉତ୍ତରପ୍ରଦେଶ ଆଦି ରାଜ୍ୟର ରାଜନୀତି ହଟଚମଟରୁ ଏହାର ବହୁ ଉଦାହରଣ ସଂଗ୍ରହ କରାଯାଇପାରିବ । ନୈତିକତାର ଅଭାବ ଓ ଅନ୍ୟାୟକୁ ସମ୍ମୁଖୀନ ହେବାରେ ସାହାସର ଅଭାବ ରାଜନୀତିରେ ଅପରାଧୀକରଣକୁ ସହାୟତା କରୁଛି । ଯେନତେନପ୍ରକାରେଣ କ୍ଷମତା ଦଖଲ ଆଜି ରାଜନୀତିର ଆଦର୍ଶ ହୋଇଛି । ବାସ୍ତବରେ ଭାରତୀୟ ରାଜନୀତିରେ ୧୯୬୭ ମସିହା ସାଧାରଣ ନିର୍ବାଚନଠାରୁ ଅପରାଧୀମାନଙ୍କ ପ୍ରବେଶ ହୋଇଛି । ଉତ୍ତରଭାରତରୁ ପ୍ରଭାବ ହରାଇଥିବା ଏକ ପ୍ରତିଷ୍ଠିତ ରାଜନୈତିକ ଦଳ କ୍ଷମତାସୀନ ହେବାପାଇଁ ଅର୍ଥବଳ ଓ ବାହୁବଳର ଆଶ୍ରୟ ନେଇ ଅପରାଧୀମାନଙ୍କ ସହିତ ଅସାଧୁ ମେଣ୍ଟ କଲେ । ୧୯୭୦ ବେଳକୁ ଅସାଧୁ ବ୍ୟକ୍ତିମାନେ ଭୋଟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରି ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଦଳକୁ ଗାଦିସୀନ କରାଇଲେ । ଗୋଟିଏ ନିର୍ଦ୍ଦିଷ୍ଟ ଦଳର ସଫଳତା ଅନ୍ୟ ଦଳମାନଙ୍କୁ ମଧ୍ୟ ତାହା  କରିବାକୁ ପ୍ରେରଣା ଯୋଗାଇଲା ଓ ରାଜନୀତିରେ ଅପରାଧୀମାନେ ମୁଖ୍ୟ ଭୂମିକା ଗ୍ରହଣ କରି ଏହାକୁ ଏକ ନୀତିରେ ପରିଣତ କଲା ।

**ରାଷ୍ଟ୍ରୀୟ ଜୀବନରେ ପ୍ରତିବନ୍ଧକ:** ସମ୍ପ୍ରତି ରାଜନୀତିରେ ଅପରାଧୀକରଣ ଯୋଗୁଁ ରାଷ୍ଟ୍ରୀୟ ପ୍ରଗତି ରୁଦ୍ଧ ହୋଇଯାଇଛି । ମାଫିଆ ଗୁଣ୍ଡାମାନେ ରାଜନୀତି ଓ ଶାସନକୁ ପରିଚାଳନା କରୁଥିବାରୁ ସାଧାରଣ ବ୍ୟକ୍ତିଙ୍କ ସ୍ୱାର୍ଥ ପରାହତ ହୋଇଛି । ସମସ୍ତ ଯୋଜନାର ସୁଫଳ ମାତ୍ର ଅଳ୍ପ କେତେକ ବ୍ୟକ୍ତିଙ୍କ ହାତକୁ ଚାଲିଯାଇଛି । ପୁଲିସମାନଙ୍କର ନୈତିକ ମୂଲ୍ୟବୋଧ ଦୁର୍ବଳ ହେବାରୁ ସମାଜରେ ଶୋଷଣ ଓ ପୀଡ଼ନ ବୃଦ୍ଧି ପାଇଛି ।ରାଜନୀତିକ ନେତାମାନେ ଅପରାଧୀମାନଙ୍କୁ ପ୍ରତିପକ୍ଷଙ୍କ ବିରୋଧରେ ପ୍ରୟୋଗ କରିବା  ଦ୍ୱାରା ସମାଜରେ ଗୁଣ୍ଡାମି, ଅପହରଣ, ଧର୍ଷଣ ଓ ଅମାନବିକତା ବଢ଼ିବାକୁ ଲାଗିଛି । ଆଇନ୍ ଆଖିରେ ଏହି ଅପରାଧୀ ନିର୍ଦ୍ଦୋଷ ହୋଇଥିବାରୁ ସମାଜର ପ୍ରଗତି ସ୍ଥାଣୁ ହୋଇଯାଇଛି । ପ୍ରଗତି ନାମରେ ଗୁଣ୍ଡାପୋଷଣ ଆଜି ରାଜନୀତିର ଆଦର୍ଶରେ ପରିଣତ ହୋଇଛି । ଏହି କାରଣରୁ ପ୍ରତିଯୋଗିତା କ୍ଷେତ୍ରରେ ଭାରତ ପଛରେ ପଡ଼ିଯାଇଛି । ଜନସାଧାରଣ ପ୍ରକୃତ ନ୍ୟାୟ ପାଇବାକୁ ବଞ୍ଚିତ ହୋଇଛନ୍ତି । ରାଷ୍ଟ୍ରର ସାମୂହିକ ସ୍ୱାର୍ଥ ବ୍ୟାହତ ହେବାରୁ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇପାରୁ ନାହିଁ । ଯେକୌଣସି ଜନମଙ୍ଗଳ ରାଷ୍ଟ୍ର ପାଇଁ ଏହି ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ଏଥିପାଇଁ ବର୍ତ୍ତମାନ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଉଚିତ ।

**ସମସ୍ୟା ଓ ସମାଧାନର ସୂତ୍ର:** ରାଜନୀତିରେ ଅପରାଧୀକରଣ ବର୍ତ୍ତମାନ ସବୁଠାରୁ ବଡ଼ ସମସ୍ୟା । ପ୍ରତ୍ୟେକ ରାଜନୈତିକ ଦଳ ଏଥିପ୍ରତି ଉଦ୍‌ବେଗ ପ୍ରକାଶ କରୁଥିଲେହେଁ, ତାହା ସମ୍ପୂର୍ଣ୍ଣ ଭାବରେ ଲୋକଦେଖାଣିଆ । ଦେଶର ପ୍ରଗତି ଓ କଲ୍ୟାଣର ଏହା ପରିପନ୍ଥୀ ବୋଲି ସମସ୍ତେ ଅନୁଭବ କରୁଛନ୍ତି । ସୁଖର ବିଷୟ ନିର୍ବାଚନ କମିଶନର କେ.ପି.ଏସ୍.ଗିଲ ଅପରାଧ ପାଇଁ ଶାସ୍ତି ପାଇଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଛଅ ବର୍ଷ ପାଇଁ ପ୍ରତିଦ୍ୱନ୍ଦିତା କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଉଚ୍ଚ ଅଦାଲତ ଦ୍ୱାରା ଜାମିନ୍ ପାଇନଥିବା ବ୍ୟକ୍ତି ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ମାତ୍ର ଏ ସମ୍ପର୍କରେ ଏପର୍ଯ୍ୟନ୍ତ ଆଇନ୍ ପ୍ରଣୟନ ହୋଇପାରି ନାହିଁ । ଏ ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ବିବୃତି ଦେଇ କହିଛନ୍ତି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି କେଉଁ ଧରଣର ଅପରାଧରେ ଜଡ଼ିତ ପ୍ରଥମେ ତାହା ଜାଣିବାକୁ ପଡ଼ିବ । ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଆନ୍ଦୋଳନ କରି ଅପରାଧୀ ରୂପେ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଅପରାଧୀ ପଦବାଚ୍ୟ ହୋଇ ନ ପାରନ୍ତି । ସି.ପି.ଆଇ.ର ଶ୍ରୀ.ଡି. ରାଜାଙ୍କର ଦୁର୍ବୃତ୍ତ ସମ୍ପର୍କୀୟ ବ୍ୟାଖ୍ୟା ଏବେ ମଧ୍ୟ ଏକ ପ୍ରଶ୍ନବାଚୀ ହୋଇ ଦେଖାଦେଇଛି । ପୁନରାୟ ଅତୀତରେ ଯେଉଁମାନେ ଅପରାଧ କରି ନିର୍ବାଚିତ ସଦସ୍ୟ ରୂପେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ । ଏକଥା ସତ୍ୟ ଯେ ପ୍ରତ୍ୟେକ ରାଜନୀତିକ ଦଳ ଏହି ଅପରାଧୀକରଣକୁ ମୁହଁରେ ବିରୋଧ କରୁଥିଲେ ହେଁ, ସେଥି ପ୍ରତି ଆନ୍ତରିକ ସମ୍ମତି ନାହିଁ । ଅନେକ ଅପରାଧପ୍ରବଣ ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ଦେଶର ସ୍ୱାର୍ଥକୁ ବହିଃଶତ୍ରୁଙ୍କ ନିକଟରେ ବିକ୍ରୟ ନିମିତ୍ତ ଆଦୌ କୁଣ୍ଠା ପ୍ରକାଶ କରୁନାହାନ୍ତି । ଏ ସମ୍ପର୍କରେ କେତେକ ସମ୍ବାଦ ମଧ୍ୟ ହସ୍ତଗତ ହେଉଛି । ଅଥଚ ସେ କ୍ଷେତ୍ରରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ । ଯେପର୍ଯ୍ୟନ୍ତ ସମୂହ ଜନସଚେତନତା ସୃଷ୍ଟି ନ ହୋଇପାରିଛି, ସେପର୍ଯ୍ୟନ୍ତ ରାଜନୀତିରୁ ଅପରାଧର ମୂଳୋତ୍ପାଟନ ହୋଇପାରିବ ନାହିଁ । ନିରପେକ୍ଷ ତଦନ୍ତ ହେଲେ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୫୦ ଭାଗରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ମାମଲା ବିଚାରାଳୟ, ପୁଲିସ ଷ୍ଟେସନରେ ରୁଜୁ ହୋଇଥିବାର ଦେଖିବାକୁ ମିଳିବ । ଶାସନକଳ ଏ କ୍ଷେତ୍ରରେ କୌଣସି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିପାରିବ ନାହିଁ । ଶିକ୍ଷାନୀତିରେ ପରିବର୍ତ୍ତନ, ନୈତିକ ସାହସର ଜାଗରଣ ଏବଂ ସମ୍ମିଳିତ ଜନ ଆନ୍ଦୋଳନ ଦ୍ୱାରା ଏହି ଅପରାଧୀକରଣକୁ ରୋକାଯାଇପାରିବ । ଏଥିପାଇଁ ବର୍ତ୍ତମାନଠାରୁ ସବୁ ସ୍ତରରେ ଉଦ୍ୟମ ହେବା ସଙ୍ଗେ ସଙ୍ଗେ ସି.ବି.ଆଇ.କୁ ନିରପେକ୍ଷ ଭାବରେ ତଦନ୍ତ କରିବାର ସୁଯୋଗ ପ୍ରଦାନ କରାଯିବା ଉଚିତ । ବ୍ୟକ୍ତସ୍ୱାର୍ଥଠାରୁ ରାଷ୍ଟ୍ରସ୍ୱାର୍ଥ ଊର୍ଦ୍ଧ୍ୱରେ ଏହା ସମସ୍ତେ ଅନୁଭବ କରିବା ଉଚିତ ।

**ଉପସଂହାର:** ରାଜନୀତିରେ ଅପରାଧୀକରଣ ସମାଜ ପାଇଁ ଏକ ଅଭିଶାପ । ଭାରତ ପରି ଏକ ଐତିହ୍ୟ ଓ ଧାର୍ମିକ ଦେଶରେ ଏପରି କାର୍ଯ୍ୟ ଘୋର ନିନ୍ଦାର ବିଷୟ । ଅତୀତରେ ପ୍ରଜାସୁଖ ପାଇଁ ଏହି ଦେଶର ରାଜା ପତ୍ନୀଙ୍କୁ ତ୍ୟାଗ କରିବାର ଉଦାହରଣ ବିରଳ ନୁହେଁ । କାଳର ଅବାରିତ ସ୍ରୋତରେ ଅପରାଧୀମାନଙ୍କର ଛଦ୍ମମୁଖା ଖୋଲିଯିବାକୁ ଲାଗିଛି । ଧୀରେ ଧୀରେ ଜନସଚେତନତା ବୃଦ୍ଧି ପାଉଥିବା ବିଷୟ ସମ୍ପ୍ରତି ଘଟି ଯାଇଥିବା ନିର୍ବାଚନରୁ ଜଣାଯାଏ । ଆଶା କରାଯାଏ ଭାରତର ଅତୀତ ଗୌରବ ପୁଣି ଫେରିଆସିବ । ଜନସାଧାରଣ ପ୍ରକୃତ ବିଚାରକ । ଯଥାସମୟରେ ସେମାନେ ସେମାନଙ୍କର ରାୟ ଶୁଣାଇ ଏହି ଅପରାଧୀମାନଙ୍କ ମୂଳୋତ୍ପାଟନ କରିବେ । ସମୟକୁ ତଥାପି ଅପେକ୍ଷା କରିବାକୁ ପଡ଼ିବ । କାରଣ ସମୟ ସବୁଠାରୁ ବଳବାନ୍ ।

●●●





# ୮

# ସାହିତ୍ୟ ଓ ଜୀବନୀ ଭିତ୍ତିକ ପ୍ରବନ୍ଧ

ମଣିଷ ଏକ ବୌଦ୍ଧିକ ପ୍ରାଣୀ । ସାହିତ୍ୟ ହେଉଛି ତା'ର ବୌଦ୍ଧିକତାର ଏକ କଳାତ୍ମକ ପରିପ୍ରକାଶ । ସାହିତ୍ୟ ମଣିଷର କଳ୍ପନା ଶକ୍ତିର ବିକାଶ କରାଇବା ସହିତ ତା'ର କଳାତ୍ମକ ଦିଗକୁ ଉଜ୍ଜୀବିତ କରେ । ସାହିତ୍ୟ ସୃଷ୍ଟି ଦ୍ୱାରା ଲେଖକଟିଏ ସମାଜର ହିତ ସାଧନ କରିଥାଏ । ସାହିତ୍ୟ ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ସାହିତ୍ୟର ବିକାଶରେ ସମାଜର ବିକାଶ ଏବଂ ସମାଜର ବିକାଶରେ ସାହିତ୍ୟର ବିକାଶ । ସେଥିପାଇଁ ଛାତ୍ରଛାତ୍ରୀମାନଙ୍କ ଭିତରେ ସାହିତ୍ୟ ପଠନର ଯଥେଷ୍ଟ ଉପାଦେୟତା ରହିଛି । ସାହିତ୍ୟ ପଠନର ଏକ ବିଶିଷ୍ଟ ଦିଗ ହେଉଛି ଭାଷା । ଏହି ଭାଷା ଭିତରେ ଅଧିକ ମହତ୍ୱପୂର୍ଣ୍ଣ ହେଉଛି ନିଜର ମାତୃଭାଷା । ମାତୃଭାଷା ମାଧ୍ୟମରେ ପ୍ରବନ୍ଧ ପାଠ କରିଲେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ, ଭାଷା ଜ୍ଞାନ ବୃଦ୍ଧି ତଥା ମୌଳିକ ସାହିତ୍ୟ ରଚନାର ଶୈଳୀଗତ ପ୍ରତିଭା ଜାଗ୍ରତ ହେବ ।

ଅନ୍ୟ ପକ୍ଷରେ ଜୀବନୀ ସାହିତ୍ୟ ପଠନ ଦ୍ୱାରା ବହୁ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜାଣିବାର ସୁଯୋଗ ଲାଭ କରିବେ ଏବଂ ସେମାନଙ୍କର ଜୀବନ ପଥକୁ ଅନୁସରଣ କରି ନିଜକୁ ଅନୁପ୍ରାଣିତ କରିବେ । ଏଥିପାଇଁ ଜୀବନୀ ପ୍ରବନ୍ଧଗୁଡ଼ିକୁ ଏଥିରେ ସ୍ଥାନିତ କରାଯାଇଛି ।

## ୮.୧ ସାହିତ୍ୟ ପାଠର ଉପାଦେୟତା

**ଉପକ୍ରମ:** ଯାହା ସମାଜ ଓ ବ୍ୟକ୍ତିର ହିତସାଧନ କରେ ତାହା ସାହିତ୍ୟ । ନିରସ ମନରେ ସରସତା ଭରିଦେବା ଏହାର ଲକ୍ଷ୍ୟ । ଅନ୍ୟ ଭାବରେ କହିଲେ କେବଳ ଆନନ୍ଦଦାନ ସାହିତ୍ୟର ସର୍ବଶେଷ ଲକ୍ଷ୍ୟ ନୁହେଁ । ସୁସ୍ଥ ସାମାଜିକ ପରମ୍ପରା ଗଠନରେ ଏହାର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଭାବ ପ୍ରକାଶର ମାଧ୍ୟମ ହେଉଛି ଭାଷା । ଏହି ଭାଷା ହିଁ ବଣଜଙ୍ଗଲରେ ବସବାସ କରୁଥିବା ମଣିଷକୁ ସଙ୍ଗଠିତ କରିଥିଲା । ତା'ର ବୌଦ୍ଧିକ ଚିନ୍ତାର ଉନ୍ମେଷ କରାଇଥିଲା । ଭାବଜଗତ ସହିତ ବସ୍ତୁଜଗତର ସଂଯୋଗ କରାଇ ସାହିତ୍ୟ ମଣିଷକୁ କରିପାରିଛି ସଭ୍ୟ ଶିକ୍ଷିତ । ସାମାଜିକ ସମ୍ପର୍କ ଗଠନର ଏକ ମାଧ୍ୟମ ରୂପେ ସାହିତ୍ୟର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ସୌନ୍ଦର୍ଯ୍ୟର ଉପାସନା ନିମିତ୍ତ ସର୍ବପ୍ରଥମେ ଏହା ମଣିଷକୁ ପ୍ରେରିତ କରିଥିଲା । ଭାବର ଆଦାନପ୍ରଦାନ ମାଧ୍ୟମରେ ମଣିଷ ଏହାଦ୍ୱାରା ବଞ୍ଚିବାର ଖୋରାକ ପାଇଥିଲା । ମର୍ତ୍ତ୍ୟରେ ସ୍ୱର୍ଗର ନନ୍ଦନକାନନ ସୃଷ୍ଟି କରିପାରେ ସାହିତ୍ୟ । ଏହା ହୁଏତ ମଣିଷର ଶାରୀରିକ ବୃଦ୍ଧିରେ ସହାୟତା କରି ନପାରେ, ମାତ୍ର ମାନସିକ ଅଭିବୃଦ୍ଧି ନିମିତ୍ତ ସାହିତ୍ୟର ଉପଯୋଗିତା ଅତୁଳନୀୟ ।

**ସାହିତ୍ୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ:** ମାନବିକତାର ବିକାଶ ନିମିତ୍ତ ସାହିତ୍ୟରେ ପ୍ରଚୁର ସୁଯୋଗ ରହିଛି । ଦେହର ଆବଶ୍ୟକତା ପୂରଣ ହୋଇଗଲେ ମଣିଷ ସମ୍ପୂର୍ଣ୍ଣ ଆନନ୍ଦ ଲାଭ କରିପାରେ ନାହିଁ । ମାନବର ପ୍ରକୃତ ପରିଚୟ ତା'ର ବୌଦ୍ଧିକ ବିକାଶରେ । ସାହିତ୍ୟ ହିଁ ମଣିଷର ଚିନ୍ତାରାଜ୍ୟକୁ ବିସ୍ତୃତ କରିଥାଏ । ତାକୁ ପ୍ରଦାନ କରେ ବିମଳ ଆନନ୍ଦ । ଲୌକିକ ଆନନ୍ଦ ଅପେକ୍ଷା ସାହିତ୍ୟ ଅନ୍ୟ ଏକ ଅଲୌକିକ ଆନନ୍ଦ ପ୍ରଦାନ କରିଥାଏ । ଭୂମିରୁ ଭୂମା ଆଡ଼କୁ ଗତି କରାଇବାର କ୍ଷମତା କେବଳ ସାହିତ୍ୟର ହିଁ ରହିଛି । ହୋରାସ୍‌ଙ୍କ ପରି

ଆଲୋଚକ ସାହିତ୍ୟର ଦୁଇଟି ଆବଶ୍ୟକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି । ପ୍ରଥମତଃ ମଣିଷର ଦୈନନ୍ଦିନ ବ୍ୟବହାରରେ ଏହା ଆସିଥାଏ ଏବଂ ଦ୍ୱିତୀୟରେ ଏହା ଆନନ୍ଦ ପ୍ରଦାନ କରିଥାଏ । ପ୍ରାଚ୍ୟ ଆଳଙ୍କାରିକ ମମ୍ମଟ କାବ୍ୟ ବା ସାହିତ୍ୟର ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛନ୍ତି-

କାବ୍ୟଂ ଯଶସେଽର୍ଥ କୃତେ ବ୍ୟବହାର ବିଦେ ଶିବେତ୍ରକ୍ଷତୟେ
ସଦ୍ୟ ପରି ନିର୍ବୃତ୍ତୟେ କାନ୍ତାସମ୍ମତି ୟୋପଦେଶଯୁଜେ ।

ଅର୍ଥାତ୍ ଏହା ଯଶ, ଅର୍ଥ, ବ୍ୟବହାର ଜ୍ଞାନ, ଅମଙ୍ଗଳର ବିନାଶ, ପରମାନନ୍ଦ ଲାଭ ତଥା କାନ୍ତାସମ୍ମତି ଉପଦେଶ ପ୍ରଦାନ କରିଥାଏ । ମଣିଷ ମନରେ ସାହିତ୍ୟ ସୌନ୍ଦର୍ଯ୍ୟବୋଧର ଜାଗ୍ରତ କରିଥାଏ । ଦୁଃଖରେ ମଧ୍ୟ ଆନନ୍ଦ ପ୍ରଦାନ କରିବାର କ୍ଷମତା ସାହିତ୍ୟର ରହିଛି । ତେଣୁ ଲାବର୍ଣ୍ଣ କହନ୍ତି – The greatest mystery of poetry is its power to invest the saddest things with beauty.ବ୍ୟକ୍ତି ଓ ଜଗତ ସମ୍ବନ୍ଧରେ ଏହା ମାନବର ଜ୍ଞାନ ପରିସରକୁ ବୃଦ୍ଧି କରିଥାଏ । ବିଶ୍ୱର ବିଭିନ୍ନ ଜାତି, ସଭ୍ୟତା, ସଂସ୍କୃତି ଆଦି ସମ୍ପର୍କରେ ସାହିତ୍ୟ ମାଧ୍ୟମରେ ହିଁ ଜ୍ଞାନ ଲାଭ ହୋଇଥାଏ । ବିକୃତ ଏବଂ କୁତ୍ସିତକୁ ସୁନ୍ଦର ଓ ଅନୁପମ କରିବାର ଶକ୍ତି ସାହିତ୍ୟର ରହିଛି । ସମାଜ ଓ ସମୟକୁ ପ୍ରଭାବିତ କରି ସାହିତ୍ୟ ଏକ ନୂତନ ଜଗତ ସୃଷ୍ଟି କରିପାରେ । ଚିତ୍ତବିନୋଦନ ସହିତ ଚତୁର୍ବର୍ଗ ଫଳ ପ୍ରଦାନ କେବଳ ସାହିତ୍ୟ କ୍ଷେତ୍ରରେ ହିଁ ସମ୍ଭବ । ନୈତିକ ମୂଲ୍ୟବୋଧର ଜାଗ୍ରତ କରି ଏହା ସମାଜକୁ କରେ ସୁସ୍ଥ ଓ ସୁନ୍ଦର । ଭ୍ରାତୃତ୍ୱ ଏବଂ ପ୍ରେମର ବାଣୀ ପ୍ରଚାର କରି ସମାଜସୃଷ୍ଟ ମଣିଷଙ୍କ ମଧ୍ୟରେ ସଂଯୋଗର ସେତୁ ସ୍ଥାପନ କରେ ।

**ସମାଜ ଜୀବନ ସହିତ ସମ୍ପର୍କ:** ସମାଜ ସହିତ ସାହିତ୍ୟର ରହିଛି ନିଗୂଢ଼ ସମ୍ପର୍କ । କାରଣ ସାହିତ୍ୟ ହେଉଛି ସମାଜର ମୁକୁର । ଧର୍ମ ପ୍ରଚାରକ ଓ ସଂସ୍କାରକ ସାହିତ୍ୟ ମାଧ୍ୟମରେ ସମାଜକୁ ସଙ୍ଗଠିତ କରିବାର ଉଦ୍ୟମ କରିଛନ୍ତି । ସାହିତ୍ୟ ଠିକ୍ ଅର୍ଥରେ ଇତିହାସ ନ ହେଲେହେଁ ଏହାଦ୍ୱାରା ସାମାଜିକ ଉତ୍ଥାନ ପତନର ଧାରାଟି ସ୍ପଷ୍ଟ ହୋଇଥାଏ । ପ୍ରାଚୀନ ସାହିତ୍ୟରୁ ମଣିଷ ତତ୍କାଳୀନ ମାନବସମାଜର ଜୀବନଧାରା ସମ୍ପର୍କରେ ଅବଗତ ହୋଇଥାଏ । ଅତୀତ ଜୀବନଚିତ୍ର ସାହିତ୍ୟ ଦ୍ୱାରା ଉପଲବ୍ଧ ହେଉଥିବାରୁ ସାମାଜିକ ପରିବର୍ତ୍ତନଧାରା ଏଥିରୁ ସ୍ପଷ୍ଟ ହୋଇପଡ଼େ । ସମାଜରେ ଚଳପ୍ରଚଳ କରିବାକୁ ହେଲେ ଯେଉଁ ପ୍ରକାର ନୀତି-ନିୟମର ବଶବର୍ତ୍ତୀ ହେବାକୁ ହୋଇଥାଏ, ସେ ସମ୍ପର୍କରେ ସାହିତ୍ୟ ଶିକ୍ଷାଦାନ କରିଥାଏ । ସାମାଜିକ ଆଚାର ବିଚାର, ଚାଲିଚଳଣି ଆମେ ସାହିତ୍ୟରୁ ଲାଭ କରିଥାଉ । ରାମାୟଣ, ମହାଭାରତ, ପୁରାଣ ଆଦି ଭାରତୀୟ ସାମାଜିକ ବ୍ୟବସ୍ଥାକୁ ବହୁକାଳ ଧରି ନିୟନ୍ତ୍ରଣ କରିଆସିଛି ।ସମାଜର ପରିବର୍ତ୍ତନ ଧାରାଟି ମଧ୍ୟ ସାହିତ୍ୟର କଳେବର ମଣ୍ଡନ କରୁଥିବାରୁ ସାମାଜିକ ଇତିହାସର ଚଳନ୍ତି ଧାରା ଯେ ସାହିତ୍ୟ, ଅସ୍ୱୀକାର କରାଯାଇ ନପାରେ । ସାମାଜିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କ୍ଷେତ୍ରରେ ଏହାର ଅବଦାନର ତୁଳନା ନାହିଁ । ଦୂର ଅତୀତ ସାହିତ୍ୟ ଦ୍ୱାରା ନିକଟତର ହୋଇଥାଏ । ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବା କ୍ଷେତ୍ରରେ ସାହିତ୍ୟ ଯଥାର୍ଥ ଦିଗ୍‌ଦର୍ଶନ ଦେଇଥାଏ । ଏହି ଦୃଷ୍ଟିରୁ ସାହିତ୍ୟର ଉପାଦେୟତା ଅତୁଳନୀୟ ।

**ବ୍ୟକ୍ତି ଜୀବନ ଉପରେ ଏହାର ପ୍ରଭାବ:** ବହୁ କ୍ଷେତ୍ରରେ ବ୍ୟକ୍ତି ଜୀବନକୁ ନିୟନ୍ତ୍ରିତ କରିବା କ୍ଷେତ୍ରରେ ସାହିତ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ । ନୈତିକ ଜୀବନଯାପନ ପାଇଁ ଏହା ପ୍ରେରଣା



ଟିପ୍ପଣୀ

ଦିଏ । ବ୍ୟକ୍ତି ଚରିତ୍ରକୁ ଶୃଙ୍ଖଳିତ ଏବଂ ଗଠନ କରିବା କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ସୁ'ଏବଂ 'କୁ' ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଦିଷ୍ଟ କରି 'ସୁ' କୁ ଗ୍ରହଣ କରିବା ପାଇଁ ଏହା ମଣିଷକୁ ଉପଦେଶ ପ୍ରଦାନ କରିଥାଏ । କାନ୍ତାପରି ଉପଦେଶ ଦେଇ ଚିତ୍ତକୁ ଉଲ୍ଲସିତ କରେ । ରାମ ଏବଂ ରାବଣ ଚରିତ୍ର ମଧ୍ୟରେ ରହିଥିବା ଅସଙ୍ଗତିକୁ ଆମ ଆଗରେ ଟୋଳି ଧରେ । ଆଦର୍ଶ ଚରିତ୍ରମାନଙ୍କର ଜୀବନ ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରି ସେହିପରି ଜୀବନ ଗ୍ରହଣ କରିବାକୁ ଉପଦେଶ ଦିଏ । ପରସ୍ପରକୁ ସ୍ନେହ, ଶ୍ରଦ୍ଧା କରିବାକୁ ଶିକ୍ଷା ଦିଏ । ଅବସର ସମୟରେ ଚିତ୍ତବିନୋଦନର ଏକ ଶ୍ରେଷ୍ଠ ସାମଗ୍ରୀ ରୂପେ ପରିଣତ ହୋଇଥାଏ । ମଣିଷର ଜ୍ଞାନର ଦିଗନ୍ତକୁ ବିସ୍ତୃତ କରେ । ଏହା ଜ୍ଞାନର ଅନନ୍ତ ଭଣ୍ଡାର ହୋଇଥିବାରୁ ମଣିଷର ଚିତ୍ତ ବିସ୍ତୃତି ଘଟାଇଥାଏ । ବିଶ୍ୱରେ ଘଟିଯାଉଥିବା ବିଭିନ୍ନ ଘଟଣାବଳୀ ସମ୍ପର୍କରେ ସାହିତ୍ୟ ମାଧ୍ୟମରେ ଜ୍ଞାନଲାଭ ହୋଇଥାଏ । ମଣିଷ ପାଇଁ ସାହିତ୍ୟ ବନ୍ଧୁ, ଉପଦେଶକ ଓ ଦିଗ୍‌ଦର୍ଶକ ଭାବେ କାର୍ଯ୍ୟ କରିଥାଏ । ନିରୋଳା ମୁହୂର୍ତ୍ତରେ ସାହଚର୍ଯ୍ୟ ଯୋଗାଇ ଦେଇ ମଣିଷକୁ ବିରକ୍ତି ଭାବରୁ ରକ୍ଷା କରେ । ପୁରାଣ ଓ ଆଧ୍ୟାତ୍ମିକ ଶିକ୍ଷା ମାନବକୁ ସତ୍‌ଶିକ୍ଷା ପ୍ରଦାନ କରିଥାଏ । ମଣିଷ ଚରିତ୍ରକୁ ଶୃଙ୍ଖଳିତ ଓ ମାର୍ଜିତ କରେ । ତେଣୁ ବ୍ୟକ୍ତି ଚରିତ୍ର ଗଠନ କ୍ଷେତ୍ରରେ ସାହିତ୍ୟର ଭୂମିକା ଏହି ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ।

**ସାହିତ୍ୟ ପାଠର ଉପଯୋଗିତା:** ସାହିତ୍ୟ ପାଠର ଉପଯୋଗିତା ବହୁବିଧ । ଏହା କେବଳ ସାମାଜିକ ଜ୍ଞାନ ପ୍ରଦାନ କିମ୍ବା ଆନନ୍ଦ ବିତରଣ କରେ ନାହିଁ; ପରନ୍ତୁ ଜୀବନଯନ୍ତ୍ରଣାରେ ସତତ ସନ୍ତୁଳିତ ମଣିଷ ପ୍ରାଣରେ ବଞ୍ଚିବାର ପ୍ରଲୋଭନ ସୃଷ୍ଟି କରିଥାଏ । ଉନ୍ନତ ଜୀବନଯାପନ ପାଇଁ ସାହିତ୍ୟ ମଣିଷ ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ । ବିଭିନ୍ନ ଦେଶ, ଜାତି, ସଭ୍ୟତା ଓ ସଂସ୍କୃତି ସମ୍ବନ୍ଧରେ ସାହିତ୍ୟ ଦ୍ୱାରା ଜ୍ଞାନଲାଭ ହୋଇଥାଏ । ଅତୀତର ଘଟଣାବଳୀ ଓ ଚରିତ୍ରମାନଙ୍କର କାର୍ଯ୍ୟକଳାପକୁ ବିଶ୍ଳେଷଣ କରି ବର୍ତ୍ତମାନ ସମୟକୁ କିପରି ଶୁଭ୍ର ସୁନ୍ଦର କରାଯାଇପାରିବ, ସେ ସମ୍ପର୍କରେ ସାହିତ୍ୟ ଦିଗ୍‌ଦର୍ଶନ ଦେଇଥାଏ । ସାରଳାଦାସଙ୍କ ସୃଷ୍ଟିରୁ ଆମେ ଯେପରି ତତ୍କାଳୀନ ସମାଜର ଜୀବନଧାରଣ ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷାଲାଭ କରିଥାଉ, ଅନୁରୂପ ଭାବେ ପଞ୍ଚସଖାଙ୍କ ସାହିତ୍ୟରୁ ଷୋଡ଼ଶ ଶତାବ୍ଦୀ ଓଡ଼ିଶାର ଆଧ୍ୟାତ୍ମିକ ଭାବନା ସମ୍ବନ୍ଧରେ ଜ୍ଞାନଲାଭ କରିଥାଉ । ତେଣୁ ଆମର ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ ସାମାଜିକ ଜୀବନ ସମ୍ପର୍କରେ ସାହିତ୍ୟ ହିଁ ସୂଚନା ପ୍ରଦାନ କରିଥାଏ । ସେହିପରି ଆଦିବାସୀଙ୍କ ଜୀବନଧାରଣ ପଦ୍ଧତି ସମ୍ପର୍କରେ ଆମର କୌଣସି ଧାରଣା ନ ଥିଲେହେଁ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ଆମକୁ ସେମାନଙ୍କର ନିକଟତର କରାଇବାରେ ସାହାଯ୍ୟ କରିଥାଏ । ତେଣୁ ସମାଜର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟର ରେଖାକୁ ସାହିତ୍ୟ ସଙ୍କୁଚିତ କରିଥାଏ । ମଣିଷ ଅନ୍ଧାରୀ ମନର ବହୁ କଥା ଆଜି ସାହିତ୍ୟରେ ଉଦ୍‌ଘାଟିତ ହୋଇପାରିଛି । ମଣିଷର ଚରିତ୍ର ସମ୍ପର୍କରେ ସାହିତ୍ୟ ସମ୍ପ୍ରତି ଏକ ସ୍ୱଚ୍ଛ ଜ୍ଞାନ ପ୍ରଦାନ କରିବାକୁ ସମର୍ଥ ହୋଇପାରିଛି । ଏହାଦ୍ୱାରା ମାନବ ଚରିତ୍ର ମଧ୍ୟରେ ରହିଥିବା ଅସଙ୍ଗତିର ସୂତ୍ରଟି ଧରା ପଡ଼ିଯାଇଛି । ଅନୁଭୂତିକୁ ପ୍ରାଞ୍ଜଳ ଏବଂ ଭାବକୁ ଶୃଙ୍ଖଳିତ ରୂପେ ପ୍ରକାଶ କରିବା କ୍ଷେତ୍ରରେ ସାହିତ୍ୟ ହେଉଛି ଉପଯୁକ୍ତ ମାଧ୍ୟମ । ସମାଜର ଦୋଷଦୁର୍ବଳତାକୁ ଦୂର କରିବାକୁ ସାହିତ୍ୟ ବୈପ୍ଳବିକର ଭୂମିକା ଗ୍ରହଣ କରିପାରେ । ରୁଷର ଅକ୍ଟୋବର ବିପ୍ଳବ, ଫରାସୀରାଷ୍ଟ୍ର ବିପ୍ଳବ କ୍ଷେତ୍ରରେ ସାହିତ୍ୟର ସେହି ବୈପ୍ଳବିକ ଭୂମିକାର ତୁଳନା ନାହିଁ । ପୁଣି ସମାଜର କୁସଂସ୍କାର ଏବଂ ଅନ୍ଧବିଶ୍ୱାସକୁ ଏହା ଅକ୍ଳେଶରେ ପଦାରେ ପକାଇ ତା'ର ନିରାକରଣ ନିମିତ୍ତ ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ । ସଂସାରର ରୂଢ଼

ବାସ୍ତବତାଠାରୁ ମଣିଷକୁ ଦୂରେଇ ନେଇ ତା'ପ୍ରାଣରେ ବଞ୍ଚିବାର ଉନ୍ମାଦନା ସୃଷ୍ଟି କରିପାରେ ସାହିତ୍ୟ । ଜୀବନଯନ୍ତ୍ରଣାରୁ ସାମୟିକ ମୁକ୍ତି ଦେବା କ୍ଷେତ୍ରରେ ସାହିତ୍ୟ ବିଶ୍ୱସ୍ତ ବନ୍ଧୁଟିଏର ଭୂମିକା ମଧ୍ୟ ଗ୍ରହଣ କରିପାରେ ।

**ଜାତି ଗଠନରେ ସାହିତ୍ୟର ଭୂମିକା:** ଜାତିକୁ ସଙ୍ଗଠିତ କରିବା କ୍ଷେତ୍ରରେ ସାହିତ୍ୟର ଅପୂର୍ବ ଭୂମିକା ରହିଛି । ଆମେରିକାର ସ୍ୱାଧୀନତା ଆନ୍ଦୋଳନ ସମୟରେ, ରୁଷର କଠୋର ଶାସନ ବିରୋଧରେ, ଫରାସୀର ଷୋଡ଼ଶ ଲୁଇଙ୍କ ଅତ୍ୟାଚାର ବିରୋଧରେ ସାହିତ୍ୟ ଜାତିକୁ ସଙ୍ଗଠିତ କରି ଯେଉଁ ଅତୁଳନୀୟ ସାହସିକ ପଦକ୍ଷେପ ଗ୍ରହଣ କରିଛି, ଇତିହାସରେ ତା'ର ତୁଳନା ନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସାହିତ୍ୟ ଦେଶପ୍ରୀତି ମନ୍ତ୍ରରେ ଜାତିକୁ ସଙ୍ଗଠିତ କରି ଇଂରେଜ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେଇଥିଲା । ନିର୍ବୀର୍ଯ୍ୟ ଜାତି ପ୍ରାଣରେ କେବଳ ସାହିତ୍ୟର ଅଗ୍ନିବର୍ଷୀ ବାଣୀ ମୃତ୍ୟୁସଞ୍ଜୀବନୀ ପରି କାର୍ଯ୍ୟ କରିପାରେ । ଦେଶର ଶାସକମାନଙ୍କର ଅପାରଗତା ବିରୋଧରେ ସାହିତ୍ୟ ଦେଶବାସୀଙ୍କୁ ଜାଗ୍ରତ କରିଥାଏ । ଭୀରୁ ଓ ଦୁର୍ବଳ ପ୍ରାଣରେ କରିଦିଏ ଶତସିଂହର ବଳ । ଯାହା ଅସୀ ଦ୍ୱାରା ସମ୍ଭବ ନୁହେଁ, ତାହା ସାହିତ୍ୟର ମସି ଦ୍ୱାରା ସମ୍ଭବ ହୋଇଥାଏ ।

**ଉପସଂହାର:** ମଣିଷ ଜୀବନର ବିଭିନ୍ନ କ୍ଷେତ୍ରରେ ସାହିତ୍ୟ ପାଠର ବିଭିନ୍ନ ଉପାଦେୟତା ସ୍ୱୀକାର୍ଯ୍ୟ । ଏହା ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ମଣିଷକୁ ମଣିଷ ପରି ଦେଖିବାକୁ ପ୍ରେରଣା ଯୋଗାଇଥାଏ । ଜୀବନକୁ କରେ ଶୁଭ୍ର, ସୁନ୍ଦର । ସତ୍ୟ, ଶିବ ଏବଂ ସୁନ୍ଦରର ଜୟଗାନ କରି ବିପଥଗାମୀ ମଣିଷକୁ ସତ୍ ପଥରେ ପରିଚାଳିତ କରେ । ନିଷ୍ଠୁର ବାସ୍ତବତାରେ ମ୍ରିୟମାଣ ମଣିଷ ପ୍ରାଣରେ ସୃଷ୍ଟି କରେ ବଞ୍ଚିବାର ଉନ୍ମାଦନା । ହୃଦୟରେ ପ୍ରଶାନ୍ତିର ପ୍ରଲେପ ବୋଳିଥାଏ ସାହିତ୍ୟ । ଚିନ୍ତାକୁ ମହନୀୟ କରେ; ଭାବକୁ ଦିଏ ପ୍ରକାଶର ପୋଷାକ । କଳ୍ପନାର ରଙ୍ଗରେ ରଙ୍ଗାୟିତ କରେ ମଣିଷର ହୃଦୟ ଓ ପ୍ରାଣକୁ । ଉନ୍ନତ ଚିନ୍ତାଧାରାର ପ୍ରକାଶ ମାଧ୍ୟମ ହେଉଛି ସାହିତ୍ୟ । ସାହିତ୍ୟ ପାଠର ବହୁବିଧ ଉପଯୋଗିତା ଯୋଗୁଁ ତାହା ଆଜି ମଣିଷର ଏତେ ପ୍ରିୟ ହୋଇପାରିଛି ।

●●●

# ୮.୭ ମାତୃଭାଷାରେ ଶିକ୍ଷାଦାନ

**ଉପକ୍ରମ:**

ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ପଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

(ଗଙ୍ଗାଧର ମେହେର)

ଶିଶୁଟିର ବଞ୍ଚିରହିବା ପାଇଁ ମାତା କ୍ଷୀରର ଯେପରି ଆବଶ୍ୟକତା ରହିଛି, ଭାବପ୍ରକାଶ ପାଇଁ ମାତୃଭାଷାର ମଧ୍ୟ ଅନୁରୂପ ଆବଶ୍ୟକତା ରହିଛି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାତୃଭାଷା ମାନବର ସହଚର । ସଭ୍ୟତାର ପ୍ରାକ୍ କାଳରେ ମଣିଷର ଭାଷା କ'ଣ ଥିଲା, ତାହା ଏବେବି ଏକ ବିବଦମାନ ବିଷୟ । ସଭ୍ୟତାର ଆଲୋକ ଦେଖିବା ପରେ ସେ ଚତୁର୍ଦ୍ଦିଗରେ ଯାହା ଶୁଣିବାକୁ ପାଇଲା, ତାହାହିଁ ତା'ର ହେଲା ନିଜର ଭାଷା ।ଶିଶୁ ପ୍ରଥମ ଆଖି ମେଲାଇ ଦେଖିଲା ତା'ର ଜନ୍ମଦାତ୍ରୀ ମା'କୁ । ପ୍ରଥମ କଥା କହିବାକୁ ଶିଖିବା ସମୟରେ ପ୍ରଥମ ପରିଚୟ ପାଇଲା ମାତୃଭାଷାର । ତା'ର ଶରୀରର ପୃଷ୍ଟି ପାଇଁ ମାତାକ୍ଷୀରର ଅତ୍ୟାବଶ୍ୟକ ଉପାଦାନ ପରି ଭାବର ପରିପୃଷ୍ଟ ପାଇଁ ମାତୃଭାଷାର ଆବଶ୍ୟକ ଅନୁଭୂତ ହେଲା । ଭାବପ୍ରକାଶର ମାଧ୍ୟମ ଭାଷା ଓ ସେହି ଭାଷା ହିଁ ତା'ର ମାତୃଭାଷା । ମାଟି, ପାଣି, ପବନ ପରି ମାତୃଭାଷା ମଧ୍ୟ ଅତି ନିବିଡ଼ । ମଣିଷ ମାତୃଭାଷା ମାଧ୍ୟମରେ ନିଜକୁ ଯେପରି ପ୍ରକାଶ କରିପାରେ, ଅନ୍ୟ ଭାଷା ମାଧ୍ୟମରେ ସେହିପରି ପ୍ରକାଶ କରିବା ଦୁଃସାଧ୍ୟବ୍ୟାପାର । ଜୀବନର ଉଷାକାଳରୁ ମଣିଷର ନିବିଡ଼ ପରିଚୟ ଏଥିସହିତ । ସେଥିପାଇଁ ମାତୃଭାଷା ମାଧ୍ୟମରେ ଶିକ୍ଷାପ୍ରଦାନ ପାଇଁ ଗୁରୁତ୍ୱ ଆରୋପ କରାଯାଉଛି । ଭାବକୁ ସରଳ ଏବଂ ଭାଷାକୁ ସହଜ ଭାବରେ ପ୍ରକାଶ କରିବା କ୍ଷେତ୍ରରେ ମାତୃଭାଷା ସହିତ ଅନ୍ୟ କୌଣସି ଭାଷାକୁ ତୁଳନା କରାଯାଇ ନପାରେ ।

**ଶିକ୍ଷାକ୍ଷେତ୍ରରେ ମାତୃଭାଷାର ଗୁରୁତ୍ୱ:** ଶିଶୁଟିର ଜ୍ଞାନ ଉଦୟ ହେବା ପରଠାରୁ ମାତୃଭାଷା ସହିତ ପରିଚୟ ଲାଭ କରିଥାଏ । ମଣିଷର ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ଏହାର ଥାଏ ଅନ୍ତରଙ୍ଗ ପରିଚୟ । ପ୍ରତ୍ୟେକ ଭାବର ଅନ୍ତରଙ୍ଗ ପରିପ୍ରକାଶ ମାତୃଭାଷା ମାଧ୍ୟମରେ ହିଁ ସାଧିତ ହୋଇଥାଏ । ପ୍ରଥମେ ମଣିଷ ଯାହା ଚିନ୍ତାକରେ ତା'ର ମାଧ୍ୟମ ମାତୃଭାଷା । ମାନସିକ ବିକାଶ କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ । ଶିକ୍ଷାର ଉଦ୍ଦେଶ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କରେ ପରିପୂର୍ଣ୍ଣ ଧାରଣା । ଏହି ଧାରଣା ସୃଷ୍ଟି ହୋଇଥାଏ ମାନସିକ ସ୍ତରରେ ଓ ଅବରୋଧ କଥା ପ୍ରକାଶ ଲାଭ କରେମାତୃଭାଷାରେ । ଅନ୍ତର୍ନିହିତ ଭାବର ସ୍ୱଚ୍ଛନ୍ଦ ପରିପ୍ରକାଶ କେବଳ ମାତୃଭାଷା ଦ୍ୱାରା ସମ୍ଭବ । ପ୍ରଥମେ ଏହି ଭାଷା ମାଧ୍ୟମରେ ଭାବ ସ୍ଥୁଳରୂପ ଗ୍ରହଣ କରିବା ପରେ କୃତ୍ରିମ ଢ଼ଙ୍ଗରେ ଅନ୍ୟ ଭାଷାରେ ପ୍ରକାଶ କରାଯାଇଥାଏ । ଶିଶୁ ଜନ୍ମଠାରୁ ଯେଉଁ ଭାଷା ପରିବାର ଏବଂ ପରିବେଶରୁ ଲାଭ କରିଥାଏ, ତାହାରି ମାଧ୍ୟମରେ ଶିକ୍ଷା ଲାଭ କଲେ ସହଜରେ ତା'ର ବୋଧଗମ୍ୟ ହୋଇଥାଏ । ଏହା ପ୍ରାକୃତିକ ଓ ଆବରଣହୀନ । ଭାବ ସମ୍ପ୍ରସାରଣ ଓ ଅବବୋଧ ଉଭୟ କ୍ଷେତ୍ରରେ ଏହାର ଉପାଦେୟତା ସ୍ୱୀକାର୍ଯ୍ୟ । ଅନ୍ୟ ଭାଷା ଶିକ୍ଷା କରି ତା'ମାଧ୍ୟମରେ ଭାବପ୍ରକାଶ କଲେ ଭାବର ସ୍ୱଚ୍ଛନ୍ଦ ବିଚରଣ ସାଧିତ

ହୋଇପାରେ ନାହିଁ । ଶିକ୍ଷାର ମୌଳିକ ଉଦ୍ଦେଶ୍ୟ କେବଳ ମାତୃଭାଷା ଦ୍ୱାରା ହିଁ ସଫଳତା ଲାଭ କରେ । ଏହି କାରଣରୁ ମାତୃଭାଷା ଦ୍ୱାରା ଶିକ୍ଷାଦାନର ଉପାଦେୟତା ବହୁକାଳରୁ ସ୍ୱୀକୃତ ।

**ପ୍ରାଚୀନ ଭାରତରେ ଶିକ୍ଷାଦାନର ମାଧ୍ୟମ:** ଭାରତ ଏପରି ଏକ ଦେଶ, ଯେଉଁଠାରେ ବହୁ ଧର୍ମ, ସମ୍ପ୍ରଦାୟ, ବର୍ଣ୍ଣ ଏବଂ ଭାଷାର ଲୋକ ବସବାସ କରନ୍ତି । ଭୌଗୋଳିକ ପରିବେଶ ଏବଂ ଆଚାରପଦ୍ଧତି ମଧ୍ୟ ଭିନ୍ନ ଭିନ୍ନ ।ସେଥିପାଇଁ ସମଗ୍ର ଭାରତବର୍ଷରେ ଗୋଟିଏ ଭାଷାରେ ବାକ୍ୟାଳାପ କରିବା ସମ୍ଭବପର ନୁହେଁ । ଭାରତରେ ପ୍ରାୟ ୧୮ଟି ଭାଷା ମୁଖ୍ୟ ଭାଷା ରୂପେ ବ୍ୟବହୃତ ହେଉଥିବା ସମୟରେ ୧୬୫୬ଟି କଥିତ ଭାଷା ରହିଛି । ଏହି କାରଣରୁ କୌଣସି ଗୋଟିଏ ଭାଷାକୁ ସମଗ୍ର ଭାରତର ଭାଷା ବୋଲି ଦାବି କରିବା କଷ୍ଟକର ବ୍ୟାପାର । ଭାରତ ସରକାର ସମ୍ବିଧାନରେ ହିନ୍ଦୀଭାଷାକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ କରିଥିଲେହେଁ, ଏହା ସର୍ବସମ୍ମତ ଭାଷା ରୂପେ ସ୍ୱୀକୃତି ଲାଭ କରିପାରି ନାହିଁ । ହିନ୍ଦୀ ଭାଷାକୁ ନେଇ ଉତ୍ତରଭାରତ ଓ ଦକ୍ଷିଣଭାରତରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଅତୀତ ଭାରତରେ ଭାଷାକୁ ନେଇ କେବେ କଳହ ସୃଷ୍ଟି ହୋଇନଥିଲା । ଦେବଭାଷା ସଂସ୍କୃତ ଥିଲା ରାଷ୍ଟ୍ରଭାଷା । ସେହି ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯାଉଥିଲା । ଆଞ୍ଚଳିକ ଭାଷାର ଗୁରୁତ୍ୱ ଆଦୌ ନଥିଲା । ଦରବାର ତଥା ସାହିତ୍ୟାନୁଷ୍ଠାନମାନଙ୍କରେ ସଂସ୍କୃତରେ ଶାସ୍ତ୍ର ଚର୍ଚ୍ଚା ଚାଲିଥିଲା ।ଭାରତରେ ହିନ୍ଦୁ ରାଜତ୍ୱ ଥିବା ପର୍ଯ୍ୟନ୍ତ ସଂସ୍କୃତ ହିଁ ଥିଲା ରାଷ୍ଟ୍ରଭାଷା, ସାହିତ୍ୟିକ ଭାଷାର ମାଧ୍ୟମ । ଦ୍ୱିତୀୟ ତିରୋରୀ ଯୁଦ୍ଧରେ ପୃଥ୍ୱୀରାଜ ଚୌହାନଙ୍କର ନିଧନ ପରେ ହିନ୍ଦୁ ରାଜତ୍ୱର ଅବସାନ ଘଟିଲା । ଭାଷାକୁ ନେଇ ସୃଷ୍ଟି ହେଲା ସଙ୍କଟ । ମୋଗଲ ଏବଂ ମୁସଲମାନମାନଙ୍କ ରାଜତ୍ୱରେ ପାର୍ଶୀ ବା ଉର୍ଦ୍ଦୁ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇଲା । ସରକାରୀ ତଥା ଶିକ୍ଷାକ୍ଷେତ୍ରରେ ଏହାକୁ ରାଜଭାଷା ତଥା ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରାଗଲା । ମୁସଲମାନ ଶାସନର ଅବସାନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଭାରତରେ ଚାଲୁ ରହିଥିଲା । ମୁସଲମାନ ଶାସକମାନଙ୍କ ହାତରୁ ଭାରତର ଶାସନ କ୍ଷମତା ଇଂରେଜମାନେ ଗ୍ରହଣ କରିବା ପରେ ନିଜ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଗୁରୁତ୍ୱ ପ୍ରଦାନ କଲେ । ରକ୍ଷଣଶୀଳ ଭାରତୀୟ ପ୍ରଥମେ ଇଂରାଜୀ ଭାଷାକୁ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରିଥିଲେହେଁ, ପଦମର୍ଯ୍ୟାଦା, ସାମାଜିକ ସମ୍ମାନ ତଥା ଚାକିରିର ଲୋଭନୀୟ ଆକର୍ଷଣ ଯୋଗୁଁ ଭାରତରେ ଇଂରାଜୀ ଭାଷାର ଚେର ଗଭୀରତର ହେବାକୁ ଲାଗିଲା ।ଇଂରାଜୀ ସରକାରୀ ଭାଷା ରୂପେ ସ୍ୱୀକୃତି ଲାଭ କଲା । ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଇଂରାଜୀ ହେଲା ଶିକ୍ଷାର ମାଧ୍ୟମ । ଇଂରାଜୀ ଭାଷାର ପ୍ରସାର ଓ ପ୍ରାଧାନ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଆଞ୍ଚଳିକ ଭାଷା ଗୌଣ ହୋଇଗଲା । ମୁଷ୍ଟିମେୟ ବ୍ୟକ୍ତି ଏହି ଭାଷାର ଅଧିକାରୀ ହୋଇଥିଲେହେଁ ରାଜଭାଷା ଯୋଗୁଁ ଏହାର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ପୁନରାୟ ଇଂରାଜୀ ଏକ ଆନ୍ତର୍ଜାତୀୟ ଭାଷାର ମର୍ଯ୍ୟାଦା ଲାଭ କରିଥିବାରୁ ଏହି ଭାଷାରେ ଶିକ୍ଷିତ ଯୁବକ ବିଭିନ୍ନ ଲୋଭନୀୟ ପଦ ପଦବୀରେ ଅଧିଷ୍ଠିତ ହୋଇପାରୁଥିଲେ । ଇଂରାଜୀ ଭାଷା ଶିକ୍ଷିତ ବ୍ୟକ୍ତିମାନଙ୍କର ସମାଜରେ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିଲା । ଭାରତୀୟମାନେ ଏହି ଭାଷା ମୋହରେ ନିଜର ଭାଷା, ସଂସ୍କୃତି ତଥା ଐତିହ୍ୟକୁ ବିସ୍ମୃତ ହେଲେ । ଇଂରାଜୀ ଭାଷା ଦ୍ୱାରା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ବୌଦ୍ଧିକ ବିକାଶ ହୋଇପାରି ନାହିଁ । ଏହା କେବଳ ପରମୁଖାପେକ୍ଷୀ ହେବାକୁ ଆମକୁ ବାଧ୍ୟ କରିଛି । ଭାରତ ସ୍ୱାଧୀନତା ଲାଭ କରିବା ପରେ ସମ୍ବିଧାନରେ ପନ୍ଦରଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ହିନ୍ଦୀକୁ ଜାତୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଛି । ତଥାପି ଇଂରାଜୀ ଏକ ସହଯୋଗକାରୀ



ଟିପ୍ପଣୀ

ଭାଷାରୂପେ ବ୍ୟବହୃତ ହେବାର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ପ୍ରତ୍ୟେକ ରାଜ୍ୟ ନିଜର ଆଞ୍ଚଳିକ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ଗ୍ରହଣ କରିବାର ବ୍ୟବସ୍ଥା ରହିଛି ।

**ଇଂରାଜୀ ଶିକ୍ଷାର ପ୍ରାଧାନ୍ୟ ଓ ଶିକ୍ଷାଦାନ ମାଧ୍ୟମ:** ଇଂରେଜମାନଙ୍କର ଭାରତ ଅଧିକାର, ଭାରତର ଇତିହାସକୁ ଏକ ନୂତନ ମୋଡ଼ ପ୍ରଦାନ କରିଥିଲା । ଶାସିତ ଉପରେ ପ୍ରାଧାନ୍ୟ ବିସ୍ତାର ପ୍ରତ୍ୟେକ ଶାସକର ଲକ୍ଷ୍ୟ । ଏହି ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ସେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଥାଏ । ଭାରତରେ ଇଂରାଜୀ ଭାଷାର ପ୍ରସାର ମାଧ୍ୟମରେ ଇଂରେଜ ଜାତି ନିଜ ଶାସନର ମୂଳଦୁଆକୁ ମଜଭୁତ କରିବାକୁ ଚାହିଁଥିଲେ । ଏ କ୍ଷେତ୍ରରେ କେତେଜଣ ଦେଶୀୟ ବ୍ୟକ୍ତିଙ୍କ ସହଯୋଗ ସେମାନଙ୍କୁ ଅଧିକ ଉତ୍ସାହିତ କରିଥିଲା । ଇଂରାଜୀ ଶିକ୍ଷାର ଯଥାର୍ଥ ବିକାଶ ହୋଇପାରୁନଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ରାଜା ରାମମୋହନ ରାୟ ବଡ଼ଲାଟ ଲର୍ଡ଼ ଆମହର୍ଷ୍ଟଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ରାମମୋହନଙ୍କ ପତ୍ର ମାଇକେଲ୍‌ଙ୍କ ଶିକ୍ଷା ପ୍ରସ୍ତାବର ମୂଳସୂତ୍ର । ଲର୍ଡ଼ ମାକଲେଙ୍କ ଶିକ୍ଷା ସମ୍ପର୍କୀୟ ପ୍ରସ୍ତାବ ୨.୨.୧୮୩୫ରେ ପ୍ରକାଶିତ ହେଲା । ସେହି ପ୍ରସ୍ତାବରେ ଉଲ୍ଲେଖ ଥିଲା, ଦେଶର ଇଂରେଜ ଶାସକ ଏବଂ ଶାସିତଙ୍କ ମଧ୍ୟରେ ଏପରି ଏକ ଶ୍ରେଣୀ ସୃଷ୍ଟି ହେବ, ଯେଉଁମାନେ ରକ୍ତ ଏବଂ ବର୍ଣ୍ଣରେ ଭାରତୀୟ ହେଲେହେଁ, ରୁଚି, ନୀତି, ମତ ଏବଂ ବୁଦ୍ଧିରେ ହେବେ ଇଂରେଜ । ୧୮୪୨ ମସିହାରେ Council of Education ଗଠିତ ହେଲା । ୧୮୪୪ ମସିହାରେ ଲର୍ଡ଼ ହାର୍ଡ଼ିଞ୍ଜ ଇଂରାଜୀ ଭାଷାରେ ଶିକ୍ଷିତ ଯୁବକମାନଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦେବାକୁ ଘୋଷଣା କରିବାରୁ ଏହି ଶିକ୍ଷା ପ୍ରତି ଭାରତୀୟମାନଙ୍କର ବିଶେଷ ଆଗ୍ରହ ସୃଷ୍ଟି ହେଲା । ୧୮୫୪ରେ ଚାର୍ଲସ୍ ଉଡ୍‌ଙ୍କ ଦ୍ୱାରା 'ଉଡ଼ସ ଡେସପାଚ' ପ୍ରସ୍ତୁତ ହୋଇଥିଲା । ଶିକ୍ଷା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏଥିରେ ରହିଥିବାରୁ ଏହାକୁ ଭାରତବର୍ଷୀୟ ଶିକ୍ଷା ସାନନ୍ଦ କୁହାଯାଇଥାଏ । ୧୮୫୭ ମସିହାରେ ମାନ୍ଦ୍ରାଜ, କଲିକତା ଓ ବମ୍ବେରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାରୁ ଇଂରାଜୀ ଉଚ୍ଚଶିକ୍ଷା ନିମିତ୍ତ ପଥ ପରିଷ୍କାର ହୋଇଯାଇଥିଲା । ଫଳରେ ବହୁସଂଖ୍ୟକ ଭାରତୀୟ ଇଂରାଜୀ ଶିକ୍ଷାପ୍ରତି ଆଗ୍ରହ ପ୍ରକାଶ କଲେ ଓ ଦେଶୀୟ ଭାଷାର ପ୍ରସାର ବାଧାପ୍ରାପ୍ତ ହୋଇଥିଲା । ଇଂରାଜୀ ଶିକ୍ଷାର ବିସ୍ତାର ଦ୍ୱାରା ଭାରତରେ ଏକ ମଧ୍ୟବିତ୍ତ ଇଂରାଜୀ ଗୋଷ୍ଠୀ ଆବିର୍ଭାବ ଲାଭ କଲେ । ଏହି ଶିକ୍ଷା ଦ୍ୱାରା ଦଳେ ବେତନଭୋଗୀ କର୍ମଚାରୀ ସୃଷ୍ଟି ହେଲେ, ଯେଉଁମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ପ୍ରତି ଏକ ନେତିବାଚକ ଦୃଷ୍ଟିଭଙ୍ଗୀ ପ୍ରକାଶ କଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ୍ୟ ଏପରି ମୋହରେ କୌଣସି ପରିବର୍ତ୍ତନ ହୋଇଛି ବୋଲି ମନେହୁଏ ନାହିଁ । ଇଂରାଜୀ ଶିକ୍ଷା ପ୍ରତି ଏକ ମୋହାସକ୍ତ ଆକର୍ଷଣ ଏହାର ମୂଳ କାରଣ ।

**ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାର ଗୁରୁତ୍ୱ:** ସ୍ୱାଧୀନତା ଲାଭ କରିବା ପରେ ଭାରତୀୟ ଶିକ୍ଷାନୀତି ସମ୍ବନ୍ଧରେ ବହୁ ଆଲୋଚନା ହୋଇଛି । ସ୍ୱାଧୀନ ଭାରତର ସମ୍ବିଧାନ ୧୫ ବର୍ଷ ମଧ୍ୟରେ ଇଂରାଜୀ ପରିବର୍ତ୍ତେ ହିନ୍ଦୀକୁ ମୁଖ୍ୟ ଭାଷା ରୂପେ ଗ୍ରହଣ କରିବାକୁ ମତ ଦେଇଥିଲା । ରାଧାକ୍ରିଷ୍ଣନ କମିଶନ (୧୯୪୮-୪୯) ମାଧ୍ୟମିକ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ତିନୋଟି ଭାଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିରେ ମାତୃଭାଷା ପ୍ରତି ବିଶେଷ ମହତ୍ତ୍ୱ ପ୍ରଦାନ କରାଯାଇଥିଲା । ମୁଦାଲିୟର କମିଶନ (୧୯୫୩) ହିନ୍ଦୀକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦିଆଯିବା ବିଷୟ କହିବା ସଙ୍ଗେ ସଙ୍ଗେ ଇଂରାଜୀ ଭାଷାର ଗୁରୁତ୍ୱକୁ ଅସ୍ୱୀକାର କରିଥିଲେ । କୋଠାରୀ କମିଶନ(୧୯୬୪-୬୬) ତିନୋଟି ଭାଷାର ଗୁରୁତ୍ୱ

ସମ୍ପର୍କରେ ସୁପାରିସ କରିଥିଲେ । ପ୍ରଥମତଃ ମାତୃଭାଷା ଦ୍ୱିତୀୟରେ ରାଷ୍ଟ୍ରଭାଷା ବା ହିନ୍ଦୀ ଏବଂ ଯେକୌଣସି ଗୋଟିଏ ଭାରତୀୟ ବା ପାଶ୍ଚାତ୍ୟ ଭାଷା । କମିଶନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କୀୟ ପୁସ୍ତକ ଆଞ୍ଚଳିକ ଭାଷାରେ ରଚିତ ହେବା ଆବଶ୍ୟକ ବୋଲି ସୁପାରିସ କରିଥିଲେ । ସର୍ବଭାରତୀୟ ସ୍ତରରେ ଇଂରାଜୀ ଭାଷା ଶିକ୍ଷାର ମାଧ୍ୟମ ହେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ହିନ୍ଦୀ ଭାଷାକୁ ସବୁ ସ୍ତରରେ ପଠନ କରାଯିବା ଆବଶ୍ୟକ ବୋଲି କୁହାଯାଇଥିଲେ ହେଁ କାହା ଉପରେ ଏହି ଭାଷାକୁ ଜବରଦସ୍ତ ଲଦି ଦିଆଯାଇ ପାରିବ ନାହିଁ ବୋଲି ସୁପାରିସରେ କୁହାଯାଇଥିଲା । ଇଂରାଜୀ ଭାଷା ପ୍ରତି ଅକାରଣ ମୋହଯୋଗୁ ମାତୃଭାଷା ତା'ର ଗୁରୁତ୍ୱ ହରାଉଥିବାରୁ ମହାତ୍ମାଗାନ୍ଧି ଉଦ୍‌ବେଗ ପ୍ରକାଶ କରିଥିଲେ । ଯେକୌଣସି କଠିନ ବିଷୟକୁ ମାତୃଭାଷା ଦ୍ୱାରା ଯେପରି ଅବବୋଧ କରାଯାଇପାରେ, ଅନ୍ୟ କୌଣସି ଭାଷା ଦ୍ୱାରା ତାହା ସମ୍ଭବ ନୁହେଁ । ସେଥିପାଇଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରାଯିବା ପାଇଁ ବିଭିନ୍ନ ସ୍ତରରେ ମତପ୍ରକାଶ ପାଇଥିଲା । ଜୀବରାମ ମେହେଟ୍ଟା ଏବଂ ଡଃ ସତ୍ୟେନ୍ ବୋଷ ଡାକ୍ତରବିଦ୍ୟା ଏବଂ ବିଜ୍ଞାନ ସମ୍ବନ୍ଧୀୟ ପାଠକୁ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯାଇ ପାରିବ ବୋଲି ମତ ପ୍ରଦାନ କରିଥିଲେ । ଅବଶ୍ୟ ମାତୃଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥାକୁ ବହୁକ୍ଷେତ୍ରରେ ବାଧା ଦେଇଛି । ମାତ୍ର ମାତୃଭାଷା ଦ୍ୱାରା ଯେକୌଣସି ବିଷୟ ଯେତେ ଶୀଘ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ, ବିଦେଶୀ ଇଂରାଜୀ ଭାଷାଦ୍ୱାରା ତାହା ସେପରି ଗ୍ରହଣୀୟ ହୋଇପାରି ନଥାଏ । ଭାରତୀୟଙ୍କ ଦ୍ୱାରା ଇଂରାଜୀ ଭାଷାକୁ ଶୀଘ୍ର ଆୟତ୍ତ କରିବା କଷ୍ଟକର ବ୍ୟାପାର । ଏବେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଧୀରେ ଧୀରେ ଲୋକପ୍ରିୟ ହେଉଛି । ବିଜ୍ଞାନ, ବାଣିଜ୍ୟ, କଳା ଆଦିର ବହୁ ପାଠ୍ୟପୁସ୍ତକ ମାତୃଭାଷାରେ ପ୍ରକାଶ ଲାଭ କରିସାରିଲାଣି । ଭାବ ଆହରଣ କ୍ଷେତ୍ରରେ ମାତୃଭାଷା ଉପଯୁକ୍ତ ମାଧ୍ୟମ । ଇଂରାଜୀ ଭାଷା ଶିକ୍ଷାଦାନ ଭାରତ ମାଟିରେ ଭାରତୀୟଙ୍କୁ ବିଦେଶୀ କରିଦେଇଛି । ସେମାନଙ୍କର ବୌଦ୍ଧିକ ବିକାଶ ସାଧିତ ହୋଇପାରୁ ନାହିଁ କିମ୍ବା ସେମାନଙ୍କ ମଧ୍ୟରେ ମୌଳିକ ଚିନ୍ତାଧାରା ସୃଷ୍ଟିଲାଭ କରିପାରୁ ନାହିଁ । ତେଣୁ ୧୯୬୮ ମସିହାରେ ପାର୍ଲାମେଣ୍ଟରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରସ୍ତାବଟି ଗୃହୀତ ହେବାପରେ ମାତୃଭାଷା ପ୍ରତି ଧୀରେ ଧୀରେ ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି ।

**ଆଞ୍ଚଳିକ ଭାଷା ସମ୍ବନ୍ଧରେ ଅନୁକୂଳ ଓ ପ୍ରତିକୂଳ ମତ:** ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷାଦାନ ପଦ୍ଧତିକୁ ଯେଉଁମାନେ ବିରୋଧ କରନ୍ତି, ସେମାନଙ୍କର ମତ ହେଉଛି, ଏହାଦ୍ୱାରା ଆଞ୍ଚଳିକ ଗୁରୁତ୍ୱ ବୃଦ୍ଧିପାଇବ । ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ଦେଖାଦେବ । ଭାରତର ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଭାଷା ଭିନ୍ନ ହୋଇଥିବାରୁ ଜାତୀୟ ସଂହତି ସୁରକ୍ଷିତ ହୋଇପାରିବ ନାହିଁ । ଇଂରାଜୀ ଭାଷା ଶିକ୍ଷାର ମାଧ୍ୟମ ହେଲେ ସର୍ବଭାରତୀୟ ସ୍ତରରେ ଏକ ପ୍ରକାର ଶିକ୍ଷାନୀତି ପ୍ରଚଳିତ ହୋଇପାରିବ ଏବଂ ଶିକ୍ଷାଗତ ସଂହତି ସ୍ଥାପିତ ହୋଇପାରିବ । ଆଞ୍ଚଳିକ ଭାଷା ଅଞ୍ଚଳ ଅଞ୍ଚଳ ମଧ୍ୟରେ ସଂହତି ସୃଷ୍ଟି କରିପାରିବ ନାହିଁ । ଗୋଟିଏ ଅଞ୍ଚଳର ବ୍ୟକ୍ତିବିଶେଷ ଅନ୍ୟ ଅଞ୍ଚଳରେ ବିଦେଶୀ ହୋଇ ରହିଯିବେ ଏବଂ ଗୋଟିଏ ଦେଶର ଅଧିବାସୀ ହୋଇ ମଧ୍ୟ ଭାଷାକୁ ନେଇ ମତାନ୍ତର ଏବଂ ମନାନ୍ତର ସୃଷ୍ଟି ହେବାର ଅବକାଶ ରହିଛି । ଇଂରାଜୀ ଏକ ଆନ୍ତର୍ଜାତୀୟ ଭାଷା ହୋଇଥିବାରୁ ଏହାର ପରିସର ବ୍ୟାପକ । ଏହି ଭାଷାରେ ବିଶ୍ୱର ସମସ୍ତ ଉତ୍କୃଷ୍ଟ ପାଠ୍ୟପୁସ୍ତକ ରଚିତ । ଆଞ୍ଚଳିକ ଭାଷା ଦ୍ୱାରା ଶିକ୍ଷାଲାଭ କଲେ ଜଣେ ଭାରତୀୟ ଜ୍ଞାନବିଜ୍ଞାନ ଅଧ୍ୟୟନ ନିମିତ୍ତ ବିଦେଶକୁ ଯାଇପାରିବ

ନାହିଁ । ପୁଣି କେତେକ ଶବ୍ଦ ରହିଛି ଯାହାକୁ ଆଞ୍ଚଳିକ ଭାଷାରେ ପ୍ରକାଶ କରାଯାଇ ନପାରେ । ଏ କ୍ଷେତ୍ରରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ । ଗୋଟିଏ ପ୍ରଦେଶରେ ଅନ୍ୟ ଭାଷାଭାଷୀ ବ୍ୟକ୍ତି ବାସ କରୁଥିଲେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ସେମାନଙ୍କୁ ଅସୁବିଧାରେ ପକାଇବ । ସେଥିପାଇଁ ସର୍ବଭାରତୀୟ ସ୍ତରରେ ଗୋଟିଏ ଭାଷା ବା ଇଂରାଜୀ ଶିକ୍ଷାଦାନର ମାଧ୍ୟମ ହେବା ଉଚିତ ବୋଲି ଇଂରାଜୀ ସପକ୍ଷବାଦୀଙ୍କ ମତ । ଜାତୀୟବାଦୀଙ୍କ ମତରେ ଗୋଟିଏ ସ୍ୱାଧୀନ ଦେଶରେ ସ୍ୱାଧୀନ ଭାଷା ରହିବା ଆବଶ୍ୟକ । ଏହା ମଣିଷ ମନରେ ଜାତୀୟ ଉଦ୍ରେକ କରେ ଓ ପାଠ୍ୟଦାନ ପଦ୍ଧତିକୁ ସରଳ କରାଏ । ଗୋଟିଏ ବିଦେଶୀ ଭାଷା ଯୋଗୁଁ ମାତୃଭାଷା ଅବହେଳିତ ହେବା ଘୋର ଲଜ୍ଜାକର ବିଷୟ । ଦୁର୍ବୋଧ୍ୟତା ଦୂର ହୋଇ ଲୋକମାନଙ୍କୁ ଗୋଟିଏ ଭାଷାର ବନ୍ଧନ ମଧ୍ୟରେ କେବଳ ମାତୃଭାଷା ଆବଦ୍ଧ କରିପାରେ । ପ୍ରତିଭାର ବିକାଶରେ ଏହା ସହାୟକ ହୋଇଥାଏ । ତେଣୁ ଆଞ୍ଚଳିକ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ ପଦ୍ଧତି ସମ୍ପର୍କରେ ଏହିପରି ଅନୁଭୂତ ଓ ପ୍ରତିକୂଳ ମନ୍ତବ୍ୟ ପ୍ରକାଶ ପାଇଥାଏ ।

**ଉପସଂହାର:** ସେ ଯାହାହେଉନା କାହିଁକି ଆଞ୍ଚଳିକ ଭାଷାର ଗୁରୁତ୍ୱ ପ୍ରତି କ୍ଷେତ୍ରରେ ସ୍ୱୀକାର୍ଯ୍ୟ । ମାଧ୍ୟମିକ ସ୍ତରଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଆଜି ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରଚଳିତ ହୋଇଛି । ଏହା ପ୍ରତି ଆଗ୍ରହ ମଧ୍ୟ ବୃଦ୍ଧି ପାଉଛି । ସ୍ୱାଧୀନ ଦେଶର ସ୍ୱାଧୀନ ଭାଷା ସ୍ୱାଭିମାନର ବିଷୟ । ଇଂରେଜ ଜାତି ଚାଲିଯିବା ପରେ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର କୌଣସି ନାହିଁ । ଅବଶ୍ୟ ଭାରତରେ ଗୋଟିଏ ନିର୍ଦ୍ଦିଷ୍ଟ ଜାତୀୟ ଭାଷା ରହିବା ଉଚିତ । ଏହି ଭାଷା ମାଧ୍ୟମରେ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂହତି ସ୍ଥାପିତ ହୋଇପାରିବ, ଏହା ସତ୍ତ୍ୱେ କୌଣସି କ୍ଷେତ୍ରରେ ଆଞ୍ଚଳିକ ଭାଷାର ଗୁରୁତ୍ୱକୁ ଅବହେଳା କରାଯିବା ଅନୁଚିତ । ଗୋଟିଏ ସ୍ୱାଧୀନ ଦେଶର ନାଗରିକ ଭାବେ ନିଜର ଆଞ୍ଚଳିକ ଭାଷାର ମହତ୍ତ୍ୱ ବୃଦ୍ଧି କରିବା ଆମ୍ଭମାନଙ୍କର ଏକ ନୈତିକ କର୍ତ୍ତବ୍ୟ ।

●●●

# ୮.୩ ଭାରତୀୟ ପରୀକ୍ଷା ପଦ୍ଧତି

**ଉପକ୍ରମ:** ଜୀବନରେ ପରୀକ୍ଷା ଏକ ସ୍ୱାଭାବିକ ଧର୍ମ । ଜୀବନ ସଂଗ୍ରାମରେ ଜୟଲାଭ କରିବା ପାଇଁ ମଣିଷକୁ ବିଭିନ୍ନ କ୍ଷେତ୍ରରେ ବାରମ୍ବାର ପରୀକ୍ଷା ଦେବାକୁ ହୋଇଥାଏ । ମଣିଷର ଜନ୍ମ ରହସ୍ୟ ଉନ୍ମୋଚନ ସମୟରେ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ଠିକ୍ ଏହି କଥା ହିଁ କହିଥିଲା । ମଣିଷର ବଞ୍ଚିରହିବା ପାଇଁ ଆବଶ୍ୟକ ଜୀବନ ସଂଗ୍ରାମ । ଯିଏ ସଂଗ୍ରାମରେ ଜୟଲାଭ କରିପାରେ, ତା'ର କେବଳ ଏହି ପୃଥିବୀରେ ବଞ୍ଚି ରହିବାର ଅଧିକାର ଅଛି । ସେଥିପାଇଁ ଜୀବନ ଏକ ପରୀକ୍ଷା ସ୍ଥାନ । ପରୀକ୍ଷାରୁ ହିଁ ମଣିଷ ଜୀବନର ସଫଳତା ଓ ବିଫଳତା ଜଣାପଡ଼େ । ଛାତ୍ର ଜୀବନରେ ମଣିଷ ଜୀବନ ପରି ମଧ୍ୟ ପରୀକ୍ଷାର ଉପାଦେୟତା ରହିଛି । ଅଧ୍ୟୟନଠାରୁ ଚାକିରିରେ ନିଯୁକ୍ତି ପର୍ଯ୍ୟନ୍ତ ତାକୁ ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ମାତ୍ର ଏଠାରେ ଆମେ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରୀକ୍ଷା ପଦ୍ଧତି ସମ୍ପର୍କରେ ଆଲୋଚନା କରୁଛୁ । ଭାରତର ସାଂପ୍ରତିକ ଶିକ୍ଷା ପଦ୍ଧତି ଇଂରେଜ ଶାସନର ଔପନିବେଶିକ ଦାନ । ସେହି ଦୃଷ୍ଟିରୁ ପ୍ରଚଳିତ ପରୀକ୍ଷା ପଦ୍ଧତି ମଧ୍ୟ ଇଂରେଜ ଶାସନକାଳୀନ ପରୀକ୍ଷାର ବିଶ୍ୱସ୍ତ ଅନୁକରଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଇତିମଧ୍ୟରେ ବହୁ ସମୟ ଅତିକ୍ରମ କରିଯାଇଛି, ଅଥଚ ଆମ ପରୀକ୍ଷା ପଦ୍ଧତିରେ କୌଣସି ସଂଶୋଧନ ହୋଇପାରି ନାହିଁ । ଏବେ ବି ଛାତ୍ର ସମାଜରେ ଏହା ଏକ ମୁଣ୍ଡବ୍ୟଥାର କାରଣ ହୋଇଛି । ସମୟ ସହିତ ପାଦ ମିଳାଇ ଆମ ପରୀକ୍ଷା ଗତି କରିପାରୁ ନଥିବାରୁ ସମାଲୋଚନାର ଶରବ୍ୟ ହୋଇଛି ।

**ପରୀକ୍ଷାର ଉଦ୍ଦେଶ୍ୟ:** ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କର ଧୀଶକ୍ତି ପରୀକ୍ଷା । ଗୋଟିଏ ଶିକ୍ଷା ବର୍ଷରେ ସେମାନଙ୍କୁ ପ୍ରଦାନ କରାଯାଇଥିବା ଶିକ୍ଷାକୁ ସେମାନେ କେତେ ପରିମାଣରେ ଗ୍ରହଣ କରି ପାରିଛନ୍ତି, ତାହା କଳନା କରିବା ଏହି ପରୀକ୍ଷାର ଲକ୍ଷ୍ୟ । ପରୀକ୍ଷାଦ୍ୱାରା ଛାତ୍ରସମାଜ ନିଜକୁ ପରବର୍ତ୍ତୀ ଉଚ୍ଚତର ଶିକ୍ଷାଲାଭ ପାଇଁ ଯୋଗ୍ୟ କରିଥାନ୍ତି । ଶିକ୍ଷକମାନେ ମଧ୍ୟ ଏହି ପରୀକ୍ଷାରୁ ନିଜ ବିଦ୍ୟାଦାନ ସମ୍ବନ୍ଧରେ କଳନା କରିବାର ସୁଯୋଗ ଲାଭ କରିଥାନ୍ତି । ଛାତ୍ରମାନଙ୍କର ପରିଶ୍ରମ ଓ ଅଧ୍ୟୟନ ପ୍ରବୃତ୍ତିକୁ ଏହା ବୃଦ୍ଧି କରିଥାଏ । ପରୀକ୍ଷା ପରେ ତା'ର ମୂଲ୍ୟାୟନ କରାଯାଇ ପରବର୍ତ୍ତୀ ଶ୍ରେଣୀରେ ଅଧ୍ୟୟନ ପାଇଁ ସେ କେତେ ପରିମାଣରେ ଯୋଗ୍ୟ ତାହା ଏଥିରୁ ଜଣାଯାଇଥାଏ । ସାଧାରଣ ନିଯୁକ୍ତି ପାଇଁ ଏହା ଏକ ପୂର୍ବ ପ୍ରସ୍ତୁତି କହିଲେ ଭୁଲ ହେବ ନାହିଁ । ଜୀବନରେ ବାସ୍ତବ ପରୀକ୍ଷାକୁ ସମ୍ମୁଖୀନ ହେବା ଲାଗି ଛାତ୍ରସମାଜକୁ ଏହି ପରୀକ୍ଷା ମାଧ୍ୟମରେ ପ୍ରସ୍ତୁତ ରହିବାର ନିର୍ଦ୍ଦେଶ ଦିଆଯାଇଥାଏ । ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ସ୍ତରରେ କେବଳ ପରୀକ୍ଷା ମାଧ୍ୟମରେ ଜଣଙ୍କର ଜ୍ଞାନ ସମ୍ପର୍କରେ ଜାଣି ହୋଇଥାଏ । ତେଣୁ Sir Nicheel sadleru ମତରେ 'To close down examinations would be to give the signal for educational saturation. 'ପରୀକ୍ଷା ଦ୍ୱାରା ଛାତ୍ର ନିଜର ତ୍ରୁଟି ସମ୍ବନ୍ଧରେ ଅବଗତ ହୋଇଥାଏ । ଜ୍ଞାନର ଗଭୀରତା ଏହାଦ୍ୱାରା ପ୍ରମାଣିତ ହୋଇଥାଏ । ବହୁ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କିଏ ବାସ୍ତବରେ ପ୍ରତିଭାବାନ୍ ତାହା ପରୀକ୍ଷାରୁ ହିଁ ଜଣାଯାଇଥାଏ । ଏହାଦ୍ୱାରା ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ମାନଦଣ୍ଡ ପରୀକ୍ଷିତ ହୋଇଥାଏ । ଜୀବନ ପରୀକ୍ଷାର ପୂର୍ବ ପ୍ରସ୍ତୁତି ପାଇଁ ଏହା ମଧ୍ୟ ଏକ ମାଧ୍ୟମ ହୋଇଥିବାରୁ ଏହାର ଉଦ୍ଦେଶ୍ୟ ଅତୀବ ମହତ୍ ।

## ସାହିତ୍ୟ ଓ ଜୀବନୀ ଭିତ୍ତିକ ପ୍ରବନ୍ଧ

**ଭାରତୀୟ ପରୀକ୍ଷାର ଅତୀତ:** ଅତୀତରେ ଗୁରୁକୁଳ ଆଶ୍ରମରେ ଶିକ୍ଷାଦାନ ସମୟରେ ଆଚାର୍ଯ୍ୟଗଣ ସେମାନଙ୍କର ଛାତ୍ରଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପରୀକ୍ଷା କରାଉଥିଲେ । ସାଂପ୍ରତିକ ପରୀକ୍ଷା ପଦ୍ଧତି ଠାରୁ ତାହା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଗୁରୁକୁଳ ଶିକ୍ଷା ସମାଜ-ଜୀବନର ଆବଶ୍ୟକତା ପୂରଣ ଉଦ୍ଦେଶ୍ୟରେ ପ୍ରଦତ୍ତ ହେଉଥିବାରୁ, ଜଣେ ସାମାଜିକ ମଣିଷ ରୂପେ ଛାତ୍ରଟିଏ କେତେ ପରିମାଣରେ ଯୋଗ୍ୟ, ତାହା ଜାଣିବା ଥିଲା ସେହି ପରୀକ୍ଷାର ଉଦ୍ଦେଶ୍ୟ । ତେଣୁ ତାହା ଥିଲା ଅତ୍ୟନ୍ତ କଠୋର । କେବଳ ଶାସ୍ତ୍ର ବିଦ୍ୟା ନୁହେଁ, ଆଚରଣ, ଚରିତ୍ର, ସାମାଜିକ ବିଦ୍ୟା-ପ୍ରତ୍ୟେକ କ୍ଷେତ୍ରରେ ଛାତ୍ର ବା ଶିକ୍ଷା ଉତ୍ତୀର୍ଣ୍ଣ ହେଲେ ତା'ର ସାଧନା ସିଦ୍ଧି ହୋଇଛି ବୋଲି ପ୍ରମାଣିତ ହେଉଥିଲା । ଗୁରୁକୁଳ ଆଶ୍ରମ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ପରେ, ଜୀବନଧାରଣ ନିମିତ୍ତ ତାକୁ ଅନ୍ୟ କୌଣସି କ୍ଷେତ୍ରରେ ପରୀକ୍ଷା ଦେବାକୁ ପଡୁ ନଥିଲା । କଠୋର ସାଧନା ଓ ଏହି ସାଧନାରୁ ସିଦ୍ଧିଲାଭ ପରେ ସାମାଜିକ ଜୀବନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ-ଏହାହିଁ ଥିଲା ଗୁରୁକୁଳ ଆଶ୍ରମର ଶିକ୍ଷା ଓ ପରୀକ୍ଷା ଦାନ ପଦ୍ଧତି ।

**ସାଂପ୍ରତିକ ପରୀକ୍ଷା ପଦ୍ଧତିର ପୃଷ୍ଠଭୂମି:** ଭାରତର ସାଂପ୍ରତିକ ପରୀକ୍ଷା ପଦ୍ଧତି ଇଂରେଜ ଶାସନ କାଳୀନ ପରୀକ୍ଷା ପଦ୍ଧତିର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଇଂରେଜ ଶାସନ କାଳରେ ଏହି ପରୀକ୍ଷା ପଦ୍ଧତିର ପ୍ରଚଳନ କରାଯାଇଥିଲା, ବହୁ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେତେକ ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟପ୍ରାର୍ଥୀଙ୍କୁ ବାଛିବା ନିମିତ୍ତ । ଏହି ପରୀକ୍ଷା ପଦ୍ଧତିରେ ଜଣେ ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନ, ପାଣ୍ଡିତ୍ୟ, ବିଷୟବସ୍ତୁ ସମ୍ପର୍କରେ ମୌଳିକ ଧାରଣା ବା ପ୍ରତିଭା ଅନୁମାନ କରିବା କଷ୍ଟସାଧ୍ୟ ।ଏହି ପରୀକ୍ଷାପଦ୍ଧତି ବାସ୍ତବରେ ପରୀକ୍ଷାର୍ଥୀଙ୍କର ମୌଳିକ ଜ୍ଞାନ, ଧାରଣା, ବୋଧଶକ୍ତି, ବିଶ୍ଳେଷଣ ଶକ୍ତିର ଯଥାର୍ଥ ପରିଚୟ ଦେବା ଅପେକ୍ଷା ତା'ର ସ୍ମରଣଶକ୍ତି ବା ମନେରଖିବାର ଶକ୍ତି ସମ୍ବନ୍ଧରେ ଧାରଣା ଦେଇଥାଏ । ପାଶ୍ଚାତ୍ୟ ଶିକ୍ଷାପଦ୍ଧତିର ଅନୁସରଣରେ ଏହି ପରୀକ୍ଷାପଦ୍ଧତି ପରିକଳ୍ପନା କରାଯାଇଥିବାରୁ ଭାରତୀୟ ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା ଅନୁଭୂତ ହୋଇନଥାଏ । ତେଣୁ ଏହା ବର୍ତ୍ତମାନ ଜୀବନ ଗଠନରେ ସହାୟତା ନକରି କେବଳ ପ୍ରମାଣପତ୍ର ବା ସାର୍ଟିଫିକେଟ ହାସଲ କ୍ଷେତ୍ରରେ ସହାୟତା କରୁଛି । ଏହି ସାର୍ଟିଫିକେଟ ବାସ୍ତବ ଜୀବନରେ ତା'ର ବିଶେଷ କିଛି ଉପକାର ସାଧନ କରିପାରୁ ନାହିଁ । ବରଂ ବହୁପରିମାଣରେ ତା'ର କୌଳିକ ବୃତ୍ତିଠାରୁ ଦୂରେଇ ନେଇ ବେକାର ଜୀବନଯାପନ କରିବାକୁ ବାଧ୍ୟ କରୁଛି । ଏହି ପରିପ୍ରେକ୍ଷୀରେ ଭାରତର ଶିକ୍ଷା ଓ ପରୀକ୍ଷା ପଦ୍ଧତିରେ ସମ୍ପୂର୍ଣ୍ଣ ସଂଶୋଧନ ଆଣି ବାସ୍ତବତାକୁ ଆଖିରେ ରଖି ନୂତନ ପରୀକ୍ଷା ପଦ୍ଧତି ପ୍ରଚଳନ କରିବା ଆବଶ୍ୟକ ।

**ପରୀକ୍ଷାର କେତେକ ଦିଗ:** ବର୍ତ୍ତମାନ ଭାରତରେ ଯେଉଁ ପରୀକ୍ଷା ପଦ୍ଧତି ପ୍ରଚଳିତ, ତା'ର ଦୁଇଟି ଦିଗ ରହିଛି । ଗୋଟିଏ ସଂକ୍ଷିପ୍ତ ଉତ୍ତର ଏବଂ ଅନ୍ୟଟି ବିଶ୍ଳେଷଣାତ୍ମକ ଉତ୍ତର । ସଂକ୍ଷିପ୍ତ ପ୍ରଶ୍ନାବଳୀର ଉତ୍ତର ନିର୍ଦ୍ଦିଷ୍ଟ ଏବଂ ପରୀକ୍ଷାର୍ଥୀଙ୍କ ଏହାର ଉତ୍ତର ପ୍ରଦାନ କ୍ଷେତ୍ରରେ କୌଣସି ନିଜସ୍ୱ ସ୍ୱାଧୀନତା ନାହିଁ । ଏକ ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ ସେ ବାଧ୍ୟ ହୋଇଥାଏ । ପୁଣି ଏ କ୍ଷେତ୍ରରେ ପରୀକ୍ଷାର୍ଥୀର ପସନ୍ଦ ଉପରେ ଆଦୌ ଗୁରୁତ୍ୱ ଦିଆଯାଇନଥାଏ । ଯେତିକି ପ୍ରଶ୍ନ ପଚରାଯାଇଥାଏ, ସେତିକିର ଉତ୍ତର ଦେବାକୁ ସେ ବାଧ୍ୟ । ମାତ୍ର ବିଶ୍ଳେଷଣାତ୍ମକ ପ୍ରଶ୍ନରେ ପରୀକ୍ଷାର୍ଥୀ ସ୍ୱାଧୀନ ଭାବରେ ନିଜ ପସନ୍ଦ ଅନୁଯାୟୀ ଉତ୍ତର ଦେବାର ଅଧିକାର ରହିଛି । ଏହି ଉତ୍ତରରୁ ଛାତ୍ରର ପ୍ରକାଶଭଙ୍ଗୀ, ବିଶେଷଣାତ୍ମକ ଜ୍ଞାନ, ବିଷୟବସ୍ତୁର ସଜ୍ଜୀକରଣ ଆଦି ସମ୍ପର୍କରେ

ଟିପ୍ପଣୀ

ଧାରଣା ମିଳିଥାଏ । ମାତ୍ର ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସମ୍ପୂର୍ଣ୍ଣ ପାଠ୍ୟକ୍ରମର ବିଷୟବସ୍ତୁକୁ ଭିତ୍ତି କରି ପଚରା ଯାଉଥିବାରୁ, ଏଥିରୁ ଛାତ୍ରର ବିଷୟବସ୍ତୁ ସମ୍ପର୍କୀୟ ସାମଗ୍ରିକ ଜ୍ଞାନର ପରିଚୟ ମିଳେ । ଏତଦ୍‌ବ୍ୟତୀତ କେତେକ କ୍ଷେତ୍ରରେ ବାଚନିକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏଥିରୁ ଛାତ୍ରର ପରିସ୍ଥିତି, ପରିବେଶ ତଥା ବାସ୍ତବ ଜ୍ଞାନ ସମ୍ବନ୍ଧରେ ଧାରଣା ଆସିଥାଏ । ବିଜ୍ଞାନ ତଥା ଅନ୍ୟ କେତେକ ଔଦ୍ୟୋଗିକ ପରୀକ୍ଷାରେ ବିଜ୍ଞାନାଗାର ବା ଯନ୍ତ୍ରପାତିର ସାହାଯ୍ୟ ନେଇ ପରୀକ୍ଷାର୍ଥୀଙ୍କ ସେହି ସମ୍ପର୍କୀୟ ବାସ୍ତବ ଜ୍ଞାନର ପରୀକ୍ଷା କରାଯାଇଥାଏ । ସାଂପ୍ରତିକ ପରିସ୍ଥିତିରେ ଏହି ପରୀକ୍ଷା ପଦ୍ଧତି ବହୁ ପଣ୍ଡିତମାନଙ୍କ ଦ୍ୱାରା ସମାଲୋଚିତ ହୋଇଛି । ସେମାନଙ୍କ ମତରେ ଏହି ପଦ୍ଧତି ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନ ବିଚାର କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ।

**ସାଂପ୍ରତିକ ପରୀକ୍ଷା ପଦ୍ଧତିର କେତେକ ତ୍ରୁଟି:** ଭାରତର ପରୀକ୍ଷା ପଦ୍ଧତି ତ୍ରୁଟିପୂର୍ଣ୍ଣ ବୋଲି ନିଯୁକ୍ତ ବହୁ କମିଶନ ଓ କମିଟି ସେମାନଙ୍କର ରିପୋର୍ଟରେ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଏହି ପଦ୍ଧତି ସମ୍ପୂର୍ଣ୍ଣ ଅବାସ୍ତବ, ଦୁର୍ବଳ, ଖାମଖିଆଲ ଓ ଆବଶ୍ୟକହୀନ । ଓ୍ୱାର୍ଦ୍ଧା କମିଟି ତାଙ୍କର ସୁପାରିସରେ ଲେଖିଥିଲେ ‘As a measure of the work of individual pupils or the schools by a consensus of expert opinion, examinations are neither valid nor complete. They are inadequate and unreliable, capricious and arbitrary.’ ରାଧାକ୍ରିଷ୍ଣନ୍ କମିଶନ, କୋଠାରୀ କମିଶନ ଆଦି ଭାରତୀୟ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବା ନିମିତ୍ତ ସୁପାରିସ କରିଥିଲେ । ବିଶ୍ଳେଷଣାତ୍ମକ କେତୋଟି ପ୍ରଶ୍ନ ପଚରା ଯାଇଥିଲେ ହେଁ ତନ୍ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ପ୍ରଶ୍ନର ଉତ୍ତର କରିବାକୁ କୁହାଯାଇଥାଏ । ସମସ୍ତ ପ୍ରଶ୍ନର ମୂଲ୍ୟ ସମାନ ହେଲେ ହେଁ ସମସ୍ତ ପ୍ରଶ୍ନ ଏକ ପ୍ରକାର ନୁହେଁ । ତନ୍ମଧ୍ୟରୁ ଅନେକ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ଆସି ନଥାଏ । ଅଥଚ ଯେକୌଣସି ଜାଣିଥିବା ଉତ୍ତର ଲେଖିପାରିଲେ ପରୀକ୍ଷାର୍ଥୀ ଭଲ ନମ୍ବର ପାଇଥାଏ । ଏଥିରୁ ପରୀକ୍ଷାର୍ଥୀର ଯଥାର୍ଥ ଜ୍ଞାନର ପ୍ରମାଣ ମିଳିନଥାଏ । ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଏକପ୍ରକାର ହୋଇଥିବାରୁ ଏଥିରୁ ପରୀକ୍ଷାର୍ଥୀର ପ୍ରକୃତ ବୋଧଜ୍ଞାନର ପରିଚୟ ମିଳିନଥାଏ । ଅନେକ ବିଶେଷଜ୍ଞଙ୍କ ମତ ସାଂପ୍ରତିକ ପରୀକ୍ଷା ପଦ୍ଧତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୁଖସ୍ଥ କରି ଲେଖିବାର ମନୋବୃତ୍ତି ବୃଦ୍ଧି କରିଥାଏ । ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଆୟତ୍ତ ନ କରି ମଧ୍ୟ ନିର୍ବାଚିତ କେତୋଟି ପ୍ରଶ୍ନର ଉତ୍ତର ଜାଣି ପରୀକ୍ଷାର୍ଥୀ ପରୀକ୍ଷାରେ ପୁସ୍ତକ ମାଧ୍ୟମରେ ପରୀକ୍ଷା ବୈତରଣୀ ଅକ୍ଳେଶରେ ପାରି ହୋଇପାରୁଛନ୍ତି । ଏହି ପରୀକ୍ଷା ପଦ୍ଧତି ଦ୍ୱାରା ପରୀକ୍ଷାର୍ଥୀଙ୍କ ପ୍ରକୃତ ଜ୍ଞାନର ପରୀକ୍ଷା ହୋଇପାରୁ ନାହିଁ । ମୌଳିକ ଶିକ୍ଷା (୧୯୩୮) ସମ୍ପର୍କରେ ରିପୋର୍ଟ ଦେବା ସମୟରେ ଜାକିର୍ ହୁସେନ୍ ଲେଖିଥିଲେ ‘The system of examinations prevailing in our country has proved a curse to education; A bad system of eduction has, if anything, been made worse by according to examinations a place out of all proportions to their utility. As a measure of the work of the individual pupils of the schools by consensus of expert opinion, examinations are neither valid nor complete. They are inadequate and unreliable and arbitrary. We should take care to guard against their painful influence’.ଏହି ପରୀକ୍ଷା ପଦ୍ଧତି ଜ୍ଞାନର ପରିଧିକୁ ସୀମିତ କରିଦେଉଛି । ଶିକ୍ଷାର ମାନ ହ୍ରାସ କରୁଛି । ସ୍ମରଣ ଶକ୍ତିର ପ୍ରଖରତା ପ୍ରତିପାଦନ କରାଉଛି; ମାତ୍ର ସୃଜନଶୀଳତା ଓ ଚିନ୍ତାଶକ୍ତିର ପରିଚୟ ମିଳୁ ନାହିଁ । ଏହାଦ୍ୱାରା ଛାତ୍ରସମାଜ ବହୁପରିମାଣରେ ଭାଗ୍ୟବାଦୀ ହୋଇପଡୁଛନ୍ତି ।





କମ୍ ପରିଶ୍ରମରେ ସଫଳତା ଲାଭ ନିମିତ୍ତ ଚେଷ୍ଟା କରି ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି । ଏହି ପରୀକ୍ଷା ପଦ୍ଧତିରେ ପରୀକ୍ଷାର୍ଥୀଙ୍କର କୌଣସି ବିଷୟରେ ସ୍ୱଷ୍ଟ ଧାରଣା ଅଛି କି ନାହିଁ ଜାଣି ହେଉ ନାହିଁ । ବସ୍ତୁନିଷ୍ଠ ଉତ୍ତରରେ ଛାତ୍ରର ଯୁକ୍ତିସଙ୍ଗତ ବିଚାରଶକ୍ତି ଏବଂ ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଥିବାର ଜଣାଯାଏ ନାହିଁ । ଏହି ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀର ମୌଳିକତା, ବିଚାରଶକ୍ତି, ସାଧୁତା, ସୁଶୀଳତା ଓ ବିଶ୍ୱାସନୀୟତା ସମ୍ବନ୍ଧରେ ଜାଣିହୁଏ ନାହିଁ । ପରୀକ୍ଷାରେ ଯେ କୌଣସି ପ୍ରକାର କୃତକାର୍ଯ୍ୟ ହେବା ଏବଂ ମୁଖସ୍ଥ କରିବାର ପ୍ରବୃତ୍ତିକୁ ବୃଦ୍ଧି କରିବା ଏହାର ଅନ୍ତିମ ଲକ୍ଷ୍ୟ ବୋଲି ଜଣାଯାଏ । ପୁନରାୟ ଏହି ପରୀକ୍ଷା ଶ୍ରେଣୀର ବିଭାଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରେଷ୍ଠତ୍ୱ ଓ ହୀନତ୍ୱ ମନୋଭାବ ସୃଷ୍ଟିକରେ । ପରୀକ୍ଷା ପାଇଁ ଛାତ୍ର ନିଜକୁ ପ୍ରସ୍ତୁତ କରୁଥିବାରୁ ପରୀକ୍ଷା ପରେ ଏହି ଶିକ୍ଷାର କୌଣସି ମୂଲ୍ୟ ସେମାନେ ଅନୁଭବ କରିପାରନ୍ତି ନାହିଁ । କେତେକ କ୍ଷେତ୍ରରେ ପ୍ରଶ୍ନପତ୍ର ପ୍ରସ୍ତୁତ ସମୟରେ ପ୍ରଶ୍ନପତ୍ର କର୍ତ୍ତାଙ୍କ ଏକଦେଶଦର୍ଶିତାର ପ୍ରମାଣ ଦେଖିବାକୁ ମିଳେ । ପରୀକ୍ଷା ଖାତା ମୂଲ୍ୟାୟନ ସମୟରେ କେତେକ ଶିକ୍ଷକଙ୍କ ଅସାଧୁତା, ସ୍ୱାର୍ଥପର ମନୋବୃତ୍ତି ମୂଲ୍ୟାୟନର ସାଧୁତା ନଷ୍ଟ କରିଥାଏ । ଏହିପରି ବହୁକାରଣରୁ ସାଂପ୍ରତିକ ପରୀକ୍ଷା ପଦ୍ଧତି ତ୍ରୁଟିଯୁକ୍ତ ବୋଲି ମନେ ହୋଇଥାଏ ।

### ତ୍ରୁଟି ନିରାକରଣ ନିମିତ୍ତ ଭାରତୀୟ ଶିକ୍ଷା କମିଶନଙ୍କ ସଂଶୋଧିତ ପ୍ରସ୍ତାବ:

ଭାରତୀୟ ଶିକ୍ଷା କମିଶନ (Indian Education Commission) ପରୀକ୍ଷା ପଦ୍ଧତିର ସଂସ୍କାର ନିମିତ୍ତ କେତେକ ପରାମର୍ଶ ଦେଇଛନ୍ତି । କମିଶନ ମୁଖ୍ୟତଃ ଲିଖିତ ପରୀକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରାଥମିକ ସ୍ତରରେ ଲିଖିତ ପରୀକ୍ଷା ସହିତ କେତେକ ମୌଖିକ ପରୀକ୍ଷା କରିବାର ଆବଶ୍ୟକତା ରହିଛି । ଏହି ମୌଖିକ ପରୀକ୍ଷା ମୁଖ୍ୟତଃ ଛାତ୍ରଛାତ୍ରୀଙ୍କର ପରିବେଶ ତଥା ଅଞ୍ଚଳର ଗୁରୁତ୍ୱକୁ ଆଖି ଆଗରେ ରଖି ଶିକ୍ଷକ ପ୍ରସ୍ତୁତ କରିବେ । କ୍ରମବର୍ଦ୍ଧିଷ୍ଣୁ ନଥି (Cumulative record) ଦ୍ୱାରା ଶିକ୍ଷକ ଛାତ୍ରଛାତ୍ରୀମାନଙ୍କର ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି କମିଶନ ମତ ଦେଇଛନ୍ତି । ପ୍ରାଥମିକ ସ୍ତରରେ ବର୍ଷ ଶେଷରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସାମୂହିକ ପରୀକ୍ଷା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ଦାୟିତ୍ୱରେ ହେବା ଉଚିତ ।ଏହା ଦ୍ୱାରା ଆନ୍ତଃବିଦ୍ୟାଳୟ ମଧ୍ୟରେ ତୁଳନାତ୍ମକ ବିଚାର କରାଯାଇ କେଉଁ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ କେତେ ଉନ୍ନତି କରିଛି, ଜଣାଯିବା ସଙ୍ଗେ ସଙ୍ଗେ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଇପାରିବ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ବିଦ୍ୟାଳୟର ଭଲ ଭଲ ଛାତ୍ରଛାତ୍ରୀଙ୍କୁ ନେଇ ପରୀକ୍ଷା କରାଯାଇ ଉତ୍ତମ ପିଲାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିବା ଉପରେ ଏହି କମିଶନ ଗୁରୁତ୍ୱ ଦେଇଛନ୍ତି । ବିଂଶ ଶତାବ୍ଦୀରେ ଶିକ୍ଷାର ମାନ ନିର୍ଦ୍ଧାରଣ କରିବା ନିମିତ୍ତ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ଉପରେ କମିଶନମାନେ ଗୁରୁତ୍ୱ ଦେଇଛନ୍ତି । ଏହି ପରୀକ୍ଷାକୁ ନୂତନ ପରୀକ୍ଷା ପଦ୍ଧତି ବୋଲି କୁହାଯାଇଛି । ଏଥିରୁ ଛାତ୍ରଛାତ୍ରୀମାନଙ୍କର ଜ୍ଞାନ, ସ୍ମରଣ ଶକ୍ତି, ବିଚାର ପଦ୍ଧତି, ପରିସ୍ଥିତିର ବିଚାରଶକ୍ତି ଆଦି ସମ୍ବନ୍ଧରେ ଜାଣି ହୋଇଥାଏ । ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ଆଖି ଆଗରେ ରଖି ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥାଏ । ଏହାଦ୍ୱାରା ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର ପୁସ୍ତକର ସାହାଯ୍ୟ ନ ନେଇ ପ୍ରକୃତ ପାଠ୍ୟପୁସ୍ତକର  ସାହାଯ୍ୟ ନେଇଥାଏ । ସେଥିପାଇଁ  ସେ ନିର୍ଦ୍ଦିଷ୍ଟ କେତୋଟି ପ୍ରଶ୍ନ ପ୍ରସ୍ତୁତ ନକରି ସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ଆୟତ୍ତ କରିବାକୁ ଚେଷ୍ଟା କରିଥାଏ । ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସହିତ ଗୋଟିଏ ଦୁଇଟି ବିଶ୍ଳେଷଣାତ୍ମକ ପ୍ରଶ୍ନର ଉତ୍ତର ଦେବାକୁ ମଧ୍ୟ ପଚାରାଯାଇଥାଏ । ବିଶ୍ଳେଷଣାତ୍ମକ ପ୍ରଶ୍ନରୁ ଛାତ୍ରର ଯୁକ୍ତିବତ୍ତା, ପ୍ରକାଶଭଙ୍ଗୀର ସ୍ୱଚ୍ଛତା ଏବଂ ଭାଷାର ଜ୍ଞାନର ପରିଚୟ ମିଳିଥାଏ । ପରୀକ୍ଷା ପରେ ଶିକ୍ଷା ବୋର୍ଡ ବା ବିଶ୍ୱବିଦ୍ୟାଳୟ ସମସ୍ତ ବିଷୟର ନମ୍ବର ମିଶାଇ ଗ୍ରେଡ୍ ବା ଶ୍ରେଣୀ ଦେବା ଅପେକ୍ଷା ପ୍ରତ୍ୟେକ ବିଷୟ ପାଇଁ

ଗ୍ରେଡ୍ ଦେବା ଆବଶ୍ୟକ । ଏହାଦ୍ୱାରା ନିଯୁକ୍ତି ଅଧିକାରୀ ତା'ର ମନୋନୀତ ବିଷୟକୁ ଆଖି ଆଗରେ ରଖି ନିଯୁକ୍ତି ଦେବା ଦ୍ୱାରା ଉଭୟ ନିଯୁକ୍ତିଦାତା ଏବଂ ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତି ।

**ସମାଧାନ ଉପାୟ:** ପରୀକ୍ଷା ପଦ୍ଧତିର ସଂସ୍କାର ନିମିତ୍ତ ବହୁକ୍ଷେତ୍ରରେ ଆପତ୍ତି ଅଭିଯୋଗମାନ ଆସୁଛି । ଯେପର୍ଯ୍ୟନ୍ତ ଆମର ବ୍ୟକ୍ତିଗତ ଚରିତ୍ର ସଂଶୋଧିତ ହୋଇପାରି ନାହିଁ, ସେ ପର୍ଯ୍ୟନ୍ତ ପରୀକ୍ଷା ପଦ୍ଧତିରେ  ସଂସ୍କାର ଆଣିବା ସମ୍ଭବ ନୁହେଁ । ପରୀକ୍ଷା ସମୟରେ କେତେକ ଛାତ୍ର, ଶିକ୍ଷକ ବା ଅଭିଭାବକ କେଉଁ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ତାହା ସମ୍ପୂର୍ଣ୍ଣ ପରୀକ୍ଷା ପଦ୍ଧତିକୁ କଳୁଷିତ କରିଦେଉଛି । ଅସତ ଉପାୟ ଅବଲମ୍ବନରେ ଛାତ୍ରସମାଜ ଭଲ ଶ୍ରେଣୀ ବା ନମ୍ବର ରଖିବାକୁ ଚେଷ୍ଟା କରୁଛନ୍ତି । ଏଥିରେ ସେମାନଙ୍କୁ ସହାୟତା କରୁଛନ୍ତି କେତେକ ଶିକ୍ଷକ ଓ ଅଭିଭାବକ । ପରୀକ୍ଷା ପରିଚାଳନାର ଦାୟିତ୍ୱ ଠିକ୍ ଭାବେ ସମ୍ପନ୍ନ କରୁନାହାନ୍ତି । ମନୋବୃତ୍ତିରେ ପରିବର୍ତ୍ତନ ନ ଘଟିଲେ, ପରୀକ୍ଷା ସଂଶୋଧନ ନିମିତ୍ତ ଯେତେ ପ୍ରକାର ଉପାୟ ଅବଲମ୍ବନ କଲେ ମଧ୍ୟ ତାହା ସଫଳ ହୋଇପାରିବ ନାହିଁ । ପୁନରାୟ ପରୀକ୍ଷା ପରେ ନିଯୁକ୍ତିର ସମ୍ଭାବନା କ୍ଷୀଣ ଥିବାରୁ, ସାର୍ଟିଫିକେଟ ଉପରେ ବିଶେଷ କେହି ଗୁରୁତ୍ୱ ଦେଉନାହାନ୍ତି । ଯେକୌଣସି ଉପାୟରେ ଉତ୍ତୀର୍ଣ୍ଣ ହୋଇଯିବା ଆଜି ହୋଇଛି ପରୀକ୍ଷାର ଆଦର୍ଶ । ଶିକ୍ଷକ, ସରକାର, ଅଭିଭାବକ ଓ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ମିଳିତ ଭାବରେ କାର୍ଯ୍ୟ ନ କଲେ ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବା  ଆଦୌ ସମ୍ଭବପର ନୁହେଁ ।

**ଉପସଂହାର:** ଶିକ୍ଷାବର୍ଷ ଶେଷରେ ପରୀକ୍ଷାର ଆବଶ୍ୟକତା ରହିଛି । ଏହାଦ୍ୱାରା ଛାତ୍ରସମାଜ ନିଜର ପ୍ରକୃତ ଜ୍ଞାନର ପରୀକ୍ଷା ଦେବାକୁ ସମର୍ଥ ହୋଇଥାନ୍ତି । ବାସ୍ତବ ଜୀବନର ସମ୍ମୁଖୀନ ହେବା ପାଇଁ ଉପାଦାନ ଲାଭ କରିଥାନ୍ତି । ମାତ୍ର ଆଜି ଯେପରି ପରୀକ୍ଷା ଚାଲିଛି, ସେଥିରୁ ପିଲାଟିର ପ୍ରକୃତ ଜ୍ଞାନ କଳ୍ପନା କରିବା କଷ୍ଟକର ହୋଇପଡୁଛି । ଅନେକ ସମୟରେ ପରୀକ୍ଷା ରାଜନୈତିକ ବ୍ୟକ୍ତିବିଶେଷଙ୍କ ଇଚ୍ଛାନୁଯାୟୀ ପରିଚାଳିତ ହେଉଛି । ଏହାଦ୍ୱାରା ପରୀକ୍ଷାର ମାନରେ ହ୍ରାସ ଘଟୁଛି । ବର୍ତ୍ତମାନ ଏହି ପଦ୍ଧତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାର ସମୟ ଆସିଛି । ସମସ୍ତେ ସହଯୋଗପୂର୍ବକ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିଲେ, ଛାତ୍ରସମାଜକୁ ସେମାନଙ୍କର ଯଥାର୍ଥ ନ୍ୟାୟ ପ୍ରଦାନ କରିପାରିବ । ପରୀକ୍ଷାକୁ କେନ୍ଦ୍ର କରି ଯେଉଁ ଗଣ୍ଡଗୋଳ ସୃଷ୍ଟି ହେଉଛି, ତାକୁ ମଧ୍ୟ ଦୂରୀକରଣ କରିପାରିବା । ବର୍ତ୍ତମାନ ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ ହୋଇପଡ଼ିଛି ।

●●●



ଟିପ୍ପଣୀ

# ୮.୪ ସମ୍ବାଦପତ୍ର

**ଉପକ୍ରମ:** ମଣିଷ ଗୋଟିଏ ପରିବାରରେ ଜନ୍ମଗ୍ରହଣ କରିଥିଲେହେଁ, ବିଶ୍ୱର ବିରାଟ ପରିସର ମଧ୍ୟରେ ସେ ନିଜକୁ ଅଙ୍ଗୀଭୂତ କରିପାରିଛି । ତେଣୁ ବ୍ୟକ୍ତି ଆଜି ପରିବାରର ନ ହୋଇ ସମଗ୍ର ବିଶ୍ୱର ଏକ ଅଂଶବିଶେଷରେ ପରିଣତ ହୋଇଛି । ବିଶ୍ୱର ବିଭିନ୍ନ ଘଟଣା, ନିଜର ପରିଚିତ ପୃଥିବୀ, ସାମାଜିକ ପରିବେଷ୍ଟନୀ ତଥା ବିଭିନ୍ନ ଘଟଣାବଳୀ ସହିତ ସେ ସର୍ବଦା ପରିଚିତ ହେବା ଆବଶ୍ୟକ । ଏହାଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହେବା ସଙ୍ଗେ ସଙ୍ଗେ ନିଜର ତଥା ବିଶ୍ୱ ସମ୍ପର୍କରେ ସଚେତନତା ଆସିଥାଏ । ଏ କ୍ଷେତ୍ରରେ ମଣିଷକୁ ସମ୍ବାଦପତ୍ର ହିଁ ବିଭିନ୍ନ ଭାବରେ ସହାୟତା କରିଥାଏ । ଆଧୁନିକ ଯୁଗରେ ଟେଲିଭିଜନ, ରେଡ଼ିଓ ଆଦି ଗଣମାଧ୍ୟମଗୁଡ଼ିକ ସାହାଯ୍ୟ କଲେହେଁ, ତା'ର ସମ୍ବାଦ ସୂଚନାଧର୍ମୀ ଓ ମାତ୍ର କେତୋଟି ମୁଖ୍ୟ ଘଟଣାଧର୍ମୀ । ମାତ୍ର ସମ୍ବାଦପତ୍ର ଦ୍ୱାରା ସମସ୍ତ ଘଟଣା ସ୍ପଷ୍ଟ ଓ ବିଶଦ ଭାବରେ ଜଣା ପଡ଼ିଥାଏ । ଗଣମାଧ୍ୟମଗୁଡ଼ିକରେ ଆଞ୍ଚଳିକ ସମ୍ବାଦର ଗୁରୁତ୍ୱ ଆଦୌ ନଥାଏ । କିନ୍ତୁ ସମ୍ବାଦପତ୍ରଗୁଡ଼ିକ ଆଞ୍ଚଳିକ ଘଟଣାଗୁଡ଼ିକୁ ମଧ୍ୟ ତନ୍ନ ତନ୍ନ କରି ବର୍ଣ୍ଣନା କରିଥାଏ । ମଣିଷର ସୀମାବଦ୍ଧତାରୁ ତାକୁ ମୁକ୍ତ କରି ବିଶ୍ୱଅଙ୍ଗନରେ ପରିଭ୍ରମଣ କରାଇଦେବାର ଏକମାତ୍ର ଯୋଗ୍ୟତା ସମ୍ବାଦପତ୍ରରେ ହିଁ ରହିଛି । ଏହି ଦୃଷ୍ଟିରୁ ସମ୍ବାଦପତ୍ରଗୁଡ଼ିକର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

**ସମ୍ବାଦପତ୍ରର ଇତିବୃତ୍ତ:** ସମ୍ବାଦପତ୍ର ଆଧୁନିକ ଚିନ୍ତାଚେତନାର ଅପୂର୍ବ ଫଳଶ୍ରୁତି । ମଣିଷର ସଚେତନ ଚିନ୍ତାଧାରାରୁ ହିଁ ଏହାର ସୃଷ୍ଟି । ସମଗ୍ର ବିଶ୍ୱରେ ପ୍ରଥମେ ଚୀନ ଦେଶରେ ହିଁ ସମ୍ବାଦପତ୍ର ଜନ୍ମ ଗ୍ରହଣ କରିଥିଲା । ତା'ର ପ୍ରାୟ ଚାରିଶହ ବର୍ଷ ପରେ ଇଉରୋପରେ ଇଟାଲୀର ଭେନିସ୍ ସହରରେ ଏହା ଆତ୍ମପ୍ରକାଶ କରିଥିଲା । ଭାରତରେ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ପୂର୍ବରୁ କେତୋଟି ହାତଲେଖା ସମ୍ବାଦପତ୍ର ପ୍ରକାଶ ପାଇଥିଲେହେଁ ଯଥାର୍ଥରେ ଇଂରେଜମାନଙ୍କ ଆଗମନ ପରେ ଓ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ପରେ ହିଁ ଏହା ପ୍ରସାରଲାଭ କରିଥିଲା । ୧୭୮୯ ମସିହାରେ ବମ୍ବେରୁ ପ୍ରଥମେ ଇଂରାଜୀ ସମ୍ବାଦପତ୍ର 'ବମ୍ବେ ହେରାଲଡ୍' ଓ ୧୭୯୦ରେ 'ବମ୍ବେ କ୍ୟୁରିଅର' ପ୍ରକାଶିତ ହୋଇଥିଲା । ୧୭୯୩ ମସିହାରୁ ଗୁଜୁରାଟୀ ଭାଷାରେ ବିଜ୍ଞାପନମାନ ପ୍ରକାଶ ପାଇଥିଲା । ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ବଙ୍ଗଳାଭାଷାରେ ଫେବୃଆରୀ ୧୮୧୮ରେ 'ଦିଗଦର୍ଶନ', ମେ ମାସ ୧୮୧୮ରେ 'ସମାଚାର ଦର୍ପଣ' ପ୍ରକାଶଲାଭ କରିଥିଲା । ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଦ୍ୱାରା ଉପରୋକ୍ତ ପତ୍ରିକା ଦୁଇଟି ପ୍ରକାଶିତ ହୋଇଥିଲା । କିନ୍ତୁ ଦେଶୀୟ ଭାଷାରେ ପ୍ରଥମ ପତ୍ରିକା 'ସମ୍ବାଦ କୌମୁଦୀ' ୧୮୨୧ ମସିହାରେ କଲିକତାରୁ ରାଜା ରାମମୋହନ ରାୟଙ୍କ ପ୍ରଯୋଜନାରେ ପ୍ରକାଶ ଲାଭ କରିଥିଲା । ଓଡ଼ିଶାରେ ପ୍ରଥମେ ୧୮୪୯ ମସିହାରେ ରେଭେରେଣ୍ଡମି.ଲେସିଙ୍କ ସମ୍ପାଦନାରେ 'ଜ୍ଞାନରୁଣ' ପତ୍ରିକା ପ୍ରକାଶ ହୋଇଥିଲା । ଅବଶ୍ୟ ଏହା ପୂର୍ବରୁ ୧୮୪୦ ମସିହାରେ 'କୁଜିବର' ହାତଲେଖା ସମ୍ବାଦପତ୍ର ବାବାଜି ସାଧୁସୁନ୍ଦର ଦାସ ପ୍ରକାଶ କରିଥିଲେ । ଓଡ଼ିଆ ଭାଷାର ପ୍ରଥମ ସମ୍ବାଦପତ୍ର ରୂପେ 'ଉତ୍କଳ ଦୀପିକା' ୪।୮।୧୮୬୬ରେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ର ରୂପେ ଦୀର୍ଘ ୬୬ ବର୍ଷକାଳ ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାକୁ ପ୍ରଭାବିତ କରିଥିଲା । ଏହାପରେ ଓଡ଼ିଶାରେ ବହୁ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ସମ୍ପ୍ରତି ଓଡ଼ିଶାରେ ଯେଉଁ କେତୋଟି ସମ୍ବାଦପତ୍ର ଜନପ୍ରିୟତା ଲାଭ କରିଛନ୍ତି ତନ୍ମଧ୍ୟରୁ ଦୈନିକ ସମାଜ, ପ୍ରଜାତନ୍ତ୍ର, ଧରିତ୍ରୀ, ମାତୃଭାଷା, ସମ୍ବାଦ, ସମୟ, ଅନୁପମ ଭାରତ, ମାତୃଭାଷା ଆଦି ପ୍ରଧାନ ।

**ସମ୍ବାଦପତ୍ର ପାଠର ଉପଯୋଗିତା:** ଜନଜୀବନର ମୁଖପତ୍ର ସମ୍ବାଦପତ୍ର । ଜାତିର ନିଜସ୍ୱ ଅହମିକା, ସ୍ୱାଭିମାନ ଓ ସୁଖଦୁଃଖ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶଲାଭ କରିଥାଏ । ଆନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଘଟଣାବଳୀ ସମ୍ପର୍କରେ ସମ୍ବାଦପତ୍ରଗୁଡ଼ିକ ବିସ୍ତୃତ ବିବରଣୀ ପ୍ରଦାନ କରିଥାନ୍ତି । ସମ୍ବାଦପତ୍ର ପାଠଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହେବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ବିଭିନ୍ନ ଘଟଣାବଳୀ ସମ୍ପର୍କରେ ଜାଗ୍ରତ କରିଥାଏ । ରାଜନୈତିକ ଚିନ୍ତାଧାରାକୁ ଜାଗ୍ରତ କରେ । ଏଥିରେ ଶାସନ କଳର ତ୍ରୁଟିପୂର୍ଣ୍ଣ ନୀତିକୁ ସମାଲୋଚନା କରାଯାଉଥିବାରୁ ଶାସନ ଦାୟିତ୍ୱରେ ରହୁଥିବା ବ୍ୟକ୍ତିବିଶେଷ ସତର୍କତାର ସହିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ସଙ୍ଗେ ସଙ୍ଗେ ନିଜର ତ୍ରୁଟିପୂର୍ଣ୍ଣ ନୀତିକୁ ସଂଶୋଧନ କରିବାର ସୁଯୋଗ ଲାଭ କରିଥାନ୍ତି । ବ୍ୟବସାୟୀଗୋଷ୍ଠୀ ମଧ୍ୟ ବ୍ୟବସାୟ ବାଣିଜ୍ୟ ସମ୍ପର୍କରେ ଏଥିରୁ ବହୁ ଘଟଣା ଅବଗତ ହୋଇଥାନ୍ତି । ପଣ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ହ୍ରାସ ଆଦି ବିଷୟରେ ଅବଗତ ହୋଇ ନିଜର ବ୍ୟବସାୟ ପରିଚାଳନା କରିଥାନ୍ତି । କୃଷକମାନେ ଏଥିରୁ ବଜାରଦର, କୃଷି ଉତ୍ପାଦନ ପଦାର୍ଥ ତଥା ପାଣିପାଗ ସମ୍ପର୍କୀୟ ସମ୍ବାଦ ଲାଭ କରିବାକୁସମର୍ଥ ହୋଇଥାନ୍ତି । ପୁଣି କୃଷି ସମ୍ବନ୍ଧୀୟ ବହୁ ସୂଚନା ଏଥିରେ ପ୍ରଦତ୍ତ ହେଉଥିବାରୁ ନୂତନ କୃଷି ପ୍ରଣାଳୀ ତଥା ସାର, ଔଷଧ ଏବଂ ନୂତନ ବହୁ ଅମଳକ୍ଷମ ବିହନ ଆଦି ବିଷୟରେ ସୂଚନା ରହୁଥିବାରୁ  କୃଷକମାନେ ଏଥିରୁ ବିଭିନ୍ନ ଭାବରେ ଉପକୃତ ହୋଇଥାନ୍ତି । ବେକାର ଯୁବକଯୁବତୀଗଣ କେଉଁଠାରେ ଚାକିରି ଖାଲି ରହିଛି, ସେ ସମ୍ପର୍କରେ ସମ୍ବାଦପତ୍ରରୁ ବିବରଣୀ ଲାଭ କରିଥାନ୍ତି । ସାହିତ୍ୟିକ ବାତାବରଣ ସୃଷ୍ଟି କରିବାରେ ସମ୍ବାଦପତ୍ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏଥିରେ ସାହିତ୍ୟ ସମ୍ବନ୍ଧରେ ବହୁ ଆଲୋଚନା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସର୍ଜନଶୀଳ ସାହିତ୍ୟ ଯଥା- ଗଳ୍ପ, କବିତା, ପ୍ରବନ୍ଧ ଆଦି ମଧ୍ୟ ଏହାର କଳେବର ମଣ୍ଡନ କରିଥାଏ । ବିଶ୍ୱସାହିତ୍ୟର ଧାରାରେ ଯେଉଁ ପରିବର୍ତ୍ତନ ଆସେ ତାହା ମଧ୍ୟ ସମୟେ ସମୟେ ଏଥିରେ ପ୍ରକାଶ ଲାଭ କରିଥାଏ । ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମ ଦିବସରେ ତାଙ୍କ ସମ୍ପର୍କରେ ଲେଖାମାନ ପ୍ରକାଶ ହୋଇଥାଏ । ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା ଆଦି ସମ୍ବନ୍ଧରେ ଲେଖାମାନ ପ୍ରକାଶିତ ହୋଇ ଏକ ସାଂସ୍କୃତିକ ବାତାବରଣ ସୃଷ୍ଟିରେ ଏହା ସହାୟକ ହୋଇଥାଏ । ଜାତୀୟ ପର୍ବପର୍ବାଣି, ସ୍ୱାଧୀନତା ଦିବସ, ପରିବାର କଲ୍ୟାଣ ସପ୍ତାହ, ବିଭିନ୍ନ ଯୋଜନା ସମ୍ବନ୍ଧରେ ଏଥିରେ ଲେଖାମାନ ପ୍ରକାଶ ହେଉଥିବାରୁ ମଣିଷର ସ୍ୱାଧୀନ ଚିନ୍ତାଧାରା ଓ ଜାତୀୟଭାବକୁ ଜାଗ୍ରତ କରିଥାଏ । ବିଭିନ୍ନ ସମୟରେ ବିଶିଷ୍ଟ ବ୍ୟକ୍ତି, ଉତ୍ସବ ଆଦି ସମ୍ପର୍କରେ ବିଶେଷାଙ୍କମାନ ପ୍ରକାଶିତ ହେଉଥିବାରୁ ଏହା ସାଂସ୍କୃତିକ ସଚେତନତା ବୃଦ୍ଧି କରିଥାଏ । ବିଭିନ୍ନ ବିଜ୍ଞାପନ ପ୍ରକାଶ ମାଧ୍ୟମରେ ଜନସାଧାରଣ ବହୁ ନୂତନ ଆବିଷ୍କୃତ ପଦାର୍ଥ ଓ ତା'ର ବଜାରଦର ସମ୍ବନ୍ଧରେ ଜ୍ଞାନଲାଭ କରିଥାନ୍ତି । ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ସମ୍ବାଦପତ୍ର ଦ୍ୱାରା ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ଦଳୀୟ ଆଦର୍ଶ ସମ୍ବନ୍ଧରେ ସୂଚନା ଦେଉଥିବାରୁ ଜନସାଧାରଣଙ୍କ ରାଜନୈତିକ ସଚେତନତା ବୃଦ୍ଧି ପାଇଥାଏ । ସମ୍ବାଦପତ୍ରର ସମ୍ପାଦକୀୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏଥିରୁ ସମ୍ପାଦକଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ । ସମ୍ପାଦକ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ଘଟଣାବଳୀ ସମ୍ପର୍କରେ ସୁଚିନ୍ତିତ ମତାମତ ପ୍ରଦାନ କରୁଥିବାରୁ ଏହା ପାଠକର ବୌଦ୍ଧିକ ଚିନ୍ତାକୁ ପ୍ରଭାବିତ କରିଥାଏ । ଏତଦ୍‌ବ୍ୟତୀତ କ୍ରୀଡ଼ା, ଚଳଚ୍ଚିତ୍ର, ଦେଶର ଅର୍ଥନୀତି, ପ୍ରାକୃତିକ ବିପର୍ଯ୍ୟୟ, ପାଣିପାଗ, ଜାତୀୟ ତଥ୍ୟ, ଆନ୍ତର୍ଜାତୀୟ ଘଟଣାବଳୀ, ବୈଜ୍ଞାନିକ ତଥ୍ୟ, ନୂତନ ଉଦ୍ଭାବନ ଓ ଆବିଷ୍କାର, ସ୍ୱାସ୍ଥ୍ୟ, ରୂପଚର୍ଚ୍ଚା, ବଜାରଦର, ବ୍ୟବସାୟ ବାଣିଜ୍ୟ, ବିଜ୍ଞାପନ ଆଦି ବହୁ ବିଷୟରେ ସମ୍ବାଦ ପରିବେଷଣ କରୁଥିବାରୁ ଏହାର ଉପଯୋଗିତାର ତୁଳନା ନାହିଁ ।

**ବିଭିନ୍ନ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା:** ବିଭିନ୍ନ କ୍ଷେତ୍ରରେ ସମ୍ବାଦପତ୍ର ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିପାଦନ କରିଥାଏ । କୌଣସି ରାଜନୀତିକ ନେତା ବା ସରକାର ଜନସ୍ୱାର୍ଥ ପ୍ରତି ଉଦାସୀନ ଭାବ

ପ୍ରକାଶ କଲେ ସମ୍ବାଦପତ୍ରରେ ତା'ର ତୀବ୍ର ସମାଲୋଚନା ପ୍ରକାଶ ପାଇଥାଏ । ଦୁର୍ନୀତି, କଳାବଜାରୀ, ପ୍ରିୟାପ୍ରୀତି ତୋଷଣ ସମ୍ବନ୍ଧରେ କଟୁ ସମାଲୋଚନା ପ୍ରକାଶ କରି ଜନସ୍ୱାର୍ଥର ସୁରକ୍ଷା ଦିଗରେ ଏହା କାର୍ଯ୍ୟପନ୍ଥା ଗ୍ରହଣ କରିଥାଏ । ଜନସାଧାରଣଙ୍କୁ ବିଭିନ୍ନ କ୍ଷେତ୍ରରେ ସଚେତନ କରାଇ ଦେବାର ଦାୟିତ୍ୱ ସମ୍ବାଦପତ୍ରର । ସରକାରଙ୍କ ବିଭିନ୍ନ ନୀତିକୁ ପ୍ରକାଶ କରି ଏଥିରେ ଜନସ୍ୱାର୍ଥ ବିରୋଧୀ ନୀତିକୁ ସମୋଲୋଚନା କରାଯାଇଥାଏ ।ତେଣୁ ଜନସଚେତନତା ଓ ରାଜନୀତିକ ଚେତନା ଜାଗରଣ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଜାଗରଣ ନିମିତ୍ତ ଏହା ଭିତ୍ତିଭୂମି ପ୍ରସ୍ତୁତ କରିଥାଏ । ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । କୌଣସି କ୍ଷେତ୍ରରେ ଗଣତନ୍ତ୍ର ପ୍ରତି ବିପଦ ଆସିବାର ଅନୁଭବ କଲେ ଏହା ତା'ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥାଏ । ତେଣୁ ଶାସନକଳ ସ୍ୱେଚ୍ଛାଚାରୀ ହେବାକୁ ଭୟ କରିଥାଏ । ଜନସାଧାରଣଙ୍କ ଚିନ୍ତାଧାରାକୁ ମାର୍ଜିତ ଓ ରୁଚିପୂର୍ଣ୍ଣ କରିବା କ୍ଷେତ୍ରରେ ସମ୍ବାଦପତ୍ରର ଗୁରୁଦାୟିତ୍ୱ ରହିଛି । ଗଣସ୍ୱାର୍ଥ ପ୍ରତି ବିପଦ ଦେଖାଦେଲେ, ସମ୍ବାଦପତ୍ରରେ ତା'ର ବିରୋଧ କରାଯାଇଥାଏ । ଏହିସବୁ ଦୃଷ୍ଟିକୋଣରୁ ସମ୍ବାଦପତ୍ରର ଭୂମିକା ଗୋଟିଏ ଗଣତାନ୍ତ୍ରିକ ଦେଶରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମନେ ହୋଇଥାଏ ।

**ସମ୍ବାଦପତ୍ରର ଧର୍ମ:** ସତ୍ୟପ୍ରକାଶ ଓ ଜନସଚେତନତାର ଜାଗରଣ ସମ୍ବାଦପତ୍ରର ମୁଖ୍ୟଧର୍ମ । କାମଳ ସାମ୍ବାଦିକତା ଉଭୟ ଦେଶ ଏବଂ ବ୍ୟକ୍ତିର କ୍ଷତି ସାଧନ କରିଥାଏ । କୌଣସି ସମ୍ବାଦପତ୍ର ଯେକୌଣସି ରାଜନୀତିକ ଦଳର ମୁଖପତ୍ର ରୂପେ କାର୍ଯ୍ୟ କରିବା ଅନୁଚିତ । ନିରପେକ୍ଷ ଓ ବିଚାରବନ୍ତ ଭାବରେ ସମ୍ବାଦପତ୍ରରେ ସମ୍ବାଦ ପ୍ରକାଶ ଲାଭ କଲେ ତାହା ତା'ର ସମ୍ମାନ ବୃଦ୍ଧି କରିଥାଏ । କୌଣସି ଦଳ ବା ବ୍ୟକ୍ତି ପ୍ରତି ଅସୂୟା ପ୍ରକାଶ କରି ସମ୍ବାଦ ପ୍ରକାଶିତ ହେଲେ ସମ୍ବାଦପତ୍ରର ମହତ୍ତ୍ୱ ହାନି ଘଟିଥାଏ । ସମସ୍ତ ପ୍ରକାର ପ୍ରଲୋଭନ ତଥା ଦଳର ଊର୍ଦ୍ଧ୍ୱରେ ରହି ସମ୍ବାଦ ପରିବେଷଣ କରିବା ଏହାର ମୁଖ୍ୟଧର୍ମ । ଠିକ ସମ୍ବାଦର ବିକୃତ ପରିବେଷଣ ଦ୍ୱାରା ଜନମତ ବିଭ୍ରାନ୍ତ ହୋଇଥାଏ । ସ୍ୱାଧୀନ ତଥା ବିଚାରବନ୍ତ ଭାବରେ ସମ୍ବାଦ ପରିବେଷଣ କଲେ ସମ୍ବାଦପତ୍ରର ଗୌରବ ବୃଦ୍ଧି ପାଇଥାଏ । ୧୯୬୬ ମସିହାରେ ଗଠିତ ହୋଇଥିବା ପ୍ରେସ୍ କାଉନ୍‌ସିଲ ସମ୍ବାଦପତ୍ରର ଦୋଷ ତ୍ରୁଟି, ସ୍ୱାଧୀନତା ତଥା ଦିଗ୍‌ଦର୍ଶନ ଦେବାପାଇଁ ସୃଷ୍ଟି ହୋଇଛି । ମିଥ୍ୟା ସମ୍ବାଦ, ଉଦ୍ଦେଶ୍ୟମୂଳକ ଚରିତ୍ର ସଂହାର ବିରୋଧରେ ଏହି ପ୍ରେସ୍ କାଉନ୍‌ସିଲରେ ଅଭିଯୋଗ କରାଗଲେ, ସେ ତା'ର ଉପଯୁକ୍ତ ବିଚାର କରି ସମ୍ବାଦପତ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ନିରପେକ୍ଷତା, ସ୍ୱଚ୍ଛତା ଓ ସତ୍ୟ ସମ୍ବାଦ ପରିବେଷଣ ସମ୍ବାଦପତ୍ରର ପ୍ରଥମ ଧର୍ମ ହେବା ଉଚିତ ।

**ଉପସଂହାର:** ସମ୍ପ୍ରତି ସମ୍ବାଦପତ୍ରର ଲୋକପ୍ରିୟତା ବହୁପରିମାଣରେ ବୃଦ୍ଧି ପାଉଛି । ଇଂଲଣ୍ଡ ଓ ଆମେରିକାରେ ଏହି କାରଣରୁ ଗୋଟିଏ ଗୋଟିଏ ସମ୍ବାଦପତ୍ର ଦିନକୁ ଦୁଇଥର ପ୍ରକାଶ ପାଇ ଜନସାଧାରଣଙ୍କୁ ତାଜା ସମ୍ବାଦ ପରିବେଷଣ କରିପାରୁଛି । ଆଜି ଭାରତରେ ପ୍ରାୟ ୧୨, ୨୧୨ଟି ସମ୍ବାଦପତ୍ର ପ୍ରକାଶିତ ହେଉଛି । ଏଥିରୁ ସମ୍ବାଦପତ୍ର ପ୍ରତି ଜନମାନସର ଉଦ୍ଦେଶ୍ୟ ବେଶ୍ ସ୍ପଷ୍ଟ । ଏହି କାରଣରୁ ସମ୍ବାଦପତ୍ରଗୁଡ଼ିକ ଦାୟିତ୍ୱପୂର୍ଣ୍ଣ ଓ ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରି ଜନସାଧାରଣଙ୍କୁ ସଙ୍ଗଠିତ କରିବା ଆବଶ୍ୟକ । ଗୋଟିଏ ସ୍ୱାଧୀନ ଦେଶ ପାଇଁ ସମ୍ବାଦପତ୍ରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଜାତିର ସେବା ମନୋବୃତ୍ତି ନେଇ ସ୍ୱାଧୀନ ଚିନ୍ତାଧାରା ଏଥିରେ ପ୍ରକାଶ ପାଇପାରିଲେ ଏହା ଜନସାଧାରଣଙ୍କ ଅଶେଷ ମଙ୍ଗଳ ସାଧନ କରିପାରିବ । ତେଣୁ ଗୋଟିଏ ନିରପେକ୍ଷ ସମ୍ବାଦପତ୍ର ଦେଶର ପ୍ରକୃତ ଗୌରବ ।

●●●

## ୮.୫ ଜୀବନୀ ପାଠର ଆବଶ୍ୟକତା

**ଉପକ୍ରମ:** ବିଶ୍ୱ ଗୋଟିଏ ବିରାଟ ଶିକ୍ଷାୟତନ । ପ୍ରତି ମୁହୂର୍ତ୍ତରେ କେତେ ଘଟଣା ପୃଥିବୀରେ ଘଟିଯାଉଛି, ତା'ର ଇୟତ୍ତା ନାହିଁ । ଅନୁରୂପ ଭାବେ ପୃଥିବୀରେ ବହୁପ୍ରକାର ମଣିଷ ବାସ କରନ୍ତି । ଏହା ମଧ୍ୟରେ ଚୋର, ଡକାୟତଙ୍କଠାରୁ ଆରମ୍ଭ କରି ମହାପୁରୁଷ ପର୍ଯ୍ୟନ୍ତ ଅଛନ୍ତି । ଅନେକ ବ୍ୟକ୍ତିଙ୍କ କାର୍ଯ୍ୟାବଳୀ ପୃଥିବୀରେ କିଛି ନା କିଛି ପରିବର୍ତ୍ତନ ସଙ୍ଘଟିତ କରିଛି । ତେଣୁ ପ୍ରତ୍ୟେକ ମଣିଷଠାରୁ ଅନ୍ୟ ମଣିଷର କିଛି ନା କିଛି ଶିକ୍ଷା କରିବାର ଅଛି । ଭାଗବତର 'ଯଦୁ ଅବଧୂତ ସମ୍ବାଦ'ରୁ ଜଣାଯାଏ, ଅବଧୂତ ତାଙ୍କ ଜୀବନରେ ଚବିଶ ଜଣ ଗୁରୁ କରିଥିଲେ । ଏହି ଗୁରୁମାନଙ୍କ ମଧ୍ୟରେ କୀଟପତଙ୍ଗଠାରୁ ଆରମ୍ଭ କରି ବେଶ୍ୟା ପର୍ଯ୍ୟନ୍ତ ରହିଛନ୍ତି । ଅବଶ୍ୟ ସମସ୍ତଙ୍କ ଜୀବନରୁ ସବୁ କଥା ଶିକ୍ଷା କରିବା ଅନୁଚିତ । ଜୀବନ ଓ ସମାଜ ଗଠନରେ ବ୍ୟକ୍ତିର ଯେଉଁ ମହତ୍ତର ଗୁଣ ମଣିଷକୁ ସାହାଯ୍ୟ କରିପାରିବ, କେବଳ ତାହାହିଁ ଶିକ୍ଷା କରିବା ଆବଶ୍ୟକ । ଏହି ଦୃଷ୍ଟିରୁ ଜୀବନୀପାଠର ଉପଯୋଗିତା ଅତୀବ ମୂଲ୍ୟବାନ୍ । ଅନେକ ମହାପୁରୁଷ ଅଛନ୍ତି, ଯେଉଁମାନଙ୍କର ଜୀବନ ସମାଜର ଏକ ଆଦର୍ଶ ସ୍ତମ୍ଭ ସଦୃଶ । ସେମାନଙ୍କ ଜୀବନର ପ୍ରଭାବ ଦୁଷ୍ଟ ମଣିଷଙ୍କ ପ୍ରକୃତିକୁ ମଧ୍ୟ ପରିବର୍ତ୍ତନ କରାଇ ଦେଇଥାଏ । ରତ୍ନାକର ଦସ୍ୟୁ ସେହିପରି ଜଣେ ମହାପୁରୁଷଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ମହର୍ଷି ବାଲ୍ମୀକିରେ ପରିଣତ ହୋଇଥିଲେ । ଚଣ୍ଡାଶୋକ ରୂପାନ୍ତରିତ ହୋଇଥିଲେ ଧର୍ମାଶୋକରେ । ଟଲଷ୍ଟୟଙ୍କ ଜୀବନର ପ୍ରଭାବ ମହାତ୍ମାଗାନ୍ଧିଙ୍କୁ ଜଣେ ମହାନ୍ ପୁରୁଷରେ ପରିଣତ କରିପାରିଥିଲା । ଆତ୍ମତ୍ୟାଗର ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ମହାପୁରୁଷଗଣ ସମାଜରେ ସ୍ଥାପନ କରିଯାଇଛନ୍ତି, ତା'ର ତୁଳନା ନାହିଁ । ସେହିମାନଙ୍କର ଆଦର୍ଶ ଜୀବନକୁ ଅନୁସରଣ କରିବା ପ୍ରତ୍ୟେକ ମଣିଷର ମହାନ୍ କର୍ତ୍ତବ୍ୟ । ସେହିମାନଙ୍କର ଜୀବନାଦର୍ଶକୁ ଅନୁସରଣ କଲେ ସମାଜରୁ ହିଂସା, ଦ୍ୱେଷ, ପରଶ୍ରୀକାତରତାର ବିଲୋପ ଘଟିବ । ସ୍ନେହ, ପ୍ରେମ, ଶ୍ରଦ୍ଧା, ଦୟା ଓ ଭ୍ରାତୃତ୍ୱ ପରି ମହାନ୍ ଗୁଣଗୁଡ଼ିକର ବିକାଶ ହେବ । ଏହି ଦୃଷ୍ଟିରୁ ଜୀବନୀପାଠର ଆବଶ୍ୟକତା ଏକାନ୍ତ ଜରୁରୀ ମନେ ହୋଇଥାଏ ।

**ଜୀବନୀ ପାଠର ସାମାଜିକ ଦିଗ:** ବ୍ୟକ୍ତିକୁ ନେଇ ସମାଜ ଗଠିତ । ବ୍ୟକ୍ତିର କ୍ରିୟାକଳାପ ସମାଜ ଜୀବନକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ନେତୃତ୍ୱ ଆଦର୍ଶସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତରେ ନ୍ୟସ୍ତ ହୋଇଛି, ସେତେବେଳେ ସମାଜ ସୁନାରେ ପରିଣତ ହୋଇଛି । ସେହି ଦୃଷ୍ଟିରୁ ଆମେ ରାମଙ୍କ ରାଜତ୍ୱକୁ ରାମରାଜ୍ୟ ବୋଲି କହିଛୁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ତା'ର ଆଦର୍ଶମୟ ଜୀବନଯାପନ ପ୍ରଣାଳୀ 'ଜୀବନୀ ପୁସ୍ତକ'ରେ ପ୍ରକାଶ ଲାଭ କରିଥାଏ ।ତା'ର ପଠନ ଦ୍ୱାରା ସମାଜ ଉପରେ ତା'ର ଏକ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥାଏ । ମହାତ୍ମା ଗାନ୍ଧିଙ୍କ ଜୀବନୀ ପାଠ କଲେ ମଣିଷ ମନରେ ସ୍ନେହ, ପ୍ରେମ ତଥା ଅହିଂସା ଭାବର ଉଦ୍ରେକ ଘଟିଥାଏ । କର୍ମକୁଣ୍ଠତା ପ୍ରତି ଆସିଥାଏ ଘୃଣା । ମହାତ୍ମା ଗାନ୍ଧି କେବଳ ଜଣେ ଆଦର୍ଶ ବ୍ୟକ୍ତି ନଥିଲେ, ଥିଲେ ମଧ୍ୟ ଜଣେ କର୍ମବୀର । ତାଙ୍କର ଉଚ୍ଚାରଣ ଓ ଆଚରଣ ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା । ସେହିପରି ମହାମୁନି ଦଧୀଚିଙ୍କର ଆତ୍ମତ୍ୟାଗର କାହାଣୀ ମଣିଷକୁ ତ୍ୟାଗମୟ ଜୀବନ ଅତିବାହିତ କରିବାକୁ ପ୍ରେରଣା ଦେଇଥାଏ । ସୁଭାଷ ବୋଷଙ୍କ ପରି ମହାପୁରୁଷଙ୍କ ଜୀବନୀ ମନରେ ଜାତୀୟ ଭାବରେ ଉଦ୍ରେକ



ଟିପ୍ପଣୀ

କରେ, ଅନ୍ୟାୟ ଓ ଅନୀତି ନିକଟରେ ମଥାନତ ନକରିବାକୁ ପ୍ରେରିତ କରେ । ସୁଭାଷ ବୋଷ ଥିଲେ ଏକ ସାଲିସବିହୀନ ବ୍ୟକ୍ତିତ୍ୱ । ବୁଦ୍ଧ, ଯୀଶୁ, ମହମ୍ମଦ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ ଆଦିଙ୍କ ଜୀବନୀ ପାଠରୁ ମଣିଷ ମନରେ ଥିବା ଧର୍ମାନ୍ଧତା ଦୂର ହୋଇଥାଏ । ମଣିଷକୁ ଭଲ ପାଇବା ନିମିତ୍ତ ଏମାନଙ୍କର ଜୀବନୀ ପ୍ରେରଣା ଦେଇଥାଏ । ସମାଜ ଗଠନରେ ମହାପୁରୁଷମାନଙ୍କ ଜୀବନୀ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଦେଶ ପାଇଁ, ଜାତି ପାଇଁ ଆତ୍ମତ୍ୟାଗ କରିବାକୁ ଏମାନଙ୍କର ଜୀବନୀ ଶିଖାଇଥାଏ । ସମାଜର ସମସ୍ତ ମଣିଷଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ମହାପୁରୁଷଙ୍କ ଜୀବନୀ ପ୍ରେରଣା ଦିଏ । ବଡ଼ ବଡ଼ କୂଟନୀତିଜ୍ଞଙ୍କ ଜୀବନୀ ମଧ୍ୟ ପାଠ କରିବା ଉଚିତ । ରାଷ୍ଟ୍ର ଗଠନରେ ଓ ରାଷ୍ଟ୍ରକୁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରିବାରେ ଏମାନଙ୍କର ଜୀବନୀର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେଉଁମାନେ ପ୍ରକୃତ କୂଟନୀତିଜ୍ଞ, ସେମାନେ କଦାପି କୌଣସି ରାଷ୍ଟ୍ରର ଅମଙ୍ଗଳ ଚିନ୍ତା କରିପାରନ୍ତି ନାହିଁ । ସେମାନଙ୍କ ଦୃଷ୍ଟିରେ ସମଗ୍ର ବିଶ୍ୱ ଏକ । ବିଶ୍ୱର ମାତ୍ର ଗୋଟିଏ ସଭ୍ୟତା, ତାହା ହେଉଛି ମାନବ ସଭ୍ୟତା । ତେଣୁ ମାନବ ସମାଜର ବିକାଶ ପାଇଁ ଏମାନେ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି । ଏହି ଦୃଷ୍ଟିରୁ ଆବ୍ରାହମ ଲିଙ୍କନ, ମହାତ୍ମାଗାନ୍ଧି, ପଣ୍ଡିତ ଜବାହରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ ଆଦିଙ୍କ ଜୀବନୀ ପାଠ କରିବାର ଆବଶ୍ୟକତା ରହିଛି । ଆଉ କେତେକ ଜୀବନୀ ସମାଜର ସେବା କରିବା ପାଇଁ ମଣିଷଙ୍କୁ ଉଦ୍‌ବୁଦ୍ଧ କରିଥାଏ । ସତେଯେପରି ସେମାନଙ୍କର ଜନ୍ମ ଦଳିତ, ନିପୀଡ଼ିତ ଓ ଅସହାୟ ବ୍ୟକ୍ତିଙ୍କର ସେବା ପାଇଁ ଉଦ୍ଦିଷ୍ଟ । ମଦର ଟେରେସା, ଭଗ୍ନୀ ନିବେଦିତା, ଉତ୍କଳମଣି ଗୋପବନ୍ଧୁ ଆଦିଙ୍କ ଜୀବନୀ ଏହି ଦୃଷ୍ଟିରୁ ଅତୀବ ମହତ୍ତ୍ୱପୂର୍ଣ୍ଣ । ଅନେକ ବ୍ୟକ୍ତିଙ୍କ ଜୀବନୀ ଆମକୁ ଦେଶର ସେବା କରିବାକୁ ଆହ୍ୱାନ କରିଥାଏ । ଆମ ମନରେ ଭରିଦେଇଥାଏ ଦେଶପ୍ରୀତି । ଜାତୀୟ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଭୁଲିଯାଇଥାଉ ବ୍ୟକ୍ତିଗତ ସ୍ୱାର୍ଥ । ଶହୀଦ ଭଗତ୍ ସିଂ, ଶହୀଦ ଲକ୍ଷ୍ମଣ, ସୁରେନ୍ଦ୍ର ସାଏ, ସୁଭାଷ ବୋଷ, ରାଣୀ ଲକ୍ଷ୍ମୀବାଈ, ମରହଟ୍ଟା ସର୍ଦ୍ଦାର ଶିବାଜୀ ଆଦିଙ୍କ ଜୀବନୀ ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏତଦ୍‌ବ୍ୟତୀତ ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀଚୈତନ୍ୟ, ଯୀଶୁଖ୍ରୀଷ୍ଟ ତୁକାରାମ, ରାମଦାସ, ତୁଳସୀଦାସ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ନିମ୍ବାର୍କ, ମହମ୍ମଦ, ମହାବୀର ଆଦିଙ୍କ ଜୀବନୀ ସମାଜକୁ ଏକ ଧର୍ମ ଭାବରେ ଦୀକ୍ଷିତ କରିଥାଏ, ସମାଜରେ ପରିପୂରିତ ଅନ୍ଧବିଶ୍ୱାସ ଦୂର କରି ଧର୍ମର ଉଦ୍ଦେଶ୍ୟ ସମ୍ପର୍କରେ ଜ୍ଞାତ କରାଇଥାଏ, ସଂକୀର୍ଣ୍ଣ ଭାବ ଦୂର କରାଇ ସମାଜକୁ ଉଚିତ ମାର୍ଗରେ ଗତି କରାଇବାକୁ ପ୍ରେରଣା ଦେଇଥାଏ । ତେଣୁ ସମାଜକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବାକୁ ହେଲେ ମହାପୁରୁଷମାନଙ୍କ ଜୀବନୀ ପାଠର ଆବଶ୍ୟକତା ରହିଛି ।

**ଜୀବନୀ ପାଠର ନୈତିକ ଦିଗ:** ବ୍ୟକ୍ତି ବ୍ୟକ୍ତିତ୍ୱ ଗଠନ ଦିଗରେ ମଧ୍ୟ ମହାପୁରୁଷଙ୍କ ଜୀବନୀ ପାଠର ଉପଯୋଗିତା ଉପଲବ୍ଧି ହୋଇଥାଏ । ନୈତିକ ଆଦର୍ଶ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କର ଜୀବନୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନୀତିହୀନ ମଣିଷର ସମାଜରେ ବଞ୍ଚିବା ପାଇଁ କୌଣସି ଅଧିକାର ନାହିଁ । ଗୋଟିଏ ଗୋଟିଏ ମୁହୂର୍ତ୍ତ ମଣିଷ ଜୀବନରେ ତୁମୂଳ ପରିବର୍ତ୍ତନ ଆନୟନ କରିଥାଏ । ସ୍ଖଳିତ ମଣିଷ ମହାପୁରୁଷଙ୍କ ଜୀବନୀ ପାଠ କଲେ ସେମାନେ ନିଜର ଚରିତ୍ରକୁ ସଂଶୋଧନ କରିପାରିବେ । ଚରିତ୍ର ଗଠନରେ ଏହାର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶିବାଜୀ ତାଙ୍କ ମାତାଙ୍କଠାରୁ ରାମାୟଣ ଓ ମହାଭାରତର ବୀରମାନଙ୍କ କାହାଣୀ ଶ୍ରବଣ କରି ନିଜ ଜାତିକୁ ସଙ୍ଗଠିତ କରିବା ସ୍ୱପ୍ନ ଦେଖିଥିଲେ । ପରବର୍ତ୍ତୀ ସମୟରେ ତାଙ୍କରି

ଉଦ୍ୟମରେ ମରହଟ୍ଟା ସମଗ୍ର ଭାରତରେ ଏକ ବିରାଟ ଶକ୍ତି ରୂପେ ଠିଆ ହୋଇପାରିଥିଲା । ସମାଜରେ ନୈତିକ ଆଦର୍ଶ ସ୍ଥାପନ କ୍ଷେତ୍ରରେ ମହାପୁରୁଷଙ୍କ ଜୀବନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନଙ୍କ ଜୀବନର ପ୍ରଭାବ କମ୍ ମୂଲ୍ୟବାନ ନୁହେଁ । ସେମାନଙ୍କର ଜୀବନୀ ମଣିଷମନରୁ ସଂକୀର୍ଣ୍ଣତା ଓ ସ୍ୱାର୍ଥାନ୍ଧତା ଦୂର କରିଥାଏ । ନୀଚତା ଓ କ୍ଷୁଦ୍ରତା ଦୂର କରି ମହାମାନବର ସାଗର ତୀରେ ଅବଗାହନ କରିବାକୁ ଆହ୍ୱାନ ଦେଇଥାଏ । ଚରିତ୍ର ମଧ୍ୟରେ ରହିଥିବା କଳାଦାଗ ପୋଛିଦେଇ ତାକୁ ଶୁଦ୍ଧ ସୁବର୍ଣ୍ଣରେ ପରିଣତ କରାଇଥାଏ ।

**ଉପସଂହାର:** ଆଧୁନିକ ମଣିଷ ଆଜି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିକୈନ୍ଦ୍ରିକ ହୋଇପଡ଼ିଛି । ତା' ନିକଟରେ ଆଜି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହିଁ ସବୁଠାରୁ ବଡ଼ ହୋଇ ଦେଖାଦେଇଛି । ସମାଜ ପ୍ରତି ରହିଥିବା ତା'ର କର୍ତ୍ତବ୍ୟବୋଧକୁ ସେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଛି । ଏହି ପରିପ୍ରେକ୍ଷୀରେ ଜୀବନୀ ପାଠ ତା ଜୀବନ ପାଇଁ ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି । ମହତ୍ ବ୍ୟକ୍ତିଙ୍କର ଜୀବନୀ ପାଠ ଦ୍ୱାରା ସେ ତା'ର ଚରିତ୍ରକୁ ହୁଏତ କିଛି ପରିମାଣରେ ସଂଶୋଧନ କରିପାରିବ ।ସମାଜ ପାଇଁ ତା'ର ଯେ କିଛି କର୍ତ୍ତବ୍ୟ ରହିଛି, ସେ ସମ୍ପର୍କରେ ସଚେତନ ହୋଇପାରିବ । ଜୀବନର ପ୍ରକୃତ ମୂଲ୍ୟ ସମ୍ପର୍କରେ ଅବଗତ ହୋଇପାରିବ । ଏହି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି (ବିଶେଷକରି ମହତ୍ ବ୍ୟକ୍ତି)ଙ୍କର ଜୀବନୀ ପାଠକୁ ଗୁରୁତ୍ୱ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଏଥିପାଇଁ ଏକ ବାତାବରଣ ସୃଷ୍ଟିର ଆବଶ୍ୟକତା ରହିଛି ।

ଟିପ୍ପଣୀ

# ୮.୬ ମହାତ୍ମା ଗାନ୍ଧି

**ଉପକ୍ରମ:** ପୃଥିବୀରେ ପ୍ରତି ମୁହୂର୍ତ୍ତରେ ଶହ ଶହ ମଣିଷ ଜନ୍ମଲାଭ କରୁଛନ୍ତି; ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ମାତ୍ର ଜଣଜଣଙ୍କ ଜୀବନୀ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଉଛି । ପୃଥିବୀରେ ଜନ୍ମଲାଭ କରି ମୃତ୍ୟୁବରଣ କରିବା ସତ୍ତ୍ୱେ ଯେଉଁ ଅଳ୍ପ କେତେଜଣ ଏଯାବତ୍ ଅମର ହୋଇ ରହିପାରିଛନ୍ତି ତନ୍ମଧ୍ୟରେ ଭାରତର ମହାତ୍ମାଗାନ୍ଧି ଅନ୍ୟତମ । ତାଙ୍କର ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା, ସାଧୁତା ଓ ନୈତିକତା ଏବେ ମଧ୍ୟ ପୃଥିବୀରେ ବିରଳ । ଜଣେ ଭାରତୀୟ ଭାବେ ସମୟାନୁବର୍ତ୍ତୀ ଇଂରେଜମାନଙ୍କୁ ମଧ୍ୟ ସମୟାନୁବର୍ତ୍ତିତା ସମ୍ପର୍କରେ ଶିକ୍ଷା ଦେଇ ପାରିଥିଲେ । ସେହି କାରଣରୁ ହୋମସ୍ ତାଙ୍କୁ ପୃଥିବୀର ଗୌତମବୃଦ୍ଧ ଏବଂ ଯୀଶୁଖ୍ରୀଷ୍ଟଙ୍କ ପରେ ମାନବ ଜାତିର ଶ୍ରେଷ୍ଠ ବ୍ୟକ୍ତିତ୍ୱ ବୋଲି କହିଥିଲେ । ତାଙ୍କର ନିଷ୍ଠା ଓ ଆଦର୍ଶ ଇଂରେଜ ଜାତିକୁ ମଧ୍ୟ ବିସ୍ମୟାଭିଭୂତ କରିଥିଲା । ଶୋଷିତ, ପୀଡ଼ିତ ଓ ଅବହେଳିତମାନଙ୍କର ସେ ଥିଲେ ଦରଦୀ ବନ୍ଧୁ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଥିଲା ଅତୀବ ମହତ୍ତ୍ୱପୂର୍ଣ୍ଣ । ଶାନ୍ତି ଓ ଅହିଂସା ଆନ୍ଦୋଳନରେ ଭାରତକୁ ସ୍ୱାଧୀନ କରି ବିଶ୍ୱ ଇତିହାସରେ ସେ ଏକ ନୂତନ ମାର୍ଗ ଉନ୍ମୋଚନ କଲେ । ତାଙ୍କ ଜୀବନ ଭାରତ ଇତିହାସର ସବୁଠାରୁ ମୂଲ୍ୟବାନ ଘଟଣା ।

**ଜନ୍ମ ଓ ଜୀବନୀ:** ମହାତ୍ମାଗାନ୍ଧି ଗୁଜୁରାଟର ପୋରବନ୍ଦରଠାରେ କାବାଗାନ୍ଧି ଓ ପୁତ୍ତଳି ବାଈଙ୍କ ଔରସରୁ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଜନ୍ମ ସମୟରେ ତାଙ୍କର ନାମ ଥିଲା ମୋହନଦାସ କରମଚାନ୍ଦ ଗାନ୍ଧି । ତାଙ୍କର ପିତା ଥିଲେ ରାଜକୋଟ ରାଜ୍ୟର ଦେୱାନ । ସେ ଥିଲେ ଅତ୍ୟନ୍ତ ସଚ୍ଚୋଟ ଓ ନିଷ୍ଠାବାନ । ମାତ୍ର ତେର ବର୍ଷ ବୟସରେ ସ୍କୁଲର ଛାତ୍ର ଥିବା ସମୟରେ କସ୍ତୁରବାଙ୍କ ସହିତ ତାଙ୍କର ବିବାହ କାର୍ଯ୍ୟ ସମାପନ ହୋଇଥିଲା । ବିଦ୍ୟାଳୟ ଶିକ୍ଷା ସମାପ୍ତି ପରେ ବାରିଷ୍ଟରୀ ପାଠ ପଢ଼ିବା ନିମିତ୍ତ ସେ ବିଲାତ ଯାତ୍ରା କରିଥିଲେ ଏବଂ ଆଇନ ଶିକ୍ଷା ସମାପ୍ତି ପରେ ଜଣେ ବାରିଷ୍ଟର ଭାବରେ ୧୮୯୧ ମସିହାରେ ସେ ଭାରତକୁ ଫେରିଆସିଲେ ।ବମ୍ବେଠାରେ ସେ ତାଙ୍କର ଓକିଲାତି ଜୀବନ ଆରମ୍ଭ କରିଥିବା ସମୟରେ ଦାଦା ଅବଦୁଲ୍ଲା ନାମକ ଜଣେ ଭାରତୀୟଙ୍କ ମକଦ୍ଦମା ପାଇଁ ୧୮୯୩ ମସିହା ଅପ୍ରେଲ ମାସରେ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ । ସେହିଠାରେ ହିଁ ଗାନ୍ଧିଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା । ଜଣେ ସାଧାରଣ ବାରିଷ୍ଟରରୁ ସେ ପରିଣତ ହୋଇଥିଲେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରାଜନୀତିକ ବ୍ୟକ୍ତିତ୍ୱରେ । ସୁପ୍ତ ଭାବରେ ରହିଥିବା ମହାନ୍ ସତ୍ତାଟି ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଉପରେ ଗୋରାଲୋକଙ୍କ ଅତ୍ୟାଚାର ଦେଖି ଚେଇଁଉଠିଥିଲା ।

**ଦକ୍ଷିଣ ଆଫ୍ରିକାରେ ନେତୃତ୍ୱ:** ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ଅନୁଭବ କରିଥିଲେ କଳାଲୋକମାନଙ୍କ ପ୍ରତି ଗୋରା ଲୋକମାନଙ୍କ ଅତ୍ୟାଚାର । ଅପମାନିତ ଓ ଅତ୍ୟାଚାରିତ ଭାରତବାସୀଙ୍କ ଜୀବନ ଗାନ୍ଧିଜୀଙ୍କୁ ଗଭୀର ମର୍ମାହତ କରିଥିଲା । ଏହିଠାରୁ ସେ ଆରମ୍ଭ କଲେ ତାଙ୍କର ରାଜନୀତିକ ଜୀବନ । ଦକ୍ଷିଣ ଆଫ୍ରିକାର ଗୋରା ଲୋକଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ସେ ଶପଥ ଗ୍ରହଣ କଲେ । ସେ ଜାଣିଥିଲେ ଶକ୍ତି କିମ୍ବା ହିଂସାତ୍ମକ ଉପାୟରେ କଦାପି ସେ ତାଙ୍କର ଲକ୍ଷ୍ୟ ହାସଲ

କରିପାରିବେ ନାହିଁ । ତେଣୁ ସତ୍ୟ, ନ୍ୟାୟ ପାଇଁ ସେ ଯେଉଁ ନୂତନ ଧରଣର ସଂଗ୍ରାମ ଆରମ୍ଭ କଲେ ତାହା 'ସତ୍ୟାଗ୍ରହ ବା 'ଅହିଂସା ଆନ୍ଦୋଳନ' ନାମରେ ପରିଚିତ ଲାଭ କଲା । ଏହି ସତ୍ୟାଗ୍ରହ ଆନ୍ଦୋଳନ ସମୟରେ ତାଙ୍କୁ ଅନେକ ଥର ଅପମାନିତ ହେବାକୁ ହୋଇଛି, ଲାଠିମାଡ଼ ଖାଇବାକୁ ପଡ଼ିଛି ଏବଂ ଜେଲଦଣ୍ଡ ସହିବାକୁ ହୋଇଛି । ଏହା ସତ୍ତ୍ୱେ ସେ କଦାପି ପଛଘୁଞ୍ଚା ଦେଇ ନାହାନ୍ତି । ଅବଶେଷରେ ସେ ଜୟଯୁକ୍ତ ହେଲେ ଏବଂ ଦକ୍ଷିଣଆଫ୍ରିକାରେ ଭାରତୀୟଙ୍କର ସ୍ୱାର୍ଥ ସୁରକ୍ଷିତ ରହିପାରିଲା ।

**ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ଗାନ୍ଧିଜୀ:** ୧୯୧୫ ମସିହାରେ ଗାନ୍ଧିଜୀ ଭାରତକୁ ଫେରିଲେ । ଭାରତୀୟ ଜାତୀୟ କଂଗ୍ରେସରେ ଜଣେ ସଦସ୍ୟ ଭାବରେ ସେ କାର୍ଯ୍ୟ ଆରମ୍ଭ କଲେ । ଲୋକମାନ୍ୟ ତିଳକଙ୍କ ତିରୋଧାନ ପରେ ୧୯୨୦ ମସିହାଠାରୁ ଜାତୀୟ କଂଗ୍ରେସର ସେ ହେଲେ ସର୍ବେସର୍ବା । ତାଙ୍କରି ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଉତ୍ସାହର ସହିତ ଆଗେଇ ଚାଲିଲା । ସତ୍ୟାଗ୍ରହର ସୁଫଳ ଦକ୍ଷିଣ ଆଫ୍ରିକାରୁ ମିଳିଥିବାରୁ ଗାନ୍ଧିଜୀ ସେହି ଆନ୍ଦୋଳନ ମାଧ୍ୟମରେ ସ୍ୱାଧୀନତା ଲାଭ କରିବାକୁ ଚାହିଁଲେ । ଆରମ୍ଭ ହେଲା ଅସହଯୋଗ ଓ ଆଇନ୍ ଅମାନ୍ୟ ଆନ୍ଦୋଳନ । ଭାରତର ବହୁ ସ୍ଥାନରୁ ଏହି ଆନ୍ଦୋଳନ ପ୍ରତି ସମର୍ଥନ ମିଳିଲା । ଅନେକ ଲୋକ ମଧ୍ୟ ଏହି ଆନ୍ଦୋଳନରେ ଯୋଗ ଦେଲେ । ଗାନ୍ଧିଜୀଙ୍କ ସମେତ ବହୁ ଲୋକ ବନ୍ଦୀ ହେଲେ, ଅତ୍ୟାଚାର ସହିଲେ ଇଂରେଜ ସରକାରଙ୍କଠାରୁ । ୧୯୪୨ ମସିହାରେ ଆରମ୍ଭ ହେଲା 'ଭାରତ ଛାଡ଼ ଆନ୍ଦୋଳନ' । ଗାନ୍ଧିଜୀ ପ୍ରଥମ ଥର ପାଇଁ ଡାକରା ଦେଲେ, 'କର ବା ମର' । ତାଙ୍କୁ କାରାଗାରକୁ ନିଆଗଲା, ଅତ୍ୟାଚାର ମଧ୍ୟ କରାଗଲା । ସେଥିରେ ସେ ଆଦୌ ଦବି ଯାଇନଥିଲେ । ସର୍ବଶେଷରେ ତାଙ୍କରି ନେତୃତ୍ୱରେ ହିଁ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ କଲା । ଗାନ୍ଧିଜୀ ଥିଲେ ଜଣେ ବିରାଟ ନେତା, ଋଷିପ୍ରତିମ ବ୍ୟକ୍ତି ଏବଂ ସମାଜ ସଂଗଠକ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ ତାଙ୍କର ଉଦ୍ୟମ ବଳବତ୍ତର ରହିଥିଲା । ୧୯୪୭ ମସିହାରେ ଭାରତ ଭାଗ ଭାଗ ହୋଇଯିବା ଦ୍ୱାରା ଯେଉଁ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହେଲା, ତାହା ତାଙ୍କୁ ଭୀଷଣ ବ୍ୟଥିତ କରିଥିଲା । ଉତ୍ତେଜନା ସ୍ଥାନକୁ ଯାଇ ସେ ଶାନ୍ତିର ବାର୍ତ୍ତା ପ୍ରଚାର କରୁଥିଲେ । ସେତେବେଳେ ନୂଆଖାଲି, କଲିକତା, ବମ୍ବେ, ବିହାର ଏବଂ ଦିଲ୍ଲୀରେ ଯେଉଁ ଦଙ୍ଗା ସୃଷ୍ଟି ହେଲା, ମହାତ୍ମାଗାନ୍ଧିଙ୍କ ଯୋଗୁଁ ସେଠାରେ ସାଂପ୍ରଦାୟିକ ସଦ୍‌ଭାବ ସୃଷ୍ଟି ହୋଇପାରିଥିଲା । ୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ନାଥୁରାମ ଗଡ୍‌ସେଙ୍କ ଗୁଳିରେ ସେ ପ୍ରାଣ ହରାଇଲେ । ତା'ପର ଦିନ ରାଜଘାଟଠାରେ ତାଙ୍କ ଶବ ସଂସ୍କାର କରାଯାଇଥିଲା । ସେହିଦିନଠାରୁ ରାଜଘାଟର ତାଙ୍କର ସମାଧିରେ ବହୁ ଦେଶୀବିଦେଶୀ ନିଜର ମଥାନତ କରି ସେହି ମହାନ୍ ଆତ୍ମାପ୍ରତି ଶ୍ରଦ୍ଧା ନିବେଦନ କରିଆସୁଛନ୍ତି ।

**ଗାନ୍ଧି ଦର୍ଶନ:** ରାଜନୀତି କ୍ଷେତ୍ରରେ ମଧ୍ୟ ମହାତ୍ମାଗାନ୍ଧି ଥିଲେ ଜଣେ ଋଷି ସଦୃଶ । ତାଙ୍କର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ହେଉଛି ଅହିଂସା । ହରିଜନମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ସେ ସମସ୍ତ ପ୍ରକାର ଚେଷ୍ଟା କରି ସଫଳ ହୋଇଛନ୍ତି । ଛୁଆଁ ଅଛୁଆଁ ଭେଦଭାବକୁ ସେ ତୀବ୍ର ଘୃଣା କରିଥିଲେ ଏବଂ ହରିଜନମାନଙ୍କର ମନ୍ଦିର ପ୍ରବେଶ ନିମିତ୍ତ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ ।ସେ ସ୍ୱପ୍ନ ଦେଖୁଥିଲେ ଗୋଟିଏ ରାମରାଜ୍ୟର, ଯେଉଁଠାରେ ଶାନ୍ତି; ସୁଖ ଓ ନ୍ୟାୟ ପରିପୂର୍ଣ୍ଣ ହୋଇ ରହିଥିବ । ସ୍ୱେଚ୍ଛାଚାର ଶାସନ ପଦ୍ଧତିକୁ ସେ ତୀବ୍ର ବିରୋଧ କରୁଥିଲେ । ପ୍ରକୃତ ଗଣତନ୍ତ୍ର ପ୍ରତି ତାଙ୍କ ହୃଦୟରେ ପ୍ରଗାଢ଼ ମମତା ରହିଥିଲା ।

## ସାହିତ୍ୟ ଓ ଜୀବନୀ ଭିତ୍ତିକ ପ୍ରବନ୍ଧ

ଅହିଂସା ଓ ସତ୍ୟ ଉଭୟଙ୍କୁ ସେ ଈଶ୍ୱରଙ୍କ ପରି ସମ୍ମାନ ପ୍ରଦର୍ଶନ କରୁଥିଲେ । ଗାନ୍ଧିଜୀ ପଲ୍ଲୀ ଅଞ୍ଚଳର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦେଉଥିଲେ । କାରଣ ସେ ଜାଣିଥିଲେ ପ୍ରକୃତ ଭାରତର ଆତ୍ମା ଏହି ପଲ୍ଲୀ ମଧ୍ୟରେ ହିଁ ବଞ୍ଚିରହିଛି । ସେ ଥିଲେ ସ୍ୱଦେଶୀ ଆନ୍ଦୋଳନର ପ୍ରବକ୍ତା । ଖଦଡ଼ ପିନ୍ଧିବା ନିମିତ୍ତ ତଥା କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେବା ନିମିତ୍ତ ସେ ଜନସାଧାରଣଙ୍କୁ କହୁଥିଲେ । ଆଧୁନିକ ଭାରତର ଯଥାର୍ଥ ନିର୍ମାତା ସେ । ଉଚ୍ଚ ଚିନ୍ତାଧାରା ଓ ସରଳ ଜୀବନଯାପନ ପ୍ରଣାଳୀ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ । ମାନବ ସେବାକୁ ସେ ଈଶ୍ୱରଙ୍କ ସେବା ବୋଲି ମନେ କରୁଥିଲେ ଏବଂ ପ୍ରତ୍ୟେକ ଧର୍ମକୁ ସମଦୃଷ୍ଟିରେ ଦେଖୁଥିଲେ । ତାଙ୍କ ମତରେ ବିଭିନ୍ନ ଧର୍ମର ମାର୍ଗ ଭିନ୍ନ ଭିନ୍ନ ହୋଇଥିଲେହେଁ ଲକ୍ଷ୍ୟସ୍ଥଳ ଏକ । ଧର୍ମ ଏବଂ ଈଶ୍ୱରଙ୍କ ମଧ୍ୟରେ ସେ କୌଣସି ପାର୍ଥକ୍ୟ ଦେଖି ପାରିନଥିଲେ । ଧର୍ମ ଏବଂ ରାଜନୀତି ପରସ୍ପରଠାରୁ ଅଲଗା ନୁହନ୍ତି ବୋଲି ସେ କହୁଥିଲେ । ତାଙ୍କ ମତରେ ଶରୀର ଏବଂ ଆତ୍ମା ମଧ୍ୟରେ ସମ୍ପର୍କ ଯେପରି, ରାଜନୀତି ଓ ଧର୍ମ ମଧ୍ୟରେ ସମ୍ପର୍କ ଅନୁରୂପ । ତେଣୁ ସେ କହୁଥିଲେ 'Politics bereft of religion is a death trap, because it kills the soul. 'ହିଂସା ମଣିଷର ସର୍ବନାଶ କରିଥାଏ, ଏହା ଶରୀର ଓ ଆତ୍ମା ଉଭୟଙ୍କୁ କଳୁଷିତ କରେ । ସେଥିପାଇଁ ସେ ହିଂସା ବା ସଂଘର୍ଷ ଅଥବା ରକ୍ତପାତ ଦ୍ୱାରା ସ୍ୱାଧୀନତା ଆଣିବାର ପକ୍ଷପାତୀ ନଥିଲେ । ତେଣୁ ସେ କହୁଥିଲେ 'Freedom won by violent means was of no use to me'. ଶିକ୍ଷା ସମ୍ବନ୍ଧରେ ତାଙ୍କର ଦୃଷ୍ଟିଭଙ୍ଗୀ ଥିଲା ବିସ୍ତୃତ । କେବଳ ଦସ୍ତଖତଶିକ୍ଷା ବା ଅକ୍ଷରଶିକ୍ଷାକୁ ସେ ଶିକ୍ଷା ଭାବରେ ଗ୍ରହଣ କରିପାରି ନଥିଲେ । ଯାହାଦ୍ୱାରା ମଣିଷ ଜୀବନର ସାମଗ୍ରିକ ବିକାଶ ହୋଇପାରେ, ଗାନ୍ଧିଜୀଙ୍କ ମତରେ ତାହାହିଁ ପ୍ରକୃତ ଶିକ୍ଷା । ତାଙ୍କ ମତରେ ମଣିଷର ଶରୀର, ମନ ଓ ଆତ୍ମା ମଧ୍ୟରେ ଏକ ସୁସମ୍ବନ୍ଧ ସ୍ଥାପନ କରିବା ଶିକ୍ଷାର ଲକ୍ଷ୍ୟ ହେବା ଉଚିତ । ଯେଉଁ ଶିକ୍ଷା ଶରୀର, ମନ ଏବଂ ଆତ୍ମାର ପ୍ରକୃତ ଯତ୍ନ ନେଇପାରିବ, ସେହି ପ୍ରକାର ଶିକ୍ଷାର ସେ ଥିଲେ ପକ୍ଷପାତୀ । ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହେବା ଉଚିତ ବୋଲି ସେ ମତ ଦେଉଥିଲେ । ଗୀତାର ତତ୍ତ୍ୱ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଥିଲା । ପ୍ରତ୍ୟେକ ମଣିଷ ସେହି ଏକ ବିରାଟ ଆତ୍ମାର ଅଂଶବିଶେଷ ବୋଲି ସେ ମନେ କରୁଥିଲେ । ପ୍ରତ୍ୟେକ ମଣିଷ ଈଶ୍ୱର ସୃଷ୍ଟି ହୋଇଥିବାରୁ ମଣିଷ ମଧ୍ୟରେ ରହିଥିବା ଛୁଆଁ ଅଛୁଆଁ ଭେଦଭାବକୁ ସେ ତୀବ୍ର ଘୃଣା କରୁଥିଲେ । ଭାରତରେ ପରିଲକ୍ଷିତ ହେଉଥିବା ଅର୍ଥନୈତିକ ବୈଷମ୍ୟକୁ ଦୂର କରିବା ପାଇଁ ସେ ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ । ତାଙ୍କର ଧାରଣା ଥିଲା, ସମାଜର ସାମଗ୍ରିକ ବିକାଶ ସେତିକିବେଳେ ସମ୍ଭବ ହୋଇଥାଏ, ଯେତେବେଳେ ସମସ୍ତ ଅଧିକାରୀ ନିଜକୁ ଜାତୀୟ ସ୍ରୋତ ସହିତ ସାମିଲ କରିଦିଅନ୍ତି । ପୁନରାୟ ସମାଜରେ ପରିପୂରିତ ବିଭିନ୍ନ କୁସଂସ୍କାର ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଯୌତୁକ, ପର୍ଦ୍ଦା ଓ ଜାତିପ୍ରଥାକୁ ସେ ଘୃଣା କରୁଥିଲେ । ଏହା ଦ୍ୱାରା ସାମାଜିକ ବିଭେଦ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ତାଙ୍କର ବିଶ୍ୱାସ ଥିଲା । ପଲ୍ଲୀର ବିକାଶ ନିମିତ୍ତ ସେ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲେ । ଭାରତ ଗୋଟିଏ ଗ୍ରାମବହୁଳ ଦେଶ ହୋଇଥିବାରୁ ପ୍ରଥମେ ଗ୍ରାମର ବିକାଶ ନିମିତ୍ତ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତ ଦେଉଥିଲେ । ହସ୍ତଶିଳ୍ପ, କୁଟୀରଶିଳ୍ପକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି ସେ ଯୁକ୍ତି କରୁଥିଲେ । ସ୍ୱାଧୀନତାର ଅର୍ଥ ସ୍ୱାବଲମ୍ବନଶୀଳତା ବୋଲି ସେ ଭାବୁ ନଥିଲେ । ତେଣୁ ସେ କହୁଥିଲେ, ମଣିଷ ଯେତେବେଳେ ଅନୁଭବ କରିବ, ସେ ଆର୍ଥିକ, ସାମାଜିକ, ରାଜନୀତିକ ସବୁ ସ୍ତରରେ

ସ୍ୱାବଲମ୍ବନଶୀଳ ହୋଇପାରିବ, ସେତେବେଳେ ହିଁ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ସମ୍ପର୍କରେ ସେ ଅବଗତ ହେବ ଏବଂ ଭାରତର ସାମଗ୍ରିକ ବିକାଶ ସାଧିତ ହୋଇପାରିବ । ତେଣୁ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଥିଲା ଏକ ପରିପୂର୍ଣ୍ଣ ଭାରତ । ପରିପୂର୍ଣ୍ଣ ଭାରତ କହିଲେ ସେ ବୁଝିଥିଲେ, ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ।

**ଉପସଂହାର:** ଗାନ୍ଧିଜୀ କେବଳ ଭାରତର ଜଣେ ବରପୁତ୍ର ନୁହନ୍ତି; ସେ ମଧ୍ୟ ଜଣେ ମହାତ୍ମା । ତାଙ୍କର ଆଦର୍ଶର ତୁଳନା ନାହିଁ । କାୟ, ମନ ଓ ବାକ୍ୟରେ ସେ ଯେପରି ଭାରତ ଏବଂ ଭାରତୀୟଙ୍କୁ ଭଲ ପାଉଥିଲେ, ସେପରି ଅନ୍ୟ କେହି ଜଣେ ଭାରତୀୟଙ୍କୁ ଏଯାବତ୍ ଦେଖିବାକୁ ମିଳିଲା ନାହିଁ । ସ୍ୱାଧୀନତା ସଂଗ୍ରାମର ଅଗ୍ରଗାମୀ ସେନାପତି ଅଥଚ ବିନା ଅସ୍ତ୍ରରେ ଦୁର୍ଦ୍ଧର୍ଷ, କୂଟନୀତିଜ୍ଞ, ଚତୁର ଇଂରେଜମାନଙ୍କୁ ଏ ଦେଶରୁ ସେ ହଟାଇ ଦେଇପାରିଲେ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମର ପଟାନ୍ତର ନାହିଁ । ଏହା କେବଳ ସମ୍ଭବ ହୋଇପାରିଥିଲା ମହାତ୍ମାଗାନ୍ଧିଙ୍କ ପାଇଁ । ତେଣୁ ସେ ଏ ଜାତିର ପଥ ପ୍ରଦର୍ଶକ, ଗୁରୁ, ବନ୍ଧୁ, ଦାର୍ଶନିକ-ସବୁ କିଛି । ମାତ୍ର ଦୁଃଖର ବିଷୟ ସ୍ୱାଧୀନତା ପରେ ଏ ଦେଶର ରାଜନୀତିଜ୍ଞ ଓ ଜନସାଧାରଣ ତାଙ୍କ ସ୍ୱପ୍ନର ସାକାର ପାଇଁ ସାମାନ୍ୟ ମାତ୍ର ଧ୍ୟାନ ଦେଉ ନାହାନ୍ତି । ତାଙ୍କର ରାମରାଜ୍ୟ ପରିକଳ୍ପନା ଆଜି ରାବଣ ରାଜ୍ୟରେ ପରିଣତ ହୋଇଯାଇଥିଲେ ମଧ୍ୟ ଆମେ ସେଥିପ୍ରତି ସାମାନ୍ୟ ମାତ୍ର ସଚେତନ ନୋହୁଁ । ତେଣୁ ଭାରତରେ ପୂଜ୍ୟପୂଜା ପରମ୍ପରା କିପରି ମହତ୍ତ୍ୱପୂର୍ଣ୍ଣ, ତାହା ଏଥିରୁ ପ୍ରମାଣିତ ।

●●●

# ୮.୭ ନେତାଜୀ ସୁଭାଷ ଚନ୍ଦ୍ର ବୋଷ

**ଉପକ୍ରମ:** ଭାରତରେ ଅନେକ ନେତା ଅଛନ୍ତି; ମାତ୍ର ନେତାଜୀ କହିଲେ କେବଳ ସୁଭାଷ ଚନ୍ଦ୍ର ବୋଷଙ୍କୁ ହିଁ ବୁଝାଇଥାଏ । ତାଙ୍କର ବ୍ୟକ୍ତିତ୍ୱ, ନିଷ୍ଠା, ଦୃଢ଼ ସଂକଳ୍ପ ଓ ସାହାସ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ନେତାଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ତାଙ୍କର ଜୀବନ ବହୁ ରୋମାଞ୍ଚକର ଅନୁଭୂତିରେ ପରିପୂର୍ଣ୍ଣ । ଭାରତରୁ ବର୍ମା, ପୁଣି ଜର୍ମାନରୁ ଜାପାନ, ଜାପାନରୁ ଦିଲ୍ଲୀ-ସୁଦୀର୍ଘ ପଥ ଅତିକ୍ରମରେ ସାମାନ୍ୟ ବି କ୍ଳାନ୍ତି ନଥିଲା ମନରେ । ତାଙ୍କ ଜୀବନର ରୋମାଞ୍ଚକର ଅନୁଭୂତି ସତେଯେପରି ଏକ ରହସ୍ୟ ଉପନ୍ୟାସ । ରହସ୍ୟ ଉପନ୍ୟାସର ନାୟକ ପରି କାହିଁ ଗୋଟିଏ ଦିନରେ ଶହ ଶହ ମାଇଲ ଅତିକ୍ରମ । ଏଭଳି ଏକ ବିରଳ ବ୍ୟକ୍ତିତ୍ୱ ଭାରତରେ ଆଉ କେବେ ଦେଖାଯିବ ନାହିଁ । ଭାରତୀୟଙ୍କୁ ଭଲପାଇବାକୁ ଯାଇ ସେ ହୋଇଥିଲେ ସ୍କୁଲରୁ ବିତାଡ଼ିତ, ଦେଶକୁ ଭଲପାଇବାକୁ ଯାଇ ସେ ହେଲେ ଭାରତରୁ ବିତାଡ଼ିତ ଓ ସ୍ୱାଧୀନତାକୁ ଭଲପାଇବାକୁ ଯାଇ ସେ ହେଲେ ତଥାକଥିତ ବ୍ୟକ୍ତିମାନଙ୍କ ଦୃଷ୍ଟିରେ ବିଦ୍ରୋହୀ । ବ୍ୟକ୍ତିଗତ ସ୍ୱାର୍ଥ ନ ଥାଇବି ସେ ସମୟର ସବୁଠାରୁ ଲୋଭନୀୟ ପଦବୀ ଆଇ.ସି.ଏସ. ତ୍ୟାଗ କରିଥିଲେ । ତାଙ୍କ ଜୀବନ ଏକ ଖୋଲା ବହି, ରହସ୍ୟ ଓ ରୋମାଞ୍ଚକର ଭରା । ବୋଧହୁଏ ସେ ସମୟର ପ୍ରକୃତ ଭାରତମାତାର ସେ ହେଉଛନ୍ତି ଯୋଗ୍ୟତମ ସନ୍ତାନ ।

**ଜନ୍ମ ଓ ଜୀବନୀ:** ଏହିପରି ଏକ ବୀର ସନ୍ତାନଙ୍କର ଜନ୍ମ ହୋଇଥିଲା ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ କଟକର ଓଡ଼ିଆବଜାରରେ, ପିତା ଜାନକୀନାଥ ବୋଷ ଏବଂ ମାତା ପ୍ରଭାବତୀଙ୍କ ଔରସରୁ । ତାଙ୍କ ପିତାଙ୍କର ସର୍ବମୋଟ ୧୪ଟି ସନ୍ତାନ ମଧ୍ୟରୁ ସେ ଥିଲେ ନବମ ସନ୍ତାନ । ତାଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ମିଶନାରୀମାନଙ୍କ ଦ୍ୱାରା ପରିଚାଳିତ ଏକ ଇଂରାଜୀ ସ୍କୁଲରେ । ୧୯୦୯ ମସିହାରେ ସେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ପିତାମାତାଙ୍କ ପ୍ରତି ତାଙ୍କ ହୃଦୟରେ ଭରି ରହିଥିଲା ଅଗାଧ ଭକ୍ତି । ତାଙ୍କ ଦୃଷ୍ଟିରେ ପିତାଙ୍କର ସ୍ଥାନ ଦେବତାଙ୍କଠାରୁ ଊର୍ଦ୍ଧ୍ୱରେ । ପାଠ ସହିତ ବ୍ରହ୍ମଚର୍ଯ୍ୟ ଓ ଧ୍ୟାନଯୋଗ ସାଧନାରେ ସେ ବହୁସମୟ ବ୍ୟୟ କରୁଥିଲେ । ୧୯୧୩ ମସିହା ମାର୍ଚ୍ଚ ମାସରେ ଅନୁଷ୍ଠିତ ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ସମଗ୍ର ବଙ୍ଗ, ବିହାର, ଓ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ପିଲାଟି ଦିନରୁ ସେ ଥିଲେ ସ୍ୱାଧୀନଚେତା । ଜନ୍ମମାଟିକୁ ସେ ଗଭୀର ଭାବରେ ଭଲ ପାଉଥିଲେ । ପ୍ରତ୍ୟେକ ଭାରତୀୟଙ୍କ ପ୍ରତି ତାଙ୍କ ହୃଦୟରେ ଭରି ରହିଥିଲା ସମ୍ମାନବୋଧ । ତେଣୁ ଇଂରେଜ ଶାସନରେ କୌଣସି ଭାରତୀୟଙ୍କୁ ଅପମାନ କରାଗଲେ ସେ ତୀବ୍ର ପ୍ରତିକ୍ରିୟାଶୀଳ ହୋଇ ଉଠୁଥିଲେ । ପ୍ରେସିଡେନ୍ସୀ କଲେଜରେ ଅଧ୍ୟୟନ ସମୟରେ ଅଧ୍ୟାପକ ଓଟେନ୍‌ଙ୍କର ଭାରତୀୟଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟରେ ପ୍ରତିକ୍ରିୟାଶୀଳ ହୋଇ ସେ ତାଙ୍କୁ ଶ୍ରେଣୀ ଗୃହରେ ଅପମାନିତ କରିଥିଲେ । ଫଳରେ ତାଙ୍କୁ କଲେଜ୍‌ରୁ ବିତାଡ଼ିତ ହେବାକୁ ପଡ଼ିଲା । ତା'ପରେ ସେ ସ୍କଟିସ୍ ଚର୍ଚ୍ଚ କଲେଜରେ ଦର୍ଶନ ଶାସ୍ତ୍ରରେ ଅନର୍ସ ସହିତ ପ୍ରଥମ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ପିତାଙ୍କ ନିର୍ଦ୍ଦେଶରେ ଆଇସିଏସ୍ ପରୀକ୍ଷା ପାଇଁ ସେ ବିଲାତ ଯାତ୍ରା କରିଥିଲେ । କୃତିତ୍ୱର ସହିତ ଚତୁର୍ଥ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଚାହିଁଥିଲେ ଏକ ଲୋଭନୀୟ ସରକାରୀ ଚାକିରି ପାଇ ବିଳାସ ଓ ପ୍ରାଚୁର୍ଯ୍ୟରେ ଜୀବନ ଅତିବାହିତ କରିପାରିଥାନ୍ତେ । ମାତ୍ର ତାଙ୍କର ଜୀବନ ଗଢ଼ାଥିଲା ଅନ୍ୟ

ଉପାଦାନରେ । ଦେଶର ସେବା ପାଇଁ ସେ ପ୍ରଥମରୁ ହିଁ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଗୋଟିଏ ସରକାରୀ କ୍ଷୁଦ୍ର ଚାକିରି ମଧ୍ୟରେ ସେ ତାଙ୍କର ମୂଲ୍ୟବାନ ଜୀବନଟିକୁ ନଷ୍ଟ କରିବାକୁ ଚାହୁଁନଥିଲେ । ପରାଧୀନ ଭାରତବର୍ଷର ଦୁଃଖ ତାଙ୍କୁ ପ୍ରତି ମୁହୂର୍ତ୍ତରେ ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ଦେଉଥିଲା । ତେଣୁ ଅଧ୍ୟୟନ ପରେ ପରେ ଦେଶ ସେବା ପାଇଁ ସେ ରାଜନୀତିକ ଜୀବନକୁ ବରଣ କରିନେଲେ ।

**ଶିକ୍ଷା ଓ ରାଜନୀତିକ ଜୀବନ:** ୧୯୨୦ ମସିହାରେ ସେ ସମୟର ସବୁଠାରୁ ଉଚ୍ଚତର ପରୀକ୍ଷା ଆଇସିଏସ୍‌ରେ ଚତୁର୍ଥ ସ୍ଥାନ ଲାଭ କରିବା ପରେ ସମସ୍ତେ ଅନୁମାନ କରିନେଇଥିଲେ, ବ୍ରିଟିଶ୍ ରାଜତ୍ୱରେ ଏକ ବଡ଼ ଚାକିରି କରି ଦିନ ଅତିବାହିତ କରିବେ । ବିଲାତରେ ଥିବା ସମୟରେ ସେ ବିଶ୍ୱର ରାଜନୀତିକ ପରିବର୍ତ୍ତନକୁ ଲକ୍ଷ୍ୟ କରୁଥିଲେ । ସେତେବେଳେ ବିଶ୍ୱଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ବିଶ୍ୱର ରାଜନୀତିକ ଆକାଶକୁ ପ୍ରତିମୁହୂର୍ତ୍ତରେ ପରିବର୍ତ୍ତନ କରି ଦେଉଥିଲା । ସେହିଠାରେ ଥାଇ ସୁବାଷଚନ୍ଦ୍ର ତାଙ୍କର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିନେଇଥିଲେ । ଏହି ସମୟରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ତୀବ୍ରତର ହୋଇ ଉଠୁଥିଲା । ସୁବାଷ ବିଲାତରୁ ଭାରତ ଅଭିମୁଖେ ଯାତ୍ରା କରି ୧୯୨୧ ଏପ୍ରିଲ୍ ୧୬ ତାରିଖରେ ବମ୍ବେରେ ପହଁଚି ସ୍ୱାଧୀନତା ଆନ୍ଦୋଳନର ଶ୍ରେଷ୍ଠ ସାରଥୀ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କଲେ । ଏହି ଯୁବକଟିର ବ୍ୟକ୍ତିତ୍ୱ, ଜ୍ଞାନ ଓ ଦେଶସେବା ପାଇଁ ଉତ୍ସର୍ଗୀକୃତ ମନୋଭାବର ଯଥାର୍ଥ ପରିଚୟ ପାଇପାରିଥିଲେ ଗାନ୍ଧିଜୀ ସେହି ପ୍ରଥମ ସାକ୍ଷାତରୁ । ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ସେ କଲିକତାରେ ଦେଶବନ୍ଧୁ ଚିତ୍ତରଂଜନଙ୍କ ସହିତ ସାକ୍ଷାତ କରି ତାଙ୍କ ନେତୃତ୍ୱରେ ଦେଶସେବା କାର୍ଯ୍ୟରେ ଲାଗି ପଡ଼ିଥିଲେ । ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ । କଲିକତା କର୍ପୋରେସନ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ମଧ୍ୟ ହୋଇଥିଲେ । ସୁଭାଷ ଥିଲେ ସାଲିସ୍‌ହୀନ ବ୍ୟକ୍ତିତ୍ୱ । ସ୍ୱାଧୀନତାକୁ ଏକ ଅଧିକାର ବୋଲି ସେ ଗ୍ରହଣ କରିନେଇଥିଲେ । ଏହା ସତ୍ତ୍ୱେ ପ୍ରାଥମିକ ପର୍ଯ୍ୟାୟରେ ସେ ଗାନ୍ଧିଜୀଙ୍କର ବିରୋଧ କରିନଥିଲେ । ବ୍ରିଟିଶ୍ ବିରୋଧୀଙ୍କ ସହିତ ସଂପର୍କ ରହିଥିବାର ସନ୍ଦେହ କରାଯାଇ ତାଙ୍କୁ ବର୍ମାର ମାଣ୍ଡାଲେ ଜେଲ୍‌ରେ ରଖାଯାଇଥିଲା । ପରେ ତାଙ୍କୁ ଖଲାସ କରିଦିଆଗଲା । ୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଜଣେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଲାଠିମାଡ଼ରେ ଆହତ ହୋଇଥିଲେ । ୧୯୩୮ ମସିହାରେ ହରିପୁରଠାରେ ସେ ଜାତୀୟ କଂଗ୍ରେସରେ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ଗାନ୍ଧିଜୀଙ୍କ ନରମପନ୍ଥୀ ମନୋଭାବକୁ ସେ ଅନ୍ତରରେ ଗ୍ରହଣ କରିପାରୁନଥିଲେ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଜାତୀୟ କଂଗ୍ରେସରେ ତାଙ୍କୁ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଥିଲା । ସେ ଇଂରେଜମାନଙ୍କ ସହିତ କୌଣସି କ୍ଷେତ୍ରରେ ସାଲିସ୍ କରିବାକୁ ଚାହୁଁନଥିଲେ । ସେ ଥିଲେ ଚରମପନ୍ଥୀ ଆଦର୍ଶରେ ଦୀକ୍ଷିତ । ତାଙ୍କର ଏହି ମନୋବୃତ୍ତି ଗାନ୍ଧିଜୀ ତଥା ତାଙ୍କ ଅନୁସରଣକାରୀମାନଙ୍କ ପ୍ରତି ଅସହ୍ୟ ଥିଲା । ସେମାନଙ୍କ ମନୋବୃତ୍ତି ଓ କାର୍ଯ୍ୟପଦ୍ଧତି ସହିତ ସାଲିସ୍ କରିନପାରି ସୁଭାଷ ୧୯୩୯ ମସିହାରେ ସଭାପତି ପଦରୁ ଇସ୍ତଫା ଦେଲେ । ମାତ୍ର ଦେଶ ସେବାରେ ସେହି ପରମ କର୍ତ୍ତବ୍ୟବୋଧରୁ ସେ ନିଜକୁ ନିବୃତ୍ତ ରଖିପାରିଲେ ନାହିଁ । ୧୯୩୯ ମସିହାରେ ଫରୱାର୍ଡ ବ୍ଲକ ନାମରେ ଏକ ନୂତନ ଦଳ ଗଠନ କରି ତାହାର ସେ ନେତୃତ୍ୱ ନେଲେ ।

**ଆଜଜାଦହିନ୍ଦ୍ ଫୌଜ:** ଭାରତରେ ସୁଭାଷ ବୋଷଙ୍କୁ ଇଂରେଜମାନେ ତାଙ୍କର ଏକ ବଡ଼ ଶତ୍ରୁଭାବରେ ପରିଗଣିତ କରୁଥିଲେ । ତେଣୁ ତାଙ୍କୁ ଶକ୍ତିକୁ ଅଧିକ ଦୃଢ଼ୀଭୂତ ନ କରାଇ ଦେବାକୁ ସେମାନେ

ବିଭିନ୍ନ ଉଦ୍ୟମ ଜାରି ରଖିଥିଲେ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା । ଇଂଲଣ୍ଡ ଏଥିରେ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହୋଇପଡ଼ିବାରୁ ସୁଭାଷ ଏହାର ସୁଯୋଗ ଲାଭ କରିବାକୁ ତତ୍ପର ହୋଇ ଉଠିଲେ । ତାଙ୍କର ମନୋବୃତ୍ତି ଇଂରେଜମାନଙ୍କୁ ଅଜଣା ନଥିଲା । ତେଣୁ ସେମାନେ ତାଙ୍କୁ ୧୯୪୦ ମସିହାରେ କାରାରୁଦ୍ଧ କଲେ । ସେ ଏହାର ପ୍ରତିବାଦ ସ୍ୱରୂପ ଅନଶନ କରିବାରୁ ତାଙ୍କୁ କାରାଗାରରୁ ମୁକ୍ତ କରାଗଲା । ମାତ୍ର ସଦାବେଳେ ନଜରବନ୍ଦୀ ଅବସ୍ଥାରେ ସମୟ ଅତିବାହିତ କରିବାକୁ ପଡ଼ିଲା । ଏହା ସତ୍ତ୍ୱେ ସୁଭାଷ ନିଜର କାର୍ଯ୍ୟକଳାପରୁ ଆଦୌ ଓହରି ଯାଇନଥିଲେ । ୧୯୪୧ ମସିହା ଜାନୁଆରୀ ମାସ ୧୬ ତାରିଖରେ ଜିଆଉଦ୍ଦିନଙ୍କ ଛଦ୍ମବେଶରେ ସେ ଭାରତ ତ୍ୟାଗ କଲେ । ଆଫଗାନସ୍ଥାନ, କାବୁଲ ଆଦି ଦେଇ ସେ ପହଞ୍ଚିଲେ ଜର୍ମାନରେ । ଜର୍ମାନୀରେ ଏକଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ସହିତ ଯୋଗାଯୋଗ ରକ୍ଷାକରି ସେଠାରେ ବନ୍ଦୀ ରହିଥିବା ଭାରତୀୟ ସୈନ୍ୟଙ୍କୁ ମୁକ୍ତ କରି ଆଜାଦ୍ ହିନ୍ଦ୍ ଫୌଜ ଗଠନ କଲେ । ସିଙ୍ଗାପୁରରେ ଭାଷଣ ଦେବା ଅବସରରେ ସେଠାକାର ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ – 'ତୁମେ ମୋତେ ରକ୍ତ ଦିଅ– ମୁଁ ତୁମକୁ ସ୍ୱାଧୀନତା ଦେବି ।' ବିପ୍ଳବୀ ରାସବିହାରୀ ବସୁଙ୍କ ସହିତ ସାକ୍ଷାତ୍ ଦ୍ୱାରା ସୁଭାଷଙ୍କର ମନୋବଳ ବୃଦ୍ଧି ପାଇଥିଲା । ଜର୍ମାନୀରୁ ଜାପାନ ଆସିବା ପରେ ଜାପାନରୁ ସେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଲାଭ କଲେ । 'ଆଜାଦ୍ ହିନ୍ଦ୍ ଫୌଜ୍' ମାଧ୍ୟମରେ ସେ ସ୍ୱପ୍ନ ଦେଖିଲେ ସ୍ୱାଧୀନ ଭାରତର । ସିଙ୍ଗାପୁରଠାରେ ସେ ସ୍ୱାଧୀନ ଭାରତୀୟ ସରକାର ଗଠନ କଲେ । ଭାରତୀୟ ନାଗରିକମାନଙ୍କୁ ସାମ୍ରାଜ୍ୟବାଦୀ ଇଂରେଜ ଶାସକଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ସେ ଆହ୍ୱାନ କଲେ । 'ଆଜାଦ୍ ହିନ୍ଦ୍ ଫୌଜ୍'କୁ ସଙ୍ଗଠିତ କରି ସେ ଇଂରେଜ ଶାସକ ବିରୋଧରେ ପ୍ରତ୍ୟକ୍ଷ ସଂଗ୍ରାମ କରିବାକୁ ସ୍ଥିର କଲେ । ତାପରେ ସେ ଡାକ ଦେଲେ– 'ଦିଲ୍ଲୀ ଚଲ୍ଲୋ' । ସାହସ ଏବଂ ଧୈର୍ଯ୍ୟର ସହିତ ବର୍ମା ସୀମା ଅତିକ୍ରମ କରି ସୁଭାଷ ତାଙ୍କର 'ଆଜାଦ୍ ହିନ୍ଦ୍ ଫୌଜ୍'ଙ୍କୁ ନେଇ ଭାରତ ମାଟିରେ ପଦାର୍ପଣ କଲେ । କୋହିମା ଦଖଲ କରି ମଣିପୁରର ଇମ୍ଫାଇଠାରେ ଭାରତର ସ୍ୱାଧିନତା ପତାକା ଉଡ଼ାଇଲେ । ମାତ୍ର ହଠାତ୍ ଦୁର୍ଭାଗ୍ୟର ରାତ୍ରି ମାଡ଼ିଆସିଲା । ଜର୍ମାନ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜିତ ହେଲା । ଜାପାନ 'ଆଜାଦ୍ ହିନ୍ଦ୍ ଫୌଜ୍'କୁ ଦେଉଥିବା ସାହାଯ୍ୟ ବନ୍ଦ କରିଦେଲା । ଇଂରେଜମାନେ ସୁଭାଷଙ୍କ ଦ୍ୱାରା ଅଧିକୃତ ହୋଇଥିବା ସ୍ଥାନଗୁଡ଼ିକୁ ପୁଣି କବଳିତ କରିନେଲେ । ବାଧ ହୋଇ ସେମାନେ ଫେରିଆସିଲେ । ସ୍ୱପ୍ନ ଅଧା ରହିଗଲା । ମାନସିକ ଯନ୍ତ୍ରଣାରେ ଛଟପଟ ହେଲେ ସୁଭାଷ । ସେ ତାଙ୍କର ବାମପନ୍ଥୀ ଚିନ୍ତାଧାରା ଯୋଗୁଁ ରୁଷ ଯାଇ ପୁଣି ସେଠାରେ ସୈନ୍ୟ ସଂଗ୍ରହ କରି ଇଂରେଜମାନଙ୍କ ସହିତ ଯୁଦ୍ଧ କରିବାକୁ ଯୋଜନା ପ୍ରସ୍ତୁତ କଲେ । ୧୯୪୫ ମସିହାରେ ରୁଷ ଯିବା ପାଇଁ ସୁଭାଷ ସାଇଗନ୍‌ଠାରେ ଉଡ଼ାଜାହାଜରେ ବସିଥିଲେ । ତାପର ଘଟଣା ଏବେ ବି ସଂଶୟାଚ୍ଛନ ।

**ମୃତ୍ୟୁ ସମ୍ପର୍କରେ ଧାରଣା:** କେତେକ କୁହନ୍ତି ଉଡ଼ାଜାହାଜରେ ଯାତ୍ରା କରିବା ସମୟରେ ବାଟରେ ଦୁର୍ଘଟଣା ଘଟି ସୁଭାଷ ବୋଷ ମୃତ୍ୟୁବରଣ କରିଛନ୍ତି । ଅନ୍ୟ କେତେକ ତାଙ୍କର ମୃତ୍ୟୁ ଘଟଣାକୁ ଏପର୍ଯ୍ୟନ୍ତ ବିଶ୍ୱାସ କରିବାକୁ ରାଜି ନୁହନ୍ତି । ପ୍ରକୃତରେ ସୁଭାଷ ବୋଷ ମୃତ କି ଜୀବିତ ସେ ସମ୍ପର୍କୀୟ କୌଣସି ସତ୍ୟପୂର୍ଣ୍ଣ ତଥା ଏଯାବତ୍ ଉଦ୍ଧାର କରାଯାଇପାରି ନାହିଁ । ସେଥିପାଇଁ ଭାରତରେ ତାଙ୍କର ଜନ୍ମଜୟନ୍ତୀଟିକୁ ହିଁ ପାଳନ କରାଯାଉଛି । ତେବେ ସେ ମୃତ ହୁଅନ୍ତୁ କିମ୍ବା ଜୀବିତ ଥାଆନ୍ତୁ,ଭାରତ ମାଟିର ସେ ଏକ ଯୋଗ୍ୟ ଓ ବୀର ସନ୍ତାନ, ଏହା କଦାପି ଅସ୍ୱୀକାର କରାଯାଇ ନପାରେ । ଅନେକ ଚିନ୍ତାଶୀଳ ବ୍ୟକ୍ତି

ମତପ୍ରଦାନ କରି କହିଥାନ୍ତି, ଯଦି ଆଜାଦ୍ ହିନ୍ଦ୍ ଫୌଜର ସଂଗ୍ରାମ ଦ୍ୱାରା ଭାରତ ସ୍ୱାଧୀନତା ଲାଭ କରିଥାନ୍ତା, ତେବେ ହୁଏତ ଭାରତର ରୂପ ଅନ୍ୟପ୍ରକାର ହୋଇଥାଆନ୍ତା । ଦୁର୍ନୀତି, ଅତ୍ୟାଚାର ଓ କଳାବଜାରୀ ଯେପରି ଭାରତର ରାଜନୀତିକୁ କଳୁଷିତ କରୁଛି, ତାହା ହୁଏତ କରିପାରିନଥାନ୍ତା । ରାଜନୀତିକ ଭ୍ରଷ୍ଟାଚାର ଏବଂ ରାଜନୀତିକ ନେତାମାନଙ୍କର ଚରିତ୍ର ଏତେ ନିମ୍ନଗାମୀ ହୋଇପାରିନଥାନ୍ତା । ବର୍ତ୍ତମାନର ଭାରତ ସୁଭାଷବୋଷଙ୍କ ପରିକଳ୍ପିତ ଭାରତ ନୁହେଁ । ସୁବୁଠାରୁ ଦୁଃଖର ବିଷୟ ବର୍ତ୍ତମାନର ଭାରତକୁ ପ୍ରକୃତରେ କେହି ଚାହୁଁନଥିଲେ । ସ୍ୱପ୍ନ ଥିଲା ଅନ୍ୟ କିଛି, ମାତ୍ର ବାସ୍ତବତା ତାକୁ ପରିଣତ କଲା ଅନ୍ୟ କିଛିରେ ।

**ଉପସଂହାର:** ସୁଭାଷ ବୋଷ ବୋଧହୁଏ ଭାରତମାତାର ପ୍ରକୃତ ସୁଯୋଗ୍ୟ ସନ୍ତାନ । ମା'ର ସମ୍ମାନ ରକ୍ଷା କରିବାକୁ ଯାଇ ସେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିଥିଲେ । ସ୍ୱାଧୀନତାକୁ ଏକ ଦାନ ଭାବରେ ଗ୍ରହଣ କରିବାର ଆଦୌ ପକ୍ଷପାତୀ ନଥିଲେ । ତେଣୁ ସେ ଚାହୁଁଥିଲେ ସଂଗ୍ରାମ । ନିଜ ଅଧିକାରକୁ କେବଳ ସଂଗ୍ରାମ ଦ୍ୱାରା ହିଁ ହାସଲ କରାଯାଇପାରେ । ଦୁଃଖର ବିଷୟ, ସୁଭାଷ ବୋଷଙ୍କ ସ୍ୱପ୍ନ ଶେଷ ପର୍ଯ୍ୟନ୍ତ ସ୍ୱପ୍ନରେ ହିଁ ରହିଗଲା । ତାଙ୍କର ପ୍ରଦର୍ଶିତ ମାର୍ଗ ଅଧାରୁ ହିଁ ବନ୍ଦ ହୋଇଗଲା । ତାଙ୍କର ଆଦର୍ଶ, ବଳିଷ୍ଠ ବ୍ୟକ୍ତିତ୍ୱ, ଯାହା ଦିନେ ସମଗ୍ର ଇଂରେଜ ଜାତିଙ୍କ ମଧ୍ୟରେ ହୃତ୍‌କମ୍ପ ସୃଷ୍ଟି କରିପାରିଥିଲା, ବର୍ତ୍ତମାନର ଭାରତୀୟମାନେ ତାହାକୁ ଅନୁସରଣ ନ କରିବା ପରିତାପର ବିଷୟ । ଜନ୍ମ ଜୟନ୍ତୀର ଭାଷଣ କେବଳ ଲୋକ ଦେଖାଣିଆ । ଆମେ ତାଙ୍କୁ ପ୍ରକୃତରେ କେତେ ପରିମାଣରେ ଭଲପାଉ, ତାହା ଯଦି ଆମ କାର୍ଯ୍ୟରେ ପ୍ରତିଫଳିତ ହୋଇପାରନ୍ତା, ତେବେ ସୁଭାଷଙ୍କ ଉତ୍ତରଦାୟାଦ ଭାବରେ ଆମେ ନିଜକୁ ଗର୍ବ କରିପାରନ୍ତେ । ଦୁର୍ନୀତି, କଳାବଜାର, ଅତ୍ୟାଚାର, ପ୍ରିୟାପ୍ରୀତି ତୋଷଣ ଆଜି ଯେଉଁ ଭାରତର ଗତିକୁ ଅବରୋଧ କରିଛି ଏବଂ ଆମେ ଯେଉଁମାନେ ନିର୍ବିକାରରେ ତାହାକୁ ସହ୍ୟ କରିଯାଉଛୁ, ସେହି ଦୃଷ୍ଟିରୁ ସୁଭାଷଙ୍କ ପ୍ରକୃତ ଉତ୍ତରଦାୟାଦ ରୂପେ ନିଜକୁ ଦାବି କରିବାର କୌଣସି ନୈତିକ ଅଧିକାର ଆମର ନାହିଁ ।

●●●

୯

# ଜାତୀୟ ସମସ୍ୟା ଭିତ୍ତିକ ପ୍ରବନ୍ଧ

ଭାରତ ହେଉଛି ଆମର ଜନ୍ମଭୂମି । ଏହାର ସମସ୍ୟା ସମଗ୍ର ଭାରତବାସୀଙ୍କୁ ପ୍ରଭାବିତ କରିଥାଏ । ସମସ୍ୟା ସୃଷ୍ଟି ହେଲେ ଭାରତର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ । ତେଣୁ ସେଥିପ୍ରତି ଛାତ୍ରଛାତ୍ରୀମାନେ ସଚେତନ ରହିଲେ ଭବିଷ୍ୟତରେ ଏପରି ସମସ୍ୟାର ସମାଧାନ କରିବାରେ ସେମାନେ ଅଂଶଗ୍ରହଣ କରିପାରିବେ । ଭାରତର ଯେକୌଣସି ସମସ୍ୟା ଏକ ଜାତୀୟ ସମସ୍ୟା । ଅନେକ ଜାତୀୟ ସମସ୍ୟାଭିତ୍ତିକ ପ୍ରବନ୍ଧ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି, ଯାହାକୁ ପାଠ କଲେ ଛାତ୍ରଛାତ୍ରୀମାନେ ଆମର ଜାତୀୟ ସମସ୍ୟା ସମ୍ପର୍କରେ ଅବଗତ ହେବେ ଏବଂ ଆଗାମୀ ଦିନରେ ଏହାର ପ୍ରତିକାର ପାଇଁ ଉଦ୍ୟମ କରିବେ ।

## ୯.୧ ଭାରତରେ ଶିଶୁ ଶ୍ରମିକ ସମସ୍ୟା

**ଉପକ୍ରମ:** ସମ୍ପ୍ରତି ବିଶ୍ୱରେ ଶିଶୁଶ୍ରମିକ ସମସ୍ୟା ଏକ ବିରାଟ ସମସ୍ୟା ହୋଇ ଦେଖା ଦେଇଛି । ଆଜିର ଶିଶୁ ଆସନ୍ତା କାଲିର ନାଗରିକ- ଏ ବିଷୟରେ ଆମେ ପ୍ରାୟ କେହି ସଚେତନ ନୋହୁଁ । ଆଜି ବିଶ୍ୱରେ କୋଟି କୋଟି ଶିଶୁ ଜୀବିକା ଓ ଜୀବନ ରକ୍ଷା ପାଇଁ ଅତୀବ କଠିନ କାର୍ଯ୍ୟରେ ନିୟୋଜିତ । ଶିଶୁ ଶ୍ରମିକଙ୍କର ଉଚ୍ଛେଦ ପାଇଁ ବହୁ ସଂଗଠନ ଗଠନ କରାଯାଇଛି, ସଭାସମିତିରେ ବିଭିନ୍ନ ଜ୍ଞାନୀ ଗୁଣୀ ବ୍ୟକ୍ତି ଉତ୍ତେଜନାପୂର୍ଣ୍ଣ ଓ ଅଶ୍ଳୀଳ ଅଭିଭାଷଣମାନ ପ୍ରଦାନ କରୁଛନ୍ତି । ମାତ୍ର ଏପରି ଉତ୍କଟ ସମସ୍ୟାର ନିରାକରଣ ନିମିତ୍ତ କେହି ଆନ୍ତରିକତାର ସହ ପ୍ରଯତ୍ନ କରୁ ନାହାନ୍ତି । ବର୍ତ୍ତମାନ ସମଗ୍ର ବିଶ୍ୱରେ ଏହା ଏକ ଚାଲେଞ୍ଜ ହୋଇ ଦେଖା ଦେଇଛି । ଯେଉଁ ସମୟରେ ଶିଶୁଟି ହାତରେ ବହି ବ୍ୟାଗ୍ ଧରି ସ୍କୁଲକୁ ଯିବା କଥା, ପିତାମାତାଙ୍କ ଆଦରଯତ୍ନରେ ସମୟ ଅତିବାହିତ କରିବା କଥା; ଅଥଚ ସେହି ବୟସରେ ବହୁ ଶିଶୁ ବିଭିନ୍ନ କଠିନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି; ସେମାନଙ୍କ ସ୍ୱଳ୍ପ ଆୟ ପିତାମାତାଙ୍କ ହାତରେ ଧରାଇ ଦେଉଛନ୍ତି । ଭାରତରେ ଏହି ଶିଶୁଶ୍ରମିକ ସମସ୍ୟା ଅତ୍ୟନ୍ତ ଉତ୍କଟ । ଏହାର ନିରାକରଣ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଥିଲେ ହେଁ, ତାହା ଯଥାଯଥ ରୂପେ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ପ୍ରତିବର୍ଷ ଭାରତରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଦୁଃଖର ବିଷୟ ଏକ ଗଣତନ୍ତ୍ର ରାଷ୍ଟ୍ରରେ ଶିଶୁ ତା'ର ଯଥାର୍ଥ ଅଧିକାର ଲାଭ କରିବାକୁ ଅସମର୍ଥ । ସମଗ୍ର ମାନବସମାଜ ପାଇଁ ଏହା ଯେ ଏକ ଘୋର ଲଜ୍ଜାକର ଓ ସମ୍ମାନହାନିକର ବିଷୟ, ଏଥିରେ ଦ୍ୱିରୁକ୍ତି ନାହିଁ ।

**ଶିଶୁ ଶ୍ରମିକର କାରଣ:** ଭାରତର ବହୁ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବାରୁ ଶିଶୁଟିଏ ଜନ୍ମ ହେବା ପରେ ସେମାନଙ୍କର ଉପଯୁକ୍ତ ତତ୍ତ୍ୱ ନେବାପାଇଁ ସେମାନଙ୍କ ନିକଟରେ ଆବଶ୍ୟକୀୟ ସମ୍ବଳର ଅଭାବ ଦେଖାଯାଇଥାଏ ।ଏପରିକି ସାମାନ୍ୟ ପୁଷ୍ଟିକର ଖାଦ୍ୟ ଦେବାକୁ ସେମାନେ ଅସମର୍ଥ ହୋଇଥାନ୍ତି । ଏହି ଶିଶୁ ବାଲ୍ୟକାଳ କ'ଣ ଜାଣନ୍ତି ନାହିଁ । ପିଲାଟି ଦିନରୁ ବିଭିନ୍ନ କଳକାରଖାନା, ଦୋକାନ, ହୋଟେଲ, ବିଭିନ୍ନ ବ୍ୟକ୍ତିଙ୍କ ଗୃହରେ, ଚା'ବଗିଚା ତଥା ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି

ନିଜର ପରିବାରକୁ ଆର୍ଥିକ ସାହାଯ୍ୟ କରିଥାନ୍ତି । ପୁଣି କେତେକ ନିର୍ମମ ପିତା ଛୋଟ ଛୋଟ ଶିଶୁମାନଙ୍କ ଶ୍ରମିକ ଭାବରେ ଅର୍ଥ ଲାଭ ଆଶାରେ ବିକ୍ରି କରି ଦେଉଛନ୍ତି । ସାମାନ୍ୟ ଖାଦ୍ୟାଭାବରୁ ଭାରତରେ ପୁଷ୍ଟିହୀନ ଶିଶୁମାନଙ୍କର ସଂଖ୍ୟା ବଢ଼ିଚାଲିଛି । ବର୍ତ୍ତମାନ ଆମ ଦେଶରେ ଏହି ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ସାତକୋଟିରୁ ଅଧିକ ବୋଲି ଗଣନା କରାଯାଇଛି । ଶିଳ୍ପପତି ଏବଂ ଶିଶୁର ପିତାମାତା କେହି ଶିଶୁର ପ୍ରକୃତ ଯତ୍ନ ନେଇ ନଥାନ୍ତି । ପିତାମାତା କିଛି ଅର୍ଥ ଆଶାରେ ଶିଶୁମାନଙ୍କୁ ବିପଜ୍ଜନକ କଳକାରଖାନାରେ କାମ କରିବାକୁ ଛାଡ଼ି ଦିଅନ୍ତି । ଶିଶୁଙ୍କର ମଜୁରି କମ୍ ହୋଇଥିବାରୁ ଏବଂ ଅଳ୍ପ ଖର୍ଚ୍ଚରେ ଜିନିଷପତ୍ର ତିଆରି ହୋଇ ପାରୁଥିବାରୁ ଶିଳ୍ପପତିମାନେ ଆଗ୍ରହରେ ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ତୃତୀୟ ବିଶ୍ୱରେ ଶିଶୁ ଶ୍ରମିକଙ୍କର ନିର୍ଯାତନାର କାହାଣୀ ଯେ କୌଣସି ସମାଜ ସଚେତନ ବ୍ୟକ୍ତିଙ୍କୁ ବ୍ୟଥିତ କରିବ ନିଶ୍ଚୟ । ମେଦିନୀପୁର ଜିଲ୍ଲାର ଚା'ବଗିଚାରେ କାର୍ଯ୍ୟ କରୁଥିବା ଶିଶୁଶ୍ରମିକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ବିଷୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଚା'ବଗିଚାର ଛୋଟ ଛୋଟ ଚା'ଗଛରୁ ପୋକ ବାଛିବାକୁ ଶିଶୁମାନଙ୍କୁ ନିଯୁକ୍ତି କରାଯାଇଥାଏ । ସେହି ପୋକମାନଙ୍କ ଶରୀରରୁ ନିର୍ଗତ ବିଷାକ୍ତ ରସ ଶିଶୁମାନଙ୍କ ଦେହରେ ଲାଗିବାଦ୍ୱାରା ଘା'ହୋଇ ସେମାନେ ଅକଥନୀୟ କଷ୍ଟ ପାଇଥାନ୍ତି । ଦିଆସିଲି, ବାଣ ଆଦି କାରଖାନାରେ କର୍ତ୍ତବ୍ୟରତ ବହୁ ଶିଶୁ ଅକାଳରେ ପ୍ରାଣ ବିସର୍ଜନ କରିଥାନ୍ତି; ଅଥଚ ସେମାନଙ୍କ ସୁରକ୍ଷା ନିମିତ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଏ ନାହିଁ । ତୃତୀୟ ବିଶ୍ୱରେ ଭାରତରେ ଶିଶୁଶ୍ରମିକଙ୍କର ସଂଖ୍ୟା ସର୍ବାଧିକ । ଅଥଚ ଏଥିପାଇଁ ଭାରତରେ କେହି ମୁଣ୍ଡ ଖେଳାନ୍ତି ନାହିଁ କିମ୍ବା ସେମାନଙ୍କ ସମସ୍ୟାର ସମାଧାନ ନିମିତ୍ତ କୌଣସି କ୍ଷେତ୍ରରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ  କରନ୍ତି ନାହିଁ ।

**ସମସ୍ୟା :** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪କୁ ଭାରତରେ ଶିଶୁଦିବସ ରୂପେ ପାଳନ କରାଯାଇଥାଏ । ଶିଶୁମାନଙ୍କୁ ସେ ଜୀବନଠାରୁ ଅଧିକ ଭଲ ପାଉଥିଲେ । ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମିତ୍ତ ସେ ଯଥେଷ୍ଟ ଧ୍ୟାନ ଦେଇଥିଲେ । ଭାରତୀୟ ସମ୍ବିଧାନର ପ୍ରଣୟନ ସମୟରେ ଶିଶୁମାନଙ୍କର ବିକାଶ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । ସମ୍ବିଧାନ ୧୫(୩) ଧାରାରେ ଶିଶୁ ଏବଂ ମହିଳାମାନଙ୍କ ପାଇଁ ଉପଯୁକ୍ତ ଧ୍ୟାନ ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି । ସମ୍ବିଧାନର ୨୪ ଧାରାରେ ୧୪ ବର୍ଷରୁ କମ୍ କୌଣସି ଶିଶୁଙ୍କୁ କାରଖାନା, ଖଣିଖାଦାନ କିମ୍ବା ବିପଦସଙ୍କୁଳ ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି । ସମ୍ବିଧାନର ୩୯ (ଙ) ଧାରାରେ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ସଂସ୍ଥାରେ କାର୍ଯ୍ୟ କରିବାକୁ ନ ଦେବା ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସମ୍ବିଧାନର ୪୫ ଧାରାରେ ପ୍ରତ୍ୟେକ ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହାର ବହୁ ବ୍ୟତିକ୍ରମ ଘଟୁଛି । ନିକଟ ଅତୀତର International Labour Organisation (ଆନ୍ତର୍ଜାତିକ ଶ୍ରମସଂସ୍ଥା)ର ଏକ ସମୀକ୍ଷା ବିବରଣୀରୁ ପୃଥିବୀର ସର୍ବାଧିକ ଶିଶୁଶ୍ରମିକ ଭାରତର ବୋଲି ଜଣାଯାଇଛି । ସରକାରୀ ହିସାବ ୧୬.୫% ମିଲିୟନ ବୋଲି କୁହାଯାଇଥିଲେ ହେଁ ବେସରକାରୀ ହିସାବ ଅନୁଯାୟୀ ଏହା ସଂଖ୍ୟା ଆହୁରି ଅଧିକ । ୧୯୮୫ ମସିହାରେ ବରୋଦାର ଏକ ଗବେଷଣା ସଂସ୍ଥା ଭାରତର ୮୪ ମିଲିୟନ ଶିଶୁଶ୍ରମିକ ଅଛନ୍ତି ବୋଲି ମତପ୍ରଦାନ କରିଥିଲେ । ୧୯୫୧ ଜନଗଣନା ଅନୁଯାୟୀ ଭାରତରେ ସର୍ବମୋଟ ଶିଶୁ ସଂଖ୍ୟାର ୫.୫% ଭାଗ ଶ୍ରମିକ ବୋଲି କୁହାଯାଇଥିଲା ।

## ଜାତୀୟ ସମସ୍ୟା ଭିତ୍ତିକ

ଭାରତର ପ୍ରାୟ ୬୦ ନିୟୁତ ଶିଶୁ ଶ୍ରମିକ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ବୋଲି ଆନ୍ତର୍ଜାତିକ ଶ୍ରମିକ ସଙ୍ଗଠନର ବିବରଣୀରୁ ପ୍ରକାଶ । ଶିଶୁ ଶ୍ରମିକମାନଙ୍କର ଉଚ୍ଛେଦ ନିମିତ୍ତ ବିଭିନ୍ନ ସଙ୍ଗଠନ ଗଠନ କରାଯାଇଛି, ଭିନ୍ନ ଭିନ୍ନ କର୍ମଶାଳାରେ ଏ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରାଯାଉଛି, ଆଇନ ପ୍ରଣୟନ କରାଯାଇଛି, ଶ୍ରମବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି; ମାତ୍ର ଭାରତବର୍ଷରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ପ୍ରତିବର୍ଷ ବଢ଼ି ଚାଲିଛନ୍ତି । ୧୯୯୬ ମସିହାରେ ୟୁନିସେଫ ଦ୍ୱାରା ଶିଶୁଶ୍ରମିକଙ୍କ ଉପରେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରୁ ଜଣାଯାଏ, ସମଗ୍ର ବିଶ୍ୱରେ ପ୍ରାୟ ୨୫ କୋଟି ଶିଶୁଶ୍ରମିକ କାର୍ଯ୍ୟରତ । ତନ୍ମଧ୍ୟରୁ ଏକ ତୃତୀୟାଂଶ ଶିଶୁଶ୍ରମିକ ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ । ଭାରତବର୍ଷରେ ଶିଶୁଶ୍ରମିକ ରୂପେ କାର୍ଯ୍ୟ କରୁଥିବା ଶିଶୁଙ୍କ ମଧ୍ୟରୁ ଶତକଡ଼ା ୯୦ ଭାଗ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ବିହାର, ଗୁଜୁରାଟ, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ କାର୍ଯ୍ୟରତ । ଭାରତରେ ଶତକଡ଼ା ୮୫ ଭାଗ ଶିଶୁ ଶ୍ରମିକ ଗ୍ରାମାଞ୍ଚଳରେ ବିଭିନ୍ନ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ଅବଶିଷ୍ଟ ଶିଶୁଶ୍ରମିକ ସହରର ବିଭିନ୍ନ ଶିଳ୍ପସଂସ୍ଥା, ଗୋତିଶ୍ରମିକ ବା ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି । ଭାରତର ଶିଶୁଶ୍ରମିକ ବିଭିନ୍ନ ପ୍ରତିକୂଳ ଅବସ୍ଥା ଦେଇ ଗତି କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥାଏ । ନିମ୍ନମାନର ପରିବେଶ, କଠିନ ପରିଶ୍ରମ, ଛୁଟିହୀନ କାର୍ଯ୍ୟ, ସୁଷମ ଖାଦ୍ୟର ଅଭାବ, ଅଶାନ୍ତିମୟ ଜୀବନଯାପନ ଯୋଗୁଁ ଭାରତରେ ଶିଶୁଶ୍ରମିକ ଅକାଳରେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ନିକଟରେ ଆମେରିକାର ପ୍ରତିନିଧିସଭା ଘୋଷଣା କରିଛି, ଭାରତର ଶିଶୁଶ୍ରମିକମାନଙ୍କଦ୍ୱାରା ନିର୍ମିତ ସାମଗ୍ରୀ ସେମାନେ ଆମଦାନୀ କରିବେ ନାହିଁ । ଭାରତରୁ ପ୍ରାୟ ପ୍ରତିବର୍ଷ ୧୦କୋଟି ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ଶିଶୁମାନଙ୍କଦ୍ୱାରା ନିର୍ମିତ ହୋଇ ଆମେରିକାକୁ ପଠାଯାଇଥାଏ । ଆମେରିକାର ସତର୍କବାଣୀ ସତ୍ତ୍ୱେ ଭାରତରେ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହୋଇ ନାହିଁ । ସମଗ୍ର ମାନବଜାତି ନିମିତ୍ତ ଏହା ନିଶ୍ଚିତ ରୂପେ ପରିତାପର ବିଷୟ ।

**ବିଶ୍ୱରେ ଶିଶୁଶ୍ରମିକ:** କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଆଜି ଶିଶୁଶ୍ରମିକ ଏକ ବିରାଟ ସମସ୍ୟା ହୋଇ ଦେଖାଦେଇଛି । ୧୯୯୩ ମସିହା ଫେବୃୟାରୀ ମାସରେ ରାଷ୍ଟ୍ର ସଂଘର ମାନବାଧିକାର କମିଶନ ଓ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମିଳିତ ଉଦ୍ୟମରେ ପୃଥିବୀରେ ଶିଶୁଶ୍ରମିକଙ୍କ ଉପରେ ଗବେଷଣା କରାଯାଇ ତଥ୍ୟପ୍ରକାଶ କରାଯାଇଥିଲା ଯେ, ବିଶ୍ୱରେ ପ୍ରାୟ ୨୦ କୋଟି ଶିଶୁ ଶୋଷଣର ଶିକାର ହୋଇଥାନ୍ତି । ଏହି ଶିକାରର ରୂପ ପୁଣି ଅତୀବ ବେଦନାଦାୟକ । ଏମାନଙ୍କ ମଧ୍ୟରୁ କେତେକ ଶ୍ରମିକ ସମ୍ପୂର୍ଣ୍ଣ ବିକ୍ରି ହୋଇଯାଇଥାନ୍ତି ତ ଅନ୍ୟ କେତେକ ବିଭିନ୍ନ ନିର୍ଯ୍ୟାତନା ମଧ୍ୟରେ ଜୀବନ ଅତିବାହିତ କରିଥାନ୍ତି । ଏହି ୨୦କୋଟି ଶିଶୁଙ୍କ ମଧ୍ୟରୁ ଅଧାରୁ ଅଧିକ ସ୍କୁଲ ଦ୍ୱାର ପର୍ଯ୍ୟନ୍ତ ଦେଖିନଥାନ୍ତି । ଶିଶୁଶ୍ରମିକ ପ୍ରଥାର ଉଚ୍ଛେଦ ନିମିତ୍ତ ଭାରତ ଏବଂ ଅନ୍ୟ ୪୦ଟି ରାଷ୍ଟ୍ର ନରୱେର ଓସ୍‌ଲୋଠାରେ ଆନ୍ତର୍ଜାତିକ ଶିଶୁ ସମ୍ମିଳନୀରେ ଯୋଗ ଦେଇ ବିଭିନ୍ନ ଆଲୋଚନା କରିଥିଲେ । ସେଠାରେ ଶିଶୁଶ୍ରମିକ ପ୍ରଥା ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଘୋଷିତ ହୋଇଥିଲେହେଁ, ଏହାର ବିଶେଷ କିଛି ପ୍ରଭାବ ବିଶ୍ୱ ଉପରେ ପଡ଼ିଛି ବୋଲି ମନେ ହୁଏନା ।୧୯୪୨ରେ ମଧ୍ୟ ରାଷ୍ଟ୍ରସଂଘର ଜେନିଭା ସନନ୍ଦ ଶିଶୁମାନଙ୍କର ବିଶେଷ ଯତ୍ନବାନ ବୋଲି ଘୋଷଣା କରିଥିଲା । ଏଥିରେ ଯେଉଁ ବିଶିଷ୍ଟ ୧୦ଟି ନୀତି ରହିଥିଲା, ତାକୁ କାର୍ଯ୍ୟ କରିବା ନିମିତ୍ତ ସଦସ୍ୟ ରାଷ୍ଟ୍ରମାନଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଶିଶୁମାନେ ଯେପରି ଅବହେଳିତ ନ ହୁଅନ୍ତି, ବିପଥଗାମୀ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଏଥିରେ ପ୍ରସ୍ତାବ

ରହିଥିଲା । ମାତ୍ର କାର୍ଯ୍ୟକ୍ଷେତ୍ରରେ ତାହା ଦେଖା ନଯିବାରୁ ୧ ୯ ୯ ୦ ମସିହା ସେପ୍‌ଟେମ୍ବର ମାସରେ ପୃଥିବୀରେ ୭୧ଟି ରାଷ୍ଟ୍ରମୁଖ୍ୟ ମିଳିତ ହୋଇ ଏକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ ଆଉ କୌଣସି ଶିଶୁଙ୍କୁ ଅବହେଳା କରାଯିବ ନାହିଁ । ୨୦୦୦ ମସିହା ମଧ୍ୟରେ ପୃଥିବୀରୁ ସମ୍ପୂର୍ଣ୍ଣରୂପେ ଶିଶୁ ମୃତ୍ୟୁକୁ ବିଲୋପ କରାଯିବା ପାଇଁ ଚେଷ୍ଟା କରାଯିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କୁ ଆଦୌ ଅପୁଷ୍ଟିକର ଖାଦ୍ୟ ନ ଦିଆଯିବାର ପ୍ରସ୍ତାବ ଗୃହୀତ ହେଲା । ମାତ୍ର ୧ ୯ ୯ ୭ ମସିହା ଜୁନ୍ ମାସର ରିପୋର୍ଟରୁ ଯାହା ଜଣାଯାଏ, ଏହି ଲକ୍ଷ୍ୟ ସମ୍ପୂର୍ଣ୍ଣ ସୁଦୂରପରାହତ ।ବିଶ୍ୱସ୍ତରରେ ଶିଶୁମାନଙ୍କର ଅଧିକାର ସୁରକ୍ଷା ନିମିତ୍ତ ବହୁ ଆଲୋଚନାଚକ୍ର ଅନୁଷ୍ଠିତ ହେଲେହେଁ ଉପଯୁକ୍ତ ସଦିଚ୍ଛା ଅଭାବରୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ ।

**ମାନବବାଦୀ ଚିନ୍ତାଧାରାର ଅବକ୍ଷୟ:** ବାସ୍ତବରେ ଦେଖିବାକୁ ଗଲେ ମାନବବାଦୀ ଚିନ୍ତାଧାରାର ଅବକ୍ଷୟ ଯୋଗୁଁ ହିଁ ଆଜି ଶିଶୁମାନେ ଏପରି ଅସହାୟ ଓ ଅବହେଳିତ । ଛୋଟ ଛୋଟ ଝିଅପିଲାମାନଙ୍କୁ ନିଜ ଘରେ କାମ କରାଇବାକୁ ଯେଉଁ ବିଶିଷ୍ଟ ବ୍ୟକ୍ତିଗଣ ଆଗ୍ରହ ପ୍ରକାଶ କରିଥାନ୍ତି, ସେମାନେ କେବେ ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତି କି ? ହିସାବରୁ ଜଣାଯାଏ ପ୍ରାୟ ୪୦% ଶିଶୁ ବାଳିକା ଦାରିଦ୍ର୍ୟର ଶିକାର ହୋଇ ଏହି ପେଷାକୁ ଆଦରି ନେଇଥାନ୍ତି । ଅନେକ ସମୟରେ କାର୍ଯ୍ୟରତ ଏହି ଶିଶୁ ବାଳିକା ଯୌନ ନିର୍ଯ୍ୟାତନାର ଶିକାର ହେଉଥିବାର ଖବର ମଧ୍ୟ ମିଳିଥାଏ ।ଅନ୍ୟ ଏକ ଦୁଃଖଦ ଘଟଣା ହେଉଛି ପ୍ରାୟ ପ୍ରତିବର୍ଷ ୧୦ଲକ୍ଷ ବାଳିକାଙ୍କୁ ପ୍ରଲୁବ୍‌ଧ କରି ବେଶ୍ୟାବୃତ୍ତି ବ୍ୟବସାୟରେ ଲଗାଯାଇଥାଏ । ଅନ୍ୟ କେତେକ ବିପଜ୍ଜନକ କାର୍ଯ୍ୟରେ ଶିଶୁ ବାଳିକାମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଥାଏ । ତାମିଲନାଡୁର ଶିବକାଶୀଠାରେ ବାଣ ତିଆରି କାର୍ଯ୍ୟରେ ମଧ୍ୟ ହଜାର ହଜାର କନ୍ୟାଶିଶୁ କର୍ତ୍ତବ୍ୟରତ । ବାଳକ ଶିଶୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ନିଜର ଏବଂ ପରିବାରର ଭରଣପୋଷଣ କରିଥାନ୍ତି । ଓଡ଼ିଶାରେ ପ୍ରାୟ ୬୫ ହଜାର ଶିଶୁ ଶ୍ରମିକ କେନ୍ଦୁପତ୍ରତୋଳିବା କାର୍ଯ୍ୟରେ ଓ ୬୦ହଜାର ଶିଶୁ ଶ୍ରମିକ ବିଡ଼ି ତିଆରି କାର୍ଯ୍ୟରେ ନିୟୋଜିତ । ବ୍ୟବସାୟୀ ଶିଳ୍ପପତି ଅଧିକ ଲାଭ ଆଶାରେ କମ୍ ମଜୁରିରେ ଶିଶୁମାନଙ୍କୁ ନିଜ ବ୍ୟବସାୟ ବା ଶିଳ୍ପରେ କାର୍ଯ୍ୟ ଯୋଗାଇ ଦେଇଥାନ୍ତି । କେତେକ ଗରିବ ପିତାମାତା ନିଜର ଋଣ ପରିଶୋଧ କରି ନପାରି ପିଲାମାନଙ୍କୁ ଗୋଡି ଶ୍ରମିକ ରୂପେ ମାଲିକମାନଙ୍କ ନିକଟରେ ସମର୍ପି ଦେଇଥାନ୍ତି ।ଭାରତରେ ପ୍ରାୟ ୧୪ନିୟୁତ ଏହି ପ୍ରକାର ଗୋଡି ଶ୍ରମିକ ରହିଛନ୍ତି । କୃଷି କ୍ଷେତ୍ରରେ କାର୍ଯ୍ୟରତ ୬୪% ଭାଗ ହେଉଛନ୍ତି ଏହିପ୍ରକାର ଗୋଡି ଶ୍ରମିକ । ଅନ୍ୟ ଏକ ଚାଞ୍ଚଲ୍ୟକର ଘଟଣା ହେଉଛି ଏବେ ମଧ୍ୟ ଭାରତର ବହୁ ଶିଶୁଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଆରବ ରାଷ୍ଟ୍ରରେ ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ  ବିକ୍ରୟ କରାଯାଉଛି । ଶିଶୁଶ୍ରମିକ ନିୟନ୍ତ୍ରଣ କେତେକ ଅମାନବିକ ବ୍ୟକ୍ତିଙ୍କର ଏହି କାର୍ଯ୍ୟକଳାପ ରୋକିବାକୁ ସମର୍ଥ ହୋଇପାରି ନାହିଁ । ମାନବବାଦୀ ଚିନ୍ତାଧାରାର ଅବକ୍ଷୟ ଓ ମୂଲ୍ୟବୋଧରେ ସଙ୍କଟ ଯୋଗୁଁ ଆଜି ଭାରତରେ ଶିଶୁଶ୍ରମିକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବ୍ୟବସାୟୀ, ଶିଳ୍ପପତି, ମାଲିକ ଆଦି ନିଜର ବ୍ୟକ୍ତିଗତ ସ୍ୱାର୍ଥର ଚରିତାର୍ଥ ନିମିତ୍ତ ଶିଶୁଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶୋଷଣ କରୁଛନ୍ତି । ଭାରତରେ ମାନବବାଦର ଅଭିବୃଦ୍ଧି ଓ ଶିଶୁମାନଙ୍କ ନିମିତ୍ତ ଆନ୍ତରିକତା ବୃଦ୍ଧି ନ ପାଇଲେ ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ ବୋଲି ବିଶ୍ୱାସ ।

**ଶିଶୁଶ୍ରମିକ ନିରାକରଣ ଉପାୟ:** ଶିଶୁଶ୍ରମିକଙ୍କର ନିରାକରଣ ପାଇଁ ସରକାରୀ ସ୍ତରରେ ପ୍ରଯତ୍ନ ହେବା ବାଞ୍ଛନୀୟ । ମୁଖ୍ୟତଃ ଦିନମଜୁରିଆ ପରିବାରର ଶିଶୁମାନେ ଶ୍ରମିକ ରୂପେ କାର୍ଯ୍ୟ କରିଥାନ୍ତି ।

ଯଦି ରାଷ୍ଟ୍ର ସେହି ପରିବାରର ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରନ୍ତା, ହୁଏତ ଏପରି ଏକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କ୍ଷୀଣ ହୋଇପାରନ୍ତା । ଭୂମିହୀନ ଲୋକଙ୍କୁ ଭୂମି ଯୋଗାଇଦେଲେ ଏବଂ ଦୈନିକ ମଜୁରିଆଙ୍କୁ ପ୍ରତ୍ୟହ କାର୍ଯ୍ୟ ଯୋଗାଇଦେଇପାରିଲେ ବହୁପ୍ରତିଭାବାନ୍ ଶିଶୁ ଅକାଳରେ ସେମାନଙ୍କ ପ୍ରତିଭାକୁ ନଷ୍ଟ କରନ୍ତେ ନାହିଁ । ତେଣୁ ସରକାର ପ୍ରଥମେ ସେହି ଶିଶୁ ଶ୍ରମିକ ପରିବାରର ଆର୍ଥିକ ଦିଗକୁ ସମୃଦ୍ଧି କରିବା ଦିଗରେ ଯତ୍ନବାନ୍ ହେବା ଉଚିତ । ଶିଶୁଶ୍ରମିକଙ୍କ ନିମିତ୍ତ ପ୍ରଣୟନ କରାଯାଉଥିବା ଆଇନ୍‌କୁ ମଧ୍ୟ କଡ଼ାକଡ଼ି ପାଳନ କରାଯିବା ଉଚିତ । ଏହାଦ୍ୱାରା ଶିଶୁଶ୍ରମିକମାନଙ୍କ ମଧ୍ୟରେ ଲୁକ୍‌କାୟିତ ଥିବା ଅର୍ନ୍ତନିହିତ ପ୍ରତିଭାକୁ ସୁରକ୍ଷା କରାଯାଇପାରିବ । କିଏ କହିପାରିବ ଏହି ଶିଶୁଶ୍ରମିକମାନଙ୍କ ମଧ୍ୟରେ ନଥିବେ ଶିଶୁ ଅଭିନେତ୍ରୀ ଶ୍ୟାମଲି, ଶିଶୁ ବଂଶୀବାଦକ ଏସ୍.ଶଶାଙ୍କ, ଶିଶୁ ସଙ୍ଗୀତ ନିର୍ଦ୍ଦେଶକ ଏମ୍.ଶ୍ରୀ ଓଲିଆ, ଶିଶୁ ଆର୍କିଟେକ୍ଟ ରୂପା ବସୁ, ଶିଶୁ କରାଟେ ମାଷ୍ଟର ମିହିର ପାଣ୍ଡେ, ଶିଶୁ ଫଟୋଗ୍ରାଫର ଶ୍ରୀବସ୍ତୀ ଜୈନ ଇତ୍ୟାଦି । ସେମାନଙ୍କ ପ୍ରତିଭାର ବିକାଶ ନିମିତ୍ତ ଉପଯୁକ୍ତ ବାତାବରଣ ସୃଷ୍ଟି କରାଯାଇପାରିଲେ ଅକାଳରେ ଝଡ଼ି ପଡୁଥିବା ବହୁ ପ୍ରତିଭାଧର ଶିଶୁ ଶ୍ରମିକଙ୍କ ପ୍ରତିଭା ବିଶ୍ୱସ୍ତରରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିପାରନ୍ତା ।

**ଉପସଂହାର:** ଶିଶୁ ସୁବର୍ଣ୍ଣଯୁଗର ନିର୍ମାତା । ସେମାନେ ଆସନ୍ତାକାଲିର ମନୋରମ ସକାଳ । ସମାଜ, ରାଷ୍ଟ୍ର ଓ ଏମାନଙ୍କ ମିଳିତ ଉଦ୍ୟମରେ ଆଜିର ଶିଶୁ ଆସନ୍ତାକାଲିର ସୁନାର ଭାରତ ଗଠନ କରିବାକୁ ସମର୍ଥ ହୋଇପାରିବ । ଏଥି ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । କାରଣ ଇଂରାଜୀରେ କୁହାଯାଇଛି Where children are there is the golden age, ମହାତ୍ମା ଗାନ୍ଧି ସେଥିପାଇଁ କହିଥିଲେ- ଶିଶୁ ହସିଲେ ଦୁନିଆ ହସେ । ତା'ର ହସରେ ଉଙ୍କିମାରେ ଦେଶର ଆଗାମୀ ଭବିଷ୍ୟତ । ଏହି ଭବିଷ୍ୟତ ଭାରତର ରକ୍ଷା ପାଇଁ ଆଜି ସମସ୍ତ ଭାରତୀୟ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ସେମାନଙ୍କ ପ୍ରତିଭାକୁ ଅକାଳରେ ନଷ୍ଟ ହେବାକୁ ନଦେଇ, ତା'ର ଉପଯୁକ୍ତ ସୁରକ୍ଷା ପାଇଁ ଆଜିଠାରୁ ଆସନ୍ତୁ ଆମେ ସଚେତନ ହେବା ।

•••

# ୯.୭ ଭାରତରେ ଦରଦାମ ବୃଦ୍ଧି ଓ ଜାତୀୟ ସମସ୍ୟା

**ଉପକ୍ରମ:** ସଂପ୍ରତି ଭାରତର ଦରଦାମ ବୃଦ୍ଧି ଆକଶଛୁଆଁ ହୋଇଯାଇଛି । ପ୍ରତି ବର୍ଷ ଏହା କଳ୍ପନାତୀତ ଭାବରେ ବୃଦ୍ଧି ପାଇବାକୁ ଲାଗିଛି । ଖଟିଖିଆ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପାଇଁ ଆଜି ଏହା ଏକ ମୁଣ୍ଡବ୍ୟଥାରେ ପରିଣତ ହୋଇଛି । ଖାଦ୍ୟ, ବାସଗୃହ, ବସ୍ତ୍ର ଏହି ତିନୋଟି ଅପରିହାର୍ଯ୍ୟ ପଦାର୍ଥ ମଣିଷର ବଞ୍ଚିବା ପାଇଁ ନିତାନ୍ତ ଆବଶ୍ୟକ । ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକ ଯେପରି ଭାବରେ ବୃଦ୍ଧି ପାଇବାରେ ଲାଗିଛି, ସମାଜର ସାଧାରଣ ବ୍ୟକ୍ତିବିଶେଷ ବିଭିନ୍ନ ସଙ୍କଟର ସମ୍ମୁଖୀନ ହେବା ସ୍ୱାଭାବିକ । ଏକ ଗଣତନ୍ତ୍ର ଦେଶରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଖାଦ୍ୟ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବା ଉଚିତ । ମାତ୍ର ବର୍ତ୍ତମାନର ପରିସ୍ଥିତିକୁ ବିଚାରାଲୋଚନା କଲେ, ନିକଟ ଭବିଷ୍ୟତରେ ଏହାର ଯେକୌଣସି ସନ୍ତୋଷଜନକ ସମାଧାନ ହୋଇପାରିବ, ତା'ର ଆଶା ନାହିଁ । ଖଟିଖିଆ ଶ୍ରେଣୀରେ ବ୍ୟକ୍ତି, କୃଷକ ଓ ନିର୍ଦ୍ଦିଷ୍ଟ ଦରମା ଉପରେ ନିର୍ଭର କରୁଥିବା ଚାକିରିଜୀବୀ ଦରଦାମ୍ ବୃଦ୍ଧି ଫଳରେ ବିଭିନ୍ନ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆବଶ୍ୟକୀୟ ଔଷଧପତ୍ରର ଦାମ୍ ମଧ୍ୟ ହୁ ହୁ ବୃଦ୍ଧି ପାଉଛି । ସାଧାରଣ ଜନଜୀବନ ଉପରେ ଏହି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକର ଦରବୃଦ୍ଧି ପ୍ରଭାବ ପକାଉଛି । ସମାଜରେ ବଞ୍ଚିବାର ଅଧିକାର ସେମାନଙ୍କର ଅଛି କି ନାହିଁ, ସେ ସମ୍ପର୍କରେ ସେମାନେ ଆଜି ସନ୍ଦିହାନ । ଦରଦାମ ବୃଦ୍ଧିକୁ ରୋକିବା ନିମିତ୍ତ ଗ୍ରହଣ କରାଯାଉଥିବା ପଦକ୍ଷେପ ଆଦୌ ଆଶଜନକ ନୁହେଁ । ଏପରି ପରିସ୍ଥିତିରେ ଭାରତର ଚିନ୍ତାଶୀଳ ବ୍ୟକ୍ତି ଗଭୀର ଚିନ୍ତା ପ୍ରକଟ କରିସାରିଲେଣି । ଏହି କାରଣରୁ ଆଜି ଆମର ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ଜୀବନ ପଙ୍ଗୁ ହେବାକୁ ବସିଲାଣି । ଆଜିଠାରୁ ସବୁସ୍ତରରେ ଉଦ୍ୟମ ଜାରି ନ ରହିଲେ ଓ ସମୟୋଚିତ ପଦକ୍ଷେପ ଗ୍ରହଣ କରାଯାଇ ନ ପାରିଲେ, ଭାରତର ଭବିଷ୍ୟତ ଯେ ଅନ୍ଧକାର ହୋଇଉଠିବ; ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ଦରଦାମ ବୃଦ୍ଧି ଓ ଆର୍ଥିକ ସମସ୍ୟା:** ଦରଦାମ୍ ବୃଦ୍ଧି ଫଳରେ ଭାରତ ଯେଉଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି, ତାକୁ ନିକଟ ଭବିଷ୍ୟତରେ ଭରଣା କରିବା ଅସମ୍ଭବ ହୋଇପଡ଼ିବ । ମୁଦ୍ରାସ୍ଫୀତି ଯୋଗୁଁ ଆର୍ଥିକ ସଙ୍କଟ ଦେଖାଦେବା ସଙ୍ଗେ ସଙ୍ଗେ ଦରବୃଦ୍ଧି ଘଟିଥାଏ । ଭାରତରେ ୧୯୬୭ ମସିହାରୁ ଏହି ପ୍ରକାର ଅବସ୍ଥା ସୃଷ୍ଟି ହୋଇଛି । ସମସ୍ତ ସତର୍କତା ସତ୍ତ୍ୱେ ମଧ୍ୟ ଏହାର କୌଣସି ପ୍ରଭାବ ଅନୁଭୂତ ହୋଇପାରି ନାହିଁ । ଅଧିକ ଟଙ୍କା ଛାପିଦେଲେ ଏହି ସମସ୍ୟା ସମାଧାନ ହୋଇଯାଇ ନଥାଏ । ଅଧିକ ଅର୍ଥ ହେଲେ ଲୋକମାନଙ୍କର କ୍ରୟ କରିବାର ଶକ୍ତି ବୃଦ୍ଧି ହୋଇଥାଏ; ମାତ୍ର ସେହି ପରିମାଣରେ ଦ୍ରବ୍ୟ ଉତ୍ପାଦନ ନ ଘଟିଲେ, ପଦାର୍ଥର ମୂଲ୍ୟ ବୃଦ୍ଧି ଘଟେ ଓ ଅର୍ଥର ମୂଲ୍ୟ ହ୍ରାସ ଘଟେ । ୧୯୭୩-୭୪ ମସିହାରେ ଏହି ମୁଦ୍ରାସ୍ଫୀତି ଅସମ୍ଭବ ଭାବେ ଆତଙ୍କଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ରିଜର୍ଭବ୍ୟାଙ୍କ୍ ମତାନୁଯାୟୀ ଏହି ବର୍ଷ ଶତକଡ଼ା ୧୮ଭାଗ ଅଧିକ ଟଙ୍କା ବୃଦ୍ଧି ପାଇଥିଲା । ୧୯୭୯ ମସିହାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ସମୟସୀମା ମଧ୍ୟରେ ଅନ୍ୟ କୌଣସି ବର୍ଷ ଏପରି ଅବସ୍ଥା ସୃଷ୍ଟି ହୋଇ ନଥିଲା । ଶିଳ୍ପଜାତ ପଦାର୍ଥର ଉତ୍ପାଦନ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଅତ୍ୟାବଶ୍ୟକ ଜିନିଷର

ଦରଦାମ୍ ଦ୍ରୁତ ଗତିରେ ବୃଦ୍ଧି ପାଇଲା ।ଲୋକମାନଙ୍କ ନିକଟରେ ଅର୍ଥ ଗଚ୍ଛିତ ଥିଲେହେଁ, ପଦାର୍ଥ ସୁଲଭ ହେଲା ନାହିଁ । ମୁଦ୍ରାସ୍ଫୀତି ଚରମସୀମାରେ ଉପନୀତ ହେଲା । ୧୯୯୭ ମସିହା ଅଗଷ୍ଟ ୧୬ରେ ବାର୍ଷିକ ମୁଦ୍ରାସ୍ଫୀତି ହାର ୩.୭୫ ହେବା ଖୁସିର ବିଷୟ ନିଶ୍ଚୟ । ମାତ୍ର ଏହାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରି ନାହିଁ । ଜନସାଧାରଣଙ୍କ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ କ୍ରୟରେ ଏହି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଆଦୌ ଜଣାପଡ଼େ ନାହିଁ । ଭାରତର ଋଣ ଭାର ଯେଉଁ ପରିମାଣରେ ବୃଦ୍ଧି ପାଉଛି, କେତେବେଳେ କି ପ୍ରକାର ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବ, କଳ୍ପନା କରିବା କଷ୍ଟସାଧ୍ୟ । ବିଶ୍ୱବ୍ୟାଙ୍କ ମଧ୍ୟ ସତର୍କବାଣୀ ଶୁଣାଇ କହିଛି, ଭାରତ ଆନ୍ତର୍ଜାତିକ ଋଣ ଜାଲରେ ପଡ଼ିବାକୁ ଯାଉଛି । ଆଗାମୀ ୩ବର୍ଷ ମଧ୍ୟରେ ଭାରତରେ ଯଦି ୧୦ହଜାର କୋଟି ଆମେରିକାନ୍ ଡଲାର ଗଚ୍ଛିତ ନ ରହେ, ତେବେ ଭାରତର ବୈଦେଶିକ ଋଣ ପରିଶୋଧ କରିବା କାଠିକର ପାଠ ହୋଇପଡ଼ିବ । ବିଶ୍ୱବ୍ୟାଙ୍କର ପ୍ରସ୍ତାବ ଅନୁଯାୟୀ ଭାରତର ଆମଦାନୀ ନୀତି ସଙ୍କୁଚିତ ହେବା ଉଚିତ । ଭାରତ ଯେଉଁ ପରିମାଣରେ ବାହାରୁ ଜିନିଷପତ୍ର ଆମଦାନୀ କରୁଛି, ସେହି ପରିମାଣରେ ରପ୍ତାନୀ କରିପାରୁ ନାହିଁ । ଏ କ୍ଷେତ୍ରରେ ଆମର ଉପଭୋଗ୍ୟଦ୍ରବ୍ୟ ଆମଦାନୀକୁ ସଙ୍କୁଚିତ କରିବା ପ୍ରଥମ କର୍ତ୍ତବ୍ୟ ।  ନଚେତ୍ ଗଚ୍ଛିତ ଥିବା ବୈଦେଶିକ ମୁଦ୍ରା ହ୍ରାସ ପାଇବ ଓ ଆମେ ସଙ୍କଟର ସମ୍ମୁଖୀନ ହେବା । ବର୍ତ୍ତମାନ ଭାରତର ଜାତୀୟ ଆୟର ମାତ୍ର ଶତକଡ଼ା ୯ହେଉଛି ରପ୍ତାନୀ ଜନିତ ମୂଲ୍ୟ । ଭାରତୀୟ ଅର୍ଥନୀତି ବର୍ତ୍ତମାନ ରୋଗଗ୍ରସ୍ତ । ଶିଳ୍ପ ଉତ୍ପାଦନ ଯେଉଁ ପରିମାଣରେ ବୃଦ୍ଧି ଲାଭ କରିବାର କଥା ତାହା ହୋଇପାରୁ ନାହିଁ । ବିଶିଷ୍ଟ ଆର୍ଥନୀତିଜ୍ଞ ଡଃ ମେଘନାଦ ଦେଶାଇ ସତର୍କବାଣୀ ଶୁଣାଇ କହିଛନ୍ତି 'ଭାରତ ତା'ର ଅର୍ଥନୀତିକୁ ଜୋରଦାର ନ କଲେ ସାମଗ୍ରିକ ଉନ୍ନତି ବ୍ୟାହତ ହେବ । ସେଥିପାଇଁ ଶ୍ରମ ଓ ପୁଞ୍ଜିର ସଫଳ ବିନିଯୋଗ, କାର୍ଯ୍ୟଦକ୍ଷତା ଓ ସଞ୍ଚୟ ବୃଦ୍ଧି ଉପରେ ସେ ଗୁରୁତ୍ୱ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରୁଗ୍ଣ ସରକାରୀ ସଂସ୍ଥାଗୁଡ଼ିକୁ ବନ୍ଦ କରିଦେବା ପାଇଁ ପରାମର୍ଶ ଦେଇଛନ୍ତି । ଟଙ୍କାର ଦର ଯେପରି ଆନ୍ତର୍ଜାତିକ ବଜାରରେ କମିଯାଉଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ । ଉଦାରୀକରଣ ଅର୍ଥନୀତି ପରେ ଟଙ୍କାର ମୂଲ୍ୟ ଊଣାହେବାକୁ ଲାଗିଲା ।୧୯୯୭ ମସିହା ଡିସେମ୍ବର ୨ ତାରିଖରେ ମୁଦ୍ରାମୂଲ୍ୟ ହ୍ରାସ ପାଇ ୧ଡଲାରର ମୂଲ୍ୟ ୪୦ ଟଙ୍କାରେ ପହଞ୍ଚିଥିଲା । ଭାରତର ମୁଦ୍ରାମୂଲ୍ୟ ହ୍ରାସ ଘଟିବା ଦ୍ୱାରା ଦରଦାମ ଅସମ୍ଭବ ଭାବରେ ବୃଦ୍ଧି ପାଉଛି ଓ ସାଧାରଣ ଲୋକଙ୍କ ଦ୍ୱାରା ନିତ୍ୟବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିବା ଅସମ୍ଭବ ହୋଇପଡୁଛି । ମୁଦ୍ରାସ୍ଫୀତିକୁ ରୋକାଯାଇ ନ ପାରିଲେ, ଦରଦାମ୍ ବୃଦ୍ଧିକୁ କଦାପି ନିୟନ୍ତ୍ରଣ କରାଯାଇପାରିବ ନାହିଁ ।

**ଦର ବୃଦ୍ଧିର ବିଭିନ୍ନ କାରଣଃ** ମୁଦ୍ରାସ୍ଫୀତି ଦରଦାମ୍ ବୃଦ୍ଧିର ଏକମାତ୍ର କାରଣ ନୁହେଁ । ଏହା ବ୍ୟତୀତ ଅନ୍ୟାନ୍ୟ ବହୁ ଆନୁଷଙ୍ଗିକ କାରଣ ମଧ୍ୟ ବିଦ୍ୟମାନ । ସମାଜରେ କଳାଟଙ୍କାର ବୃଦ୍ଧି ଘଟିଲେ ଦରଦାମର ବୃଦ୍ଧି ଘଟିଥାଏ । ବଡ଼ ବଡ଼ ବ୍ୟବସାୟୀ ଓ ଶିଳ୍ପପତି ଯୋଗାଣ କ୍ଷେତ୍ରରେ ଅନିୟମିତତା ସୃଷ୍ଟି କରି ବହୁପରିମାଣରେ ଲାଭବାନ ହୋଇଥାନ୍ତି । ସମୟକ୍ରମେ ଏହି ଟଙ୍କାରେ ସେମାନେ ଜିନିଷ କ୍ରୟ କରି କୃତ୍ରିମ ଅଭାବ ସୃଷ୍ଟି କରି ଦରଦାମ୍ ବୃଦ୍ଧି କରିଥାନ୍ତି ଓ ତହିଁରୁ ପ୍ରଚୁର ପରିମାଣର କଳା ଟଙ୍କା ଲାଭ କରିଥାନ୍ତି । କଳାଟଙ୍କା ଯୋଗୁଁ ଦରଦାମ୍‌ରେ ସ୍ଥିରତା ରକ୍ଷା କରିବା ସମ୍ଭବ ହୋଇ ନଥାଏ । ମୁଦ୍ରାସ୍ଫୀତ ନିମିତ୍ତ ଏହି କଳାଟଙ୍କା ମଧ୍ୟ ବହୁପରିମାଣରେ ଦାୟୀ । ଆଜି କଳାଟଙ୍କା ସମାଜର ସବୁ ସ୍ତରକୁ ପରିବ୍ୟାପ୍ତ ହୋଇଯାଇଛି । ରାଜନୀତିକ ବ୍ୟକ୍ତିବିଶେଷ, ଶିଳ୍ପପତି, ବ୍ୟବସାୟୀ, ଅଫିସର-ସମସ୍ତେ ଏହାର ଶିକାର । ପ୍ରଶାସନ ସ୍ଥାଣୁତା

ଓ ଶାସନ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ଏହି କଳାଟଙ୍କା ସମାଜରେ ତା'ର ପ୍ରାଧାନ୍ୟ ବିସ୍ତାର କରିଥାଏ । ଫଳରେ ଦରଦାମ୍ ବୃଦ୍ଧି ଘଟିଥାଏ । ସରକାରଙ୍କର ବ୍ୟବସାୟୀ ଗୋଷ୍ଠୀଙ୍କ ଉପର ନିୟନ୍ତ୍ରଣ ରହୁନଥିବାରୁ ଦରବୃଦ୍ଧି ଘଟିଥାଏ । ନିର୍ବାଚନ ପୂର୍ବରୁ ଏହି ରାଜନୀତିଜ୍ଞଗଣ ସେମାନଙ୍କଠାରୁ ଚାନ୍ଦା ଆକାରରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଆଦାୟ କରିଥାନ୍ତି । ନିର୍ବାଚନ ପରେ ସେହି ଦଳ ସରକାର ଗଠନ କରିବା ପରେ ତାଙ୍କୁ ଚାନ୍ଦା ଦାନ କରିଥିବା ବ୍ୟବସାୟୀଙ୍କ ପ୍ରତି କେବଳ ମନୋଭାବ ପୋଷଣ କରିଥାନ୍ତି । ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ଗୋଷ୍ଠୀ ମନଇଚ୍ଛା ଦରବୃଦ୍ଧି କରିଥାନ୍ତି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଦରଦାମ୍ ବୃଦ୍ଧିର ଅନ୍ୟତମ କାରଣ । ବର୍ତ୍ତମାନ ଭାରତର ଲୋକସଂଖ୍ୟା ୧୦୮ କୋଟିରେ ପହଞ୍ଚିଲାଣି । ଜନସଂଖ୍ୟା ବୃଦ୍ଧି ଅନୁଯାୟୀ ଭାରତରେ ଖାଦ୍ୟଶସ୍ୟର ପରିମାଣ ସେହି ଅନୁସାରେ ବୃଦ୍ଧି ପାଉ ନାହିଁ । ଚାଷପଯୋଗୀ ଜମିର ପରିମାଣ ମଧ୍ୟ ବଢୁ ନାହିଁ । ଜମିର ଉତ୍ପାଦିକା ଶକ୍ତି ଧୀରେ ଧୀରେ ହ୍ରାସ ପାଉଛି । ଅଧିକ ପରିମାଣର ଜନସଂଖ୍ୟାର ଅଭାବ ପୂରଣ ଉଦ୍ଦେଶ୍ୟରେ ଜଙ୍ଗଲ କ୍ଷୟ ହେଉଛି, ଶିଳ୍ପ ବୃଦ୍ଧି ଘଟୁଛି । ଫଳରେ ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ଅନିୟମିତ ଜଳବାୟୁ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଉଛି । କୃଷିଜାତ ପଦାର୍ଥର ଉତ୍ପାଦନରେ ହ୍ରାସ ଘଟିଲେ, ଦରଦାମ୍ ବୃଦ୍ଧି ଘଟିବା ସ୍ୱାଭାବିକ । ଶିଳ୍ପ ଜାତ ପଦାର୍ଥର ମୂଲ୍ୟବୃଦ୍ଧି ଓ କୃଷିଜାତ ପଦାର୍ଥର ମୂଲ୍ୟବୃଦ୍ଧି ଯୋଗୁଁ ଦରଦାମ୍‌ରେ ବୃଦ୍ଧି ଘଟିଥାଏ । କୃଷି କ୍ଷେତ୍ରରେ ବିପ୍ଳବ ନ ଘଟିଲେ, ଦରଦାମ୍‌କୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ । ବୈଜ୍ଞାନିକ ପଦ୍ଧତିରେ କୃଷିର ଉନ୍ନତି ହେବା ଆବଶ୍ୟକ । ମାତ୍ର ରାସାୟନିକ ସାର, ଔଷଧ ଆଦିର ଦାମ୍ ଯେଉଁ ପରିମାଣରେ ବୃଦ୍ଧି ହେଉଛି, କୃଷିଜାତ ପଦାର୍ଥର ମୂଲ୍ୟ ସେହି ଦୃଷ୍ଟିରୁ ବୃଦ୍ଧି ହେବା ଆବଶ୍ୟକ । ସରକାରୀ ସ୍ତରରେ ସାର, କୀଟନାଶକ ଔଷଧମାନଙ୍କର ଦାମ୍‌କୁ ନିୟନ୍ତ୍ରଣ କରାଯାଇପାରିଲେ, କେତେକ କ୍ଷେତ୍ରରେ ଦରଦାମ୍ ବୃଦ୍ଧିକୁ ରୋକାଯାଇପାରନ୍ତା । ଖାଦ୍ୟର ସୁଷମ ବଣ୍ଟନର ଅଭାବରୁ ମଧ୍ୟ ଦରବୃଦ୍ଧି ଘଟିଥାଏ । କେତେକ କଳାବଜାରୀ ପଦାର୍ଥର ଉତ୍ପାଦନ ସମୟରେ ପ୍ରଚୁର ପରିମାଣରେ ଖାଦ୍ୟ କ୍ରୟ କରି ଲୁକ୍‌କାୟିତ ଅବସ୍ଥାରେ ରଖିଥାନ୍ତି । ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ସେହି ଖାଦ୍ୟପଦାର୍ଥକୁ ବହୁ ଅଧିକ ଦରରେ ବିକ୍ରୟ କରିଥାନ୍ତି ଓ ମନଇଚ୍ଛା ଲାଭ କରିଥାନ୍ତି । ସରକାରୀ କଳର ଅପାରଗତା ଏହି ଦୁର୍ନୀତିକୁ ରୋକିବାରେ ଅସଫଳ ହୋଇଥାଏ ଓ ସେହି କାରଣରୁ ଦରବୃଦ୍ଧି ଘଟିଥାଏ । ରେଳ ମାହାସୁଲ ବୃଦ୍ଧି ବା ପରିବହନ ପାଇଁ ଆବଶ୍ୟକ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଯୋଗୁଁ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥମାନଙ୍କର ଦରବୃଦ୍ଧି ଘଟିଥାଏ । ବିଭିନ୍ନ ଯୋଜନା ପ୍ରଣୟନ ନିମିତ୍ତ ସରକାରଙ୍କର ଅର୍ଥର ଆବଶ୍ୟକତା ହୋଇଥାଏ । ବିଭିନ୍ନ କର ବା ଟିକସ୍ ଦ୍ୱାରା ସରକାର ଏହାର ଭରଣା କରିବାକୁ ଉଦ୍ୟମ କରିଥାନ୍ତି । ଫଳରେ ଦରଦାମ ବୃଦ୍ଧି ହୋଇଥାଏ । ଅନେକ ସମୟରେ ଚତୁର ଓ କଳାବଜାରୀ ବ୍ୟବସାୟୀଗଣ ଟିକସ ଫାଙ୍କି ସରକାରଙ୍କ ଯୋଜନାକୁ ପଣ୍ଡ କରିଥାନ୍ତି । ସେମାନଙ୍କ ପ୍ରକୃତ ଆୟର ଯେତିକି ପରିମାଣ ଟିକସ ସରକାରଙ୍କୁ ଦେବା କଥା, ତାହା ଦେଇନଥାନ୍ତି । ସେଥିପାଇଁ ଟିକସରୁ ସରକାର ଯେତିକି ପରିମାଣର ଆୟ ପାଇବା କଥା ପାଇ ପାରିନଥାନ୍ତି । ଏହି ଟିକସ ଫାଙ୍କି ଅର୍ଥଦ୍ୱାରା କଳାବଜାରୀ ବ୍ୟବସାୟୀ ବଜାରରୁ ପ୍ରଚୁର ଅର୍ଥ ଲାଭ କରିଥାନ୍ତି ଓ ସେଥିପାଇଁ ମଧ୍ୟ ଦରବୃଦ୍ଧି ଘଟିଥାଏ । ସାମାଜିକ ଜୀବନରେ ନୈତିକ ସ୍ଖଳନ ମଧ୍ୟ ଦରଦାମ୍ ବୃଦ୍ଧି ପାଇଁ କେତେକାଂଶରେ ଦାୟୀ । ଅଳ୍ପ କେତେକ ବ୍ୟକ୍ତି ଏହି ମୁନାଫାଖୋର ବ୍ୟକ୍ତିବିଶେଷଙ୍କଠାରୁ କିଛିପରିମାଣରେ ଉପକୃତ ହେଉଥିବାରୁ ସେମାନେ ନିଜର ସାମାଜିକ ଓ ନୈତିକ ଦାୟିତ୍ୱ ଭୁଲି ଯାଇଥାନ୍ତି । ସେମାନେ ଯେଉଁ ପଦକ୍ଷେପ ଗ୍ରହଣ

କରିବା ଉଚିତ, ତାହା ନକରି ଏହି ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କୁ ସୁହାଇବା ପରି କାର୍ଯ୍ୟପନ୍ଥା ଗ୍ରହଣ କରିଥାନ୍ତି । ଏହିମାନଙ୍କର ସହାୟତା ଲାଭ କରି ବ୍ୟବସାୟୀ ଗୋଷ୍ଠୀ ନିର୍ଦ୍ୱନ୍ଦରେ ଦରବୃଦ୍ଧି କରିଥାନ୍ତି ଓ ସାମାଜିକ ଜୀବନକୁ ସ୍ଥାଣୁ କରି ଦେଇଥାନ୍ତି ।

**ଜାତୀୟ ସମସ୍ୟା:** ଦରବୃଦ୍ଧି ନିଶ୍ଚିତ ଭାବରେ ଏକ ଜାତୀୟ ସମସ୍ୟା । ଏହି ସମସ୍ୟାର ଆଶାନୁରୂପ ସମାଧାନ ହୋଇ ନପାରିଲେ, ଜାତି ଓ ଦେଶର ପ୍ରଗତି ବାଧାପ୍ରାପ୍ତି ହେବ । ଏହି ସମସ୍ୟା ଦିନେ ରକ୍ତାକ୍ତ ବିପ୍ଳବର ରୂପରେଖ ଗ୍ରହଣ କରିପାରେ । ସମାଜର ମୁଷ୍ଟିମେୟ ବ୍ୟକ୍ତି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମଧ୍ୟରେ କାଳାତିପାତ କରୁଥିବା ସମୟରେ, ସଂଖ୍ୟାଗରିଷ୍ଠ ଲୋକେ ଖାଦ୍ୟବିନା ଆର୍ତ୍ତଚିତ୍କାର କରିବା ଗଣତନ୍ତ୍ର ନିମିତ୍ତ ନିଶ୍ଚିତ ଭାବରେ ବିପଦର ସତର୍କ ଘଣ୍ଟି । ଦରଦାମ୍ ବୃଦ୍ଧି ସମ୍ପର୍କରେ ଗଣମାଧ୍ୟମ ଓ ଚିନ୍ତାଶୀଳ ବ୍ୟକ୍ତି ପ୍ରତିକ୍ରିୟା ପ୍ରକାଶ କରୁଥିଲେ ହେଁ, ଏହାର ସମାଧାନ ପାଇଁ ସବୁଆଡ଼େ ଆନ୍ତରିକ ଉଦ୍ୟମ ଅଭାବ ପରିଲକ୍ଷିତ ହେଉଛି । ସମାଜର ଧନୀକ ସଂପ୍ରଦାୟ ଏଥିରୁ ବେଶ୍ ଫାଇଦା ଉଠାଇବାରେ ବ୍ୟସ୍ତ । ଶାସନକାଳର ଆନ୍ତରିକହୀନତା ପରିସ୍ଥିତିକୁ ଅଧିକ ଉଦ୍‌ବେଗଜନକ କରିଦେଉଛି । ରାଜନୀତିକ ବ୍ୟକ୍ତି କେବଳ ଭାଷଣରେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ କରୁଚନ୍ତି । କ୍ଷୁଧାତୁର ବ୍ୟକ୍ତି ଯେକୌଣସି ପାପକାର୍ଯ୍ୟ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ । ଖାଦ୍ୟକୁ ଭିତ୍ତିକରି ବିପ୍ଳବର ସୂତ୍ରପାତ ହେଲେ ସାମାଜିକ ଜୀବନ ପଙ୍ଗୁ ହୋଇପଡ଼ିବ । ଏଥିରୁ କେହି ମୁକ୍ତି ପାଇପାରିବେ ନାହିଁ । ରକ୍ତାକ୍ତ ସଂଘର୍ଷ ରାଷ୍ଟ୍ରର ସାର୍ବଭୌମତ୍ୱକୁ ବିପନ୍ନ କରିଦେବ । ଅରାଜକତା ବ୍ୟାପିଯିବା ଦ୍ୱାରା ଲୁଣ୍ଠନ, ହତ୍ୟା, ରକ୍ତପାତ, ସଂଘର୍ଷ, ଚୋରି, ଡକାୟତି, ସୀମା ଲଘଂନ କରିବ । ପଡ଼ୋଶୀ ରାଷ୍ଟ୍ର ଏଥିରୁ ଫାଇଦା ଉଠାଇବେ । ବର୍ତ୍ତମାନଠାରୁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ନେଡ଼ିଗୁଡ଼ କହୁଣୀକୁ ବହିଯିବ । ଦରଦାମ୍ ବୃଦ୍ଧି ରାଜନୀତିକ ଜୀବନକୁ ମଧ୍ୟ କଳୁଷିତ କରିଦେଇଥାଏ । ଦେଶସେବା ନାମରେ ଜନଶୋଷଣ ରାଜନୀତିକ ଅସ୍ଥିରତା ସୃଷ୍ଟି କରେ । ଜାତୀୟ ଜୀବନକୁ ସୁସ୍ଥ, ନିରାମୟ ରଖିବାକୁ ହେଲେ ଦରଦାମ୍ ବୃଦ୍ଧିର ନିୟନ୍ତ୍ରଣ ସର୍ବାଦୌ ଆବଶ୍ୟକ ।

**ଦରବୃଦ୍ଧି ନିରାକରଣ ଉପାୟ:** ଦରଦାମ୍ ନିୟନ୍ତ୍ରଣ ନିମିତ୍ତ ସବୁ ସ୍ତରରେ ଉଦ୍ୟମ ହେବା ବାଞ୍ଛନୀୟ । କେବଳ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଚୁପ୍‌ଚାପ୍ ବସିରହିଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏ କ୍ଷେତ୍ରରେ ଜନସାଧାରଣଙ୍କର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି । ଜାତୀୟ ଚରିତ୍ର ସଙ୍ଗଠନ ହୋଇପାରିଲେ ଏବଂ ଏହା ଏକ ଜାତୀୟ ସମସ୍ୟା ବୋଲି ସମସ୍ତେ ଅନୁଭବ କରିପାରିଲେ, ଦରଦାମ ବୃଦ୍ଧିର ନିରାକରଣ ହୋଇପାରିବ । ଦୃଢ଼ ଶାସନ ବ୍ୟବସ୍ଥା ଓ ଜନସମୁଦାୟର ଆନ୍ତରିକ ସହଯୋଗ ଏହାକୁ ବହୁପରିମାଣରେ ନିୟନ୍ତ୍ରଣ କରିପାରିବ । ସ୍ୱାଧୀନ ନାଗରିକ ଭାବରେ ପ୍ରତ୍ୟେକ ବ୍ୟକ୍ତି ଏହାର ଦୃଢ଼ ବିରୋଧ କରିବା ଉଚିତ । ଯେଉଁ କେତେକ ସ୍ୱାର୍ଥପର ବ୍ୟବସାୟୀ, କଳାବଜାରୀ ଅସାଧୁ ଉପାୟରେ ନିଜର ବ୍ୟକ୍ତିଗତ ଫାଇଦା ଉଠାଉଛନ୍ତି ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ସରକାରୀ ସ୍ତରରେ ଖାଦ୍ୟପଦାର୍ଥର ସୁଷମ ବଣ୍ଟନ ନିମିତ୍ତ ପଦକ୍ଷେପ ଗ୍ରହଣ କରାଗଲେ, କଳାବଜାରୀ ଫାଇଦା ଉଠାଇପାରନ୍ତେ ନାହିଁ । ଘରୋଇ ଶିଳ୍ପ ଉପରେ ନିୟନ୍ତ୍ରଣ ଜାରି କରାଗଲେ, କିମ୍ବା ସେଗୁଡ଼ିକୁ ଜାତୀୟକରଣ କରାଯାଇପାରିଲେ, ସେମାନେ ମନଇଚ୍ଛା ଦରବୃଦ୍ଧି କରିପାରନ୍ତେ ନାହିଁ । ଖୁଚୁରା ବ୍ୟବସାୟ କେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ପଦାର୍ଥମାନ ଯୋଗାଇ ଦେବା ଆବଶ୍ୟକ । ରାଜନୈତିକ

ଅସ୍ଥିରତା ଦରବୃଦ୍ଧି ପାଇଁ ବହୁପରିମାଣରେ ଦାୟୀ । ଏହି ଅସ୍ଥିରତାର ସୁଯୋଗ ନେଇ କଳାବଜାରୀ ଓ ବ୍ୟବସାୟୀ ଗୋଷ୍ଠୀ ନିଜର ଫାଇଦା ହାସଲ କରିଥାନ୍ତି । ରାଜନୀତିରେ ଦଳୀୟ ସ୍ୱାର୍ଥ ସାମାଜିକ ସ୍ୱାର୍ଥ ଠାରୁ ଅଧିକ ଗୁରୁତ୍ୱ ହୋଇଥିବାରୁ ସାମାଜିକ ବିକାଶ ନିମିତ୍ତ କୌଣସି ଦଳ ଆନ୍ତରିକତା ପ୍ରକାଶ କରିନଥାନ୍ତି । ବର୍ତ୍ତମାନ ରାଜନୀତିକ ଦଳମାନଙ୍କ ମଧ୍ୟରେ ସୁସମ୍ପର୍କ ନଥିବାରୁ ଓ କୌଣସି ଦଳ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ଅସମର୍ଥ ହେଉଥିବାରୁ, ବ୍ୟବସାୟୀ ତଥା କଳାବଜାରୀ ଏବଂ ଟିକସ ଫାଙ୍କୁଥିବା ଲୋକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହାନ୍ତି । ପୁନରାୟ ନିର୍ବାଚନ ସମୟରେ ଏହି ଦଳ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କଠାରୁ ବିପୁଳ ପରିମାଣରେ ଚାନ୍ଦା ଆଦାୟ କରୁଥିବାରୁ ସେମାନଙ୍କର ଅସାଧୁ କାର୍ଯ୍ୟକଳାପକୁ ସମର୍ଥନ କରିଥାନ୍ତି । ରାଜନୈତିକ ବ୍ୟକ୍ତିବିଶେଷ ସଚ୍ଚୋଟ ଏବଂ ସାଧୁ ହୋଇ ନପାରିଲେ ଦରଦାମ୍ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସମର୍ଥ ହୋଇପାରନ୍ତି ନାହିଁ । ସାମ୍ପ୍ରତିକ ପରିପ୍ରେକ୍ଷୀରେ ରାଜନୀତି କ୍ଷେତ୍ରରେ ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ରାଜନୀତିରୁ ଅପରାଧୀକରଣକୁ ଦୂରୀଭୂତ କରାଯାଇ ପାରିଲେ ଦରଦାମ୍ ବୃଦ୍ଧିକୁ ଅକ୍ଳେଶରେ ନିୟନ୍ତ୍ରଣ କରାଯାଇପାରିବ । ଜନସଂଖ୍ୟା ବୃଦ୍ଧି ଦରଦାମ୍ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ହୋଇଥିବାରୁ, ଜନସଂଖ୍ୟାର ନିୟନ୍ତ୍ରଣ ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଆବଶ୍ୟକ । ସବୁଜ ବିପ୍ଳବ ସାକାର କରିବା ନିମିତ୍ତ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ଉଚିତ । କୃଷିର ଉନ୍ନତି ଓ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପାଦନ ଦ୍ୱାରା ଦରବୃଦ୍ଧି ନିୟନ୍ତ୍ରିତ ହୋଇପାରିବ । ବହୁ ଅମଳକ୍ଷମ ବିହନ, ସାର ଏବଂ କୀଟନାଶକ ଔଷଧ କୃଷକମାନଙ୍କୁ ଶସ୍ତାରେ ଯୋଗାଇ ଦେଇପାରିଲେ କୃଷି ଉତ୍ପାଦନ ବୃଦ୍ଧି ପାଇବ ଏବଂ ଦରଦାମ ନିୟନ୍ତ୍ରଣ ହୋଇପାରିବ । ଶିଳ୍ପ କ୍ଷେତ୍ରରେ ଘନଘନ ହରତାଳ ଯୋଗୁଁ ଉତ୍ପାଦନ ହ୍ରାସ ହୋଇଥାଏ । ଏ କ୍ଷେତ୍ରରେ ମଧ୍ୟ ବିଶେଷ ଦୃଷ୍ଟି ପ୍ରଦାନ କରାଯିବା ଉଚିତ । କଳାଟଙ୍କା ରୋକିବା ଓ ଯଥାଯଥ ଟିକସ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଚିତ । ମୁଦ୍ରାସ୍ଫୀତିକୁ ରୋକିବା ନିମିତ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଗଲେ, ଦରଦାମ୍ ମଧ୍ୟ ନିୟନ୍ତ୍ରିତ ହୋଇପାରିବ । ଉପରୋକ୍ତ ପଦକ୍ଷେପଗୁଡ଼ିକ ଦରଦାମ୍ ବୃଦ୍ଧିକୁ ନିଶ୍ଚିତ ନିୟନ୍ତ୍ରଣ କରିପାରିବ ।

**ଉପସଂହାର:** ଆଜି ଦରବୃଦ୍ଧି ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ଜାତୀୟ ସମସ୍ୟା । ଏହା ଲାଗି ରହିଲେ ଦେଶର ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ସୃଷ୍ଟି ହେବ । ରାଜନୀତିକ ଏବଂ ସାମାଜିକ ସ୍ତରରେ ଉଦ୍ୟମ ଜାରି ରହିଲେ ଏହାକୁ କେତକାଂଶରେ ଦୂରୀଭୂତ କରାଯାଇପାରିବ । ଜନଅସନ୍ତୋଷ ଏବଂ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ପାଇଁ ଦରବୃଦ୍ଧି ନିୟନ୍ତ୍ରଣ ଏକାନ୍ତ ଜରୁରୀ । ବର୍ତ୍ତମାନ ସବୁ କ୍ଷେତ୍ରରେ ଏହାର ପ୍ରଭାବ ଅନୁଭୂତ ହେଲାଣି । ଜନଅସନ୍ତୋଷକୁ ଆଉ ଅଧିକ ଦିନ ଚାପି ରଖି ହେବ ନାହିଁ । ସମାଜର ଚିନ୍ତାଶୀଳ ବ୍ୟକ୍ତି, ବ୍ୟବସାୟୀ ପ୍ରଶାସନ, ରାଜନୈତିକ ବ୍ୟକ୍ତିବିଶେଷ ଓ ଜନସାଧାରଣ ଏବେଠାରୁ ସତର୍କ ରହି ଦରବୃଦ୍ଧି ଦାମ୍ ନିୟନ୍ତ୍ରଣ କରିବାକୁ ସମୟୋଚିତ ପଦକ୍ଷେପ ଗ୍ରହଣ କରିପାରିଲେ, ଏହା ଏକ ସମସ୍ୟା ହୋଇ ରହିବ ନାହିଁ ।

●●●

# ୯.୩ ଭାରତରେ ନାରୀ ସମସ୍ୟା

**ଉପକ୍ରମ:** ସମୟର ପରିବର୍ତ୍ତନ ଇତିହାସରେ ନାରୀର ସଂଜ୍ଞାରେ ମଧ୍ୟ ପରିବର୍ତ୍ତନ ଆସିଛି । ବୈଦିକ ଯୁଗରେ ତଥା ପୁରାଣଯୁଗରେ ନାରୀ ଥିଲା ଐଶ୍ୱର୍ଯ୍ୟ, ଶକ୍ତି ଓ ସମ୍ମାନର ପ୍ରତୀକ । ନାରୀମାନଙ୍କର ଉପଯୁକ୍ତ ସମ୍ମାନରେ ଦେବତା ଶାନ୍ତିଲାଭ କରିଥାନ୍ତି ବୋଲି ଏକ ଧାରଣା ଆମ ସମାଜରେ ସୃଷ୍ଟି ହୋଇଥିଲା ।ବିଜ୍ଞାନର ବିକାଶ ପରେ ପରେ ବସ୍ତୁବାଦୀ ସଭ୍ୟତାରେ ନାରୀର ରୂପରେଖ ଧୀରେ ଧୀରେ ପରିବର୍ତ୍ତିତ ହେବାକୁ ଲାଗିଲା । ସମାଜ ତଥା ପରିବାରର ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ନିମିତ୍ତ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ ପୁରୁଷପ୍ରଧାନ ସମାଜରେ ନାରୀର ଉପଯୁକ୍ତ ମୂଲ୍ୟ ଓ ସମ୍ମାନ ପ୍ରଦର୍ଶନ କରାଯାଇପାରି ନାହିଁ । ନାରୀ କେବଳ ଏକ ଭୋଗ ଓ ବିଳାସର ସାମଗ୍ରୀ ରୂପେ ପରିଗଣିତ ହେଉଛି । ତା'ର ଅନ୍ତର୍ନିହିତ ପ୍ରତିଭାର ଯଥାର୍ଥ ଉପଯୋଗ କରାଯାଇପାରୁ ନାହିଁ । କିମ୍ବା ତା'ର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମିତ୍ତ ଉପଯୁକ୍ତ ପଦକ୍ଷେପ ମଧ୍ୟ ନିଆଯାଉ ନାହିଁ । ଆନ୍ତର୍ଜାତିକ ସ୍ତରରେ ନାରୀଜାଗରଣ ଓ ନାରୀ-ପ୍ରଗତି ତଥା ମୁକ୍ତି ପାଇଁ ସ୍ୱର ଉତ୍ତୋଳିତ ହେଉଥିଲେହେଁ ତା'ର ସାକାର ରୂପ ଏଯାବତ୍ ପରିଲକ୍ଷିତ ହୋଇନାହିଁ ।

**ଆନ୍ତର୍ଜାତିକ ସ୍ତରରେ ନାରୀ ସମସ୍ୟା:** ବିଶ୍ୱର ବିଭିନ୍ନ ସ୍ତରରେ ନାରୀ ତା'ର ପ୍ରତିଭାର ଯଥେଷ୍ଟ ପ୍ରମାଣ ଦେଇସାରିଥିଲେହେଁ, ଏଯାବତ୍ ଆମେ ସମାଜରେ ନାରୀକୁ ଉପଯୁକ୍ତ ସମ୍ମାନ ନଦେବା ପରିତାପର ବିଷୟ ନିଶ୍ଚୟ । ଏବେ ମଧ୍ୟ ଆମ ସମାଜରେ ନାରୀ ଏକ ବୋଝ ରୂପେ ପରିଗଣିତା । ସମଗ୍ର ବିଶ୍ୱରେ ସମୁଦାୟ ଜନସଂଖ୍ୟାର ଅର୍ଦ୍ଧାଧିକ ନାରୀ ହୋଇଥିଲେହେଁ ବିଭିନ୍ନ କ୍ଷେତ୍ରରେ ସେମାନେ ଅବହେଳିତା ଓ ଲାଞ୍ଛିତା ଜୀବନଯାପନ କରୁଛନ୍ତି । ନିକଟରେ ଜନ୍ ହପ୍‌କିନ୍ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ମାନବିକ ଅଧିକାରକୁ ଅଗ୍ରାଧିକାର ଦେଉଥିବା ୟୁନିସେଫର ମିଳିତ ରିପୋର୍ଟରୁ ଆମ ସମାଜରେ ନାରୀର ସ୍ଥିତି ଏବଂ ଦୟନୀୟ ଅବସ୍ଥିତି ସମ୍ପର୍କରେ ଜାଣି ହୋଇଥାଏ । ସେହି ରିପୋର୍ଟରୁ ଜଣାଯାଏ, ବହୁ ଶିଶୁକନ୍ୟା ପୃଥିବୀର ଆଲୋକ ଦେଖିବା ପୂର୍ବରୁ ସେମାନଙ୍କୁ ମାତୃଗର୍ଭରେ ହିଁ ନଷ୍ଟ କରିଦିଆଯାଇଥାଏ । ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱରେ ଯେତିକି ଶିଶୁକନ୍ୟା ଅଛନ୍ତି, ବିଜ୍ଞାନ ଦ୍ୱାରା ଯଦି ଶିଶୁକନ୍ୟାମାନଙ୍କୁ ନଷ୍ଟ କରିଦିଆଯାଉନଥାନ୍ତା, ତେବେ ଏହାର ସଂଖ୍ୟା ଆହୁରି ୬କୋଟି ଅଧିକ ହୋଇଥାନ୍ତା । ମାତୃଗର୍ଭରେ ଲିଙ୍ଗ ନିର୍ଦ୍ଧାରଣ ଯୋଗୁଁ ମାତୃଗର୍ଭରେ ବହୁ ଶିଶୁକନ୍ୟା ଅକାଳ ମୃତ୍ୟୁବରଣ କରୁଛନ୍ତି । ଜନ୍ମ ପରେ ମଧ୍ୟ ବହୁ ଶିଶୁକନ୍ୟାଙ୍କର ଉପଯୁକ୍ତ ରକ୍ଷାଣବେକ୍ଷଣ କରାଯାଉନଥିବାରୁ ସେମାନେ ଅକାଳରେ ମୃତ୍ୟୁବରଣ କରିଥାନ୍ତି । ଏହାଦ୍ୱାରା ଯେ ଅନେକ ମାନବସମ୍ବଳ ଅକାଳରେ ବିନିଷ୍ଟ ହୋଇଯାଉଛି, ଅସ୍ୱୀକାର କରାଯାଇନପାରେ । ଏସିଆ ମହାଦେଶରେ ଏହାର ଅବସ୍ଥା ଅତୀବ ଶୋଚନୀୟ । ରିପୋର୍ଟରୁ ଜଣାଯାଏ ଚିକିତ୍ସା ଅଭାବରୁ ଏହି ମହାଦେଶରେ ପ୍ରତିବର୍ଷ ୩ଲକ୍ଷ ମହିଳା ଶିଶୁ ଜନ୍ମ ସମୟରେ ହିଁ ପ୍ରାଣତ୍ୟାଗ କରିଥାନ୍ତି । ପୃଥିବୀରେ ନାରୀ ନିର୍ଯ୍ୟାତନାର ଅନ୍ୟ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟରୁ ଜଣାଯାଇଥାଏ । ଏହି ରିପୋର୍ଟ ଅନୁଯାୟୀ ଶିଶୁ ଗର୍ଭାବସ୍ଥାରେ ଥିବା ସମୟରେ ଏବଂ ପ୍ରସବ ସମୟରେ ପ୍ରତିବର୍ଷ ପୃଥିବୀରେ ୫ଲକ୍ଷ ୮୫ହଜାର ମହିଳା ଅତି ଦୟନୀୟ ଭାବେ ମୃତ୍ୟୁବରଣ କରିଥାନ୍ତି । ୟୁନିସେଫ ରିପୋର୍ଟରେ ଉଲ୍ଲେଖ ରହିଛି

ପୃଥିବୀରେ ମୃତ୍ୟୁବରଣ କରୁଥିବା ଏହି ମହିଳାମାନଙ୍କ ମଧ୍ୟରେ ଭାରତରେ ପ୍ରତି ଏକଲକ୍ଷ ମହିଳାଙ୍କ ମଧ୍ୟରୁ ଶିଶୁଜନ୍ମ ସମୟରେ ପ୍ରାୟ ୫୭୦ ଜଣ ପ୍ରାଣ ହରାଇଥାନ୍ତି । ବିଶ୍ୱବ୍ୟାଙ୍କ ରିପୋର୍ଟରେ ମଧ୍ୟ ଭାରତର ବହୁ ମହିଳା ପ୍ରସବ ସମୟରେ ପ୍ରାଣ ହରାଇଥାନ୍ତି ବୋଲି କୁହାଯାଇଛି । ପୃଥିବୀରେ ଶିଶୁ ଜନ୍ମ ସମୟରେ ପ୍ରାଣ ହରାଉଥିବା ମହିଳାଙ୍କ ମଧ୍ୟରୁ ଶତକଡ଼ା ୨୫ଭାଗ କେବଳ ଭାରତରେ ଦେଖାଯାଇଥାଏ । ଭାରତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଦ୍ୱାରା କରାଯାଇଥିବା ରିପୋର୍ଟ ଅନୁଯାୟୀ ଶିଶୁ ପ୍ରସବ ଓ ଗର୍ଭାବସ୍ଥାରେ ପ୍ରାୟ ଏକଲକ୍ଷ ଦଶହଜାର ମହିଳା ପ୍ରାଣ ହରାଇଥାନ୍ତି ବୋଲି କୁହାଯାଇଛି । ବିଶ୍ୱର ପ୍ରାୟ ଅଧିକାଂଶ ରାଷ୍ଟ୍ର ତୁଳନାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତରେ ବହୁ କମ୍ ଅର୍ଥ ବ୍ୟୟ କରାଯାଇଥାଏ । ଏହାର ଆନୁମାନିକ ହିସାବ ଶତକଡ଼ା ୬ଭାଗ ମାତ୍ର । ବିଶ୍ୱବ୍ୟାଙ୍କ୍ ରିପୋର୍ଟରେ ଏବେ ଉଲ୍ଲେଖ କରାଯାଇ କୁହାଯାଇଛି, ଭାରତରେ ଶିଶୁ ମୃତ୍ୟୁହାର ହ୍ରାସ ପାଇଥିଲେ ମଧ୍ୟ କନ୍ୟାଶିଶୁମାନଙ୍କର ମୃତ୍ୟୁହାର ବୃଦ୍ଧି ପାଇଛି । କାରଣ ଜନ୍ମପରେ ଏମାନଙ୍କର ଉପଯୁକ୍ତ ତତ୍ତ୍ୱ ନିଆଯାଏ ନାହିଁ କିମ୍ବା ଏମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ କୌଣସି ଦୃଷ୍ଟି ଦିଆଯାଏ ନାହିଁ । ଶିକ୍ଷାକ୍ଷେତ୍ରରେ ମଧ୍ୟ ଏମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବାକୁ ଭାରତୀୟମାନେ ପରାଙ୍ମୁଖ । ସ୍ୱାସ୍ଥ୍ୟର ଉପଯୁକ୍ତ ତତ୍ତ୍ୱ ନିଆଯାଉ ନଥିବାରୁ ପ୍ରସବ ସମୟରେ ଓ ପରେ ମା' ଏବଂ ଶିଶୁମାନେ ରକ୍ତହୀନତା ରୋଗର ଶିକାର ହୋଇଥାନ୍ତି । ୧୯୯୨-୯୩ ମସିହାରେ ଭାରତରେ ସି.ଏସ.ଏମ. ବା ଶିଶୁସୁରକ୍ଷା ଏବଂ ନିରାପଦ ମାତୃତ୍ୱ ପ୍ରକଳ୍ପ ଆରମ୍ଭ ହୋଇଥିଲେହେଁ, ଏହାର ବିଶେଷ ପ୍ରଭାବ ଏଯାବତ୍ ଗାଁ ଗହଳିମାନଙ୍କରେ ଦେଖା ଯାଇ ନାହିଁ । ୟୁନିସେଫ ରିପୋର୍ଟରେ କୁହାଯାଇଛି ଭାରତରେ ପ୍ରତିବର୍ଷ ହାରାହାରି ୨କୋଟି ୫୦ଲକ୍ଷ ଜନ୍ମ ହେଉଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୨୦ଲକ୍ଷ ୬୦ହଜାର ଶିଶୁ ପାଞ୍ଚବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ପ୍ରାଣ ହରାଇଥାନ୍ତି । ପୁଷ୍ଟିହୀନତା ଯୋଗୁଁ ଭାରତୀୟ ଶିଶୁମାନଙ୍କର ଓଜନ ମଧ୍ୟ କମ୍ ହୋଇଥାଏ ।

**ଭାରତରେ ନାରୀ ସମସ୍ୟା:** ଭାରତରେ ନାରୀମାନଙ୍କ ପ୍ରତି କିପରି ଅବହେଳା ପ୍ରଦର୍ଶନ କରାଯାଇଥାଏ, ତା'ର ଅନ୍ୟ ଏକ ପ୍ରମାଣ ଜନଗଣନା ରିପୋର୍ଟରୁ ଜଣାଯାଇଥାଏ । ୧୯୮୧ ଓ ୧୯୯୧ ଜନଗଣନା ଅନୁଯାୟୀ ୨୦ ବର୍ଷ ମଧ୍ୟରେ ଭାରତରେ ୪୦ଲକ୍ଷ ନାରୀଙ୍କର ପତ୍ତା ମିଳି ନାହିଁ ଏବଂ ୧୨ ଲକ୍ଷ କନ୍ୟାଶିଶୁ ମାତୃଗର୍ଭରେ ମୃତ୍ୟୁବରଣ କରିଛନ୍ତି । ବିଂଶ ଶତକର ଆରମ୍ଭରେ ଭାରତରେ ୧ହଜାର ପୁରୁଷଙ୍କ ତୁଳନାରେ ୯୭୦ଜଣ ମହିଳା ଥିବା ସମୟରେ ଏବେ ଏହାର ସଂଖ୍ୟା ହ୍ରାସ ପାଇ ୯୨୭ରେ ପହଞ୍ଚିଛି । ଅତ୍ୟନ୍ତ ଲଜ୍ଜାକର ବିଷୟ ହେଲେହେଁ ୟୁନିସେଫ୍ ରିପୋର୍ଟ ଅନୁଯାୟୀ ଏସିଆରେ ପ୍ରତିବର୍ଷ ହାରାହାରି ୧୦ଲକ୍ଷ କିଶୋରୀ ବଞ୍ଚିବା ପାଇଁ ଦେହ ବ୍ୟବସାୟକୁ ଜୀବିକା ଭାବରେ ଗ୍ରହଣ କରିଥାନ୍ତି । ଦକ୍ଷିଣ ଏସିଆରେ ପ୍ରତିବର୍ଷ ସ୍ୱାସ୍ଥ୍ୟଗତ କାରଣ ଓ ଅବହେଳାରୁ ଦୁଇକୋଟିରୁ ଉର୍ଦ୍ଧ୍ୱ ବାଳିକା ପ୍ରାଣ ହରାଇଥାନ୍ତି ।

**ଆନ୍ତର୍ଜାତିକ ସ୍ତରରେ ନାରୀ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ:** ପୁରୁଷପ୍ରଧାନ ସମାଜରେ ନାରୀମାନଙ୍କୁ ଯଥାର୍ଥ ସମ୍ମାନର ସହିତ ବଞ୍ଚିବାକୁ ହେଲେ ସେମାନଙ୍କୁ ସଂଗ୍ରାମ କରିବାକୁ ପଡ଼ିବ । ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ହେବ । ସୁଖର କଥା ଆନ୍ତର୍ଜାତିକ ସ୍ତରରେ ଆଜି ନାରୀଜାଗରଣ ନାରୀ ମୁକ୍ତି ପାଇଁ ସ୍ୱରଉତ୍ତୋଳିତ ହୋଇଛି । ଏ କ୍ଷେତ୍ରରେ କେତେକ ନାରୀ ବେଶ୍ ଅଗ୍ରଗାମୀ ଭୂମିକା ଗ୍ରହଣ କରିପାରିଛନ୍ତି । ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ **ମହିଳା ଦିବସ** ରୂପେ ପାଳନ କରାଯାଉଛି । ବିଶ୍ୱ ଇତିହାସରେ ୧୮୫୭ ମସିହା ମାର୍ଚ୍ଚ ୮ ତାରିଖ ନାରୀ ଅଧିକାର ଓ ନାରୀ ମୁକ୍ତି ନିମିତ୍ତ ଏକ ସ୍ମରଣୀୟ ଦିବସ ।

ଏହି ଦିନରେ ଆମେରିକାର ବିଭିନ୍ନ ବସ୍ତ୍ରଶିଳ୍ପରେ କାର୍ଯ୍ୟରତ ମହିଳାଗଣ ଧର୍ମଘଟର ଡାକରା ଦେଇ ସେମାନଙ୍କର କାର୍ଯ୍ୟର ସମୟ ଓ ମଜୁରି ସମ୍ପର୍କରେ ବିଚାର ନିମିତ୍ତ ଆହ୍ୱାନ ଦେଇଥିଲେ । ୧୯୦୮ ମାର୍ଚ୍ଚ ୮ତାରିଖ ଦିନ ନ୍ୟୁୟର୍କଠାରେ ପରିବେଶ ଓ ଭୋଟ ଅଧିକାରର ଦାବୀ ନେଇ ଶ୍ରମଜୀବୀ ମହିଳାମାନେ ଆନ୍ଦୋଳନ କରିଥିଲେ । ୧୯୧୦ ମସିହାରେ ମହିଳାମାନଙ୍କର ବିଭିନ୍ନ ଆନ୍ଦୋଳନ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ହୋଇ ବିଶ୍ୱସ୍ତରରେ ନାରୀ ଆନ୍ଦୋଳନ ଏକ ନୂତନ ରୂପରେଖ ଗ୍ରହଣ କଲା । ଏହି ମସିହାରେ ଜର୍ମାନୀ ଡେମୋକ୍ରାଟିକ ଦଳର ଅଧ୍ୟକ୍ଷା କ୍ଲାରା ଜେଟ୍‌କିନ୍ ଆନ୍ତର୍ଜାତିକ ନାରୀ ସମ୍ମିଳନୀରେ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ନାରୀ ଦିବସ ରୂପେ ପାଳନ ନିମିତ୍ତ ପ୍ରସ୍ତାବ ଦେଇଥିଲେ । ଏହାପରେ ବିଶ୍ୱର ବହୁ ମହିଳା ନିଜର ଦାବି ସାବ୍ୟସ୍ତ ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୧୪ ମସିହା ପର୍ଯ୍ୟନ୍ତ ସାମ୍ୟ ଏବଂ ଐକ୍ୟର ଦିନରୂପେ ମାର୍ଚ୍ଚ ୮ତାରିଖ ପାଳିତ ହେଉଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏହି ତାରିଖକୁ ଯୁଦ୍ଧବିରୋଧୀ ଦିବସ ରୂପେ ପାଳନ କରାଗଲା । ମହାତ୍ମା ଗାନ୍ଧି 'Young India' (ୟଙ୍ଗ ଇଣ୍ଡିଆ) ପତ୍ରିକାର ୧୯୨୯ ମସିହା ଅକ୍ଟୋବର ୧୭ତାରିଖ ସଂଖ୍ୟାରେ ମହିଳାଙ୍କ ଅଧିକାର ସାବ୍ୟସ୍ତ ନେଇ ସମଗ୍ର ମାନବ ସମାଜକୁ ଆହ୍ୱାନ ଜଣାଇଥିଲେ । ଏହାପରେ ପୃଥିବୀର ବିଭିନ୍ନ ସ୍ତରରେ ଏହାର ଆଲୋଚନା ହୋଇଥିଲା ଏବଂ ବିଶ୍ୱରେ ନାରୀ ଜାଗରଣର ଏକ ନୂତନ ଅଧ୍ୟାୟର ସୂତ୍ରପାତ ହେଲା । ଭାରତରେ ୧୯୬୦ ମସିହାରେ ମାର୍ଚ୍ଚ ୮ତାରିଖକୁ ଏକ ବିଶେଷ ଦିବସ ରୂପେ ଗ୍ରହଣ କଲେ । କାରଣ ଏହି ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ୫୦ ବର୍ଷ ସମ୍ପୂର୍ଣ୍ଣ ହୋଇଥିଲା । ସମଗ୍ର ଭାରତୀୟ ମହିଳାମାନଙ୍କ ପାଇଁ ଏହା ନିଶ୍ଚିତ ଭାବରେ ଏକ ଐତିହାସିକ ଦିବସ ରୂପେ ପରିଗଣିତ । ମୁସଲିମ୍ ମହିଳା ଅଧିକାର ବିଲ ବିରୋଧରେ ଭାରତରେ ୧୯୮୬ ମସିହା ମାର୍ଚ୍ଚ ୮ତାରିଖରେ ଯେପରି ମହିଳାମାନଙ୍କଦ୍ୱାରା ଏକ ଆନ୍ଦୋଳନ ସଂଘଟିତ ହେଲା ତଦ୍ୱାରା ଭାରତରେ ନାରୀଜାଗରଣ କିଛିପରିମାଣରେ ଆରମ୍ଭ ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଆଜି ଭାରତବର୍ଷର ଏକ ତୃତୀୟାଂଶ ଶ୍ରମଶକ୍ତି ହେଉଛି ମହିଳାଙ୍କର । ସେମାନଙ୍କର ସାମାଜିକ ଓ ଆର୍ଥନୀତିକ ବିକାଶ ନହେଲେ ଦେଶର ପ୍ରଗତି ଅସମ୍ଭବ । ଅଥଚ ଏହି ନାରୀଜାତି ବହୁ ସମୟରେ ପୁରୁଷର ଯୌନକାମନାର ଶିକାର ହୋଇ ଆତ୍ମହତ୍ୟା କରନ୍ତି କିମ୍ବା ମାନସିକ ପୀଡ଼ନ ମଧ୍ୟରେ ନିଜର ସ୍ୱାତନ୍ତ୍ର୍ୟ ହରାଇ କେବଳ ଭୋଗ୍ୟସାମଗ୍ରୀ ରୂପେ ପରିଗଣିତ ହୋଇଥାନ୍ତି ।

**ଭାରତରେ କେତେକ ପଦକ୍ଷେପ:** ଆନ୍ତର୍ଜାତିକ ମହିଳା ସଙ୍ଗଠନ ମାଧ୍ୟମରେ ଆଜି ନାରୀ ଜାତିର ଶାରୀରିକ, ବୌଦ୍ଧିକ ବିକାଶ ନିମିତ୍ତ ଦୃଷ୍ଟି ଦିଆଯାଉଛି । ୟୁନିସେଫ ବିଭିନ୍ନ କ୍ଷେତ୍ରରେ ନାରୀ ଜାତିର ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି । ଗତବର୍ଷ (୧୯୯୭) ମହିଳାଙ୍କ ଅବସ୍ଥା ସମ୍ପର୍କରେ ଆଲୋଚନା ନିମିତ୍ତ ଏକ ବିଶେଷ ବୈଠକ ଆହୁତ ହୋଇଥିଲା । ୧୯୯୪ ମସିହାରେ କାଇରୋଠାରେ ରାଷ୍ଟ୍ରସଂଘ ଉଦ୍ୟମରେ ହୋଇଥିବା ଜନସଂଖ୍ୟା ସମ୍ମିଳନୀରେ ମହିଳାଙ୍କ ପ୍ରତି ପୁରୁଷସମାଜର ଯେଉଁ ଦୃଷ୍ଟିଭଙ୍ଗୀ ରହିଛି, ତା'ର ପରିବର୍ତ୍ତନ ପାଇଁ ବିଶେଷ ଭାବରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସେମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ନିମିତ୍ତ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋକପାତ କରାଯାଇଥିଲା । ୧୯୭୮ ମସିହାରେ ଅଶୋକ ମେହେଟ୍ଟା କମିଟି ବିଭିନ୍ନ ନୀତି ନିର୍ଦ୍ଧାରଣ ଓ ସିଦ୍ଧାନ୍ତ ଗ୍ରହଣ କ୍ଷେତ୍ରରେ ମହିଳାମାନଙ୍କୁ ଜଡ଼ିତ କରିବା ନିମିତ୍ତ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ନିଶ୍ଚିତ ଭାବରେ ନାରୀ ସ୍ୱାଭିମାନର ଏକ ପ୍ରଶ୍ନ । ଏହା ଦ୍ୱାରା କେତେକ ପରିମାଣରେ ନାରୀ ଜାତିର ସମ୍ମାନ ବୃଦ୍ଧି ଲାଭ କରିବ । ଭାରତର ୧୯୯୨ ମସିହାରେ ସମ୍ବିଧାନର ୭୩ ଏବଂ ୭୪ ତମ

ସଂଶୋଧନରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ବିଭିନ୍ନ ପରିଷଦମାନଙ୍କରେ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ଶତକଡ଼ା ୩୦ଭାଗ ସ୍ଥାନ ମହିଳାମାନଙ୍କ ନିମିତ୍ତ ସଂରକ୍ଷିତ ରହିବାର ଯେଉଁ ବ୍ୟବସ୍ଥା ହେଲା ତଦ୍ଵାରା ଭାରତୀୟ ନାରୀ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାର ଅଧିକାର ପ୍ରାପ୍ତି ହେଲେ ।

**ଉପସଂହାର:** ଆନ୍ତର୍ଜାତିକ ସ୍ତରରେ ୧୯୭୫ ମସିହାରେ ମେକ୍ସିକୋ ସହରରେ ବିଶ୍ୱର ମହିଳା ସମ୍ମିଳନୀ ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ନାରୀର ମୁକ୍ତି ଓ ପ୍ରଗତି ସମ୍ବନ୍ଧରେ ଆଲୋଚନା ହୋଇଥିଲା । ୧୯୯୫ ମସିହା ସେପ୍ଟେମ୍ବର ମାସରେ ବେଜିଂଠାରେ ରାଷ୍ଟ୍ରସଂଘ ଉଦ୍ୟମରେ ଚତୁର୍ଥ ବିଶ୍ୱ ମହିଳା ସମ୍ମିଳନୀ ଆହୂତ ହୋଇଥିଲା । ଏହି ସମ୍ମିଳନୀରେ ନାରୀମାନଙ୍କର ବହୁ ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇ ସକରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ନାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଜଡ଼ିତ କରି ସେମାନଙ୍କର ମନୋବଳ ବୃଦ୍ଧି ତଥା ସମ୍ମାନ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଯୋଜନା ହେଲା । ମାତ୍ର ବାସ୍ତବ କ୍ଷେତ୍ରରେ ତାହା କେତେଦୂର କାର୍ଯ୍ୟକାରୀ ହେଲା, ଅନୁଶୀଳନର ବିଷୟ । ଏ କଥା ସତ୍ୟ, ପୁରୁଷସମାଜର ମନୋବୃତ୍ତିରେ ପରିବର୍ତ୍ତନ ନ ଘଟିଲେ ନାରୀଜାତିର ମୁକ୍ତି ଓ ପ୍ରଗତି କେବଳ ଧୂଆଁବାଣ ହୋଇ ରହିଯିବ । ସମାଜ ଗଠନରେ ପୁରୁଷ ସହିତ ନାରୀର ଯେ ସମାନ ଭୂମିକା ରହିଛି, ଏହା ପୁରୁଷସମାଜକୁ ଅନୁଭବ କରିବାକୁ ହେବ । ନାରୀ କେବଳ ଭୋଗ ବା ତ୍ୟାଗର ସାମଗ୍ରୀ ନୁହନ୍ତି, ସମାଜର ସୁସ୍ଥ ବିକାଶ ଓ ଗଠନରେ ତା'ର ଏକ ବିଶେଷ ଭୂମିକା ରହିଛି । ଏହି ସାର୍ବଜନୀନ ସତ୍ୟ ଯେତେବେଳେ ସମାଜର ଏକ ବିଶେଷ ସତ୍ୟ ରୂପେ ଗୃହୀତ ହେବ, ସେତେବେଳେ କେବଳ ଯାଇ ନାରୀଜାତିର ମୁକ୍ତି ଏବଂ ପ୍ରଗତି ସମ୍ଭବ ହୋଇପାରିବ । ନଚେତ୍ ଏହା କେବଳ କର୍ଣ୍ଣରୋଚକ ଶବ୍ଦମାଳୀ ହୋଇ ସମାଜରେ ବହୁ ସନ୍ଦେହର କୁହେଳିକା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସମାଜକୁ ଅଧୋପତନ ଦିଗକୁ ଅଗ୍ରସର କରାଇନେବ ।

●●●

# ୯.୪ ଉଦାରୀକରଣ ଅର୍ଥନୀତି

**ଉପକ୍ରମ:** ଯେକୌଣସି ଦେଶର ଉନ୍ନତି ମୁଖ୍ୟତଃ ସେ ଦେଶର ଅର୍ଥନୀତି ଉପରେ ନିର୍ଭରଶୀଳ ।ଦେଶର ପ୍ରଗତି ଏହା ଉପରେ ନିର୍ଭର କରୁଥିବାରୁ ଏକ ସୁଦୃଢ଼ ଅର୍ଥନୀତିର ଆବଶ୍ୟକତା ସର୍ବଦା ଅନୁଭୂତ ହୋଇଥାଏ । ଦେଶର ପରିବର୍ତ୍ତନକୁ ଆଖିରେ ରଖି ଅର୍ଥନୀତିରେ ମଧ୍ୟ ପରିବର୍ତ୍ତନ ସାଧିତ ହେବା ଆବଶ୍ୟକ । ଉଦାରୀକରଣ ଅର୍ଥନୀତିର ଅନ୍ୟ ନାମ ନୂତନ ଅର୍ଥନୀତି । ସ୍ୱାଧୀନତା ପୂର୍ବରୁ ଭାରତର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ଇଂରେଜମାନଙ୍କର ଇଚ୍ଛାନୁଯାୟୀ ପରିଚାଳିତ ହେଉଥିଲା । ସ୍ୱାଧୀନତାପ୍ରାପ୍ତିର ବହୁଦିନ ପର୍ଯ୍ୟନ୍ତ ପୂର୍ବ ଅନୁସୃତ ଆର୍ଥିକ ନୀତିକୁ ଭାରତ ଗ୍ରହଣ କରିଆସୁଥିଲା । ମାତ୍ର ସେହି ଅର୍ଥନୀତି ଭାରତୀୟ ସମାଜର ଉନ୍ନତିର ପରିପନ୍ଥୀ ବୋଲି ଅନୁମତି ହେବାରୁ, ପ୍ରଚଳିତ ଅର୍ଥନୀତିରେ ପରିବର୍ତ୍ତନ ପାଇଁ ଆମେ ନୂତନ ଅର୍ଥନୀତିକୁ ଗ୍ରହଣ କଲୁ । ଏହାଦ୍ୱାରା ଭାରତୀୟ ଅର୍ଥନୀତି ପ୍ରଗତି କ୍ଷେତ୍ରରେ ଅଗ୍ରସର ହୋଇପାରିବ ବୋଲି ଆମର ହୃଦ୍‌ବୋଧ ହେଲା ।

**ଉଦାରୀକରଣର ଅର୍ଥ:** ଉଦାରୀକରଣ ଅର୍ଥ ବିଭିନ୍ନ ଅର୍ଥନୀତିଜ୍ଞ ଭିନ୍ନ ଭିନ୍ନ ରୂପେ ପ୍ରକାଶ କରିଛନ୍ତି । କେହି କେହି ଏହାକୁ ନୂତନ ଅର୍ଥନୀତି ଓ ମୁକ୍ତ ଅର୍ଥନୀତି ବୋଲି କହିଥାନ୍ତି । ଖୋଲାଖୋଲି ଭାବରେ ପୁଞ୍ଜି ସଂଗ୍ରହ କରି, ତାହାକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରି ଆର୍ଥିକ ପ୍ରଗତି କରିବା ଏହାର ଉଦ୍ଦେଶ୍ୟ । ଅର୍ଥନୀତିକ ସଂସ୍କାର ନିମିତ୍ତ ବିଶ୍ୱ ବଜାରରୁ ଭାରତ ଏହି ନୂତନ ଅର୍ଥନୀତିକୁ ଗ୍ରହଣ କରିଛି ଏବଂ ଏହା ମାଧ୍ୟମରେ ଦେଶର ପ୍ରଗତି କରି ବୈଦେଶିକ ଋଣଭାରକୁ କେତେକାଂଶରେ ମୁକ୍ତିଲାଭ କରିବାର ସ୍ୱପ୍ନ ଦେଖିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସମାଜବାଦୀ ଅର୍ଥନୀତି ଆମର ଆର୍ଥିକ ପ୍ରଗତି ପାଇଁ ବିଶେଷ ଭାବରେ ସହାୟକ ହେବ ବୋଲି ଭାରତୀୟ ଅର୍ଥନୀତିଜ୍ଞଗଣ ମନେ କରୁଥିଲେ । ମାତ୍ର ସେ ସ୍ୱପ୍ନ ଧୂଳିସାତ୍ ହେବାରୁ ବିଶ୍ୱରେ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ପ୍ରତିଯୋଗିତା କ୍ଷେତ୍ରରେ ଉତ୍ତୀର୍ଣ୍ଣ ହେବାପାଇଁ ଆମେ ସର୍ବଶେଷରେ ଏହି ଅର୍ଥନୀତିର ଆଶ୍ରୟ ନେଇଛୁ ।

**ଅତୀତ ଭାରତରେ ଏହାର ପରମ୍ପରା:** ଭାରତରେ ସମ୍ପ୍ରତି ଅନୁସୃତ ନୂତନ ଅର୍ଥନୀତି ଭାରତୀୟ ସମାଜ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ନୂତନ ନୁହେଁ । ବହୁ ପ୍ରାଚୀନ କାଳରେ ଏପରି ଅର୍ଥନୀତି ଭାରତରେ ପ୍ରଚଳିତ ଥିଲା ବୋଲି ମତାମତ ପ୍ରକାଶ ପାଇଥାଏ । ବିଂଶ ଶତାବ୍ଦୀରେ ଏହା ଏକ ନୂତନ ଅର୍ଥନୀତି ରୂପେ ସ୍ୱୀକୃତି ଲାଭ କରିଛି । ଭାସ୍କୋଡ଼ାଗାମା ୧୪୮୭ ମସିହା ମେ ମାସରେ ଭାରତର ପଶ୍ଚିମ ଉପକୂଳ କାଲିକଟରେ ପହଞ୍ଚିବା ସମୟରେ ଭାରତର ଅର୍ଥନୀତି ସାମ୍ପ୍ରତିକ ଅର୍ଥନୀତିର ଅନୁରୂପ ଥିଲା । ସେତେବେଳେ ମଧ୍ୟ ଅର୍ଥନୀତି ଉପରେ ବିଶେଷ କିଛି କଟକଣା ଜାରି ହେଉନଥିଲା । ମୁକ୍ତବଜାର ଓ ମୁକ୍ତ ଅର୍ଥନୀତି ଥିଲା ତତ୍କାଳୀନ ସମାଜର ଆଦର୍ଶ । ଏପରିକି ଖ୍ରୀଷ୍ଟୀୟ ୧୧୦୦ ଶତକ ବେଳକୁ ଭାରତରେ ଚୋଳ ରାଜତ୍ୱ ସମୟରେ ବାଣିଜ୍ୟ ପଥ ଓ ଧାରା ମୁକ୍ତ ଥିବାରୁ ମୁକ୍ତ ଅର୍ଥନୀତିର ପ୍ରଚଳନ ଥିଲା । ବାଣିଜ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥିଲା । ସପ୍ତଦଶ ଶତକରେ ପର୍ତ୍ତୁଗୀଜ, ଡଚ୍ ଆଦି ବାଣିଜ୍ୟ କ୍ଷେତ୍ରରେ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ ହେଁ ବ୍ୟବସାୟ ଉପରେ କୌଣସି କଟକଣା ଜାରି ହୋଇ ନଥିଲା । ମୁକ୍ତ ଭାବରେ

ବ୍ୟବସାୟ କରି ସେମାନେ ପ୍ରଚୁର ଅର୍ଥଲାଭ କରୁଥିଲେ । ଭାରତୀୟ ପଣ୍ୟସାମଗ୍ରୀ ସେତେବେଳେ ଆମଷ୍ଟରଡ଼ାମଠାରେ ମୁକ୍ତଭାବରେ ନିଲାମ ହେଉଥିଲା । ଏହିପ୍ରକାର ଅର୍ଥନୀତିକୁ ମୁକ୍ତ ଅର୍ଥନୀତି ଏବଂ ସାମ୍ପ୍ରତିକ ଅର୍ଥନୀତି ଶାସ୍ତ୍ରରେ ଅର୍ଥନୀତିର ଉଦାରୀକରଣ ବୋଲି କୁହାଯାଇପାରେ । ପରବର୍ତ୍ତୀ ସମୟରେ ଇଂରେଜମାନେ ନିଜ ବାଣିଜ୍ୟର ଏକଚାଟିଆ ଅଧିକାର ନିମିତ୍ତ ବିଭିନ୍ନ କଟକଣା ଜାରି କଲେ ଓ ମୁକ୍ତ ଅର୍ଥନୀତିରେ ବାଧା ସୃଷ୍ଟି ହେଲା । ସ୍ୱାଧୀନତା ପରେ ବିଶେଷରୂପେ ୧ ୯ ୯ ୧ ମସିହାରେ ପୁନଃ ଏ ପ୍ରକାର ଅର୍ଥନୀତିର ଘୋଷଣା କରାଗଲା ।

**ଉଦାରୀକରଣ ଅର୍ଥନୀତିର ସାମ୍ପ୍ରତିକ ଅର୍ଥ:** ଭାରତରେ ନିୟନ୍ତ୍ରିତ ଅର୍ଥନୀତି ଆର୍ଥନୀତିକ ପ୍ରଗତି କ୍ଷେତ୍ରରେ ସହାୟକ ନହେବାରୁ ନୂତନ ଅର୍ଥନୀତିକୁ ଆମେ ଗ୍ରହଣ କରିନେଲୁ । ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଦେଶର ଅର୍ଥନୀତିକୁ ଯେତିକି ପରିମାଣରେ ସୁଦୃଢ଼ କରିବ ବୋଲି ଆଶା କରାଯାଇଥିଲା, ବାସ୍ତବ କ୍ଷେତ୍ରରେ ତାହା ହେଲା ନାହିଁ । ତୈଳକ୍ଷେତ୍ରରେ ଭାରତ ବହୁପରିମାଣରେ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତିକରିବାକୁ ଲାଗିଲା । ଭାରତରେ ଗଚ୍ଛିତ ଥିବା ବୈଦେଶିକ ମୁଦ୍ରାର ପରିମାଣ ସଙ୍କୁଚିତ ହୋଇପଡ଼ିଲା । ମୁଦ୍ରାସ୍ଫୀତି ବୃଦ୍ଧିଲାଭ କଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପରେ ଯେଉଁ ଶିଳ୍ପନୀତି ନିର୍ଦ୍ଧାରଣ କରାଯାଇଥିଲା, ତାହା ଯଥାର୍ଥ ଭାବରେ ପରିପୂରଣ ହୋଇପାରିଲା ନାହିଁ । ଗଚ୍ଛିତ ଥିବା ବୈଦେଶିକ ମୁଦ୍ରା ବହୁପରିମାଣରେ ବୈଦେଶିକ ଯନ୍ତ୍ରପାତି କ୍ରୟରେ ବିନିଯୋଗ ହୋଇଯିବାରୁ ଅର୍ଥନୀତି ଉପରେ ନିୟନ୍ତ୍ରଣ ଜାରି କରିବା ସମ୍ଭବ ହୋଇପାରିଲା ନାହିଁ । ସେଥିପାଇଁ ସରକାର ମୁକ୍ତବଜାର ଅର୍ଥନୀତିର ଆବଶ୍ୟକ କଲେ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ଉପଯୋଗିତା ଅନୁଭବ କଲେ । ସାମ୍ପ୍ରତିକ ଅର୍ଥରେ ପ୍ରତିଯୋଗିତାପୂର୍ଣ୍ଣ କଟକଣା ମୁକ୍ତବଜାର ଅର୍ଥନୀତି ହିଁ ଉଦାରୀକରଣ ଅର୍ଥନୀତି । ଏହି ଅର୍ଥନୀତିର ପ୍ରଚଳନ ଦ୍ୱାରା ଭାରତ ବହୁପରିମାଣରେ ବୈଦେଶିକ ମୁଦ୍ରାଲାଭ କରିଛି ବୋଲି ଦାବି କରିଛି ।

**ଉଦାରୀକରଣ ଅର୍ଥନୀତିର କାରଣ:** ପ୍ରତିଷେଧମୂଳକ ଅର୍ଥନୀତି ବା ନିୟନ୍ତ୍ରିତ ଅର୍ଥନୀତିର ଅସଫଳତା ଉଦାରୀକରଣ ଅର୍ଥନୀତି ସୃଷ୍ଟିର ମୂଳକାରଣ । ଭାରତର ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଶିଳ୍ପର ଉନ୍ନତି, ମାନବସମ୍ବଳର ସଫଳ ଉପଯୋଗ, ପ୍ରାକୃତିକ ସମ୍ପଦର ଯଥାର୍ଥ ବିନିଯୋଗ, ବିଦେଶୀ କାରିଗରୀ ବିଦ୍ୟାର କ୍ଷିପ୍ର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିରେ ମଧ୍ୟ ଉପଭୋଗର ମାତ୍ରା ହ୍ରାସ କରିବା ନିମିତ୍ତ ପରାମର୍ଶ ଦିଆଯାଇଥିଲା । କୃଷିର ଉନ୍ନତି ଦ୍ୱାରା ଖାଦ୍ୟଶସ୍ୟ କ୍ଷେତ୍ରରେ ଭାରତ ସ୍ୱାବଲମ୍ବନଶୀଳ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଥିଲା । ମୁଣ୍ଡପିଛା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ରପ୍ତାନୀର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଦେଶିକ ପୁଞ୍ଜିର ବୃଦ୍ଧି ନିମିତ୍ତ ରପ୍ତାନୀ ବୃଦ୍ଧି ଓ ଆମଦାନୀ ଊଣା ପ୍ରତି ଲକ୍ଷ୍ୟ ରଖାଯାଇଥିଲା । ମାତ୍ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭାରତ ଯେଉଁ ଲକ୍ଷ୍ୟରେ ଉପନୀତ ହେବା କଥା, ସେଠାରେ ଉପନୀତ ହୋଇପାରିଲା ନାହିଁ । ଗାନ୍ଧିଜୀ ସ୍ୱଦେଶୀଶିଳ୍ପ ଓ କୁଟୀରଶିଳ୍ପ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତ ଗାନ୍ଧିଜୀଙ୍କ ଅର୍ଥନୀତି ଉପରେ ଗୁରୁତ୍ୱ ଦେଇଥିଲେହେଁ, ପରବର୍ତ୍ତୀ ସମୟରେ ତାହାକୁ ଉପେକ୍ଷା କରାଗଲା । ପ୍ରଚୁର ବୈଦେଶିକ ପୁଞ୍ଜି ବିନିଯୋଗ କରାଯାଇ ବିଦେଶରୁ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରପାତି, କଞ୍ଚାମାଲ ଆଦି ଆମଦାନୀ କରାଗଲା । ଯେଉଁ ପରିମାଣରେ ବୈଦେଶିକ ମୁଦ୍ରାର ବିନିଯୋଗ କରାଗଲା, ସେହି ପରିମାଣରେ ଭାରତୀୟ ବସ୍ତୁର ରପ୍ତାନୀ କରାଯାଇପାରିଲା ନାହିଁ କିମ୍ବା





ଆନ୍ତର୍ଜାତିକ ପ୍ରତିଯୋଗିତା ବଜାରରେ ଆମେ ନିଜକୁ ସଫଳ ପ୍ରତିଯୋଗୀ ରୂପେ ପ୍ରତିପାଦିତ କରିପାରିଲୁ ନାହିଁ । ଭାରତରେ ବୈଦେଶିକ ମୁଦ୍ରାର ନିଅଣ୍ଟ ହେବାରୁ ବିଶ୍ୱବ୍ୟାଙ୍କ ତଥା ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଦ୍ୱାରସ୍ଥ ଆମକୁ ହେବାକୁ ପଡ଼ିଲା । ଋଣ ଗ୍ରହଣ ସମୟରେ ୧୯୫୫ ମସିହାରେ ଆମେ ଯେଉଁ ସ୍ୱାବଲମ୍ବନଶୀଳ ଅର୍ଥନୀତି ଉପରେ ଗୁରୁତ୍ୱ ଦେଇଥିଲୁ, ତାହା ଭୁଲିଯିବାକୁ ବାଧ ହେଲୁ । ବିଶ୍ୱବ୍ୟାଙ୍କରୁ ଋଣ ଆଣିବା ଦ୍ୱାରା ଆମକୁ ତା'ର କେତେଗୁଡ଼ିଏ ସର୍ତ୍ତ ମାନିନେବାକୁ ପଡ଼ିଲା । ଏହି କାରଣରୁ ଭାରତ ମୁକ୍ତବଜାର ଅର୍ଥନୀତିକୁ ଗ୍ରହଣ କରିଛି । ବିଦେଶୀ ପଣ୍ୟଦ୍ରବ୍ୟର ଅବାଧ ପ୍ରବେଶ ଘଟିଛି । ବାଣିଜ୍ୟ କ୍ଷେତ୍ରରେ କଟକଣା କୋହଳ କରାଯାଇଥିବାରୁ ଭାରତରେ ବିଦେଶୀ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି । ମାତ୍ର ଆମର ଆର୍ଥିକ ସ୍ଥିତିରେ ବିଶେଷ କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଥିବାର ଦେଖିବାକୁ ମିଳେ ନାହିଁ ।

**ଭାରତରେ ଏହାର ବିଶେଷତ୍ୱ:** ଉଦାରୀକରଣ ଅର୍ଥନୀତି ଦ୍ୱାରା ଭାରତ କେତେକ କ୍ଷେତ୍ରରେ ଯେ ଲାଭବାନ୍ ହୋଇଛି, ଅସ୍ୱୀକାର କରାଯାଇ ନପାରେ । ୧୯୯୧ ମସିହାରେ ଭାରତର ମୁଦ୍ରାସ୍ଫୀତି ୧୬.୭ ଶତାଂଶରେ ପହଞ୍ଚିଥିଲା । ତେଣୁ ଏକ ଦେବାଳିଆ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିବା ସମୟରେ ଏକ ନୂତନ ଆର୍ଥିକ ସଂସ୍କାରର ଆବଶ୍ୟକତା ଅନୁଭୂତ ହେଲା । ତତ୍କାଳୀନ ଅର୍ଥମନ୍ତ୍ରୀ ଡ଼ଃ ମନମୋହନ ସିଂ ଏହି ଉଦାରୀକରଣ ଅର୍ଥନୀତି ଯୋଗୁଁ ଭାରତ ଦେବାଳିଆ ଅବସ୍ଥାରୁ ରକ୍ଷା ପାଇଗଲା ବୋଲି ଯୁକ୍ତି କରିଛନ୍ତି । ଏହାଦ୍ୱାରା ବିଦେଶରେ ରହୁଥିବା ଭାରତୀୟମାନେ ଆଗ୍ରହର ସହିତ ଏଠାରେ ପୁଞ୍ଜି ବିନିଯୋଗ କରିବାରୁ ବୈଦେଶିକ ମୁଦ୍ରା ବହୁପରିମାଣରେ ବୃଦ୍ଧି ଲାଭ କରିଛି । ଦେଶରେ ମୁଦ୍ରାସ୍ଫୀତିର ହାର କେତେକ ପରିମାଣରେ ହ୍ରାସ ପାଇଛି । ମୁକ୍ତ ଅର୍ଥନୀତି ଯୋଗୁଁ କଟକଣା ହ୍ରାସ ପାଇଥିବାରୁ ବିଦେଶର ଶିଳ୍ପପତି ଓ ପୁଞ୍ଜିପତି ଭାରତରେ ସେମାନଙ୍କର ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି । ଉଦାରୀକରଣ ଅର୍ଥନୀତିର ମଧ୍ୟ ଅନ୍ୟ କେତେକ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ଉଦାରନୀତି ଦ୍ୱାରା ସରକାରୀ ନିୟନ୍ତ୍ରଣ ହ୍ରାସ ପାଇଥିବାରୁ ଲାଞ୍ଚ ଓ ସରକାରୀ ନାଲିଫିତାର ବିଳମ୍ବଜନିତ କାର୍ଯ୍ୟ ଦୂରୀଭୂତ ହୋଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ସରକାରୀ ହସ୍ତକ୍ଷେପ ଆର୍ଥିକ ପ୍ରଗତିରେ ବାଧା ସୃଷ୍ଟି କରିଥାଏ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ସମୁଦାୟ ଅର୍ଥନୀତି ସରକାରୀ ଉଦ୍ୟୋଗରୁ ମୁକ୍ତିଲାଭ କରିଥାଏ । ଏହାଦ୍ୱାରା ପୁଞ୍ଜିପତି ବିଭିନ୍ନ କ୍ଷେତ୍ରରେ ଅଧିକ ପରିମାଣରେ ପୁଞ୍ଜି ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ଯେଉଁ କ୍ଷେତ୍ରରେ ସମାଜର ପ୍ରଗତି ସମ୍ଭବ, ସେ କ୍ଷେତ୍ରରେ ସରକାରୀ ଉଦ୍ୟୋଗଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ବିଶେଷକରି ଶିକ୍ଷା, ଯୋଗାଯୋଗ, ସ୍ୱାସ୍ଥ୍ୟ, ଜଳସେଚନ, ବିଦ୍ୟୁତ ପ୍ରକଳ୍ପ ଆଦି କ୍ଷେତ୍ରରେ ସରକାରୀ ଉଦ୍ୟୋଗଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଖାଉଟି ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ବେସରକାରୀ ଉଦ୍ୟୋଗଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଉଦାରୀକରଣ ନୀତିଯୋଗୁଁ ବେସରକାରୀ ଉଦ୍ୟୋଗ ବହୁପରିମାଣରେ ଅର୍ଥ ବିନିଯୋଗ କରି ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରିଥାନ୍ତି ଓ ଆର୍ଥିକ ପ୍ରଗତିରେ ସହାୟତା ଦେଇଥାନ୍ତି । ଉପନିବେଶବାଦର ପ୍ରଚଳନ ସମୟରେ ବିଦେଶୀ ଶାସନ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରି ଭାରତର ଅର୍ଥନୀତିକୁ ଶୋଷଣ କରିଥିଲେ । ମାତ୍ର ସ୍ୱାଧୀନତା ପରେ ଉଦାରୀକରଣ ଅର୍ଥନୀତି ସତ୍ତ୍ୱେ ତା'ଉପରେ ଅଙ୍କୁଶ ଲଗାଯାଇପାରୁଥିବାରୁ ବିଦେଶୀ ପୁଞ୍ଜି ବିନିଯୋଗକାରୀ ଅବାଧରେ ଅର୍ଥନୀତିକୁ ଶୋଷଣ କରିବାର ଅବକାଶ ନାହିଁ । ପରନ୍ତୁ ବିଦେଶୀ କାରିଗରୀ କୌଶଳ, ବୈଷୟିକ ଜ୍ଞାନ ତଥା ଆଧୁନିକ ଯନ୍ତ୍ରପାତିର ଆଗମନ ଫଳରେ ଭାରତର ଅର୍ଥନୀତିରେ ଉନ୍ନତି

ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇନପାରେ ।

**ଏହି ଅର୍ଥନୀତିର ତ୍ରୁଟି:** ଏହା ସତ୍ତ୍ୱେ ଉଦାରୀକରଣ ଅର୍ଥନୀତିରେ ବହୁ ତ୍ରୁଟି ରହିଛି । ଭାରତର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଆମେ ଏହି ନୂତନ ଅର୍ଥନୀତିକୁ ଗ୍ରହଣ କରିଥିଲେ ହେଁ, ଏହାଦ୍ୱାରା ଆମେ କେତେକ କ୍ଷତିର ସମ୍ମୁଖୀନ ହୋଇଛୁ । ଭାରତୀୟ ଅର୍ଥନୀତି ବିଦେଶୀ ବଜାରକୁ କରାୟତ୍ତ କରିବା ନିମିତ୍ତ ନୂତନ ଆମଦାନୀ ନୀତିର ପ୍ରଚଳନ, ରପ୍ତାନୀବଜାର ଆଦିର ପ୍ରଚଳନ କରିଥିଲେ ହେଁ ଏ କ୍ଷେତ୍ରରେ ସଫଳ ହୋଇପାରିନଥିବା ଅନୁମେୟ । ବିଦେଶରୁ ପ୍ରଯୁକ୍ତିବିଦ୍ୟା, ଶିଳ୍ପପଣ୍ୟ ଉତ୍ପାଦନର କଞ୍ଚାମାଲ, ଆଧୁନିକ ଯନ୍ତ୍ରପାତିର ଅଧିକ ଆମଦାନୀ କରି ସେଥିରୁ ଉତ୍ପାଦିତ ପଦାର୍ଥକୁ ବିଶ୍ୱବଜାରକୁ ପଠାଇ ଆମେ ଯେତିକି ଲାଭବାନ୍ ହେବାକୁ ଯୋଜନା ପ୍ରସ୍ତୁତ କରିଥିଲୁ, ବାସ୍ତବ କ୍ଷେତ୍ରରେ ତାହା ହୋଇପାରି ନାହିଁ । ଏସବୁ ପଦାର୍ଥର ଆମଦାନୀ ଉଦ୍ଦେଶ୍ୟରେ ବହୁପରିମାଣର ବୈଦେଶିକ ମୁଦ୍ରା ବ୍ୟୟ କରାଯିବାରୁ ଗଚ୍ଛିତ ବୈଦେଶିକ ମୁଦ୍ରାର ଅଭାବ ଘଟିଲା । ବାଧହୋଇ ଭାରତ ସରକାର ନିଅଣ୍ଟିଆ ପରିସ୍ଥିତିରୁ ମୁକ୍ତ ହେବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସହାୟତା ଗ୍ରହଣ କରିବାରୁ ସେମାନଙ୍କର କେତେଗୁଡ଼ିଏ ସର୍ତ୍ତ ମାନିନେବାକୁ ହେଲା । ବିଦେଶୀ ପଣ୍ୟଦ୍ରବ୍ୟର ଅବାଧ ପ୍ରବେଶ ଦ୍ୱାରା ଭାରତୀୟ ଅର୍ଥନୀତିରେ ମଧ୍ୟ ସଙ୍କଟ ଦେଖାଗଲା । ୧୯୯୭ ମସିହା ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ଭାରତର ବୈଦେଶିକ ବାଣିଜ୍ୟର ନିଅଣ୍ଟ ପରିମାଣ ୧୫୦କୋଟି ଡ଼ଲାରରେ ପହଞ୍ଚିଲା । ଗୋଟିଏ ବର୍ଷ ମଧ୍ୟରେ ଆମର ନିଅଣ୍ଟ ପରିମାଣ ଶତକଡ଼ା ୬୮ଭାଗ ବଢ଼ିଛି । ଆମେ ଯେଉଁ ପରିମାଣରେ ବିଦେଶରୁ ଆମଦାନୀ କରିଛୁ, ସେହି ପରିମାଣର ରପ୍ତାନୀର ବୃଦ୍ଧି କରିପାରି ନଥିବାରୁ ଏ ପ୍ରକାର ପରିସ୍ଥିତି ସୃଷ୍ଟି ଲାଭ କରିଛି । ବିଦେଶୀ ଭୋଗ୍ୟବସ୍ତୁର ଚାହିଦା ଆମ ଦେଶରେ ଯେଉଁ ପରିମାଣରେ ବୃଦ୍ଧି ପାଇଛି, ବିଦେଶରେ ଆମ ଭୋଗ୍ୟବସ୍ତୁର ଚାହିଦା ସେହି ପରିମାଣରେ ବୃଦ୍ଧି ପାଇପାରି ନାହିଁ । ଅପରପକ୍ଷରେ ବିଦେଶୀ ପୁଞ୍ଜି ବିନିଯୋଗକାରୀଙ୍କ ସହିତ ଆମେ ସମାନ୍ତରାଳ ଭାବରେ ମଧ୍ୟ ପ୍ରତିଯୋଗିତା କରିପାରୁ ନାହୁଁ । ଉଦାରୀକରଣ ଅର୍ଥନୀତି ଯୋଗୁଁ ଭାରତ ପରି ବିକାଶଶୀଳ ରାଷ୍ଟ୍ରରେ ଯେଉଁ ବିଷୟ ପ୍ରତି ଅଧିକ ଧ୍ୟାନ ଦେବାକଥା, ତାହା ଦିଆଯାଇ ପାରି ନାହିଁ । ବିଶେଷ ଭାବରେ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଆଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପମାନ ଗ୍ରହଣ କରାଯାଇ ପାରି ନାହିଁ । ଜାତୀୟ ଉତ୍ପାଦନ ବୃଦ୍ଧିର ହାର ବଢ଼ି ନାହିଁ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିବିଶେଷଙ୍କର କୌଣସି ଆର୍ଥିକ ଉନ୍ନତି ଦେଖାଯାଇ ନାହିଁ । ଦରିଦ୍ର ବ୍ୟକ୍ତି କ୍ରମଶଃ ଦରିଦ୍ରରୁ ଦରିଦ୍ରତର ଅବସ୍ଥାକୁ ଗତି କରିଛନ୍ତି । ଏହି ଉଦାରୀକରଣ ଅର୍ଥନୀତି ଯୋଗୁଁ ବିଦେଶର ପୁଞ୍ଜିପତିଗଣ ଭାରତରେ କେବଳ ଖାଉଟି ସାମଗ୍ରୀମାନ ଉତ୍ପାଦନ କରି ଏକ ଉପଭୋକ୍ତା ଶ୍ରେଣୀ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି । ବୈଦେଶିକ ଜିନିଷର ବିକ୍ରି ଓ ଉପଭୋଗ ନିମିତ୍ତ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ଲାଭ କଲେ ଭାରତୀୟ ଅର୍ଥନୀତି ବହୁପରିମାଣରେ ବ୍ୟାହତ ହେବ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କର କୌଣସି ଆର୍ଥିକ ଉନ୍ନତି ହେବା ଅସମ୍ଭବ ମଧ୍ୟ ।ବେସରକାରୀ ଉଦ୍ୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରିବା ଦ୍ୱାରା ଖଟିଖିଆ ଗୋଷ୍ଠୀ ବହୁପରିମାଣରେ କ୍ଷତିର ସମ୍ମୁଖୀନ ହେବେ । ଭାରତର ଉଦାରୀକରଣ ଅର୍ଥନୀତିକୁ ବିଶ୍ୱର ପ୍ରସିଦ୍ଧ ମାର୍କିନ୍ ବୁଦ୍ଧିଜୀବୀ ୟୋମ ଚମସ୍କି ତୀବ୍ର ସମାଲୋଚନ କରିଛନ୍ତି । ଭାରତର ସାମ୍ପ୍ରତିକ ଆର୍ଥିକ ସ୍ଥିତି ପାଇଁ ଉଦାରୀକରଣ ଅର୍ଥନୀତିର ଆଦୌ ଆବଶ୍ୟକତା ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି । ତାଙ୍କ ମତରେ ସେହିଠାରେ





ଅର୍ଥନୀତିର ଉଦାରୀକରଣ ସମ୍ଭବ, ଯେଉଁଠାରେ ଧନୀ ଓ ବିତ୍ତଶାଳୀ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ବିଦ୍ୟମାନ ନଥାଏ । ଯେଉଁମାନେ ଦୈନନ୍ଦିନ ଖାଦ୍ୟ ଯୋଗାଡ଼ କରିବାରେ ଅସମର୍ଥ, ସେମାନଙ୍କ ନିକଟରେ ମୁକ୍ତ ଅର୍ଥନୀତିର ମୂଲ୍ୟ କିଛି ନାହିଁ । ବିକାଶଶୀଳ ରାଷ୍ଟ୍ରର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ସାଧାରଣ ମଣିଷଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମିତ୍ତ ଆର୍ଥିକ ବ୍ୟବସ୍ଥା କରିବା । ଭୋଗ୍ୟବସ୍ତୁ ଉତ୍ପାଦନ ବଢ଼ିଲେ ସାଧାରଣ ବ୍ୟକ୍ତିଙ୍କର କୌଣସି ଲାଭ ହେବ ନାହିଁ । କାରଣ କ୍ରୟଯୋଗ୍ୟ କ୍ଷମତାର ଅଭାବ ଯୋଗୁଁ ସମାଜରେ ଏହା ଶ୍ରେଣୀ ବୈଷମ୍ୟ ସୃଷ୍ଟି କରିବ ଓ ଆର୍ଥିକ ପ୍ରଗତିରେ ବାଧା ଉପୁଜିବ । ସେମାନଙ୍କ ନିକଟରେ ମୁକ୍ତ ବଜାରର ମୂଲ୍ୟ କିଛି ନାହିଁ । ସାଧାରଣ ଜନତାର ଜୀବନଧାରଣର ମାନର ବୃଦ୍ଧି ନ ଘଟିଲେ, ଦେଶର ଆର୍ଥିକ ପ୍ରଗତି ହେବା ସମ୍ଭବ ନୁହେଁ । ଏହି ଦୃଷ୍ଟିରୁ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେଉଦାରୀକରଣ ଅର୍ଥନୀତିର ଆବଶ୍ୟକତା ନାହିଁ ବୋଲି ଅନେକ ଅର୍ଥନୀତିଜ୍ଞ ମତ ପ୍ରକାଶ କରିଥାନ୍ତି ।

**ଉପସଂହାର:** ଉଦାରୀକରଣ ଅର୍ଥନୀତିର ଉଭୟ ଦିଗ ରହିଥିଲେହେଁ, ଯେଉଁ ସମୟରେ ଭାରତରେ ଏହି ଅର୍ଥନୀତି ନିମିତ୍ତ ପଦକ୍ଷେପ ଗ୍ରହଣ କରାଗଲା, ବହୁ ଦୃଷ୍ଟିରୁ ତାହା ଏକ ବାଞ୍ଛିତ ପଦକ୍ଷେପ ବୋଲି ମନେ ହୋଇଥାଏ । ବିଶ୍ୱବଜାରରେ ତୈଳଦର ବୃଦ୍ଧି, ଭାରତରେ ବୈଦେଶିକ ମୁଦ୍ରାର ସଙ୍କଟ ଏବଂ ବୈଦେଶିକ ଜ୍ଞାନକୌଶଳ ତଥା ଯନ୍ତ୍ରପାତିର ଆମଦାନୀ ନିମିତ୍ତ ନୂତନ ଅର୍ଥନୀତିର ଜରୁରୀ ଆବଶ୍ୟକତା ଅନୁଭୂତ ହୋଇଥିଲା । ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଭାରତର ଅର୍ଥମନ୍ତ୍ରୀ ସ୍ପଷ୍ଟଭାବେ ଉଲ୍ଲେଖ କରି କହିଛନ୍ତି- ଏହି ମୁକ୍ତ ଅର୍ଥନୀତିର ପ୍ରଚଳନ ହୋଇନଥିଲେ, ଭାରତ ଦେବାଳିଆ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତା । ସୌଭାଗ୍ୟର ବିଷୟ ଭାରତ ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରୁ ମୁକ୍ତିଲାଭ କରିଛି । ତେବେ ଭାରତୀୟ ଜନସାଧାରଣଙ୍କ ଆର୍ଥିକ ଦିଗକୁ ଆଖିଆଗରେ ରଖି ଦେଶରେ ବିଭିନ୍ନ ଅର୍ଥନୀତି ଗ୍ରହଣ କରିବା ଆବଶ୍ୟକ । ସମୟ ସହିତ ପାଦ ମିଳାଇ ଚାଲି ନ ପାରିଲେ  ବିଶ୍ୱ ବଜାରରେ ଭାରତୀୟ ବାଣିଜ୍ୟିକ ଅର୍ଥନୀତି ଶୋଚନୀୟ ଦୁର୍ଗତି ଲାଭ କରିବ । ସେଥିପାଇଁ ସରକାର ଭାରତର ବିଶିଷ୍ଟ ଆର୍ଥନୀତିଜ୍ଞମାନଙ୍କ ପରାମର୍ଶ ଗ୍ରହଣପୂର୍ବକ ଏକ ସମତୁଲ ଆର୍ଥିକ ନୀତିର ପ୍ରଚଳନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିପାରିଲେ ଭାରତୀୟ ଅର୍ଥନୀତି ଯେ ବିକାଶ ପଥରେ ଅଗ୍ରଗତି କରିପାରିବ, ଏଥିରେ ସନ୍ଦେହ ନାହିଁ ।

●●●

# ୯.୫ ଏଡ୍‌ସ: ଏକ ବିଶ୍ୱ ସମସ୍ୟା

**ଉପକ୍ରମ:** ଆଜି ସମଗ୍ର ବିଶ୍ୱରେ ଏଡ୍‌ସ ଏକ ମାରାତ୍ମକ ବ୍ୟାଧି ରୂପେ ଆତଙ୍କ ସୃଷ୍ଟି କରିଛି । ଏଯାବତ୍ ଏହାର ସମ୍ପୂର୍ଣ୍ଣ ନିରାକରଣ ନିମିତ୍ତ ବିଶ୍ୱରେ କୌଣସି ନିର୍ଦ୍ଦିଷ୍ଟ ଔଷଧ ତିଆରି ହୋଇପାରି ନାହିଁ । ଏହା ଏକ ସଂକ୍ରାମକ ବ୍ୟାଧି ହୋଇଥିବାରୁ ବିଭିନ୍ନ କାରଣ ପାଇଁ ସହଜରେ ଏହା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟକୁ ବା ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସଂକ୍ରମିତ ହୋଇପାରେ । ସେଥିପାଇଁ ଏଡ୍‌ସ ରୋଗ ସମ୍ପର୍କରେ ଆଜି ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି ହୋଇଛି । ବିଭିନ୍ନ ଗଣମାଧ୍ୟମ ଦ୍ୱାରା ଏହି ରୋଗ ଏବଂ ରୋଗୀମାନଙ୍କ ସମ୍ପର୍କରେ ବହୁ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରାଯାଇଛି । ମଣିଷକୁ ପଙ୍ଗୁ, ଅଚଳ ଓ କୁତ୍ସିତ କରି ତା'ଜୀବନର ସମସ୍ତ ସୁଖକୁ ଅପହରଣ କରିନେଉଛି ଏଡ୍‌ସ । ମାନବସମାଜକୁ ସୁସ୍ଥ ଏବଂ ନିରାମୟ କରିବାକୁ ହେଲେ ଏହି ରୋଗର ସମ୍ପୂର୍ଣ୍ଣ ଦୂରୀକରଣ ହେବାର ଆବଶ୍ୟକତା ରହିଛି ।

**ଜନ୍ମ ଇତିହାସ:** ବିଂଶ ଶତକର ଶେଷ ତ୍ରିଦଶକରୁ ଏହି ରୋଗର ଭୟଙ୍କାରିତା ସମ୍ପର୍କରେ ଜଣାପଡ଼ିଲା । ମାତ୍ର ଏହାର ମୂଳଉତ୍ସ ହେଉଛି ଆଫ୍ରିକା ମହାଦେଶ ।ଏହି ମହାଦେଶର 'ନେରେ' ନାମକ ସ୍ଥାନର ଅଧିବାସୀଙ୍କଠାରୁ ଏହାର ଜନ୍ମ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଥାନ୍ତି । ଶିକ୍ଷା ଓ ଆଧୁନିକ ସଭ୍ୟତାର ବିଶେଷ ସମ୍ପର୍କରେ ଆସିନଥିବା ଏହି ସ୍ଥାନର ଅଧିବାସୀଗଣ ନିଜର ଶାରୀରିକ କ୍ଷମତା ତଥା ଯୌନଶକ୍ତିର ଅଭିବୃଦ୍ଧି ନିମିତ୍ତ ସବୁଜମାଙ୍କଡ଼ମାନଙ୍କର କଞ୍ଚା ମାଂସ ଭକ୍ଷଣ କରୁଥିଲେ । ମାଙ୍କଡ଼ମାଂସର ପ୍ରତିକ୍ରିୟା ଶରୀର ଉପରେ ପରିଲକ୍ଷିତ ହେଲା ଓ ଏହିଥିରୁ ଜନ୍ମଲାଭ କଲା ଏକ ମାରାତ୍ମକ ଭୂତାଣୁ ଯାହା ଏଡ୍‌ସ ରୋଗ ସୃଷ୍ଟିର ମୂଳ କାରଣ । ମଣିଷ ଶରୀରରୁ ପ୍ରତିରୋଧ ଶକ୍ତି ହ୍ରାସ ପାଇଲେ ଏହାର ବିଭିନ୍ନ ଲକ୍ଷଣ ପ୍ରକାଶିତ ହୋଇଥାଏ । ଇଂରାଜୀରେ ଏହାକୁ କୁହାଯାଇଥାଏ Acquired Immune Deficiency Syndrome, ଏହାକୁ ସଂକ୍ଷେପରେ କୁହାଯାଇଥଇାଏ ଏଡ୍‌ସ (AIDS) । ଏଚ.ଆଇ.ଭି.(HIV) ନାମକ ଏକ ପ୍ରକାର ଭୂତାଣୁ ମାଧ୍ୟମରେ ଏହା ମାନବ ଶରୀରରେ ସଂକ୍ରମିତ ହୋଇଥାଏ । ଏହି ଭୂତାଣୁ ମାନବ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ । ଆଫ୍ରିକୀୟମାନଙ୍କଠାରୁ ଏହି ରୋଗ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଛି । ୧ ୯ ୭ ୦ ମସିହା ପୂର୍ବରୁ ଏହି ରୋଗ ସମ୍ପର୍କରେ କେହି କିଛି ଜାଣି ନଥିଲେ । ଯୁକ୍ତରାଷ୍ଟ୍ର ଜର୍ଜିଆ ପ୍ରଦେଶର ଏକ ରୋଗ ନିୟନ୍ତ୍ରଣ କେନ୍ଦ୍ରରୁ ପ୍ରଥମେ ଏହାର ସନ୍ଧାନ ମିଳିଥିଲା । ୧ ୯ ୮ ୧ ମସିହା ଜୁନ୍ ମାସ ପହିଲାରେ କାଲିଫର୍ଣ୍ଣିଆର ଏକ ଡାକ୍ତରଖାନାରେ ପାଞ୍ଚଜଣ ରୋଗୀଙ୍କୁ ନିମୁନିଆରେ ପୀଡ଼ିତ ହୋଇଥିବା ଅନୁମାନ କରାଯାଇ ଭର୍ତ୍ତି କରାଯାଇଥିଲା । ଗବେଷଣା ଦ୍ୱାରା ଜଣାପଡ଼ିଲା ଯେ, ଏମାନେ ନିମୁନିଆ ନୁହେଁ, ଏଡ୍‌ସ ଦ୍ୱାରା ଶିକାର । ୧ ୯ ୯ ୩ ମସିହାର ସର୍ବେକ୍ଷଣରୁ ଜଣାଯାଇଥିଲା ଯେ, ସମଗ୍ର ବିଶ୍ୱରେ ପ୍ରାୟ ୧୩୦ ନିୟୁତ ଲୋକ ଏଚ୍.ଆଇ.ଭି. ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଏହି ଶତାବ୍ଦୀର ଶେଷ ସୁଦ୍ଧା ଏଡ୍‌ସରୋଗୀଙ୍କ ସଂଖ୍ୟା ପ୍ରାୟ ଏହାର ଦୁଇଗୁଣ ହୋଇଯିବ ବୋଲି ଅନୁମାନ କରାଯାଉଛି । ଫ୍ରାନ୍‌ସ, ଆମେରିକା, ଦକ୍ଷିଣ ଜର୍ମାନ୍, ଇଂଲଣ୍ଡ ପ୍ରଭୃତି ଦେଶରେ ଏହି ରୋଗୀମାନଙ୍କର ସଂଖ୍ୟା ଅଧିକ । ଭାରତରେ ୧ ୯ ୯ ୪ ମସିହା ସର୍ବେକ୍ଷଣରୁ ଜଣାଯାଇଥିଲା ପ୍ରାୟ ୧ ୫ ୦ ୧ ୭ ଜଣ ବ୍ୟକ୍ତି ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଶତାବ୍ଦୀ ଶେଷ

ସୁଦ୍ଧା ଭାରତରେ ଏହା ଆହୁରି ବହୁ ଅଧିକ ହେବ ବୋଲି ଅନୁମାନ କରାଯାଏ । ଦିଲ୍ଲୀ, ମଣିପୁର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଆଦି ବିଭିନ୍ନ ରାଜ୍ୟରେ ଏଡ଼୍ସ ରୋଗୀଙ୍କ ସଂଖ୍ୟା ଦେଖିବାକୁ ମିଳେ ।

**ଏଡ଼୍ସର କାରଣ:** ଅସଂଯତ ଯୌନସମ୍ପର୍କ ଏହି ରୋଗର ପ୍ରଥମ କାରଣ ରୂପେ ନିର୍ଦ୍ଦେଶ କରାଯାଇଥାଏ । ବିଭିନ୍ନ କାରଣରୁ ଏଚ୍.ଆଇ.ଭି. ଭୂତାଣୁ ମଣିଷ ଶରୀରରେ ପ୍ରବେଶ ଲାଭ କରି ଏଡ଼୍ସ ରୋଗ ସୃଷ୍ଟି ପାଇଁ ପଥ ପରିଷ୍କାର କରିଥାଏ । ମଣିଷ ଶରୀର ମଧ୍ୟରେ ଥିବା ଶ୍ୱେତରକ୍ତ କଣିକା ଦୁର୍ବଳ ହୋଇପଡ଼ିବାଦ୍ୱାରା ଏହି ରୋଗ ବ୍ୟାପିଥାଏ । ପରିଲକ୍ଷିତ ହେଉଥିବା ଏଡ଼୍ସ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗରୁ ଅଧିକ ବ୍ୟକ୍ତି ଅସଂଯତ ଓ ଅସୁରକ୍ଷିତ ଯୌନସମ୍ପର୍କରୁ ଆକ୍ରାନ୍ତ ହୋଇଥାନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ଏହି ଅସୁରକ୍ଷିତ ଯୌନସମ୍ପର୍କ ହିଁ ଏଡ଼୍ସ ରୋଗର ମୂଳ କାରଣ । ଏତଦ୍‌ବ୍ୟତୀତ ଏଚ୍.ଆଇ.ଭି. ଭୂତାଣୁଯୁକ୍ତ ରୋଗୀର ରକ୍ତ ଅନ୍ୟ ଲୋକ ଦେହରେ ମିଶିଲେ ଏହି ରୋଗ ହୋଇଥାଏ । ଅଶୋଧିତ ଛୁଞ୍ଚି, ରକ୍ତଗ୍ରହଣ, ଧୂମପାନ, ଅଶୋଧିତ ଅପରେସନ୍ ଯନ୍ତ୍ରପାତି, ମୁଖଚୁମ୍ବନ, ବିଶୃଙ୍ଖଳା ଆଲିଙ୍ଗନ, ସେଲୁନ୍‌ଗୁଡ଼ିକର ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ବ୍ଲେଡ୍, ରୋଗିଣା ମା'ର କ୍ଷୀର ଗ୍ରହଣ ଆଦି ବହୁକାରଣରୁ ଏଡ଼୍ସ ବ୍ୟାପିପାରେ । ଏହାଦ୍ୱାରା ଭବିଷ୍ୟତ ବଂଶଧରମାନେ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି । ମଣିଷ ଜୀବନର ସମସ୍ତ ସୁଖ ଅଚିରେ ଧୂଳିସାତ୍ ହୋଇଯାଇଥାଏ ।

**ବିଭିନ୍ନ ଲକ୍ଷଣ:** ଏଡ଼୍ସରୋଗକୁ ପ୍ରାଥମିକ ଅବସ୍ଥାରେ ନିରୂପଣ କରିବା କଷ୍ଟସାଧ୍ୟ । ତଥାପି ଏହାର କେତେକ ଲକ୍ଷଣରୁ ଏହି ରୋଗ ସମ୍ପର୍କରେ ଅନୁମାନ କରାଯାଇପାରେ । ଦେହ ଅତିମାତ୍ରାରେ ଦୁର୍ବଳ ଲାଗିବା, ବାରମ୍ବାର ଝାଡ଼ା ଏବଂ ଜ୍ୱର ଲାଗି ରହିବା, ଶରୀରର ଓଜନ ହ୍ରାସ ହେବା, ଗୁପ୍ତାଙ୍ଗ ଓ ମୁଖମଣ୍ଡଳରେ ଧଳାଦାଗ ଦେଖାଦେବା, କାଖ ଏବଂ ବେକ ଗ୍ରନ୍ଥି ଫୁଲିବା, ପାଟି ଭିତରେ ଛତୁ ଫୁଟିବା ପରି ଧଳା ଧଳା ଦାଗ ସୃଷ୍ଟି ହେବା, ଶୁଖିଲା କାଶ ବହୁଦିନ ଧରି ଲାଗିରହିବା, ଶରୀରରୁ ରକ୍ତ ହ୍ରାସ ପାଇବା, ଶ୍ୱାସକ୍ରିୟା ଲଘୁହେବା, ନିଦ୍ରାବସ୍ଥାରେ ସ୍ୱପ୍ନ ଓ ପ୍ରଳାପ, ନିମୁନିଆ ଓ ଯକ୍ଷ୍ମା ଆଦି ଏହାର ବିଭିନ୍ନ ଉପସର୍ଗ । ମାନସିକ ଚିନ୍ତା, ଚାପ ବା ଅଧିକ ପରିଶ୍ରମ ମଧ୍ୟ ଏହି ରୋଗକୁ ଅଧିକ ମାରାତ୍ମକ କରିଥାଏ । ଅବଶ୍ୟ ଉପରୋକ୍ତ ସମସ୍ତ ଉପସର୍ଗଗୁଡ଼ିକ ଯେ ଏଡ଼୍ସର ସର୍ବଶେଷ ଓ ସର୍ବଶ୍ରେଷ୍ଠ ଲକ୍ଷଣ, ତାହା କୁହାଯାଇ ନପାରେ । ମାତ୍ର ଏହି ଲକ୍ଷଣଗୁଡ଼ିକ ଏଡ଼୍ସରୋଗୀଙ୍କୁ ଚିହ୍ନଟ କରିବା ପାଇଁ କେତେକ କ୍ଷେତ୍ରରେ ସହାୟତା କରିଥାଏ ।

**ଚିକିତ୍ସା ଓ ନିରାକରଣ ଉପାୟ:** ସାଧାରଣତଃ ଏଡ଼୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିବାଦ୍ୱାରା କିମ୍ବା ତା'ଦେହର ରକ୍ତ ଅଥବା ଅନ୍ୟ କୌଣସି କାରଣରୁ ଏଚ୍.ଆଇ.ଭି. ଭୂତାଣୁ ସୁସ୍ଥ ଶରୀରରେ ପ୍ରବେଶ କଲେ, ଏହି ରୋଗ ସଂକ୍ରମିତ ହୋଇଥାଏ । ତେଣୁ ସାଧାରଣତଃ ଏହିପରି ରୋଗୀମାନଙ୍କ ନିକଟରୁ ନିରାପଦ ଦୂରତାରେ ରହିବା ସର୍ବାଦୌ ଆବଶ୍ୟକ । ଏଚ୍.ଆଇ.ଭି. ଭୂତାଣୁ ଆକ୍ରମଣରୁ ରକ୍ଷା ପାଇଁ ଏ.ଜେଡ୍.ଟି (AZT) ଔଷଧ ଆବିଷ୍କାର ହୋଇଥିଲେହେଁ, ଏହା ଏପରି ବ୍ୟୟବହୁଳ ଯେ, ସାଧାରଣ ବ୍ୟକ୍ତିଙ୍କ ଦ୍ୱାରା ଏହି ଔଷଧ ବ୍ୟବହାର କରିବା ସମ୍ଭବ ନୁହେଁ । ପୁନରାୟ ଏହି ରୋଗରୁ ସମ୍ପୂର୍ଣ୍ଣ ନିରାକରଣ ନିମିତ୍ତ ଏଯାବତ୍ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ । ନିଶାସେବନ, ଉତ୍ତେଜନା ଓ ଉଦ୍‌ବେଗପୂର୍ଣ୍ଣ କାର୍ଯ୍ୟକଳାପରୁ ସର୍ବଦା ନିଜକୁ ଦୂରେଇ ରଖିବା ଆବଶ୍ୟକ । କୌଣସି ଜ୍ୱର ବା ଝାଡ଼ା ଲାଗି ରହିଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କର ପରାମର୍ଶ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ବାଞ୍ଛନୀୟ । ରୁଚିପୂର୍ଣ୍ଣ ନୈତିକ ଜୀବନଯାପନ, ଆଧ୍ୟାତ୍ମିକ

ଚିନ୍ତା, ସାତ୍ତ୍ୱିକ ଆହାର, ସୁଷମ ଖାଦ୍ୟ, ଅଧିକ ବିଶ୍ରାମ ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ । ଶୃଙ୍ଖଳିତ ଜୀବନଯାପନ ଓ ନିରାପଦ ଯୌନସମ୍ପର୍କ ପ୍ରତି ସଚେତନ ରହିବା ସଙ୍ଗେ ସଙ୍ଗେ ଅବସର ସମୟରେ ଚିତ୍ତ ବିନୋଦନ କରିବା ଆବଶ୍ୟକ । ସ୍ୱାସ୍ଥ୍ୟରକ୍ଷା ପାଇଁ ଆବଶ୍ୟକୀୟ ନିୟମ ପାଳନ କରିବା ସହିତ ଆଧ୍ୟାତ୍ମିକ ଜୀବନଯାପନ ପ୍ରତି ଗୁରୁତ୍ୱ ପ୍ରଦାନ କଲେ ଏହି ରୋଗଠାରୁ ରକ୍ଷା ମିଳିପାରିବ । ପାଟିରେ ଘା' ହେଲେ କିମ୍ବା ସାମାନ୍ୟ ଛଉଛଉକା ଦାଗ ଦେଖାଦେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କର ପରାମର୍ଶ କରି ବିହିତ ପ୍ରତିକାର ଗ୍ରହଣ କରିବା ବିଧେୟ । ସାମାନ୍ୟ ପରିଶ୍ରମରେ କ୍ଳାନ୍ତ ଅନୁଭବ କଲେ ସଙ୍ଗେ ସଙ୍ଗେ ପରାମର୍ଶ ଗ୍ରହଣ କରିବା ଉଚିତ । ଶରୀରକୁ ଯେତିକି ପରିମାଣରେ ବିଶ୍ରାମ ଦେବା ଆବଶ୍ୟକ, ସେଥିରୁ ତିଳେ ଊଣା ହେବା ଅନୁଚିତ । ଦୁଶ୍ଚିନ୍ତା ଓ ମାନସିକ ଉତ୍ତେଜନା ଠାରୁ ଦୂରରେ ରହି ଯଥାସମ୍ଭବ ଆନନ୍ଦମୟ ଜୀବନଯାପନ କଲେ ଏଥିରୁ କେତେକାଂଶରେ ରକ୍ଷା ମିଳିପାରିବ । ଏତଦ୍‌ବ୍ୟତୀତ ରକ୍ତ ଗ୍ରହଣ ସମୟରେ ଏହାର ଉପଯୁକ୍ତ ପରୀକ୍ଷା କରିନେବା ଆବଶ୍ୟକ । ସେଲୁନ୍‌ରେ କ୍ଷୌର କାର୍ଯ୍ୟ କିମ୍ବା ଇଞ୍ଜେକ୍‌ସନ ନେବା ସମୟରେ ନୂଆ ପାତ ତଥା ଛୁଞ୍ଚିର ବିଶୋଧନ କରିବା ଆବଶ୍ୟକ । ଏହାଛଡ଼ା ଏଡ୍‌ସ ରୋଗୀଙ୍କ ପ୍ରତି ଘୃଣା ବା ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ ନକରି, ସେମାନଙ୍କ ପ୍ରତି ସମ୍ବେଦନଶୀଳ ଓ ସ୍ନେହପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କଲେ, ସେମାନେ ମାନସିକ ସ୍ତରରେ ଶାନ୍ତି ଲାଭ କରିପାରିବେ ।

**ଉପସଂହାର:** ଆଜି ସମଗ୍ର ବିଶ୍ୱରେ ଏଡ୍‌ସ ଏକ ଆତଙ୍କ ରୂପେ ଦେଖାଦେଇଛି । ଏହାର ଉପଯୁକ୍ତ ଔଷଧ ଆବିଷ୍କାର ନିମିତ୍ତ ସବୁ ସ୍ତରରେ ଉଦ୍ୟମ ଜାରି ରହିଛି । ତଥାପି ବୈଜ୍ଞାନିକମାନେ ଏଯାବତ୍ ସମ୍ପୂର୍ଣ୍ଣ ସଫଳ ହୋଇପାରି ନାହାନ୍ତି । ବର୍ତ୍ତମାନ ଯେଉଁ କାରଣରୁ ଏହି ରୋଗ ବିଶେଷ ପରିମାଣରେ ସଂକ୍ରମିତ ହେଉଛି ସେଥିପ୍ରତି ସମଗ୍ର ଜନସାଧାରଣ ସଚେତନ ରହିବା ଆବଶ୍ୟକ । ବିଶେଷକରି ଅବାଧ ଯୌନ ସଙ୍ଗମ ଓ ଚୁମ୍ବନଠାରୁ ଯଥାସମ୍ଭବ ଦୂରତ୍ୱ ରକ୍ଷା କରିବା ଆବଶ୍ୟକ । ଭାରତରେ ଏହି ରୋଗ ପାଇଁ ବିଶେଷ ତତ୍ପରତା ପ୍ରକାଶ ପାଇଛି । ଭାରତୀୟ ଭେଷଜ ଗବେଷଣା ପରିଷଦ ୧୯୮୬ ମସିହାରେ ଏଡ୍‌ସ ବିରୋଧରେ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରିଛି । ୮ମ ଏବଂ ୯ମ ପଞ୍ଚବାର୍ଷିକ ଯୋଜନାରେ ଏଥିପାଇଁ କେତେକ ପଦକ୍ଷେପ ଗୃହୀତ ହୋଇଛି । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଶିବିରମାନ ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଏହା ସତ୍ତ୍ୱେ ଯେପର୍ଯ୍ୟନ୍ତ ଜନସାଧାରଣ ଏହି ରୋଗର ମାରାତ୍ମକତା ସମ୍ପର୍କରେ ଅବଗତ ନହୋଇ ଆପେ ଆପେ ସଚେତନ ନ ହୋଇଛନ୍ତି ଓ ଏହି ରୋଗର କାରଣ ସମ୍ବନ୍ଧରେ ଅବଗତ ହୋଇ ନିଜକୁ ସଚେତନ ନ କରାଇଛନ୍ତି, ସେ ପର୍ଯ୍ୟନ୍ତ ଏହା ସମଗ୍ର ବିଶ୍ୱ ପାଇଁ ଏକ ଆତଙ୍କ ହୋଇ ରହିଥିବ ।

●●●



ଟିପ୍ପଣୀ

# ୯.୬ ଜାତୀୟ ସଂହତି

**ଉପକ୍ରମ:** ଭାରତ ଏପରି ଏକ ଦେଶ, ଯେଉଁଠାରେ ବିଭିନ୍ନ ଜାତି, ଧର୍ମ, ଭାଷା ସ ସଂସ୍କୃତିର ବ୍ୟକ୍ତି ବସବାସ କରିଥାନ୍ତି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବିଷମତା ପରିଲକ୍ଷିତ ହେବା ସ୍ୱାଭାବିକ । ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଯୋଗୁଁ ଏହାର ସମସ୍ୟା ମଧ୍ୟ ବହୁବିଧ । ଭାରତର ସମସ୍ତ ଜନସାଧାରଣଙ୍କୁ ଗୋଟିଏ ଜାତୀୟ ସ୍ରୋତରେ ସାମିଲ କରିବା ଏହି ଦୃଷ୍ଟିରୁ କଠିନ ବ୍ୟାପାର । ମାତ୍ର ଦେଶର ଜନସାଧାରଣଙ୍କ ମଧ୍ୟରେ ସଂହତି ସ୍ଥାପିତ ହୋଇ ନପାରିଲେ, ଏହାର ଅଖଣ୍ଡତା ଓ ସାର୍ବଭୌମତ୍ୱ ସୁରକ୍ଷିତ ରହିପାରିବ ନାହିଁ । ଏହି ଦୃଷ୍ଟିରୁ ଭାରତରେ ଜାତୀୟ ସଂହତିର ଆବଶ୍ୟକତା ରହିଛି । ଗୋଟିଏ ଦେଶର ସମସ୍ତ ଜନସାଧାରଣଙ୍କୁ ଏକ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ରଖିବା ହେଉଛି ଜାତୀୟ ସଂହତି । ଏଥିପାଇଁ ଭାବଗତ ସଂହତି ପ୍ରଥମେ ସ୍ଥାପିତ ହେବାର ପ୍ରୟୋଜନ ରହିଛି । ସମଗ୍ର ଭାରତୀୟ ପ୍ରଥମେ ନିଜକୁ  ଭାରତର ସନ୍ତାନ ବୋଲି ଗର୍ବ କରିପାରିଲେ ଜାତୀୟ ସଂହତି ପ୍ରତିଷ୍ଠା ହୋଇପାରିବ ।ସଂକୀର୍ଣ୍ଣ ଚିନ୍ତାଧାରା ସଂହତିର ପରିପନ୍ଥୀ । ଜାତୀୟ ସଂହତି ଏକ ମନସ୍ତାତ୍ତ୍ୱିକ ଧାରା, ଯାହା ସମଗ୍ର ମଣିଷ ମନରେ ଏକତାବଦ୍ଧ ହେବାପାଇଁ ପ୍ରେରଣା ଦେଇଥାଏ । ଜାତି ପ୍ରତି ସମ୍ମାନବୋଧ ଓ ବ୍ୟକ୍ତି ପ୍ରତି ଭ୍ରାତୃତ୍ୱବୋଧ ଜାଗ୍ରତ ହେଲେ ଦେଶରେ ଐକ୍ୟ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଗୋଟିଏ ଦେଶ ମଧ୍ୟରେ ବସବାସ କରୁଥିବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରଗାଢ଼ ମିଳନକୁ ଜାତୀୟ ସଂହତି କୁହାଯାଇଥାଏ । ସଂହତି ଦେଶକୁ ସମୃଦ୍ଧ କରେ ମାତ୍ର ବିଭେଦ କରେ ଦେଶକୁ ଖଣ୍ଡବିଖଣ୍ଡିତ । ଭାରତର ସାଂସ୍କୃତିକ ପରମ୍ପରା ଜାତୀୟ ଐକ୍ୟକୁ ନେଇ ପ୍ରତିଷ୍ଠିତ । ଦେଶ ଏବଂ ଜାତିର ମଙ୍ଗଳ ନିମିତ୍ତ ଭାରତୀୟ ଭାବରେ ଜାତୀୟ ସଂହତି ପ୍ରତିଷ୍ଠା କରିବା ଆମର ପ୍ରଥମ କର୍ତ୍ତବ୍ୟ ।

**ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ଜାତୀୟ ସଂହତି:** ଯେଉଁ ପାଶ୍ଚାତ୍ୟ ଚିନ୍ତାଶୀଳ ବ୍ୟକ୍ତି ଭାରତର ପ୍ରକୃତ ମୂଲ୍ୟ ଉପଲବ୍‌ଧି କରିପାରି ନାହାନ୍ତି, ସେମାନେ ଅତୀତରେ କେବେ ଭାରତରେ ଜାତୀୟ ସଂହତି ଥିଲା ବୋଲି ବିଶ୍ୱାସ କରନ୍ତି ନାହିଁ । ଏହା ସେମାନଙ୍କ ସଂକୀର୍ଣ୍ଣ ଚିନ୍ତାଧାରାର ପରିଚାୟକ । ସେଥିପାଇଁ ବୋଧହୁଏ Sir John Strachey କହିଛନ୍ତି- This is the first and the most essential thing to learn about India that there is not and never was an India or even any country of India possessing according to European ideas, any sort of unity physical, political, social or religious. No Indian nation, no people of India of which we hear so much. ମାତ୍ର ଯଦି ଭାରତର ଧର୍ମ, ପୁରାଣ, ଦର୍ଶନ, ଇତିହାସ, କିମ୍ବଦନ୍ତୀ, କଳା ସ୍ଥପତ୍ୟ, ଭାସ୍କର୍ଯ୍ୟ ଓ ସାହିତ୍ୟକୁ ଯଥାର୍ଥ ଅନୁଶୀଳନ କରାଯାଏ, ଅତୀତରେ ବିଭିନ୍ନ ବୈଷମ୍ୟ ସତ୍ତ୍ୱେ ଭାରତରେ ଯେ ଜାତୀୟ ସଂହତି ପ୍ରତିଷ୍ଠା ହୋଇପାରିଥିଲା, ତା'ର ଭୂରି ଭୂରି ନିଦର୍ଶନ ମିଳିବ । ଆର୍ଯ୍ୟଋଷି ଉଦାତ୍ତ କଣ୍ଠରେ ଘୋଷଣା କରିଥିଲେ - 'ସର୍ବେ ଭବନ୍ତୁ ସୁଖୀନଃ,ସର୍ବେ ସନ୍ତୁ ନିରାମୟାଃ । ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍ ।' ଏକ ବିଶ୍ୱତାରକ ଦୃଷ୍ଟି ଟେକି ଆର୍ଯ୍ୟଋଷି ସମଗ୍ର ମାନବସମାଜର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ରାମାୟଣ, ମହାଭାରତ, ଭାଗବତ ପରି ପୁରାଣ ଗ୍ରନ୍ଥଗୁଡ଼ିକରେ ଜାତି

ନୁହେଁ ମଣିଷ ହିଁ ହୋଇଛନ୍ତି ଅତୀବ ପ୍ରିୟ । ସଂକୀର୍ଣ୍ଣତାର ସ୍ଥାନ ଆଦୌ ସେଠାରେ ନାହିଁ । ହିନ୍ଦୁ ରାଜତ୍ୱ ସମୟରେ ଧର୍ମ ଏବଂ ଭାଷା ଜାତୀୟ ଓ ଭାଗବତ ସଂହତି ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।ଧର୍ମ ହିଁ ଥିଲା ଏକତାର ସମୃଦ୍ଧିଶାଳୀ ମାଧ୍ୟମ । ଧର୍ମ ଶିଖାଇଥିଲା ମଣିଷକୁ ମଣିଷ ପରି ଭଲ ପାଇବାକୁ । ଗଙ୍ଗା, ଯମୁନା, ସରସ୍ୱତୀ, କୃଷ୍ଣା, କାବେରୀ ଆଦି ନଦୀ ସମଗ୍ର ଭାରତୀୟଙ୍କ ଦୃଷ୍ଟିରେ ପରମ ପବିତ୍ରା ଓ ଶୁଦ୍ଧପୂତା । ପ୍ରାଚୀନ ଭାରତରେ ସଂସ୍କୃତ ଏବଂ ପାଲି ଭାଷା ଜାତୀୟ ସଂହତି ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।ବୈଦିକ ଋଷି ବଶିଷ୍ଠ ଜଣେ ବାରାଙ୍ଗନାର ପୁତ୍ର । ବାଲ୍ମୀକି ଥିଲେ ଏକ ଅଚ୍ଛବ ଜାତିର ସନ୍ତାନତ୍ଵବୀର ଜଣେ ମୁସଲମାନ ତନ୍ତୀ ଘରର ପିଲା । ତଥାପି ଭାରତୀୟଙ୍କ ଦୃଷ୍ଟିରେ ସେମାନେ ଅତୀବ ମହାନ ଓ ପବିତ୍ର ।ଶଙ୍କରାଚାର୍ଯ୍ୟ ଶୃଙ୍ଗେରୀ, ପୁରୀ, ଦ୍ୱାରିକା ଓ ବଦ୍ରିନାଥ-ଭାରତର ଚାରିଦିଗରେ ମଠ ସ୍ଥାପନ କରି ଗୋଟିଏ ବନ୍ଧନରେ ସମଗ୍ର ଭାରତୀୟଙ୍କୁ ବାନ୍ଧିବାର ପ୍ରୟାସ କରିଥିଲେ । ତେଣୁ ପ୍ରାଚୀନ ଭାରତରେ ଜାତିଗତ ସମସ୍ୟା କଦାପି ମୁଖ୍ୟ ନଥିଲା । ମଧ୍ୟଯୁଗୀୟ ଭାରତରେ ଅନ୍ୟ ଏକ ନୂତନ ଧର୍ମ, ବିଶ୍ୱାସ ପରମ୍ପରା ସୃଷ୍ଟି ହୋଇଥିଲା ମୁସଲମାନମାନଙ୍କ ଆବିର୍ଭାବ ଦ୍ୱାରା । ଏହି ଆବିର୍ଭାବ ଦ୍ୱାରା କିଛି ସମୟ ପାଇଁ ହିନ୍ଦୁ ଓ ମୁସଲମାମାନଙ୍କ ମଧ୍ୟରେ ପ୍ରଥାଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ମାତ୍ର ଉଦାର ହୃଦୟ ସମ୍ପନ୍ନ ସମ୍ରାଟ ଆକବର ଦିନ୍-ଇ-ଇଲାହୀ ଧର୍ମ ପ୍ରତିଷ୍ଠା କରି ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନର ଉଦ୍ୟମ କରିଥିଲେ । ଏହି ସମୟରେ ଭାରତରେ ଯେଉଁ ଭକ୍ତି ଆନ୍ଦୋଳନ ସଙ୍ଗଠିତ ହୋଇଥିଲା, ତଦ୍ଦ୍ୱାରା ଅନ୍ୟ ଏକ ସମନ୍ୱୟର ଧାରା ସୃଷ୍ଟି ହେଲା । ସେଥିପାଇଁ ନାନକ, କବିର, ଶ୍ରୀଚୈତନ୍ୟ, ତୁକାରାମ ଆଦି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୋଲି ବିବେଚିତ ନହୋଇ ସମସ୍ତ ଭାରତୀୟଙ୍କର ପୂଜ୍ୟ ଭାବରେ ଗୃହୀତ ହେଲେ । ତେଣୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ଜାତୀୟ ସଂହତିର ଅଭାବ ଥିଲା ବୋଲି ଯେଉଁମାନେ ଯୁକ୍ତି କରନ୍ତି, ପ୍ରକୃତରେ ସେମାନେ ଭୁଲ ହିଁ କହିଥାନ୍ତି ।

**ସାମ୍ପ୍ରତିକ ପରିପ୍ରେକ୍ଷୀରେ ଜାତୀୟ ସଂହତିର ଆବଶ୍ୟକତା:** ଭାରତରେ ଯଥାର୍ଥରେ ଜାତୀୟ ସଂହତି କିଛି ପରିମାଣରେ ବିପନ୍ନ ହୋଇଛି ଇଂରେଜମାନଙ୍କ ରାଜତ୍ୱ ସମୟରେ । ସେମାନଙ୍କର ବିଭେଦ ନୀତି ଯୋଗୁଁ ମୁସଲମାନ ଓ ହିନ୍ଦୁ ଦୁଇଟି ଦଳଭୁକ୍ତ ହୋଇଛନ୍ତି ଏବଂ ସ୍ୱାଧୀନତା ପୂର୍ବରୁ ଭାରତ ଦୁଇ ଭାଗରେ ବିଭକ୍ତ ହୋଇ ପାକିସ୍ଥାନ ଓ ହିନ୍ଦୁସ୍ଥାନରେ ପରିଣତ ହୋଇଛି । ସ୍ୱାଧୀନତା ପରବର୍ତ୍ତୀ କାଳରେ ବିଭିନ୍ନ କାରଣ ପାଇଁ ଜାତୀୟ ସଂହତି ପ୍ରତିଷ୍ଠା ନିମିତ୍ତ ଜନସାଧାରଣଙ୍କ ମଧ୍ୟରେ ଆନ୍ତରିକ ଭାବ ସୃଷ୍ଟି ହୋଇ ପାରି ନାହିଁ । ଆଜି ଭାରତ ବିଭିନ୍ନ କ୍ଷେତ୍ରରେ ପ୍ରତିକୂଳ ଅବସ୍ଥା ମଧ୍ୟଦେଇ ଗତି କରୁଥିବା ସମୟରେ ଜାତୀୟ ସଂହତିର ଜରୁରୀ ଆବଶ୍ୟକତା ରହିଛି ।ଅନେକ ବିଚ୍ଛିନ୍ନବାଦୀ ଶକ୍ତି ଭାରତକୁ ଖଣ୍ଡବିଖଣ୍ଡିତ କରିବାକୁ ଚାହୁଁଛନ୍ତି । କେତେକ ବ୍ୟକ୍ତି ନିଜର ହୀନ ସ୍ୱାର୍ଥ ସାଧନ ପାଇଁ ଦେଶର ଅଖଣ୍ଡତାକୁ ଖଣ୍ଡ ଖଣ୍ଡ କରିବାକୁ ଚେଷ୍ଟା କରୁଛନ୍ତି । ଭାରତର ବନ୍ଧୁତା ବିଶ୍ୱାସଘାତକତା କରି ୧୯୬୨ ମସିହାରେ ଚୀନ ଭାରତ ଉପରେ ଆକ୍ରମଣ କରିଥିଲା । ୧୯୬୫ ଓ ୧୯୭୧ରେ ପାକିସ୍ଥାନର ଦୁଇ ଦୁଇଥର ଆକ୍ରମଣ ଆମର ଜାତୀୟ ସଂହତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ମଧ୍ୟ ଭାରତର ଦୁଇ ସୀମାନ୍ତ ଦେଶ ଚୀନ ଏବଂ ପାକିସ୍ଥାନ ଭାରତ ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରୁଛନ୍ତି । ତେଣୁ ଯେ କୌଣସି ମୁହୂର୍ତ୍ତରେ ଏହି ଦୁଇ ଦେଶଠାରୁ ଭାରତ ପ୍ରତି ବିପଦ ଦେଖାଦେଇ ପାରେ । ପାକିସ୍ଥାନ ଭାରତର ସଂହତିକୁ ନଷ୍ଟ କରିବା ପାଇଁ ସନ୍ତ୍ରାସବାଦୀ କାର୍ଯ୍ୟ କଳାପ ଜାରି ରଖିଛି ।





କାଶ୍ମୀର, ପଞ୍ଜାବ ଓ ଅନ୍ୟାନ୍ୟ ସ୍ଥାନରେ ଯେଉଁ ଆତଙ୍କବାଦର ସ୍ୱର ଉତ୍ତୋଳିତ ହେଉଛି, ସେଥିରେ ପାକିସ୍ଥାନର ପ୍ରଚ୍ଛନ୍ନ ହାତ ରହିଛି । ଏତଦ୍‌ବ୍ୟତୀତ ଅନ୍ୟ କେତେକ ଦେଶ ମଧ୍ୟ ଭାରତର ପାରମାଣବିକ ପରୀକ୍ଷା ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତରେ ଜାତୀୟ ସଂହତି ପ୍ରତିଷ୍ଠିତ ହୋଇ ନପାରିଲେ ଆମର ଆର୍ଥନୀତିକ ଓ ସାମାଜିକ ପ୍ରଗତି ବାଧାପ୍ରାପ୍ତ ହେବ । ଏହାର ଫାଇଦା  ଉଠାଇବା ନିମିତ୍ତ ପଡ଼ୋଶୀ ଦେଶଗୁଡ଼ିକ ବ୍ୟଗ୍ର ହୋଇପଡ଼ିବେ ।

**ଜାତୀୟ ସଂହତି ବାଧାପ୍ରାପ୍ତ ହେବାର କାରଣ:** ଜାତୀୟ ସଂହତି ବାଧାପ୍ରାପ୍ତ ହେବାର ବିଭିନ୍ନ କାରଣ ରହିଛି । ତନ୍ମଧ୍ୟରୁ ଅଳ୍ପ କେତୋଟି ମୁଖ୍ୟ କାରଣ ଏଠାରେ ଆଲୋଚନା କରାଯାଇପାରେ । ଭାରତରେ ରାଜନୀତିକ ସ୍ଥାଣୁତା ଜାତୀୟ ସଂହତି ବାଧାପ୍ରାପ୍ତ ହେବାର ପ୍ରଥମ କାରଣ । ବିଗତ ତିନୋଟି ନିର୍ବାଚନରେ ଏହା ପ୍ରମାଣିତ ହୋଇଯାଇଛି । ଏକାଦଶ, ଦ୍ୱାଦଶ ଏବଂ ତ୍ରୟୋଦଶ ଲୋକସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ଲାଭ କରି ନପାରିବାରୁ ପ୍ରଥମେ ଭାରତୀୟ ଜନତା ଦଳ ଓ ପରେ ୧୩ ଟି ଦଳ ମିଳିତ ଭାବେ ସରକାର ଗଠନ କରିଥିଲେ ହେଁ, ତାହା ସ୍ଥାୟୀ ହୋଇ ପାରି ନଥିଲା । ଦ୍ୱାଦଶ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ଦଳ ସଂଖ୍ୟାଗରିଷ୍ଠତା ଦଳ ନ ହୋଇଥିଲେ ହେଁ, ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ସହଯୋଗୀ ଦଳଙ୍କ ସହିତ ସମ୍ମିଳିତ ହୋଇ ସରକାର ଗଠନ କଲା । ମାତ୍ର ଦଳକନ୍ଦଳ, ରାଜନୀତିକ ବ୍ୟକ୍ତିବିଶେଷଙ୍କର ସ୍ୱାର୍ଥପର ମନୋଭାବ ଏବଂ ପରସ୍ପର ପ୍ରତି କାଦୁଅ ଫୋପଡ଼ା ନୀତି ଯୋଗୁଁ ଭାରତର ରାଜନୀତିକ ବାତାବରଣ ପ୍ରତିମୁହୂର୍ତ୍ତରେ ସରଗରମ ହୋଇଉଠୁଥିଲା । ବର୍ତ୍ତମାନର ସରକାର ମଧ୍ୟ ସଂଖ୍ୟା ଗରିଷ୍ଠ ନୁହେଁ । ବିଭିନ୍ନ ଦଳକୁ ନେଇ ସରକାର ଗଠିତ । ସ୍ଥିର ସରକାର ନଥିବାରୁ ବ୍ୟବସାୟୀଗୋଷ୍ଠୀ, ସନ୍ତ୍ରାସବାଦୀ ଓ ବହିଃଶତ୍ରୁ ବହୁପରିମାଣରେ ନିଜର ଫାଇଦା ଉଠାଇବାକୁ ବ୍ୟଗ୍ର ହୋଇପଡୁଛନ୍ତି । ଏହାଦ୍ୱାରା ସାଧାରଣ ଖଟିଖିଆ ଓ ଶ୍ରମଜୀବୀ ବ୍ୟକ୍ତି ନିଜକୁ ଅବହେଳିତ ମନେକରି ଜାତୀୟ ସ୍ରୋତରେ ସାମିଲ ହୋଇ ପାରୁନାହାନ୍ତି । ତେଣୁ ଜାତୀୟ ସଂହତି ବାଧାପ୍ରାପ୍ତ ହେଉଛି । ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବ ଜାତୀୟ ସଂହତିର ପରିପନ୍ଥୀ । ରାଜନୀତିକ ନେତାଗଣ ଅଞ୍ଚଳକୁ  ଭିତ୍ତି କରି ଦଳ ଗଠନ କରିଥିବାରୁ ସମଗ୍ର ଦେଶର ସ୍ୱାର୍ଥ ଅପେକ୍ଷା ନିଜ ଅଞ୍ଚଳର ସ୍ୱାର୍ଥ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ, ଆସାମ, ମହାରାଷ୍ଟ୍ର, ହରିଆନା, ତ୍ରିପୁରା, ଓଡ଼ିଶା ଆଦିରେ ଆଞ୍ଚଳିକ ଦଳମାନ ମୁଣ୍ଡଟେକି ଉଠିଛି । ଆଞ୍ଚଳିକ ମୋହଯୋଗୁଁ ଦଳ ଦଳ ମଧ୍ୟରେ କନ୍ଦଳ ସୃଷ୍ଟି ହେଉଛି । ଆଞ୍ଚଳିକତାର ପ୍ରଚାର ଯୋଗୁଁ ଦେଶର ଐକ୍ୟ ବାଧାପ୍ରାପ୍ତ ହେଉଛି । ଭାଷା ଓ ଧର୍ମକୁ କେନ୍ଦ୍ରକରି ଭାରତରେ ଯେଉଁ ଦଙ୍ଗା ସୃଷ୍ଟି ହେଉଛି, ତଦ୍ୱାରା ଜାତୀୟ ସଂହତି ନଷ୍ଟ ହେଉଛି । ଏହି ଭାଷାକୁ କେନ୍ଦ୍ର କରି ପଞ୍ଜାବ ଓ ହରିଆନା ଦୁଇଟି ପ୍ରଦେଶ ଭାବେ ଗଠିତ ହେଲା । ହିନ୍ଦୀ ଏବଂ ଇଂରାଜୀକୁ କେନ୍ଦ୍ରକରି ଉତ୍ତରଭାରତ ଓ ଦକ୍ଷିଣଭାରତ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଉଛି । ହିନ୍ଦୀ ଭାଷାକୁ ତାଙ୍କ ଉପରେ ଲଦିଦେଲେ ସେମାନେ ଭାରତର ଜାତୀୟ ସ୍ରୋତରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବେ ବୋଲି ଦକ୍ଷିଣଭାରତର ଲୋକ ଧମକ ଦେଲେ । ଭାଷାକୁ କେନ୍ଦ୍ରକରି ସଂଘର୍ଷ ଆରମ୍ଭ ହେଲେ ଜାତୀୟ ସଂହତି ବିପନ୍ନ ହୋଇପଡ଼ିବ । ଧର୍ମକୁ ମଧ୍ୟ କେନ୍ଦ୍ରକରି ବହୁ ସମୟରେ ଧର୍ମଯୁଦ୍ଧ ଆରମ୍ଭ ହୋଇଯାଉଛି । ପଞ୍ଜାବର ଅକାଳୀଦଳ ପଞ୍ଜାବୀଙ୍କ ନିମିତ୍ତ ସ୍ୱତନ୍ତ୍ର ଧର୍ମ ତଥା ସମ୍ବିଧାନ ଦାବି କରୁଛନ୍ତି । ଅନେକ ସମରେ ହିନ୍ଦୁ, ଶିଖ୍, ମୁସଲମାନ ଓ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏହି ଧର୍ମକୁ କେନ୍ଦ୍ର କରି ସଂଘର୍ଷ ଦେଖାଦେଉଛି ।

ପ୍ରକୃତରେ ଧର୍ମର ପ୍ରକୃତ ଅର୍ଥ ସଂପର୍କରେ ଅଜ୍ଞ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ମାତ୍ର ଏହାଦ୍ୱାରା ଦେଶ ଯେ କିପରି ବିପଦର ସମ୍ମୁଖୀନ ହେଉଛି, ତାହା ସେମାନେ ଅନୁଭବ କରିପାରୁନାହାନ୍ତି । ଏହି କାରଣରୁ ସାଂପ୍ରଦାୟିକ ଗଣ୍ଡଗୋଳ ଘଟୁଛି । ସାଂପ୍ରଦାୟିକ ମନୋଭାବ ଜାତୀୟ ପ୍ରଗତି ଓ ଐକ୍ୟର ପରିପନ୍ଥୀ ବୋଲି ଏମାନେ ଆଦୌ ଚିନ୍ତା କରିପାରୁ ନାହାନ୍ତି । ବିଭିନ୍ନ କ୍ଷେତ୍ରରେ ଜାତିଗତ ସଂରକ୍ଷଣ ସଂହତିକୁ ବିପନ୍ନ କରୁଛି । ଚାକିରି ଠାରୁ ଆରମ୍ଭ କରି ପାଠପଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏହି ଜାତିଆଣ ମନୋଭାବ ଗୋଟିଏ ଗୋଷ୍ଠୀକୁ ଅନ୍ୟ ଗୋଷ୍ଠୀ ଠାରୁ ପୃଥକ କରିଦେଉଛି । ଏହାଦ୍ୱାରା ଜାତୀୟ ସଂହତି ଓ ଭାରତର ମୌଳିକ ନୀତି ବାଧାପ୍ରାପ୍ତ ହେଉଛି । ସର୍ବୋପରି ଜନସାଧାରଣଙ୍କ ମନରେ ଜାତୀୟତାର ଅଭାବ ଭାରତକୁ ଏକତାବଦ୍ଧ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । 'ଆମେ ଭାରତୀୟ' - ଏପରି ଚିନ୍ତାଧାରା କାହା ମନରେ ନାହିଁ । ଆମେ ନିଜକୁ ଯେଉଁ ପରିମାଣରେ ଓଡ଼ିଆ, ବଙ୍ଗାଳୀ, ପଞ୍ଜାବୀ, ଗୁଜୁରାଟୀ, ମରାଠି ବା ଆସାମୀ ବୋଲି ଦାବିକରି ପାରୁଛୁ, ସେହି ପରିମାଣରେ ନିଜକୁ ଭାରତୀୟ ବୋଲି ଦାବି କରିପାରୁନାହୁଁ । ଏହି କାରଣରୁ ଆମର ଜାତୀୟ ସଂହତି ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ।

**ଜାତୀୟ ସଂହତି ବୃଦ୍ଧି ନିମିତ୍ତ କେତେକ ଉପାୟ:** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଆମର ଜାତୀୟ ସଂହତି ବିପନ୍ନ ହୋଇପଡୁଥିବାର ଲକ୍ଷ୍ୟ କରି ୧୯୬୧ ମସିହାରେ ଜାତୀୟ ସଂହତି ଆଲୋଚନା ସଭା ଡକାଇଥିଲେ । ଏ ସଭାରେ ଏକ ଜାତୀୟ ସଂହତି ପରିଷଦ ଗଠନ କରାଯାଇଥିଲା । ଉକ୍ତ ପରିଷଦ ବିଭିନ୍ନ ବିଷୟ ଅନୁସନ୍ଧାନ କରି ତାଙ୍କ ବିବରଣୀରେ ଲେଖିଲେ - "India's unity in the midst of diversity was stressed. In the course of a long history, people of different races, religions and languages made their own contribution to the building up of India. But inspite of this diversity, identity. Even though the achievement of political unity and freedom tendencies, such as communalism, casteism, regionalism, and linguism trend to disrupt the solidarity of the people. These disruptive tendencies have to be controlled and countered while certain group loyalties on a religion, linguistic basis may continue, there should be subordinated to the national interest". ୧୯୬୮ ମସିହାରେ ଜାତୀୟ ସଂହତି ପରିଷଦ ଗଠନ କରାଯାଇଥିବା ସାଂପ୍ରଦାୟିକ ଦଙ୍ଗା ଓ ଆଞ୍ଚଳିକ ସଂଘର୍ଷକୁ କେନ୍ଦ୍ର କରି । ୧୯୬୮ ମସିହା ଜୁନ୍ ମାସରେ ଶ୍ରୀନଗରରେ ଏକ ସଭା ବସି କେତେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ମାତ୍ର ତା'ର ସଫଳ ରୂପାୟନ ଘଟିନଥିଲା । ତେବେ ଜାତୀୟ ସଂହତିର ବୃଦ୍ଧି ନିମିତ୍ତ ପ୍ରଥମେ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ୍ । ଶିକ୍ଷାର ବିକାଶ ହେଲେ ମଣିଷ ମନରୁ ସଂକୀର୍ଣ୍ଣ ଚିନ୍ତାଧାରା ବିଲୁପ୍ତ ହୋଇଥାଏ ଓ ଏକ ବିସ୍ତୃତ ଦୃଷ୍ଟିଭଙ୍ଗୀ ନେଇ ସେ ଜୀବନ ଏବଂ ଜଗତକୁ ଦେଖେ । ଦେଶର ସମସ୍ତ ଜନସାଧାରଣ ମଧ୍ୟରେ ସଂହତି ଏବଂ ଐକ୍ୟ ପ୍ରତିଷ୍ଠା କରାଯାଇପାରିଲେ ଜାତୀୟ ସଂହତି ବିପନ୍ନ ହେବ ନାହିଁ । ଶିକ୍ଷାନୁଷ୍ଠାନମାନଙ୍କରେ ଏଥିପ୍ରତି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାପ୍ରଦାନ କରାଯିବା ଉଚିତ୍ । ଜାତିଗତ ଭେଦଭାବର ବିଲୋପ କରାଯାଇ ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରାଯାଇପାରିଲେ ଜାତିଗତ ଦଙ୍ଗାକୁ ଏଡ଼ାଇ ଦିଆଯାଇପାରନ୍ତା ।





## ଜାତୀୟ ସମସ୍ୟା ଭିତ୍ତିକ

ଜାତି ବା ସଂପ୍ରଦାୟକୁ ନେଇ ରାଜନୀତି କରିବା ନିତାନ୍ତ ଦୁଃଖର ବିଷୟ । ତେଣୁ ଏଥିପ୍ରତି ସବୁ ସ୍ତରରେ ତୀକ୍ଷଣ ଦୃଷ୍ଟି ପ୍ରଦାନ କରାଯିବା ଆବଶ୍ୟକ । ପ୍ରଶାସନିକ ଅସ୍ଥିରତା ଜାତୀୟ ସଂହତିକୁ ବିପନ୍ନ କରିଥାଏ । ଏଣୁ ଦଳଗତ ରାଜନୀତି ନକରି ଦେଶର ସ୍ୱାର୍ଥ ସାଧନ ପାଇଁ ପ୍ରତ୍ୟେକ ପ୍ରତ୍ୟେକ ରାଜନୀତିକ ନେତା ନିଜକୁ ଉତ୍ସର୍ଗ କରିବା ଉଚିତ୍ । ସ୍ଥିରତା ନରହିଲେ ଅସାମାଜିକ ମଣିଷ, ବ୍ୟବସାୟୀ ଦେଶରେ ବିଘଟଣମାନ ଘଟାଇଥାନ୍ତି । ତେଣୁ ଦଳଗତ ନିର୍ବିଶେଷରେ ଦେଶର ସ୍ୱାର୍ଥକୁ ଊର୍ଦ୍ଧ୍ୱରେ ରଖି ରାଜନୀତିକ ନେତାଗଣ କାର୍ଯ୍ୟ କଲେ ଜାତୀୟ ସଂହତି ସ୍ଥାପିତ ହୋଇପାରିବ । ଆର୍ଥିକ ବୈଷମ୍ୟ ଜାତୀୟ ସଂହତି ବିପନ୍ନ ହେବାର ଅନ୍ୟତମ ମୁଖ୍ୟ କାରଣ । ଦଳେ ପ୍ରାଚୁର୍ଯ୍ୟମୟ ଜୀବନଯାପନ କରୁଥିବା ସମୟରେ ଅନ୍ୟଦଳ ଖାଇବାକୁ ପାଉନଥିଲେ ସଂହତି କିପରି ସ୍ଥାପିତ ହୋଇପାରିବ ? ବୁଭୁକ୍ଷିତ ବ୍ୟକ୍ତି ବିପ୍ଳବ କରିବା ସ୍ୱାଭାବିକ । ତେଣୁ ଆମ ସମାଜରେ ଯେଉଁ ଆର୍ଥିକ ବୈଷମ୍ୟ ରହିଛି, ତା'ର ଦୂରୀକରଣ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିଲେ ଜାତୀୟ ସଂହତି ସ୍ଥାପନ ହୋଇପାରିବ ।

**ଉପସଂହାରଃ** ଭାରତରେ ବିଭିନ୍ନ ବୈଷମ୍ୟ ରହିଛି । ଏହା ସତ୍ତ୍ୱେ ସମସ୍ତ ଜନସାଧାରଣ ସାମୂହିକ ଭାବେ କାର୍ଯ୍ୟ ନକଲେ ଦେଶର ସ୍ଥିତି ବିପନ୍ନ ହୋଇପଡ଼ିବ । ଯେଉଁ ସ୍ୱାଧୀନତା ଲାଭ କରିବାକୁ ଆମକୁ ଅନେକ କୁଚ୍ଛ ସାଧନ କରିବାକୁ ପଡ଼ିଛି ତାହାକୁ ଏପରି ବିଡ଼ମ୍ବିତ ହେବାକୁ ଦିଆଯିବା ଅତ୍ୟନ୍ତ କ୍ଷୋଭର ବିଷୟ । ଦେଶକୁ ରକ୍ଷା କରିବା ଓ ଜନସାଧାରଣଙ୍କ ମଧ୍ୟରେ ସଂହତି ସ୍ଥାପନ କରିବା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ । ଏହା ମଧ୍ୟ ଏକ ମହତ୍ କର୍ମ । ସାଂପ୍ରଦାୟିକ ସଦ୍‌ଭାବ ରକ୍ଷା ପୂର୍ବକ ଏକ ମନ ହୋଇ ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ଭାରତର ଗୌରବ ବୃଦ୍ଧି ନିମିତ୍ତ କାର୍ଯ୍ୟକଲେ କେବଳ ଜାତୀୟ ସଂହତି ପ୍ରତିଷ୍ଠା ହେବ ନାହିଁ । ପରନ୍ତୁ ଦେଶର ପ୍ରଗତି ଓ ବିକାଶ ସାଧିତ ହେବ ।

•••

# ୧୦

# ଓଡ଼ିଶା ସମ୍ପର୍କିତ ପ୍ରବନ୍ଧ

ଓଡ଼ିଶା ଆମର ପ୍ରଦେଶ । ଏହା ଭାରତର ପୂର୍ବ ଭାଗରେ ଅବସ୍ଥିତ । ଏହାର ସଂସ୍କୃତି ଅତି ପ୍ରାଚୀନ ଓ ସମୃଦ୍ଧ । ଏହାର ଭୌଗୋଳିକ ସ୍ଥିତି ସ୍ୱତନ୍ତ୍ର । କଳା, ସାହିତ୍ୟ, ଭାସ୍କର୍ଯ୍ୟ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶା ସମ୍ପର୍କିତ କେତେଗୁଡ଼ିଏ ପ୍ରବନ୍ଧ ଏଥିରେ ସ୍ଥାନିତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର କଳା, ସଂସ୍କୃତି, ଭାଷା, ସାହିତ୍ୟ, ଜୀବନଚର୍ଯ୍ୟା ଓ ପରମ୍ପରା ସମ୍ପର୍କରେ ଅବଗତ କରାଇ ପାରିବ ।

## ୧୦.୧ ଓଡ଼ିଶାର ପର୍ବପର୍ବାଣି

**ଉପକ୍ରମ:** କଥାରେ କୁହାଯାଏ, ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ । ବହୁ ପ୍ରାଚୀନ କାଳରୁ ଗୋଟିଏ ଧାର୍ମିକ ଦେଶ ରୂପେ ଓଡ଼ିଶା ପରିଚିତ । ପୁଣି ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ପ୍ରତିମାସରେ କିଛି ନା କିଛି ପର୍ବ ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ପାଳନ ଅବକାଶରେ ମଣିଷ ଭୁଲିଯାଏ ତା'ଜୀବନର ତିକ୍ତତା । ଜୀବନକୁ ସୁନ୍ଦର ମଧୁର କରିବା ପାଇଁ ସେ ଏହି ପର୍ବଗୁଡ଼ିକୁ ପାଳନ କରିଥାଏ । ଅଧିକାଂଶ ପର୍ବ ଧର୍ମକୁ ଭିତ୍ତିକରି ସୃଷ୍ଟି ହୋଇଥିଲେ ହେଁ ଏହାର ସାମାଜିକ ଓ ସାଂସ୍କୃତିକ ଆବେଦନକୁ ଅସ୍ୱୀକାର କରାଯାଇ ନପାରେ । ଏହା ମଣିଷ ପ୍ରାଣରେ ସୃଷ୍ଟି କରେ ସ୍ନେହ, ପ୍ରେମ ଓ ଶ୍ରଦ୍ଧାର ଭାବ । ଗୋଟିଏ ଭ୍ରାତୃତ୍ୱର ବନ୍ଧନରେ ବନ୍ଦୀ କରି ରଖେ ସମଗ୍ର ମାନବସମାଜକୁ । କିଛି ସମୟ ପାଇଁ ଉତ୍ସବ ଆନନ୍ଦ ମଧ୍ୟରେ ଭୁଲାଇଦିଏ ମଣିଷ ଜୀବନର କଠୋର ବାସ୍ତବତାକୁ । ସମୟ ବହୁଭାବରେ ପରିବର୍ତ୍ତନ ହୋଇଯାଇଛି । ବିଜ୍ଞାନ ଯୁଗରେ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହାଯାଉଛି । ଏହା ସତ୍ତ୍ୱେ ଉତ୍କଳୀୟମାନେ ତା'ର ପର୍ବପର୍ବାଣି ପାଳନରୁ କୌଣସି ସମୟରେ ବିଚ୍ୟୁତ ହୋଇନାହାଁନ୍ତି । ସାମାଜିକ ଓ ଧାର୍ମିକ ବିଶ୍ୱାସବୋଧରୁ ଏହା ସୃଷ୍ଟି ହୋଇଥିବାରୁ କୌଣସିକାଳେ ଏହି ପର୍ବପର୍ବାଣିଗୁଡ଼ିକର ବିଲୟ ହେବାର ସମ୍ଭାବନା ମଧ୍ୟ ନାହିଁ ।

**ବିଭିନ୍ନ ଋତୁର ପର୍ବପର୍ବାଣି:** ବର୍ଷରେ ଧରାପୃଷ୍ଠକୁ ଆଗମନ କରିଥାଏ ଛଅଟି ଋତୁ । ପ୍ରତ୍ୟେକ ଋତୁର କିଛି ନା କିଛି ସ୍ୱାତନ୍ତ୍ର୍ୟ ରହିଛି । ଓଡ଼ିଶାରେ ଋତୁ ଅନୁଯାୟୀ ଅଧିକାଂଶ ପର୍ବପର୍ବାଣି ପାଳିତ ହୋଇଥାଏ । ପ୍ରଥମ ଋତୁ ଭାବେ ପଦାର୍ପଣ କରେ ଗ୍ରୀଷ୍ମ । ପ୍ରଖର ରୌଦ୍ରତାପ ସହିତ ପଣାସଂକ୍ରାନ୍ତି ଦିନ ଏହାର ଆଗମନ ଘଟୁଥିବାରୁ ନିଜ ଦେବଦେବୀଙ୍କୁ ଥଣ୍ଡା ପଣା ମାଧ୍ୟମରେ ସନ୍ତୋଷ ପ୍ରଦାନ କରିବାକୁ ଚେଷ୍ଟା କରନ୍ତି ଧର୍ମପ୍ରାଣ ଉତ୍କଳୀୟ । ଏହିଦିନ କେତେକ ସ୍ଥାନରେ ଝାମୁଯାତ୍ରା ପାଳିତ ହୋଇଥାଏ । ଗ୍ରୀଷ୍ମ ଋତୁରେ ପାଳନ କରାଯାଉଥିବା ଅନ୍ୟାନ୍ୟ ପର୍ବ ମଧ୍ୟରେ ଚନ୍ଦନଯାତ୍ରା, ସାବିତ୍ରୀବ୍ରତ, ଶୀତଳଷଷ୍ଠୀ ଆଦି ପ୍ରଧାନ । ଉତ୍କଳୀୟ ନାରୀ ସାବିତ୍ରୀଙ୍କ ଆଦର୍ଶକୁ ମନେରଖିବା ପାଇଁ ନିଜ ନିଜ ସ୍ୱାମୀଦେବତାଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ପାଳନ କରିଥାଏ ସାବିତ୍ରୀବ୍ରତ । ଚନ୍ଦନଯାତ୍ରା ଦିନ ଧର୍ମପ୍ରାଣ ଉତ୍କଳୀୟ ମହାପ୍ରଭୁଙ୍କୁ ଚନ୍ଦନ ଜଳରେ ସ୍ନାନ କରାଇ ନୌକା ବିହାର କରିଥାଏ ।ବର୍ଷାଋତୁର ଆଗମନ ସଙ୍ଗେ ସଙ୍ଗେ ଆଉ କେତେକ ନୂତନ ପର୍ବ ଓଡ଼ିଶାରେ ପାଳିତ ହୋଇଥାଏ । ଏହାର ପ୍ରଥମ ପର୍ବ ରଜପର୍ବ । ଏହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି ଲୋକବିଶ୍ୱାସ ରହିଛି । କୃଷକମାନଙ୍କ





ମନରେ ଆନନ୍ଦ ଭରିଦେବା ପାଇଁ ବର୍ଷାର ଆଗମନ ହୁଏ ଓ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନକ୍ଷମ ହୋଇଥାଏ । ଦୋଳିଖେଳ, କବାଡ଼ିଖେଳ ଏବଂ ବିଭିନ୍ନ ସୁସ୍ୱାଦ ଖାଦ୍ୟରେ ରଜପର୍ବଟି ବେଶ୍ ଆନନ୍ଦରେ କଟିଯାଇଥାଏ । ଏହାପରେ ପାଳିତ ହୁଏ ରଥଯାତ୍ରା । ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ତିନି ରଥରେ ବିଜେ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବା ଉଦ୍ଦେଶ୍ୟରେ ରତ୍ନସିଂହାସନ ତ୍ୟାଗ କରି ରାସ୍ତା ଉପରକୁ ବାହାରି ଆସିଥାନ୍ତି । ପୁରୀର ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ପୃଥିବୀର ବିଭିନ୍ନ ସ୍ଥାନରୁ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ଉଦ୍ଦେଶ୍ୟରେ ପୁରୀକୁ ଆଗମନ କରିଥାନ୍ତି ଭକ୍ତମାନେ । ପୁରୀ ବ୍ୟତୀତ ବାରିପଦା, କେନ୍ଦ୍ରପଡ଼ା, ଢେଙ୍କାନାଳ, କେନ୍ଦୁଝର ଆଦି ସ୍ଥାନରେ ରଥଯାତ୍ରା ଖୁବ୍ ଜାକଜକମରେ ପାଳିତ ହୋଇଥାଏ । ନଅଦିନ ପରେ ପୁଣି ଆରମ୍ଭ ହୁଏ ବାହୁଡ଼ା ଯାତ୍ରା । ଜଗନ୍ନାଥ ଫେରିଯାଆନ୍ତି ବଡ଼ଦେଉଳକୁ । ଏହାପରେ ପରେ ଆରମ୍ଭ ହୋଇଯାଏ ଚିତାଲାଗି ଅମାବାସ୍ୟା । ଚିତୋଉପିଠା ତିଆରି କରାଯାଇ ପୋଖରୀରେ ଗେଣ୍ଡମାନଙ୍କ ଉଦ୍ଦେଶ୍ୟରେ ଫୋପଡ଼ା ଯାଇଥାଏ । ଚାଷକାର୍ଯ୍ୟ ସମୟରେ ବାପଭାଇଙ୍କ ଗୋଡ଼ ନ କାଟିବାକୁ ପିଠା ଲାଞ୍ଚ ଦିଆଯାଇଥାଏ ଜଳଚର ପ୍ରାଣୀମାନଙ୍କୁ । ଏହାପରେ ଆସେ ଝୁଲଣଯାତ୍ରା, ଗହ୍ମାପୂର୍ଣ୍ଣିମା ଓ ରାକ୍ଷୀବନ୍ଧନ । ଏହି ତିନୋଟି ପର୍ବ ଗୋଟିଏ ଦିନରେ ପାଳନ କରାଯାଇଥାଏ । ଝୁଲଣଯାତ୍ରାରେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ନାଚଗୀତ ଗାନ କରାଯାଇଥାଏ । ଗହ୍ମାପୂର୍ଣ୍ଣିମାରେ ବଳଦେବଙ୍କର ପୂଜା ହୋଇଥାଏ । ଗୋରୁମାନଙ୍କ ବେକରେ ଫୁଲମାଳ ପକାଇ ପିଠାଖାଇବାକୁ ଦିଆଯାଇଥାଏ । କୃଷିର ସହାୟକ ଯୋଗୁଁ ଗୋରୁପୂଜା ହୋଇଥାଏ । ରାକ୍ଷୀପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ । ଭବିଷ୍ୟତ ବିପଦ ପାଇଁ ଏହା ଏକ ଅମୋଘ ଅସ୍ତ୍ର ବୋଲି ଲୋକବିଶ୍ୱାସ ରହିଛି । ଶାନ୍ତି, ପ୍ରୀତି, ସ୍ନେହ ବନ୍ଧନର ପ୍ରତୀକ ରାକ୍ଷୀପୂର୍ଣ୍ଣିମା । ଶରତଋତୁରେ ଓଡ଼ିଶାରେ ବହୁପର୍ବ ପାଳିତ ହୋଇଥାଏ । ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ପାଳିତ ହୋଇଥାଏ । ଗଣେଶପୂଜା ମୁଖ୍ୟତଃ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ପାଳନ କରିଥାନ୍ତି । 'ସୁନିଆଁ'କୁ ଓଡ଼ିଆ ବର୍ଷର ପ୍ରଥମ ଦିନ ରୂପେ ଗଣନା କରାଯାଇଥାଏ । ଏହି ଦିନଠାରୁ ଉତ୍କଳର ଗଜପତି ବା ପୁରୀରାଜାଙ୍କର ଅଙ୍କ ଗଣନା କରାଯାଇଥାଏ । ଖୁଦୁରୁକୁଣୀ ଓଷା ଓଡ଼ିଶାର ଝିଅମାନଙ୍କର ଏକ ପର୍ବ । ଦୀର୍ଘ ୫ ସପ୍ତାହର ପ୍ରତି ରବିବାର ଦିନ ଏହା ପାଳିତ ହୋଇଥାଏ । ଏହି ଓଷାରୁ ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ଓ ଦେବୀ ମଙ୍ଗଳାଙ୍କ ମାହାତ୍ମ୍ୟ ବିଷୟରେ ଜଣାଯାଇଥାଏ । ଏହି ଋତୁରେ ଦୁର୍ଗତିନାଶିନୀ ଦୁର୍ଗାଙ୍କର ଧରାକୁ ଆଗମନ ଘଟେ । ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରାଯାଇଥାଏ ଓଡ଼ିଶାରେ । ମହିଷାସୁର ପରି ଅସୁରମାନଙ୍କୁ ବଧ କରିବା ପାଇଁ ଦେବୀଙ୍କର ଆବିର୍ଭାବ । ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା ଏହାର ଲକ୍ଷ୍ୟ । ଦଶହରାଦିନ ଦେବୀଙ୍କୁ ପାଣିରେ ବିସର୍ଜନ କରାଯାଇଥାଏ । ଶରତଋତୁର କୁମାରପୂର୍ଣ୍ଣିମା ଅନ୍ୟତମ ଶ୍ରେଷ୍ଠପର୍ବ । କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ପରି ସୁନ୍ଦର ଓ ଗୁଣବାନ୍ ପତି ଲାଭ କରିବାକୁ କାର୍ତ୍ତିକେୟଙ୍କୁ ପୂଜା କରିଥାନ୍ତି । ଶରତଋତୁ ପରେ ଧରାପୃଷ୍ଠକୁ ଆଗମନ କରେ ହିମଜର୍ଜର ହେମନ୍ତ ଋତୁ । ଏହି ଋତୁରେ ଓଡ଼ିଶାରେ ଯେଉଁ ପର୍ବ ସବୁ ପାଳିତ ହୁଏ, ତନ୍ମଧ୍ୟରୁ ମୁଖ୍ୟ ହେଉଛି କାର୍ତ୍ତିକପୂର୍ଣ୍ଣିମା, ବାଲିଯାତ୍ରା, ବଡ଼ଓଷା, ଦୀପାବଳୀ ଅମାବାସ୍ୟା, ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀ ଇତ୍ୟାଦି । ହିନ୍ଦୁମାନଙ୍କ ନିକଟରେ କାର୍ତ୍ତିକମାସ ଏକ ଧର୍ମ ମାସ ଭାବରେ ପରିଚିତ । ମାସର ଶେଷ ପାଞ୍ଚଦିନ 'ପଞ୍ଚକ' ଭାବେ ପରିଚିତ । ଅନେକ ଓଡ଼ିଆ ଏହି ମାସଟିଯାକ ନିରାମିଷ ଖାଦ୍ୟ ଗ୍ରହଣ କରିଥାନ୍ତି । ବିଧବା ସ୍ତ୍ରୀ ହବିଷ୍ୟ ପାଳନ କରିଥାନ୍ତି । କାର୍ତ୍ତିକପୂର୍ଣ୍ଣିମା ଦିନ ସୋଲ କିମ୍ୱା କଦଳୀ ଖୋଳପାରେ ଡଙ୍ଗା କରି ନଦୀ ଓ

ପୋଖରୀରେ ଭସାଇଥାନ୍ତି । କାର୍ତ୍ତିକେୟଙ୍କର ପୂଜାଉପାସନା କରାଯାଇଥାଏ । ଏହି ପର୍ବରୁ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସମ୍ପର୍କରେ ସୂଚନା ମିଳିଥାଏ । କଟକର ପ୍ରସିଦ୍ଧ ବାଲିଯାତ୍ରା ଏହିଦିନ ଆରମ୍ଭ ହୋଇଥାଏ । ଆଦ୍ୟ ମାର୍ଗଶିର ମାସରେ ଲକ୍ଷ୍ମୀଙ୍କର ମାଣବସା ହୋଇଥାଏ । ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ପିଠାପଣା କରାଯିବା ସଙ୍ଗେ ସଙ୍ଗେ ଭକ୍ତି ଅର୍ଘ୍ୟ ପ୍ରଦାନ କରାଯାଇଥାଏ ।ପ୍ରଥମାଷ୍ଟମୀ ଦିନ ଘରର ବଡ଼ପୁଅ ଓ ଝିଅମାନଙ୍କ ପାଇଁ ନୂଆ ପୋଷାକ କରାଯାଇଥାଏ । ଏଣ୍ଡୁରିପିଣା, ଖିରୀ ତରକାରିରେ ଘରେ ଘରେ ଆନନ୍ଦର ଫଲଗୁ ଖେଳିଯାଏ । ଏହାପରେ ଆସେ ଶୀତରତୁ ।ଦେହଥରା ଶୀତ ମଧ୍ୟରେ ଓଡ଼ିଆମାନେ କେତେକ ପର୍ବ ପାଳନ କରିଥାନ୍ତି । ଏହି ଋତୁରେ ନୂଆଖାଇ, ଶାମ୍ବଦଶମୀ, ମକରସଂକ୍ରାନ୍ତି, ଅଗ୍ନ୍ୟୋତ୍ସବ ଆଦି ପାଳିତ ହୋଇଥାଏ । ନୂଆଖାଇ ପଶ୍ଚିମ ଓଡ଼ିଶାର ଏକ ମୁଖ୍ୟପର୍ବ । ନୂଆଧାନର ଭାତ ଏହିଦିନ ଖିଆଯାଇଥାଏ । ଶାମ୍ବଦଶମୀରେ ଘରର ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ପିଠାପଣା ବଢ଼ାଯାଇଥାଏ । ଧନୁସଂକ୍ରାନ୍ତିରେ ଧନୁମୁଆଁ ପ୍ରଧାନ ଖାଦ୍ୟ ରୂପେ ଗୃହୀତ ହୋଇଥାଏ । ଅଗ୍ନିଦେବତାଙ୍କ କୋପରୁ ରକ୍ଷା ପାଇବା ପାଇଁ ଅଗ୍ନ୍ୟୋତ୍ସବ ପାଳିତ ହୋଇଥାଏ । ଅଗ୍ନିଜାଳି ଗାଁର ଲୋକମାନେ ବାଇଗଣ, ଆଳୁ, ନଡିଆ ଆଦି ପକାଇଥାନ୍ତି ଓ ତାକୁ ଭୋଗରୂପେ ସମସ୍ତେ ଖାଇଥାନ୍ତି । ଋତୁରାଜ ବସନ୍ତର ଆଗମନରେ ଧରଣୀରାଣୀ ନୂଆ ବସ୍ତ୍ର ପରିଧାନ କରେ । ଚାରିଆଡ଼େ ଖେଳିଯାଏ ଆନନ୍ଦର ପ୍ଲାବନ । ଏହି ଋତୁର ମୁଖ୍ୟ ପର୍ବ ରୂପେ ଶିବ ଚତୁର୍ଦ୍ଦଶୀ ଓ ଦୋଳଯାତ୍ରା ପାଳିତ ହୋଇଥାଏ । ଶିବ ଚତୁର୍ଦ୍ଦଶୀରେ ଶିବମନ୍ଦିରମାନଙ୍କରେ ମହାଦୀପ ଉଠିଥାଏ । ନିଷ୍ଠାର ସହିତ ଉଭୟ ପୁରୁଷ ଓ ସ୍ତ୍ରୀ ଏହାକୁ ପାଳନ କରିଥାନ୍ତି । ତା'ପରେ ଗଜମଣ୍ଡା ଖାଇ ଉପବାସ ଭାଙ୍ଗିଥାନ୍ତି । ଦୋଳପୂର୍ଣ୍ଣିମା ମୁଖ୍ୟତଃ ଗୋପାଳମାନଙ୍କର ପର୍ବ ହେଲେହେଁ, ସମସ୍ତ ଓଡ଼ିଆ ଏହାକୁ ପାଳନ କରିଥାନ୍ତି । ରାଧାକୃଷ୍ଣ ପ୍ରତିମାକୁ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥାଏ । ବିଭିନ୍ନ ରଙ୍ଗରେ ହୋଲି ଖେଳ ହୁଏ । ଆନନ୍ଦଉତ୍ସବ ମଧ୍ୟରେ ଦିନଟି ବିତିଯାଏ । ଏତଦ୍‌ବ୍ୟତୀତ ସରସ୍ୱତୀପୂଜା, ଅକ୍ଷୟତୃତୀୟା, ବିଶ୍ୱକର୍ମାପୂଜା ଆଦି ମଧ୍ୟ ପାଳିତ ହୋଇଥାଏ । ଓଡ଼ିଶାରେ ବସବାସ କରୁଥିବା ମୁସଲମାନ ଓ ଖ୍ରୀଷ୍ଟିଆନ ଭାଇମାନେ 'ଇଦ' ଏବଂ ଖ୍ରୀଷ୍ଟପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଜଗନ୍ନାଥ ଦେଶ ଓଡ଼ିଶାରେ କୌଣସି ପର୍ବ ପାଇଁ କାହା ମନରେ ଅସୂୟା ନାହିଁ । ସବୁ ସଂପ୍ରଦାୟର ବ୍ୟକ୍ତି ନିଜ ରୁଚି ଅନୁଯାୟୀ ସ୍ୱାଧୀନ ଭାବରେ ବିଭିନ୍ନ ପର୍ବ ପାଳନ କରିଥାନ୍ତି ।

**ସାମାଜିକ ଜୀବନରେ ପର୍ବପର୍ବାଣିର ଆବଶ୍ୟକତା:** ସାମାଜିକ ଜୀବନରେ କର୍ମକ୍ଳାନ୍ତି ମଣିଷ ମନରେ କିଛି ସରସତା ଭରିଦେବା କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହି ପର୍ବପର୍ବାଣିରେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ପିଠାପଣା ଖାଇବାକୁ ଦେବା ମଧ୍ୟରେ ପରସ୍ପର ପ୍ରତି ଭ୍ରାତୃଭାବ ଓ ସ୍ନେହ, ପ୍ରୀତି ସୃଷ୍ଟି ହୋଇଥାଏ । ଦେବଆରଧନା ମଧ୍ୟରେ ମଣିଷ ମନରୁ ଦୂର ହୋଇଥାଏ ହିଂସାଭାବ । ଅନ୍ୟାୟ ଓ ଅନୀତି ପ୍ରତି ମଣିଷ ହୃଦୟରେ ସୃଷ୍ଟି ହୁଏ ଘୃଣାଭାବ । ମଣିଷ ପ୍ରତି ଭଲପାଇବା ସୃଷ୍ଟି କରେ ପର୍ବପର୍ବାଣି । ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସୃଷ୍ଟି କରେ ସଦ୍‌ଭାବ । ସମାଜକୁ ସୁସ୍ଥ କରି ଗଢ଼ି ତୋଳିବାକୁ ଏହା ମଣିଷ ମନରେ ଭରିଦିଏ ପ୍ରେରଣା । ନୀତିନିଷ୍ଠଭାବେ ଜୀବନଯାପନ କରିବାକୁ ଏହା ଉତ୍ସାହିତ କରେ । ବସୁଧୈବ କୁଟୁମ୍ବକମ୍ ନୀତି ପ୍ରତି ପ୍ରେରିତ କରେ ମାନବ ସମାଜକୁ ।

**ପର୍ବପର୍ବାଣିଗୁଡ଼ିକର ମୂଳଭିତ୍ତି:** ଓଡ଼ିଶାରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡ଼ିକର ମୂଳଭିତ୍ତ





ମୁଖ୍ୟତଃ ତିନୋଟି । ପ୍ରଥମଟିର ଭିତ୍ତି ହେଉଛି କୃଷି, ଦ୍ୱିତୀୟଟି ଆଧ୍ୟାତ୍ମିକ ଓ ତୃତୀୟଟି ଶିକ୍ଷା । ଓଡ଼ିଶା ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ଏହାକୁ ଭିତ୍ତି କରି ମୁଖ୍ୟତଃ ରଜପର୍ବ, ଅକ୍ଷୟତୃତୀୟା, ନୂଆଖାଇ, ମାଣବସା, ଗହ୍ମାପୂର୍ଣ୍ଣିମା, ମକରସଂକ୍ରାନ୍ତି ଆଦି ପାଳନ କରାଯାଇଥାଏ । ଆଧ୍ୟାତ୍ମିକ ଭାବନାକୁ କେନ୍ଦ୍ର କରି ଦଶହରା, ଦୀପାବଳୀ, ରାମନବମୀ, ଶିବଚତୁର୍ଦ୍ଦଶୀ, ଶାମ୍ବଦଶମୀ, ଦୋଳପୂର୍ଣ୍ଣିମା, ବଡ଼ଓଷା ଆଦି ପାଳିତ ହୋଇଥାଏ । ଗଣେଷପୂଜା, ସରସ୍ୱତୀ ପୂଜା, ଆଦି ମୁଖ୍ୟତଃ ଶିକ୍ଷାଲାଭ କରୁଥିବା ପିଲାମାନେ ପାଳନ କରିଥାନ୍ତି । ଏତଦ୍‌ବ୍ୟତୀତ କାର୍ତ୍ତିକପୂର୍ଣ୍ଣିମା, ବାଲିଯାତ୍ରା, ଖୁଦୁରୁକୁଣୀ ଓଷା ମାଧ୍ୟମରେ ଓଡ଼ିଶାର ଅତୀତ ନୌବାଣିଜ୍ୟ ଚିତ୍ର ସୂଚିତ ହୋଇଥାଏ । ଜଗନ୍ନାଥଙ୍କୁ କେନ୍ଦ୍ରକରି ମଧ୍ୟ ବହୁ ପର୍ବପର୍ବାଣି ପାଳିତ ହୋଇଥାଏ । ତେଣୁ ପ୍ରତ୍ୟେକ ପର୍ବପର୍ବାଣିର ଯେ ସାମାଜିକ ଉପଯୋଗିତା ରହିଛି ଅସ୍ୱୀକାର କରାଯାଇନପାରେ ।

**ଉପସଂହାର:** ପର୍ବପର୍ବାଣି ମଧ୍ୟରେ ଗୋଟିଏ ଦେଶର ସାଂସ୍କୃତିକ, ସମାଜିକ ଓ ଆଧ୍ୟାତ୍ମିକ ଚେତନା ଜଡ଼ିତ । ବିଜ୍ଞାନ ଯୁଗରେ ଏହାକୁ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି କୁହାଯାଇ ପାରିବନାହିଁ । ଗୋଟିଏ ଜାତିର ଭାବାତ୍ମକ ସମ୍ପର୍କ ଏଥି ସହିତ ଏପରି ନିବିଡ଼ ଭାବରେ ଜଡ଼ିତ ଯେ, ଏହାକୁ ଜନଜୀବନରୁ ଦୂରେଇ ଦେଲେ ହଠାତ୍ ଏକ ସାମାଜିକ ଫାଙ୍କ ସୃଷ୍ଟି ହୋଇ ଜାତିର ପ୍ରାଣସ୍ପନ୍ଦନଟିକୁ ବନ୍ଦ କରିଦେବ । ତେଣୁ ପ୍ରତ୍ୟେକ ପର୍ବପର୍ବାଣି ଅନ୍ତରାଳରେ ଏକ ତାତ୍ତ୍ୱିକ ଉଦ୍ଦେଶ୍ୟ ରହିଛି । ଏହା ସହିତ ମଣିଷର ଆଧ୍ୟାତ୍ମିକ ସମ୍ପର୍କ ଯେପରି ଜଡ଼ିତ, ସେହିପରି ଜଡ଼ିତ ମଧ୍ୟ ସାମାଜିକ ଚେତନା । ଏହି ଦୃଷ୍ଟିରୁ ଏହାର ସାର୍ବକାଳିକ ମୂଲ୍ୟବୋଧକୁ କଦାପି ଅସ୍ୱୀକାର କରାଯାଇନପାରେ ।

•••

# ୧୦.୭ ଓଡ଼ିଶାର ଅରଣ୍ୟସମ୍ପଦ

**ଉପକ୍ରମ:** ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ଅରଣ୍ୟ ପ୍ରକୃତିର ଏକ ବିଶେଷ ଅବଦାନ । ଅତୀତରେ ଓଡ଼ିଶାର ସମୁଦାୟ ୪୫ଭାଗ ଅରଣ୍ୟ ଆଚ୍ଛାଦିତ ରହିଥିଲା । ଜଙ୍ଗଲ ଧ୍ୱଂସ ଯୋଗୁଁ ଆଜି ଏହା ମାତ୍ର ୨୨ ଭାଗରେ ପହଞ୍ଚିଛି । ଦେଶର ପ୍ରଗତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହାଦ୍ୱାରା ବହୁପରିମାଣରେ ବାଧାପ୍ରାପ୍ତ ହେଉଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏହା ମଧ୍ୟ ଅନ୍ୟତମ କାରଣ ରୂପେ ପରିଗଣିତ । ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଅରଣ୍ୟର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ବିଷାକ୍ତ ଅଙ୍ଗାରକାମ୍ଳ ଗ୍ରହଣ କରି ଲୋକମାନଙ୍କ ପାଇଁ ଅମ୍ଳଜାନ ଛାଡ଼ିଥାଏ । ମୃତ୍ତିକାକ୍ଷୟ ରୋକିବାରେ ଏବଂ ଯଥାସମୟରେ ବର୍ଷା କରାଇବାରେ ଅରଣ୍ୟର ପ୍ରାକୃତିକ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ପରିବେଶବିତ୍‌ଗଣ ଜଙ୍ଗଲର ଏହି ଅବକ୍ଷୟ ଯୋଗୁଁ ଉଦ୍‌ବେଗ ପ୍ରକାଶ କଲେଣି । ଅରଣ୍ୟ ମଣିଷ ସମାଜକୁ ବହୁ ଅତ୍ୟାବଶ୍ୟକ ପଦାର୍ଥ ଯୋଗାଇ ଦେଇଥାଏ । ତା'ର ବିଭିନ୍ନ ଅଭାବ ପରିପୂରଣରେ ସହାୟତା କରିଥାଏ । ଓଡ଼ିଶାରେ ଅର୍ଥନୀତି କ୍ଷେତ୍ରରେ ଏହାର ଅରଣ୍ୟ ସମ୍ପଦ ଏକ ଆଶୀର୍ବାଦ ସ୍ୱରୂପ । ଏହାର ଉଚିତ ରକ୍ଷାଣବେକ୍ଷଣ କରାଯାଇପାରିଲେ, ଆମର ଆର୍ଥିକ ପ୍ରଗତିକୁ ଯେ ଏହା ତ୍ୱରାନ୍ୱିତ କରିପାରିବ, ଏଥିରେ ସନ୍ଦେହ ନାହିଁ ।

**ବିଭିନ୍ନ ଅରଣ୍ୟ ସମ୍ପଦର ପରିଚୟ:** ଓଡ଼ିଶାର ମୁଖ୍ୟ ପ୍ରାକୃତିକ ସମ୍ପଦ ହେଉଛି ଅରଣ୍ୟ । ଏହି ଅରଣ୍ୟ ମଧ୍ୟରେ ପରିପୂର୍ଣ୍ଣ ବହୁ ଅରଣ୍ୟ ସମ୍ପଦ । ମଣିଷର ଦୈନନ୍ଦିନ ଜୀବନରେ ଏହାର ଉପଯୋଗିତାର ତୁଳନା ନାହିଁ । ଓଡ଼ିଶାର ପ୍ରାୟ ୪୬ ହଜାର ବର୍ଗ କିଲୋମିଟର ବ୍ୟାପୀ ଅରଣ୍ୟ ପରିପୂର୍ଣ୍ଣ । ଏହା ମୁଖ୍ୟତଃ ତନିଭାଗରେ ବିଭକ୍ତ । ଯଥା- ସଂରକ୍ଷିତ, ସୁରକ୍ଷିତ ଓ ଶ୍ରେଣୀବିଭାଗ ବହିର୍ଭୂତ । ସଂରକ୍ଷିତ ଅରଣ୍ୟ ସରକାରୀ କର୍ତ୍ତୃତ୍ୱାଧୀନ ଥିବା ସମୟରେ ସୁରକ୍ଷିତ ଅରଣ୍ୟ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପଟ୍ଟାଧାରୀ ବ୍ୟକ୍ତି ଏହାକୁ ବ୍ୟବହାର କରିପାରନ୍ତି । ମଫସଲ ଅଞ୍ଚଳରେ ପରିଦୃଷ୍ଟ ଛୋଟଛୋଟ ବଣ ଓ ତୋଟାମାନ ଶ୍ରେଣୀ ବିଭାଗ ବହିର୍ଭୂତ ଅରଣ୍ୟ । ଏହି ଅରଣ୍ୟରୁ ବହୁପ୍ରକାର ମୂଲ୍ୟବାନ ଅରଣ୍ୟ ସମ୍ପଦ ମିଳିଥାଏ । ଶାଳ, ପିଆଶାଳ, କୁରୁମ, କଷି, ଅଶନ, ଶିଶୁ, ସୁନ୍ଦରୀ, ଗମ୍ଭାରୀ ପ୍ରଭୃତି ବହୁପ୍ରକାର ମୂଲ୍ୟବାନ କାଠ ଦ୍ୱାରା ଗୃହନିର୍ମାଣ, ଆସବାବପତ୍ର ଆଦି ତିଆରି ହୋଇଥାଏ । ଜଙ୍ଗଲରୁ ମିଳୁଥିବା କାଠ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ । ରେଳଧାରଣା ପଡ଼ିବା ପାଇଁ ମଧ୍ୟ ବହୁପରିମାଣ କାଠର ଆବଶ୍ୟକତା ପଡ଼ିଥାଏ । ଏହା ଜଙ୍ଗଲରୁ ଆସିଥାଏ । ଜଙ୍ଗଲରୁ ବେତ ଓ ବାଉଁଶ ପ୍ରଚୁର ପରିମାଣରେ ମିଳିଥାଏ । ଏହାଛଡ଼ା ବିଭିନ୍ନ ଫଳମୂଳ, ଅଁଳା, ଲାଖ, ଶିଙ୍ଘ, ଚମଡ଼ା, ଝୁଣା, ମହୁଲ, ସବାଇଘାସ, ଔଷଧ ନିମିତ୍ତ ବିବଧ ଚେର, ହାଡ, କେତେକ ଖଣିଜ ପଦାର୍ଥ ମିଳିଥାଏ ।ବହୁ ପଶୁପକ୍ଷୀ ଅରଣ୍ୟ ମଧ୍ୟରେ ବସବାସ କରିଥାନ୍ତି । ସେମାନେ ମଧ୍ୟ ମଣିଷ ସମାଜର ବହୁ ଉପକାରରେ ଆସିଥାନ୍ତି । ତେନ୍ତୁଳି, କରଞ୍ଜ, ଅଁଳା, କେନ୍ଦୁ, କେନ୍ଦୁପତ୍ର ଆଦି ଏହି ଅରଣ୍ୟ ସମ୍ପଦର ଅନ୍ତର୍ଭୁକ୍ତ ।

**ଅରଣ୍ୟ ସମ୍ପଦର ଆବଶ୍ୟକତା:** ଓଡ଼ିଶାର ଅରଣ୍ୟ ସମ୍ପଦ କେବଳ ଆମର ଆବଶ୍ୟକ କାର୍ଯ୍ୟରେ ବିନିଯୋଗ ହୋଇନଥାଏ, ପରନ୍ତୁ ଏହାଦ୍ୱାରା ସରକାର ବହୁପରିମାଣରେ ପୁଞ୍ଜି ଯୋଗାଡ଼





କରିପାରିଥାନ୍ତି । ଅଟକଳରୁ ଜଣାଯାଏ, ପ୍ରାୟ ପ୍ରତିବର୍ଷ ୧୦୮କୋଟି ଟଙ୍କାର ବିଭିନ୍ନ ଦ୍ରବ୍ୟ ଅରଣ୍ୟରୁ ସଂଗୃହୀତ ହୋଇଥାଏ । ଅରଣ୍ୟରୁ ମିଳୁଥିବା କାଠ ଗୃହ ଉପକରଣ ନିର୍ମାଣରେ ବ୍ୟବହୃତ ହେଉଥିବାବେଳେ ବାଉଁଶ ମଧ୍ୟ ଗୃହ ନିର୍ମାଣ ଓ କାଗଜାଦି ପଦାର୍ଥ ପ୍ରସ୍ତୁତିରେ ଆବଶ୍ୟକ ହୋଇଥାଏ । ଅରଣ୍ୟରୁ ମିଳୁଥିବା ବେତରେ ବର୍ତ୍ତମାନ ସୁନ୍ଦର ସୁନ୍ଦର ଚେୟାର, ସୋଫା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣମାନ ପ୍ରସ୍ତୁତ ହେଉଛି । ଅଁଳା, ବାହାଡ଼ା, ହରିଡ଼ା ଓ ଅନ୍ୟାନ୍ୟ କେତେକ ଅରଣ୍ୟରେ ମିଳୁଥିବା ଦୁର୍ମୂଲ୍ୟ ପତ୍ରଦ୍ୱାରା ବିଭିନ୍ନ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ହୋଇଥାଏ । ଶାଳପତ୍ର ବର୍ତ୍ତମାନ ଭୋଜିଭାତରେ ପ୍ରଚୁର ପରିମାଣରେ ଆବଶ୍ୟକ ହେଉଥିବା ସମୟରେ, ତା'ର ମଞ୍ଜିରୁ ତେଲ ଉତ୍ପାଦନ କରାଯାଇ ବିକ୍ରି ହେଉଛି । ଓଡ଼ିଶାରେ ପ୍ରଚୁର ପରିମାଣରେ କେନ୍ଦୁଗଛ ରହିଥିବାରୁ ଏହାର ପତ୍ର ବିଡ଼ି ତିଆରି ପାଇଁ ବିକ୍ରି କରାଯାଇ ବହୁ ଅର୍ଥ ମିଳୁଛି । ଅରଣ୍ୟରୁ ଉପଲବ୍ଧ ବିଭିନ୍ନ ପଶୁପକ୍ଷୀଙ୍କର ଚମଡ଼ା ଆମର ଯାବତୀୟ କାର୍ଯ୍ୟରେ ବ୍ୟବହାର ହୋଇଥାଏ । ଚମଡ଼ା କଷିବା ନିମିତ୍ତ ସୁନାରୀ ଛେଲିର ଆବଶ୍ୟକ ହୋଇଥାଏ । ଏହା ମଧ୍ୟ ଅରଣ୍ୟରୁ ମିଳିଥାଏ । ଶାଳ ଫଳରୁ ଚକୋଲେଟ୍ ତିଆରି ତେଲ ଏବଂ ଶାଗୁଆନ କାଠରୁ ପ୍ରସ୍ତୁତ ତେଲ ଔଷଧ ତିଆରିରେ ସାହାଯ୍ୟ କରିଥାଏ । ଟସର ପୋକମାନଙ୍କର ଶାଗୁଆନ ପତ୍ର ଏକ ପ୍ରିୟ ଖାଦ୍ୟ । ଜଙ୍ଗଲରୁ ମିଳୁଥିବା ବିଭିନ୍ନ ହାଡ଼ରୁ ସାର ତିଆରି ହୋଇଥାଏ । ଏହାକୁ ବ୍ୟବହାର କରି କୃଷକ ଭଲ ଫସଲ ଅମଳ କରିପାରିଥାନ୍ତି । ବିଭିନ୍ନ ପଶୁଙ୍କ ଶିଙ୍ଗରୁ ସୁନ୍ଦର ସୁନ୍ଦର ପାନିଆ ତିଆରି ହୋଇଥାଏ । ଏତଦ୍‌ବ୍ୟତୀତ ହାତୀଦାନ୍ତ ଓ ଶିଙ୍ଗରୁ ମଧ୍ୟ ଫରୁଆ, ଖେଳଣା, ବିଭିନ୍ନ ବେଣ୍ଟ ଆଦି ତିଆରି କରାଯାଇ ପ୍ରଚୁର ଅର୍ଥ ଆମଦାନୀ କରାଯାଇଥାଏ । ଅରଣ୍ୟରୁ ମିଳୁଥିବା କୋଚିଲାଖାଇ ଚଢ଼େଇ ବହୁ ମୂଲ୍ୟବାନ ଔଷଧ ତିଆରିରେ ବ୍ୟବହୃତ ହୋଇଥାଏ । ତା'ର ତେଲ ମଧ୍ୟ ଶରୀର ପାଇଁ ବିଶେଷ ଉପକାରୀ । ଓଡ଼ିଶାର ଜଙ୍ଗଲରୁ ମଧ୍ୟ କିଛି ପରିମାଣରେ ଚନ୍ଦନ କାଠ ମିଳିଥାଏ । ଏହାର ଦାମ୍ ବହୁ ଅଧିକ । ଜଙ୍ଗଲରୁ ଶୁଆ ଶାରୀ, ନେଉଳ, ମାଙ୍କଡ଼ଛୁଆ ଆଦି ଧରାଯାଇ ବିଦେଶକୁ ପଠାଯାଉଛି ଓ ଏଥିପାଇଁ ଆମେ ଅନେକ ବୈଦେଶିକ ମୁଦ୍ରା ପାଇବାକୁ ସମର୍ଥ ହେଉଛୁ । ହରିଣମାଂସ ଏବଂ ମୟୂରଚନ୍ଦ୍ରିକା ବିକ୍ରୟ କରାଯାଇ ଆର୍ଥିକ ଲାଭ ହୋଇଥାଏ । ଏତଦ୍‌ବ୍ୟତୀତ ଜଙ୍ଗଲ ନିକଟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଏହି ଅରଣ୍ୟ ଉପରେ ନିର୍ଭର କରି ଜୀବନ ଅତିବାହିତ କରିଥାନ୍ତି । ତେଣୁ ମାନବ ଜୀବନର ବହୁକ୍ଷେତ୍ରରେ ଅରଣ୍ୟର ଆବଶ୍ୟକତା ରହିଛି । ଏହାଦ୍ୱାରା କେବଳ ଆର୍ଥିକ ପ୍ରଗତି ହୋଇନଥାଏ, ପାରିବେଶିକ ଉନ୍ନତି ମଧ୍ୟ ହୋଇଥାଏ ।

**ଅରଣ୍ୟ ସମ୍ପଦ ରକ୍ଷା ଦିଗରେ ଉଦ୍ୟମ:** ଅରଣ୍ୟ ଧ୍ୱଂସ ପାଇଯାଉଥିବାରୁ ଆଜି ସମଗ୍ର ବିଶ୍ୱବାସୀ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ।ଓଡ଼ିଶାର ଅର୍ଦ୍ଧାଧିକ ଅରଣ୍ୟ ଇତିମଧ୍ୟରେ ଧ୍ୱଂସ ପାଇଯାଇଛି । ଏହାର ସୁରକ୍ଷା ନିମିତ୍ତ ବର୍ତ୍ତମାନ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ୧୯୫୦ ମସିହାଠାରୁ ପ୍ରତ୍ୟେକ ବର୍ଷ ବନମହୋତ୍ସବ ପାଳନ କରାଯାଇ ବୃକ୍ଷରୋପଣ କରାଯାଉଛି । ୧୯୫୨ ମସିହାଠାରୁ ଭାରତର ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ପ୍ରଣୟନ କରାଯାଇ ପଶୁପକ୍ଷୀ ହତ୍ୟା ନିଷେଧ କରାଯାଇଛି । ସେଥିପାଇଁ କେତେକ ସ୍ଥାନରେ ମଧ୍ୟ ଅଭୟାରଣ୍ୟ ସୃଷ୍ଟି ହୋଇଛି । ୧୯୮୩/୮୪ ମସିହାଠାରୁ ସାମାଜିକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ହୋଇଛି ।୧୯୮୮ ମସିହାଠାରୁ ଜଙ୍ଗଲ ସୁରକ୍ଷା ନୀତି କଡ଼ାକଡ଼ି ପାଳନ କରାଯାଉଥିବାରୁ ଅନେକ ଅଂଶରେ ଅରଣ୍ୟ ଓ ତା'ର ସମ୍ପଦ ପ୍ରତି ସୁରକ୍ଷା ପ୍ରଦାନ

କରାଯାଇପାରିଛି । ଚୋରାକାଠ ବେପାରୀମାନେ ବହୁପରିମାଣରେ କାଠ କାଟିନେଇ ଜଙ୍ଗଲ ସମ୍ପଦକୁ କ୍ଷୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି । ବିଭିନ୍ନ କର୍ମଚାରୀଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେମାନେ ନିର୍ବିଚାରରେ ଏହାକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଏବେଠାରୁ ସତର୍କ ନହେଲେ, ଏହାର ଭବିଷ୍ୟତ ପରିମାଣ ଯେ ସମ୍ପୂର୍ଣ୍ଣ ଭୟାବହ ହୋଇପଡ଼ିବ ଏଥିରେ ସନ୍ଦେହ ନାହିଁ ।

**ଆର୍ଥିକ ସମୃଦ୍ଧି ବିକାଶରେ ଏହାର ଭୂମିକା:** ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଅରଣ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ସରକାରଙ୍କ ଏକ ବଡ଼ ପରିମାଣ ଅର୍ଥ ଅରଣ୍ୟ ସମ୍ପଦରୁ ଲାଭ ହୋଇଥାଏ । ବହୁ ଔଷଧଜାତ ଦ୍ରବ୍ୟ, ତେଲ, କେନ୍ଦୁପତ୍ର, ପଶୁପକ୍ଷୀ, କାଠ, ବେତ, ବାଉଁଶ, ସବାଇଘାସ, ଶିଙ୍ଗ, ହାତୀଦାନ୍ତ, ଝୁଣା, ଅଁଳା, ହରିଡ଼ା, ବାହାଡ଼ା ଆଦିର ବିକ୍ରୟ କରାଯାଇ ପ୍ରଚୁର ପରିମାଣର ଅର୍ଥ ଲାଭ ହେଉଛି ଏବଂ ତାହା ଆମ ସରକାରଙ୍କ ଆର୍ଥିକ ସ୍ଥିତିକୁ ସମୃଦ୍ଧ କରୁଛି । ତେଣୁ ଏହି ଅରଣ୍ୟ ସମ୍ପଦର ସୁରକ୍ଷା ଓ ସୁବିନିଯୋଗ କରାଯାଇ ନ ପାରିଲେ ଆମର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବାର ବହୁ ସମ୍ଭାବନା ରହିଛି । ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ଅରଣ୍ୟ ମାନବ ସମାଜକୁ ରକ୍ଷା କରୁଥିବାରୁ ଏହାର ସୁରକ୍ଷା ସମ୍ପୂର୍ଣ୍ଣ ଭାବରେ ଏକ ଜାତୀୟ କର୍ତ୍ତବ୍ୟ କହିବା ଅନାବଶ୍ୟକ ମାତ୍ର ।

**ଉପସଂହାର:** ଅରଣ୍ୟର ସୁରକ୍ଷା ବର୍ତ୍ତମାନ ସମସ୍ତଙ୍କ ନିକଟରେ ଗୋଟିଏ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି । ଏହା କେବଳ ଦେଶର ଆର୍ଥିକ ସ୍ଥିତି ପାଇଁ ନୁହେଁ, ମଣିଷର ବଞ୍ଚିବା ପାଇଁ ହିଁ ଏକ ପ୍ରଶ୍ନ । ଶିଳ୍ପ ପ୍ରତିଷ୍ଠା ଏବଂ ରେଳଲାଇନ ପ୍ରସ୍ତୁତି ପାଇଁ ଆମର ବହୁ ଅରଣ୍ୟ ନଷ୍ଟ ହୋଇଛି । ଚୋରାକାଠ ବେପାରୀଙ୍କ ସହିତ କେତେକ ଜଙ୍ଗଲ କର୍ମଚାରୀଙ୍କ ଅସାଧୁ ସମ୍ପର୍କ ସ୍ଥାପନ ଯୋଗୁଁ ଆଜି ଓଡ଼ିଶାର ଅରଣ୍ୟ ସମ୍ପଦ ଅର୍ଦ୍ଧାଧିକ କମିଯାଉଛି । ବର୍ତ୍ତମାନ ଯେତିକି ଅରଣ୍ୟ ସମ୍ପଦ ଅବଶିଷ୍ଟ ରହିଛି, ତାହାର ସୁରକ୍ଷା ଏବଂ ନୂତନ ଜଙ୍ଗଲର ସୃଷ୍ଟି ଆମର ମୁଖ୍ୟ କର୍ତ୍ତବ୍ୟ ହେବା ଉଚିତ । ଏ କ୍ଷେତ୍ରରେ ସରକାର ଓ ଜନସାଧାରଣ ପରସ୍ପରକୁ ସାହାଯ୍ୟ କରିପାରିଲେ ଜଙ୍ଗଲକ୍ଷୟ ଜନିତ ବିପଦରୁ ଆମେ ନିଜକୁ ଯେ ରକ୍ଷା କରିପାରିବା ଏଥିରେ ସଂଶୟ ନାହିଁ ।

●●●





# ୧୦.୩ ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଅବଦାନ

**ଉପକ୍ରମ:** ୧୧୯୨ ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ତିରୋରୀ ଯୁଦ୍ଧରେ ଭାରତର ଶେଷ ହିନ୍ଦୁ ସ୍ୱାଧୀନ ନରପତି ପୃଥ୍ୱୀରାଜ ଚୌହାନ ନିଧନ ହେବା ପରେ ଭାରତ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହେଲା ।ଏହାପରେ ଏ ମାଟିରେ ପାଦ ଦେଇଛନ୍ତି ଶକ, ହୁଣ, କୁଶାଣ, ମୁସଲମାନ, ମୋଗଲ, ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସୀ ଓ ଇଂରେଜ ଆଦି କେତେ ଜାତି । ଯୁଗେ ଯୁଗେ ଭାରତର ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଓ ସହନଶୀଳତା ବହୁ ବିଦେଶୀଙ୍କୁ ଏହି ମାଟିକୁ ଆକର୍ଷିତ କରିଛି । କେତେ ଜାତି ଭାରତରେ ଭାରତୀୟ ହୋଇ ଜୀବନଯାପନ କରିଛନ୍ତି ତ ଆଉ କେତେ ନିଜର ସ୍ୱାର୍ଥ ପରିପୂରଣ ପରେ ଛାଡ଼ି ଚାଲିଯାଇଛନ୍ତି ନିଜ ଦେଶକୁ । ମାତ୍ର ଇଂରେଜମାନେ ଭାରତ ଅଧିକାର କରିବା ପରେ ସେମାନଙ୍କର ସାମ୍ରାଜ୍ୟବାଦୀ ନୀତି ଭାରତୀୟମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ଗୋଟିଏ ବ୍ୟବସାୟୀ ଜାତି ଭାବରେ, ସେମାନେ ଭାରତକୁ ଆସିଥିଲେ । ଉଦ୍ଦେଶ୍ୟ ଥିଲା ଭାରତର ଧନରତ୍ନ ଇଂଲଣ୍ଡକୁ ବୋହିନେବା । ଏହି ଉଦ୍ଦେଶ୍ୟ ସାଧନ ଉଦ୍ଦେଶ୍ୟରେ ସେମାନେ ତାଙ୍କର ସାମ୍ରାଜ୍ୟବାଦୀ ନୀତି ଭାରତୀୟଙ୍କ ଉପରେ ଲଦି ଦେବାକୁ ଚାହୁଁଥିଲେ । ସେମାନଙ୍କର ଏହି ନୀତି ଭାରତୀୟମାନଙ୍କୁ ଏକତ୍ରିତ କରି ଇଂରେଜ ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଦେଇଥିଲା । ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ଓଡ଼ିଶା ମଧ୍ୟ ମୁକ୍ତି ସଂଗ୍ରାମରେ ଯୋଗଦାନ କରି ଭାରତର ଜାତୀୟ ସ୍ରୋତରେ ନିଜକୁ ମିଶାଇଦେଲା । ଏକ ଭାରତୀୟ ପରିଚୟ ନେଇ ଇଂରେଜ ଶାସନ ବିରୋଧରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ ।

**ଊନବିଂଶ ଶତକରେ ଓଡ଼ିଶାର ଭୂମିକା: ଭାରତରେ ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶା:** ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାରେ ଆରମ୍ଭ ହୋଇଥିଲା । ଖୋର୍ଦ୍ଧାର ବକ୍‌ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କୁ ତାଙ୍କ ପ୍ରକୃତ ପ୍ରାପ୍ୟରୁ ବଞ୍ଚିତ କରିବାରୁ ଖୋର୍ଦ୍ଧା ପାଇକଙ୍କ ଭାବପ୍ରବଣ ମନକୁ ଏହା ବିଶେଷ ବ୍ୟଥିତ କରିଥିଲା । ତେଣୁ ପାଇକମାନେ ସମବେତ ହୋଇ ଇଂରେଜ ଶାସନର ତୀବ୍ର ବିରୋଧ କଲେ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ । ମାତ୍ର ଇଂରେଜମାନଙ୍କ କୂଟ ଚକ୍ରାନ୍ତର ଶିକାର ହୋଇ ପାଇକମାନେ ପରାଜିତ ହେଲେ ଏବଂ ବକ୍‌ସି ଏଥିପାଇଁ ଦଣ୍ଡିତ ମଧ୍ୟ ହେଲେ । ମୁକୁନ୍ଦଦେବ ଦ୍ୱିତୀୟ ମୁକ୍ତି ନିମିତ୍ତ ସ୍ୱପ୍ନ ଦେଖିବାରୁ ତାଙ୍କୁ କାରାଗାରରେ ନିକ୍ଷେପ କରାଗଲା ଓ କ୍ଷୁଧା ଏବଂ ପୀଡ଼ନରେ ସେ ସେଠାରେ ମୃତ୍ୟୁବରଣ କଲେ । ଇଂରେଜମାନଙ୍କ ଏହି କଠୋର ଶାସନରେ ସମସ୍ତେ ମ୍ରିୟମାଣ ହୋଇପଡ଼ିଥିବା ସମୟରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ଏହାର ପ୍ରତିଷ୍ଠାତା ଥିଲେ ଜଣେ ଉଦାର ହୃଦୟସମ୍ପନ୍ନ ଇଂରେଜ । ତାଙ୍କର ନାମ ଥିଲା ଏ.ଓ.ହ୍ୟୁମ୍ । ଏହାପରେ ଏହି ଜାତୀୟ କଂଗ୍ରେସରେ ଯେଉଁ ଭାରତୀୟମାନେ ଯୋଗ ଦେଇଥିଲେ ଏହାରି ମଧ୍ୟରେ ସେମାନେ ଭାରତ ସ୍ୱାଧୀନତାର ସ୍ୱପ୍ନ ଦେଖିଲେ । ଜାତୀୟ କଂଗ୍ରେସର ଆହ୍ୱାନରେ ଓଡ଼ିଶା ମଧ୍ୟ ଏହି ସଂଗ୍ରାମରେ ଯୋଗଦାନ କରି ଇଂରେଜ ଶାସନ ବିରୋଧରେ ଲଢ଼ିବାକୁ ବଦ୍ଧପରିକର ହୋଇଥିଲା । ଗାନ୍ଧିଜୀଙ୍କ ଆଗମନ ସ୍ୱାଧୀନତା ସଂଗ୍ରାମକୁ ତୀବ୍ରତର କଲା ଏବଂ ଶେଷରେ ଇଂରେଜମାନେ ଏ ଦେଶରୁ ବିତାଡ଼ିତ ହୋଇଥିଲେ ।

**ଭାରତଛାଡ଼ ଆନ୍ଦୋଳନ ଓ ଓଡ଼ିଶା:** ୧୮୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହୋଇଥିଲା । ୧୮୧୭ ମସିହାରେ ବିପ୍ଳବ ପରେ ଇଂରେଜମାନେ ଓଡ଼ିଶା ଅଧିବାସୀଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ଲାଗିଲେ । ସାମାନ୍ୟମାତ୍ର ବିଶୃଙ୍ଖଳାର ସୂଚନା ପାଇବା ମାତ୍ରେ ଇଂରେଜମାନେ ଅତି ନିଷ୍ଠୁର ଭାବରେ ବିଦ୍ରୋହ ଦମନ କରୁଥିଲେ । ଦ୍ୱିତୀୟ ମୁକୁନ୍ଦଦେବଙ୍କ ଶୋଚନୀୟ ମୃତ୍ୟୁ ଇଂରେଜମାନଙ୍କ ଅମାନବିକତାର ପ୍ରକୃଷ୍ଟ ଉଦାହରଣ । ଜାତୀୟ କଂଗ୍ରେସ ଗଠିତ ହେବା ପରେ ଓଡ଼ିଶାରୁ କୁଳବୃଦ୍ଧ ମଧୁସୂଦନ ଦାସ ପ୍ରଥମେ ଏହାର ସଦସ୍ୟ ହୋଇଥିଲେ ୧୮୮୬ ମସିହାରେ । ଏକ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଲାଗିଲେ । କୁଳବୃଦ୍ଧ ମଧୁସୂଦନଙ୍କ ପ୍ରେରଣାରେ ବହୁ ଓଡ଼ିଆ ଏହି ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିଲେ । ମଧୁସୂଦନ ଦାସଙ୍କ ବ୍ୟତୀତ ଏହି ସମୟରେ ବିଚିତ୍ରାନନ୍ଦ ଦାସ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ ଆଦି କେତେକ କ୍ଷେତ୍ରରେ ନେତୃତ୍ୱ ନେଇ ଓଡ଼ିଶାବାସୀଙ୍କ ହୃଦୟରେ ଜାତୀୟବାଦୀ ଚିନ୍ତାଧାରାର ଉଦ୍ରେକ କରିଥିଲେ । ବିଂଶ ଶତାବ୍ଦୀରେ ଏହି ଚେତନା ଅଧିକ ପ୍ରଭାବଶାଳୀ ହେବାକୁ ଲାଗିଲା ଓ ସମଗ୍ର ଭାରତରେ ଏହା କ୍ରାନ୍ତିକାରୀ ପରିବର୍ତ୍ତନ ଆନୟନ ଦିଗରେ ସମର୍ଥ ହେଲା ।

**ମୁକ୍ତି ସଂଗ୍ରାମରେ ଓଡ଼ିଶାର ନାରୀ:** ୧୯୧୫ ମସିହାରେ ମହାତ୍ମାଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଭାରତର ରାଜନୈତିକ ଆକାଶରେ ବହୁ ପରିବର୍ତ୍ତନ ସାଧିତ ହେବାକୁ ଲାଗିଲା । ଚରମପନ୍ଥୀମାନେ ରକ୍ତାକ୍ତ ସଂଗ୍ରାମ ମାଧ୍ୟମରେ ସ୍ୱାଧୀନତାର ସ୍ୱପ୍ନ ଦେଖୁଥିଲେ । ମାତ୍ର ମହାତ୍ମାଗାନ୍ଧି ଯେଉଁ ଉପାୟରେ ଦକ୍ଷିଣ ଆଫ୍ରିକାରେ କଳାଲୋକମାନଙ୍କୁ ସେମାନଙ୍କର ଅଧିକାର ଫେରାଇ ଦେବାକୁ ସମର୍ଥ ହୋଇଥିଲେ, ସେହି ଅହିଂସା ଓ ଅସହଯୋଗ ମାଧ୍ୟମରେ ସେ ଦେଖୁଥିଲେ ଭାରତ ସ୍ୱାଧୀନତାର ସ୍ୱପ୍ନ । ଚରମପନ୍ଥୀଗଣ ନେତୃତ୍ୱରୁ ଓହରିଯିବା ପରେ ଗାନ୍ଧିଜୀ ୧୯୨୦ ମସିହାଠାରୁ ଏ ଜାତିକୁ ନେତୃତ୍ୱ ଦେବାକୁ ଆରମ୍ଭ କଲେ । ତାଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ନୂତନ ଆଲୋଡ଼ନ ଦେଖାଦେଲା । ଓଡ଼ିଶା ମଧ୍ୟ ଏଥିରୁ ନିଜକୁ ଦୂରେଇ ରଖିପାରି ନଥିଲା । ଗୋପବନ୍ଧୁ ଦାସ ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଶାରେ ସ୍ୱାଧୀନତାର ମନ୍ତ୍ର ଜନସାଧାରଣଙ୍କ କାନରେ ଫୁଙ୍କିବାକୁ ଲାଗିଲେ । ପଣ୍ଡିତ ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର ଆଦି ଏହି ସଂଗ୍ରାମରେ ଗୋପବନ୍ଧୁଙ୍କୁ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରୁଥିଲେ । ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଆଗମନ ପରେ ଏହି ଆନ୍ଦୋଳନ ଓଡ଼ିଶାରେ ତୀବ୍ର ରୂପ ଧାରଣ କଲା । ସ୍କୁଲ କଲେଜର ଛାତ୍ରମାନେ ମଧ୍ୟ ପାଠପଢ଼ା ଛାଡ଼ି ଏଥିରେ ଯୋଗଦେଲେ । ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଚୌଧୁରୀ, ବୀରକିଶୋର ଦାସ, ରାଜକୃଷ୍ଣ ବୋଷ, ବାଞ୍ଛାନିଧି ମହାନ୍ତି, ସୁରେନ୍ଦ୍ରନାଥ ଦ୍ୱିବେଦୀ, କୃଷ୍ଣପ୍ରସାଦ ମହାନ୍ତି, କୁନ୍ତଳାକୁମାରୀ ସାବତ, ରେବାରାୟ, ଅପର୍ଣ୍ଣା ଦେବୀ, ସରଳାଦେବୀ ଆଦି ମହାନ୍ ନେତା ଓ ନେତ୍ରୀ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଭାରତକୁ ସ୍ୱାଧୀନତା ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସେହିମାନଙ୍କ ପ୍ରତ୍ୟକ୍ଷ ସହଯୋଗ ତଥା ଉଦ୍ୟମ ଯୋଗୁଁ ସଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଅଦ୍ୱକ ସକ୍ରିୟ ହୋଇପଡ଼ିଥିଲା । ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ଆନ୍ଦେଳନରେ ଓଡ଼ିଶାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବାଲେଶ୍ୱରର ଇଞ୍ଚୁଡ଼ିରେ ଯେଉଁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା, ତା'ର ସୁଦୂରପ୍ରସାରୀ ଫଳ ପରିଲକ୍ଷିତ ହୋଇଥିଲା ସ୍ୱାଧୀନତା ସଂଗ୍ରାମରେ । ୧୯୩୦ ମସିହା



ଟିପ୍ପଣୀ

## ଓଡ଼ିଶା ସମ୍ପର୍କିତ

ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡ଼ି ନିକଟରେ ସତ୍ୟାଗ୍ରହୀ ଓ ଗୋରା ପୁଲିସ ଫୌଜଙ୍କ ମଧ୍ୟରେ ଯେଉଁ ସଂଘର୍ଷ ହୋଇଥିଲା, ସେଥିରେ ଅନେକ ସତ୍ୟାଗ୍ରହୀ ଆହତ ଓ ନିହତ ହୋଇଥିଲେ । ଏହି ସତ୍ୟାଗ୍ରହ ପରେ ଇଞ୍ଚୁଡ଼ି ହୋଇଥିଲା ଦ୍ୱିତୀୟ ଦାଣ୍ଡି । ଏଥିରେ ନେତୃତ୍ୱ ନେଉଥିବା ସୁରେନ୍ଦ୍ର ଦାସଙ୍କୁ  ମହାତ୍ମାଗାନ୍ଧି ଦ୍ୱିତୀୟ ସର୍ଦ୍ଦାର ଉପାଧି ଦେଇଥିଲେ । ଦୀର୍ଘ ଦୁଇବର୍ଷ ଧରି ଏହି ସତ୍ୟାଗ୍ରହ ଚାଲିଥିଲା । ଏଥିରେ ପ୍ରାୟ ୬୦ ହଜାର ସତ୍ୟାଗ୍ରହୀ ଯୋଗଦେଇଥିଲେ । ବାସ୍ତବରେ ଲବଣ ସତ୍ୟାଗ୍ରହ ଓଡ଼ିଶାରେ ସବୁଠାରୁ ଅଧିକ ଜନଜାଗରଣ ସୃଷ୍ଟି କରିବାକୁ ସମର୍ଥ ହୋଇଥିଲା । ଓଡ଼ିଶାବାସୀଙ୍କ ଏହି ଅଭୂତପୂର୍ବ ଆନ୍ଦୋଳନ ଲକ୍ଷ୍ୟକରି ମହାତ୍ମାଗାନ୍ଧି ମଧ୍ୟ ଅଭିଭୂତ ହୋଇପଡ଼ିଥିଲେ ।

୧୯୪୨ ମସିହାରେ ଇଂରେଜମାନଙ୍କୁ ଭାରତ ଛାଡ଼ିବା ନିମିତ୍ତ ଆହ୍ୱାନ ଦିଆଯାଇଥିଲା । ଭାରତ ଇତିହାସରେ ଏହା 'ଭାରତଛାଡ଼ ଆନ୍ଦୋଳନ' ବା 'ଅଗଷ୍ଟ ବିପ୍ଳବ' ଭାବରେ ଖ୍ୟାତ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା । ସେହି ଯୁଦ୍ଧରେ ଇଂରେଜମାନେ କେନ୍ଦ୍ରୀୟ ସଂସଦ ବା କଂଗ୍ରେସର ପରାମର୍ଶ ନକରି ଭାରତ ଏହି ଯୁଦ୍ଧରେ ସାମିଲ ହେଲା ବୋଲି ଘୋଷଣା କରିଥିଲେ । ଏପରିକି ୧୯୩୫ ମସିହାର ଭାରତ ଶାସନ ଆଇନ୍‌କୁ ମଧ୍ୟ ସଂଶୋଧନ କରିଦେଇଥିଲେ । ଏହି ଆଇନ୍ ଦ୍ୱାରା ଭାରତୀୟଙ୍କ ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ କରିଦିଆଗଲା । ଇଂରେଜମାନଙ୍କ ଏହି ନୀତିକୁ କଂଗ୍ରେସ ତୀବ୍ର ବିରୋଧ କଲା । ଓ୍ୱାର୍ଦ୍ଧାଠାରେ ବସିଥିବା କଂଗ୍ରେସ କମିଟି (ସେପ୍ଟେମ୍ବର୧୦-୧୪) ଇଂରେଜ ସରକାରଙ୍କୁ ଜଣାଇଥିଲା ଯେ କେବଳ ଏକ ସ୍ୱାଧୀନ ଭାରତ ଫାଶିବାଦ ବିରୋଧରେ ଯୁଦ୍ଧ କରିପାରିବ, ତେଣୁ ପ୍ରଥମେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଉ । ମାତ୍ର ଇଂରେଜ ସରକାର ସେଥିରେ ରାଜି ନହେବାରୁ କଂଗ୍ରେସ ସାତଟି ରାଜ୍ୟରେ ଥିବା କଂଗ୍ରେସ ମନ୍ତ୍ରିମଣ୍ଡଳକୁ ଇସ୍ତଫା ଦେବାକୁ କହିଥିଲେ । ୧୯୪୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ନିମିତ୍ତ ନିଷ୍ପତ୍ତି ନିଆଯାଇଥିଲା । କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକ ଓ୍ୱାର୍ଦ୍ଧାଠାରେ ୧୯୪୨ ମସିହା ଜୁଲାଇ ୧୪ ତାରିଖରେ ବସିଥିଲା ଏବଂ ଏଥିରେ ଭାରତଛାଡ଼ ଆଗତ ପ୍ରସ୍ତାବ ହୋଇଥିଲା । ଅଖିଳ ଭାରତ କଂଗ୍ରେସ କମିଟିର ଅନ୍ୟ ଏକ ଅଧିବେଶନ ବମ୍ବେ (ମୁମ୍ବାଇ)ରେ ଅଗଷ୍ଟ ୮ ତାରିଖରେ ବସି ଏହି ଭାରତଛାଡ଼ ପ୍ରସ୍ତାବ  ଅନୁମୋଦିତ ହୋଇଥିଲା ।ଏହାର ପରଦିନ ଅଗଷ୍ଟ ୯ ତାରିଖରେ ଇଂରେଜ ସରକାର ମହାତ୍ମାଗାନ୍ଧି, ପଣ୍ଡିତ ନେହେରୁ, ଆଚାର୍ଯ୍ୟ କୃପାଳିନୀ, ମୌଲାନୀ ଆଦିଙ୍କୁ ବନ୍ଦୀକଲେ । ନେତାମାନଙ୍କ ଗିରଫଦାରୀ ଖବର ପ୍ରଚାର ହେବାମାତ୍ରେ ଭାରତରେ ଗଣଆନ୍ଦୋଳନ ଆରମ୍ଭ ହୋଇଗଲା । ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ବିଶେଷଭାବରେ ଅନୁଭୂତ ହେଲା । ୧୯୩୯ ମସିହା କଂଗ୍ରେସର ନିଷ୍ପତ୍ତି ଅନୁଯାୟୀ ତତ୍କାଳୀନ ଓଡ଼ିଶାର ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲେ । ସତ୍ୟାଗ୍ରହ ସମ୍ପର୍କରେ ଶିକ୍ଷାଦେବାକୁ କଟକର ବରୀଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଥିଲା । ଏହି ସମୟରେ ପ୍ରଚାରିତ ହେଲା ଯେ ଜାପାନୀ ସୈନ୍ୟ ଓଡ଼ିଶା ଉପକୂଳରେ ଅବତରଣ କରି କଲିକତା ମାନ୍ଦ୍ରାଜ ଆଡ଼କୁ ଅଗ୍ରସର ହେବେ । ତେଣୁ ଉତ୍କଳ ପ୍ରଦେଶ କମିଟି ୧୯୪୨ ଜାନୁଆରୀ ୧୦ ଓ ୧୧ ତାରିଖରେ ଆଲୋଚନା କରି ଆଭ୍ୟନ୍ତରୀଣ ଶାନ୍ତିରକ୍ଷା ନିମିତ୍ତ କେତେକ ନିଷ୍ପତ୍ତି ଗ୍ରହଣ କରିଥିଲେ । ମୀରାବେନ୍ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ଆଦି କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଜନସଚେତନତା ସୃଷ୍ଟି କରିଥିଲେ । ଓ୍ୱାର୍ଦ୍ଧା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଉତ୍କଳ କଂଗ୍ରେସ କମିଟି ନିଷ୍ପତ୍ତି ନେଇଥିଲା । ସେହି ସମୟରେ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ରାମନନ୍ଦନ

ମିଶ୍ର କଟକ ଆସି କଂଗ୍ରେସ କର୍ମୀମାନଙ୍କୁ ସଙ୍ଗଠିତ କରିଥିଲେ । ଅଗଷ୍ଟ ୯ ଆନ୍ଦୋଳନ ଓଡ଼ିଶାରେ ତୀବ୍ର ହେବାରୁ ସୁରେନ୍ଦ୍ର ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କୁ ଛାଡ଼ି ୨୪ଜଣ ନେତାଙ୍କୁ ଗିରଫ କରାଯାଇଥିଲା । ଏହାଦ୍ୱାରା ଛାତ୍ରମାନେ ସ୍କୁଲ, କଲେଜ ଛାଡ଼ି ଏହି ଆନ୍ଦେଳନରେ ଭାଗନେଇଥିଲେ । ସାଧାରଣ ଲୋକେ ମଧ୍ୟ ଏହି ଆନ୍ଦୋଳନରେ ସ୍ୱତଃପ୍ରବୃତ୍ତ ଭାବରେ ସାମିଲ ହୋଇ ଏହାକୁ ଅଧିକ ତୀବ୍ର କରିଥିଲେ । ଏପରିକି ଓଡ଼ିଶାର ଗଡ଼ଜାତମାନଙ୍କରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା । ତେଣୁ ଭାରତଛାଡ଼ ଆନ୍ଦୋଳନରେ ଯେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥିଲା ଅସ୍ୱୀକାର କରାଯାଇ ନପାରେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ କେବଳ ଓଡ଼ିଶାର ପୁରୁଷମାନେ ନୁହନ୍ତି, ନାରୀମାନେମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।ଗଞ୍ଜାମ ଉପରେ ଇଷ୍ଟଇଣ୍ଡିଆ କମ୍ପାନୀର ଅଯଥା ହସ୍ତକ୍ଷେପକୁ ତତ୍କାଳୀନ ପାରଳାର ରାଜା ନାରାୟଣ ଗଜପତି ଦେବ ସ୍ୱୀକାର ନକରି ତତ୍କାଳୀନ ପ୍ରଶାସକ କୀଟସ୍‌ଫୋର୍ଡ଼ସଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ପାରଳାରାଜାଙ୍କ ମୃତ୍ୟୁ ପରେ ରାଣୀ ହାରାମଣୀଦେବୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ । ସେତେବେଳେ ଅନେକ ଆଦିବାସୀ ରମଣୀ ଏଥିରେ ରାଣୀଙ୍କୁ ସହାୟତା କରିଥିଲେ । କୋୟାରାଣୀ ବାଙ୍ଗରାଦେବୀ ଓ ହରପାର୍ବତୀ ଆଦି ରମଣୀଙ୍କ ନାମ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ । ଗାନ୍ଧିଜୀଙ୍କ ଆହ୍ୱାନରେ ବହୁ ରମଣୀ ପ୍ରତ୍ୟକ୍ଷ ଭାବେ ସଂଗ୍ରାମରେ ଝାସ ଦେଇଥିଲେ । କେତେକ ନାରୀ ସେମାନଙ୍କ ଅଗ୍ନିବର୍ଷୀ କବିତା ମାଧ୍ୟମରେ ଲୋକମାନଙ୍କ ମନରେ ଜାତୀୟ ଚେତନା ସୃଷ୍ଟି କରିଥିଲେ ।ଏହି ରମଣୀମାନଙ୍କ ମଧ୍ୟରେ କୁନ୍ତଳାକୁମାରୀ ସାବତ, ରେବାରାୟ, ସୁଲକ୍ଷଣା ଦେବୀ, ସରଳାଦେବୀ, ସୀତାଦେବୀ ଖାଡ଼ଙ୍ଗା, ସୁଚିତ୍ରା ଦେବୀ, କୋକିଳାଦେବୀ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଅସହଯୋଗ ଆନ୍ଦୋଳନ ପରେ ଶ୍ରୀମତୀ ଲାବଣ୍ୟ ଦେବୀ, ଚଞ୍ଚଳା ଦେବୀ, ଯମୁନା ଦେବୀ ଆଦି ନାରୀମାନଙ୍କୁ ନେଇ ମହିଳା ବନ୍ଧୁ ସମିତି ଗଠନ କରାଯାଇ ନାରୀଚେତନା ଜାଗରଣ କରାଯାଇଥିଲା । ୧୯୪୨ ମସିହା ପ୍ରାଦେଶିକ କଂଗ୍ରେସ କମିଟି ଅଧିବେଶନରେ ସରୋଜିନୀ ଚୌଧୁରୀ, ରମାଦେବୀ ପ୍ରଭୃତି ଉପସ୍ଥିତ ରହି ମହିଳାମାନଙ୍କ ଉପରେ ନୈତିକ ପ୍ରଭାବ ପକାଇବାକୁ ଚେଷ୍ଟା କରିଥିଲେ ।ରାସମଣୀ ଓ ସ୍ୱର୍ଣ୍ଣଲତା ଦେଇ ବ୍ରହ୍ମପୁର ସ୍ୱରାଜ ଆଶ୍ରମରେ ଉତ୍କଳ ନାରୀ ସମ୍ମିଳନୀର ଅଧିବେଶନ ଆହ୍ୱାନ କରିଥିଲେ । ୧୯୩୦ ମସିହା ଜାନୁଆରୀ ୨୭ତାରିଖରେ ପୂର୍ଣ୍ଣ ସ୍ୱରାଜ ଦିବସ ପାଳନ ନିମିତ୍ତ ଇଂରେଜ ସରକାର ଅନୁମତି ନ ଦେବାରୁ ରମାଦେବୀ ନିଜ ବାସଭବନରେ ଏକ ସଭାର ଆୟୋଜନ କରିଥିଲେ । ଗ୍ରାମ ଗ୍ରାମ ବୁଲି ନାରୀମାନଙ୍କ ମନରେ ଜାଗରଣ ସୃଷ୍ଟି କରିଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହରେ ରମାଦେବୀ, ମାଳତୀ ଚୌଧୁରୀ ଆଦିଙ୍କ ନେତୃତ୍ୱରେ ବହୁ ନାରୀ ଏଥିରେ ଯୋଗ ଦେଇଥିଲେ । ଅନେକ ମହିଳା ସତ୍ୟାଗ୍ରହୀ ମଦ ଦୋକାନ ଆଗରେ ନିଶା ନିବାରଣ ପାଇଁ ଧ୍ୱନି ଦେଇ ଗିରଫ ହୋଇଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ବେଳେ ରମାଦେବୀଙ୍କ ନେତୃତ୍ୱରେ ବହୁ ରମଣୀ ସହଯୋଗ କରିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ବେଳେ ମାଳତୀ ଚୌଧୁରୀଙ୍କୁ ଗିରଫ କରାଯିବା ଦ୍ୱାରା ଶ୍ରୀମତୀ ମଙ୍ଗଳାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଆଦିଙ୍କ ନେତୃତ୍ୱରେ ଶହ ଶହ ରମଣୀ ଇଂରେଜ ଶାସକ ବିରୋଧରେ ଧ୍ୱନି ଦେଇ ଗିରଫ ହୋଇଥିଲେ । ତେଣୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ରମଣୀଙ୍କ ଏହି ତ୍ୟାଗପୁତ କାହାଣୀ ଚିର ଅମର ହୋଇ ରହିବ ।





**ଉପସଂହାର:** ଅତୀତରେ ଓଡ଼ିଆ ପାଇକମାନଙ୍କର ବୀରତ୍ୱ କାହାଣୀ ସମଗ୍ର ଭାରତବର୍ଷରେ ଥିଲା ଅଦ୍ୱିତୀୟ । ଏହି ବୀର ଜାତି ଦେଶର ସ୍ୱାଧୀନତା ଓ ସମ୍ମାନ ରକ୍ଷା ପାଇଁ ସର୍ବଦା ବହିଃଶତ୍ରୁ ଉପରେ ଆକ୍ରମଣ କରି ସେମାନଙ୍କୁ ଛିନ୍ନ ବିଚ୍ଛିନ୍ନ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରଥମ ମୂଳଭିତ୍ତି ଓଡ଼ିଶାର ପାଇକ ବିଦ୍ରୋହରୁ ସୂତ୍ରପାତ ହୋଇଥିଲା । ପରବର୍ତ୍ତୀ ସମୟରେ ସର୍ବଭାରତୀୟ ସ୍ତରରେ ଯେଉଁ ମୁକ୍ତି ସଂଗ୍ରାମର ଡାକରା ଦିଆଯାଇଥିଲା, ସେଥିରେ ଓଡ଼ିଶାର ବହୁ ତରୁଣ, ତରୁଣୀ ଯୋଗଦାନ କରି ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଅନେକ ମଧ୍ୟ ଶହୀଦ ହୋଇଥିଲେ । ତଥାପି ଇଂରେଜ ଶାସନର ବିଲୋପ ନିମିତ୍ତ ସେମାନେ ନେଇଥିଲେ ଅଗ୍ନି ଶପଥ । ତେଣୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଏହି ସ୍ୱାଧୀନଚେତା ଓଡ଼ିଶାର ନରନାରୀଗଣଙ୍କ ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ ।

●●●